ଧରିତ୍ରୀ 51 Years
ପୃଷ୍ଠା–୧୨+୮
# ଧରିତ୍ରୀ
DHARITRI
ଭୁବନେଶ୍ୱର, ଶୁକ୍ରବାର, ଅଗଷ୍ଟ ୧୫/୨୦୨୫ (୧୨+୮=୨୦ ପୃଷ୍ଠା) Bhubaneswar, Friday, August 15/2025 Page 20 ₹ 7.00 | SAMBALPUR
୫୧ଶ ଭାଗ ୨୬୧ ସଂଖ୍ୟା www.orissakhabar.com/www.dharitri.com | Printed at Sambalpur, Bhubaneswar, Rayagada & Angul VOLUME 51 ISSUE 261 ମୂଲ୍ୟ ₹୭/-


ମହାଯୋଗୀ ଶ୍ରୀଅରବିନ୍ଦଙ୍କ ପବିତ୍ର ଜନ୍ମ ଦିବସରେ ଧରିତ୍ରୀର ବିନମ୍ର ପ୍ରଣତି।

## ଶୁଭେଚ୍ଛା

ସ୍ୱାଧୀନତା ଦିବସ ଅବସରରେ ଧରିତ୍ରୀ ତା'ର ଅଗଣିତ ପାଠିକାପାଠକ, ବିଜ୍ଞାପନଦାତା, ଖବରଦାତା, ଏଜେଣ୍ଟ, ବିତରକ, ପୃଷ୍ଠପୋଷକମାନଙ୍କୁ ଅଭିନନ୍ଦନ ଓ ଶୁଭେଚ୍ଛା ଜଣାଉଛି।

## ଧରିତ୍ରୀର ଛୁଟି

ସ୍ୱାଧୀନତା ଦିବସ ଉପଲକ୍ଷେ ଧରିତ୍ରୀ କାର୍ଯ୍ୟାଳୟ ୧୫ ତାରିଖ ଶୁକ୍ରବାର ବନ୍ଦ ରହିବ। ପରବର୍ତ୍ତୀ ସଂସ୍କରଣ ୧୭ ତାରିଖ ସକାଳେ ପ୍ରକାଶ ପାଇବ।

ସୂଚନା: ଅନିବାର୍ଯ୍ୟ କାରଣରୁ ଏ ସପ୍ତାହର 'କ୍ରୀଡ଼ା ଜଗତ' ପୃଷ୍ଠା ପ୍ରକାଶ ପାଇପାରୁନାହିଁ।

## ଆଜିର ସମ୍ପାଦକୀୟ

ଟ୍ରମ୍ପଙ୍କ ଟାରିଫ୍ ଯନ୍ତା

# ବାଦଲଫଟା ବର୍ଷାରେ ୪୬ ମୃତ

**ଉତ୍ତରାଖଣ୍ଡର ଉତ୍ତରକାଶୀ ପରେ ଜମ୍ମୁ-କଶ୍ମୀର କିସ୍ତୱାର ଜିଲାକୁ ଦାଉ ସାଧିଛି ବାଦଲଫଟା ବର୍ଷା। କିସ୍ତୱାର ଜିଲା ଚଶୋତି ଗ୍ରାମକୁ ଗୁରୁବାର ଅପରାହ୍ନରେ ଆକାଶରୁ ମାଡ଼ି ଆସିଥିଲା ବିପତ୍ତି। ଚାହୁଁ ଚାହୁଁ ଧୋଇହୋଇଗଲା ଗାଁ। ଘରଦ୍ୱାର ସହ ଭାସିଗଲେ ଅନେକ ଶହ ଲୋକ। ସେମାନଙ୍କ ମଧ୍ୟରୁ ୧୬୭ ଜଣଙ୍କୁ ଉଦ୍ଧାର କରାଯାଇଥିବାବେଳେ ଅଦ୍ୟାବଧି ୨ ସିଆଇଏସ୍ଏଫ୍ ଯବାନଙ୍କ ସମେତ ୪୬ ଜଣଙ୍କ ମୃତ୍ୟୁ ଘଟିଛି। ଉଦ୍ଧାର ହୋଇଥିବା ଲୋକଙ୍କ ମଧ୍ୟରୁ ୩୮ ଜଣଙ୍କ ଅବସ୍ଥା ସଙ୍କଟାପନ୍ନ ରହିଛି ଏବଂ ଅନ୍ୟ କେତେଜଣ ନିଖୋଜ ଅଛନ୍ତି। ତେଣୁ ମୃତ୍ୟୁସଂଖ୍ୟା ବଢ଼ିବା ଆଶଙ୍କା କରାଯାଉଛି।**

ଜମ୍ମୁ,୧୪।୮

ମଚାଇଲ ମାତା ମନ୍ଦିରକୁ ଯିବାକୁ ହେଲେ କିସ୍ତୱାର ସହରରୁ ୯୦ କି.ମି. ଦୂର ଚଶୋତି ଗ୍ରାମ ପର୍ଯ୍ୟନ୍ତ ଗାଡ଼ିରେ ଯିବାକୁ ପଡ଼ିଥାଏ। ୯,୫୦୦ ଫୁଟ୍ ଉଚ୍ଚତାରେ ଥିବା ମଚାଇଲ ମାତା ପୀଠକୁ ୮.୫ କି.ମି. ବ୍ୟାପୀ ଟ୍ରେକିଂ ଏଇଠୁ ଆରମ୍ଭ ହୁଏ। ଜୁଲାଇ ୨୫ରୁ


ଜମ୍ମୁ-କଶ୍ମୀର କିସ୍ତୱାର ଜିଲା ଚଶୋତି ଗ୍ରାମରେ ବାଦଲ ଫଟା ବର୍ଷାଜନିତ ବନ୍ୟା ମାଡ଼ି ଆସିଥିବାବେଳେ ଜୀବନ ବଞ୍ଚାଇବା ପାଇଁ ଲୋକେ ସୁରକ୍ଷିତ ସ୍ଥାନକୁ ଯାଉଛନ୍ତି।

## ୧୬୭ ଉଦ୍ଧାର, ଅନେକ ନିଖୋଜ

ଚାଲିଥିବା ମଚାଇଲ ମାତା ଯାତ୍ରା ସେପ୍ଟେମ୍ବର ୫ରେ ଶେଷ ହେବ। ଏହି ବାର୍ଷିକ ଯାତ୍ରାରେ ସାମିଲ ହେବା ପାଇଁ ଗୁରୁବାର ସେଠାରେ ବହୁ ଭକ୍ତ, ଶ୍ରଦ୍ଧାଳୁଙ୍କ ସମାଗମ ହୋଇଥିଲା। ମଧ୍ୟାହ୍ନ ୧୨ଟାରୁ ୧ଟା ମଧ୍ୟରେ ହଠାତ୍ ବାଦଲଫଟା ବର୍ଷା ହୋଇଥିଲା। ଏଥିରେ ଘରଦ୍ୱାର, ଦୋକାନ, ପୋଲିସ ଫାଣ୍ଡି ଓ ଭକ୍ତଙ୍କ ଆଶ୍ରୟସ୍ଥଳୀ ଭାସିଯାଇଥିଲା। ପାହାଡ଼ ଉପରୁ କାଦୁଅ ପାଣି ମାଡ଼ିଆସି ଧ୍ୱଂସଲୀଳା ଭିଆଉଥିବାବେଳର ଭିଡିଓ ସାମାଜିକ ଗଣମାଧ୍ୟମରେ ବହୁଳ ପ୍ରସାରିତ ହୋଇଛି। ଜାତୀୟ ବିପର୍ଯ୍ୟୟ ପ୍ରଶମନ ବଳ (ଏନ୍‌ଡିଆର୍‌ଏଫ୍), ରାଜ୍ୟ ବିପର୍ଯ୍ୟୟ ପ୍ରଶମନ ବଳ (ଏସ୍‌ଡିଆର୍‌ଏଫ୍) ଓ ସେନା ଯବାନଙ୍କ ସହ ପୋଲିସ ଏବଂ ସ୍ଥାନୀୟ ସ୍ୱେଚ୍ଛାସେବୀମାନଙ୍କୁ ଉଦ୍ଧାର କାର୍ଯ୍ୟରେ ନିୟୋଜିତ କରାଯାଇଛି। ଯବାନମାନେ ଅଦ୍ୟାବଧି ୪୬ ମୃତଦେହ ଠାବ ☞ପୃଷ୍ଠା–୨

## ବୁଲା କୁକୁର ମାମଲା ରାୟ ସଂରକ୍ଷିତ

# ସ୍ଥାନୀୟ କର୍ତ୍ତୃପକ୍ଷଙ୍କ ନିଷ୍କ୍ରିୟତାରୁ ସବୁ ସମସ୍ୟା: ସୁପ୍ରିମକୋର୍ଟ

ନୂଆଦିଲ୍ଲୀ,୧୪।୮(ପି.ଟି.)

ସ୍ଥାନୀୟ କର୍ତ୍ତୃପକ୍ଷମାନଙ୍କ ନିଷ୍କ୍ରିୟତା କାରଣରୁ ଦିଲ୍ଲୀ-ଜାତୀୟ ରାଜଧାନୀ ଅଞ୍ଚଳ (ଏନ୍‌ସିଆର୍)ରେ ବୁଲା କୁକୁରଙ୍କୁ ନେଇ ସବୁ ସମସ୍ୟା ସୃଷ୍ଟି ହେଉଥିବା ସୁପ୍ରିମକୋର୍ଟ ଗୁରୁବାର କହିଛନ୍ତି। ଗତ ୧୧ ତାରିଖର ରାୟ ସ୍ଥଗିତ ରଖିବା ପାଇଁ ହୋଇଥିବା ଆବେଦନ ଉପରେ ସର୍ବୋଚ୍ଚ ଅଦାଲତ ରାୟ ସଂରକ୍ଷିତ ରଖିଛନ୍ତି।

ଦିଲ୍ଲୀ-ଏନ୍‌ସିଆର୍ ଅଞ୍ଚଳର ସମସ୍ତ ବୁଲା କୁକୁରଙ୍କୁ ଯଥାଶୀଘ୍ର ସମ୍ଭବ ଧରିନେଇ ସେମାନଙ୍କୁ ଆଶ୍ରୟସ୍ଥଳରେ ରଖିବା ପାଇଁ ଗତ ୧୧ ତାରିଖରେ ୨ ଜଣିଆ ଖଣ୍ଡପୀଠ ସ୍ଥାନୀୟ କର୍ତ୍ତୃପକ୍ଷଙ୍କୁ ନିର୍ଦ୍ଦେଶ ଦେଇଥିଲେ। ଅଦାଲତଙ୍କ ଏଭଳି ରାୟକୁ ନେଇ ପ୍ରାଣୀପ୍ରେମୀ ସଂଗଠନ ସମେତ ବିଭିନ୍ନ ମହଲରୁ ତୀବ୍ର ପ୍ରତିକ୍ରିୟା ପ୍ରକାଶ ପାଇବା ସହ ଏହାର ପୁନର୍ବିଚାର ପାଇଁ ଆବେଦନ କରାଯାଇଥିଲା। ଜଷ୍ଟିସ୍ ବିକ୍ରମ ନାଥଙ୍କ ଅଧ୍ୟକ୍ଷତାରେ ଜଷ୍ଟିସ୍ ସନ୍ଦୀପ ମେହେଟ୍ଟା ଏବଂ ଏନ୍.ଭି. ଅଞ୍ଜରିଆଙ୍କୁ ନେଇ ଗଠିତ ୩ ଜଣିଆ ଖଣ୍ଡପୀଠ ଗୁରୁବାର ଏହାର ଶୁଣାଣି କରି ସବୁ ସମସ୍ୟା ପାଇଁ ସ୍ଥାନୀୟ କର୍ତ୍ତୃପକ୍ଷଙ୍କ ନିଷ୍କ୍ରିୟତାକୁ ଦାୟୀ କରିଛନ୍ତି। ଯେଉଁମାନେ ସୁପ୍ରିମକୋର୍ଟ ଆସି ରାୟର ☞ପୃଷ୍ଠା–୨










# 'ଦେଶ ସ୍ୱାଧୀନ ହେବା ଖବର ଶୁଣି ଦୀର୍ଘଦିନର ଯନ୍ତ୍ରଣା ଭୁଲି ଯାଇଥିଲୁ'

ସ୍ୱାଧୀନତା ସଂଗ୍ରାମୀ ବ୍ରଜକିଶୋର ରାଉତ। ୯୮ ବର୍ଷ ବୟସରେ ବି ସେ ଚଳଚଞ୍ଚଳ। ଏବେବି ତାଙ୍କ କଥାବାର୍ତ୍ତାରେ ସଂଗ୍ରାମୀର ଗାଥା ଫୁଟି ଉଠେ। ଭଦ୍ରକ ଜିଲା ଧାମନଗର ବ୍ଲକ ବୟାଳିଡିହ ପଞ୍ଚାୟତର କମାରବନ୍ଧ ଗ୍ରାମରେ ତାଙ୍କ ଘର। ୧୯୨୭ ଫେବୃଆରୀ ୨୮ରେ ତାଙ୍କର ଜନ୍ମ। ପରିବାର କହିଲେ ଶଯ୍ୟାଶାୟୀ ସ୍ତ୍ରୀ ଲକ୍ଷ୍ମୀପ୍ରିୟା ରାଉତ(୮୬), ୨ ପୁଅ, ୪ ଝିଅ ଓ ୩ ନାତି ନାତୁଣୀ। ଗାଁରେ ପରିବାର ସହ ସେ ଜୀବନଯାପନ କରୁଛନ୍ତି। ସେ କହନ୍ତି, ୧୯୪୨ ଅଗଷ୍ଟ ୭, ୮ ଓ ୯ରେ ମହାତ୍ମା ଗାନ୍ଧୀଙ୍କ ଡାକରାରେ ମହାରାଷ୍ଟ୍ରର ବମ୍ବେଠାରେ ସଭା ଆୟୋଜନ ହୋଇଥିଲା। ଅବଶ୍ୟ ୯ରେ ଗାନ୍ଧୀଙ୍କ 'କର ବା ମର' ଡାକରାକୁ ନେଇ ଇଂରେଜଙ୍କୁ ଦେଶରୁ ହଟେଇବା ଲାଗି ଆରମ୍ଭ ହୋଇଥିଲା ଆନ୍ଦୋଳନ।



ସ୍ୱାଧୀନତା ସଂଗ୍ରାମୀ ବ୍ରଜକିଶୋର ରାଉତ

ତେବେ ଏହି ସମୟରେ ଓଡ଼ିଶାର ମହାନ୍ ସଂଗ୍ରାମୀ ବୈଷ୍ଣବ ନାୟକଙ୍କ ନେତୃତ୍ୱରେ ସାମିଲ ହୋଇ ବ୍ରଜକିଶୋର ଭଦ୍ରକ, ଧାମନଗର, ଭଣ୍ଡାରିପୋଖରୀ ସହ ବିଭିନ୍ନ ଅଞ୍ଚଳରେ ଇଂରେଜମାନଙ୍କ ବିରୋଧରେ ପ୍ରଚାର କରିବା, ବିଦେଶୀ ଜିନିଷ ପରିତ୍ୟାଗ କରିବା, କୁଟି ଖାଅ କାଟି ପିନ୍ଧ, ନିଜକୁ ନିଜେ କିପରି ସ୍ୱାବଲମ୍ବୀ ହେବା ଆଦି ବିଭିନ୍ନ ଦିଗକୁ ନେଇ ଲୋକଙ୍କ ମଧ୍ୟରେ ପ୍ରସାର କରିଥିଲେ। ଏହାର ପରବର୍ତ୍ତୀ ସମୟରେ ଭାରତବର୍ଷରେ ପ୍ରାୟ ୬୨ହଜାର ସଂଗ୍ରାମୀ ଜେଲ ଯାଇଥିଲେ। ଏତେ ସଂଖ୍ୟକ ସଂଗ୍ରାମୀଙ୍କୁ ଜେଲ ହୋଇଥିବାରୁ ଲୋକେ ଆହୁରି ଉତ୍ତ୍ୟକ୍ତ ହୋଇ ଇଂରେଜ ସରକାର ବିରୋଧରେ ଜୋରଦାର ଲଢ଼େଇ କଲେ। ବ୍ରିଟିଶ ସରକାର ବାଧ୍ୟହୋଇ ୬୨ହଜାର ଲୋକଙ୍କ ମଧ୍ୟରୁ କେବଳ ୧୪ହଜାର ଲୋକଙ୍କୁ ଜେଲରେ ଭର୍ତ୍ତି କରିଥିଲେ। ଏହି ଆନ୍ଦୋଳନରେ ୯୪୦ ଲୋକଙ୍କୁ ଫାଶୀ ଦିଆଯାଇଥିଲା। ତନ୍ମଧ୍ୟରୁ ଓଡ଼ିଶାର ଲକ୍ଷ୍ମଣ ନାୟକଙ୍କୁ ୧୯୪୩ ଏପ୍ରିଲ ୨୩ରେ ବ୍ରିଟିଶ ସରକାର ଫାଶୀ ଦେଇଥିଲେ। ଏହାକୁ ନେଇ ଭାରତ ବର୍ଷରେ ଏକ ବୈପ୍ଳବିକ ବାତାବରଣ ସୃଷ୍ଟି ହୋଇଥିଲା। ଭାରତବର୍ଷରେ ଥିବା ୫୫୦ ଡାକଘର, ୨୪୦ ରେଲୱେ ଷ୍ଟେଶନ ଓ ୭୫ ପୋଲିସ ଷ୍ଟେଶନ ସହ ବହୁ ସରକାରୀ ଅଫିସ ପୋଡ଼ି ଦିଆଯାଇଥିଲା। ଏହି ଆନ୍ଦୋଳନ ବହୁ ବର୍ଷ ଧରି ଲାଗିରହିବା ହେତୁ ବ୍ରିଟିଶ ସରକାର ବାଧ୍ୟହୋଇ ଭାରତ ଛାଡ଼ିଥିଲେ। ଶେଷରେ ଅଗଷ୍ଟ ୧୫ରେ ଦେଶ ସ୍ୱାଧୀନ ହୋଇଥିଲା।

ଏ ସମ୍ପର୍କରେ ବ୍ରଜକିଶୋର କହିଛନ୍ତି, ଦେଶ ସ୍ୱାଧୀନ ହେବାର ଖବର ଜାଣିବା ପରେ ଜୀବନର ସବୁଠାରୁ ବଡ଼ ଖୁସି ମିଳିବା ଭଳି ଅନୁଭବ ହୋଇଥିଲା। ଦୀର୍ଘଦିନର କଷ୍ଟ, ଯନ୍ତ୍ରଣା ଭୁଲି ଯାଇଥିଲୁ। ସେହି ଖୁସିରେ ଘରେ ଘରେ ଶୁଭ କଳସ ବସାଯିବା ସହ ଦୀପ ଜଳାଯାଇଥିଲା। ଏହା ଏକ ଆନନ୍ଦର ମୁହୂର୍ତ୍ତ ଥିଲା। ଦୀର୍ଘଦିନର ଅନ୍ଧକାର ପରେ ଆଲୋକ ମିଳିବା ପରି ଅନୁଭବ ହୋଇଥିଲା। କିନ୍ତୁ ପର ମୁହୂର୍ତ୍ତରେ ଜାଣିବାକୁ ମିଳିଲା ଯେ ଏହି ଖୁସିର ମୁହୂର୍ତ୍ତରେ ସ୍ୱାଧୀନତା ଆନ୍ଦୋଳନର ନେତୃତ୍ୱ ନେଇଥିବା ମହାତ୍ମା ଗାନ୍ଧୀ ସାମିଲ ହୋଇ ନ ଥିଲେ। ପଶ୍ଚିମବଙ୍ଗର ନୂଆଖାଡ଼ିରେ ଏକ ଛୋଟିଆ ଘରେ ରହିଥିଲେ। ସ୍ୱାଧୀନତାର ଶୁଭ ଅବସରରେ ସେ ନିଜକୁ ସାମିଲ କରି ନ ଥିବା ଜାଣିବା ପରେ ମନରେ ଦୁଃଖ ଆସିଥିଲା। ସେ ଚାହୁଁ ନ ଥିଲେ କ୍ଷମତାର ବିନିମୟ, ସେ କହିଥିଲେ 'ଯେଉଁମାନେ କ୍ଷମତା ପାଇଁ ପାଗଳ, ଶାସନ ଲୋଭୀ ସେହିମାନେ ସେ ଉତ୍ସବକୁ ପାଳନ୍ତୁ, ମୋର ଯିବା ଦରକାର ନାହିଁ'। ସବୁ ଖୁସି ଭିତରେ ସେହି କଥା ସେମାନଙ୍କୁ ଦୁଃଖ ଦେଇଥିଲା ବୋଲି ବ୍ରଜକିଶୋର କହିଛନ୍ତି।

ଏଥିସହ ସଂଗ୍ରାମୀମାନେ ସ୍ୱାଧୀନତା ଆନ୍ଦୋଳନରେ ସାମିଲ ହୋଇ ମୃତ୍ୟୁବରଣ କରିଥିବା ଓ ଜେଲ ଯାଇଥିବା ସଂଗ୍ରାମୀଙ୍କ ପରିବାରକୁ ଭେଟି ସମବେଦନା ଜଣାଇବା ସହ ବିଭିନ୍ନ ପ୍ରସଙ୍ଗକୁ ନେଇ ସଭାସମିତି କରୁଥିଲେ। ରାଜ୍ୟର ଲୋକଙ୍କ ଭିତରେ ସଚେତନତା ସୃଷ୍ଟି କରାଇବା, ସେମାନେ କିପରି ନିଜର ଜୀବିକା ନିର୍ବାହ କରିବେ, ଶିକ୍ଷା, ସ୍ୱାସ୍ଥ୍ୟ ଆଦି କ୍ଷେତ୍ରରେ ଜନ ସଚେତନତା ସୃଷ୍ଟି କରୁଥିଲେ। ବ୍ରଜକିଶୋର କୁହନ୍ତି, ଗାନ୍ଧିଜୀଙ୍କ ନୀତି ଆଦର୍ଶରେ ଅନୁପ୍ରାଣିତ ହୋଇ ସେମାନେ ଯେଉଁ ସ୍ୱପ୍ନ ଦେଖିଥିଲେ, ଆଜି ତାହା ଦେଖିବାକୁ ମିଳୁନାହିଁ। ଏହା ତାଙ୍କୁ ଅନେକ କଷ୍ଟ ଦେଉଛି। ଆହୁରି ମଧ୍ୟ ଗାନ୍ଧିଜୀଙ୍କ ବାର୍ତ୍ତା ଥିଲା କଠିନ ପରିଶ୍ରମ କରିବା, ଜଣେ ମହିଳା ବାହାରକୁ ଗଲେ ନିର୍ଦ୍ୱନ୍ଦ୍ୱରେ ଘରକୁ ଫେରିବା, ମଦ ନିଷେଧ ହେଲେ ଦେଶ ପ୍ରକୃତ ସ୍ୱାଧୀନ ହେଲା ବୋଲି ଆମେ ଭାବିବା। କିନ୍ତୁ ଗୋଟେ ଦୁଃଖ ଯେ ଗାନ୍ଧିଜୀଙ୍କ ଚିନ୍ତାଧାରା, ନୀତି ଆଦର୍ଶ ଓ ନେତୃତ୍ୱ ଏବେ ଆଉ ଦେଖିବାକୁ ମିଳୁନାହିଁ। ଯାହାକି ବଡ଼ ଚିନ୍ତାର ବିଷୟ ବୋଲି ସେ କହିଛନ୍ତି।

–ରିପୋର୍ଟ: **ସନାତନ ରାଉତ, ଭଦ୍ରକ**



ସ୍ୱାଧୀନତା ଦିବସ ପୂର୍ବରୁ ଭୁବନେଶ୍ୱରଠାରେ ୨ ସ୍କୁଲ୍ ଛାତ୍ରୀ ତ୍ରିରଙ୍ଗାରେ ସଜେଇ ହୋଇଛନ୍ତି। (ଫଟୋ: ବିକାଶ ନାୟକ)

# ତ୍ରିରଙ୍ଗା

ଭାରତବର୍ଷ ୭୯ତମ ସ୍ୱାଧୀନତା ଦିବସ ପାଳନ କରିବାକୁ ଯାଉଛି। ଭାରତ ଇତିହାସରେ ଏହା ଏକ ଗୌରବମୟ ଦିବସ। ଏହି ଦିବସକୁ ସାରା ଦେଶ ବିଜୟ ସଂକଳ୍ପ ଦିବସ ରୂପେ ପାଳନ କରୁଛି। ଆଜାଦୀ କା ଅମୃତ ମହୋତ୍ସବ ଅଧୀନରେ ଘରେ ଘରେ ତ୍ରିରଙ୍ଗା ଅଭିଯାନ ଦେଶବ୍ୟାପୀ ଅନୁଷ୍ଠିତ ହେଉଛି। ଘରେ ଘରେ ଜାତୀୟ ପତାକା ତ୍ରିରଙ୍ଗା ଉଡାଇ ଭାରତର ସ୍ୱାଧୀନତା ଉତ୍ସବ ପାଳିବାକୁ ଉତ୍ସାହିତ କରିବା ଏହି ଅଭିଯାନର ମୁଖ୍ୟ ଉଦ୍ଦେଶ୍ୟ। ଆମର ଜାତୀୟ ପତାକା ଆମ ଏକତା, ସଂହତି ଓ ଭ୍ରାତୃଭାବର ପ୍ରତୀକ ଅଟେ। ଭାରତର ତ୍ରିରଙ୍ଗା କେବଳ ତିନିଟି ରଙ୍ଗର ସମାହାର ନୁହେଁ ବରଂ ଆମ ଅତୀତର ଗୌରବ, ବର୍ତ୍ତମାନର ପ୍ରତିବଦ୍ଧତା ଓ ଭବିଷ୍ୟତର ସ୍ୱପ୍ନର ପ୍ରତିବିମ୍ବ। ଆମ ତ୍ରିରଙ୍ଗା ଭାରତର ଏକତା, ଭାରତର ଅଖଣ୍ଡତା ଓ ଭାରତର ବିବିଧତାର ମଧ୍ୟ ପ୍ରତୀକ। ଆମ ସଂଗ୍ରାମୀମାନେ ତ୍ରିରଙ୍ଗାରେ ଦେଶର ଭବିଷ୍ୟତ ଦେଖିଥିଲେ, ଦେଶର ସ୍ୱପ୍ନ ଦେଖିଥିଲେ ଓ ଏହାକୁ କେବେ ନଇଁବାକୁ ଦେଇ ନ ଥିଲେ।

ସ୍ୱାଧୀନତାର ୭୮ ବର୍ଷ ପରେ ଆମେ ଯେତେବେଳେ ନୂଆ ଭାରତର ଯାତ୍ରା ଆରମ୍ଭ କରୁଛେ ସେତେବେଳେ ତ୍ରିରଙ୍ଗା ପୁଣି ଥରେ ଭାରତର ଏକତା ଓ ଚେତନାକୁ ପ୍ରତିନିଧିତ୍ୱ କରୁଛି। ଗୌରବର ପ୍ରତୀକ ତ୍ରିରଙ୍ଗା ଆଜି ମଣିଷକୁ ସଚେତନ କରୁଛି ଯେ ଏ ହେଉଛି ସେଇ ଭାରତବର୍ଷ, ଯାହାର ତ୍ୟାଗ, ଆତ୍ମବଳିଦାନ, ସଂଗ୍ରାମ ଓ ବୀରତ୍ୱ ହେଉଛି ତା'ର ଇତିହାସ। ଏ ଦେଶର ମହାନ୍ ବୀରପୁରୁଷ ଯେଉଁମାନଙ୍କର ତ୍ୟାଗ, ବଳିଦାନ ଦେଶକୁ ଆଣି ଦେଇଥିଲା ସ୍ୱାଧୀନତା। ଦେଶ ସ୍ୱାଧୀନ ହେଲା, ଫିରିଙ୍ଗି ଶାସନ ହଟିଲା। ମୁକ୍ତି ଯୁଦ୍ଧରେ ଅନେକ ଶହୀଦ ହେଲେ। ସଂଗ୍ରାମୀଙ୍କ ଲହୁ ଲୁହରେ ଲେଖାହେଲା ସ୍ୱାଧୀନତାର ଇତିହାସ। ମାଟି ପାଇଁ ନିଜର ସାମର୍ଥ୍ୟ, ଜୀବନ, ବଳିଦାନ ଦେଇ ଆଜି ସେହି ମହାନ୍ ସଂଗ୍ରାମୀମାନେ ଚିରସ୍ମରଣୀୟ। ଏ ଦେଶର ମହାନ୍ ବୀରପୁରୁଷ ଓ ମହୀୟସୀ ମହିଳାମାନଙ୍କୁ ଏହି ସ୍ୱାଧୀନତାର ଅମୃତ ମହୋତ୍ସବ ପାଳନ ଅବସରରେ ଭକ୍ତିପୂତ ଶ୍ରଦ୍ଧାଞ୍ଜଳି ଅର୍ପଣ କରିବା ସମସ୍ତଙ୍କର ନୈତିକ କର୍ତ୍ତବ୍ୟ। ଏ ମାଟି, ଏ ଜାତିର ତ୍ୟାଗ, ବୀରତ୍ୱ ଓ ସ୍ୱଦେଶ ପ୍ରୀତି ବିଶ୍ୱ ଇତିହାସକୁ ସମୃଦ୍ଧ କରିଛି। ସ୍ୱାଧୀନତା ସେନାନୀଙ୍କ ପ୍ରେରଣା ଓ ଦେଶ ବିକାଶରେ ଅବଦାନ ରଖି ଯାଇଥିବା ମହାପୁରୁଷ ଓ ରାଷ୍ଟ୍ରନାୟକଙ୍କ ପ୍ରେରଣାକୁ ମନେପକାଇ ଆତ୍ମନିର୍ଭର ଭାରତ ପାଇଁ ସଂକଳ୍ପ ନେବା ଏହି ମହୋତ୍ସବର ଲକ୍ଷ୍ୟ।

– **ଚିତ୍ତରଞ୍ଜନ ପୃଷ୍ଟି,**
ମୋ: ୯୭୭୮୧୭୭୫୦୧




ଧରିତ୍ରୀ 51 Years
ଧରିତ୍ରୀ
DHARITRI
ଭୁବନେଶ୍ୱର, ଶୁକ୍ରବାର, ଅଗଷ୍ଟ ୧୫/୨୦୨୫ | Bhubaneswar, Friday, August 15/2025


# ବାଦ୍ ପଡ଼ିଥିବା ୬୫ ଲକ୍ଷ ଭୋଟରଙ୍କ ତଥ୍ୟ ପ୍ରକାଶ କର

## ବିହାର ଏସ୍ଆଇଆର୍: ଇସିଆଇଙ୍କୁ ସୁପ୍ରିମକୋର୍ଟଙ୍କ ନିର୍ଦ୍ଦେଶ



ବିହାର ବିଧାନସଭା ଭୋଟ ପୂର୍ବରୁ ଭାରତର ନିର୍ବାଚନ କମିଶନ (ଇସିଆଇ)ଙ୍କ ପକ୍ଷରୁ କରାଯାଇଥିବା ଭୋଟର ତାଲିକାର ସ୍ପେଶିଆଲ ଇଣ୍ଟେନ୍ସିଭ୍ ରିଭିଜନ୍ (ଏସ୍ଆଇଆର୍)କୁ ନେଇ ଗୁରୁବାର ସୁପ୍ରିମକୋର୍ଟ ପ୍ରଶ୍ନ ଉଠାଇଛନ୍ତି। ଏଥିରୁ ବାଦ୍ ପଡ଼ିଥିବା ୬୫ ଲକ୍ଷ ଭୋଟରଙ୍କ ନାମ, ବିବରଣୀ ଓ ଡିଲିଟ୍ କରାଯିବାର ଯୁକ୍ତିଯୁକ୍ତ କାରଣ ଦର୍ଶାଇବାକୁ ଶୀର୍ଷ ଅଦାଲତ ଇସିଆଇଙ୍କୁ ନିର୍ଦ୍ଦେଶ ଦେଇଛନ୍ତି। ଏହି ତାଲିକା ଏବଂ ଏତେ ସଂଖ୍ୟକ ମତଦାତାଙ୍କୁ ହଟାଯିବା ପଛର କାରଣ ସମ୍ପର୍କରେ ଇସିଆଇଙ୍କ ୱେବ୍ସାଇଟ୍‌ରେ ପ୍ରକାଶ କରାଯିବ। ଏହି ତାଲିକାକୁ ଏପରି ବ୍ୟାପକ ଭାବେ ପ୍ରକାଶ କରାଯିବା ଆବଶ୍ୟକ, ଯେମିତିକି ସମସ୍ତେ ଏହାକୁ ଦେଖିପାରିବେ ବୋଲି ଅଦାଲତଙ୍କ ନିର୍ଦ୍ଦେଶ ରହିଛି।

ନୂଆଦିଲ୍ଲୀ,୧୪।୮

ଜୁନ୍ ୨୪ରେ ଇସିଆଇ ବିହାର ଭୋଟର ତାଲିକାର ଏସ୍ଆଇଆର୍ କରାଇବାକୁ ନିଷ୍ପତ୍ତି ନେଇଥିଲେ। ଏସ୍ଆଇଆର୍ ନାଗରିକମାନଙ୍କ ମତଦାନ ଅଧିକାର ଛଡ଼ାଇନେବା ପାଇଁ ଉଦ୍ଦିଷ୍ଟ କହି ଏହା ବିରୋଧରେ ଏନ୍‌ଜିଓ ଆସୋସିଏଶନ୍ ଫର୍ ଡେମୋକ୍ରାଟିକ୍ ରିଫର୍ମ୍ସ (ଏଡିଆର୍) ଏବଂ କଂଗ୍ରେସ ସମେତ ବିରୋଧୀ ଦଳଗୁଡ଼ିକ ପକ୍ଷରୁ ୧୦ରୁ ଊର୍ଦ୍ଧ୍ୱ ଆବେଦନ କରାଯାଇଛି। ଜଷ୍ଟିସ୍ ସୂର୍ଯ୍ୟକାନ୍ତ ଏବଂ ଜୟମାଲା ବାଗ୍‌ଚୀଙ୍କୁ ନେଇ ଗଠିତ ଖଣ୍ଡପୀଠ ଉକ୍ତ ପିଟିଶନଗୁଡ଼ିକର ଶୁଣାଣି କରି କହିଛନ୍ତି, ମୃତକ, ଅନ୍ୟ ନିର୍ବାଚନମଣ୍ଡଳୀକୁ ପଳାୟନ କରିଥିବା କିମ୍ବା ସ୍ଥାନାନ୍ତରିତ ବ୍ୟକ୍ତିମାନଙ୍କ ନାମ ସମ୍ବଳିତ ତାଲିକା ସହ ସେମାନଙ୍କୁ କେଉଁ କାରଣରୁ ବାଦ୍ ଦିଆଯାଇଛି ସେ ସମ୍ପର୍କରେ କାରଣ ଉଲ୍ଲେଖ କରି ପଞ୍ଚାୟତସ୍ତରୀୟ କାର୍ଯ୍ୟାଳୟ ଏବଂ ଜିଲାସ୍ତରୀୟ ରିଟର୍ନିଂ ଅଫିସରଙ୍କ କାର୍ଯ୍ୟାଳୟରେ ପ୍ରଦର୍ଶିତ କରିବାକୁ ଇସିଆଇଙ୍କୁ ନିର୍ଦ୍ଦେଶ ଦିଆଯାଇଛି। ଏଥିସହ ସ୍ଥାନୀୟ ଭାଷାର ଖବରକାଗଜ ଓ ଇଂଲିଶ୍ ଦୈନିକ ସହ ଟିଭି ନ୍ୟୁଜ୍ ଚ୍ୟାନେଲଗୁଡ଼ିକରେ ବିଜ୍ଞାପନ ଜରିଆରେ ବିସ୍ତୃତ ଭାବେ ପ୍ରକାଶ କରିବେ। ଏହି ତାଲିକା କେଉଁଠି ଉପଲବ୍ଧ ହେବ ତାହା ମଧ୍ୟ ଲୋକଙ୍କୁ ଅବଗତ କରାଇବା ପାଇଁ ନିର୍ଦ୍ଦେଶ ରହିଛି।

ଖଣ୍ଡପୀଠ ଆହୁରି କହିଛନ୍ତି, ତାଲିକାରୁ ଯେଉଁମାନଙ୍କ ନାମ କଟିଯାଇଛି, ସେମାନେ ନିଜ ଆଧାର କାର୍ଡ ସହ ନିର୍ବାଚନ ଅଧିକାରୀଙ୍କୁ ଭେଟି ସଂଶୋଧନ କରାଇବାକୁ ଅନୁମତି ପ୍ରଦାନ କରାଯାଇଛି। ଅଗଷ୍ଟ ୨୨ରେ ଏହାର ପରବର୍ତ୍ତୀ ଶୁଣାଣି ହେବ। ପରବର୍ତ୍ତୀ ଶୁଣାଣି ସୁଦ୍ଧା ଇସିଆଇ ସୁପ୍ରିମକୋର୍ଟ ନିର୍ଦ୍ଦେଶର ଅନୁପାଳନ ସମ୍ପର୍କିତ ଏକ ରିପୋର୍ଟ ଦାଖଲ କରିବେ।

ପ୍ରକାଶ ଯେ, ପୂର୍ବରୁ ପଞ୍ଜୀକୃତ ମତଦାତାଙ୍କୁ ଋଠା ଭୋଟର ତାଲିକାରେ ସାମିଲ କରା ନ ଯିବାର କାରଣ ଅଗଷ୍ଟ ୧ରେ ନିର୍ବାଚନ କମିଶନ ଦର୍ଶାଇଥିଲେ। ୨୨.୩୪ ଲକ୍ଷ ଭୋଟରଙ୍କ ମୃତ୍ୟୁ ଘଟିଥିବାବେଳେ ୩୬.୨୮ ଲୋକ ସ୍ଥାୟୀ ଭାବେ ଅନ୍ୟତ୍ର ଚାଲିଯାଇଛନ୍ତି ଏବଂ ୭.୦୧ ଲକ୍ଷ ମତଦାତାଙ୍କ ନାମ ଏକାଧିକ ସ୍ଥାନରେ ରହିଥିବା ଏଥିରେ ଇସି ଉଲ୍ଲେଖ କରିଥିଲେ। କମିଶନଙ୍କ ପକ୍ଷରୁ ବରିଷ୍ଠ ଆଇନଜୀବୀ ରାକେଶ ଦ୍ୱିବେଦୀ କହିଥିଲେ, କେତେକ ନିର୍ଦ୍ଦିଷ୍ଟ କାର୍ଯ୍ୟାନୁଷ୍ଠାନ ନେବା ସମ୍ପର୍କିତ ଇସିଙ୍କ ପର୍ଯ୍ୟାପ୍ତ କ୍ଷମତା ରହିଛି। ଏହାସତ୍ତ୍ୱେ ଇସିଆଇଙ୍କୁ ରାଜନୈତିକ ଆକ୍ରୋଶ ରଖି ଟାର୍ଗେଟ କରାଯାଉଛି। ଇସିଆଇ ବର୍ତ୍ତମାନ ରାଜନୈତିକ ଦଳଗୁଡ଼ିକର ବିବାଦ ଭିତରେ ଛନ୍ଦିହୋଇଯାଇଛନ୍ତି। ସେମାନେ ନିର୍ବାଚନରେ ଜିତିଲେ ଇଭିଏମ୍ ଠିକ୍, ହାରିଲେ ଇଭିଏମ୍ ଖରାପ ବୋଲି ଦ୍ୱିବେଦୀ କହିଥିଲେ। ୨୦୦୩ ଭୋଟର ତାଲିକାରେ ରହିଥିବା ବିହାରର ୬.୫ କୋଟି ଲୋକଙ୍କୁ ଏସ୍ଆଇଆର୍ ପାଇଁ କୌଣସି ଦସ୍ତାବିଜ ଦାଖଲର ଆବଶ୍ୟକତା ନାହିଁ ବୋଲି ସେ କହିଥିଲେ। ତେବେ ୨୦୦୩ ଭୋଟର ତାଲିକା ସଂଶୋଧନ ବେଳେ କେଉଁ ଦସ୍ତାବିଜଗୁଡ଼ିକୁ ଗ୍ରହଣ କରାଯାଇଥିଲା ସେନେଇ ଗୁରୁବାର ଖଣ୍ଡପୀଠ ଜାଣିବାକୁ ଚାହିଁଥିଲେ। ବୁଧବାର ଶୁଣାଣି ବେଳେ ଖଣ୍ଡପୀଠ କହିଥିଲେ, ଭୋଟର ତାଲିକା ସ୍ଥିର ନୁହେଁ। ସମୟାନୁସାରେ ଏଥିରେ ପରିବର୍ତ୍ତନ ଅଣାଯିବା ଆବଶ୍ୟକ।



'ହର୍ ଘର୍ ତିରଙ୍ଗା' କାର୍ଯ୍ୟକ୍ରମ ଅବସରରେ ଗୁରୁବାର ଅପରାହ୍ନରେ ପୁରୀ ବ୍ଲୁ ଫ୍ଲାଗ୍ ବିଚ୍‌ରେ ଜିଲା ପ୍ରଶାସନ ଓ ପୌରପାଳିକା ପକ୍ଷରୁ ଆୟୋଜିତ ତ୍ରିରଙ୍ଗା ଶୋଭାଯାତ୍ରା। (ଫଟୋ: ଯଜ୍ଞେଶ୍ୱର ମହାନ୍ତି)

# କେନ୍ଦ୍ର ସହଯୋଗରେ ହେବ ମେଟ୍ରୋ ରେଳ ପ୍ରକଳ୍ପ: ମନ୍ତ୍ରୀ

ଭୁବନେଶ୍ୱର,୧୪।୮(ସୁନିତ୍ ମିଶ୍ର)

■ ଅନ୍ୟ ରାଜ୍ୟରେ ମେଟ୍ରୋ କ୍ଷତିରେ ଚାଲିଛି: ଉପମୁଖ୍ୟମନ୍ତ୍ରୀ ସିଂଦେଓ

■ ମେଟ୍ରୋ ନେଇ ରାଜ୍ୟବାସୀଙ୍କୁ ଭୁଆଁ ବୁଲାଉଛନ୍ତି ସରକାର: ବିଜେଡି

ଓଡ଼ିଶାରେ ମେଟ୍ରୋ ପ୍ରକଳ୍ପ ପାଇଁ କେନ୍ଦ୍ର ସରକାରଙ୍କୁ ପ୍ରସ୍ତାବ ଦିଆଯିବ। କେନ୍ଦ୍ର ସରକାରଙ୍କ ସହଯୋଗରେ ରାଜ୍ୟରେ ମେଟ୍ରୋ ପ୍ରକଳ୍ପ କରାଯିବ। ନୂଆ ଢାଞ୍ଚାରେ ମେଟ୍ରୋ ପାଇଁ ଟେକ୍ନିକାଲ କମିଟି ଗଠନ ହେବ ବୋଲି ଗୃହ ନିର୍ମାଣ ଓ ନଗର ଉନ୍ନୟନ ମନ୍ତ୍ରୀ କୃଷ୍ଣ ଚନ୍ଦ୍ର ମହାପାତ୍ର ସୂଚନା ଦେଇଛନ୍ତି। ଏହି କମିଟି ବିଭିନ୍ନ ସହରକୁ ଯାଇ ସ୍ଥିତି ଅନୁଧ୍ୟାନ କରିବ। ନୂଆ ଟ୍ରାକ୍ ନେଇ କମିଟି ରିପୋର୍ଟ ଦେବେ। ମେଟ୍ରୋ ପ୍ରକଳ୍ପ ନେଇ ମନ୍ତ୍ରୀସ୍ତରୀୟ ସବ୍ କମିଟିର ଦ୍ୱିତୀୟ ବୈଠକରେ ଏହି ନିଷ୍ପତ୍ତି ଗ୍ରହଣ କରାଯାଇଥିବା ନଗର ଉନ୍ନୟନ ମନ୍ତ୍ରୀ କହିଛନ୍ତି। ବୈଠକରେ କମ୍ପ୍ରେହେନ୍ସିଭ ମୋବିଲିଟି ପ୍ଲାନ୍ ତିଆରି ହୋଇଛି। କେଉଁ ଅଞ୍ଚଳରେ ଲାଇନ ଯିବ, କେଉଁ ଜାଗାରେ ପାର୍କିଂ ଅଞ୍ଚଳ ହେବ ତା'ର ରିପୋର୍ଟ ଟେକ୍ନିକାଲ କମିଟି ଦେବେ। ସାଧାରଣ ଲୋକଙ୍କ ମତାମତ ମଧ୍ୟ ନିଆଯିବ। ପୁରୁଣା ପ୍ରକଳ୍ପ ବନ୍ଦ ହୋଇଛି। ସେସବୁ ରାସ୍ତାରେ ଟ୍ରାଫିକ୍‌ଜାମ୍ ରହୁଛି। ଟେଷ୍ଟିଂ ବେଳେ ଲୋକଙ୍କୁ ହଇରାଣ ହେବାକୁ ପଡିଥିବା ମନ୍ତ୍ରୀ କହିଛନ୍ତି। ମେଟ୍ରୋ କାମ ଚାଲିଥିଲେ ସେସବୁ ରାସ୍ତା ବନ୍ଦ ହୋଇ ଯାଇଥାଆନ୍ତା। ସେଥିପାଇଁ ନୂଆ ଟ୍ରାକ୍ କେଉଁଠି ହେବ ସେନେଇ କମିଟି ରିପୋର୍ଟ ଦେବ ବୋଲି ମନ୍ତ୍ରୀ କହିଛନ୍ତି।

ମେଟ୍ରୋ ପ୍ରକଳ୍ପ ନେଇ ଉପମୁଖ୍ୟମନ୍ତ୍ରୀ କେ.ଭି. ସିଂଦେଓ କହିଛନ୍ତି, ଅନ୍ୟ ରାଜ୍ୟଗୁଡିକରେ ମେଟ୍ରୋ କ୍ଷତିରେ ଚାଲିଛି। ସେଠାକାର ସରକାରଙ୍କୁ କ୍ଷତିଭରଣା କରିବାକୁ ପଡୁଛି। ସେଥିପାଇଁ ଦ୍ୱିତୀୟ ବୈଠକରେ ନିଷ୍ପତ୍ତି ହୋଇଛି। ଏକ କମିଟି ବିଭିନ୍ନ ରାଜ୍ୟକୁ ଯାଇ ☞ପୃଷ୍ଠା-୨

# ସାପକାମୁଡ଼ାରେ ମା'ପୁଅଙ୍କ ମୃତ୍ୟୁ

ଆନନ୍ଦପୁର,୧୪।୮(ସୁଶାନ୍ତ କୁମାର ସାହୁ)

କେନ୍ଦୁଝର ଜିଲା ଘଷିପୁରା ଥାନା ରାଧିକାଦେଇପୁର ଗାଁରେ ଏକ ଅଭାବନୀୟ ଘଟଣା ଘଟିଛି। ବିଷଧର ସାପ କାମୁଡ଼ାରେ ଗ୍ରାମର ୨ ଜଣଙ୍କ ମୃତ୍ୟୁ ହୋଇଛି। ମୃତକ ଦ୍ୱୟ ହେଲେ ସୁନୀଲ ମୁଣ୍ଡାଙ୍କ ସ୍ତ୍ରୀ ଜେମାମଣୀ ଓ ତାଙ୍କ ୧୦ ବର୍ଷର ପୁଅ ଗଣେଶ। ସୂଚନା ଅନୁଯାୟୀ, ବୁଧବାର ରାତିରେ ଖାଇସାରି ସପରିବାରେ ଘରେ ତଳେ ଶପ ବିଛେଇ ଶୋଇଥିଲା ବେଳେ ଏକ ବିଷଧର ସାପ ଜେମାମଣୀ ଓ ଗଣେଶଙ୍କୁ କାମୁଡ଼ି ଦେଇଥିଲା। ରାତି ୧ଟା ସମୟରେ ସୁନୀଲ ଉଭୟଙ୍କୁ ବାଇକ୍‌ରେ ☞ପୃଷ୍ଠା-୨

79ତମ ସ୍ୱାଧୀନତା ଦିବସ ଅବସରରେ ଆତ୍ମନିର୍ଭର ଭାରତ ନିର୍ମାଣର ସଂକଳ୍ପ ନିଅନ୍ତୁ

ଆର୍ଥିକ ସ୍ୱାଧୀନତା ଅକ୍ସଫାମ୍ ଗ୍ଲୋବାଲ ୟୁ.କେ. ଏବଂ ଅନ୍ୟାନ୍ୟ ଉତ୍ସର ସର୍ଭେ ଅନୁଯାୟୀ, 1765ରୁ 1900 ମଧ୍ୟରେ ବିଦେଶୀ କମ୍ପାନୀ ଓ ଆକ୍ରମଣକାରୀମାନେ ଭାରତରୁ 100 ଟ୍ରିଲିୟନ୍ ଡଲାରରୁ ଅଧିକ ଲୁଟ୍ କରିଥିଲେ । ଆଜି ମଧ୍ୟ ପ୍ରତି ବର୍ଷ ବିଦେଶୀ କମ୍ପାନୀଗୁଡ଼ିକ ବ୍ୟବସାୟ ନାଁରେ ଦେଶରୁ ହଜାର-ଲକ୍ଷ କୋଟି ବିଦେଶକୁ ନେଇଯାଉଛନ୍ତି । ସ୍ୱାମିଜୀ ସ୍ୱଦେଶୀ ମାଧ୍ୟମରେ ଏହି ଲୁଟ୍‌କୁ ରୋକିବା ଏବଂ ଭାରତକୁ ଆର୍ଥିକ ମହାଶକ୍ତି ଅଭିମୁଖେ ଅଗ୍ରସର କରିବା ପାଇଁ ସଂକଳ୍ପବଦ୍ଧ ଅଟନ୍ତି । ଅର୍ଥରୁ ପରମାର୍ଥ (Prosperity for Charity): ପତଞ୍ଜଳି ନିଜର 100% ଲାଭକୁ ଭାରତମାତାଙ୍କ ସେବାରେ ଉତ୍ସର୍ଗ କରିଥିଲା, କରୁଅଛି ଏବଂ ଭବିଷ୍ୟତରେ ମଧ୍ୟ କରିବ । ଆଜି ସ୍ୱାଧୀନତା ଦିବସ ଅବସରରେ 100% ସ୍ୱଦେଶୀ ଆପଣାଇବାର ବ୍ରତ ନେଇ ଶହୀଦମାନଙ୍କ ସ୍ୱପ୍ନର ଭାରତ ଗଢ଼ନ୍ତୁ ।

ଶିକ୍ଷାର ସ୍ୱାଧୀନତା 1835ରେ ମ୍ୟାକଲେଙ୍କ ଦ୍ୱାରା ସ୍ଥାପିତ ଗୋଲାମିର ଶିକ୍ଷା ବ୍ୟବସ୍ଥାକୁ ଭାଙ୍ଗନ୍ତୁ । ଭାରତୀୟ ଶିକ୍ଷା ବୋର୍ଡରୁ ନିଜର ବିଦ୍ୟାଳୟକୁ ଯୋଡ଼ନ୍ତୁ (Affiliate କରନ୍ତୁ)। ନିଜର ପିଲାମାନଙ୍କୁ BSB ସହ ଅନୁବନ୍ଧିତ ବିଦ୍ୟାଳୟରେ ହିଁ ପଢ଼ାଇବା ବ୍ରତ ନେଇ ଦିବ୍ୟ ବ୍ୟକ୍ତିତ୍ୱ, ନେତୃତ୍ୱ ଓ ଚରିତ୍ରଯୁକ୍ତ ଯୁବପିଢ଼ି ନିର୍ମାଣ ପାଇଁ ସମସ୍ତେ ଆଗେଇ ଆସନ୍ତୁ, ଶିକ୍ଷାର ଗୋଲାମିରୁ ଭାରତମାତାଙ୍କୁ ସ୍ୱାଧୀନତା ଦିଅନ୍ତୁ ।

ଚିକିତ୍ସାର ସ୍ୱାଧୀନତା ଡ୍ରଗ୍ ମାଫିଆ ଓ ମେଡିକାଲ ମାଫିଆଙ୍କ ଷଡ଼ଯନ୍ତ୍ର ବିଫଳ ହୋଇଛି, ଶେଷରେ ସତ୍ୟର ବିଜୟ ହୋଇଛି । ରୋଗଗୁଡ଼ିକର ପ୍ରବନ୍ଧନ ପାଇଁ ସିନ୍ଥେଟିକ୍ ଔଷଧଗୁଡ଼ିକୁ ବଏକଟ୍ କରନ୍ତୁ । ଯୋଗ, ଆୟୁର୍ବେଦ ଦ୍ୱାରା ରୋଗଗୁଡ଼ିକୁ ମୂଳରୁ ଦୂର କରିବା ପାଇଁ ସାରା ଦେଶରେ ବ୍ୟାପ୍ତ 10 ହଜାରରୁ ଅଧିକ ପତଞ୍ଜଳି କେନ୍ଦ୍ରରେ ଚିକିତ୍ସାର ଲାଭ ନିଅନ୍ତୁ । ପତଞ୍ଜଳିର ଗବେଷଣା ଓ ପ୍ରମାଣ ଆଧାରିତ ଔଷଧ ଆପଣାନ୍ତୁ । ନିଃଶୁଳ୍କ ଚିକିତ୍ସା ପରାମର୍ଶ ପାଇଁ ଯୋଗାଯୋଗ କରନ୍ତୁ: 1800 296 1111
ଶ୍ରେଷ୍ଠତମ ଇଣ୍ଟିଗ୍ରେଟେଡ୍ ଟ୍ରିଟ୍‌ମେଣ୍ଟ ପାଇଁ ପତଞ୍ଜଳି ୱେଲନେସ୍, ଯୋଗଗ୍ରାମ, ନିରାମୟମ୍‌କୁ ଆସନ୍ତୁ । ବୁକିଂ ପାଇଁ ଯୋଗାଯୋଗ କରନ୍ତୁ: 8954666111, 8954666222 (ସକାଳ 6 ରୁ ରାତି 10 ଘଣ୍ଟିକା ପର୍ଯ୍ୟନ୍ତ)

ବୈଚାରିକ ଓ ସାଂସ୍କୃତିକ ସ୍ୱାଧୀନତା ସନାତନ ଧର୍ମର ଶାଶ୍ୱତ ମୂଲ୍ୟବୋଧ, ଆଦର୍ଶ ଓ ସିଦ୍ଧାନ୍ତକୁ ଜନଗଣଙ୍କ ଜୀବନଶୈଳୀରେ ପରିଣତ କରି ସନାତନ ଧର୍ମକୁ ଯୁଗ ଧର୍ମ ଭାବେ ସ୍ଥାପିତ କରିବା ପାଇଁ ପତଞ୍ଜଳି ସଂସ୍ଥା ଓ ସଂଗଠନ ସହ ଯୋଗ ଦିଅନ୍ତୁ ।
ଯୋଗଗୁରୁ ସ୍ୱାମୀ ରାମଦେବଜୀଙ୍କୁ ପ୍ରତିଦିନ ସକାଳ 5:00 ଘଣ୍ଟିକାରୁ 7:30 ଓ ରାତ୍ରି 8:00 ଘଣ୍ଟିକାରେ आस्था LIVE ଚ୍ୟାନେଲ୍ ଓ ପ୍ରତ୍ୟହ ସକାଳ 7:56 ଘଣ୍ଟିକାରେ INDIA TV ଚ୍ୟାନେଲ୍ ଓ ରାତ୍ରି 9:00 ଘଣ୍ଟିକାରେ संस्कार THE CHANNEL OF INDIA ରେ ଦେଖନ୍ତୁ ।

ଡେଣ୍ଟାଲ କେୟାର୍ ଦେଶର ନଂ.1 ଟୁଥ୍‌ପେଷ୍ଟ ଓ ଫ୍ରେଶନେଶ୍‌ର ନୂଆ ଅବତାର ଦନ୍ତକାନ୍ତି ଫ୍ରେଶ୍ ଆକ୍ଟିଭ୍ ଜେଲ୍ ।

ହେୟାର କେୟାର୍ ଜଡ଼ିବୁଟିର ଶକ୍ତିରୁ ପ୍ରାକୃତିକ ପୋଷଣ ଦେଇ ହେୟାର୍ ଫଲ୍ ଓ ରୁପି ଆଦି ସମସ୍ୟାରୁ ମୁକ୍ତି ଦିଏ ।

ପର୍ସନାଲ କେୟାର୍ ଏଲୋଭେରା, ହଳଦୀ, ଗୋଲାପ ଆଦି ଗୁଣରେ ତ୍ୱଚାରେ ପାଆନ୍ତୁ ପ୍ରାକୃତିକ ଚମକ ।

ଫୁଡ୍ ପ୍ରଡକ୍ଟସ୍ ଦେଶର ନଂ.1 କାଓ ମିଲ୍କ ବିସ୍କିଟ୍, ହେଲ୍‌ଦି କୁକିଜ୍ ଓ ନୁଡଲ୍ସ, ମଇଦା ଓ ଟ୍ରାନ୍ସ ଫ୍ୟାଟ୍ ମୁକ୍ତ । ଦେଶର ନଂ.1 ଗାଈ ଘିଅ, ସୋରିଷ ତେଲ ଓ ରାଇସ୍ ବ୍ରାନ୍ ଅଏଲ୍ ଆଦି ହେଲ୍‌ଦି ପ୍ରଡକ୍ଟସ୍।

ହେଲ୍‌ଥ କେୟାର୍ ପତଞ୍ଜଳିର କୌଣସି ଔଷଧ ଉପରେ କିଛି ବି ପ୍ରତିବନ୍ଧକ ନାହିଁ । ଆମର ସମସ୍ତ ଔଷଧ ପତଞ୍ଜଳି କେନ୍ଦ୍ର ଓ ପ୍ରମୁଖ ଷ୍ଟୋର୍ସରେ ଉପଲବ୍ଧ ।

ହୋମ୍ କେୟାର୍ କ୍ଷତିକାରକ କେମିକାଲରୁ ନିର୍ମିତ ଉତ୍ପାଦଗୁଡ଼ିକର ବହିଷ୍କାର କରନ୍ତୁ । ପତଞ୍ଜଳିର ସ୍ୱଦେଶୀ ଓ ସାତ୍ତ୍ୱିକ ଉତ୍ପାଦଗୁଡ଼ିକୁ ଆପଣାଇ ଦେଶସେବାରେ ଯୋଗଦାନ ଦିଅନ୍ତୁ ।

# ଆଜି କ'ଣ କେଉଁଠି

## ଭୁବନେଶ୍ୱର

- ଭୁବନେଶ୍ୱର ବାର୍ ଆସୋସିଏଶନ୍ ପକ୍ଷରୁ ସ୍ୱାଧୀନତା ଦିବସ ପାଳନ, ସ୍ଥାନ: ବାର୍ ଆସୋସିଏଶନ୍, କୋର୍ଟ କ୍ୟାମ୍ପସ୍, ସମୟ: ସକାଳ ୯ଟା।
- ସରସ୍ୱତୀ ଶିଶୁ ବିଦ୍ୟା ମନ୍ଦିର ପକ୍ଷରୁ ସ୍ୱାଧୀନତା ଦିବସ ଓ ଜନ୍ମାଷ୍ଟମୀ ଉତ୍ସବ ପାଳନ, ସ୍ଥାନ: ସରସ୍ୱତୀ ଶିଶୁ ବିଦ୍ୟା ମନ୍ଦିର, ୟୁନିଟ୍ ୩, ସମୟ: ସକାଳ ୭ଟା ୩୦।
- ରସୁଲ୍‌ଗଡ଼ ବାଲିଆପଟା ସରସ୍ୱତୀ ଶିଶୁ ବିଦ୍ୟା ମନ୍ଦିର ପକ୍ଷରୁ ଜନ୍ମାଷ୍ଟମୀ ଉତ୍ସବ ପାଳନ, ସ୍ଥାନ: ସ୍କୁଲ୍ ପରିସର, ସମୟ: ସକାଳ ୯ଟା ୩୦।
- ବକ୍ସି ଜଗବନ୍ଧୁ ଇଂଲିସ ମେଡ଼ିୟମ୍ ସ୍କୁଲ୍ ପକ୍ଷରୁ ସ୍ୱାଧୀନତା ଦିବସ ପାଳନ, ସ୍ଥାନ: ସ୍କୁଲ୍ ପରିସର, ସମୟ: ସକାଳ ୯ଟା।
- ଓଡ଼ିଶା ଭାଷା ସାହିତ୍ୟ ଓ ସଂସ୍କୃତି ବିଭାଗ ପକ୍ଷରୁ ଭାରତୀୟ ଦେଶାତ୍ମବୋଧକ ସଙ୍ଗୀତ ଉତ୍ସବ, ସ୍ଥାନ: ରବୀନ୍ଦ୍ର ମଣ୍ଡପ, ସମୟ: ସନ୍ଧ୍ୟା ୬ଟା ୩୦।
- ସରସ୍ୱତୀ ଶିଶୁ ବିଦ୍ୟା ମନ୍ଦିର ପକ୍ଷରୁ ସ୍ୱାଧୀନତା ଦିବସ ଓ ଜନ୍ମାଷ୍ଟମୀ ଉତ୍ସବ ପାଳନ, ସ୍ଥାନ: ସ୍କୁଲ୍ ପରିସର, ୟୁନିଟ୍ ୮, ସମୟ: ସକାଳ ୮ଟା।
- ବିଏମ୍‌ପିଏସ୍ ତକ୍ସିଲା ସ୍କୁଲ୍‌ର ବାର୍ଷିକ ପ୍ରଦର୍ଶନୀ ଉତ୍ସବ, ସ୍ଥାନ: ସ୍କୁଲ୍ ପରିସର, ସମୟ: ୯ଟା ୩୦।

## କଟକ

- କଟକ ଜିଲା ପ୍ରଶାସନ ପକ୍ଷରୁ ଜିଲାସ୍ତରୀୟ ସ୍ୱାଧୀନତା ଦିବସ ପାଳନ, ସ୍ଥାନ: ବାରବାଟୀ ଷ୍ଟାଡିୟମ୍ ପରିସର, ସମୟ: ସକାଳ ୯ଟା।
- ତ୍ରିମ୍ସ ବିଶ୍ୱବିଦ୍ୟାଳୟରେ ସ୍ୱାଧୀନତା ଦିବସ ପାଳନ, ସ୍ଥାନ: ବିଶ୍ୱବିଦ୍ୟାଳୟ ପରିସର, ଟାଙ୍ଗୀ, ସମୟ: ସକାଳ ୯ଟା।
- ଓଡ଼ିଶା ହାଇକୋର୍ଟ ପକ୍ଷରୁ ସ୍ୱାଧୀନତା ଦିବସ ଅବସରରେ ଜାତୀୟ ପତାକା ଉତ୍ତୋଳନ, ସ୍ଥାନ: ହାଇକୋର୍ଟ ପରିସର, ସମୟ: ସକାଳ ୯ଟା ୫।
- ପଦ୍ମଶ୍ରୀ ପଣ୍ଡିତ ଅନ୍ତର୍ଯ୍ୟାମୀ ମିଶ୍ରଙ୍କ ଜୀବନାନୁଭୂତି ପୁସ୍ତକ ଉନ୍ମୋଚନ ଉତ୍ସବ, ସ୍ଥାନ: ଶତାବ୍ଦୀ ଭବନ, ସମୟ: ପୂର୍ବାହ୍ନ ୧୧ଟା।
- ଅଭୀପ୍ସା ପକ୍ଷରୁ ଜନ୍ମାଷ୍ଟମୀ ଉତ୍ସବ, ସ୍ଥାନ: ଦି ଲିଙ୍କ ଚକ୍ଷୁ ଚିକିତ୍ସାଳୟ ସଭାଗୃହ, ସମୟ: ଅପରାହ୍ନ ୫ଟା।
- ସୁବୋଧକୃଷ୍ଣ ମିଶନ ପକ୍ଷରୁ ଶ୍ରୀମଦ ଭାଗବତ ସପ୍ତାହ ପାରାୟଣ ଓ ପ୍ରବଚନ ସନ୍ଧ୍ୟାର ଚତୁର୍ଥ ଦିବସ, ସ୍ଥାନ: ମୋହନ ମଣ୍ଡପ, ମଙ୍ଗଳାବାଗ, ସମୟ: ସନ୍ଧ୍ୟା ୬ଟା।

## ଖୋର୍ଦ୍ଧା

- ଜଟଣୀ ୟୁଥ ଫେଡେରେଶନ ପକ୍ଷରୁ ୭୯ତମ ସ୍ୱାଧୀନତା ଦିବସ ପତାକା ଉତ୍ତୋଳନ, ସ୍ଥାନ: ଥାନା ଛକ, ଜଟଣୀ, ସମୟ: ସକାଳ ୮ଟା।
- ଜନ୍ମାଷ୍ଟମୀ ଉତ୍ସବ, ସ୍ଥାନ: ଖୋର୍ଦ୍ଧା ସରସ୍ୱତୀ ଶିଶୁ ବିଦ୍ୟାମନ୍ଦିର, ସମୟ: ସକାଳ ୮ଟା ୩୦।
- ଜଟଣୀ ପ୍ରେସ କ୍ଲବ ପକ୍ଷରୁ ସ୍ୱାଧୀନତା ଦିବସ ପାଳନ, ସ୍ଥାନ: ପ୍ରେସ କ୍ଲବ ପରିସର, ଜଟଣୀ, ସମୟ ସକାଳ: ୮ଟା ୩୦।
- ଖୋର୍ଦ୍ଧାରୋଡ୍ ରେଳମଣ୍ଡଳ ପକ୍ଷରୁ ୭୯ତମ ମଣ୍ଡଳସ୍ତରୀୟ ସ୍ୱାଧୀନତା ଦିବସ ସମାରୋହ, ସ୍ଥାନ: ରେଡଙ୍ଗ କଲୋନୀ ସାଇମନ୍ଦିର ପଡ଼ିଆ, ସମୟ: ସକାଳ ୯ଟା।
- ଜିଲାସ୍ତରୀୟ ସ୍ୱାଧୀନତା ଦିବସ ସମାରୋହ, ସ୍ଥାନ: ବିଜେବି ହାଇସ୍କୁଲ ପଡିଆ, ସମୟ: ସକାଳ ୯ଟା ୧୫।
- ଶ୍ରୀ ଗୁରୁକୃପା କୁଟୀର ପକ୍ଷରୁ ଶ୍ରୀଶ୍ରୀ ଅଭିରାମ ପରମହଂସ ଦେବ ଓ ଶ୍ରୀକୃଷ୍ଣ ଜନ୍ମବାର୍ଷିକ ଉତ୍ସବ, ସ୍ଥାନ: ଗୁରୁକୃପା କୁଟୀର, ଶ୍ରୀହରି ବିହାର, ଜଟଣୀ, ସମୟ: ପୂର୍ବାହ୍ନ ୧୦ଟାରୁ।
- ଶ୍ରୀ ସିଦ୍ଧ ମହାବୀର ବାଲାଜୀ ସେବା ଟ୍ରଷ୍ଟ ପକ୍ଷରୁ ଶ୍ରୀକୃଷ୍ଣ ଜନ୍ମାଷ୍ଟମୀ ଉତ୍ସବ ଏବଂ ୧୪ତମ ହନୁମାନ ଚାଳିଶା ପାଠ ଓ ଭଜନ ସମାରୋହ, ସ୍ଥାନ: ଆନ୍ଧ୍ରା ବ୍ୟାଙ୍କ ନିକଟ ଶ୍ରୀ ସିଦ୍ଧ ମହାବୀର ମନ୍ଦିର ପରିସର, ଜଟଣୀ, ସମୟ: ଅପରାହ୍ନ ୫ଟା।
- ପିପୁଲ ଫର ସୋଶାଇଟି ପକ୍ଷରୁ ସ୍ୱାଧୀନତା ଦିବସ ପାଳନ ଓ ରାଷ୍ଟ୍ର ନିର୍ମାଣରେ ଯୁବଶକ୍ତିଙ୍କ ଭୂମିକା ଆଲୋଚନାଚକ୍ର, ଟାଉନ ହଲ (ସ୍ରଷ୍ଟା), ଜଟଣୀ, ସମୟ: ଅପରାହ୍ନ ୫ଟା ୩୦।

## ବାଲେଶ୍ୱର

- ବ୍ଲକସ୍ତରୀୟ ସ୍ୱାଧୀନତା ଦିବସ, ସ୍ଥାନ: ଥାନା ଛକ ହେଲିପ୍ୟାଡ ପଡ଼ିଆ, ଭୋଗରାଇ, ସମୟ: ସକାଳ ୭ଟା।
- ଜିଲାସ୍ତରୀୟ ସ୍ୱାଧୀନତା ଦିବସ ସମାରୋହ, ସ୍ଥାନ: ପୋଲିସ ରିଜର୍ଭ ପଡ଼ିଆ, ବାଲେଶ୍ୱର, ସମୟ: ସକାଳ ୯ଟା ୧୫।
- ସ୍ୱେଚ୍ଛାକୃତ ରକ୍ତଦାନ ଶିବିର, ସ୍ଥାନ: ଜିଲା ମୁଖ୍ୟ ଚିକିତ୍ସାଳୟ, ବାଲେଶ୍ୱର, ସମୟ: ପୂର୍ବାହ୍ନ ୧୦ଟା।
- ସ୍ୱାଧୀନତା ଦିବସ ସମାରୋହ, ସ୍ଥାନ: ରେଞ୍ଜ ସ୍କୁଲ, ଚାନ୍ଦିପୁର, ବାଲେଶ୍ୱର, ସମୟ: ପୂର୍ବାହ୍ନ ୧୦ଟା।
- ଖଇରା ତହସିଲରେ ପଟ୍ଟା ବଣ୍ଟନ, ସ୍ଥାନ: ତହସିଲ କାର୍ଯ୍ୟାଳୟ ପରିସର, ସମୟ: ପୂର୍ବାହ୍ନ ୧୦ଟା।
- ବନ୍ଧୁତ୍ୱପୂର୍ଣ୍ଣ କ୍ରିକେଟ ମ୍ୟାଚ୍, ସ୍ଥାନ: ପରମିଟ୍ ପଡ଼ିଆ, ବାଲେଶ୍ୱର, ସମୟ: ଅପରାହ୍ନ ୨ଟା।

## ଭଦ୍ରକ

- ରାମଧୂନ ପରିକ୍ରମା, ସ୍ଥାନ: ଭଦ୍ରକ ପୌରପାଳିକା, ସମୟ: ଭୋର ୪ଟା ୩୦।
- ପତାକା ଉତ୍ତୋଳନ କାର୍ଯ୍ୟକ୍ରମ, ସ୍ଥାନ: ବ୍ଲକ କାର୍ଯ୍ୟାଳୟ ପରିସର, ଚାନ୍ଦବାଲି, ସମୟ: ସକାଳ ୮ଟା।
- ସ୍ୱାଧୀନତା ଦିବସ ପାଳନ, ସ୍ଥାନ: ଅଟଳ ବିହାରୀ ଉଚ୍ଚ ବିଦ୍ୟାଳୟ, ବାସୁଦେବପୁର ପ୍ରେସ୍ କ୍ଲବ୍, ଅବସରପ୍ରାପ୍ତ ସୈନିକ ସଂଘ, ବାସୁଦେବପୁର, ସମୟ: ସକାଳ ୮ଟା।
- ଜନ୍ମାଷ୍ଟମୀ ପାଳନ, ସ୍ଥାନ: ସରସ୍ୱତୀ ଶିଶୁ ମନ୍ଦିର, ଶିଶୁବିହାର, ବାସୁଦେବପୁର, ସମୟ: ସକାଳ ୮ଟା।
- ପତାକା ଉତ୍ତୋଳନ କାର୍ଯ୍ୟକ୍ରମ, ସ୍ଥାନ: ତହସିଲ କାର୍ଯ୍ୟାଳୟ ପରିସର, ଚାନ୍ଦବାଲି, ସମୟ: ସକାଳ ୮ଟା ୩୦।
- ପତାକା ଉତ୍ତୋଳନ କାର୍ଯ୍ୟକ୍ରମ, ସ୍ଥାନ: ଏନ୍‌ଏସି କାର୍ଯ୍ୟାଳୟ, ଚାନ୍ଦବାଲି, ସମୟ: ସକାଳ ୯ଟା।
- ସ୍ୱାଧୀନତା ଦିବସରେ ଜାତୀୟ ପତାକା ଉତ୍ତୋଳନ, ସ୍ଥାନ: ଭଦ୍ରକ କଲେଜ ପଡ଼ିଆ, ଭଦ୍ରକ, ସମୟ: ସକାଳ ୯ଟା ୧୫।
- ପତାକା ଉତ୍ତୋଳନ କାର୍ଯ୍ୟକ୍ରମ, ସ୍ଥାନ: ଭାଜପା କାର୍ଯ୍ୟାଳୟ, ଚାନ୍ଦବାଲି, ସମୟ: ସକାଳ ୯ଟା ୩୦।
- ଚିତ୍ରକଳା ପ୍ରଦର୍ଶନୀ ଉଦ୍‌ଘାଟନ, ସ୍ଥାନ: ଜିଲା ସଂସ୍କୃତି ଭବନ, ଭଦ୍ରକ, ସମୟ: ପୂର୍ବାହ୍ନ ୧୦ଟା ୫୦।
- ସାଂସ୍କୃତିକ କାର୍ଯ୍ୟକ୍ରମ, ସ୍ଥାନ: ଶହୀଦ ସ୍ମୃତି ଭବନ, ଭଦ୍ରକ, ସମୟ: ଅପରାହ୍ନ ୫ଟା।
- ମା' ତୁମେ ସଲାମ କାର୍ଯ୍ୟକ୍ରମ, ସ୍ଥାନ: ଟାଉନହଲ୍, ତିହିଡ଼ି, ସମୟ: ଅପରାହ୍ନ ୫ଟା।

## କେନ୍ଦୁଝର

- ୭୯ତମ ସ୍ୱାଧୀନତା ଦିବସ ପାଳନ, ଜାତୀୟ ସଙ୍ଗୀତ ଗାନ, ସ୍ଥାନ: ପଞ୍ଚାୟତ ସମିତି, ହାଟଡ଼ିହୀ, ଛେନାପଦି, ସମୟ: ସକାଳ ୮ଟା।
- ଜନ୍ମାଷ୍ଟମୀ ଉତ୍ସବ ଓ ପ୍ରସାଦ ସେବନ, ସ୍ଥାନ: ଯୋଡ଼ା ରାଧାକୃଷ୍ଣ ମନ୍ଦିର, ସମୟ: ଅପରାହ୍ନ ୧ଟା।
- ୭୯ ତମ ସ୍ୱାଧୀନତା ଦିବସ ପାଳନ, ସ୍ଥାନ: ଆଇନଜୀବୀ ସଂଘ, ବଡ଼ବିଲ, ସମୟ: ସକାଳ ୭ ଟା ୧୫। ସ୍ଥାନ: ଐକ୍ୟ କ୍ଷେତ୍ର, ବଡ଼ବିଲ, ସମୟ : ସକାଳ ୭ ଟା ୩୦। ସ୍ଥାନ: ନୀଳାଦ୍ରି, ବଡ଼ବିଲ, ସମୟ : ସକାଳ ୭ ଟା ୪୫। ସ୍ଥାନ: ବଡ଼ବିଲ ପ୍ରେସ କ୍ଲବ୍, ସମୟ : ସକାଳ ୮ଟା। ସ୍ଥାନ: ଜେଏମ୍‌ଏଫ୍‌ସି କୋର୍ଟ ପରିସର, ସମୟ: ସକାଳ ୮ଟା ୩୦। ସ୍ଥାନ: ଉତ୍ସବ ପଡ଼ିଆ, ବଡ଼ବିଲ। ସମୟ: ପୂର୍ବାହ୍ନ ୯ ଟା।
- ଜନ୍ମାଷ୍ଟମୀ ଉତ୍ସବ ପାଳନ, ସ୍ଥାନ: ସରସ୍ୱତୀ ଶିଶୁ ବିଦ୍ୟାମନ୍ଦିର, ବଡ଼ବିଲ, ସମୟ: ସକାଳ ୮ଟା।

## ମୟୂରଭଞ୍ଜ

- ବ୍ଲକସ୍ତରୀୟ ୭୯ତମ ସ୍ୱାଧୀନତା ଦିବସ ପାଳନ, ସ୍ଥାନ: ଖୁଣ୍ଟା ମିନି ଷ୍ଟାଡିୟମ, ସମୟ: ସକାଳ ୮ଟା।
- ୭୯ତମ ଜିଲାସ୍ତରୀୟ ସ୍ୱାଧୀନତା ଦିବସ ପାଳନ,ସ୍ଥାନ: ପରେଡ ପଡ଼ିଆ ଭଞ୍ଜପୁର, ବାରିପଦା,ସମୟ: ସକାଳ ୯ଟା।
- ପ୍ରତିଶ୍ରୁତି ପ୍ରତିଷ୍ଠାନ ଆନୁକୂଲ୍ୟରେ କବି ସମ୍ମିଳନୀ, ସ୍ଥାନ: ଜିଲାପାଳଙ୍କ କାର୍ଯ୍ୟାଳୟସ୍ଥିତ ସଦ୍‌ଭାବନା ଗୃହ, ବାରିପଦା, ସମୟ: ଅପରାହ୍ନ ୨ଟା।
- ବନ୍ଧୁତ୍ୱପୂର୍ଣ୍ଣ ଭଲିବଲ ମ୍ୟାଚ, ସ୍ଥାନ:ରିଜର୍ଭ ପୋଲିସ ପଡ଼ିଆ, ବାରିପଦା,ସମୟ: ଅପରାହ୍ନ ୩ଟା।
- ଜିଲାପାଳ ଏକାଦଶ ଓ ମୟୂରଭଞ୍ଜ ଆଥଲେଟିକ ଆସୋସିଏସନ ମଧ୍ୟରେ ବନ୍ଧୁତ୍ୱପୂର୍ଣ୍ଣ ଭଲିବଲ ମ୍ୟାଚ, ସ୍ଥାନ: ଷ୍ଟାଡିୟମ ପଡ଼ିଆ, ବାରିପଦା,ସମୟ: ଅପରାହ୍ନ ୩ଟା।
- ପୁରସ୍କାର ବିତରଣ ଉତ୍ସବ, ସ୍ଥାନ: ଶହୀଦ ସ୍ମୃତି ଭବନ, ବାରିପଦା,ସମୟ: ସନ୍ଧ୍ୟା ୭ଟା।
- ଇସ୍କନ ବାରିପଦା ଆନୁକୂଲ୍ୟରେ ଜନ୍ମାଷ୍ଟମୀ ଅଧିବାସ, ସ୍ଥାନ:ହେମଚନ୍ଦ୍ରପୁର ରାଣୀବନ୍ଧ, ବାରିପଦା, ସମୟ: ସନ୍ଧ୍ୟା ୭ଟା।

## ବ୍ରହ୍ମପୁର

- ଉପଖଣ୍ଡ ସ୍ତରୀୟ ସ୍ୱାଧୀନତା ଦିବସ ପାଳନ, ସ୍ଥାନ: ଖଲ୍ଲିକୋଟ ବିଶ୍ୱବିଦ୍ୟାଳୟ ଷ୍ଟାଡିୟମ, ସମୟ–ସକାଳ ୭ଟା ୩୦।
- ବିଜେଡି ପକ୍ଷରୁ ସ୍ୱାଧୀନତା ଦିବସ ପାଳନ, ସ୍ଥାନ: ଗଜପତି ନଗର ୧ମ ଲେନ,ସମୟ: ସକାଳ ୮ଟା ୩୦।
- ଆୟୁର୍ବେଦିକ କଲେଜର ପ୍ରତିଷ୍ଠା ଦିବସ,ସ୍ଥାନ: ମହାବିଦ୍ୟାଳୟ ପ୍ରେକ୍ଷାଳୟ, ସମୟ: ସକାଳ ୯ଟା।
- ଜନ୍ମାଷ୍ଟମୀ ପାଳନ, ସ୍ଥାନ: ଗୋସାଣୀ ନୂଆ ଗାଁ ଶିଶୁ ମନ୍ଦିର, ସମୟ: ମଧ୍ୟାହ୍ନ ୧୨ଟା ।
- ଜନ୍ମାଷ୍ଟମୀ ପାଳନ, ସ୍ଥାନ: ଗଜପତି ନଗର ଶିଶୁ ମନ୍ଦିର, ସମୟ: ମଧ୍ୟାହ୍ନ ୧୨ଟା।
- ବାସ୍କେଟ ବଲ ଟୁର୍ଣ୍ଣାମେଣ୍ଟ, ସ୍ଥାନ: ଏସପି ଅଫିସ ବାସ୍କେଟ ବଲ୍ କୋର୍ଟ, ସମୟ: ସନ୍ଧ୍ୟା ୫ଟା।

## ଗଞ୍ଜାମ

- ଶ୍ରୀଅରବିନ୍ଦଙ୍କ ଜନ୍ମ ଉତ୍ସବ ପାଳନ, ସ୍ଥାନ: ଶ୍ରୀଅରବିନ୍ଦ ପୂର୍ଣ୍ଣାଙ୍ଗ ଶିକ୍ଷାକେନ୍ଦ୍ର ବୁଗୁଡ଼ା, ସମୟ: ସକାଳ ୯ଟା।

## ଢେଙ୍କାନାଳ

- ୭୯ତମ ସ୍ୱାଧୀନତା ଦିବସ ପାଳନ, ସ୍ଥାନ: ମୁଖ୍ୟ ଷ୍ଟାଡିୟମ ଢେଙ୍କାନାଳ, ସମୟ: ସକାଳ ୯ଟା ୧୫।
- ବନ୍ଧୁତ୍ୱପୂର୍ଣ୍ଣ କ୍ରିକେଟ ମ୍ୟାଚ, ସ୍ଥାନ: ମୁଖ୍ୟ ଷ୍ଟାଡିୟମ, ସମୟ: ଅପରାହ୍ନ ସାଢେ ୨ଟା।
- ଜାତୀୟ ଦିବସ ପାଳନ ଉପଲକ୍ଷେ ସାଂସ୍କୃତିକ କାର୍ଯ୍ୟକ୍ରମ, ସ୍ଥାନ: ଗୋପବନ୍ଧୁ ଟାଉନହଲ, ଢେଙ୍କାନାଳ, ସମୟ: ସନ୍ଧ୍ୟା ସାଢେ ୬ଟା।
- ଇସ୍କନ ପକ୍ଷରୁ ଜନ୍ମାଷ୍ଟମୀ ଉତ୍ସବ, ସ୍ଥାନ: ଶ୍ରୀରାମ ମଣ୍ଡପ, ଢେଙ୍କାନାଳ, ସମୟ: ସନ୍ଧ୍ୟା ସାଢେ ୫ଟା।

## ଅନୁଗୋଳ

- ପ୍ରଶାସନ ତରଫରୁ ରକ୍ତଦାନ ଶିବିର, ସ୍ଥାନ: ଆଠମଲ୍ଲିକ ଇନ୍‌ଡୋର ଷ୍ଟାଡିୟମ, ସମୟ : ସକାଳ ୯ଟା ୩୦।
- ଉପଖଣ୍ଡସ୍ତରୀୟ ସ୍ୱାଧୀନତା ଦିବସ ପାଳନ, ସ୍ଥାନ : ଆଠମଲ୍ଲିକ ମିନି ଷ୍ଟାଡିୟମ ଖେଳପଡ଼ିଆ, ସମୟ : ସକାଳ ୯ଟା ୧୫।

## ଜଗତ୍‌ସିଂହପୁର

- ପାରାଦୀପ ବନ୍ଦର ପ୍ରଶାସନ ପକ୍ଷରୁ ସ୍ୱାଧୀନତା ଦିବସ ଉପଲକ୍ଷେ ସମବେତ ପରେଡ କାର୍ଯ୍ୟକ୍ରମ, ସ୍ଥାନ: ଗୋପବନ୍ଧୁ ଷ୍ଟାଡିୟମ, ନୂଆବଜାର, ପାରାଦୀପ, ସମୟ: ସକାଳ ୮ଟା।
- ଜଗନ୍ନାଥ ଲଳିତ କଳା ସଂସଦ ପକ୍ଷରୁ ଛାତ୍ରୀଛାତ୍ରଙ୍କୁ ନେଇ ଦେଶାତ୍ମବୋଧକ ସାଂସ୍କୃତିକ କାର୍ଯ୍ୟକ୍ରମ, ସ୍ଥାନ: ଜୟଦେବ ଭବନ, ବଡ଼ପଡ଼ିଆ, ପାରାଦୀପ, ସମୟ: ସନ୍ଧ୍ୟା ୬ଟା।

## କେନ୍ଦ୍ରାପଡ଼ା

- ଇସ୍କନର ପ୍ରତିଷ୍ଠାନା ଆଚାର୍ଯ୍ୟ ଶ୍ରୀମଦ୍ ଏସି ଭକ୍ତି ବେଦାନ୍ତ ସ୍ୱାମୀ ପ୍ରଭୁପାଦ ମହାରଜାଙ୍କ ଜୟନ୍ତୀ ଉତ୍ସବ, ସ୍ଥାନ: ଇସ୍କନ ମନ୍ଦିର, ବ୍ରାହ୍ମଣସାହି, ଗଜରାଜପୁର, ରାଜନଗର, ସମୟ: ପ୍ରାତଃ ୪ଟା।
- ଶ୍ରୀକୃଷ୍ଣ ଜନ୍ମାଷ୍ଟମୀ ମହୋତ୍ସବ, ସ୍ଥାନ: ଗୋପାଳଜୀଉ ମନ୍ଦିର, ଗରାପୁର, କେନ୍ଦ୍ରାପଡ଼ା ସହର, ସମୟ: ସକାଳ ୬ଟା।
- ଜିଲାସ୍ତରୀୟ ସ୍ୱାଧୀନତା ଦିବସ ପାଳନ, ସ୍ଥାନ: କେନ୍ଦ୍ରାପଡ଼ା ସ୍ୱୟଂଶାସିତ ମହାବିଦ୍ୟାଳୟ ଖେଳପଡ଼ିଆ, ସମୟ: ସକାଳ ସାଢ଼େ ୭ଟା।
- ମା' ପାଇଁ ଗଛଟିଏ କାର୍ଯ୍ୟକ୍ରମ, ସ୍ଥାନ: କଳାବୁଦା, ଗରଦପୁର, ସମୟ: ପୂର୍ବାହ୍ନ ୧୦ଟା।

## ଯାଜପୁର

- ଧର୍ମଶାଳା ପଞ୍ଚାୟତ ସମିତି ଓ ଅଂଶୁମାନ ମେମୋରିଆଲ୍ ଟ୍ରଷ୍ଟ ପକ୍ଷରୁ ସ୍ୱାଧୀନତା ଦିବସ ପାଳନ, ସ୍ଥାନ : ଜାରକାସ୍ଥିତ ଧର୍ମଶାଳା ମହୋତ୍ସବ ପଡ଼ିଆ, ସମୟ: ସକାଳ ୯ଟା।
- ଜାରକା ରୋଟାରି ଓ ଇନରହୁଇଲ୍ କ୍ଲବ୍ ପକ୍ଷରୁ ସ୍ୱେଚ୍ଛାକୃତ ରକ୍ତଦାନ ଶିବିର, ସ୍ଥାନ: ଜାରକା ଫ୍ଲାଏ ଓଭରବ୍ରିଜ୍ ତଳ, ସମୟ: ସକାଳ ୮ଟା।
- ବ୍ୟାସନଗର ସ୍ୱୟଂ ଶାସିତ କଲେଜରେ ସ୍ୱାଧୀନତା ଦିବସ ପାଳନ,ସ୍ଥାନ : କଲେଜ ପରିସର,ସମୟ : ପୂର୍ବାହ୍ନ ୧୦ଟା।
- ଇନ୍ଦିରା ଗାନ୍ଧୀ ମହିଳା କଲେଜରେ ସ୍ୱାଧୀନତା ଦିବସ ପାଳନ,ସ୍ଥାନ : କଲେଜ ପରିସର,ସମୟ : ପୂର୍ବାହ୍ନ ୯ଟା।

## ନୟାଗଡ଼

- ଶ୍ରୀମଦ୍ ଭାଗବତ୍ ସପ୍ତାଙ୍ଗ ମହାଯଜ୍ଞ ପାରାୟଣର ୫ମ ଦିବସରେ ପାରାୟଣ, ସମୟ:ସକାଳ ୭ଟା, ପ୍ରବଚନ ସମୟ:ସନ୍ଧ୍ୟା ସାଢ଼େ ୭ଟା, ସ୍ଥାନ:ଦଶପଲ୍ଲା ବ୍ଲକ ସାତପାଟଣାର ପଣସପାଟଣା ।
- ଜନ୍ମାଷ୍ଟମୀ ପର୍ବ, ସ୍ଥାନ:ଗୋକୁଳାନନ୍ଦ ପୀଠ ସିଦ୍ଧାମୂଳା, ସମୟ:ସନ୍ଧ୍ୟା ୭ଟା ।
- ଭରତ ମହାନ୍ତି ସ୍ମୃତି ପରିଷଦ ପୁରସ୍କାର ବିତରଣୀ ଉତ୍ସବ, ସ୍ଥାନ: ନୀଳମାଧବ ବିଦ୍ୟାପୀଠ କଣ୍ଟିଲୋ, ସମୟ ପୂର୍ବାହ୍ନ୧୦ଟା।
- ଶିକ୍ଷାବିତ ଭିକାରୀ ସେଠୀ ସ୍ମାରକୀ ସ୍ମୃତି ପରିଷଦ ପକ୍ଷରୁ ପୁରସ୍କାର ବିତରଣ ଉତ୍ସବ, ସ୍ଥାନ: ଖଣ୍ଡପଡା ବ୍ଲକ କୁମ୍ଭାରପଡା ରାମଚନ୍ଦ୍ର ଉଚ୍ଚ ପ୍ରାଥମିକ ମଧ୍ୟ ଇଂରାଜୀ ବିଦ୍ୟାଳୟ, ସମୟ:ପୂର୍ବାହ୍ନ ୯ଟା।
- ବ୍ଲକସ୍ତରୀୟ ସମୂହ ପାରେଡ, ସ୍ଥାନ:ଖଣ୍ଡପଡା ମଧୁବନ ମିନି ଷ୍ଟାଡିୟମ, ସମୟ:ସକାଳ ୮ଟା।
- ଜିଲାସ୍ତରୀୟ ସ୍ୱାଧୀନତା ଦିବସ ସମାରୋହରେ ଜାତୀୟ ପତାକା ଉତ୍ତୋଳନ, ସ୍ଥାନ: ନୟାଗଡ଼ ପିଟିଏସ୍, ସମୟ:ପୂର୍ବାହ୍ନ ୯ଟା।
- ଜିଲାସ୍ତରୀୟ ସ୍ୱାଧୀନତା ଦିବସରେ ସ୍ୱେଚ୍ଛାକୃତ ରକ୍ତଦାନ ଶିବିର, ସ୍ଥାନ: ଜିଲା ମୁଖ୍ୟ ଚିକିତ୍ସାଳୟ, ସମୟ:ପୂର୍ବାହ୍ନ ୧୧ଟା।
- ସ୍ୱାଧୀନତା ଦିବସରେ ପତାକା ଉତ୍ତୋଳନ, ସ୍ଥାନ: ନୟାଗଡ ଜିଲାର ସରକାରୀ ଓ ବେସରକାରୀ ଅନୁଷ୍ଠାନ, ସମୟ:ସକାଳ ସାଢ଼େ ୭ଟା ।
- ଜନ୍ମାଷ୍ଟମୀ ଅବସରରେ ନବାହ୍ନ ପ୍ରସାଦ ବଣ୍ଟନର ୨ୟ ବାର୍ଷିକ କାର୍ଯ୍ୟକ୍ରମ, ସ୍ଥାନ:ନୟାଗଡ ପୁରୁଣା ସହର ଗୋପିନାଥ ମନ୍ଦିର, ସମୟ:ସକାଳ ସାଢ଼େ ୭ଟା।

## ସମ୍ବଲପୁର

- ନିଃଶୁଳ୍କ ଯୋଗ ଶିବିର, ସ୍ଥାନ : ହୀରାକୁଦ କଲୋନୀସ୍ଥିତ ଯୋଗ କେନ୍ଦ୍ର, ସମୟ : ସକାଳ ୬ଟା।
- ଯୋଗ ପରିବାର ଆୟୋଜନରେ ଯୋଗ ଶିବର, ସ୍ଥାନ: ହାୱା ମଇଦାନ ସ୍ଥିତ ଗାନ୍ଧୀ ପାର୍କ, ସମୟ ସକାଳ ୬ଟା।
- ଜିଲାସ୍ତରୀୟ ୭୯ତମ ସ୍ୱାଧୀନତା ଦିବସ ସମାରୋହ, ସ୍ଥାନ: ରଜର୍ଭ ପୋଲିସ ଲାଇନ ପଡିଆ, ସମୟ : ସକାଳ ୯ଟା୧୫।
- ଉତ୍ସର୍ଗ ଆୟୋଜନରେ ରକ୍ତଦାନ ଶିବିର, ସ୍ଥାନ : ଓଡ଼ିଶା ସାଂସ୍କୃତିକ ସମାଜ ଭବନ, ସମୟ : ସକାଳ ୯ଟା ୩୦।
- ଶୃଙ୍ଖଳା ଖାଦ୍ୟ ବଣ୍ଟନ କାର୍ଯ୍ୟକ୍ରମ, ସ୍ଥାନ: ସମ୍ବଲପୁର ମଣ୍ଡଳ କାରାଗାର, ନାରୀ ବନ୍ଦୀ ନିକେତନ, ଜିଲା ମୁଖ୍ୟ ଚିକିତ୍ସାଳୟ, ଓ ଦୁର୍ଗାପାଲିସ୍ଥିତ ଦୟାମଣୀ ଜରା ନିବାସ, ସମୟ: ପୂର୍ବାହ୍ନ ୧୦ଟା ୩୦।
- କଲମ ପରିବାର ଆୟୋଜନରେ କବିତା ପାଠୋତ୍ସବ, ସ୍ଥାନ: ସାମ୍ବାଦିକ ଭବନ, ସମୟ: ସନ୍ଧ୍ୟା ୬ଟା।

## ବଲାଙ୍ଗୀର

- ଜେକେଜେଏସ୍ ପକ୍ଷରୁ ବ୍ଲକସ୍ତରୀୟ ସ୍ୱାଧୀନତା ଦିବସ ପାଳନ, ସ୍ଥାନ: ଷ୍ଟାଡିୟମ, ଲୋଇସିଂହା, ସମୟ: ସକାଳ ୮ଟା।
- ସ୍ୱାଧୀନତା ଦିବସ ପ୍ରତିଯୋଗିତାରେ ପୁରସ୍କାର ବିତରଣୀ ଉତ୍ସବ, ସ୍ଥାନ:ପଞ୍ଚାୟତ ହାଇସ୍କୁଲ, ବୁର୍ଡା, ସମୟ: ପୂର୍ବାହ୍ନ ୧୦ଟା।
- ପଲ୍ଲୀଆଲୋକ ପାଠାଗାର ଆନୁକୂଲ୍ୟାରେ ସ୍ୱାଧୀନତା ଦିବସ ପାଳନ, ସ୍ଥାନ: ପଲ୍ଲୀଆଲୋକ ପାଠାଗାର, ନଅଗାଁ(ଖ) ଆଗଲପୁର ବ୍ଲକ, ସମୟ: ସକାଳ ୮ଟା।
- ସ୍ୱାଧୀନତା ଦିବସ ଉପଲକ୍ଷେ ବିଦ୍ୟାଳୟ ଛାତ୍ରୀଛାତ୍ରଙ୍କ ଦ୍ୱାରା ପ୍ରଭାତ ଫେରୀ,ସ୍ଥାନ: ବଲାଙ୍ଗୀର ସହର ମୁଖ୍ୟ ରାସ୍ତା, ବଲାଙ୍ଗୀର, ସମୟ: ସକାଳ ୬ଟା।
- ପୃଥ୍ୱୀରାଜ ହାଇସ୍କୁଲରେ ଜାତୀୟ ପତାକା ଉତ୍ତୋଳନ,ସ୍ଥାନ: ପୃଥ୍ୱୀରାଜ ହାଇସ୍କୁଲ ପ୍ରାଙ୍ଗଣ, ବଲାଙ୍ଗୀର, ସମୟ: ସକାଳ ୭ଟା।
- ଜିଲା ସାମ୍ବାଦିକ ସଂଘ ପକ୍ଷରୁ ଜାତୀୟ ପତାକା ଉତ୍ତୋଳନ,ସ୍ଥାନ: ସାମ୍ବାଦିକ ଭବନ, ବଲାଙ୍ଗୀର, ସମୟ: ସକାଳ ୭ଟା।
- କେନ୍ଦ୍ରୀୟ ବିଦ୍ୟାଳୟରେ ସ୍ୱାଧୀନତା ଦିବସ ପାଳନ, ସ୍ଥାନ: ପିଏମଶ୍ରୀ କେନ୍ଦ୍ରୀୟ ବିଦ୍ୟାଳୟ ନମ୍ବର ୨, ବଲାଙ୍ଗୀର, ସମୟ: ସକାଳ ୭ଟା।
- ଜିଲାସ୍ତରୀୟ ସ୍ୱାଧୀନତା ଦିବସ ପାଳନ, ସ୍ଥାନ: ମନୋହରପୁର ପୋଲିସ ପଡିଆ, ବଲାଙ୍ଗୀର, ସମୟ: ପୂର୍ବାହ୍ନ ୯ଟା ।
- ଜିଲାପାଳ ଏକାଦଶ ଏବଂ ସାମ୍ବାଦିକ ଏକାଦଶ ମଧ୍ୟରେ ପ୍ରଦର୍ଶନୀ ଫୁଟବଲ ମ୍ୟାଚ୍ ସ୍ଥାନ: ମିଶନ ପଡିଆ, ବଲାଙ୍ଗୀର, ସମୟ: ଅପରାହ୍ନ ୪ଟା।

## ରାଉରକେଲା

- ଆର୍‌ଏସ୍‌ପି ପକ୍ଷରୁ ୭୯ତମ ସ୍ୱାଧୀନତା ଦିବସ ପାଳନ, ସ୍ଥାନ: ସେକ୍ଟର–୬ ଇସ୍ପାତ ଷ୍ଟାଡିୟମ, ସମୟ: ସକାଳ ୮ଟା।
- ଜର୍ନାଲିଷ୍ଟ ଆସୋସିଏଶନର ସ୍ୱାଧୀନତା ଦିବସ ପାଳନ, ସ୍ଥାନ: ସେକ୍ଟର–୨୧, ସମୟ: ସକାଳ ୮ଟା।
- ରାଉରକେଲା ମହାନଗର ନିଗମ ପକ୍ଷରୁ ସ୍ୱାଧୀନତା ଦିବସ ପାଳନ ଓ ବିଭିନ୍ନ ପ୍ରତିଯୋଗିତା କାର୍ଯ୍ୟକ୍ରମ, ସ୍ଥାନ: ଉଦିତନଗର ପରେଡ ପଡିଆ, ସମୟ: ପୂର୍ବାହ୍ନ ୯ଟା ୧୫।
- ଇସ୍କନ ପକ୍ଷରୁ ଜନ୍ମାଷ୍ଟମୀ ମହୋତ୍ସବ ଶୁଭାରମ୍ଭ, ସ୍ଥାନ: ହନୁମାନ ବାଟିକା, ସମୟ: ମଧ୍ୟାହ୍ନ ୧୨ଟା।

## ସୁନ୍ଦରଗଡ଼

- ବ୍ଲକସ୍ତରୀୟ ସ୍ୱାଧୀନତା ଦିବସ ପାଳନ, ସ୍ଥାନ: କୁଆଁରମୁଣ୍ଡା ବ୍ଲକ ପରିସର, ସମୟ: ସକାଳ ୮ଟା।
- ଜିଲାସ୍ତରୀୟ ସ୍ୱାଧୀନତା ଦିବସ ସମାରୋହ, ସ୍ଥାନ: ସୁନ୍ଦରଗଡ ସରକାରୀ କଲେଜ ନିକଟ ଯତରା ପଡିଆ, ସମୟ: ସକାଳ ୯ଟା।
- ଜିଲା ପ୍ରଶାସନ, ଜିଲା ପ୍ରେସ୍ କ୍ଲବ ଏବଂ ଜିଲା ପ୍ରେସ୍ କ୍ଲବ ମଧ୍ୟରେ ବନ୍ଧୁତ୍ୱ ପୂର୍ଣ୍ଣ ଫୁଟବଲ ମ୍ୟାଚ, ସ୍ଥାନ: ଭବାନୀ ଭବନ ଷ୍ଟାଡିୟମ, ସୁନ୍ଦରଗଡ, ସମୟ: ଅପରାହ୍ନ ୧୨ଟା ୩୦।

## ବରଗଡ଼

- ସ୍ୱାଧୀନତା ଦିବସ ପାଳନ,ସ୍ଥାନ: ସରସ୍ୱତୀ ଶିଶୁ ବିଦ୍ୟା ମନ୍ଦିର, କେଶବ ନଗର,ବରଗଡ଼, ସମୟ:ସକାଳ ୭ଟା।
- ସ୍ୱାଧୀନତା ଦିବସରେ ପତାକା ଉତ୍ତୋଳନ, ସ୍ଥାନ: ବରଗଡ଼ ସାମ୍ବାଦିକ ସଂଘ, ବରଗଡ଼, ସମୟ: ସକାଳ ୭ଟା ୩୫।
- ଜିଲାସ୍ତରୀୟ ସ୍ୱାଧୀନତା ଦିବସ,ସ୍ଥାନ: ଜର୍ଜ ହାଇସ୍କୁଲ ପଡ଼ିଆ, ବରଗଡ଼,ସମୟ: ପୂର୍ବାହ୍ନ ୯ଟା ୧୫।

## କଳାହାଣ୍ଡି

- ଥୁଆମୂଳ ରାମପୁର ବ୍ଲକ କଂଗ୍ରେସ ପକ୍ଷରୁ ୭୯ତମ ସ୍ୱାଧୀନତା ଦିବସ ପାଳନ, ସ୍ଥାନ: ବାବା ଖଣ୍ଡୁଲ ଖେଳପଡିଆ, ଥୁଆମୂଳ ରାମପୁର, ସମୟ: ସକାଳ ୭ଟା ୩୦।
- ବ୍ଲକସ୍ତରୀୟ ସ୍ୱାଧୀନତା ଦିବସ ପାଳନ, ସ୍ଥାନ: ପଞ୍ଚାୟତ ସମିତି କାର୍ଯ୍ୟାଳୟ ପରିସର, ଥୁଆମୂଳ ରାମପୁର, ସମୟ: ସକାଳ ୭ଟା ୪୦।
- ଲାଞ୍ଜିଗଡ ବ୍ଲକ ପ୍ରଶାସନର ୭୯ତମ ସ୍ୱାଧୀନତା ଦିବସ ପାଳନ, ସ୍ଥାନ: ଗୋପବନ୍ଧୁ ହାଇସ୍କୁଲ ଖେଳପଡିଆ ବିଶ୍ୱନାଥପୁର, ସମୟ: ସକାଳ ୮ଟା।
- ଜିଲାସ୍ତରୀୟ ସ୍ୱାଧୀନତା ଦିବସ ସମାରୋହ, ସ୍ଥାନ: ଭବାନୀପାଟଣାସ୍ଥିତ ଲାଲ ବାହାଦୁର ଶାସ୍ତ୍ରୀ ଷ୍ଟାଡିୟମ, ସମୟ: ସକାଳ ୮ଟା।
- ମେଗା ରକ୍ତଦାନ ଶିବିର, ସ୍ଥାନ: ଭବାନୀପାଟଣା ଚତୁର୍ଥ ଶ୍ରେଣୀ କର୍ମଚାରୀ ଭବନ, ସମୟ: ପୂର୍ବାହ୍ନ ୯ଟା।

## ବୌଦ୍ଧ

- ଜିଲାସ୍ତରୀୟ ସ୍ୱାଧୀନତା ଦିବସ ପାଳନ, ସ୍ଥାନ: ଜିଲା ଷ୍ଟାଡିୟମ, ବୌଦ୍ଧ, ସମୟ: ସକାଳ ୯ଟା।

## ଦେବଗଡ଼

- ତ୍ରିରଙ୍ଗା ଶୋଭାଯାତ୍ରା, ସ୍ଥାନ: ଉପଜିଲାପାଳଙ୍କ କାର୍ଯ୍ୟାଳୟରୁ ଜିଲା ପରିଷଦ କାର୍ଯ୍ୟାଳୟ, ସମୟ: ସକାଳ ୬ଟା।
- ସ୍ୱାଧୀନତା ଦିବସ ଅବସରରେ ଜିଲାସ୍ତରୀୟ ଜାତୀୟ ପତାକା ଉତ୍ତୋଳନ, ସ୍ଥାନ: ଦେବଗଡ଼ ଇନ୍ଦିରା ଗାନ୍ଧୀ ଷ୍ଟାଡିୟମ, ସମୟ: ସକାଳ ୯ଟା ୧୫।
- ପ୍ରଦର୍ଶନୀ ମହିଳା ଫୁଟ୍‌ବଲ ମ୍ୟାଚ୍, ସ୍ଥାନ: ଦେବଗଡ଼ ଇନ୍ଦିରା ଗାନ୍ଧୀ ଷ୍ଟାଡିୟମ, ସମୟ: ଅପରାହ୍ନ ୩ଟା ୩୦।
- ସାଂସ୍କୃତିକ କାର୍ଯ୍ୟକ୍ରମ ଭଏସ୍ ଜିନିଏସ୍, ସ୍ଥାନ: ଦେବଗଡ଼ ଟାଉନ୍ ହଲ, ସମୟ: ଅପରାହ୍ନ ୫ଟା।
- ମା' କନକ ଦୁର୍ଗାଙ୍କ ସନ୍ଧ୍ୟା ଆଳତି, ସ୍ଥାନ: ମଠ ସାହି, ମା' କନକ ଦୁର୍ଗା ମନ୍ଦିର, ସମୟ: ସନ୍ଧ୍ୟା ୭ଟା।

## ସୁବର୍ଣ୍ଣପୁର

- ୭୯ତମ ଜିଲାସ୍ତରୀୟ ସ୍ୱାଧୀନତା ଦିବସ ପାଳନ, ସ୍ଥାନ: ସୁବର୍ଣ୍ଣପୁର ସହର ରାମେଶ୍ୱର ଷ୍ଟାଡିୟମ, ସମୟ: ସକାଳ ୯ଟା ୧୫।
- ଜିଲା ପ୍ରଶାସନ ଏକାଦଶ ଓ ନଗରପାଳ ଏକାଦଶ ମଧ୍ୟରେ ଫୁଟବଲ ମ୍ୟାଚ୍, ସ୍ଥାନ: ସୁବର୍ଣ୍ଣପୁର ଗାନ୍ଧୀ ପଡ଼ିଆ, ସମୟ: ଅପରାହ୍ନ ୩ଟା।
- ସ୍ୱାଧୀନତା ଦିବସ ଅବସରରେ ସାଂସ୍କୃତିକ କାର୍ଯ୍ୟକ୍ରମ ଓ ପୁରସ୍କାର ବିତରଣ, ସ୍ଥାନ: ସୁବର୍ଣ୍ଣପୁର ଟାଉନ ହଲ, ସମୟ: ସନ୍ଧ୍ୟା ୬ଟା।

## ନୂଆପଡ଼ା

- ଜିଲା ରାଜସ୍ୱ ଅମଲା ସଂଘ ଧାରଣା ପଞ୍ଚମ ଦିବସ, ସ୍ଥାନ: ଜିଲାପାଳ କାର୍ଯ୍ୟାଳୟ ସମ୍ମୁଖ, ସମୟ: ପୂର୍ବାହ୍ନ ୧୦ଟା।
- ଜିଲାସ୍ତରୀୟ ସ୍ୱାଧୀନତା ଦିବସ ପାଳନ, ସ୍ଥାନ: ମିନି ଷ୍ଟାଡିୟମ ନୂଆପଡ଼ା, ସମୟ: ସକାଳ ୯ଟା ୧୫।
- ଆଞ୍ଚଳିକ ଯାଦବ ସମାଜ ପକ୍ଷରୁ ଜନ୍ମାଷ୍ଟମୀ ପାଳନ, ସ୍ଥାନ: କୋମନା ବ୍ଲକ ତରବୋଡ ରାଧାକୃଷ୍ଣ ମନ୍ଦିର, ସମୟ: ପୂର୍ବାହ୍ନ ୧୦ଟା।
- ଜାତିର ପିତା ମହାତ୍ମା ଗାନ୍ଧୀ ଓ ନୂଆପଡା ଜିଲା ଗଠନର ବିଧାଣୀ ଘାସିରାମ ମାଝିଙ୍କ ପ୍ରତିମୂର୍ତ୍ତିରେ ପୁଷ୍ପମାଲ୍ୟ ଅର୍ପଣ, ସ୍ଥାନ: ଗାନ୍ଧୀ ପ୍ରମୋଦ ଉଦ୍ୟାନ ଓ ଏକତା ଛକ ନୂଆପଡା, ସମୟ: ସକାଳ ୯ଟା।
- ରକ୍ତଦାନ ଶିବିର, ସ୍ଥାନ: ଜିଲା ମୁଖ୍ୟ ଚିକିତ୍ସାଳୟ ନୂଆପଡ଼ା, ସମୟ: ପୂର୍ବାହ୍ନ ୧୧ଟା ୧୫।
- ଜିଲାପାଳ ଏକାଦଶ ଓ ସାମ୍ବାଦିକ ଏକାଦଶ ମଧ୍ୟରେ ବନ୍ଧୁତ୍ୱପୂର୍ଣ୍ଣ ଫୁଟ୍‌ବଲ ମ୍ୟାଚ, ସ୍ଥାନ: ମିନି ଷ୍ଟାଡିୟମ ନୂଆପଡ଼ା, ସମୟ: ଅପରାହ୍ନ ୩ଟା।
- ସ୍ୱାଧୀନତା ଦିବସ ଉପଲକ୍ଷେ ଦେଶାତ୍ମବୋଧକ ସାଂସ୍କୃତିକ ବିଚିତ୍ରା କାର୍ଯ୍ୟକ୍ରମ, ସ୍ଥାନ: ପୋଲିସ ପଡିଆ ନୂଆପଡା, ସମୟ: ସନ୍ଧ୍ୟା ୭ଟା।
- ୧୬ ତମ ରାଜା ଅନୁପ ସିଂଦେଓ ମେମୋରିଆଲ ଫୁଟ୍‌ବଲ ଟୁର୍ଣ୍ଣାମେଣ୍ଟ ଉଦ୍‌ଯାପନ, ସ୍ଥାନ: ରାଜା ଆର୍ତ୍ତତ୍ରାଣ ଉଚ୍ଚ ବିଦ୍ୟାଳୟ ଖେଳପଡିଆ, ସମୟ: ଅପରାହ୍ନ ୫ଟା ୧୫।
- ୨୫ତମ କେଆମଣି ଫୁଟ୍‌ବଲ ଟୁର୍ଣ୍ଣାମେଣ୍ଟ ଉଦ୍‌ଯାପନ, ସ୍ଥାନ: ନୂଆପଡା ସଦର ବ୍ଲକ କୁଲିଆବନ୍ଧା ଜନମଙ୍ଗଳ ଉଚ୍ଚ ବିଦ୍ୟାଳୟ ଖେଳପଡିଆ, ସମୟ: ଅପରାହ୍ନ ୪ଟା।
- ବାନରସେନା ମଞ୍ଚ ନୂଆପଡା ପକ୍ଷରୁ ୧୮ ପଞ୍ଚାୟତର ସଭାପତି ଘୋଷଣା, ସ୍ଥାନ: କୋମନା ବ୍ଲକ ପଣ୍ଡରାପଥର ବାନରସେନା ମଞ୍ଚ କାର୍ଯ୍ୟାଳୟ, ସମୟ: ପୂର୍ବାହ୍ନ ୧୦ଟା।

## ଝାରସୁଗୁଡ଼ା

- ଜିଲାସ୍ତରୀୟ ସ୍ୱାଧୀନତା ଦିବସ କାର୍ଯ୍ୟକ୍ରମ, ସ୍ଥାନ: ମନମୋହନ ସ୍କୁଲ ଖେଳପଡିଆ, ସମୟ : ସକାଳ ୮ଟା।
- ୟଙ୍ଗଷ୍ଟାର ଚାରିଟେବୁଲ ଟ୍ରଷ୍ଟ ପକ୍ଷରୁ ରକ୍ତଦାନ ଶିବିର, ସ୍ଥାନ: ମନମୋହନ ସ୍କୁଲ, ସମୟ: ସକାଳ ୯ଟା।
- ଜନ୍ମାଷ୍ଟମୀ ଉପଲକ୍ଷେ ହରିବଂଶ ପୁରାଣ ପଠନ, ସ୍ଥାନ: ବାଗଡ଼ିହି ମହାକାଳ ମନ୍ଦିର, ସମୟ: ପୂର୍ବାହ୍ନ ୧୦ଟା।
- ଜୟହିନ୍ଦ୍ କ୍ଲବ୍ ଆନୁକୂଲ୍ୟରେ ଫୁଟ୍‌ବଲ ଟୁର୍ଣ୍ଣାମେଣ୍ଟ, ସ୍ଥାନ: ମନମୋହନ ଖେଳ ପଡିଆ, ସମୟ: ଅପରାହ୍ନ ୩ଟା।
- ପ୍ରବଚନ କାର୍ଯ୍ୟକ୍ରମ, ସ୍ଥାନ: ବେହେରାମାଲ ରାଧାମାଧବ ମନ୍ଦିର, ସମୟ: ସନ୍ଧ୍ୟା ୭ଟା।

**ପ୍ରଥମ ପୃଷ୍ଠାରୁ...**

## ବାଦଲଫଟା ବର୍ଷାରେ...

କରିଥିବାବେଳେ ୧୬୭ ଜଣଙ୍କୁ ଉଦ୍ଧାର କରିବାରେ ସକ୍ଷମ ହୋଇଛନ୍ତି। କିସ୍ତୱାର ଡେପୁଟି କମିଶନର ପଙ୍କଜ କୁମାର ଶର୍ମା ଓ ଅନ୍ୟ ବରିଷ୍ଠ ପୋଲିସ ଅଧିକାରୀମାନେ ରେସ୍କ୍ୟୁ ଟିମ୍ ସହ ଘଟଣାସ୍ଥଳକୁ ଯାଇ ବ୍ୟକ୍ତିଗତ ଭାବେ ଉଦ୍ଧାର କାର୍ଯ୍ୟ ଅନୁଧ୍ୟାନ କରିଛନ୍ତି। ଲୋକଙ୍କ ଜୀବନ ରକ୍ଷା ସହ ଆହତଙ୍କୁ ସହାୟତା ପ୍ରଦାନ ପାଇଁ ଉଦ୍ୟମ ଜାରି ରହିଥିବା 'X'ରେ ସେନାର ହ୍ୱାଇଟ୍ ନାଇଟ୍ କର୍ ପକ୍ଷରୁ ସୂଚନା ଦିଆଯାଇଛି। ବାଦଲଫଟା ବର୍ଷାଜନିତ ବିପଦ ଆସିବାବେଳେ ଶ୍ରଦ୍ଧାଳୁଙ୍କ ପାଇଁ ଲଙ୍ଗର ସେବା ଚାଲିଥିଲା ବୋଲି ଅଧିକାରୀମାନେ କହିଛନ୍ତି। ଏହି ଟ୍ରାଜେଡି ପରେ ମଚାଇଲ ମାତା ମନ୍ଦିରକୁ ବାର୍ଷିକ ଯାତ୍ରା ସ୍ଥଗିତ ରଖାଯାଇଛି। ରାଷ୍ଟ୍ରପତି ଦ୍ରୌପଦୀ ମୁର୍ମୁ, ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦି, ଜମ୍ମୁ–କଶ୍ମୀର ଉପରାଜ୍ୟପାଳ ମନୋଜ ସିହ୍ନାଙ୍କ ସମେତ ଅନେକ ବିଶିଷ୍ଟ ବ୍ୟକ୍ତି ଏହି ବିପତ୍ତିରେ ଲୋକଙ୍କ ଜୀବନହାନିକୁ ନେଇ ଗଭୀର ଶୋକ ବ୍ୟକ୍ତ କରିଛନ୍ତି। ଉଲ୍ଲେଖଯୋଗ୍ୟ, ଅଗଷ୍ଟ ୫ରେ ଉତ୍ତରାଖଣ୍ଡର ଉତ୍ତରକାଶୀ ଜିଲା ଧରାଲି ଗ୍ରାମରେ ବାଦଲଫଟା ବର୍ଷା ଯୋଗୁ ଅନେକ ଧନଜୀବନ ହାନି ହେବା ସହ ଶତାଧିକ ଲୋକ ନିଖୋଜ ହୋଇଯାଇଥିଲେ। ଫସିରହିଥିବା ଲୋକଙ୍କୁ ଉଦ୍ଧାର ଜାରି ରହିଥିବାବେଳେ ଏହାର ୯ ଦିନ ପରେ ଜମ୍ମୁ–କଶ୍ମୀରର ଚଶୋଟି ଗ୍ରାମକୁ ଏକ ଅନୁରୂପ ବିପର୍ଯ୍ୟୟ ମାଡ଼ିଆସିଛି।

## ସ୍ଥାନୀୟ କର୍ତ୍ତୃପକ୍ଷଙ୍କ...

ପୁନର୍ବିଚାର ପାଇଁ ଇଣ୍ଟରଭେନ୍‌ଶନ ଦାଖଲ କରୁଛନ୍ତି, ସେମାନଙ୍କୁ ଏହାର ଦାୟିତ୍ୱ ନେବାକୁ ହେବ ବୋଲି ଖଣ୍ଡପୀଠ କହିଛନ୍ତି। ଶୁଣାଣି ବେଳେ ଦିଲ୍ଲୀ ସରକାର କହିଥିଲେ କୁକୁର କାମୁଡ଼ା ଯୋଗୁ ଜଳାତଙ୍କରେ ଛୋଟ ପିଲାଙ୍କ ମୃତ୍ୟୁ ଘଟୁଛି। ସେଥିପାଇଁ ବୁଲା କୁକୁର ପ୍ରସଙ୍ଗର ସମାଧାନ ଆବଶ୍ୟକ, ଏହାକୁ ନେଇ ପ୍ରତିଦ୍ୱନ୍ଦ୍ୱିତା ହେବା ଉଚିତ ନୁହେଁ। ଦେଶରେ ବର୍ଷକ ମଧ୍ୟରେ ୩୭ ଲକ୍ଷ କୁକୁର କାମୁଡ଼ା ଘଟଣା ଘଟିଛି। କେହି ପ୍ରାଣୀଙ୍କୁ ଘୃଣା କରୁନାହାନ୍ତି ବୋଲି ଦିଲ୍ଲୀ ସରକାରଙ୍କ ପକ୍ଷରୁ ସଲିସିଟର ଜେନେରାଲ ଅଦାଲତଙ୍କୁ କହିଥିଲେ। ଏକ ଏନ୍‌ଜିଓ ତରଫରୁ ଲଢୁଥିବା ବରିଷ୍ଠ ଆଇନଜୀବୀ କପିଲ ସିବଲ କହିଥିଲେ, ସ୍ଥିତି ଅତ୍ୟନ୍ତ ଗମ୍ଭୀର ହୋଇଥିବାରୁ ଏହା ଉପରେ ଅଧିକ ବିତର୍କର ଆବଶ୍ୟକତା ରହିଛି। ସେଥିପାଇଁ ଅଗଷ୍ଟ ୧୧ ରାୟକୁ ସ୍ଥଗିତ ରଖିବା ପାଇଁ ସେ ନିବେଦନ କରିଥିଲେ।

## କେନ୍ଦ୍ର ସହଯୋଗରେ ହେବ...

ମେଟ୍ରୋ ପ୍ରକଳ୍ପକୁ ଅନୁଧ୍ୟାନକରି ରିପୋର୍ଟ ଦେବେ। ତାକୁ ଅନୁଧ୍ୟାନକରି ସରକାର ପରବର୍ତ୍ତୀ ପଦକ୍ଷେପ ନେବେ ବୋଲି ଉପମୁଖ୍ୟମନ୍ତ୍ରୀ କହିଛନ୍ତି। ଅନ୍ୟପଟେ ବିଜେଡି ପକ୍ଷରୁ ବିଭାଗୀୟ ମନ୍ତ୍ରୀ ଓ ଉପମୁଖ୍ୟମନ୍ତ୍ରୀଙ୍କ ପ୍ରତିକ୍ରିୟା ଉପରେ କଡ଼ା ଜବାବ ରଖାଯାଇଛି। ବିଜେଡି ମୁଖପାତ୍ର ଲେନିନ୍ ମହାନ୍ତି କହିଛନ୍ତି, ରାଜ୍ୟରେ ମେଟ୍ରୋ ପ୍ରକଳ୍ପକୁ ନେଇ ଭାଜପା ସରକାର ରାଜ୍ୟବାସୀଙ୍କୁ ଭୁଆଁ ବୁଲାଉଛନ୍ତି। ଦେଶର ବିକଶିତ ରାଜ୍ୟଗୁଡ଼ିକରେ ମେଟ୍ରୋ ଚଳାଚଳ ଏକ ସାଧାରଣ ଘଟଣା ହୋଇଥିବା ବେଳେ ଓଡ଼ିଶା ଭଳି ବିକାଶଶୀଳ ରାଜ୍ୟରେ ମେଟ୍ରୋ ପ୍ରକଳ୍ପ ଆରମ୍ଭ ପାଇଁ ବିଜେଡି ସରକାର ସମୟରେ ଆବଶ୍ୟକ ପଦକ୍ଷେପ ନେଇଥିଲେ। ଏହି ପ୍ରକଳ୍ପର ଡିପିଆର୍ ପ୍ରସ୍ତୁତ ହେବା ସହ ଦିଲ୍ଲୀ ମେଟ୍ରୋ ରେଳ କର୍ପୋରେଶନ ସହିତ ଭୁବନେଶ୍ୱର ମେଟ୍ରୋ ରେଳ କର୍ପୋରେଶନର ଚୁକ୍ତି ହୋଇଥିଲା। ଏହି ପ୍ରକଳ୍ପ ପାଇଁ ରାଜ୍ୟ ତହବିଲରୁ ୬୦୦୦ କୋଟି ଟଙ୍କା ଅନୁମୋଦନ କରାଯାଇଥିଲା। କିନ୍ତୁ ରାଜ୍ୟରେ ଭାଜପା କ୍ଷମତାକୁ ଆସିବା ପରେ ମେଟ୍ରୋ ରେଳ ପ୍ରକଳ୍ପ ପାଇଁ ରାଜ୍ୟ ସରକାର ଆନ୍ତରିକତା ଦେଖାଉନାହାନ୍ତି। ଏହି ପ୍ରକଳ୍ପକୁ ଅନିଶ୍ଚିତତା ଭିତରକୁ ଠେଲିଦେବାକୁ ଉଦ୍ୟମ କରୁଛନ୍ତି। ଉପମୁଖ୍ୟମନ୍ତ୍ରୀ ତାଙ୍କ ମନ୍ତବ୍ୟ ମାଧ୍ୟମରେ ଆହୁରି ଭ୍ରମ ସୃଷ୍ଟି କରିଛନ୍ତି। ଦେଶରେ ଚାଲୁଥିବା ସମସ୍ତ ମେଟ୍ରୋ ରେଳ ପ୍ରକଳ୍ପ କ୍ଷତିରେ ଚାଲୁଛି ବୋଲି ସେ ଯାହା କହିଛନ୍ତି, ତାହା ସମ୍ପୂର୍ଣ୍ଣ ମିଥ୍ୟା ବୋଲି ଲେନିନ୍ କହିଛନ୍ତି।

## ସାପକାମୁଡ଼ାରେ ମା'ପୁଅଙ୍କ...

ନେଇ ନିକଟସ୍ଥ କେଶଦୂରାପାଳ ସ୍ୱାସ୍ଥ୍ୟକେନ୍ଦ୍ରରେ ଭର୍ତ୍ତି କରିଥିଲେ। ସେଠାରେ ଅବସ୍ଥା ସଙ୍କଟାପନ୍ନ ହେବାରୁ ଉଭୟଙ୍କୁ ଡାକ୍ତର ଆନନ୍ଦପୁର ଡାକ୍ତରଖାନାକୁ ସ୍ଥାନାନ୍ତର କରିଥିଲେ। ଦୀର୍ଘ ସମୟ ପର୍ଯ୍ୟନ୍ତ ଆମ୍ବୁଲାନ୍ସ ମିଳି ନ ଥିଲା। ଶେଷରେ ସୁନୀଲ ଏକ କାର୍ ଭଡ଼ାକରି ଉଭୟଙ୍କୁ ଭୋର ୩ଟାରେ ଆନନ୍ଦପୁର ମେଡିକାଲକୁ ନେଇଥିଲେ। ସେଠାରେ ଡାକ୍ତର ଗଣେଶଙ୍କୁ ମୃତ ଘୋଷଣା କରିଥିଲେ। ପରେ ଚିକିତ୍ସାଧୀନ ଅବସ୍ଥାରେ ଭୋର ୫ଟାରେ ଜେମାମଣୀଙ୍କ ମୃତ୍ୟୁ ହୋଇଥିଲା। ଏ ନେଇ ଘସିପୁରା ପୋଲିସ ୨ ଅପମୃତ୍ୟୁ ମାମଲା(ନଂ.୪୫/୨୫ ଓ ୪୬/୨୫) ରୁଜୁ କରିଛି। ମୃତଦେହ ବ୍ୟବଚ୍ଛେଦ କରାଇ ପରିବାର ଲୋକଙ୍କୁ ହସ୍ତାନ୍ତରକରି ତଦନ୍ତ କରୁଛି।

# ଆଜିର ରାଶିଫଳ

ଜ୍ୟୋତିର୍ବିଦ୍ୟା ବିଶାରଦ ପ୍ରସନ୍ନ କୁମାର ମହାପାତ୍ର
ମଙ୍ଗରାଜପୁର ଶାସନ, କାଦୁଆ, ଗଞ୍ଜାମ
Email–pkmahapatro@gmail.com

**ମେଷ** ଆଜିର ଯାତ୍ରା ପ୍ରୀତିପ୍ରଦ ରହିବା ସହ ନୂତନ ବସ୍ତ୍ର, ଆଭୂଷଣ ଲାଭ କରିପାରନ୍ତି। ପିଲାଙ୍କ ଦାବି ମୁତାବକ ଜିନିଷ ନ ଆଣିପାରିବାରୁ ମାନସିକ ଅଶାନ୍ତି ଉପୁଜିପାରେ। ଅର୍ଥଲାଭ, ଶାରୀରିକ ସୁସ୍ଥତା, ବନ୍ଧୁଙ୍କ ପରାମର୍ଶ ଏବଂ ପ୍ରତିଯୋଗିତାରେ ସଫଳତା ଯୋଗୁ ଖୁସି ରହିବେ। କର୍ମକ୍ଷେତ୍ରରେ ଯୁକ୍ତିଯୁକ୍ତ କଥା କହି ପରିସ୍ଥିତିକୁ ସୁଧାରି ନେବେ।

**ବୃଷ** ସାଧାରଣ ଘଟଣାକୁ କେନ୍ଦ୍ରକରି ପରିବାରରେ ଟେନ୍‌ସନ ଲାଗି ରହିବ। ଖର୍ଚ୍ଚ ପରିମାଣ ବୃଦ୍ଧି ପାଇ ଚିନ୍ତାକୁ ବଢାଇ ଦେଇପାରେ। ଅବଶ୍ୟ ଆନୁଷ୍ଠାନିକ କାମରେ ବନ୍ଧୁମାନଙ୍କଠାରୁ ଉତ୍ସାହ ଓ ପ୍ରେରଣା ପାଇ ଦୁଃସାଧ୍ୟ କାର୍ଯ୍ୟ ସାଧନ କରିବେ। କର୍ମକ୍ଷେତ୍ରର ଆଲୋଚନା ପରିସରରେ ଗୁରୁତ୍ୱପୂର୍ଣ୍ଣ ନିଷ୍ପତ୍ତି ନେବାକୁ ପଡିପାରେ।

**ମିଥୁନ** କର୍ମକ୍ଷେତ୍ରରେ, ବାଣିଜ୍ୟ, ବ୍ୟବସାୟରେ ସ୍ତ୍ରୀଙ୍କ ପରାମର୍ଶ ଗ୍ରହଣ କଲେ ଭଲ। ପରିବହନ କ୍ଷେତ୍ରରେ ସମସ୍ୟା ସମାଧାନ ହେବ, କିନ୍ତୁ ସାମାନ୍ୟ ବିତର୍କର ସ୍ଥିତି ଉପୁଜିପାରେ। ଯାତ୍ରାକାଳୀନ ଯାନବାହନ ଚାଳନାରେ ସତର୍କତା ଅବଲମ୍ବନ କରନ୍ତୁ। କଳା, ସାହିତ୍ୟ ଓ କ୍ରୀଡ଼ା ଚଳଚ୍ଚିତ୍ର କ୍ଷେତ୍ରରେ ଥିବା ସମସ୍ୟା ସମାଧାନ ହୋଇଯିବାର ଆଶା ରହିଛି।

**କର୍କଟ** ଆପଣଙ୍କ ଶାନ୍ତ, ସରଳ, ଉଦାରତା ଗୁଣରେ ଶତ୍ରୁ ମଧ୍ୟ ପ୍ରଶଂସାରେ ଶତମୁଖ ହେବ। କର୍ମକ୍ଷେତ୍ରରେ ସହକର୍ମୀମାନେ କଳହର ମାତ୍ରାକୁ ବଢାଇ ଦେଇପାରନ୍ତି। ପାରିବାରିକ କ୍ଷେତ୍ରରେ ପାରସ୍ପରିକ ଆଲୋଚନା ଦ୍ୱାରା ସମସ୍ୟାର ସରଳ ସମାଧାନ ହୋଇପାରିବ। ଆଶା କରୁଥିବା ଶୁଭ ଖବର ପ୍ରିୟଜନଙ୍କ ନିକଟରୁ ଶୁଣି ଖୁସି ହେବେ।

**ସିଂହ** ଆଜି ଯେତେ ଭଲ କଥା କହିଲେ ମଧ୍ୟ ଅନ୍ୟମାନେ ଭୁଲ୍ ବୁଝିବେ। ଯେତେପ୍ରକାରର ସୁବିଧା ସୁଯୋଗ ସୃଷ୍ଟି କଲେ ମଧ୍ୟ ଅନ୍ୟମାନଙ୍କୁ ସନ୍ତୁଷ୍ଟ କରିବା କଷ୍ଟକର ହୋଇପଡିବ। ଅବଶ୍ୟ ସାମାଜିକ ସ୍ତରରେ ପାରିପାର୍ଶ୍ୱିକ ପରିସ୍ଥିତି କେତେକାଂଶରେ ଭଲ ରହିପାରେ। ଉଚ୍ଚବର୍ଗର ବ୍ୟକ୍ତି ବିଶେଷଙ୍କ ଦ୍ୱାରା ପ୍ରତିବନ୍ଧକର ସୂଚନା ମଧ୍ୟ ରହିଛି।

**କନ୍ୟା** ଆଜି ଆପଣଙ୍କ ଯୁକ୍ତିଯୁକ୍ତ କଥାବାର୍ତ୍ତା, ତଥ୍ୟ ସମ୍ବଳିତ ଭାଷଣ ପ୍ରଶଂସା ଓ ଉପଢୌକନ ପ୍ରାପ୍ତିରେ ସହାୟକ ହେବ। ବହୁତ ଦିନରୁ ଟଙ୍କା ବାକି ରଖିଥିବା ଲୋକଟି ଘରେ ଆସି ଦେଇଯିବ। ନିଜ ଲୋକଙ୍କ ଭୁଲ୍‌ରୁ ଅଫିସରେ ମତାନ୍ତର ସୃଷ୍ଟି ହେବ। ପରିବହନ, ଗୃହ ସଜ୍ଜା, ଗାଡି ମରାମତି, ପୁରୁଣା ଘର ସଜାଡିବାରେ ମନୋନିବେଶ କରିବେ।

**ତୁଳା** ମନରେ ଶୁଦ୍ଧ ଭାବନା ଉଦ୍ରେକ ହେଲେ ମଧ୍ୟ ପାରିବାରିକ ଅସହଯୋଗ ଆଶା ପୂରଣ ଦିଗରେ ପ୍ରତିବନ୍ଧକ ସାଜିବ। କର୍ମକ୍ଷେତ୍ରରେ ବିବାଦୀୟ ପରିସ୍ଥିତି ସୃଷ୍ଟି ହୋଇପାରେ। ମାଲିମକଦ୍ଦମାରେ ଆଲୋଚନା ଦ୍ୱାରା ସମସ୍ୟାର ସରଳ ସମାଧାନ ହୋଇଯିବ। ଘରର ବରାଦ ଅନୁସାରେ ଫେରିବା ବାଟରୁ ମୂଲ୍ୟବାନ ଦ୍ରବ୍ୟ ଆଣିପାରନ୍ତି।

**ବିଛା** ଆଜି ଘର କାମ ସାଙ୍ଗକୁ ଅଫିସ୍ କାମର ଜଞ୍ଜାଳ ବଳିଯିବାର ସୂଚନା ପୂର୍ଣ୍ଣମାତ୍ରାରେ ରହିଛି। ଅନ୍ୟମାନଙ୍କ କଥାରେ ଭାସି ନ ଯାଇ ନିଜର ବିଚାର ଅନୁଯାୟୀ କାମ କରିବା ଭଲ ହେବ। ଅଭାବ ଦୂରେଇବାର ପ୍ରୟାସ କଲେ ମଧ୍ୟ ଧାରକରଜ କରି ଆବଶ୍ୟକତା ଚଳାଇ ନେବେ। କ୍ରୀଡ଼ା, ସାହିତ୍ୟ, ସଙ୍ଗୀତ କ୍ଷେତ୍ରରେ ସୁନାମ ଅର୍ଜନ କରିପାରନ୍ତି।

**ଧନୁ** ପରିବର୍ତ୍ତିତ ପରିସ୍ଥିତିଜନିତ ବିଭିନ୍ନ ସମସ୍ୟା ଓ ପ୍ରତିବନ୍ଧକ ଭିତରେ ଚଳିବାକୁ ବାଧ୍ୟ ହେବେ। ପରିବହନ, ଆମଦାନୀ କାରବାର କ୍ଷେତ୍ରରେ ଖୁସି ରହିପାରନ୍ତି। ରାଜନୀତିରେ ଓ ସାଂଗଠନିକ କ୍ଷେତ୍ରରେ ଜନ କଲ୍ୟାଣ କରି କାମ ହାତକୁ ନେଇ ପ୍ରଶଂସିତ ହେବେ। ମାଲିମକଦ୍ଦମାରେ ଆପୋସ ସମାଧାନ ଘଟିବାର ଆଶା କରାଯାଇପାରେ।

**ମକର** ଗତକାଲିଠାରୁ ଯାହା କରିବାକୁ ମନସ୍ଥ କରିଛନ୍ତି ତାହା ଅବିଳମ୍ବେ ଆରମ୍ଭ କରିନେବା ଭଲ। କର୍ମକ୍ଷେତ୍ରରେ ସହକର୍ମୀଙ୍କ ସହୃଦୟତାରୁ ଆକସ୍ମିକ ଉପସ୍ଥିତରୁ ମୁକୁଳି ଯାଇ ପାରନ୍ତି। ସାହିତ୍ୟ, ସଙ୍ଗୀତ, କ୍ରୀଡ଼ା, ପ୍ରକାଶନ, ସାହିତ୍ୟ ଚର୍ଚ୍ଚାରେ ସଫଳତା ପାଇବେ। ଶିକ୍ଷା, ଆଲୋଚନା, ଗଠନମୂଳକ କାମ, ଗବେଷଣା କ୍ଷେତ୍ରରୁ ଶୁଭଫଳ ପାଇବେ।

**କୁମ୍ଭ** ଆଜି ଯେଉଁ କାମରେ ହାତ ଦିଅନ୍ତୁନା କାହିଁକି ସଫଳତା ଅବଶ୍ୟମ୍ଭାବୀ। ତଥାପି ସାମୟିକ ଘାତପ୍ରତିଘାତ ମଧ୍ୟଦେଇ କାର୍ଯ୍ୟ ସମ୍ପନ୍ନ ହେବାର ଆଶଙ୍କା ଦେଖାଦେଇପାରେ। ପରିବାରରେ ଭୁଲ୍ ବୁଝାମଣା ହେତୁ ସମସ୍ୟା ବଢ଼ିଯିବାର ଆଶଙ୍କା ଜାଗ୍ରତ ହେବ। ପଡୋଶୀଙ୍କ ସହାୟତାରେ ବକେୟା ଅର୍ଥ ଆଦାୟ କରିବାରେ ସକ୍ଷମ ହେବେ।

**ମୀନ** ସମସ୍ୟା ସମାଧାନ ଦିଗକୁ ଗତି କରୁଥିବା ଲକ୍ଷ୍ୟକରି ସାମୟିକ ମନ ଖୁସି ହୋଇଯାଇପାରେ। କୌଣସି ବନ୍ଧୁ କିଛି ଖବର ନ ଦେଇ ହଠାତ୍ ଆସିଯିବେ, ଯାହାକି ଆପଣଙ୍କ ମନରେ ଭାବାନ୍ତର ସୃଷ୍ଟିକରିବ। ଆଜିର ଯାତ୍ରା, ବ୍ୟବସାୟ, ଲେଖାପଢାରେ ସମସ୍ୟା ଲାଗି ରହିବ। ବନ୍ଧୁଙ୍କ ପ୍ରେରଣାରେ ସମାଜକଲ୍ୟାଣ କାମରେ ଯୋଗ ଦେଇପାରନ୍ତି।

ଆଜି ସ୍ୱାଧୀନତା ଦିବସ, ଅଗଷ୍ଟ ୧୫ ତାରିଖ, ସ୍ମାର୍ତ୍ତସମ୍ମତ ଶ୍ରୀକୃଷ୍ଣ ଜନ୍ମାଷ୍ଟମୀ, ଶ୍ରୀଅରବିନ୍ଦ ଜୟନ୍ତୀ, ଭାଦ୍ରବ କୃଷ୍ଣ ସପ୍ତମୀ ଶୁକ୍ରବାର, ରାତ୍ର ଘ.୧୧।୫୦ ମି. ଗତେ, ଅଷ୍ଟମୀ, ରାଶିନକ୍ଷତ୍ର–ସକାଳ ଘ. ୦୭।୩୫ ଗତେ, ଦ୍ୱିଜା/ମେଷ, ସପ୍ତମୀର ଏକୋଦ୍ଦିଷ୍ଟ ଓ ପାର୍ବଣ ଶ୍ରାଦ୍ଧ, ଦିବା ଘ. ୦୬।୫୦ ଗତେ, ଘ.୦୮।୨୯ ମଧ୍ୟେ, ଘ.୦୩।୦୫ ଗତେ, ଘ.୦୪।୪୪ ମଧ୍ୟେ ଅମୃତବେଳା, ସକାଳ ଘ.୦୫।୩୦ଗତେ,ଘ.୦୬।୨୧ମଧ୍ୟେ,ଘ.୦୭।୧୨ଗତେ,ଘ.୦୮।୪୦ମଧ୍ୟେ ଶୁଦ୍ଧ ଶୁଭବେଳା। ଦିବା ଘ.୧୦।୧୫ ଗତେ, ଘ.୧୧/୫୧ ମଧ୍ୟେ ରାହୁକାଳ।

**ଆଜି ୫ଘଣ୍ଟା ମହାପ୍ରଭୁଙ୍କ ଦର୍ଶନ ବନ୍ଦ**

ପୁରୀ,୧୪।୮(ଅଜିତ୍ କୁମାର ମହାନ୍ତି): ଶ୍ରୀମନ୍ଦିରରେ ଶୁକ୍ରବାର ପବିତ୍ର ଜନ୍ମାଷ୍ଟମୀ ନୀତି ଅନୁଷ୍ଠିତ ହେବ। ଏହା ଏକ ଗୁପ୍ତ ନୀତି ହୋଇଥିବାରୁ ଏହି ସମୟରେ ଅର୍ଥାତ ଶୁକ୍ରବାର ସନ୍ଧ୍ୟା ୭ଟାରୁ ରାତି ୧୨ଟା ପର୍ଯ୍ୟନ୍ତ ମହାପ୍ରଭୁଙ୍କ ସର୍ବସାଧାରଣ ଦର୍ଶନ ବନ୍ଦ ରହିବ ବୋଲି ଶ୍ରୀମନ୍ଦିର ଲୋକସମ୍ପର୍କ ଓ ସୂଚନା ବିଭାଗ ପକ୍ଷରୁ ଗୁରୁବାର ସୂଚନା ଦିଆଯାଇଛି।

# ସ୍ୱାଭିମାନ ସହ ଖେଳିଲେ ଦଣ୍ଡ ଦେବୁ:ମୁଖ୍ୟମନ୍ତ୍ରୀ

- **ଏକତା ସୁଦୃଢ଼ ପାଇଁ ସଂକଳ୍ପ ନେବାକୁ ରାଜ୍ୟପାଳଙ୍କ ଆହ୍ୱାନ**
- **ରାଜଭବନରେ ବିଭାଜନ ବିଭୀଷିକା ସ୍ମୃତି ଦିବସ ପାଳିତ**



ଭୁବନେଶ୍ୱର,୧୪।୮ (ରବିନାରାୟଣ ଜେନା)

ଦେଶ ବିଭାଜନ ଦୃଶ୍ୟପଟରେ ଘୃଣାକୁ ପ୍ରତ୍ୟାଖ୍ୟାନ କରି କରୁଣା, ସହନଶୀଳତାର ସହ ଏକତାକୁ ସୁଦୃଢ଼ କରିବା ପାଇଁ ସମସ୍ତେ ସଂକଳ୍ପ ନେବାକୁ ରାଜ୍ୟପାଳ ଡ. ହରିବାବୁ କମ୍ଭମ୍ପାଟି ଆହ୍ୱାନ ଦେଇଛନ୍ତି। ଗୁରୁବାର ରାଜଭବନ ନ୍ୟୁ-ଅଭିଷେକ ସଭାକକ୍ଷରେ 'ବିଭାଜନ ବିଭୀଷିକା ସ୍ମୃତି' ଦିବସ କାର୍ଯ୍ୟକ୍ରମରେ ଉଦ୍‌ବୋଧନ ଦେଇ ରାଜ୍ୟପାଳ କହିଛନ୍ତି, ଆମ ଦେଶର ଇତିହାସର ସବୁଠାରୁ ବିଭୀଷିକାମୟ ଅଧ୍ୟାୟ ମଧ୍ୟରୁ ଭାରତ ବିଭାଜନ ଅନ୍ୟତମ। ଏହି ବିଭାଜନକୁ ଆମେ ଗମ୍ଭୀରତାର ସହ ସ୍ମରଣ କରୁଛୁ, ଯାହା ଆମର କଷ୍ଟଲବ୍ଧ ସ୍ୱାଧୀନତା ସହିତ ଆସିଥିଲା। ଅକଳ୍ପନୀୟ ଯନ୍ତ୍ରଣା ସହିତ ଲକ୍ଷ ଲକ୍ଷ ଲୋକ ନିଜର ଘର, ଜମି ଏବଂ ଶତାବ୍ଦୀ ଶତାବ୍ଦୀର ସହଭାଗୀ ଜୀବନକୁ ପଛରେ ପକାଇ ନୂତନ ସୀମା ପାର ହୋଇ ଭାରତ ଚାଲି ଆସିଥିଲେ। ଆଜି ସ୍ମୃତି ଦିବସରେ ଆମେ କେବଳ ହରାଇଥିବା ଲୋକଙ୍କ ସ୍ମୃତି ନୁହେଁ ବରଂ ବଞ୍ଚିଥିବା ଲୋକଙ୍କ ଦୃଢ଼ତାକୁ ମଧ୍ୟ ସମ୍ମାନ କରିବା। ସେମାନଙ୍କ ଜୀବନକୁ ପୁନଃ ନିର୍ମାଣ କରିବାରେ ସେମାନଙ୍କର ସାହସ ହେଉଛି ସେହି ମୂଳଦୁଆ, ଯାହା ଉପରେ ଆଧୁନିକ ଭାରତ ଛିଡ଼ା ହୋଇଛି। ଭବିଷ୍ୟତ ପିଢ଼ି ଏହି ଦୁଃଖଦ ଘଟଣାର ପରିଣାମ, ସହ୍ୟ କରାଯାଇଥିବା ବଳିଦାନ ଏବଂ ଆମ ଜାତି ପାଇଁ ଏହାଦ୍ୱାରା ରହିଥିବା ଶିକ୍ଷାକୁ ବୁଝିବା ଲାଗି ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦିଙ୍କ ଦୃଷ୍ଟିକୋଣ ଓ ପଦକ୍ଷେପକୁ ରାଜ୍ୟପାଳ ପ୍ରଶଂସା କରିଥିଲେ। କାର୍ଯ୍ୟକ୍ରମରେ ମୁଖ୍ୟମନ୍ତ୍ରୀ ମୋହନ ଚରଣ ମାଝୀ କହିଛନ୍ତି, କେନ୍ଦ୍ରର ନିର୍ଦ୍ଦେଶକ୍ରମେ ରାଜ୍ୟ ସରକାର ଏବେ ଅନୁପ୍ରବେଶକାରୀଙ୍କୁ ଚିହ୍ନଟ କରିବା କାର୍ଯ୍ୟକୁ ତ୍ୱରାନ୍ୱିତ କରୁଛି। ଆମେ ଶାନ୍ତିପ୍ରିୟ, ହେଲେ ଆମ ସ୍ୱାଭିମାନ ସହିତ କେହି ଖେଳିଲେ ଛାଡ଼ିବୁ ନାହିଁ ବୋଲି ମୁଖ୍ୟମନ୍ତ୍ରୀ କହିଥିଲେ। ସେ କହିଥିଲେ, ଏହି ଦିବସ କେବଳ ବିଭାଜନ ଓ ବିସ୍ଥାପନ ସମୟର ସ୍ମୃତିଚାରଣ କରିବାର ଅବସର ନୁହେଁ ବରଂ ଭବିଷ୍ୟତ ସମୟକୁ ସୁରକ୍ଷିତ କରିବାର ପ୍ରତିଜ୍ଞା। ବିଭାଜନ ଆମକୁ ଏକ ଗୁରୁତ୍ୱପୂର୍ଣ୍ଣ ଶିକ୍ଷା ଦେଇଛି 'ସୀମା ସିନା ଦେଶକୁ ବାଣ୍ଟିପାରେ, କିନ୍ତୁ ମନକୁ କେହି ବାଣ୍ଟିପାରିବେ ନାହିଁ।' ଧର୍ମ, ଭାଷା, ଜାତିଠାରୁ ବଡ଼ ହେଉଛି ମାନବତା। ଆମେ ଭାରତୀୟ ସର୍ବଦା ସହିଷ୍ଣୁତା, ଭାଇଚାରା, ପ୍ରେମ ଓ ସମ୍ମାନକୁ ପ୍ରଥମରେ ରଖିଛୁ, ଆଉ ସେଥିପାଇଁ କୌଣସି ଶକ୍ତି ଆମକୁ ବାଣ୍ଟିପାରିବ ନାହିଁ। ଆସନ୍ତୁ, ଆମେ ସେହି ସ୍ୱପ୍ନକୁ ଆଗକୁ ନେବା ଓ ଏକ ବିକଶିତ ସାର୍ବଭୌମ ଭାରତ ଗଠନରେ ଯୋଗଦାନ ଦେବା ବୋଲି ମୁଖ୍ୟମନ୍ତ୍ରୀ କହିଛନ୍ତି। ସମାରୋହରେ କେନ୍ଦ୍ରମନ୍ତ୍ରୀ ଧର୍ମେନ୍ଦ୍ର ପ୍ରଧାନ ବିଭାଜନ ବିଭୀଷିକାର ସ୍ମୃତି ଚାରଣ ବିନା ସ୍ୱାଧୀନତା ଦିବସ ପାଳନ ଅପୂର୍ଣ୍ଣାଙ୍ଗ ରହିବ ବୋଲି କହିଥିଲେ। ଅନ୍ୟମାନଙ୍କ ମଧ୍ୟରେ ରାଜ୍ୟର ପ୍ରଥମ ମହିଳା ଜୟଶ୍ରୀ କମ୍ଭମ୍ପାଟି, ଉଚ୍ଚଶିକ୍ଷାମନ୍ତ୍ରୀ ସୂର୍ଯ୍ୟବଂଶୀ ସୂରଜ ଓ ରାଜ୍ୟପାଳଙ୍କ ସଚିବ ରୂପାରୋଶନ ସାହୁ ପ୍ରମୁଖ ଉପସ୍ଥିତ ଥିଲେ। ରାଜ୍ୟପାଳଙ୍କ ଏହି ବିଭାଜନ ବିଭୀଷିକା ସ୍ମୃତି ଦିବସ ଲାଗି ଜୁନିୟର ମେଣ୍ଟେନାନ୍ସ ଇଞ୍ଜିନିୟର (ଆଇଟି) ପ୍ରୀତମ କୁମାର ବେହେରା ନିମନ୍ତ୍ରଣ କରିଥିବାବେଳେ କାର୍ଯ୍ୟକ୍ରମରେ ନରୁଲା ଓ ହଂସ ପରିବାରର ୫ଜଣଙ୍କୁ ସମ୍ବର୍ଦ୍ଧିତ କରାଯାଇଥିଲା।

## ଭୋଟ୍ ଚୋର ଗାଦି ଛାଡ଼:ଭକ୍ତ

**କଂଗ୍ରେସର ମଶାଲ ଶୋଭାଯାତ୍ରା**

ଭୁବନେଶ୍ୱର,୧୪।୮(ରବିନାରାୟଣ ଜେନା)

ଭାଜପାର ଭୋଟ ଚୋରି ସାରା ଦେଶରେ ପ୍ରମାଣିତ ହୋଇଛି ବୋଲି ପିସିସି ସଭାପତି ଭକ୍ତ ଚରଣ ଦାସ କହିଛନ୍ତି। ଗୁରୁବାର ଭୁବନେଶ୍ୱର ଜିଲା କଂଗ୍ରେସ ସଭାପତି ବିଶ୍ୱଜିତ ଦାସଙ୍କ ତତ୍ତ୍ୱାବଧାନରେ ଅନୁଷ୍ଠିତ ବିଶାଳ ମଶାଲ ଶୋଭାଯାତ୍ରା ଅବସରରେ ଭକ୍ତ କହିଥିଲେ ଯେ, ନିର୍ବାଚନ କମିଶନଙ୍କ ଜରିଆରେ ଭୋଟ ଚୋରି କରି ଭାଜପା କ୍ଷମତାକୁ ଆସିଛି ବୋଲି ବିରୋଧୀ ଦଳ ନେତା ରାହୁଲ ଗାନ୍ଧୀ ଦେଶବାସୀଙ୍କ ଆଗରେ ତଥ୍ୟ ଓ ପ୍ରମାଣ ଦେଇ ସାରିଛନ୍ତି। ଏହାକୁ ନେଇ କଂଗ୍ରେସ ପକ୍ଷରୁ ଆଜି ରାଜମହଲଛକ ଠାରୁ କଂଗ୍ରେସ ଭବନ ପର୍ଯ୍ୟନ୍ତ ମଶାଲା ଶୋଭାଯାତ୍ରା କରାଯାଇଛି। ରାଜ୍ୟବାସୀ ଯେଉଁ ସମର୍ଥନ ଜଣାଇଛନ୍ତି ସେଥିରେ ରାଜଧାନୀ କମ୍ପମାନ ହୋଇଛି।







## ରାଜ୍ୟ ସରକାର-ସିଇଜିଆଇଏସ୍ ମଧ୍ୟରେ ବୁଝାମଣାପତ୍ର ସ୍ୱାକ୍ଷରିତ

ଭୁବନେଶ୍ୱର, ୧୪।୮(ସୁନିତ୍ ମିଶ୍ର)

ଓଡ଼ିଶା ସରକାର ଏବଂ ସେଣ୍ଟର ଫର ଇଫେକ୍ଟିଭ ଗଭର୍ଣ୍ଣାନ୍ସ ଅଫ ଇଣ୍ଡିଆ ଷ୍ଟେଟ୍ସ (ସିଇଜିଆଇଏସ୍)ମଧ୍ୟରେ ଗୁରୁବାର ଏକ ବୁଝାମଣାପତ୍ର ସ୍ୱାକ୍ଷରିତ ହୋଇଛି। ଏହି ବୁଝାମଣା ପତ୍ର ତଥ୍ୟ ଆଧାରିତ ଶାସନ ବ୍ୟବସ୍ଥାରେ ନିଷ୍ପତ୍ତି ଗ୍ରହଣ ପ୍ରକ୍ରିୟାକୁ ଅଧିକ ସୁଗମ କରିବ। ଲୋକସେବା ଭବନ ସ୍ଥିତ ସମ୍ମିଳନୀ କକ୍ଷରେ ଗୁରୁବାର ଉପମୁଖ୍ୟମନ୍ତ୍ରୀ କନକ ବର୍ଦ୍ଧନ ସିଂ ଦେଓଙ୍କ ଉପସ୍ଥିତିରେ ଏନେଇ ଏକ ବୁଝାମଣା ପତ୍ର ସ୍ୱାକ୍ଷରିତ ହୋଇଛି। ବିକଶିତ ଓଡ଼ିଶା ତଥା ବିକଶିତ ଭାରତ ଗଠନ ଲକ୍ଷ୍ୟ ସାଧନରେ ପ୍ରଶାସନିକ ତଥା ସଂସ୍ଥାଗତ ବ୍ୟବସ୍ଥାକୁ ସୁଦୃଢ଼ କରିବାରେ ଏହି ବୁଝାମଣା ସହାୟକ ହେବ ବୋଲି କାର୍ଯ୍ୟକ୍ରମରେ ଯୋଗଦେଇ ଉପମୁଖ୍ୟମନ୍ତ୍ରୀ କହିଛନ୍ତି। ଏହା ଏକ ୫ ବର୍ଷିଆ ଅଣ-ଆର୍ଥିକ ବୁଝାମଣା ପତ୍ର ଏବଂ ଏହା ବିଶେଷକରି ଆନୁଷ୍ଠାନିକ ଦକ୍ଷତା ବୃଦ୍ଧି କରିବାରେ ସହାୟକ ହେବ। ଏହାଦ୍ୱାରା ନୀତି ନିର୍ଦ୍ଧାରକ ଏବଂ ପ୍ରଶାସକମାନେ ଯଥା ସମୟରେ ନିଷ୍ପତ୍ତି ନେବା ପାଇଁ ତଥ୍ୟ ପାଇପାରିବେ। ଯାହା ଯୋଜନାକୁ ସୁଦୃଢ କରିବ, ଶାସନକୁ କାର୍ଯ୍ୟକ୍ଷମ କରିବ ଓ ସେବା ପ୍ରଦାନକୁ ସୁଦୃଢ କରିବ। ସିଇଜିଆଇଏସ୍ ଫାଉଣ୍ଡେସନ ଦେଶରେ ଭାରତ ସରକାରଙ୍କ ପରିସଂଖ୍ୟାନ ଓ କାର୍ଯ୍ୟକ୍ରମ କାର୍ଯ୍ୟାନୁଷ୍ଠାନ କାର୍ଯ୍ୟାଳୟ ମନ୍ତ୍ରଣାଳୟ, ନୀତି ଆୟୋଗ, ଦକ୍ଷତା ବିକାଶ କମିଶନ, କର୍ମଯୋଗୀ ଭାରତ, ଇଣ୍ଡିଆ ଇଣ୍ଟେଲେକ୍ଚୁଆଲ ପ୍ରପର୍ଟି ଅଫିସ ସହିତ ଦେଶର ୭ଟି ରାଜ୍ୟ ଓ ଭାରତ ସରକାରଙ୍କ ୫ଟି ସଂସ୍ଥା ସହିତ କାର୍ଯ୍ୟ କରୁଛି। ସେଥିରେ ଜନସାଧାରଣଙ୍କୁ ସେବା ଯୋଗାଇ ଦେବାରେ ତଥ୍ୟ(ଡାଟା), ପ୍ରମାଣର ଗୁରୁତ୍ୱପୂର୍ଣ୍ଣ ଭୂମିକା ରହୁଛି।




## ସ୍ୱାଧୀନତା ଦିବସ ଉପଲକ୍ଷେ ଗଡ଼ିବ ସ୍ୱତନ୍ତ୍ର ଟ୍ରେନ୍

ଭୁବନେଶ୍ୱର,୧୪।୮ (ଅନୁରାଧା ମହାରଣା)

ସ୍ୱାଧୀନତା ଦିବସରେ ବର୍ଦ୍ଧିତ ଯାତ୍ରୀ ଚାହିଦା ପୂରଣ କରିବା ପାଇଁ ପୂର୍ବତଟ ରେଳପଥ ପକ୍ଷରୁ ସ୍ୱତନ୍ତ୍ର ଟ୍ରେନ୍ ଚଳାଚଳ କରିବ। ୦୮୦୩୭/୦୮୦୩୮ ଶାଲିମାର-ମାଳତୀପାଟପୁର-ଶାଲିମାର ସ୍ୱତନ୍ତ୍ର ଟ୍ରେନ୍ ସାନ୍ତରାଗାଛି, ଖଡ଼ଗପୁର, ବାଲେଶ୍ୱର, ଭଦ୍ରକ, ଯାଜପୁର, କେନ୍ଦୁଝର ରୋଡ୍, କଟକ, ଭୁବନେଶ୍ୱର ଏବଂ ଖୋର୍ଦ୍ଧା ରୋଡ୍‌ରେ ରହଣି କରିବ। ଶାଲିମାର (କୋଲକାତା ଅଞ୍ଚଳ) ଏବଂ ମାଳତୀପାଟପୁର (ପୁରୀ ନିକଟ) ମଧ୍ୟରେ ଥିବା ରୁଟ୍‌ରେ ସୁବିଧାଜନକ ରହଣି ପ୍ରଦାନ କରାଯାଇଛି। ଯାତ୍ରୀମାନଙ୍କୁ ସେମାନଙ୍କ ନିକଟତମ ରେଳ ଷ୍ଟେଶନରେ କିମ୍ବା ସରକାରୀ ରେଳ ୱେବ୍‌ସାଇଟରେ ସିଟ୍ ଉପଲବ୍ଧତା ଓ ସମୟ ଯାଞ୍ଚ କରିବାକୁ ରେଳପଥ ପକ୍ଷରୁ ପରାମର୍ଶ ଦିଆଯାଇଛି।






ପକ୍ଷପାତିତା ହେଲା ପୂର୍ଣ୍ଣ ଆନ୍ତରିକତାର ପରମ ଶତ୍ରୁ। ସେ ପକ୍ଷପାତିତା ଦେହର ହେଉ ବା ପ୍ରାଣର ହେଉ ବା ମନର ହେଉ। ଆଉ ମଧ୍ୟ ତୁମ ମନରେ ଥିବା ପୂର୍ବ କଳ୍ପିତ ଧାରଣା ଉପରେ ପୂର୍ଣ୍ଣ ନିର୍ଭର କରିବା ଅନୁଚିତ। ତୁମକୁ ଏସବୁ ଅତିକ୍ରମ କରିବାକୁ ହେବ। -ଶ୍ରୀମା

-ଶ୍ରୀକୃଷ୍ଣ ଜନ୍ମାଷ୍ଟମୀ,
୭୯ତମ ସ୍ୱାଧୀନତା ଦିବସ
ଓ ଶ୍ରୀଅରବିନ୍ଦଙ୍କ ଜୟନ୍ତୀ



# ଟ୍ରମ୍ପଙ୍କ ଟାରିଫ୍ ଯନ୍ତା



କୌଶିକ ବସୁ

ଭାରତରୁ ଆମଦାନୀ କରୁଥିବା ସମସ୍ତ ସାମଗ୍ରୀ (ଆଇଫୋନ୍,ଫାର୍ମାସ୍ୟୁଟିକାଲ ଉତ୍ପାଦ ବ୍ୟତୀତ) ଉପରେ ଆମେରିକା ରାଷ୍ଟ୍ରପତି ଡୋନାଲ୍ଡ ଟ୍ରମ୍ପ ୫୦% ଟାରିଫ୍ ଲାଗୁକରିବା ପରେ ୨ଦେଶ ମଧ୍ୟରେ ଆର୍ଥିକ ସମ୍ପର୍କ ବିଗିଡ଼ିଯାଇଛି। ଟ୍ରମ୍ପ୍ ପ୍ରଶାସନର ଅତ୍ୟଧିକ ଟାରିଫ୍ ବ୍ୟବସ୍ଥା ମଧ୍ୟରେ ଥିବା ବ୍ରାଜିଲ(୫୦%), ସିରିଆ(୪୧%) ଲାଓସ୍(୪୦%) ଏବଂ ମ୍ୟାନ୍ମାର(୪୦%) ସହ ଭାରତ ପଞ୍ଚମ ରାଷ୍ଟ୍ରଭାବେ ଯୋଡ଼ିହୋଇଛି। ବିଶେଷକରି ଟ୍ରମ୍ପଙ୍କ ନିର୍ବାଚନ ପ୍ରଚାର ପାଇଁ ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦିଙ୍କ ଖୋଲା ସମର୍ଥନକୁ ଦେଖିଲେ ଏହି ଘୋଷଣା ଯୋଗୁ ଭାରତୀୟ ନୀତିନିର୍ଦ୍ଧାରକମାନେ ଦ୍ୱନ୍ଦ୍ୱରେ ପଡ଼ିଯାଇଛନ୍ତି। ହ୍ୱାଇଟ୍ ହାଉସ୍ କଡ଼ା ବିବୃତି ଦେଇଛି ଯେ, ରୁଷିଆର ତେଲ ଭାରତ କିଣୁଥିବାରୁ ଦଣ୍ଡ ସ୍ୱରୂପ ଏଭଳି ପଦକ୍ଷେପ ନିଆଯାଇଛି । ନିକଟରେ ୱାଲଷ୍ଟ୍ରିଟ୍ ଜର୍ନାଲରେ ପ୍ରକାଶ ପାଇଥିଲା ଯେ, ଏହି କାରଣର କୌଣସି ସତ୍ୟାସତ୍ୟ ନାହିଁ, କାରଣ ରୁଷିଆରୁ ସବୁଠୁ ବେଶି ତେଲ ଚାଇନା କିଣୁଥିଲେ ମଧ୍ୟ ଏହା ପାଇଁ ତାକୁ ଦଣ୍ଡିତ କରାଯାଇ ନାହିଁ।

ଏହି ଗତିଶୀଳତା ଆଣ୍ଟୋନି ଚେଖୋଭଙ୍କ କ୍ଷୁଦ୍ର ଗଳ୍ପ 'ଦି ନିନି'କୁ ସ୍ମରଣ କରାଇଦିଏ। ବିନା କାରଣରେ ସ୍ୱେଚ୍ଛାଚାରୀ ଭାବେ ଜଣେ ମାଲିକ ତାଙ୍କ ପିଲାଙ୍କୁ ଘରେ ପଢ଼ାଉଥିବା ଶିକ୍ଷୟିତ୍ରୀଙ୍କର ପ୍ରାୟ ୧ ମାସର ଦରମା ସହିତ ସମାନ ଅର୍ଥ କାଟି ରଖନ୍ତି। ଦରମାରୁ କଟୁଥିବା ଟଙ୍କା ବିଷୟରେ ଶିକ୍ଷୟିତ୍ରୀ ପ୍ରତିବାଦ କରନ୍ତି ନାହିଁ। ଏହି ସହନଶୀଳତାକୁ ନିଯୁକ୍ତିଦାତା ଦୁର୍ବଳତା ମନେକରି ଦଣ୍ଡିତ କରୁଥିଲେ। ପରେ ସମର୍ପଣ କିଭଳି ଶୋଷଣକୁ ଆମନ୍ତ୍ରଣ କରେ ତାହା ଦର୍ଶାଇବା ପାଇଁ ଚେଖୋଭଙ୍କ ଗଳ୍ପକୁ ଦେଖି ଅର୍ଥନୀତିଜ୍ଞ ଏରିଏଲ ରୁବିନ୍‌ଷ୍ଟାଇନ୍ ଏକ ମଡେଲ ବିକାଶ କରିଥିଲେ। ଟ୍ରମ୍ପଙ୍କ ପ୍ରତି ଭାରତର ଏବକାର ଆନୁଗତ୍ୟ ସୂଚିତ କରୁଛି ଯେ, ଭାରତ ଏକ ଦୃଢ଼ ସ୍ୱାଧୀନ ଦେଶ ଭାବେ ଏହାର ଦୀର୍ଘମିଆଦୀ ଭୂମିକାରୁ ଦୂରେଇଯାଉଛି। ଗୋଷ୍ଠୀ ନିରପେକ୍ଷ ଆନ୍ଦୋଳନର ସହ-ପ୍ରତିଷ୍ଠାତା ଭାବେ ଏହା ଏକଦା ରଣନୀତିକ ସ୍ୱାୟତ୍ତତାରେ ଆଗୁଆ ଥିଲା ଏବଂ ଆମେରିକା କିମ୍ବା ରୁଷିଆ ଭଳି ବୃହତ୍



ଶକ୍ତିର ବଶତା ବିନା ଅନେକ ଦେଶ ସହ ସମନ୍ୱୟ ରକ୍ଷା କରୁଥିଲା। ଏଣୁ ଭାରତ ସେହି ପରମ୍ପରାକୁ ଆପଣାଇ ମେକ୍ସିକୋ, କାନାଡା ତଥା ଚାଇନା ଭଳି ଦେଶଗୁଡ଼ିକ ସହ ଆର୍ଥିକ ଓ କୂଟନୈତିକ ବୁଝାମଣା କରିବା ପାଇଁ ଏହା ଉପଯୁକ୍ତ ସମୟ। ଅର୍ଥାତ୍ ଟ୍ରମ୍ପଙ୍କ ଟାରିଫ୍‌ର ପ୍ରଭାବ ସମ୍ପର୍କରେ ସଚେତନ ଥିବା ବିଶେଷକରି ୟୁରୋପ ଓ ଲାଟିନ୍ ଆମେରିକାର ଦେଶଗୁଡ଼ିକ ସହ ବାଣିଜ୍ୟ ଓ ସହଯୋଗ ଦୃଢ଼କରିବା ଦରକାର।

ଭାରତର ପ୍ରତିଷ୍ଠିତ ଆର୍ଥିକ ସମୀକ୍ଷକମାନେ ଯୁକ୍ତି ଦର୍ଶାଇଛନ୍ତି ଯେ, ପ୍ରତିଶୋଧାତ୍ମକ ଟାରିଫ୍ ଲାଗୁକରିବା ମୋଦିଙ୍କ ପାଇଁ ଏକ ଭୁଲ୍ ହେବ। ପ୍ରତିଶୋଧାତ୍ମକ ଟାରିଫ୍ ଆମେରିକାର କ୍ଷତି କରିବ, ହେଲେ ଏଥିରେ ଭାରତର ପ୍ରଭୂତ କ୍ଷତି ହୋଇଯିବ। ଆମେରିକା ହେଉଛି ଭାରତର ସବୁଠୁ ବଡ଼ ବାଣିଜ୍ୟିକ ଭାଗୀଦାରି। ହେଲେ ଭାରତ ହେଉଛି ଆମେରିକା ପାଇଁ କେବଳ ଦଶମ ବୃହତ୍ ଭାଗୀଦାରି, ଯାହା ମେକ୍ସିକୋ, କାନାଡା, ଚାଇନା ଓ ଜର୍ମାନୀ ପଛକୁ ରହିଛି। ଆମେରିକାର ଅର୍ଥ ବ୍ୟବସ୍ଥା ଖୁବ୍ ବଡ଼। ଏଣୁ ବଡ଼ ଆର୍ଥିକ ଝଟକାକୁ ସହିଯିବା ପାଇଁ ଏହାର କ୍ଷମତା ଅଛି। ତେବେ ଦୀର୍ଘଦିନର ବାଣିଜ୍ୟିକ ଭାଗୀଦାରିଙ୍କ ଉପରେ ଅତ୍ୟଧିକ ଟାରିଫ୍ ଲଗାଇ ଆମେରିକା ଏକ ଗୁରୁତର ଭୁଲ୍ କରୁଛି। ଏହା ନିଜକୁ ଦୂରେଇ ନେବା ସହ ତା' ଅର୍ଥ ବ୍ୟବସ୍ଥା ପ୍ରତି ବ୍ୟାପକ କ୍ଷତି ପହଞ୍ଚାଉଛି। ଏହା ନିଶ୍ଚିତ ଯେ, ଆର୍ଥିକ ନୀତିରେ ଟାରିଫ୍ ଏକ ପ୍ରମୁଖ ଭୂମିକା ନେଇପାରେ। ଏହାର ଏକ ଜ୍ୱଳନ୍ତ ଦୃଷ୍ଟାନ୍ତ ହେଉଛି ଇନ୍‌ଫାଣ୍ଟ ଇଣ୍ଡଷ୍ଟ୍ରି (ବିକାଶର ପ୍ରାରମ୍ଭିକ ସ୍ତରରେ ଥିବା ନୂଆ ଶିଳ୍ପ) ନୀତି ବା ଯୁକ୍ତି । ଏହା ଦର୍ଶାଏ, ଯେତେବେଳେ ଏକ ସେକ୍ଟର ବିକାଶର ପ୍ରାରମ୍ଭିକ ସ୍ତରରେ ଥାଏ, ସେତେବେଳେ ସାମୟିକ ଟାରିଫ୍ ସୁରକ୍ଷିତ ବିଜ୍‌ନେସ୍‌କୁ ନିବେଶକରିବା ପାଇଁ ଭରସା ଦିଏ। ସେକ୍ଟରର ବିକାଶ ତଥା ଆର୍ଥିକ ଉନ୍ନତି ହାସଲକରିବା ସହ ପ୍ରତିଯୋଗୀ ହେବା ସକାଶେ ଅନୁମତି ବି ଦେଇଥାଏ। କିନ୍ତୁ ଶିଳ୍ପ ଯେତେବେଳେ ପରିପକ୍ୱ ଅବସ୍ଥାକୁ ଆସିଯାଏ, ସେତେବେଳେ ଟାରିଫ୍ କମ୍ କରାଯିବା ଉଚିତ, ଯେଉଁଥିପାଇଁ ମୁକ୍ତ ପ୍ରତିଯୋଗିତାର ବ୍ୟବସ୍ଥା ଏହାକୁ ଆହୁରି ଭଲ ପ୍ରଦର୍ଶନ କରିବା ଲାଗି ସାହାଯ୍ୟ କରିପାରିବ। ଏହାର ଏକ ଉଦାହରଣ ହେଉଛି ଭାରତ। ୧୯୭୭ରେ,ଏକ ରାଜନୈତିକ ବିବାଦ ଯୋଗୁ ସରକାର ଆଇବିଏମ୍‌କୁ ତଡ଼ିଦେଇ ଦେଶକୁ ନିଜସ୍ୱ ମିନି ଓ ମାଇକ୍ରୋ କମ୍ପ୍ୟୁଟର ବିକାଶ କରିବା ନିମନ୍ତେ ବାଧ କରିଥିଲା। ବାଣିଜ୍ୟିକ ବାଧାଗୁଡ଼ିକରୁ ସୁରକ୍ଷିତ ରହି ଘରୋଇ କମ୍ପ୍ୟୁଟର ସେକ୍ଟର ଖୁବ୍ ଶୀଘ୍ର ବୃଦ୍ଧି ପାଇଲା। କିନ୍ତୁ ୧୯୯୧-୯୩ର ଆର୍ଥିକ ସଂସ୍କାର ଅନ୍ତର୍ଜାତୀୟ ପ୍ରତିଯୋଗିତାରେ ଭାରତ ମାର୍କେଟ ପ୍ରବେଶ କରିବା ଦ୍ୱାରା ଭାରତର ଆଇଟି ସେକ୍ଟର ଅଭିବୃଦ୍ଧି କରିବାକୁ ସକ୍ଷମ ହେଲେ। ଏହା ସହ ଇନ୍‌ଫୋସିସ୍, ୱିପ୍ରୋ ଏବଂ ଟାଟା କନ୍‌ସଲଟାନ୍ସି ସର୍ଭିସ ଭଳି ଭାରତୀୟ କମ୍ପାନୀଗୁଡ଼ିକ ବିଶ୍ୱସ୍ତରୀୟ କମ୍ପାନୀ ଭାବେ ଉଭା ହେଲେ ଏବଂ ଅପ୍ରତ୍ୟାଶିତ ଆର୍ଥିକ ଅଭିବୃଦ୍ଧି ଘଟାଇଥିଲେ।

କୌତୂହଳର ବିଷୟ ହେଉଛି, ବିକାଶର ପ୍ରାରମ୍ଭିକ ସ୍ତରରେ ଥିବା ଶିଳ୍ପର ଆର୍ଥିକ ବିକାଶର ଧାରଣା ଆଧୁନିକ ଅର୍ଥନୀତି ଆସିବା ପୂର୍ବରୁ ରହିଛି। ଏହାର ଇତିହାସ ଆମେରିକାର ପ୍ରଥମ ଟ୍ରେଜେରି(ଅର୍ଥ) ସଚିବ ଆଲେକ୍‌ଜାଣ୍ଡର ହାମିଲ୍‌ଟନ୍‌ଙ୍କ ସହ ଯୋଡ଼ିହୋଇ ରହିଛି। ଆମେରିକାର ଟାରିଫ୍ ତାହାର ନୂଆ ଶିଳ୍ପଗୁଡ଼ିକର ସୁରକ୍ଷା ଓ ଯତ୍ନ ନେବା ପାଇଁ ସେ ଦୃଢ଼ ଦାବି କରିଥିଲେ। ୧୮୬୦ ପରେ ବାଣିଜ୍ୟ ନୀତିରେ ପରିବର୍ତ୍ତନ ହୋଇଥିଲେ ମଧ୍ୟ ଉଚ୍ଚ ଟାରିଫ୍ ୧୯୩୪ ପର୍ଯ୍ୟନ୍ତ ଜାରି ରହିଥିଲା। ପରେ ତାହା ଦ୍ରୁତଗତିରେ ହ୍ରାସ ପାଇଥିଲା ଏବଂ ବିରାଟ ସ୍ଥାୟୀ ଆର୍ଥିକ ଅଭିବୃଦ୍ଧିର କାରଣ ହୋଇଥିଲା। ଭାରତ, ଭିଏତ୍‌ନାମ ଏବଂ ଇଣ୍ଡୋନେସିଆ ଭଳି ବିକାଶଶୀଳ ଦେଶଗୁଡ଼ିକ ସହ ପ୍ରତିଯୋଗିତା କରିବାକୁ ହେଲେ ଆମେରିକାର କର୍ମଚାରୀଙ୍କ ବେତନ ହ୍ରାସ କରିବା ଦରକାର ପଡ଼ିବ, ଯାହା ବାସ୍ତବବାଦୀ କିମ୍ବା ବାଞ୍ଛନୀୟ ରଣନୀତି ହେବନାହିଁ। ଏହା ମଧ୍ୟ ଭାରତ ପାଇଁ ପ୍ରଯୁଜ୍ୟ। ରାଜନୈତିକ ସଫଳତା ପାଇଁ ଟାରିଫ୍‌କୁ ବ୍ୟବହାର କରାଯିବା ଉଚିତ ନୁହେଁ। ଟ୍ରମ୍ପଙ୍କ ଟାରିଫ୍ ନୀତି ଦୃଷ୍ଟିରୁ ଆମେ କେବଳ ଆଶା କରିବା ଯେ, ସେ ନିଜ ତ୍ରୁଟିକୁ ସ୍ୱୀକାର କରିବେ ଏବଂ ଆମେରିକା ଅର୍ଥ ବ୍ୟବସ୍ଥାକୁ ଅଧିକ କ୍ଷତି ପହଞ୍ଚାଇବା ପୂର୍ବରୁ ତାଙ୍କ ନିଷ୍ପତ୍ତିର ପରିବର୍ତ୍ତନ କରିବେ।

**ପୂର୍ବତନ ମୁଖ୍ୟ ଅର୍ଥନୀତିଜ୍ଞ, ବିଶ୍ୱବ୍ୟାଙ୍କ**

# ନୂଆ ଓଡ଼ିଶାର ନୂଆ ପିଢ଼ିକୁ ଆହ୍ୱାନ



ମୋହନ ଚରଣ ମାଝୀ

ଆଜି ପବିତ୍ର ସ୍ୱାଧୀନତା ଦିବସ। ପିଢ଼ି ପରେ ପିଢ଼ିର ତ୍ୟାଗ, ତପସ୍ୟା ଓ ବଳିଦାନର ମୂଳଦୁଆ ଉପରେ ଠିଆ ହୋଇଛି ଆମ ସ୍ୱାଧୀନତା ଓ ଗଣତନ୍ତ୍ରର ସୌଧ। ଆମର ବଳିଦାନୀ ସ୍ୱାଧୀନତା ସଂଗ୍ରାମୀ ଦିଲ୍ଲୀରୁ ପଲ୍ଲୀ ପର୍ଯ୍ୟନ୍ତ ସମସ୍ତଙ୍କ ସ୍ମୃତିରେ କୋଟି କୋଟି ପ୍ରଣାମ। ଆମର ସ୍ୱାଧୀନତା ସଂଗ୍ରାମ କେତୋଟି ହାତଗଣତି ପରିବାରର ଅବଦାନ ନ ଥିଲା ବରଂ ଏହା ଥିଲା ଗତ ଶତାବ୍ଦୀର ସବୁଠାରୁ ବଡ଼ ଜନ ଆନ୍ଦୋଳନ।

ମୁଖ୍ୟମନ୍ତ୍ରୀ ଭାବରେ ନୁହେଁ, ଜଣେ ସାଧାରଣ ଓଡ଼ିଆ ଓ ଆଦିବାସୀ ଭାବରେ ମୁଁ ବି ସାରା ଦେଶ ଓ ମୋ ପ୍ରିୟ ରାଜ୍ୟବାସୀଙ୍କ ସହ ଏହି ମହାନ୍ ଉତ୍ସବରେ ସାମିଲ। ଆଜି ରାଜଧାନୀର ଗାନ୍ଧୀ ମାର୍ଗରେ ରାଜ୍ୟସ୍ତରୀୟ ପରେଡ୍‌ରେ ଯୋଗଦେବାର ଉତ୍ସାହ ଅଛି। ଏହି ଅବସରରେ ମୁଁ ନିଶ୍ଚିତ ଭାବରେ ମୋ ସରକାର, ଜନ ଆକାଂକ୍ଷା ଓ ବିକାଶର ଆଲୋଚନା କରିବି। କିନ୍ତୁ ତା' ପୂର୍ବରୁ ମୋ ରାଜ୍ୟର ନୂଆ ଓଡ଼ିଶାର ନୂଆ ପିଢ଼ି ସହ କିଛି କଥା - କିଛି ବ୍ୟଥା ବାଣ୍ଟିବାକୁ ଚାହୁଁଛି।

ଆମ ମାତୃଭୂମି ଓଡ଼ିଶା କେବଳ ଏକ ଭୂଖଣ୍ଡ ନୁହେଁ। କେବଳ ଏକ ଭୌଗୋଳିକ ଅବସ୍ଥିତି ନୁହେଁ, ଏହା ୪.୫ କୋଟି ଓଡ଼ିଆଙ୍କ ଭାବାବେଗର ଅଭିବ୍ୟକ୍ତି। ହଜାର ହଜାର ବର୍ଷର ଆମ ଇତିହାସରୁ ପ୍ରେରଣା ନେଇ ବିକାଶର ରାସ୍ତାରେ ଯିବା ସତ, କିନ୍ତୁ ଆମ ଯଶସ୍ୱୀ ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦିଜୀଙ୍କ 'ବିକାଶ ଭି ବିରାଶତ୍ ଭି' ଏହି ମନ୍ତ୍ରରେ ଉଦ୍‌ବୁଦ୍ଧ ହେବା ପାଇଁ ମୁଁ ନୂଆ ଓଡ଼ିଶାର ନୂଆ ପିଢ଼ିକୁ ସ୍ୱାଧୀନତା ଦିବସର ଏହି ଶୁଭ ଅବସରରେ ଆହ୍ୱାନ ଜଣାଉଛି।

ସାରା ବିଶ୍ୱରେ ଅନେକ ସଭ୍ୟତା ଜନ୍ମ ନେଇଛି। ଏହାର ବିଲୟ ବି ହୋଇଛି। ଭାରତୀୟ ସଭ୍ୟତା ଅନାଦି-ଅନନ୍ତ କାଳରୁ ଅଛି ଏବଂ ଭାରତର ସନାତନୀ ବିଚାର ଆହୁରି ଯୁଗ ଯୁଗ ଧରି ବଞ୍ଚି ରହିବ, କାରଣ ଆମେ ଭାରତୀୟ ଆମ ଐତିହ୍ୟ ପରମ୍ପରାକୁ ସାଙ୍ଗରେ ନେଇ ହିଁ ଆଗକୁ ଯାଇଛୁ।

ମହମ୍ମଦ ଇକ୍‌ବାଲଙ୍କ 'ସାରେ ଜହାଁ ସେ ଅଚ୍ଛା' କବିତାର ପଦଟିଏ କହିବି-
''ୟୁନାନ-ଓ-ମିଶ୍ର-ଓ-ରୋମା, ସବ୍ ମିଟ୍ ଗୟେ ଜହାଁ ସେ
ଅବତକ ମଗର ହେ ବାକି, ନାମ ଔର ନିଶାନ ହମାରା
କୁଛ ବାତ୍ ହୈ କି ହସ୍ତୀ ମିଟତି ନେହିଁ ହମାରି''

ସେଇ 'କୁଛ୍ ବାତ୍ ହୈ କୀ ହସ୍ତୀ' ହେଉଛି ଆମ ଭାରତୀୟ ସମାଜର ସଂସ୍କୃତି-ପରମ୍ପରା ଓ ଅସ୍ମିତା।

୧୯୪୭ରେ ଆମର ସ୍ୱାଧୀନତା ଆନ୍ଦୋଳନ ପୂର୍ବରୁ ଏ ଓଡ଼ିଆ ଜାତି ସମାନ୍ତରାଳ ଭାବେ ସ୍ୱତନ୍ତ୍ର ଉତ୍କଳ ପ୍ରଦେଶ ଗଠନ ପାଇଁ ଭାରତରୁ ବିଲାତ ପର୍ଯ୍ୟନ୍ତ ସଂଘର୍ଷ ଲଢ଼ିଥିଲା। ୧୯୩୬ ମସିହାରେ ଓଡ଼ିଶା ଦେଶର ପ୍ରଥମ ଭାଷାଭିତ୍ତିକ ରାଜ୍ୟ ଭାବରେ ଗଠିତ ହେଲା।

ଆମେ ଭାଷାଭିତ୍ତିକ ସ୍ୱତନ୍ତ୍ର ପ୍ରଦେଶର ଲଢ଼େଇ ଲଢ଼ିଲୁ। ଦେଶର ମୁକ୍ତି ଆନ୍ଦୋଳନ ବି ଲଢ଼ିଲୁ। ଗୋଟିଏ ପଟେ ଆଞ୍ଚଳିକ ପରିଚୟ ପାଇଁ ଲଢ଼େଇ, ସେପଟେ ରାଷ୍ଟ୍ରୀୟ ସ୍ରୋତ। ଓଡ଼ିଶା ସାରା ଦେଶକୁ ରାଷ୍ଟ୍ରୀୟ ଏକତାର ନୂଆ ସନ୍ଦେଶ ଦେଇଥିଲା। ଦୁଇଟି ଆନ୍ଦୋଳନ, ଆଞ୍ଚଳିକ ସ୍ୱତନ୍ତ୍ର ପରିଚୟକୁ ସ୍ୱୀକୃତି ଓ ରାଷ୍ଟ୍ରୀୟ ମୁକ୍ତି ସଂଗ୍ରାମ, ଏକ ଓ ଅଭିନ୍ନ, ଏହା ଓଡ଼ିଶା ହିଁ ସମ୍ଭବ କରି ଦେଖାଇଥିଲା।

ଆମ ଓଡ଼ିଆ ମାଟିର ଶକ୍ତି କିଛି ଅଲଗା। କିଏ କହିଲା ଓଡ଼ିଶା କଳିଙ୍ଗ ଯୁଦ୍ଧ ହାରିଥିଲା? କଳିଙ୍ଗ ଯୁଦ୍ଧରେ ଲକ୍ଷେ ଓଡ଼ିଆଙ୍କ ବଳିଦାନ ଦୟାନଦୀକୁ ରକ୍ତରଞ୍ଜିତ କରି ନ ଥିଲା ବରଂ ଓଡ଼ିଆଙ୍କ ବଳିଦାନ ସାରା ବିଶ୍ୱରେ ବୌଦ୍ଧ ମତର ପ୍ରଚାର ମାଧ୍ୟମରେ ଶାନ୍ତିର ବିଜୟ ବୈଜୟନ୍ତୀ ଉଡ଼ାଇଥିଲା।

ରାଜ୍ୟ ଯୁଦ୍ଧ ଲଢୁଥିଲା। କିନ୍ତୁ ରାଜା ନ ଥିଲେ? ବୋଧହୁଏ ଇତିହାସକାରମାନଙ୍କର ଏହା ମତ। କିନ୍ତୁ ଆଜି ଦିନରେ ଭାରତୀୟ ଇତିହାସକାରମାନେ ସେ ସମୟର ଯୁଦ୍ଧ ବ୍ୟବସ୍ଥା, ନାଗରିକ ସମାଜର ସାମୂହିକ ନିର୍ଣ୍ଣୟ ଏବଂ ଯୁଦ୍ଧ ରଣନୀତି ଉପରେ ପୁଣି ଅନୁଧ୍ୟାନ ଓ ଗବେଷଣା କରି ଅନେକ ପରଦା ହଟାଇବାର ସମ୍ଭାବନା ଅଛି। ଓଡ଼ିଶାରେ ଦୁଇ ହଜାର ବର୍ଷରୁ ଊର୍ଦ୍ଧ୍ୱ ସମୟ ପୂର୍ବରୁ ଗଣତନ୍ତ୍ରର ପଦଚିହ୍ନ ଖୋଜିବାକୁ ଆଜି ସମୟ ଆସିଛି କି ନାହିଁ ଥରେ ଚିନ୍ତା କରନ୍ତୁ? ରାଜା ନ ଥିଲେ, ରାଜ୍ୟ ଓ ଯୁଦ୍ଧ ସୁପରିଚାଳନା ହେଉଥିଲା ଏହା ତ ବଡ଼ ଗବେଷଣାର ପ୍ରସଙ୍ଗ। ମାନେ, ଯଦି ଏହା ସତ ତେବେ ଓଡ଼ିଶା ବିଶ୍ୱକୁ ନୂଆ ମ୍ୟାନେଜମେଣ୍ଟ ଥିଓରି ଶିଖାଇବାର କ୍ଷମତା ରଖିଛି ବୋଲି କୁହାଯାଇପାରିବ ନା ନାହିଁ?

ମୋର ଓଡ଼ିଶାର ନୂଆ ପିଢ଼ିଙ୍କୁ ଅନୁରୋଧ, ଥରେ କୋଣାର୍କ ଯାଇ ଓଡ଼ିଶାର ବୈଜ୍ଞାନିକ ପରମ୍ପରାକୁ, ଉଦ୍ୟମୀ ସମାଜ ତଥା ପ୍ରାଚୀନ ଯୁଗରେ ଆଧୁନିକତାର ଛାପକୁ ଆଖିରେ ଦେଖନ୍ତୁ।

ଆଉ ଥରେ କୋଣାର୍କ ବୁଲନ୍ତୁ, ଅନୁଭବ ଲେଖନ୍ତୁ। ଭଗବାନ ସୂର୍ଯ୍ୟନାରାୟଣଙ୍କ ଉଦୟରୁ ଅସ୍ତ, ଗ୍ରହ ମଣ୍ଡଳର ଗତି, ପୃଥିବୀ-ସୂର୍ଯ୍ୟ-ଚନ୍ଦ୍ରର ସ୍ଥିତି-ଅବସ୍ଥିତିର ଗଭୀର ଅଧ୍ୟୟନ ବିନା ସୂର୍ଯ୍ୟମନ୍ଦିର ସମ୍ଭବ କି? ଚତୁଃପାର୍ଶ୍ୱର ସୂର୍ଯ୍ୟମୂର୍ତ୍ତିମାନଙ୍କର ଅବସ୍ଥିତି, ଚକରେ ସମୟ ଗଣନାର ନିର୍ଭୁଲ୍ ପ୍ରକ୍ରିୟା ଓଡ଼ିଆ ଜାତିର ବୈଜ୍ଞାନିକ ଆଧାରର ପ୍ରମାଣ ନା ନାହିଁ?

ସୂର୍ଯ୍ୟମନ୍ଦିର ଆମ ପୂର୍ବ ପୁରୁଷମାନେ ଆଷ୍ଟ୍ରୋଫିଜିକ୍ସରେ ପାରଙ୍ଗମ ଥିଲେ ବୋଲି ପ୍ରମାଣିତ କରୁନାହିଁ କି? କୋଣାର୍କରେ ଜିରାଫର ମୂର୍ତ୍ତି ଓଡ଼ିଶାର ଆଫ୍ରିକା ମହାଦେଶ ସହ ସମ୍ପର୍କର ସୂଚନା ଦେଉନାହିଁ କି?

କୋଣାର୍କ କାନ୍ଥରେ ଭ୍ୟାନିଟି ବ୍ୟାଗଧାରୀ ମହିଳାଙ୍କ ମୂର୍ତ୍ତିକୁ ଥରେ ଦେଖନ୍ତୁ। ତ୍ରୟୋଦଶ ଶତାବ୍ଦୀ ମହିଳାଙ୍କ ହାତରେ ଭ୍ୟାନିଟି ବ୍ୟାଗ? ନୂଆ ଓଡ଼ିଶାର ନୂଆ ପିଢ଼ି କୋଣାର୍କର ଏହି ମୂର୍ତ୍ତିକୁ ନିଜେ ଆଖିରେ ଦେଖିବା ଉଚିତ କି ନାହିଁ ?

ଆମର ପୁଅ ପଠାଣି ସାମନ୍ତ କେତେ ଖଣ୍ଡ ବାଉଁଶ ନଳୀରେ ସୂର୍ଯ୍ୟ-ଚନ୍ଦ୍ର, ଗ୍ରହ-ନକ୍ଷତ୍ରଙ୍କ ସ୍ଥିତି ଏବଂ ଅବସ୍ଥିତିର ନିର୍ଭୁଲ୍ ଗଣନା କରିଥିଲେ ନା ନାହିଁ ?

ମହାପ୍ରଭୁ ଶ୍ରୀଜଗନ୍ନାଥ ମନ୍ଦିରରୁ ପ୍ରକାଶିତ ହେଉଥିବା ପଞ୍ଜିକାର ଗଣନାରେ କେବେ ସୂର୍ଯ୍ୟପରାଗ, ଚନ୍ଦ୍ରଗ୍ରହଣର ଗଣନା ଭୁଲ୍ ହୋଇଛି? ବିଜ୍ଞାନର ସୃଷ୍ଟିର କାହିଁ କେଉଁ ଶତାବ୍ଦୀ ପୂର୍ବରୁ ଓଡ଼ିଆ ଜାତି ବିଜ୍ଞାନରେ ପାରଙ୍ଗମ ଥିଲା, ଏହା ପ୍ରମାଣ ଦେବାର ଆବଶ୍ୟକତା ଅଛି କି?

ଆମ ସନ୍ଥକବି ଭୀମ ଭୋଇଙ୍କର କାଳଜୟୀ କବିତା ''ପ୍ରାଣୀଙ୍କ ଆରତ, ଦୁଃଖ ଅପ୍ରମିତ ଦେଖୁ ଦେଖୁ କେବା ସହୁ, ମୋ ଜୀବନ ପଛେ ନର୍କେ ପଡ଼ିଥାଉ, ଜଗତ ଉଦ୍ଧାର ହେଉ'' ବୋଧହୁଏ ପୃଥିବୀର ସବୁଠୁ ବଡ଼ ଦାର୍ଶନିକମାନଙ୍କଠାରୁ ଆମ ଭୀମ ଭୋଇଙ୍କ ବିଚାର ବହୁ ଉଚ୍ଚକୋଟୀର, ଏଥିରେ ସନ୍ଦେହ କରିବାର କିଛି ଅଛି ? ଓଡ଼ିଶା ହେଉଛି ଏହି ଜାତି। ଯେଉଁଠି ସଂସ୍କୃତ ପରେ ପ୍ରଥମେ ଓଡ଼ିଆ ଭାଷାରେ ସାରଳା ଦାସ ମହାଭାରତ ରଚନା କରିଥିଲେ। ମହାକବି କାଳିଦାସ ଓଡ଼ିଶାର ରାଜାଙ୍କୁ 'ମହୋଦଧି ପତି' ଅର୍ଥାତ୍ ସମୁଦ୍ରର ରାଜା ଭାବେ ସମ୍ବୋଧିତ କରିଛନ୍ତି।

ଆମର ସାଧବପୁଅ ପୂରା ଦକ୍ଷିଣ-ପୂର୍ବ ଏସୀୟ ଦେଶ ସମୂହରେ ବେପାର ବଣିଜ କରି ଓଡ଼ିଶାକୁ ସମ୍ପନ୍ନ କରି ନ ଥିଲେ ବରଂ ସମଗ୍ର ବିଶ୍ୱରେ ଓଡ଼ିଶାକୁ ଆର୍ଥିକ ଦୃଷ୍ଟିରୁ ଏକ ଆଗୁଆ ଭୂଖଣ୍ଡ କରିଥିଲେ। ଏ ଜାତିର ଗୌରବର ଗାଥା ଗଙ୍ଗାରୁ ଗୋଦାବରୀ ବିଜୟର ସଫଳତା ପଛରେ ଲୁଚିଛି।

ଆଜି ପବିତ୍ର ସ୍ୱାଧୀନତା ଦିବସରେ ନୂଆ ଓଡ଼ିଶାର ନୂଆ ପିଢ଼ିଙ୍କୁ ଓଡ଼ିଶାର ଐତିହ୍ୟ - ପରମ୍ପରା ଏବଂ ମହାନ୍ ଇତିହାସର ଅଧ୍ୟୟନ କରିବା ସହ ସେଥିରେ ଗର୍ବିତ ହେବାକୁ ଆହ୍ୱାନ ଜଣାଉଛି।

୨୦୩୬ ମସିହାରେ ସ୍ୱତନ୍ତ୍ର ପ୍ରଦେଶ ଗଠନର ୧୦୦ ବର୍ଷ ପୂର୍ତ୍ତି ହେବ। ୨୦୪୭ ଦେଶ ସ୍ୱାଧୀନତାର ୧୦୦ ବର୍ଷ ପୂର୍ତ୍ତି ହେବ। ୨୦୨୫ରୁ ୨୦୩୬ ଆଉ ୧୦-୧୧ ବର୍ଷର ସମୟ। ୨୦୨୫ରୁ ୨୦୪୭ ଆଉ ୨୦-୨୨ ବର୍ଷର ସମୟ। ହାତରେ ମୋଟ ୨ ଦଶନ୍ଧିର ସମୟ ଏବଂ ସେଥିରେ ପ୍ରଥମ ଦଶନ୍ଧି ଆମ ପାଇଁ ଖୁବ୍ ଗୁରୁତ୍ୱପୂର୍ଣ୍ଣ।

ଆସନ୍ତୁ ପବିତ୍ର ସ୍ୱାଧୀନତା ଦିବସରେ ଗଣତନ୍ତ୍ରର ଜୟ ଜୟକାର କରିବା ତା'ସହ ବିକାଶ ପାଇଁ ହିଁ ଗଣତନ୍ତ୍ର ଏହାର ମହତ୍ତ୍ୱକୁ ବୁଝି ବିକଶିତ ଭାରତର ମୂଳଦୁଆ ଆମ ଜନ୍ମମାଟି ଓଡ଼ିଶାରୁ ପକାଇବା। ସେଥିପାଇଁ ସୁଚିନ୍ତିତ ଯୋଜନା ସହ ସମୟବଦ୍ଧ ଲକ୍ଷ୍ୟ ଆଧାରିତ କାର୍ଯ୍ୟକ୍ରମ ହାତକୁ ନେବା ପାଇଁ ମୋ ସରକାର ବଦ୍ଧପରିକର।

ସାମ୍ନାରେ ଆମର ଭିଜନ-୨୦୩୬ ଅଛି। ୨୦୨୯ ମସିହା ସୁଦ୍ଧା ଆମର ଲକ୍ଷ୍ୟ ସଂକଳ୍ପପତ୍ର ମାଧ୍ୟମରେ ଉପଲବ୍ଧ। ଗଣତନ୍ତ୍ରରେ ବିତର୍କ ଓ ଆଲୋଚନା ମାଧ୍ୟମରେ ସବୁ ମତ, ମତ ପାର୍ଥକ୍ୟକୁ ଗୋଟିଏ ମଞ୍ଚରେ ଏକାଠି କରି ଆସନ୍ତୁ ଆମର ଭବିଷ୍ୟତ ପାଇଁ ଏକମତ ହେବା।

ମୋର ଓଡ଼ିଶାର ପ୍ରିୟ ଭାଇ ଓ ଭଉଣୀମାନେ ଆମର ନିଷ୍ଠାପର ଉଦ୍ୟମ ସହ ମହାପ୍ରଭୁ ଶ୍ରୀଜଗନ୍ନାଥଙ୍କ ଆଶୀର୍ବାଦ ଆମକୁ ସଫଳତାର ଶୀର୍ଷକୁ ନେଇପାରିବ ବୋଲି ଓଡ଼ିଆ ଜାତିର ଏହା ଦୃଢ଼ ବିଶ୍ୱାସ।

ଦିନେ ମହାପ୍ରଭୁ ବଡ଼ଭାଇଙ୍କ ସହ କଳା-ଧଳା ଘୋଡ଼ାରେ ଚଢ଼ି ଆମ ରାଜା ଓ ରାଜ୍ୟବାସୀଙ୍କ ମାନ ରଖିବା ପାଇଁ କାଞ୍ଚି ବିଜୟରେ ବାହାରି ଥିଲେ। ଓଡ଼ିଆଙ୍କ ଏହି ଅଖଣ୍ଡ ଜନ ବିଶ୍ୱାସରେ ଜଣେ ସାଧାରଣ ଓଡ଼ିଆ ଓ ଆଦିବାସୀ ଭାବରେ ମୁଁ ବି ସାମିଲ। ଆସନ୍ତୁ ପୁଣି ଆମ ରାଜ୍ୟ ଓଡ଼ିଶାକୁ ପ୍ରଗତିର ଶୀର୍ଷକୁ ନେବା ପାଇଁ ଆଜି ଦିନରେ ଶପଥ ନେବା।

ବନ୍ଦେ ଉତ୍କଳ ଜନନୀ
ଭାରତ ମାତାକୀ ଜୟ

**ମୁଖ୍ୟମନ୍ତ୍ରୀ, ଓଡ଼ିଶା ସରକାର**

# ମହାଯୋଗୀ ଶ୍ରୀଅରବିନ୍ଦ



ବିମଳ ପ୍ରସନ୍ନ ଦାସ

ଶ୍ରୀଅରବିନ୍ଦଙ୍କ ପବିତ୍ର ଆବିର୍ଭାବ ଦିବସ (୧୫ ଅଗଷ୍ଟ ୧୮୭୨) ର ମହିମା ପ୍ରତିପାଦିତ କରି ଦିବ୍ୟ ଜନନୀ ଶ୍ରୀମା ଏହାକୁ ଶାଶ୍ୱତଙ୍କ ଜନ୍ମ ଭାବରେ ଅଭିହିତ କରିଛନ୍ତି । ଏହାର ତାତ୍ପର୍ଯ୍ୟ ବୁଝାଇ କହିଛନ୍ତି, ଆଧ୍ୟାତ୍ମିକ ଦୃଷ୍ଟିରୁ ଏହା ହେଉଛି ପୃଥିବୀ ପୃଷ୍ଠରେ ପରମ ଓ ଶାଶ୍ୱତଙ୍କର ଶାଶ୍ୱତ ଆବିର୍ଭାବ। ୧୫ ଅଗଷ୍ଟ ୧୯୪୭ରେ ଭାରତ ବି ସ୍ୱାଧୀନ ହୋଇଥିଲା। ଯୁଗପୁରୁଷଙ୍କ ଜନ୍ମତିଥିରେ ଏକ ସ୍ୱାଧୀନ ରାଷ୍ଟ୍ରର ପ୍ରତିଷ୍ଠା ହେବା କେବଳ ଏକ ଆକସ୍ମିକତା ନ ହୋଇ ପାରେ, ତାହା ହୋଇପାରେ ଏକ ବିସ୍ମୟ, ଏକ ଆଲୌକିକତା। ଶ୍ରୀଅରବିନ୍ଦଙ୍କ ଦୃଷ୍ଟିରେ ଭାରତ ନଦୀ, ଗିରି, ବନ, ପାହାଡ଼, ପର୍ବତ ଓ କାନ୍ତାରର ସମାହାର କିମ୍ବା ୪୦ କୋଟି ଲୋକଙ୍କର ଅଧ୍ୟୁଷିତ ଭୂମି ନୁହେଁ। ଏହା ଏକ ଅଖଣ୍ଡ ସଂସ୍କୃତିର ପ୍ରବହମାନ ଧାରା, ଏକ ଜୀବନ୍ତ ସତ୍ତା ମା। ତା'ର ବିକାଶଶୀଳ ଆତ୍ମା, ଏକ ବିବିଧବର୍ଣ୍ଣା, ପ୍ରଜ୍ଞାମୟୀ, ମମତାମୟୀ, ସମ୍ବେଦନଶୀଳା, ପୁଣ୍ୟମୟୀ ମା'। ତା'ର ଗୌରବ-ପୂର୍ଣ୍ଣ ଅତୀତକୁ ଅନନ୍ତ ସମ୍ଭାବନାମୟ ଭବିଷ୍ୟତ ସହ ସଂଯୁକ୍ତ କରୁଥିବା ତାଙ୍କର ଆଧ୍ୟାତ୍ମିକ ଉପଲବ୍ଧି ତାଙ୍କ ତପସ୍ୟାର ଫଳଶ୍ରୁତି। ୧୫ ଅଗଷ୍ଟରେ ଭାରତ ସ୍ୱାଧୀନ ହେବା ତା'ର ସ୍ଥୂଳ ପରିପ୍ରକାଶ। ଏହି ପବିତ୍ର ଐତିହାସିକ ଦିବସ ବିରଳ ଗୌରବ ବହନ କରିଛି ଯେତେବେଳେ ରାଷ୍ଟ୍ର ତଥା ରାଷ୍ଟ୍ରନାୟକମାନଙ୍କର ଯୁଗ୍ମ ଜୟନ୍ତୀ ପାଳିତ ହେଉଥିବ।

ଶ୍ରୀଅରବିନ୍ଦଙ୍କ ଦିବ୍ୟଦୃଷ୍ଟିରେ ଭାରତୀୟତା ଏକ ବିସ୍ତୃତ ଚେତନା। ତାଙ୍କୁ ଅଭିବ୍ୟକ୍ତ କରି ଶ୍ରୀମା ଯଥାର୍ଥରେ କହିଛନ୍ତି, 'ଶ୍ରୀଅରବିନ୍ଦଙ୍କୁ କିଏ ବୁଝିପାରିବ ସେ ତ ବିଶ୍ୱ ଭଳି ବିଶାଳ ଏବଂ ଅସୀମ ଓ ଅନନ୍ତ ତାଙ୍କର ବାର୍ତ୍ତା। ସେ ବୈରାଗୀ, ବନଚାରୀ ବା ସନ୍ନ୍ୟାସୀ ନୁହନ୍ତି। ସେ ହିଁ ମୁକ୍ତି ସଂଗ୍ରାମର ମହାସଙ୍ଗୀତ 'ବନ୍ଦେ ମାତରମ୍'ର ଆଗ୍ନେୟ ଆହ୍ୱାନ। ଉତ୍ସାହ ଓ ଉଦ୍ଦୀପନାର ଅଫୁରନ୍ତ ଉତ୍ସ। ସେ ମହାଯୋଗୀ, ଜ୍ଞାନ, ଭକ୍ତି ଓ କର୍ମର ଅପୂର୍ବ ସମନ୍ୱୟ-ପୂର୍ଣ୍ଣ ଯୋଗର ପବିତ୍ର ତ୍ରିବେଣୀ ସଙ୍ଗମ। ଶ୍ରୀମାଙ୍କ ଅନୁପମ ଭକ୍ତି 'ଶ୍ରୀଅରବିନ୍ଦଙ୍କ ବାଣୀ ଅମ୍ଳାନ ସୂର୍ଯ୍ୟାଲୋକ ସଦୃଶ ଭବିଷ୍ୟତକୁ ଉଦ୍‌ଭାସିତ କରେ'। ସମଗ୍ର ବିଶ୍ୱ ଏକମାତ୍ର ଆଦି ଚେତନାର ପ୍ରବାହ। ସେ ହିଁ ଚେତନାର କ୍ରମ ବିକାଶ, ଅବିଭକ୍ତ ଆତ୍ମାହାର ଉତ୍ତରଣ ଓ ଅବତରଣ। ଜଡ଼ରୁ ଜୀବନ, ପ୍ରାଣ, ମନ ଓ ଅତିମାନସ - ଏ ସବୁର ନିଶ୍ଚିତ ପ୍ରତିଶ୍ରୁତି ସେ ରଖିଯାଇଛନ୍ତି। ଚୈତନ୍ୟ ପୁରୁଷଙ୍କ ଜାଗରଣ, ମନ, ପ୍ରାଣ, ଶରୀରର ବିବର୍ତ୍ତନ ଏ ସମସ୍ତ ରହସ୍ୟ ତାଙ୍କ ଦିବ୍ୟଦୃଷ୍ଟିରେ ଉନ୍ମୋଚିତ ହୋଇଛି। ଅତିମାନସ ଶକ୍ତିର କ୍ରିୟା ଫଳରେ ଆଜିର ଅର୍ଦ୍ଧପଶୁବତ ମଣିଷ ଦିବ୍ୟ ସ୍ୱରୂପ ଧାରଣ କରିବ, ଏ ପୃଥିବୀ ଦିବ୍ୟ ମାନବ ଦ୍ୱାରା ଅଧ୍ୟୁଷିତ ହେବ, ଏହା ସେ ବଜ୍ର ଗମ୍ଭୀର ସ୍ୱରରେ ଘୋଷଣା କରି ଯାଇଛନ୍ତି। ଅତିମାନସ କ୍ରିୟା ଫଳରେ ଏ ମଣିଷ ଦିବ୍ୟ ମାନବର ରୂପାନ୍ତରିତ ହୋଇଯିବ। ମୃତ୍ୟୁର ସନ୍ତାନ ବୁଝିପାରିବ ସେ ହିଁ 'ଅମୃତର ସନ୍ତାନ'। ଶ୍ରୀଅରବିନ୍ଦ 'ଦିବ୍ୟ ଜୀବନ ଗ୍ରନ୍ଥ'ରେ ୬୮୪-୮୫ ପୃଷ୍ଠାରେ ଏହା ସ୍ପଷ୍ଟ ଉଲ୍ଲେଖ କରିଛନ୍ତି। ଏହି ଭକ୍ତି ହିଁ ମୃତ୍ୟୁ ଦେବତାଙ୍କ ପ୍ରଶ୍ନର ମା' ସାବିତ୍ରୀଙ୍କ ଯଥାର୍ଥ ଉତ୍ତର। ସତ୍ୟବାନଙ୍କ ଜୀବନ ଫେରାଇ ଦେବାପାଇଁ ମା' ଦାବି କଲାରୁ ଯମରାଜ ଅତ୍ୟନ୍ତ ବିଦ୍ରୂପ କରି କହିଲେ 'ଏଇ ଦୁଇଗୋଡ଼ିଆ ଲଙ୍ଗଳା, ଫୁଙ୍ଗୁଳା କୀଟ ଯାହାକୁ କହ ମଣିଷ ତା' ଦେହ ଓ ମୁହଁରେ ଦେବତାର ସ୍ୱରୂପ କିଏ ଦେଖିବ? ('ସାବିତ୍ରୀ' ୬୩୪ ପୃଷ୍ଠା )



ଶ୍ରୀଅରବିନ୍ଦଙ୍କ ଭବିଷ୍ୟତର ମହାକାବ୍ୟ, 'ସାବିତ୍ରୀ' ଯୋଗମାର୍ଗ ବିଭୂତିର ସଂହିତା। ତାଙ୍କ ଦିବ୍ୟଜୀବନ ଗ୍ରନ୍ଥ (LIFE DIVINE) ଯୋଗ ସମନ୍ୱୟ (SYNTHESIS OF YOGA) ବେଦର ରହସ୍ୟ (SECRETS OF VEDA), ଗୀତା ନିବନ୍ଧମାଳା (ESSAYS OF GITA) ଭାରତୀୟ ସଂସ୍କୃତିର ମୂଳଧାର (FOUNDATION OF INDIAN CULTURE) ଯୋଗ ପତ୍ରାବଳି (LETTERS ON YOGA) ପ୍ରଭୃତି ଗ୍ରନ୍ଥରେ ଜଗତ ଓ ଜୀବନର ଅବିସ୍ମରଣୀୟ ଅତୀତ ସହ ଅନନ୍ତ ସମ୍ଭାବନାମୟ ଭବିଷ୍ୟତ ଉନ୍ମୋଚିତ ହୋଇଛି। ଶ୍ରୀଅରବିନ୍ଦ ଘୋଷଣା କରିଛନ୍ତି ଭାରତର ସ୍ୱଧର୍ମ ଓ ସ୍ୱଭାବର ପ୍ରତିଷ୍ଠା ସେ ପ୍ରତ୍ୟକ୍ଷ କରିଛନ୍ତି ଏକ ମହତ୍ତର ଅତିମାନସ ମାନବୋତ୍ତର ପ୍ରାଣୀର ଆବିର୍ଭାବ ଏବଂ ସାମ୍ପ୍ରତିକ ସମୟର ଗ୍ଲାନି, ହିଂସା, ଦ୍ୱେଷ ଓ ଅତ୍ୟାଚାର ସତ୍ତ୍ୱେ ଏକ ନୂତନ ଯୁଗର ଆଗମନୀ। ଅନ୍ଧକାର ଓ ନିଶ୍ଚେତନା ଉପରେ ବିଜୟ ଲାଭ କରିଥିବା ଦିବ୍ୟଚେତନାର ଅଭ୍ୟୁଦୟ। ମଣିଷର ସମ୍ଭାବନାମୟ ଭବିଷ୍ୟତ ସମ୍ପର୍କରେ ସେ ପ୍ରଚଣ୍ଡ ଆଶାବାଦୀ। ତାଙ୍କର ବାଣୀ ଓ ରାଶି ରାଶି ରଚନା ପାଠକଲେ ମଣିଷ ଆଶାୟୀ ହୁଏ, ଆଶ୍ୱସ୍ତ ହୁଏ ଯେ ଏ ସଭ୍ୟତାର ଉତ୍ତରଣ, ଅଟକିଯିବନାହିଁ, ଏ ପୃଥିବୀ ଧ୍ୱଂସ ପାଇବ ନାହିଁ। ବିଶ୍ୱାସ ଓ ବାସ୍ତବତା, ସଂସାର ଓ ଈଶ୍ୱର ମଧ୍ୟରେ ରହି ଆସିଥିବା ଯୁଗ ଯୁଗର ବ୍ୟବଧାନର ସେ ସଫଳ ତଥା ସାର୍ଥକ ସଂଯୋଜକ। ଶ୍ରୀରାମ, ଶ୍ରୀକୃଷ୍ଣ, ବୁଦ୍ଧ, ଶଙ୍କର, ଶ୍ରୀଚୈତନ୍ୟ ଓ ନାନକ ପ୍ରଭୃତି ଯେତେ ଅବତାର ଓ ସିଦ୍ଧ ସାଧକଙ୍କର ପ୍ରବାଦ ଓ ପ୍ରବଚନ ରହିଛି ସେ ଠିକ୍ ସେପରି ନୁହନ୍ତି ବା ସେସବୁ ସହିତ ଏକ ସଂଯୋଜନ ନୁହନ୍ତି। ସେ ସ୍ୱତନ୍ତ୍ର ଓ ବିରଳ। ତାଙ୍କର ସିଦ୍ଧାନ୍ତ ସାମ୍ପ୍ରତିକ ଅମାନୁଷିକତାର ମଣିଷ ଜାତିକୁ ଅତିମାନସିକତା ଆଡ଼କୁ ନେଇଯାଉ । ଆଜି ସେ ମହାଯୋଗୀଙ୍କ ପବିତ୍ର ଜନ୍ମତିଥିରେ ଆମେ ତାଙ୍କ ପାଦପଦ୍ମରେ କୋଟି ପ୍ରଣାମ ନିବେଦନ କରୁଛୁ।

ମୋ: ୯୪୩୮୧୮୬୨୨୬

## ଏଇ ଭାରତରେ

କଶ୍ମୀର ଜଳବାୟୁରେ ସାଫ୍ରୋନ ଚାଷ ହୁଏ। ଭାରତର ଅନ୍ୟ ଅଞ୍ଚଳରେ ଏହି ଚାଷ ଅସମ୍ଭବ ଥିବାବେଳେ ତାହାକୁ ସମ୍ଭବ କରିପାରିଛନ୍ତି କେରଳର ଶେଷାଦ୍ରି ଶିବକୁମାର। ସେ ପ୍ରତିକୂଳ ପରିବେଶରେ କଶ୍ମୀର ସାଫ୍ରୋନ ଚାଷକରି ଅଧିକ ଅମଳ କରିବାକୁ ସକ୍ଷମ ହୋଇଛନ୍ତି, ଯାହା ସାଫ୍ରୋନ କୃଷିରେ ଏକ ଭିନ୍ନ ଘଟଣା। ପେସାରେ ସେ ଜଣେ ସିଭିଲ ଇଞ୍ଜିନିୟର। ଶେଷାଦ୍ରି କଶ୍ମୀର ଯାଇ ଏହି ଚାଷ ସମ୍ପର୍କରେ ଜ୍ଞାନ ହାସଲ କରିଥିଲେ। ପ୍ରଥମେ ଚାଷରେ ୧୦ ଲକ୍ଷ ଟଙ୍କା ନିବେଶ କରିଥିଲେ। ଠିକ ଭାବେ ଚାଷ କରିବା ପାଇଁ ସେ ମଧ୍ୟ କୃଷି ବୈଜ୍ଞାନିକଙ୍କ ସହଯୋଗ ନେଇଥିଲେ ଏବଂ ଆରମ୍ଭରୁ ୪ କୁଇଣ୍ଟାଲ ସାଫ୍ରୋନ କଢ଼ି ଉତ୍ପାଦନ କରିଥିଲେ। ବଡ଼କଥା ହେଉଛି ମାତ୍ର ୨୨୫ ବର୍ଗଫୁଟ ଜାଗାରେ ଏରୋପୋନିକ୍ ପଦ୍ଧତି(ବିନାମାଟିରେ ନ୍ୟୁଟ୍ରିଏଣ୍ଟଯୁକ୍ତ ଜଳକଣା ବ୍ୟବହାର କରି କରାଯାଇଥାଏ)ରେ ସେ ଏହି ଚାଷ କରୁଛନ୍ତି। ତାଙ୍କ ଚାଷ ବ୍ୟବସ୍ଥା ସମ୍ପୂର୍ଣ୍ଣ ଭାବେ ସ୍ୱୟଂଚାଳିତ ତଥା ରିମୋଟ୍ ନିୟନ୍ତ୍ରିତ। ତାଙ୍କ ସଫଳତାର ବଡ଼ ଦିଗ ହେଉଛି ସେ ଗୋଟିଏ ବର୍ଷରେ ଏହି ଚାଷରୁ ୧୨ ଲକ୍ଷ ଟଙ୍କା ରୋଜଗାର କରିପାରିଛନ୍ତି। କେରଳରେ ସାଫ୍ରୋନ ଚାଷକୁ ବ୍ୟାପକ କରିବା ପାଇଁ ଶେଷାଦ୍ରି ଲୋକଙ୍କୁ ପ୍ରଶିକ୍ଷଣ ଦେଉଛନ୍ତି।

## ୫୦ ବର୍ଷ ତଳର ଧରିତ୍ରୀ

୧୫ ଅଗଷ୍ଟ ୧୯୭୬

- ରାଜ୍ୟ ପ୍ରଦେଶ କଂଗ୍ରେସର ଏକ ନିଜସ୍ୱ ସମ୍ବିଧାନ ପ୍ରଣୟନ କରିବାକୁ ନିଷ୍ପତ୍ତି ଗ୍ରହଣ କରିଛନ୍ତି।
- ଭୁବନେଶ୍ୱରସ୍ଥିତ ସମବାୟ ପ୍ରଶିକ୍ଷଣ ମହାବିଦ୍ୟାଳୟରେ ନୂତନ ଅଡିଟ୍ ଉପାଧି ପାଠ୍ୟକ୍ରମ ଆରମ୍ଭ କରାଯାଇଛି।

## ଚିରନ୍ତନୀ

ଧ୍ରୁବତାରାସମ ସେ ମୋତେ ସୁଦୂରୁଁ
ଚାହିଁ ରହେ ନିତି ନିତି
ବସନ୍ତ-ଫୁଲ କାନନୁ ତାହାର
ବହିଆସେ ସ୍ନେହ ପ୍ରୀତି
ସ୍ନିଗ୍ଧ ସୁନୀଳ ମୁକ୍ତ କବରୀ
ରହେ ଚିର ଦିନ ଗଗନ ଆବୋରି
ଗତିରେ ତାହାର ବାଜି ଉଠେ ଧୀରେ
ମୁଗ୍ଧ ବେହାଗ ଗୀତି
ଧ୍ରୁବତାରା ସମ ସେ ମୋତେ ସୁଦୂରୁଁ
ଚାହିଁ ରହେ ନିତି ନିତି ।
-(ମଧୁ-ବିବାହ)

-କାଳିନ୍ଦୀ ଚରଣ ପାଣିଗ୍ରାହୀ

## su | do | ku — ସୁ-ଡୋ-କୁ

Puzzles by Srikant Ghosh

| | | | | | | | | |
|---|---|---|---|---|---|---|---|---|
| | 6 | 8 | | | | 5 | | |
| | | | | | 6 | | 7 | |
| | | | | | 2 | | | |
| 3 | 7 | | | | | 9 | | |
| 6 | | | 7 | | | | | |
| | 8 | | | 5 | | | | 1 |
| | 4 | 1 | 6 | 3 | | | | 2 |
| | | | | | | | | 3 |
| 9 | | | | 8 | | 4 | | |

ଏହାର ଉତ୍ତର ପରବର୍ତ୍ତୀ ସଂସ୍କରଣରେ ପ୍ରକାଶ ପାଇବ

ଉପରେ ପ୍ରଦତ୍ତ ସୁଡୋକୁର ଏପରି ସମାଧାନ କରିବାକୁ ହେବ, ଯେପରି ପ୍ରତ୍ୟେକ ଧାଡ଼ି, ସ୍ତମ୍ଭ ଓ ଆୟତାକାର ବାକ୍ସ ଭିତରେ ୧ରୁ ୯ ପର୍ଯ୍ୟନ୍ତ ଅଙ୍କ ରହିବ।

| | | | | | | | | |
|---|---|---|---|---|---|---|---|---|
| 9 | 2 | 5 | 1 | 8 | 4 | 6 | 7 | 3 |
| 1 | 4 | 3 | 7 | 5 | 6 | 8 | 2 | 9 |
| 6 | 7 | 8 | 2 | 3 | 9 | 5 | 1 | 4 |
| 7 | 8 | 4 | 9 | 2 | 5 | 1 | 3 | 6 |
| 3 | 6 | 2 | 8 | 4 | 1 | 7 | 9 | 5 |
| 5 | 1 | 9 | 3 | 6 | 7 | 2 | 4 | 8 |
| 8 | 9 | 6 | 4 | 1 | 2 | 3 | 5 | 7 |
| 2 | 3 | 7 | 5 | 9 | 8 | 4 | 6 | 1 |
| 4 | 5 | 1 | 6 | 7 | 3 | 9 | 8 | 2 |

ଗତକାଲିର ଉତ୍ତର

## ପାଠକ ଶ୍ରେଷ୍ଠ ବିଚାରକ

### ଗଛରେ ଟିଣ ବିଜ୍ଞାପନ

ମହାଶୟ,
ରାସ୍ତାପାର୍ଶ୍ୱରେ ଥିବା ଗଛ ଦେହରେ ବିଭିନ୍ନ ସଂସ୍ଥାର ମୁଦ୍ରିତ ଟିଣରେ ନିର୍ମିତ ବିଜ୍ଞାପନ ମାନ ଲୁହାକଣ୍ଟାରେ ମରାହୋଇଥିବା ପରିଲକ୍ଷିତ ହେଉଛି। ବିଶେଷକରି ଘରୋଇ ଶିକ୍ଷାନୁଷ୍ଠାନ, ଗୁଟ୍‌ଖା ଓ ସିଗାରେଟ କମ୍ପାନୀର ବିଜ୍ଞାପନ ବେଶି ଦେଖିବାକୁ ମିଳୁଛି। ଏମାନେ ଗଛ କେବେ ଲଗାନ୍ତି ନାହିଁ। କିନ୍ତୁ ଗଛରେ କଣ୍ଟା ବାଡ଼େଇ ଟିଣ ବିଜ୍ଞାପନ ମାରିବା ଯୋଗୁ ଗଛର କ୍ଷତି ଘଟୁଛି। ଅନେକ କ୍ଷେତ୍ରରେ ଗଛ ମରିଯାଉଛି। ଏଣୁ ଏହି ବିଜ୍ଞାପନଦାତାଙ୍କ ଉପରେ କାର୍ଯ୍ୟାନୁଷ୍ଠାନ ଗ୍ରହଣ କରାଯାଉ। ସରକାର ଏଥିପ୍ରତି ଦୃଷ୍ଟିଦେବାକୁ ଅନୁରୋଧ।

**- କହ୍ନେଇ ଚରଣ ନନ୍ଦୀ, ସାଆନ୍ତା, ଶେରଗଡ଼, ବାଲେଶ୍ୱର**

ପାଠକ ଶ୍ରେଷ୍ଠ ବିଚାରକ ସ୍ତମ୍ଭକୁ ପତ୍ର ପଠାଇବାର ଠିକଣା: ସମ୍ପାଦକ, ଧରିତ୍ରୀ, ବି-୧୫, ରସୁଲଗଡ ଶିଳ୍ପାଞ୍ଚଳ, ଭୁବନେଶ୍ୱର-୭୫୧୦୧୦
କେବଳ ସମ୍ପାଦକଙ୍କୁ ପତ୍ର, ଖବର ପାଇଁ ବ୍ୟବହାର କରନ୍ତୁ : E-mail:dharitripress@gmail.com (Use only for letters to Editor, news & news photos) କେବଳ ବିଜ୍ଞାପନ ପାଇଁ ବ୍ୟବହାର କରନ୍ତୁ: E-mail:advt@dharitri.com :miku11@yahoo.com (Use only for advertisements,commercial queries)

**ବାହାରିଲା ତ୍ରିରଙ୍ଗା ଶୋଭାଯାତ୍ରା**

ପଡିଆବାହାଲ,(ରାଧାମୋହନ ଷଡ଼ଙ୍ଗୀ): ସମ୍ବଲପୁର ଜିଲା ଯୁଯୁମୁରା ବ୍ଲକ ପଡିଆବାହାଲ ଦୟାନନ୍ଦ ପବ୍ଲିକ ସ୍କୁଲ ତରଫରୁ ତ୍ରିରଙ୍ଗା ଶୋଭାଯାତ୍ରା ଗୁରୁବାର ବାହାରିଥିଲା। ପଧାନପାଲି ଡାକ୍ତରଖାନା ଛକରୁ ପଡିଆବାହାଲ ବଜାର ଦେଇ ଦୟାନନ୍ଦ ପବ୍ଲିକ ସ୍କୁଲ ପର୍ଯ୍ୟନ୍ତ ଯାଇଥିଲା। ସ୍କୁଲର ଶିକ୍ଷୟିତ୍ରୀ ଶିକ୍ଷକମାନଙ୍କ ତତ୍ତ୍ୱାବଧାନରେ ଛାତ୍ରୀଛାତ୍ରମାନେ ଜାତୀୟ ପତାକା ଧରି ଶୋଭାଯାତ୍ରା କରିଥିଲେ। ଲୋକଙ୍କ ମଧ୍ୟରେ ଦେଶପ୍ରେମ, ଜାତୀୟତାଭାବ ପାଇଁ ଆହ୍ୱାନ ଦେଇଥିଲେ। ଶୋଭାଯାତ୍ରାକୁ ରାସ୍ତା କଡରେ ଲୋକେ ସମ୍ମାନ ଜଣାଉଥିବା ଦେଖାଯାଇଥିଲା।

# ଭିସୁଟ୍‌ରେ ଲାଗୁ ହେଲା ଡ୍ରେସ୍‌କୋଡ୍

ସମ୍ବଲପୁର,୧୪।୮ (ପ୍ରମୋଦ ବହିଦାର)



ଡ୍ରେସ୍ କୋଡ଼କୁ ନେଇ ଭିସୁଟ୍ ନୋଟିସ ବୋର୍ଡରେ ପ୍ରଦର୍ଶିତ ଡ୍ରେସ୍‌କୋଡ୍ ନମୁନା।

ବୁର୍ଲା ବୀର ସୁରେନ୍ଦ୍ର ସାଏ ବୈଷୟିକ ବିଶ୍ୱବିଦ୍ୟାଳୟ(ଭିସୁଟ୍)ରେ ଚଳିତ ଶିକ୍ଷାବର୍ଷଠାରୁ ଲାଗୁ ହୋଇଛି ଡ୍ରେସ୍‌କୋଡ଼। ତେବେ ସ୍ନାତକ(ପିଜି) ଓ ଗବେଷକ(ପିଏଚ୍‌ଡି) ଛାତ୍ରୀଛାତ୍ରଙ୍କୁ ଏଥିରୁ ବାଦ୍ ଦିଆଯାଇଛି। ଭିସୁଟ୍ କୁଳସଚିବଙ୍କ ପକ୍ଷରୁ ଅଗଷ୍ଟ ୧୩ ତାରିଖରେ ଜାରି ଏକ ବିଜ୍ଞପ୍ତିରେ ଚଳିତ ବର୍ଷଠାରୁ ନାମ ଲେଖାଇଥିବା ପିଜି ଓ ପିଏଚ୍‌ଡି ଛାତ୍ରୀଛାତ୍ରଙ୍କ ବ୍ୟତୀତ ଅନ୍ୟ ସମସ୍ତ ଛାତ୍ରୀଛାତ୍ରଙ୍କ ପାଇଁ ଯଥାକ୍ରମେ ଫର୍ମାଲ ଶାଲୱାର କମିଜ୍ ଓ ଅଣ୍ଟାପଟି ଏବଂ ଫର୍ମାଲ ପ୍ୟାଣ୍ଟ ଓ ଶାର୍ଟ ସ୍ୱତନ୍ତ୍ର ଡ୍ରେସକୋଡ୍ ଭାବେ ଲାଗୁ କରାଯାଇଥିବା ଉଲ୍ଲେଖ କରାଯାଇଛି। ଛାତ୍ରୀଙ୍କ ପାଇଁ ଘନନୀଳ(ନେଭି ବ୍ଲୁ) ଫର୍ମାଲ ପ୍ୟାଣ୍ଟ ବା ଶଲୱାର ସହିତ ଅଣ୍ଟାପଟି(ୱେଷ୍ଟକୋଟ୍) ଓ ଆକାଶି ନୀଳ(ସ୍କାଏ-ବ୍ଲୁ) ଫର୍ମାଲ ଶାର୍ଟ ବା କମିଜ ତଥା ଛାତ୍ରଙ୍କ ପାଇଁ ଘନନୀଳ(ନେଭି-ବ୍ଲୁ) ଫର୍ମାଲ ପ୍ୟାଣ୍ଟ ଓ ଆକାଶି ନିଳ(ସ୍କାଏ-ବ୍ଲୁ) ରଙ୍ଗର ଫର୍ମାଲ ଶାର୍ଟ ପରିଧାନ ପାଇଁ ନିର୍ଦ୍ଦେଶ ଦିଆଯାଇଛି। ତେବେ ସୁରକ୍ଷା ଦୃଷ୍ଟିରୁ ଛାତ୍ରୀଙ୍କ ପାଇଁ ଓଢ଼ଣୀ ଉପରେ କଟକଣା ଲଗାଯାଇଛି। କେବଳ ଚଳିତ ଶିକ୍ଷାବର୍ଷଠାରୁ ଭିସୁଟ୍‌ରେ ନାମ ଲେଖାଇଥିବା ଛାତ୍ରୀଛାତ୍ରଙ୍କ ପାଇଁ ଏହି ଡ୍ରେସକୋଡ୍ ଲାଗୁ କରାଯାଇଛି। ସେହିପରି ଉକ୍ତ ଡ୍ରେସକୋଡ଼ ଅନୁସାରେ ଛାତ୍ରୀଛାତ୍ର ଆସନ୍ତା ଅଗଷ୍ଟ ଶେଷ ସୁଦ୍ଧା ପୋଷାକ ପରିଧାନ କରି ଶ୍ରେଣୀକକ୍ଷକୁ ପ୍ରବେଶ କରିବା ପାଇଁ ଉକ୍ତ ବିଜ୍ଞପ୍ତିରେ ନିର୍ଦ୍ଦେଶନାମା ଜାରି କରାଯାଇଛି। ତେଣୁ ଛାତ୍ରୀଛାତ୍ରଙ୍କ ଅବଗତି ନିମନ୍ତେ ବିଜ୍ଞପ୍ତି ସହିତ ଡ୍ରେସ୍‌କୋଡ଼ ରଙ୍ଗର ନମୂନା ମଧ୍ୟ ବି ଶ୍ୱ ବି ଦ୍ୟା ଳ ୟ ର ନୋଟିସ ବୋର୍ଡରେ ପ୍ରଦର୍ଶିତ କରାଯାଇଛି।

**ପ୍ରଥମ ବର୍ଷ ଛାତ୍ରୀଛାତ୍ର ପିନ୍ଧିବେ**

ଭିସୁଟ୍ କୁଳପତି ପ୍ରଫେସର ଦୀପକ କୁମାର ସାହୁ କହିଛନ୍ତି, ଡ୍ରେସ୍‌କୋଡ୍ ଲାଗୁ କରିବାର ଲକ୍ଷ୍ୟ ହେଲା ଶିକ୍ଷାନୁଷ୍ଠାନରେ ଶୃଙ୍ଖଳା ବଜାୟ ରଖିବା। ଯଦ୍ୱାରା କ୍ୟାମ୍ପସ ଚୟନ ପାଇଁ ବାହାରୁ ଆସୁଥିବା ବଡ଼ବଡ଼ ବହୁ ରାଷ୍ଟ୍ରୀୟ କମ୍ପାନୀଗୁଡ଼ିକଙ୍କ ଦୃଷ୍ଟିରେ ଭିସୁଟ୍ ଓ ଏହାର ଛାତ୍ରୀଛାତ୍ରଙ୍କ ଭାବମୂର୍ତ୍ତି କେବଳ ଅକ୍ଷୁର୍ଣ୍ଣ ରହିବ ନାହିଁ ବରଂ କ୍ଷାତି ମଧ୍ୟ ବୃଦ୍ଧି ପାଇବ। ଏହାବ୍ୟତୀତ ଡ୍ରେସ୍‌କୋଡ୍ ଯୋଗୁ ଭିସୁଟ୍ ଛାତ୍ରୀଛାତ୍ରଙ୍କୁ ଯେକୌଣସି ସ୍ଥାନରେ ସହଜରେ ଚିହ୍ନଟ କରାଯାଇପାରିବ, କ୍ୟାମ୍ପସକୁ ଅଣଛାତ୍ର ଓ ବିଶୃଙ୍ଖଳାକାରୀଙ୍କ ପ୍ରବେଶରେ କଟକଣା ଲାଗୁ କରାଯାଇ ପାରିବ। ଭିସୁଟ୍ ଛାତ୍ରୀଛାତ୍ରଙ୍କ ସୁରକ୍ଷା ନିରପତ୍ତା ଦୃଷ୍ଟିରୁ ଏହା ଉପାଦେୟ ସାବ୍ୟସ୍ତ ହେବ। ସର୍ବୋପରି ଶ୍ରେଣୀକକ୍ଷରେ ଡ୍ରେସ୍‌କୋଡ଼ ଦ୍ୱାରା ଶିକ୍ଷାର୍ଥୀଙ୍କ ମଧ୍ୟରେ ଧନୀ ଓ ଗରିବ ଭଳି ଭେଦଭାଦ ସହଜରେ ଦୂର ହୋଇପାରିବ ବୋଲି କୁଳପତି ସାହୁ କହିଛନ୍ତି।

# ୧୬ରେ ନୂଆଁଖାଇ ଲଗ୍ନ ନିର୍ଦ୍ଧାରଣ ହେବ

ସମ୍ବଲପୁର,୧୪।୮ (ବି.ଶଙ୍କର)

ପରମ୍ପରା ଅନୁଯାୟୀ ଜନ୍ମାଷ୍ଟମୀ ପରଦିନ ଅର୍ଥାତ ନନ୍ଦୋତ୍ସବ ତିଥିରେ ସମ୍ବଲପୁର ଝାଡୁଆପଡା ଶ୍ରୀଶ୍ରୀ ବ୍ରହ୍ମପୁରା ମନ୍ଦିର ଟ୍ରଷ୍ଟ ପକ୍ଷରୁ ପଶ୍ଚିମ ଓଡ଼ିଶାର ଗଣପର୍ବ ନୂଆଁଖାଇ ଲଗ୍ନ ନିର୍ଦ୍ଧାରଣ କରାଯିବାକୁ ସ୍ଥିର ହୋଇଛି। ଆଗାମୀ ୧୬ତାରିଖ ଶନିବାର ଅପରାହ୍ନ ୪ଟା୩୦ରେ ମନ୍ତ୍ରୋପାଠ ସହିତ ଲଗ୍ନ ଧାର୍ଯ୍ୟ କରାଯିବ। ଏହାପରେ ପଣ୍ଡିତ ଓ ଟ୍ରଷ୍ଟ ସଦସ୍ୟମାନେ ମା' ସମଲେଇ ମନ୍ଦିର ଯାଇ ଲଗ୍ନପତ୍ର ଅର୍ପଣ କରାଯିବ ବୋଲି ଶ୍ରୀଶ୍ରୀ ବ୍ରହ୍ମପୁରା ମନ୍ଦିର ଟ୍ରଷ୍ଟ ସଭାପତି ସରୋଜ ଦଳପତ ଗୁରୁବାର ପ୍ରେସ ବିବୃତିରେ ସୂଚିତ କରିଛନ୍ତି। ଲଗ୍ନ ନିର୍ଦ୍ଧାରଣରେ ପଣ୍ଡିତ ମହେଶ୍ୱର ନାୟକ, ଲକ୍ଷ୍ମଣ ବେହେରା, ସୁଧାଂଶୁ ଶେଖର ପାଣିଗ୍ରାହୀ, ଅକ୍ଷୟ ପୁରୋହିତ, ବଂଶୀଧର ଶତପଥୀ, ଗିରିଜା ଶଙ୍କର ପଣ୍ଡା, ଝସକେତନ ହୋତା, ରବିନାରାୟଣ ପଣ୍ଡା, ସଚ୍ଚିଦାନନ୍ଦ ମିଶ୍ର, ପ୍ରଭାକର ତ୍ରିପାଠୀ, ଶଶାଙ୍କ ଶେଖର ମିଶ୍ର, ଦାଶରଥି ପୁରୋହିତ, କୃଷ୍ଣଚନ୍ଦ୍ର ପାଣିଗ୍ରାହୀ, ରାକେଶ ମିଶ୍ର, ଚନ୍ଦ୍ର ପାଣିଗ୍ରାହୀ, ବୁଲୁ ପାଢ଼ୀ, ବିନୀତ ପାଣ୍ଡେ, ମନବୋଧ ପାଢ଼ୀ, ଉତ୍ତମ ରଥ ଓ ଜିତେନ୍ଦ୍ର ନନ୍ଦ ସାମିଲ ହେବାକୁ ସମ୍ମତି ପ୍ରକାଶ କରିଛନ୍ତି।

# ମଦ ବନ୍ଦ ପାଇଁ ଅଣ୍ଟା ଭିଡ଼ିଲେ ମହିଳା

ଅମରପାଲି,୧୪।୮ (ପୀତାମ୍ବର ସାହୁ)

ସୁବର୍ଣ୍ଣପୁର ଜିଲା ବୀରମହାରାଜପୁର ବ୍ଲକ କେନଝିରିଆପାଲି ଗ୍ରାମ ପଞ୍ଚାୟତ ଅନ୍ତର୍ଗତ ବାରଝୁଲା ଗ୍ରାମରେ ମଦ ବନ୍ଦ ପାଇଁ ଅଣ୍ଟା ଭିଡ଼ିଲେ ମହିଳା। ଏନେଇ ଗ୍ରାମରେ ମହିଳାମାନେ ଏକ ସଭା କରି ଗ୍ରାମରେ ମଦବିକ୍ରି ବନ୍ଦ କରିବା ପାଇଁ ନିଷ୍ପତ୍ତି ନେଇଛନ୍ତି। ଏହା ସହିତ ଯଦି କୌଣସି ବ୍ୟକ୍ତି ମଦ ପିଇ ଗାଳିଗୁଲଜ କିମ୍ବା ଗଣ୍ଡଗୋଳ କଲେ ତେବେ କାର୍ଯ୍ୟାନୁଷ୍ଠାନ ଗ୍ରହଣ କରିବାକୁ ଉକ୍ତ ବୈଠକରେ ନିଷ୍ପତ୍ତି ନିଆଯାଇଛି। କେନଝିରିଆପାଲି ପଞ୍ଚାୟତର ତେଲିପାଲି, କଦଳୀପାଲି, କେନଝିରିଆପାଲି, ବଳିପାଲି, ସମେତ କଦଳୀପାଲି ଛକ, ବାରଝୁଲା ଆଦି ଗ୍ରାମରେ ବ୍ୟାପକ ଦେଶୀ ବିଦେଶୀ ମଦ ବିକ୍ରି ହେଉଛି। ମଦ୍ୟପମାନେ ରାସ୍ତାଘାଟରେ ଗଣ୍ଡଗୋଳ କରୁଛନ୍ତି। ଫଳରେ ରାସ୍ତାରେ ମହିଳା, ଛାତ୍ରୀମାନେ ଯିବା ଆସିବା କରିବାରେ ସହଜ ମନେ କରୁନାହାନ୍ତି। ବାରଝୁଲାରେ ମଦବିକ୍ରି ହେଉଥିବାରୁ ମଦ୍ୟପମାନେ ମଦ ପିଇ ଅନେକ ସମୟର ଗଣ୍ଡଗୋଳ କରିବା ସହିତ ଅସାମାଜିକ କାର୍ଯ୍ୟରେ ଲିପ୍ତ ରହୁଛନ୍ତି। ଫଳରେ ଗ୍ରାମରେ ଅନେକେ ଲୋକ ମଦ ପିଇ ଅସମୟରେ ମୃତ୍ୟୁ ବରଣ କରିବା ଫଳରେ କମ ବୟସର ମହିଳାମାନେ ବିଧବା ହେଉଛନ୍ତି। ମଦର ପ୍ରଭାବ ଛୋଟ ପିଲା ଓ ଛାତ୍ରମାନଙ୍କ ଉପରେ ମଧ୍ୟ ପଡୁଥିବା ମହିଳାମାନେ ଅଭିଯୋଗ କରିଛନ୍ତି। ଏଥିରେ ଅତିଷ୍ଠ ହୋଇ ଗ୍ରାମରେ ଥିବା ୧୫ରୁ ଅଧିକ ସ୍ୱଂୟ ସହାୟିକା ଗୋଷ୍ଠୀର ମହିଳାମାନେ ଗ୍ରାମର ସମସ୍ତ ମହିଳାଙ୍କୁ ଏକଜୁଟ କରି ଏହି ନିଷ୍ପତ୍ତି ନେଇଛନ୍ତି। ପୂର୍ବରୁ ବହଳପଦର ପଞ୍ଚାୟତର ଅମରପାଲି, ବହଳପଦର, ଗୌଡଗାଡ, ଗୁଦୁଗୁଦା, କେନ୍ଦୁପାଲି ସମେତ ଦୁର୍ଜନତୈଳା ପଞ୍ଚାୟତର ମାଳିଦାଦର, ଦାଦରପାଲି, ମସିଣାପାଲି, ମାଖନଖାଇ ଆଦି ଗ୍ରାମରେ ସ୍ୱୟଂ ସହାୟିକା ଗୋଷ୍ଠୀର ମହିଳାମାନେ ମଦ ବିକ୍ରି ବନ୍ଦ କରିଛନ୍ତି। ସେମାନେ ଅଭିଯୋଗ କରିଥିଲେ ମଧ୍ୟ ଅବକାରୀ ବିଭାଗ ସହଯୋଗ କରି ନ ଥିବାରୁ କେତେକ ଗ୍ରାମରେ ଏବେ ମଧ୍ୟ ଲୁଚା ଛପାରେ ମଦ ବିକ୍ରି ହେଉଛି। ବାରଝୁଲା ଗ୍ରାମର ମହିଳାମାନଙ୍କ ଏହି ପ୍ରଚେଷ୍ଟା କୁ ଏବେ ସାଧାରଣରେ ପ୍ରଶଂସା କରାଯାଉଛି।


**ଆଜି ସ୍ୱାଧୀନତା ଦିବସ:** ଗୁରୁବାର ସମ୍ବଲପୁର ସହର ବୁଢ଼ାରଜା ରାସ୍ତାରେ ସୁସଜ୍ଜିତ ଦୋକାନରେ ତ୍ରିରଙ୍ଗା ପତାକା ବିକ୍ରି କରାଯାଉଛି।

# ମୌଳିକ ସମସ୍ୟା ଦୂର କରିବାରେ ସରକାର ବିଫଳ: ରୋହିତ

ସମ୍ବଲପୁର,୧୪।୮ (ଭବାନୀ ଶଙ୍କର ଭୋଇ)

ରାଜ୍ୟ କ୍ୟାବିନେଟରେ ନିଷ୍ପତ୍ତି ହୋଇଥିବା ସମ୍ବଲପୁର ମହାନଗର ନିଗମ ଅଞ୍ଚଳରେ ୨୪ ଘଣ୍ଟିଆ ବିଶୁଦ୍ଧ ପାନୀୟ ଜଳ ଯୋଗାଣ ଏବଂ ମଣ୍ଡି ଗୁଡ଼ିକର ବିକାଶ ନିଷ୍ପତ୍ତିକୁ ଗୁରୁବାର ଜିଲା ବିଜେଡି ସଭାପତି ଇଂ. ରୋହିତ ପୂଜାରୀ ସ୍ୱାଗତ କରିଛନ୍ତି। ତେବେ ସମ୍ବଲପୁର ମହାନଗର ନିଗମ ଅଞ୍ଚଳର ଜନସାଧାରଣଙ୍କ ମୌଳିକ ସମସ୍ୟା ଦୂର କରିବାରେ ସରକାର ବିଫଳ ହୋଇଥିବା ସେ ଏକ ପ୍ରେସ ବିବୃତି ଜରିଆରେ ଅଭିଯୋଗ କରିଛନ୍ତି। ଯୋଜନା ପାଇଁ ପ୍ରସ୍ତୁତ ହୋଇଥିବା ଡିପିଆର୍ ହିସାବରେ ଅଧାରୁ ମଧ୍ୟ କମ୍ ଅନୁଦାନ ମଞ୍ଜୁର ହେବା ଯୋଗୁ ପାନୀୟ ଜଳ ପ୍ରକଳ୍ପର ସଫଳ କାର୍ଯ୍ୟକାରିତା ଉପରେ ପ୍ରଶ୍ନବାଚୀ ସୃଷ୍ଟି କରୁଛି ବୋଲି ସେ ଅଭିଯୋଗ କରିଛନ୍ତି। ସମ୍ବଲପୁର ମହାନଗର ଅଞ୍ଚଳ କେନ୍ଦ୍ର ସରକାରଙ୍କ ସ୍ୱଚ୍ଛ ଭାରତ ରେଟିଂରେ ମଧ୍ୟ ବହୁ ତଳେ ଅଛି। ନାଳ, ନର୍ଦ୍ଦମା ତଥା ଆବର୍ଜନାର ଠିକ୍ ପରିଚାଳନା ହେଉନାହିଁ। ଅଘୋଷିତ ବିଦ୍ୟୁତ କାଟ, ବିଶୁଦ୍ଧ ପାନୀୟ ଜଳ ଯୋଗାଣରେ ଅବହେଳା ସମ୍ବଲପୁର ବାସୀଙ୍କ ପାଇଁ ଚିନ୍ତାର ବିଷୟ ପାଲଟିଥିବା ଇଂ. ପୂଜାରୀ ଅଭିଯୋଗ କରିଛନ୍ତି। ବିଜେଡି ସରକାର ସମୟରେ ଅନେକ ବିକାଶମୂଳକ କାର୍ଯ୍ୟ ହୋଇଛି। ତେବେ ଭାଜପା ବିରୋଧୀ ଦଳରେ ଥିବା ସମୟରେ ବାହାନା କରି ବିକାଶ କାମକୁ ଗ୍ରହଣ କରୁ ନ ଥିଲା। ଏବେ କାହିଁକି ମହାନଗର ନିର୍ବାଚନ ହୋଇ ପାରୁନାହିଁ, ଜନସାଧାରଣଙ୍କ ମୌଳିକ ସମସ୍ୟା ଦୂର ହୋଇ ପାରୁନାହିଁ ବୋଲି ଇଂ. ପୂଜାରୀ ପ୍ରଶ୍ନ କରିଛନ୍ତି।

# ନେଟ୍‌ୱର୍କ ସମସ୍ୟା ନେଇ ରାସ୍ତାରୋକୋ


ରେଢ଼ାଖୋଲ ଭୀମ ଭୋଇ କଲେଜ ଛକରେ ଲୋକେ ରାସ୍ତାରୋକୋ କରିଛନ୍ତି।

ନାକଟିଦେଉଳ,୧୪।୮ (ବୈକୁଣ୍ଠନାଥ ସାହୁ)

ସମ୍ବଲପୁର ଜିଲା ରେଢ଼ାଖୋଲ ଉପଖଣ୍ଡ ନାକଟିଦେଉଳ ବ୍ଲକ ଘୋଷରାମାଳ ପଞ୍ଚାୟତରେ ମୋବାଇଲ ନେଟୱର୍କ ସମସ୍ୟା ଦେଖାଦେଇଛି। ବାରମ୍ବାର ଅଭିଯୋଗ କଲା ପରେ ମଧ୍ୟ କେହି ନ ଶୁଣୁ ନାହାନ୍ତି। ଶେଷରେ ପଞ୍ଚାୟତବାସୀ ଗୁରୁବାର ରେଢ଼ାଖୋଲ-ଅନୁଗୋଳ ରାସ୍ତାର ୫୫ନଂ ଜାତୀୟ ରାଜପଥ ରେଢାଖୋଲ ଭୀମଭୋଇ କଲେଜ ଛକରେ ରାସ୍ତାରୋକୋ କରିଥିଲେ। ପ୍ରତିବାଦ କରି ନିଜ ମୋବାଇଲ ଭାଙ୍ଗିବା ସହ ରାସ୍ତାରେ ଶୋଇ ପଡିଥିଲେ। ଫଳରେ ରାସ୍ତାର ଉଭୟ ପାର୍ଶ୍ୱରେ ଶହଶହ ଗାଡି ମୋଟର ଅଟକି ରହିଥିଲା। ଘଟଣାସ୍ଥଳରେ ରେଢାଖୋଲ ଉପଜିଲାପାଳ ରଶ୍ମିରଞ୍ଜନ ମହନ୍ତ, ରେଢାଖୋଲ ତହସିଲଦାର ଓ ଏସ୍‌ଡିପିଓ ପ୍ରାନ୍ତ କୁମାର ମେହେର ଆନ୍ଦୋଳନକାରୀଙ୍କ ସହ ଆଲୋଚନା କରିଥିଲେ। ସମସ୍ୟାର ସମାଧାନ ନ ହେବା ପର୍ଯ୍ୟନ୍ତ ରାସ୍ତାରୁ ହଟିବୁ ନାହିଁ ବୋଲି ପଞ୍ଚାୟତବାସୀ କହିଥିଲେ। ଶେଷରେ ବିଏସ୍‌ଏନ୍‌ଏଲ୍ କର୍ତ୍ତୃପକ୍ଷ ଆଗାମୀ ୧୫ ଦିନ ଭିତରେ ସମସ୍ୟା ସମାଧାନର ପ୍ରତିଶ୍ରୁତି ଦେବା ପରେ ରାସ୍ତାରୋକୋ ହଟିଥିଲା।

# ଓଡ଼ିଶାରେ ନାରୀ ନିର୍ଯାତନା ବଢ଼ିବାରେ ଲାଗିଛି

ସମ୍ବଲପୁର,୧୪।୮ (ବି.ଶଙ୍କର)


ମା' ଖାଡ଼େଶ୍ୱରୀ ମହାବିଦ୍ୟାଳୟର ଛାତ୍ରୀଛାତ୍ରମାନେ ବିକ୍ଷୋଭ ପ୍ରଦର୍ଶନ କରୁଛନ୍ତି।

ଓଡିଶାରେ ନାରୀ ନିର୍ଯାତନା ବଢ଼ିବାରେ ଲାଗିଛି। ଆଇନଶୃଙ୍ଖଳା ବ୍ୟବସ୍ଥା ବିପର୍ଯ୍ୟସ୍ତ ହୋଇଛି। ଏହିଭଳି ଅଭିଯୋଗ କରି ଗୁରୁବାର ବିଜୁ ଯୁବ ଛାତ୍ର ଜନତା ଦଳ ପକ୍ଷରୁ ସମ୍ବଲପୁର ଜିଲା ମାନେଶ୍ୱର ବ୍ଲକ ଧମାସ୍ଥିତ ମା' ଖାଡ଼େଶ୍ୱରୀ ମହାବିଦ୍ୟାଳୟ ଛାତ୍ରୀଛାତ୍ରମାନେ ବିକ୍ଷୋଭ ପ୍ରଦର୍ଶନ କରିଥିଲେ। ଏଥିସହ ଧମା ଥାନା ଅଧିକାରୀ ସୁଦର୍ଶନ ପଣ୍ଡାଙ୍କ ଜରିଆରେ ରାଜ୍ୟ ପୋଲିସ ମହାନିର୍ଦ୍ଦେଶକ(ଡିଜିପି)ଙ୍କୁ ସ୍ମାରକପତ୍ର ପ୍ରଦାନ କରିଛନ୍ତି। ଏହି ସ୍ମାରକ ପତ୍ର ମାଧ୍ୟମରେ ଛାତ୍ରୀଛାତ୍ରମାନେ ବାଲେଶ୍ୱର ଏଫଏମ ମହାବିଦ୍ୟାଳୟରେ ଘଟିଥିବା ଛାତ୍ରୀଙ୍କ ଆତ୍ମଦାହ ଘଟଣାର ଅପରାଧୀ ବିରୋଧରେ କଠୋର କାର୍ଯ୍ୟାନୁଷ୍ଠାନ ଓ ଛାତ୍ରୀଙ୍କ ପାଇଁ ସୁରକ୍ଷିତ କ୍ୟାମ୍ପସ, ରାଜ୍ୟରେ ମହିଳା ସୁରକ୍ଷା ଦାବି କରିଛନ୍ତି। ଏତଦବ୍ୟତୀତ ଗୋପାଳପୁର ଗଣବଳାତ୍କାର, ଭରତପୁର ଥାନାରେ ହୋଇଥିବା ମହିଳାପ୍ରତି ନିର୍ଯାତନା, କୁଣ୍ଡିରେ ଆଦିବାସୀ ନାବାଳିକା ସହ ଗଣବଳାତ୍କାର, ବଳଙ୍ଗାରେ ଛାତ୍ରୀ ମୃତ୍ୟୁ ଓ ଅନ୍ୟାନ୍ୟ ନିଯାତନା ଘଟଣା ସ୍ମାରକ ପତ୍ରରେ ଉଲ୍ଲେଖ ରହିଛି। ଛାତ୍ର ବିଜେଡି ସମ୍ବଲପୁର ଜୋନ ଉପସଭାପତି ଦେବଜ୍ୟୋତି ପଟ୍ଟନାୟକ, ସାଧାରଣ ସମ୍ପାଦକ ଚୁମନ ପ୍ରଧାନ, ଯୁବ ବିଜେଡ଼ି ଉପ ସଭାପତି ସୁମିତ ପଟେଲ, ଯୁବ ବିଜେଡ଼ି ସମ୍ପାଦକ ସୁରଜ ଅଗ୍ରୱାଲ, ସମ୍ପାଦକ ଦେବାଶିଷ ସାହୁ, ଚିତ୍ତରଞ୍ଜନ ବାଗ, ସ୍ୱରାଜ ମିଶ୍ର, ଆର୍ଯ୍ୟନ ବହିଦାର, ଅସିତ ସାହୁ, ନିପନ ମିଶ୍ର, ତନମୟ ନାୟକ ପ୍ରମୁଖ ଉପସ୍ଥିତ ଥିଲେ। ଆଗାମୀ ଦିନରେ ଜିଲାର ବିଭିନ୍ନ ମହାବିଦ୍ୟାଳୟରେ ଏହି କାର୍ଯ୍ୟକ୍ରମକୁ ତ୍ୱରାନିତ କରିବା ପାଇଁ ନିଷ୍ପତ୍ତି ନିଆଯାଇଛି।

**ଡିଜିପିଙ୍କ ଉଦ୍ଦେଶ୍ୟରେ ଖାଡେଶ୍ୱରୀ ମହାବିଦ୍ୟାଳୟ ଛାତ୍ରୀଛାତ୍ରଙ୍କ ସ୍ମାରକ ପତ୍ର**

# ଡିଏଭି ବେଦାନ୍ତ ଅନ୍ତର୍ଜାତୀୟ ବିଦ୍ୟାଳୟ ମାଧ୍ୟମରେ ବଟାନିକାଲ ଗାର୍ଡେନର ଉଦ୍‌ଘାଟନ

ଲାଞ୍ଜିଗଡ଼,୧୪।୮ (ରମେଶ ଚନ୍ଦ୍ର ନାୟକ)

କଳାହାଣ୍ଡି ଜିଲା ଲାଞ୍ଜିଗଡ଼ ବ୍ଲକ ଲାଞ୍ଜିଗଡ଼ରେ ଥିବା ଡିଏଭି ବେଦାନ୍ତ ଅନ୍ତର୍ଜାତୀୟ ବିଦ୍ୟାଳୟ ମାଧ୍ୟମରେ ଭାରତର ସର୍ବବୃହତ ଆଲୁମିନିୟମ ଉତ୍ପାଦକ ବେଦାନ୍ତ ଆଲୁମିନିୟମ ଏହାର ନୂତନ ବଟାନିକାଲ ଗାର୍ଡେନ ଉଦ୍‌ଘାଟନ କରିଛି। ଏହା ଛାତ୍ରୀଛାତ୍ରଙ୍କ ମଧ୍ୟରେ ବୃକ୍ଷର ଔଷଧୀୟ ଗୁଣ ବିଷୟରେ ସଚେତନତା ସୃଷ୍ଟି କରିବ। ଏହି ଉଦ୍ୟାନକୁ ବେଦାନ୍ତ ଆଲୁମିନା ବ୍ୟବସାୟର ସିଇଓ ଓ ଡିଏଭି ବେଦାନ୍ତ ଇଣ୍ଟରନ୍ୟାଶନାଲ ସ୍କୁଲ ଅଧ୍ୟକ୍ଷ ପ୍ରଣବ କୁମାର ଭଟ୍ଟାଚାର୍ଯ୍ୟ ଉଦ୍‌ଘାଟନ କରିଥିଲେ। ଛାତ୍ରୀଛାତ୍ର ବାହାଡା, ଅଶ୍ୱଗନ୍ଧା, ତୁଳସୀ, ନିମ୍ବ ଏବଂ ଆକାଶିଆ ସମେତ ୩୦ଟି ଔଷଧୀୟ ପ୍ରଜାତିର ୩୦୦ରୁ ଅଧିକ ଚାରା ରୋପଣ କରିଥିଲେ। ଛାତ୍ରୀଛାତ୍ର ଏହି ବୃକ୍ଷଗୁଡିକର ଉପଯୋଗିତା, ବ୍ୟବହାର ଏବଂ ସ୍ୱାସ୍ଥ୍ୟଭିତ୍ତିକ ଲାଭ ଉପରେ ଅନ୍ତର୍ଦୃଷ୍ଟିପୂର୍ଣ୍ଣ ଉପସ୍ଥାପନା କରିଥିଲେ। ଏହି ଅବସରରେ ସ୍କୁଲ ଅଧ୍ୟକ୍ଷ ଭଟ୍ଟାଚାର୍ଯ୍ୟ କହିଥିଲେ, ଏହା କେବଳ ଉଦ୍ଭିଦର ସଂଗ୍ରହ ନୁହେଁ, ଏହା ଏକ ଜୀବନ୍ତ ଶ୍ରେଣୀଗୃହ ଯେଉଁଠାରେ ଆମର ଛାତ୍ରୀଛାତ୍ରମାନେ ପରିବେଶଗତ ଯତ୍ନ, ସ୍ଥାୟିତ୍ୱ, ପ୍ରକୃତି ଏବଂ ମାନବ କଲ୍ୟାଣ ମଧ୍ୟରେ ଗଭୀର ସଂଯୋଗର ଗୁରୁତ୍ୱ ଶିଖନ୍ତି। ଆମର ପିଲାମାନେ ଏହି ପ୍ରୟାସକୁ ଉତ୍ସାହର ସହିତ ନେତୃତ୍ୱ ନେଉଥିବା ଦେଖି ମୁଁ ଗର୍ବିତ ବୋଲି କହିଥିଲେ। ସୂଚନାଯୋଗ୍ୟ ୨୦୦୪-୨୦୦୫ରେ ପ୍ରତିଷ୍ଠିତ ଡିଏଭି ବେଦାନ୍ତ ଅନ୍ତର୍ଜାତୀୟ ବିଦ୍ୟାଳୟ ୧,୩୦୦ରୁ ଅଧିକ ପିଲାଙ୍କୁ ଶିକ୍ଷା ପ୍ରଦାନ କରେ, ଯାହାଙ୍କ ମଧ୍ୟରୁ ୮୩% କଳାହାଣ୍ଡି ଆଦିବାସୀ ସମ୍ପ୍ରଦାୟର। ଏହି ବିଦ୍ୟାଳୟ ପିଲାମାନଙ୍କୁ ଗୁଣାତ୍ମକ ଶିକ୍ଷା ପ୍ରଦାନ କରିଆସୁଛି।


ଉଦ୍‌ଘାଟନୀ କାର୍ଯ୍ୟକ୍ରମରେ ଅତିଥିଙ୍କ ସହ କାର୍ଯ୍ୟକର୍ତ୍ତାମାନେ।

# ଫାଇଲେରିଆ ଔଷଧ ଖାଇ ଯୁବକଙ୍କ ମୃତ୍ୟୁ ଅଭିଯୋଗ

ବୀରମହାରାଜପୁର,୧୪।୮ (ଯୁଗଳ କିଶୋର ମିଶ୍ର)

**ମୃତଦେହ ରଖି ରାସ୍ତା ଅବରୋଧ**


ମୃତଦେହ ରଖି ଲୋକେ ରାସ୍ତା ଅବରୋଧ କରିଛନ୍ତି।

ଫାଇଲେରିଆ ଔଷଧ ଖାଇ ସୁବର୍ଣ୍ଣପୁର ଜିଲା ବୀରମହାରାଜପୁର ଥାନା ଉଫୁଲା ପଞ୍ଚାୟତ ଅନ୍ତର୍ଗତ ବିକଳପାଲି ଗ୍ରାମରେ ଜଣେ ଯୁବକଙ୍କ ମୃତ୍ୟୁ ଘଟିଥିବା ଅଭିଯୋଗ ହୋଇଛି। ମୃତକ ହେଲେ ହମିତ୍ ରଣା(୨୦)। ଅପରାହ୍ନରେ ମୃତଦେହ ଗାଁରେ ପହଞ୍ଚିବା ପରେ ଉତ୍ତେଜନା ପ୍ରକାଶ ପାଇଥିଲା। ମୃତକଙ୍କ ପରିବାରକୁ ୪ଲକ୍ଷ ଟଙ୍କାର କ୍ଷତିପୂରଣ ଦାବି କରି ବିକଳପାଲି ଗ୍ରାମବାସୀ ଅପରାହ୍ନ ପ୍ରାୟ ୧ଟା୩୦ରେ ସୋନପୁର-ବୀରମହାରାଜପୁର ରାସ୍ତାର କାନପୁର ଛକଠାରେ ରାସ୍ତାରୋକୋ କରିଥିଲେ। ଫଳରେ ଦୀର୍ଘ ସମୟ ଧରି ରାସ୍ତାର ଉଭୟପାର୍ଶ୍ୱରେ ଯାନବାହାନ ଅଟକି ରହିଥିଲା। ଖବର ପାଇ ବୀରମହାରାଜପୁର ଉପଜିଲାପାଳ ସୁରେନ୍ଦ୍ର ମେହେର, ଉପଖଣ୍ଡ ପୋଲିସ ଅଧିକାରୀ ହେମନ୍ତ ରାଓ, ତହସିଲଦାର ସୁଚିସ୍ମିତା ପାଣିଗ୍ରାହୀ, ବୀରମହାରାଜପୁର ଥାନା ଅଧିକାରୀ ସାରଙ୍ଗଧର ପାଣିଗ୍ରାହୀ, ଅତିରିକ୍ତ ଜିଲା ଆରକ୍ଷୀ ଅଧୀକ୍ଷକ କେ.ହରିପ୍ରସାଦ ଘଟଣାସ୍ଥଳରେ ପହଞ୍ଚି ଉତ୍ତ୍ୟକ୍ତ ଲୋକଙ୍କୁ ବୁଝାଶୁଝା କରିଥିଲେ। ପରେ ବୀରମହାରାଜପୁର ବିଧାୟକ ଇଂ. ରଘୁନାଥ ଜଗଦଲା, ବୀରମହାରାଜପୁର ବ୍ଲକ ଉପାଧ୍ୟକ୍ଷ ନାରାୟଣ ଲୁହା, କଂଗ୍ରେସ ନେତା ପ୍ରିୟବ୍ରତ ସାହୁ, ଆମ ଆଦମୀ ପାର୍ଟି ନେତା ପଥୀରାଜ ଜଗଦଲା ରାସ୍ତାରୋକୋସ୍ଥଳରେ ପହଞ୍ଚି ଆନ୍ଦୋଳନକାରୀଙ୍କ ସହ ଆଲୋଚନା କରିଥିଲେ। ରେଡକ୍ରସରୁ ମୃତକଙ୍କ ପରିବାରକୁ ୧୦ହଜାର ଟଙ୍କାର ସହାୟତା ପ୍ରଦାନ କରାଯାଇଥିଲା। ଏଥିସହ ପ୍ରଶାସନ ପକ୍ଷରୁ ୧ଲକ୍ଷ ଟଙ୍କା ପ୍ରଦାନର ପ୍ରତିଶ୍ରୁତି ପରେ ପ୍ରାୟ ୮ଘଣ୍ଟା ପରେ ରାସ୍ତାରୋକୋ ହଟିଥିଲା। ମୃତଦେହକୁ ବୀରମହାରାଜପୁର ଡାକ୍ତରଖାନା ଶବ ସଂରକ୍ଷଣ ଗୃହରେ ରଖାଯାଇଛି, ଶୁକ୍ରବାର ଏକ ସ୍ୱତନ୍ତ୍ର ଡାକ୍ତରୀ ଦଳ ବ୍ୟବଚ୍ଛେଦ କରିବ ବୋଲି ପୋଲିସ କହିଛି।

ରାସ୍ତା ଅବରୋଧକାରୀ ଲୋକଙ୍କ ଅଭିଯୋଗମତେ ଗତ ୧୨ତାରିଖରେ ବିକଳପାଲିରେ ଅଙ୍ଗନୱାଡ଼ି ଓ ଆଶାଦିଦି ଫାଇଲେରିଆ ଔଷଧ ବଣ୍ଟନ କରିଥିଲେ। ଔଷଧ ଖାଇବା ପରେ ହମିତ ଅସୁସ୍ଥ ହୋଇପଡିଥିଲେ। ତାଙ୍କୁ ବୀରମହାରାଜପୁର ଉପଖଣ୍ଡ ଚିକିତ୍ସାଳୟରେ ଭର୍ତ୍ତି କରାଯାଇଥିଲା। ସ୍ୱାସ୍ଥ୍ୟବସ୍ଥାରେ ସୁଧାର ନ ଆସିବାରୁ ତାଙ୍କୁ ସୋନପୁର ଜିଲା ମୁଖ୍ୟ ଚିକିତ୍ସାଳୟ ସ୍ଥାନାନ୍ତର କରାଯାଇଥିଲା। ପରେ ଅବସ୍ଥା ସଙ୍କଟାପନ୍ନ ହେବାରୁ ହମିତଙ୍କୁ ସେଠାରୁ ବୁର୍ଲା ଭିମସାରରେ ଭର୍ତ୍ତି କରାଯାଇଥିଲା। ଗୁରୁବାର ସକାଳେ ସେଠାରେ ଚିକିତ୍ସାଧୀନ ଅବସ୍ଥାରେ ତାଙ୍କର ମୃତ୍ୟୁ ଘଟିଥିଲା।

# ଜିନ୍ଦଲ ଷ୍ଟିଲ୍ କର୍ମଚାରୀଙ୍କ ପକ୍ଷରୁ ୨କୋଟିର ଆର୍ଥିକ ସହାୟତା

ଭୁବନେଶ୍ୱର,୧୪।୮ (ଅଭୟ ଦାଶ)



ଦେଶର ପ୍ରମୁଖ ଘରୋଇ ସଂସ୍ଥା ତଥା ଜିନ୍ଦଲ ଷ୍ଟିଲ୍ର କର୍ମଚାରୀଙ୍କ ପକ୍ଷରୁ ପ୍ରାୟ ୨କୋଟି ଟଙ୍କାର ଆର୍ଥିକ ସହାୟତା ରାଶି କେନ୍ଦ୍ର ପ୍ରତିରକ୍ଷା ବିଭାଗକୁ ପ୍ରଦାନ କରାଯାଇଛି। ବିଶେଷକରି ସ୍ୱାଧୀନତାର ୭୯ତମ ପୂର୍ବ ଉତ୍ସବର ପୂର୍ବ ସନ୍ଧ୍ୟାରେ ଜିନ୍ଦଲ ଷ୍ଟିଲ୍ର କର୍ମଚାରୀମାନେ ଦେଶରକ୍ଷୀର ନିର୍ଭୀକ ସ୍ୱରୂପ ଅପରେଶନ ସିନ୍ଦୂରର ସଫଳତା ଉପଲକ୍ଷେ ପ୍ରଭାବିତ ସୈନିକ ଏବଂ ସେମାନଙ୍କ ପରିବାରର କଲ୍ୟାଣ ପାଇଁ ଏହି ସହାୟତା ପ୍ରଦାନ କରିଛନ୍ତି।

ସୂଚନାଯୋଗ୍ୟ, ପହଲଗାମ୍ରେ ନିରୀହ ପର୍ଯ୍ୟଟକଙ୍କୁ ହତ୍ୟା ପରେ ଭାରତୀୟ ସେନାର ବୀର ସୈନିକମାନେ ୨୦୨୫ ମେ ମାସରେ ଅପରେଶନ ସିନ୍ଦୂର ଆରମ୍ଭ କରିଥିଲେ। ଏପରିକି ପାକିସ୍ତାନ ସୀମାରେ ପଶି ଆତଙ୍କବାଦୀଙ୍କ ଆଡ୍ଡାକୁ ଧ୍ୱଂସକରି ଦେଶର ସମ୍ମାନ ବଢ଼ାଇଥିଲେ। ଦେଶ ପ୍ରତି ଭାରତୀୟ ସେନାର ଏହି ସର୍ବୋଚ୍ଚ ଯୋଗଦାନ ପାଇଁ ଜିନ୍ଦଲ ଷ୍ଟିଲ୍ର କର୍ମଚାରୀମାନେ ସ୍ୱେଚ୍ଛାକୃତ ଭାବେ ଯୁଦ୍ଧରେ ପ୍ରଭାବିତ ସୈନିକ ଓ ସେମାନଙ୍କ ପରିବାରର କଲ୍ୟାଣ ପାଇଁ ଗୋଟିଏ ଦିନର ଦରମା ପାଖାପାଖି ୨କୋଟି ଟଙ୍କା ପ୍ରଦାନ କରିଛନ୍ତି। ଅପରପକ୍ଷରେ କୁରୁକ୍ଷେତ୍ରର ଏମ୍ପି ତଥା ଜିନ୍ଦଲ ଷ୍ଟିଲ୍ର ଅଧ୍ୟକ୍ଷ ନବୀନ ଜିନ୍ଦଲ ଗୁରୁବାର ନୂଆଦିଲ୍ଲୀରେ ପ୍ରତିରକ୍ଷା ମନ୍ତ୍ରୀ ରାଜନାଥ ସିଂହଙ୍କୁ ଭେଟି କର୍ମଚାରୀଙ୍କ ଏହି ଅନୁଦାନ ରାଶି ୨ କୋଟି ଟଙ୍କାର ଚେକ୍ ଆନୁଷ୍ଠାନିକ ଭାବେ ପ୍ରଦାନ କରିଛନ୍ତି।

ଏ ନେଇ ଜିନ୍ଦଲ କହିଛନ୍ତି, ଆମ ସୈନିକ ଆମ ଦେଶର ପ୍ରକୃତ ରକ୍ଷକ। ଏପରିକି ସେମାନଙ୍କ ସାହସ, ତ୍ୟାଗ ଓ ଭାରତର ସୁରକ୍ଷା ପ୍ରତି ସେମାନଙ୍କ ଅତୁଟ ପ୍ରତିବଦ୍ଧତା ଆମ ସମସ୍ତଙ୍କୁ ପ୍ରେରଣା ଦେଉଛି। ଜିନ୍ଦଲ ଷ୍ଟିଲ ପରିବାରର ଏହି ଯୋଗଦାନ ସେମାନଙ୍କ ସେବା ମନୋଭାବକୁ ସମ୍ମାନ ଜଣାଇବା ସହ ସେମାନଙ୍କ ପରିବାର ସଦସ୍ୟଙ୍କ ସାଥିରେ ଠିଆହେବାର ବିନମ୍ର ପ୍ରୟାସ କରିଛି। ଏହି ସହଯୋଗ ଜିନ୍ଦଲ ଷ୍ଟିଲ୍ର ସେହି ପରମ୍ପରାର ଅଂଶ ବୋଲି କୁହାଯାଇଛି। ଯେଉଁଥିରେ କମ୍ପାନୀ ସବୁବେଳେ କଷ୍ଟକର ସମୟରେ ଦେଶ ଓ ଦେଶର ରକ୍ଷକଙ୍କ ସହ ଛିଡ଼ା ହୋଇଛି। କୋଭିଡ୍-୧୯ ସମୟରେ ନବୀନ ଜିନ୍ଦଲଙ୍କ ନେତୃତ୍ୱରେ ପିଏମ୍ କେୟାର୍ସ ଫଣ୍ଡକୁ ମଧ୍ୟ ୨୫କୋଟି ଟଙ୍କାର ସହାୟତା ପ୍ରଦାନ କରାଯାଇଥିଲା।

# ଶେୟାର ବଜାରରେ ଉତ୍ସାହ

ମୁମ୍ବାଇ,୧୪।୮

କ୍ରମାଗତ ଦ୍ୱିତୀୟ ଦିନ ଲାଗି ଘରୋଇ ଶେୟାର ବଜାର କାରବାରରେ ବୃଦ୍ଧି ଘଟିଛି। ଚଳିତ ସପ୍ତାହର ଚତୁର୍ଥ କାର୍ଯ୍ୟ ଦିବସ ଫଳାଫଳ ଅନୁଯାୟୀ ଶେୟାର ବଜାର କାରବାରରେ ଉତ୍ସାହ ସହ ନିବେଶକମାନେ ଲକ୍ଷାଧିକ ଟଙ୍କାର ନିବେଶ ବଢ଼ାଇପାରିଛନ୍ତି। ବିଶେଷ କରି ଗୁରୁବାର ବମ୍ବେ ଷ୍ଟକ ଏକ୍ସଚେଞ୍ଜ (ବିଏସଇ) ର ସେନସେକ୍ସ ୫୮ (୫୭.୭୫) ପଏଣ୍ଟ ବୃଦ୍ଧି ଘଟି ୮୦,୫୯୮ (୮୦,୫୯୭.୬୬) ଅଙ୍କରେ କାରବାର ବନ୍ଦ ହୋଇଥିଲା। ସେହିଭଳି ନ୍ୟାସନାଲ ଷ୍ଟକ ଏକ୍ସଚେଞ୍ଜ (ଏନଏସଇ) ର ନିଫ୍ଟି-୫୦ ରେ ମଧ୍ୟ ୧୨ (୧୧.୯୫) ପଏଣ୍ଟ ବଢ଼ି ୨୪,୬୩୧ (୨୪,୬୩୧.୩୦) ଅଙ୍କରେ କାରବାର ଶେଷ ହୋଇଥିଲା। ଅପରପକ୍ଷରେ ବିଏସଇ ସେନସେକ୍ସର ମିଡକ୍ୟାପ୍ ଓ ସ୍ମଲକ୍ୟାପ୍ ଶେୟାରଗୁଡ଼ିକରେ ଇଣ୍ଡେକ୍ସ ସହିତ ଏନଏସଇ ନିଫ୍ଟି ମିଡକ୍ୟାପ, ସ୍ମଲକ୍ୟାପ ଏବଂ ବ୍ୟାଙ୍କ ଓ ଆଇଟି ଶେୟାରଗୁଡ଼ିକର କାରବାରରେ ମଧ୍ୟ ପରିବର୍ତ୍ତନ ହୋଇଛି।

# ଅରୁନ୍ଧତୀ ମୋବାଇଲ ଆପ୍ର ଶୁଭାରମ୍ଭ

ଭୁବନେଶ୍ୱର,୧୪।୮




ଅରୁନ୍ଧତୀ ଜୁଏଲର୍ସର ବହୁ ପ୍ରତୀକ୍ଷିତ ତଥା ଅତ୍ୟାଧୁନିକ ଜ୍ଞାନକୌଶଳରେ ନିର୍ମିତ 'ଅରୁନ୍ଧତୀ ମୋବାଇଲ ଆପ୍' ର ଶୁଭାରମ୍ଭ ନିକଟରେ ହୋଇଯାଇଛି। ଏହି ନୂତନ ମୋବାଇଲ ଆପ୍କୁ ସମସ୍ତ ଗ୍ରାହକବନ୍ଧୁ, ଶୁଭେଚ୍ଛୁ ଓ ପ୍ରଶଂସକଙ୍କ ପାଇଁ ଆନୁଷ୍ଠାନିକ ଭାବେ ଉନ୍ମୋଚନ ମଧ୍ୟ କରାଯାଇଛି। ଏହା ମାଧ୍ୟମରେ ଗ୍ରାହକବନ୍ଧୁ ଘରେ ବସି ମୋବାଇଲ ମାଧ୍ୟମରେ ଅରୁନ୍ଧତୀ ଜୁଏଲର୍ସର ୧୦,୦୦୦ ରୁ ଉର୍ଦ୍ଧ୍ୱ ଏକ୍ସକ୍ଲୁସିଭ ଗହଣା ଡିଜାଇନର ଶ୍ରେଷ୍ଠ କଲେକ୍ସନର ପ୍ରଦର୍ଶନୀ ଓ କ୍ରୟ କରିବାର ସୁଯୋଗ ଏହି ଅଫିସିଆଲ ଆପ୍ ଦ୍ୱାରା ମଧ୍ୟ ପାଇପାରିବେ। ଏହି ଆପ୍ ମାଧ୍ୟମରେ ଗ୍ରାହକବନ୍ଧୁ ସୁନା, ରୁପା, ହୀରା ଗହଣାର ପ୍ରତିଦିନ ବଜାର ଦର ନିରୀକ୍ଷଣ କରିବା ସହ ଅରୁନ୍ଧତୀ ଜୁଏଲର୍ସର ଆଡଭାନ୍ସ ପର୍ଚେଜ ପ୍ଲାନ୍ରେ ମଧ୍ୟ ନିଜକୁ ପଞ୍ଜୀକରଣ କରି ମାସିକ କ୍ରୟ ସହ ଅରୁନ୍ଧତୀର ସମସ୍ତ ପ୍ରମୁଖ ଅଫର ସମ୍ବନ୍ଧରେ ମଧ୍ୟ ଆବଶ୍ୟକ ସୂଚନା ଏହି ଅନ୍ଲାଇନ ପ୍ଲାଟ୍ଫର୍ମ ଜରିଆରେ ଗ୍ରାହକ ପାଇପାରିବେ। ଏପରିକି ପ୍ଲେଷ୍ଟୋରରେ ଉପଲବ୍ଧ ଅରୁନ୍ଧତୀ ଜୁଏଲର୍ସର ଅଫିସିଆଲ ଆପ୍କୁ ସମସ୍ତେ ଡାଉନ୍ଲୋଡ୍ କରିପାରିବେ। ଏ ନେଇ ଅରୁନ୍ଧତୀ ଗ୍ରୁପ୍ର ଏମ୍ଡି ବ୍ରହ୍ମାନନ୍ଦ ମେହେର କହିଥିଲେ, ଗ୍ରାହକ ବନ୍ଧୁଙ୍କ ସେବା ଅରୁନ୍ଧତୀର ପ୍ରାଥମିକତା ହୋଇଥିଲାବେଳେ ସେହି ପ୍ରାଥମିକତା ଏହି ନୂତନ ମୋବାଇଲ ଆପ୍ ମାଧ୍ୟମରେ ମଧ୍ୟ ଜାରି ରହିବ। ଏପରିକି ଗ୍ରାହକ ବନ୍ଧୁଙ୍କ ଉପକାରିତା ଦିଗରେ ଏହା ବିଶେଷ ଭାବେ କାର୍ଯ୍ୟ କରିବ ଏବଂ କାରବାର ସମ୍ବନ୍ଧରେ ଆବଶ୍ୟକ ସୂଚନା ପ୍ରଦାନ କରିବ ବୋଲି ସେ ବିସ୍ତୃତ ଭାବେ ମତବ୍ୟକ୍ତ କରିଥିଲେ।

# ଟାଟା ପାୱାରର ନୂତନ ଅଭିଯାନ

ଭୁବନେଶ୍ୱର,୧୪।୮

ଟାଟା ପାୱାରର ନୂତନ ଅଭିଯାନ ''ସୁରକ୍ଷା କବଚ' ର ଶୁଭାରମ୍ଭ ସମ୍ପର୍କରେ ଘୋଷଣା କରାଯାଇଛଇ। ବିଶେଷ କରି ସୁରକ୍ଷା ଏବଂ ପରିଚାଳନା ଉତ୍କର୍ଷ ପ୍ରତି ଅଟଳ ପ୍ରତିବଦ୍ଧତାକୁ ଦୋହରାଇ ଟାଟା ପାୱାର ନେତୃତ୍ୱାଧୀନ ଓଡ଼ିଶା ଡିସକମଗୁଡ଼ିକ ଏକ ପରିବର୍ତନଶୀଳ ଡିଜିଟାଲ୍ ସମାଧାନ 'ସୁରକ୍ଷା କବଚ' ଆରମ୍ଭ କରିଛନ୍ତି। ଏହି ପ୍ରଯୁକ୍ତି ସମ୍ବଳିତ ସୁରକ୍ଷା ପ୍ରାଚୀର ଓଡିଶାରେ ହାଇ ଟେନ୍ସନ୍ (ଏଚ୍ଟି) ନେଟୱର୍କ କାର୍ଯ୍ୟଗୁଡିକୁ କିପରି ନିର୍ବାହ କରାଯାଉଛି, ତାହାକୁ ପୁନର୍ଗଠନ କରିଥିବାବେଳେ ପରମିଟ୍ ଟୁ ୱାର୍କ (ପିଟିଡବ୍ଲ୍ୟୁ) ପଦ୍ଧତିକୁ ଏକ ଦୃଢ଼ ଡିଜିଟାଲ୍ ଢାଞ୍ଚା ଅଧୀନରେ ସୁରକ୍ଷା ପ୍ରୋଟୋକଲ୍ ପାଳନ ସହିତ ସଂଯୋଜିତ କରିଛି। ସୁରକ୍ଷା କବଚ ହେଉଛି ଏକ ସମ୍ପୂର୍ଣ୍ଣ ଟୁଲ୍ ଯାହା ବିଦ୍ୟୁତ ବଣ୍ଟନ କାର୍ଯ୍ୟଗୁଡିକର ଗୁରୁତ୍ୱପୂର୍ଣ୍ଣ ଦିଗଗୁଡ଼ିକୁ ସୁରକ୍ଷା ଏବଂ ପରିଚାଳନାକୁ ଏକତ୍ରୀତ କରିଛି। ଏଚ୍ଟି ଲାଇନ୍ ଉପରେ ପ୍ରତ୍ୟେକ କାର୍ଯ୍ୟକ୍ରମ ଏହି ପ୍ଲାଟଫର୍ମ୍ ମାଧ୍ୟମରେ ଏକ ଡିଜିଟାଲ୍ ପରମିଟ୍ ସୁରକ୍ଷିତ କରିବା ପରେ ହିଁ ନିର୍ବାହ କରାଯାଉଛି, ଯାହା ଦ୍ୱାରା ସୁରକ୍ଷା ପ୍ରୋଟୋକଲ୍ ଦୈନନ୍ଦିନ କାର୍ଯ୍ୟରେ ସଂଯୋଜିତ ହୋଇପାରିଛି। ଏହି ପ୍ରଣାଳୀରେ ଏମ୍ବେଡେଡ୍ ଉପକରଣ ଡାଟାବେସ୍, ପ୍ରି-ମାପିଂ ଅନୁମୋଦନ, ଢ଼ାଂଚାଗତ ସୁରକ୍ଷା ଚେକଲିଷ୍ଟ, ଏବଂ ଏସଏମ୍ଏସ୍ ଏବଂ ହ୍ୱାଟସ୍ଆପ୍ ମାଧ୍ୟମରେ ବାସ୍ତବ ଯୋଗାଯୋଗ ସୁବିଧା ଆଦି ସାମିଲ ରହିଛି ଯାହା ଏକ ଶୂନ୍ୟ-ସମାଧାନ ସୁରକ୍ଷା ସଂସ୍କୃତିକୁ ଆଗକୁ ବଢ଼ାଉଛି। ଏହା ଏକ ସମାଧାନ ପ୍ରସ୍ତୁତ କରୁଛି ଯାହା ପରିଚାଳନା ଆଧୁନିକୀକରଣ କରିବା ସମୟରେ କର୍ମଚାରୀ ଏବଂ ଗ୍ରାହକ ସୁରକ୍ଷାକୁ ପ୍ରାଥମିକତା ଦେଉଛି।

# ସୁଲଭ ମୂଲ୍ୟରେ ପ୍ରିମିୟମ ସିଲ୍କ ଉତ୍ପାଦ ସମ୍ଭାର

## ହୋଟେଲ ଦ ନ୍ୟୁ ମାରିୟନ୍ରେ 'ସିଲ୍କ ଇଣ୍ଡିଆ' ପ୍ରଦର୍ଶନୀ

ଭୁବନେଶ୍ୱର,୧୪।୮



ଓଡିଶା କଳା ଓ ହସ୍ତଶିଳ୍ପ ସମିତିର ବହୁ ପ୍ରତୀକ୍ଷିତ ପ୍ରଦର୍ଶନୀ 'ସିଲ୍କ ଇଣ୍ଡିଆ'ର ଶୁଭାରମ୍ଭ ହୋଇଯାଇଛି। ଏହି ଅବସରରେ ଓଡ଼ିଆ ଅଭିନେତ୍ରୀ ପୁନମ୍ ମିଶ୍ର ସମ୍ମାନିତ ଅତିଥି ଭାବେ ଯୋଗ ଦେଇ ଏହାର ଶୁଭାରମ୍ଭ କରିଥିଲେ। ଅପରପକ୍ଷରେ ଏହି ପ୍ରଦର୍ଶନୀ ତଥା ସେଲ୍ ଭୁବନେଶ୍ୱର ଜନପଥସ୍ଥିତ ହୋଟେଲ ଦ ନ୍ୟୁ ମାରିୟନଠାରେ ୨୦୨୫ ଅଗଷ୍ଟ ୧୪ରୁ ୨୫ ପର୍ଯ୍ୟନ୍ତ ସକାଳ ୧୦ ଟା ୩୦ରୁ ରାତି ୮ଟା ୩୦ ମିନିଟ୍ ପର୍ଯ୍ୟନ୍ତ ଜାରି ରହିବ। ପ୍ରତି ବର୍ଷ ଭଳି ଚଳିତ ବର୍ଷ ମଧ୍ୟ ସମଗ୍ର ଭାରତର କାରିଗରମାନେ 'ସିଲ୍କ ଇଣ୍ଡିଆ-ୱେଡିଙ୍ଗ୍ କଲେକ୍ସନ୍' ଥିମ୍ ସହିତ ପାର୍ବଣ ଋତୁର ଚାହିଦାକୁ ପୂରଣ କରିବା ପାଇଁ ଏଥ୍ନିକ୍ ୱେଭସ୍, ପାରମ୍ପରିକ ସିଲ୍କ ଓ କଟନ ଉତ୍ପାଦଗୁଡ଼ିକୁ ପ୍ରଦର୍ଶିତ କରିବା ପାଇଁ ଭୁବନେଶ୍ୱର ଆସିଛନ୍ତି। ଏ ସମ୍ପର୍କରେ ସିଲ୍କ ଇଣ୍ଡିଆ-ୱେଡିଙ୍ଗ୍ କଲେକ୍ସନର ଆୟୋଜକ ମାନସ ଆଚାର୍ଯ୍ୟ କହିଛନ୍ତି, ଏହି ୧୨ ଦିନିଆ ହସ୍ତତନ୍ତ ପ୍ରଦର୍ଶନୀର ଆନୁଷ୍ଠାନିକ ଶୁଭାରମ୍ଭ ହୋଇଯାଇଛି। ଏପରିକି ସୁଲଭ ମୂଲ୍ୟରେ ସୁଲଭ ମୂଲ୍ୟରେ ପ୍ରିମିୟମ ସିଲ୍କ ଉତ୍ପାଦ ସମ୍ଭାର ପାଇପାରିବେ।

# ଜୀବନ ରୂପାନ୍ତରଣରେ ଟିପିସିଓଡିଏଲ୍ର ପ୍ରତିବଦ୍ଧତା

ଭୁବନେଶ୍ୱର,୧୪।୮

ଟାଟା ପାୱାର ଓ ଓଡ଼ିଶା ସରକାରଙ୍କ ଏକ ଯୌଥ ଉଦ୍ୟୋଗ ଟିପି ସେଣ୍ଟ୍ରାଲ୍ ଓଡ଼ିଶା ଡିଷ୍ଟ୍ରିବ୍ୟୁସନ୍ ଲିମିଟେଡ୍ (ଟିପିସିଓଡିଏଲ୍)ର ଦକ୍ଷତା ବିକାଶ କାର୍ଯ୍ୟକ୍ରମ ସମ୍ପର୍କରେ ଘୋଷଣା କରାଯାଇଛି। ଏପରିକି କମ୍ପାନୀର ଅଭିନବ ସିଏସ୍ଆର୍ ଅଭିଯାନ ପ୍ରୋଜେକ୍ଟ ଦକ୍ଷ ଓ ଓଡ଼ିଶା ଗ୍ରିନ୍ ଜବ୍ସ ଏକାଡେମୀ ଦ୍ୱାରା ଜୀବନରେ ରୂପାନ୍ତରଣ ଆଣୁଛି। ଏହି କାର୍ଯ୍ୟକ୍ରମ ଗ୍ରାମୀଣ ଯୁବବର୍ଗ ଓ ମହିଳାମାନଙ୍କ ଦକ୍ଷତା ବିକାଶ କରିନିଯୁକ୍ତି ଓ ଆର୍ଥିକ ସ୍ୱାଧୀନତା ପାଇଁ ପଥ ପ୍ରଶସ୍ତ କରୁଛି। ୨୦୨୩ ରେ ଶୁଭାରମ୍ଭ ହୋଇଥିବା ଏହି କାର୍ଯ୍ୟକ୍ରମ ଅନୁଗୁଳ, ଖୋର୍ଦ୍ଧା ଓ କଟକ ଜିଲ୍ଲାରେ ଟିପିସିଓଡିଏଲ୍ର ଧନ୍ଦାମୂଳକ ତାଲିମ କାର୍ଯ୍ୟକ୍ରମ (ଭିଟିସି) ସ୍ୱଳ୍ପକାଳୀନ ଶିଳ୍ପ ସମନ୍ୱିତ ପାଠ୍ୟକ୍ରମ ପ୍ରଦାନ କରୁଛି, ଯାହା ଜାତୀୟ ଦକ୍ଷତା ଯୋଗ୍ୟତା ଫ୍ରେମୱର୍କ (ଏନ୍ଏସ୍କ୍ୟୁଏଫ୍)ର ତୃତୀୟ ସ୍ତର ମାନକକୁ ପୂରଣ କରୁଛି। ଏହି ତାଲିମ ପାଠ୍ୟକ୍ରମରେ ପାଇପ କାମ, ବିଦ୍ୟୁତ ଯାନ ସେବା ଓ ସୋଲାର ପ୍ୟାନେଲ୍ ସ୍ଥାପନ ଭଳି ପ୍ରବଳ ଚାହିଦାରେ ଥିବା ଦକ୍ଷତା ପ୍ରଦାନ କରାଯାଉଛି। ବର୍ତମାନ ସୁଦ୍ଧା ମୋଟ୍ ୪୪୦ ଯୁବକ ଓ ଯୁବତୀଙ୍କୁ ତାଲିମ ଓ ସାର୍ଟିଫିକେଟ୍ ପ୍ରଦାନ କରାଯାଇଛି। ସମସ୍ତଙ୍କୁ ଶ୍ରେଷ୍ଠ କମ୍ପାନିଗୁଡ଼ିକରେ ମଧ୍ୟ ନିଯୁକ୍ତି ମିଳିଛି। ଟିପିସିଓଡିଏଲ୍ର ସିଇଓ ଅରଭିନ୍ଦ୍ ସିଂହ ସ୍ଥାନୀୟ ଦକ୍ଷତା ଗଠନ ଏବଂ ମହିଳାଙ୍କ ସମେତ ଯୁବବର୍ଗଙ୍କୁ ସଶକ୍ତ କରିବାରେ ଟିପିସିଓଡିଏଲ୍ର ପ୍ରତିବଦ୍ଧତାକୁ ଦୋହରାଇଛନ୍ତି। ଟିପିସିଓଡିଏଲ୍ର ଏହି ଧନ୍ଦାମୂଳକ ତାଲିମ ଅଭିଯାନ ଅଧିକ ଲୋକଙ୍କ ପାଖରେ ପହଞ୍ଚି ଏବଂ ବର୍ଦ୍ଧିତ ପ୍ରଭାବ ସହ କେବଳ କ୍ୟାରିୟର ଗଠନ କରୁ ନାହିଁ ବରଂ ଜୀବନରେ ରୂପାନ୍ତରଣ ଆଣିବାରେ ସହାୟକ ହୋଇଛି ବୋଲି ସେ କହିଛନ୍ତି।

# ବେଦାନ୍ତର ନିଃଶୁଳ୍କ ପ୍ରାଥମିକ ସ୍ୱାସ୍ଥ୍ୟସେବା




ଭୁବନେଶ୍ୱର,୧୪।୮

ବେଦାନ୍ତ ଆଲୁମିନିୟମର ବହୁ ପ୍ରତୀକ୍ଷିତ କାର୍ଯ୍ୟକ୍ରମ ତଥା ନିଃଶୁଳ୍କ ପ୍ରାଥମିକ ସ୍ୱାସ୍ଥ୍ୟ ସେବା ରାୟଗଡା ଏବଂ କଳାହାଣ୍ଡି ଜିଲ୍ଲାରେ ପୁନଃ ଶୁଭାରମ୍ଭ କରାଯାଇଛି। ଏପରିକି ଚଳିତ ମୌସୁମୀ ଋତୁରେ ଗୋଷ୍ଠୀ ସ୍ୱାସ୍ଥ୍ୟ ସେବାକୁ ସୁଦୃଢ଼ କରିବା ପାଇଁ କମ୍ପାନୀ ଏକ ଶୃଙ୍ଖଳା ଆରମ୍ଭ କରିଛି। ଏହି ପ୍ରୟାସଗୁଡ଼ିକ ଅଧୀନରେ କମ୍ପାନୀର ମୋବାଇଲ ହେଲଥ ୟୁନିଟ୍ (ଏମଏଚୟୁ) କାର୍ଯ୍ୟକାରୀ କରାଯାଉଛି। ସେହିଭଳି ଏହି ସେବା ମାଧ୍ୟମରେ ୧୫୦୦ରୁ ଅଧିକ ସମ୍ପ୍ରଦାୟ ସଦସ୍ୟ ମାଗଣା ମ୍ୟାଲେରିଆ ପରୀକ୍ଷା, ଲକ୍ଷଣ ଚିହ୍ନଟ ପାଇଁ ମାର୍ଗଦର୍ଶନ, ପରିମଳ, ମଶାରୀ ବ୍ୟବହାର ଏବଂ ପାନୀୟ ଜଳ ସମସ୍ୟା ଦୂର କରିବା ଭଳି ପ୍ରତିଷେଧକ ପଦକ୍ଷେପ ଗ୍ରହଣ କରିଛନ୍ତି। ଏପରିକି ଋତୁକାଳୀନ ରୋଗ ପ୍ରକୋପ ରୋକିବା ପାଇଁ ଏଗୁଡ଼ିକ ଗୁରୁତ୍ୱପୂର୍ଣ୍ଣ ପଦକ୍ଷେପ ହୋଇଥିଲାବେଳେ ୫ଟି ଗ୍ରାମର ୮୦ ଜଣ ସ୍ୱୟଂ ସହାୟକ ଗୋଷ୍ଠୀ (ଏସଏଚଜି) ମହିଳାଙ୍କ ସହ ଏକ ପ୍ରସ୍ତୁତି ଅଧିବେଶନ ମଧ୍ୟ ନିକଟରେ ଅନୁଷ୍ଠିତ ହୋଇଥିଲା। ଯେଉଁଥିରେ ପରିବାରର ପରିଚ୍ଛନ୍ନତା, ନିରାପଦ ପାନୀୟ ଜଳର ଉପଲବ୍ଧତା, ସାପ କାମୁଡ଼ା ରୋକିବା ପାଇଁ ଆବଶ୍ୟକୀୟ ସତର୍କତା ମୂଳକ ପଦକ୍ଷେପ ଏବଂ ସମୟୋଚିତ ଚିକିତ୍ସା ପାଇଁ ଜରୁରୀ ପ୍ରଥମ ପ୍ରତିକ୍ରିୟା ପଦକ୍ଷେପ ଅନ୍ତର୍ଭୁକ୍ତ କରାଯାଇଥିଲାବେଳେ ଅଂଶ ଗ୍ରହଣକାରୀମାନଙ୍କୁ ବର୍ଷା ସମୟରେ ପରିବାରକୁ ସୁରକ୍ଷା ଦେବା ପାଇଁ କାର୍ଯ୍ୟକ୍ଷମ ଜ୍ଞାନ ସହିତ ସଶକ୍ତ କରାଯାଇଥିଲା। ସେହିପରି ରାୟଗଡା ଏବଂ କଳାହାଣ୍ଡି ଜିଲ୍ଲାର ୩୫ରୁ ଅଧିକ ଦୁର୍ଗମ ଗ୍ରାମର ୨୦,୦୦୦ରୁ ଅଧିକ ବାସିନ୍ଦାଙ୍କୁ ବେଦାନ୍ତ ଆଲୁମିନିୟମ ଗୁଣାତ୍ମକ ସ୍ୱାସ୍ଥ୍ୟସେବା ଯୋଗାଇ ଦେଇଛି। ଗତ ୨ବର୍ଷ ମଧ୍ୟରେ ୨,୦୦୦ରୁ ଅଧିକ ମାଗଣା ସ୍ୱାସ୍ଥ୍ୟ ସେବା ଶିବିର ମଧ୍ୟ ଆୟୋଜନ କରାଯାଇଛି। ଏହା ଅନୁନ୍ନତ ଅଞ୍ଚଳଗୁଡ଼ିକରେ ବେଶ ଗୁରୁତ୍ୱପୂର୍ଣ୍ଣ ସ୍ୱାସ୍ଥ୍ୟସେବା ବ୍ୟବଧାନକୁ ପୂରଣ କରିଛି। ବେଦାନ୍ତ ଆଲୁମିନିୟମର ସିଇଓ ରାଜୀବ କୁମାର କହିଛନ୍ତି, ଆମେ ସକ୍ରିୟ ସ୍ୱାସ୍ଥ୍ୟ ହସ୍ତକ୍ଷେପ ପାଇଁ ପ୍ରତିବଦ୍ଧ ରହିଛୁ। ଆମର ପଦକ୍ଷେପଗୁଡ଼ିକ ଋତୁକାଳୀନ ଚ୍ୟାଲେଞ୍ଜକୁ ମୁକାବିଲା କରିବା ବ୍ୟତୀତ ଦୀର୍ଘକାଳୀନ କଲ୍ୟାଣକୁ ସୁଦୃଢ଼ କରିବା, ସଚେତନତା ବୃଦ୍ଧି କରିବା ଏବଂ ସମସ୍ତଙ୍କ ପାଇଁ ଗୁଣାତ୍ମକ ସ୍ୱାସ୍ଥ୍ୟସେବା ସୁନିଶ୍ଚିତ କରିବା ଉପରେ ଧ୍ୟାନ ଦେଇଥାଏ। ଏପରିକି ଆମେ ଆମର ଏମଏଚୟୁଗୁଡ଼ିକୁ ସଦାସର୍ବଦା ପ୍ରସ୍ତୁତ କରି ରଖିଛୁ। ଏହା ଜରିଆରେ ଆମେ ସୁଗମ ସ୍ୱାସ୍ଥ୍ୟସେବା ଏବଂ ସୁସ୍ଥ ସମ୍ପ୍ରଦାୟ ଗଠନରେ ସାହାଯ୍ୟ କରିବା ପାଇଁ ନିୟମିତ ସଚେତନତା ଅଧିବେଶନ ଚଲାଇଥାଉ ବୋଲି ସେ ବିସ୍ତୃତ ଭାବେ ମତପ୍ରକାଶ କରିଥିଲେ।

ଗୃହ ନିର୍ମାଣ ଓ ନଗର ଉନ୍ନୟନ ବିଭାଗ, ଓଡ଼ିଶା ସରକାର
Housing & Urban Development Department, Govt. of Odisha
ଜଟଣୀ ପୌର ପରିଷଦ, ଜଟଣୀ
OFFICE OF THE MUNICIPAL COUNCIL: JATANI
ସ୍ଥାନ:ଜଟଣୀ, ଜିଲ୍ଲା-ଖୋର୍ଦ୍ଧା, ୭୫୨୦୫୦
At/PS- Jatani, Dist-Khordha (Odisha), Pin-752050
E-mail-municipalityjatni@gmail.com, Phone No.0674-2490826

EXPRESSION OF INTEREST (EOI)
No.4756 / Jatani, Date- 12.08.2025

No.C-870: The Executive Officer, Jatni Municipality, invites sealed Expression of Interest (EOI) from registered and reputed Technical Experts/Consultants/Firms having valid Income Tax Return, GST Registration and Company Registration Certificates to submit technical and financial proposals for **Preparation of Detailed Project Reports (DPRs) under Young Gamechangers Initiative (YGI) in Jatni for implementation of design and beautification plans for two identified public spaces of (1) Mundia Sahi Park & Ground in Ward 7; (2) Maa Uttarayanee Youth Club Ground in Ward 11.** The last date and time for receipt of EOI is dt.25.08.2025 at 03.00 PM and the bids will be opened on the same day at 04.00 PM in the chamber of the Executive Officer, Jatni Municipality, Jatni, in the presence of bidders or their authorized representatives who choose to attend. The details of EOI will be available at office of the undersigned or can be downloaded from www.khordha.nic.in/ www.jatnimunicipality.in.

OIPR-13041/11/0044/2526 Sd./- Executive Officer, Jatni Municipality

O/O CHIEF DISTRICT MEDICAL & PUBLIC HEALTH OFFICER
DISTRICT PROGRAMME MANAGEMENT UNIT
NATIONAL HEALTH MISSION, NABARANGPUR
e-mail : dhionab@gmail.com (06858-222057)
Tender No. : 8145 Date : 13.08.2025

No.E-312 : Sealed tenders are invited from registered, reputed and experienced Agencies /Firms/ Individuals for engagement of Vehicle on Monthly hiring basis at O/o CDM & PHO Nabarangpur,1 vehicle ( Mahindra Neo/Scorpio) for DPMU NHM wing. Interested_bidders may send their complete bid in double cover system **(Technical & Financial)** separate envelops only. Combined bids will not be considered. Category of tender must be superscribed in the top of the Bid envelop and addressing clearly to the CDM&PHO, Nabarangpur. Tender documents is to be downloaded from the District website https://nabarangpur.odisha.gov.in/. **Last date for receipt of Tender documents is 03.09.25 by 5.00 PM only** through Speed post/ Regd Post/Courier only and the bids, so received will be opened on 04.09.25 at 11:00 AM in the office chamber of the CDM&PHO, Nabarangpur. Incomplete and late receipt bids will be summarily rejected. The undersigned reserves the right to cancel all or any of the bids without assigning any reason thereof.

Sd./- CDM & PHO cum
District Mission Director
OIPR-10164/11/0009/2526 NHM Nabarangpur

ଗୃହ ନିର୍ମାଣ ଓ ନଗର ଉନ୍ନୟନ ବିଭାଗ, ଓଡ଼ିଶା ସରକାର
Housing & Urban Development Department, Govt. of Odisha
ଜଟଣୀ ପୌର ପରିଷଦ, ଜଟଣୀ
OFFICE OF THE MUNICIPAL COUNCIL: JATANI
ସ୍ଥାନ:ଜଟଣୀ, ଜିଲ୍ଲା-ଖୋର୍ଦ୍ଧା, ୭୫୨୦୫୦
At/PS- Jatani, Dist-Khordha (Odisha), Pin-752050
E-mail-municipalityjatni@gmail.com, Phone No.0674-2490826

NOTICE INVITING EXPRESSION OF INTEREST
No.4751 / Jatani, Date- 12.08.2025

No.C-869: The Executive Officer, Jatni Municipality, invites reputed Consultants/ Organisations having valid Income Tax Return, GST Registration and Organisation Registration Certificates to submit technical and financial proposals for Developing Training Package for Capacity Building of Youth on Planning, Designing and Governance of Public Spaces under Young Gamechangers Initiative (YGI) in Jatni. The last date and time for receipt of proposals is dt.25.08.2025 at 02.30 PM and the bids will be opened on the same day at 04.30 PM in the chamber of the Executive Officer, Jatni Municipality, Jatni in the presence of bidders or their authorized representatives who choose to attend. The details of EOI will be available at office of the undersigned or can be downloaded from www.khordha.nic.in/ www.jatnimunicipality.in.

OIPR-13041/11/0045/2526 Sd./- Executive Officer, Jatni Municipality

OFFICE OF THE PANCHAYAT SAMITI, NARSINGHPUR
Dist : Cuttack - 754032

QUOTATION CALL NOTICE
NO-4126 Date-11.08.2025

No.i-271 : Sealed quotations are invited from the intending registered firms/ Nurseries & suppliers for supply of Saplings, gabion and fertilisers to 37 nos of GP points of Narsinghpur Block. The prescribed quotation schedule can be obtained from the office of the Block Development Officer, Narsinghpur on payment of Rs-2000/- (Rupees two thousand only) + GST @18% (non-refundable) in shape of cash/ bank draft/ bankers cheque drawn in favour of the Block Development Officer, Narsinghpur payble at Narsinghpur from any nationalised bank from date 14.08.2025 to 22.08.2025 upto 11.00 A.M during office hour except holidays.

The quotation paper along with all documents should reach the undersigned by Regd. Post/ speed post/ courier service or by person on or before date 22.08.2025 upto 01.00 P.M. The quotation will be opened on the same date at 3.30 P.M in presence of the quotationer or their authorised representative if any. The undersigned will not be responsible for any delay in receipt of the quotation paper. The quotation received beyond the schedule date and time will not be considered at all. All items and conditions may be seen in the quotation schedule.
The undersigned has the right to accept, cancel or reject any or all the quotations without assigning any reason thereof.

Sd./- Block Development Officer
OIPR-19046/11/0006/2526 Narasinghpur Block, Dist-Cuttack

# କାନାରା ବ୍ୟାଙ୍କ ପକ୍ଷରୁ ମେଗା ମେଧାବୃତ୍ତି ବଣ୍ଟନ



ଭୁବନେଶ୍ୱର,୧୪।୮

କାନାରା ବ୍ୟାଙ୍କର ବହୁ ପ୍ରତୀକ୍ଷିତ ଛାତ୍ରବୃତ୍ତି 'କାନାରା ବିଦ୍ୟା ଜ୍ୟୋତି ସ୍କଲାରଶିପ୍'ର ଶୁଭାରମ୍ଭ ନିକଟରେ ହୋଇଯାଇଛି। ଏହି ପରିପ୍ରେକ୍ଷୀରେ କାନାରା ବ୍ୟାଙ୍କର ବ୍ରହ୍ମପୁର କ୍ଷେତ୍ରୀୟ କାର୍ଯ୍ୟାଳୟଠାରେ ଏକ ମେଗା ମେଧା ବୃତ୍ତି (କାନାରା ବ୍ୟାଙ୍କ ଡା. ଆମ୍ବେଦକର ବିଦ୍ୟାଜ୍ୟୋତି ସ୍କଲାରଶିପ୍) ବଣ୍ଟନ କରାଯାଇଥିଲା। ଉକ୍ତ କାର୍ଯ୍ୟକ୍ରମରେ ବ୍ରହ୍ମପୁର ବିଧାୟକ କେ. ଅନିଲ କୁମାର ଏବଂ ଜିଲା କଲ୍ୟାଣ ଅଧିକାରୀ ଛତ୍ରପୁର ସୁରେଶ ଚନ୍ଦ୍ର ଜିତବାବୁ ସମ୍ମାନିତ ଅତିଥି ଭାବେ ଯୋଗଦେଇଥିଲେ।

ସେହିଭଳି କାନାରା ବ୍ୟାଙ୍କର ବ୍ରହ୍ମପୁର କ୍ଷେତ୍ରୀୟ କାର୍ଯ୍ୟାଳୟ ମୁଖ୍ୟ ଶୈକ ମହବୁବଙ୍କ ସଭାପତିତ୍ୱରେ ଆୟୋଜିତ ଏହି ସ୍ୱତନ୍ତ୍ର କାର୍ଯ୍ୟକ୍ରମରେ ଉପସ୍ଥିତ ଅତିଥିବୃନ୍ଦ, ଶିକ୍ଷକ ଏବଂ ଛାତ୍ରୀଛାତ୍ରମାନଙ୍କୁ ସ୍ୱାଗତକରିବା ସହ ସେ ଏହି ମେଧାବୃତ୍ତି ଯୋଜନା ଏବଂ କାନାରା ବ୍ୟାଙ୍କ ବିଷୟରେ ବିସ୍ତୃତ ଭାବେ ବିବରଣୀ ରଖିଥିଲେ। ସେହିପରି ପ୍ରତି ବର୍ଷ କାନାରା ବ୍ୟାଙ୍କ ଦ୍ୱାରା ଏହି ବୃତ୍ତି ଦିଆଯାଉଛି। ଏପରିକି ଏହି ଯୋଜନା ମାଧ୍ୟମରେ ସରକାରୀ ବିଦ୍ୟାଳୟରେ ପଢୁଥିବା ଅନୁସୂଚିତ ଜାତି ଏବଂ ଅନୁସୂଚିତ ଜନଜାତି ବର୍ଗର ଛାତ୍ରୀମାନଙ୍କୁ ମେଧା ବୃତ୍ତି ପ୍ରଦାନ କରାଯାଇଥାଏ।

ଏହି ଯୋଜନାର ମୁଖ୍ୟ ଉଦ୍ଦେଶ୍ୟ ହେଲା ଅନୁସୂଚିତ ଜାତି ଏବଂ ଅନୁସୂଚିତ ଜନଜାତି ବର୍ଗର ବାଳିକାମାନଙ୍କ ମଧ୍ୟରେ ଶିକ୍ଷା ପ୍ରତି ଉତ୍ସାହ ସୃଷ୍ଟି କରିବା ଏବଂ ଏହାର ନିରନ୍ତରତା ବଜାୟ ରଖିବା। ଏହି ଛାତ୍ରବୃତ୍ତି ରାଶି କାନାରା ବ୍ୟାଙ୍କ ଦ୍ୱାରା ଛାତ୍ରୀମାନଙ୍କ ଏସ୍ବି ଆକାଉଣ୍ଟକୁ ପ୍ରଦାନ କରାଯାଇଛି। ଉକ୍ତ କାର୍ଯ୍ୟକ୍ରମରେ ପାସ୍ବୁକ୍ଗୁଡିକ ମଧ୍ୟ ହସ୍ତାନ୍ତର କରାଗଲା। ଉକ୍ତ କାର୍ଯ୍ୟକ୍ରମରେ ବ୍ୟାଙ୍କର ଡିଏମ୍ ସମ୍ବିତ ଶତପଥୀ, ଡିଏମ୍. ଡି ସୂର୍ଯ୍ୟନାରାୟଣ, ସଂସାଧନ ବିଭାଗର ମୁଖ୍ୟ ପାର୍ଥପ୍ରତିମ ପାଢ଼ୀ, ଆର୍ଥିକ ଅନ୍ତର୍ଭୁକ୍ତୀକରଣ ବିଭାଗର ମୁଖ୍ୟ ମମତା ମହାପାତ୍ରଙ୍କ ସମେତ ରବିନାରାୟଣ ମୋହିନୀ ଓ ବିଭିନ୍ନ ସ୍କୁଲର ଶିକ୍ଷକ ଏବଂ ଅଭିଭାବକମାନେ ଉପସ୍ଥିତ ଥିଲେ।

BRAHMAPUR DEVELOPMENT AUTHORITY
Court Road, Courtpeta, Brahmapur, Ganjam, Odisha, Pin-760004
www.bdabrahmapur.in, e-mail : bedaengineers@gmail.com
Phone No. 0680 2292797
NATIONAL COMPETITIVE BIDDING THROUGH e-PROCUREMENT
Invitation for Bids (IFB)
No.CAD-1447
No.414/BeDA (Engg.), Dt.11.08.2025

| Sl. No. | Name of work | Bid Identification No. | Estimated cost (Rs. In Lakh) | Class of Contractor | Period of completion | Availability of Bid Document for Online Bidding | | Name & Address of Officer Inviting Bid |
|---|---|---|---|---|---|---|---|---|
| | | | | | | From | To | |
| 1 | Infrastructure Development of Water Sports Complex at Sonapur, Ganjam | EM-BeDA-12/2025-26 | 288.00 | "B" Class or Equivalent | 09 (Nine) Calendar Months | 13.08.2025 10.00 Hours | 29.08.2025 17.30 Hours | Engineer Member Brahmapur Development Authority |

- All corrigendum and addenda shall be published in official website only.
- The Bidder shall have to participate in **ON LINE** bidding only.
- Last date for seeking clarification - **Dt.25.08.2025** up to 17.30 Hours
- Further details can be seen from the e-Procurement portal www.tendersodisha.gov.in and www.bdabrahmapur.in
- Tender shall be opened online on **Dt.30.08.2025** at 11 Hours.

Sd./- ENGINEER MEMBER
OIPR-13086/11/0008/2526 Brahmapur Development Authority, Brahmapur

GOVERNMENT OF ODISHA No.i-270
OFFICE OF THE PANCHAYAT SAMITI
DHARMASALA, JAJPUR
'E' Procurement Notice No. Tender Online 01DMSL/2025-26

1. **Name of work** : **Building Works**
2. **Total No of Work** : 6 No. of Work
3. **Estimated Cost (Approx.)** : Rs.13.94 lakhs - Rs.15.09 lakhs
4. **Period of Completion** : 180 days
5. **Class of contractors** : C & D

**Other details as follows**
a) Procurement Officer : Block Development Officer, Dharmasala, Jajpur
b) Availability of tender online & submission of bid : 16.08.2025 at 11.00 AM to 01.09.2025 up to 5.00 PM
c) Last date & time of seeking of tender clarification : 30.08.2025 up to 5.00 PM
d) Opening of Tender : 02.09.2025 at 11.00 A.M.

Further details can be seen from the Govt. website **www.tendersodisha.gov.in**

Sd./- Block Development Officer
OIPR-19216/11/0002/2526 Dharmasala

GOVT. OF ODISHA
OFFICE OF THE SUPERINTENDING ENGINEER
RURAL WORKS DIVISION, RAIRANGPUR
No.O-585
e-mail ID : eerwrairangpur@yahoo.com
"e"-Procurement Notice for Road Works
Bid Identification No. - RWDRRP-05-2025-26

1. Name of the work : Periodical maint of post DLP road SH 49 to Aharbandh Neorendraposi Raihari to Jaldiha ODR to Bhagabandi RD road to Sanbantha RD road to Bhanjasara road RD road to Tamalbandh Bijatala to Dumadihi road for the year 2025-26, 2. Estimated Cost : Rs.92.63 lakhs (approximately), 3. Class of Contractor : "B" Class or relevant of works license, 4. Period of Completion : 03 (Three) calendar months, 5. Tender Paper Cost : Rs.10,000/-
The details are as follows :

| Procurement Officer | Bid Identification No. | Availability of Tender on-line for bidding | | Last Date & Time of Seeking Tender Clarification | Date & Time of Opening of Tender in O/O Superintending Engineer, Rural Works Division, Rairangpur | |
|---|---|---|---|---|---|---|
| | | From | To | | Technical | Financial |
| S.E.R.W Division, Rairangpur | RWDRRP-05/2025-26 | 14.08.2025 at 11.00 A.M. | 30.08.2025 up to 5.00 P.M. | 29.08.2025 up to 5.00 P.M. | 01.09.2025 at 11.30 A.M. | Will be intimated later |

Further details can be seen from the website : www.tendersodisha.gov.in

Sd./- Er. Sanjeet Naik
OIPR-25107/11/0025/2526 Executive Engineer, R.W. Division, Rairangpur

See Career Appointment on every Wednesday & Saturday

# ବାପା, ସାବତ ମା'ଙ୍କ ବିରୋଧରେ ହତ୍ୟା ମାମଲା

**ନିମାପଡ଼ାରେ ଦଶମ ଶ୍ରେଣୀ ଛାତ୍ରୀ ମୃତ୍ୟୁ ଘଟଣା**

**ହତ୍ୟାକାରୀଙ୍କୁ ତୁରନ୍ତ ଗିରଫ ଦାବିରେ ମୃତା ଛାତ୍ରୀଙ୍କ ମା'ଙ୍କ ଥାନାରେ ଧାରଣା**

ନିମାପଡ଼ା,୧୪ା୮ (ବିନ୍ଦ୍ରାନନ୍ଦ ସାହୁ)

ପୁରୀ ଜିଲ୍ଲା ନିମାପଡ଼ା ଏନ୍‌ଏସି ଅନ୍ତର୍ଗତ ଅଣ୍ଡିଆସାହି ଗ୍ରାମରେ ଦଶମ ଶ୍ରେଣୀ ଛାତ୍ରୀଙ୍କ ମୃତ୍ୟୁ ଘଟଣା ଭିନ୍ନ ମୋଡ଼ ନେଇଛି।ଝିଅ ଆତ୍ମହତ୍ୟା କରିନାହିଁ ବରଂ ତାଙ୍କୁ ବାପା, ସାବତ ମା' ଏବଂ ଅନ୍ୟମାନେ ମିଶି ହତ୍ୟା କରିଛନ୍ତି ବୋଲି ମା' ସତ୍ୟଭାମା ପ୍ରଧାନ ବୁଧବାର ବିଳମ୍ବିତ ରାତିରେ ଅଭିଯୋଗ କରିବା ପରେ ପୋଲିସ ଏକ ହତ୍ୟା ମାମଲା ରୁଜୁ କରି ତଦନ୍ତ ଆରମ୍ଭ କରିଛି। ଅପରପକ୍ଷରେ ଗୁରୁବାର ଝିଅର ହତ୍ୟାକାରୀଙ୍କୁ ତୁରନ୍ତ ଗିରଫ ଦାବିରେ ସତ୍ୟଭାମା ଥାନା ସମ୍ମୁଖରେ ଧାରଣା ଦେଉଥିଲେ। ତେବେ ବ୍ୟବଚ୍ଛେଦ ରିପୋର୍ଟ ଏବଂ ତଦନ୍ତ ପରେ ଆବଶ୍ୟକ କାର୍ଯ୍ୟାନୁଷ୍ଠାନ ଗ୍ରହଣ କରାଯିବ ବୋଲି ପୋଲିସ ପ୍ରତିଶ୍ରୁତି ଦେବାପରେ ମୃତା ଛାତ୍ରୀଙ୍କ ମା' ଧାରଣାରୁ ହଟିଛନ୍ତି। ଏହି ଘଟଣା ଏବେ ସ୍ଥାନୀୟ ଅଞ୍ଚଳରେ ଚର୍ଚ୍ଚାର ବିଷୟ ପାଲଟିଛି।



ଥାନା ସମ୍ମୁଖରେ ମୃତା ଛାତ୍ରୀଙ୍କ ମା' ସତ୍ୟଭାମା ପ୍ରଧାନ।

ପ୍ରକାଶ ଯେ, ଅଣ୍ଡିଆସାହି ଗ୍ରାମରେ ବୁଧବାର ଜଣେ ଦଶମ ଶ୍ରେଣୀ ଛାତ୍ରୀଙ୍କୁ ଝୁଲନ୍ତା ଅବସ୍ଥାରେ ଉଦ୍ଧାର କରାଯାଇ ନିମାପଡ଼ା ହସ୍ପିଟାଲକୁ ନିଆଯାଇଥିଲା। ସେଠାରେ ଡାକ୍ତର ତାଙ୍କୁ ମୃତ ଘୋଷଣା କରିଥିଲେ। ଖବର ପାଇ ପୋଲିସ ମୃତଦେହ ଜବତ କରି ବ୍ୟବଚ୍ଛେଦ ପାଇଁ ଡାକ୍ତରଖାନାକୁ ପଠାଇଥିଲା। ମୃତା ଛାତ୍ରୀଙ୍କ ବାପା ମାନସ ପ୍ରଧାନ ଝିଅ ଆତ୍ମହତ୍ୟା କରିଥିବା ନେଇ ଅଭିଯୋଗ କରିଥିଲେ। ଉକ୍ତ ଅଭିଯୋଗ ଆଧାରରେ ପୋଲିସ ଏକ ଅପମୃତ୍ୟୁ ମାମଲା(ନଂ. ୨୧/୨୫) ରୁଜୁ କରି ଘଟଣାର ତଦନ୍ତ ଆରମ୍ଭ କରିଥିଲା। ହେଲେ ବିଳମ୍ବିତ ରାତିରେ କୋଣାର୍କରେ ରହୁଥିବା ମୃତା ଛାତ୍ରୀଙ୍କ ନିଜ ମା' ସତ୍ୟଭାମା ଥାନାରେ ପହଞ୍ଚି ଝିଅକୁ ତା' ବାପା ମାନସ,ସାବତ ମା' ଖୁସି, ବଡ଼ବାପା ସନ୍ତୁଆ ପ୍ରଧାନ, ବଡ଼ବୋଉ ଝିଲ୍ଲି ପ୍ରଧାନ ମିଳିମିଶି ହତ୍ୟା କରିବା ପରେ ଘରର ଆସ୍‌ବେଷ୍ଟସ୍ ଓଗରରେ ଝୁଲାଇ ଦେଇଥିବା ନେଇ ଅଭିଯୋଗ କରିଥିଲେ। ସତ୍ୟଭାମାଙ୍କ ଅଭିଯୋଗକୁ ଭିତ୍ତି କରି ପୋଲିସ ପୁଣିଥରେ ଏକ ହତ୍ୟା ମାମଲା(ନଂ. ୨୫୯/୨୫) ରୁଜୁ କରି ତଦନ୍ତ ଆରମ୍ଭ କରିଛି। ପୁରୀରୁ ସାଇଣ୍ଟିଫିକ୍ ଟିମ୍ ଘଟଣାସ୍ଥଳରେ ପହଞ୍ଚି ଅଧିକ ତଦନ୍ତ ଚଳାଇଛନ୍ତି। ଏ ସମ୍ପର୍କରେ ମାମଲାର ତଦନ୍ତକାରୀ ଅଧିକାରୀ ଆଇଆଇସି ବାସଦେବ ସ୍ୱାଇଁଙ୍କୁ ପଚାରିବାରେ, ମୃତା ଛାତ୍ରୀଙ୍କ ନିଜ ମା'ଙ୍କ ଅଭିଯୋଗକୁ ଆଧାର କରି ହତ୍ୟା ମାମଲା ରୁଜୁ କରାଯାଇ ଘଟଣାର ତଦନ୍ତ ଚାଲିଛି ବୋଲି କହିଛନ୍ତି। ପ୍ରକାଶ ଯେ, ପାରିବାରିକ କଳହ କାରଣରୁ ମୃତା ଛାତ୍ରୀଙ୍କ ମା' ସତ୍ୟଭାମା ପ୍ରାୟ ୩ରୁ ୪ ବର୍ଷ ହେବ ବାପ ଘର କୋଣାର୍କ ଥାନା ଅନ୍ତର୍ଗତ ମାଧିପୁରଠାରେ ରହୁଛନ୍ତି।

**ପାରିବାରିକ କଳହରୁ ଅଭାବନୀୟ ଘଟଣା**

# ଜ୍ୱାଇଁଙ୍କୁ ଗାଁ ଦାଣ୍ଡ ଖୁଣ୍ଟରେ ବାନ୍ଧି ପିଟିଲେ

ଆର.ଉଦୟଗିରି,୧୪ା୮
(ମନୋଜ କୁମାର ପାଢୀ)

ପାରିବାରିକ କଳହକୁ କେନ୍ଦ୍ରକରି ଗଜପତି ଜିଲା ଆର. ଉଦୟଗିରିରେ ବୁଧବାର ଏକ ଅଭାବନୀୟ ଘଟଣା ଘଟିଯାଇଛି। ଅଲଗା ରହୁଥିବା ଜ୍ୱାଇଁଙ୍କୁ ଶ୍ୱଶୁର ଘର ଲୋକେ ଗାଁ ଦାଣ୍ଡରେ ଖୁଣ୍ଟରେ ବାନ୍ଧି ନିସ୍ତୁକ ମାଡ଼ ମାରିଛନ୍ତି। ରାତିସାରା ଖୁଣ୍ଟରେ ବନ୍ଧା ହୋଇ ରହିବା ପରେ ଗୁରୁବାର ଖବର ପାଇ ପୋଲିସ ପହଞ୍ଚି ଜ୍ୱାଇଁ ଜଳନ୍ତ ବଳିଆରସିଂଙ୍କୁ ଉଦ୍ଧାର କରିଛି। ଏଭଳି ଘଟଣା ଦେଖିବାକୁ ମିଳିଛି ଜିଲାର ଅଡବା ଥାନା ଅନ୍ତର୍ଗତ ଗରଡ଼ମା ଗାଁରେ।

ଖବରରୁ ଜଣାପଡିଛି, ଗରଡ଼ମା ଗାଁର ସୁଭଦ୍ରା ମାଳବିଷୋୟୀ ଗତ ତିନିବର୍ଷ ତଳେ ବ୍ରାହ୍ମଣୀଗାଁ ଥାନା ଅନ୍ତର୍ଗତ ବୁଡ଼ିଶିଳ ଗାଁର ଜଳନ୍ତଙ୍କୁ ବିବାହ କରିଥିଲେ। ତେବେ ପାରିବାରିକ କଳହ ଯୋଗୁ ସୁଭଦ୍ରାଙ୍କୁ ତାଙ୍କ ବାପଘର ଲୋକେ ଗତ ୧୧ ମାସ ତଳେ ନିଜ ଘରକୁ ନେଇ ଆସିଥିଲେ। ଏ ସମ୍ପର୍କରେ ଉଭୟ ପରିବାର ଥାନାରେ ଅଭିଯୋଗ କରିବାରୁ ଏକ ମାମଲା ରୁଜୁ ହୋଇ ଏହା କୋର୍ଟରେ ବିଚାରାଧୀନ ଅଛି। ଏପରି ସ୍ଥଳେ ଜଳନ୍ତ ବୁଧବାର ବୁଡ଼ିଶିଳ ଗାଁରୁ ରାଶନ ଚାଉଳ ଆଣିବାକୁ ଗରଡ଼ମା ଗାଁକୁ ଆସିଥିଲେ।



ଗରଡ଼ମା ଗାଁରେ ଏକ ଖୁଣ୍ଟରେ ବନ୍ଧାଯାଇଥିବା ଜଳନ୍ତ।

ଏହା ଜାଣିବା ପରେ ସୁଭଦ୍ରାଙ୍କ ପରିବାର ଲୋକେ ଓ କେତେ ଜଣ ଗ୍ରାମବାସୀ ସେଠାରେ ପହଞ୍ଚି ଜଳନ୍ତଙ୍କୁ ମାଡ଼ ମାରିବା ସହ ଗାଁ ଦାଣ୍ଡରେ ଥିବା ଏକ ଖୁଣ୍ଟରେ ବାନ୍ଧି ଦେଇଥିଲେ। ସେପରି ଅବସ୍ଥାରେ ମଧ ସେମାନେ ତାଙ୍କୁ ପୁଣି ମାଡ଼ ମାରିଥିଲେ। ବନ୍ଧା ଯାଇଥିବା ଅବସ୍ଥାରେ ଜଳନ୍ତ ରାତିସାରା ରହିଥିଲେ। ତେବେ କୌଣସି ସୂତ୍ରରୁ ଖବରପାଇ ଅଡବା ପୋଲିସ ପହଞ୍ଚି ସୁଭଦ୍ରାଙ୍କ ପରିବାର ଲୋକ ଓ ଗ୍ରାମବାସୀଙ୍କୁ ବୁଝାଶୁଝା କରି ଜଳନ୍ତଙ୍କୁ ଉଦ୍ଧାର କରିଥିଲା। ଏ ସମ୍ପର୍କରେ ଥାନାରେ କୌଣସି ଏତଲା ହୋଇ ନ ଥିବା ଥାନା ଅଧିକାରୀ ଶୁଭ୍ରାନ୍ତ ପଣ୍ଡା କହିଛନ୍ତି।

# ବଳାତ୍କାର ଅଭିଯୋଗରେ ଏସ୍‌ଆଇ ଗିରଫ

ଫୁଲବାଣୀ, ୧୪ା୮(ରାକେଶ କୁମାର ରାଉତ)

ମହିଳାଙ୍କୁ ବଳାତ୍କାର କରିବା ଅଭିଯୋଗରେ କନ୍ଧମାଳ ଜିଲା କୋଟଗଡ଼ ଥାନାରେ କାର୍ଯ୍ୟରତ ଜଣେ ପୋଲିସ ଏସ୍‌ଆଇ ଗୁରୁବାର ଗିରଫ ହୋଇଛନ୍ତି। ସେ ହେଲେ କଟକର ସ୍ମୃତି ସାଗର ସାମଲ। କୋର୍ଟରେ ଜାମିନ ନାମଞ୍ଜୁର ହେବାରୁ ୧୪ ଦିନ ପାଇଁ ତାଙ୍କୁ ବିଚାର ବିଭାଗୀୟ ହାଜତକୁ ପଠାଇ ଦିଆଯାଇଛି ।

**ଭୁବନେଶ୍ୱର, ୧୪।୮ (ତପନ ସ୍ୱାଇଁ):** ଭୁବନେଶ୍ୱର ଫୁଟବଲ ଏକାଡେମୀ ପଡ଼ିଆରେ ଚାଲିଥିବା ଜୟନ୍ତ ସ୍ମାରକୀ ଆନ୍ତଃ ସ୍କୁଲ ଫୁଟବଲ ଟୁର୍ଣ୍ଣାମେଣ୍ଟରେ ଗୁରୁବାର ୟୁନିଟ-୧ ଜିଏଚ୍‌ଏସ୍ ବିଜୟୀ ହୋଇଛି। ଏହି ଦଳ ୧-୦ ଗୋଲରେ ବିକାଶ ରେସିଡେନ୍ସିଆଲକୁ ପରାସ୍ତ କରିଛି। ବିଜୟ ସୂଚକ ଗୋଲ ଦେଇଥିବା ଉମ୍ବରୁ ବାନରା ପ୍ଲେୟର ଅଫ୍ ଦି ମ୍ୟାଚ ବିବେଚିତ ହୋଇଥିଲେ। ମୁକ୍ତେଶ୍ୱର କ୍ରିକେଟ କ୍ଲବ ସମ୍ପାଦକ ଗୌର ପ୍ରସାଦ ନନ୍ଦ ଅତିଥିଭାବେ ଯୋଗଦେଇ ଉମ୍ବରୁଙ୍କୁ ପୁରସ୍କାର ପ୍ରଦାନ କରିଥିଲେ। ଅନ୍ୟ ଏକ ମ୍ୟାଚ୍‌ରେ ଡିଏଭି ଚନ୍ଦ୍ରଶେଖରପୁର ଦଳ ଅନୁପସ୍ଥିତ ରହିବାରୁ ସାଇ ରେସିଡେନ୍ସିଆଲ ସ୍କୁଲ ୱାକଓଭର ପାଇଛି।




Printed and Published by Adyasha Satpathy on behalf of Navajat Printers & Media Pvt. Ltd.& Printed at Navajat Printers, B/4, Bareipali, Sambalpur, Editor - Tathagata Satpathy ସମ୍ପାଦକ-ତଥାଗତ ସତପଥୀ

ଧରିତ୍ରୀ 51 Years
ପୃଷ୍ଠା-୧୨+୮
ଧରିତ୍ରୀ
DHARITRI
ଭୁବନେଶ୍ୱର, ଶୁକ୍ରବାର, ଅଗଷ୍ଟ ୧୫/୨୦୨୫ (୧୨+୮=୨୦ ପୃଷ୍ଠା) Bhubaneswar, Friday, August 15/2025 Page 20 ₹ 7.00 SAMBALPUR
୫୧ଶ ଭାଗ ୨୬୧ ସଂଖ୍ୟା www.orissakhabar.com/www.dharitri.com | Printed at Sambalpur, Bhubaneswar, Rayagada & Angul VOLUME 51 ISSUE 261 ମୂଲ୍ୟ₹୭/-

DADLS-41

ଓଡ଼ିଶା ଶାସନ

# ୭୯ତମ ସ୍ୱାଧୀନତା ଦିବସର ଅଭିନନ୍ଦନ ଓ ଶୁଭେଚ୍ଛା



## ବିକଶିତ ଭାରତ@୨୦୪୭ ମାର୍ଗରେ ଓଡ଼ିଶାର ସମାବେଶୀ ବିକାଶ

### ସୁରକ୍ଷିତ ହେଉଛି ଓଡ଼ିଆ ଅସ୍ମିତା, ବିକଶିତ ହେଉଛି ଐତିହ୍ୟ

ପୁରୀର ପ୍ରସିଦ୍ଧ 'ସାହିଯାତ'କୁ ମିଳିଛି **୧୭ ଲକ୍ଷ** ଟଙ୍କାର ଅନୁଦାନ

'ବରପୁତ୍ର ଐତିହ୍ୟ ଗ୍ରାମ' ଯୋଜନାର ଶୁଭାରମ୍ଭ

### ସଶକ୍ତ ମହିଳା, ବିକଶିତ ଓଡ଼ିଶା

'ସୁଭଦ୍ରା' ଯୋଜନାରେ **୧ କୋଟି** ମହିଳା ଉପକୃତ, କୋଟିଆ ପଞ୍ଚାୟତରୁ ୧୭୩

**୧୭ ଲକ୍ଷ** 'ଲକ୍ଷପତି ଦିଦି' ସୃଷ୍ଟି କରି ସାରା ଦେଶରେ ସବୁଠୁ ଆଗରେ ଓଡ଼ିଶା

### କୃଷି ଓ କୃଷକଙ୍କ କଲ୍ୟାଣରେ ସମର୍ପିତ ଲୋକଙ୍କ ସରକାର

ଗୋପାଳକଙ୍କୁ ପ୍ରୋତ୍ସାହିତ କରୁଛି 'ମୁଖ୍ୟମନ୍ତ୍ରୀ କାମଧେନୁ ଯୋଜନା'

'ମୁଖ୍ୟମନ୍ତ୍ରୀ କୃଷି ଉଦ୍ୟୋଗ' ଯୋଜନାରେ **୧୧୨ ପ୍ରକାର** କୃଷି ଉଦ୍ୟୋଗ ପାଇଁ **୧ କୋଟି** ଟଙ୍କା ଯାଏଁ ରିହାତି

### ଲୋକଙ୍କ ସରକାରରେ ସ୍ୱାସ୍ଥ୍ୟ ସେବାକୁ ଗୁରୁତ୍ୱ

ଆୟୁଷ୍ମାନ ଭାରତ ପ୍ରଧାନମନ୍ତ୍ରୀ ଜନ ଆରୋଗ୍ୟ ଯୋଜନା, ଗୋପବନ୍ଧୁ ଜନ ଆରୋଗ୍ୟ ଯୋଜନା ଏବଂ ଆୟୁଷ୍ମାନ୍ ବୟୋ ବନ୍ଦନା ଯୋଜନା କାର୍ଯ୍ୟକାରୀ

### ସୁଲଭ ଓ ସୁରକ୍ଷିତ ଯାତାୟାତ ଏବଂ ଉନ୍ନତ ପରିବହନ ଓ ପର୍ଯ୍ୟଟନ ବ୍ୟବସ୍ଥା

ଭୁବନେଶ୍ୱରରୁ ଆବୁଧାବିକୁ ସିଧାସଳଖ ବିମାନ ଚଳାଚଳ ଆରମ୍ଭ

ସୁବର୍ଣ୍ଣପୁରରୁ-ପୁରୁଣାକଟକକୁ ରେଳ ସଂଯୋଗ

୧୦୦ ଗୋଟି ଇ-ବସ୍ ସେବାର ଶୁଭାରମ୍ଭ

### ଲୋକଙ୍କ ସରକାରରେ ସାମାଜିକ ସୁରକ୍ଷାକୁ ପ୍ରାଧାନ୍ୟ

କାର୍ଯ୍ୟରତ ପଞ୍ଚାୟତିରାଜ ପ୍ରତିନିଧିଙ୍କ ମୃତ୍ୟୁରେ **୨ ଲକ୍ଷ** ଟଙ୍କାର ଅନୁକମ୍ପାମୂଳକ ସହାୟତା ରାଶି ଓ ଅକ୍ଷମତା କ୍ଷେତ୍ରରେ **୧ ଲକ୍ଷରୁ ୨ ଲକ୍ଷ** ଟଙ୍କା ପର୍ଯ୍ୟନ୍ତ ଆର୍ଥିକ ସହାୟତା

ପରିମଳ (ସ୍ୱରେଜ ଓ ସେପ୍ଟିକ୍ ଟାଙ୍କି ସଫେଇ) କର୍ମଚାରୀଙ୍କ ପାଇଁ **୧୦ ଲକ୍ଷ** ଟଙ୍କାର ଜୀବନ ବୀମା, କର୍ମକ୍ଷେତ୍ରରେ ଜୀବନହାନି ହେଲେ **୩୦ ଲକ୍ଷ** ଟଙ୍କାର ସହାୟତା ରାଶି

### ସବୁ ଜିଲ୍ଲାରେ ଶିଳ୍ପ, ସବୁ ଜିଲ୍ଲାରେ ଉଦ୍ୟୋଗୀ

ଘରୋଇ ପୁଞ୍ଜିନିବେଶରେ ଦେଶରେ ଓଡ଼ିଶା ୧ ନମ୍ବର ୨୦୨୫ ଏପ୍ରିଲରୁ ଜୁନ ମଧ୍ୟରେ ସାରା ଦେଶର ମୋଟ ଘରୋଇ ପୁଞ୍ଜିନିବେଶର ୪୦% ଓଡ଼ିଶାରେ

DMF ପାଣ୍ଠି ସଂଗ୍ରହରେ ମଧ୍ୟ ସାରା ଦେଶରେ ସବୁଠୁ ଆଗରେ ଓଡ଼ିଶା

### ଲୋକଙ୍କ ସରକାରରେ ସୁଶାସନ ଓ ସୁରକ୍ଷାକୁ ପ୍ରାଧାନ୍ୟ, ନ୍ୟାୟିକ ବ୍ୟବସ୍ଥା ସୁଦୃଢ଼

ଦୁର୍ନୀତି ଓ ଦୁର୍ନୀତିଗ୍ରସ୍ତଙ୍କ ପ୍ରତି ସରକାରଙ୍କ 'ଶୂନ୍ୟ ସହନଶୀଳ' ନୀତି ଅବଲମ୍ବନ ପ୍ରଶସ୍ତ କରୁଛି ସୁଶାସନ ଓ ଗରିବ କଲ୍ୟାଣ

ଲୋକଙ୍କ ସରକାରରେ ସୁଦୃଢ଼ ହେଉଛି ସହାୟତା ବ୍ୟବସ୍ଥା, ଜରୁରୀକାଳୀନ ପ୍ରଶମନ ପାଇଁ 'ଡାଏଲ ୧୧୨ ଯୋଜନା'ର ସମ୍ପ୍ରସାରଣ

### ଯୁବ ସଶକ୍ତିକରଣ ପାଇଁ ଉତ୍ସର୍ଗୀକୃତ ଲୋକଙ୍କ ସରକାର

ସରକାରୀ ଚାକିରି ଆବେଦନ ବୟସ ସୀମା **୩୨ ରୁ ୪୨** କୁ ବୃଦ୍ଧି

ଗତ ଏକ ବର୍ଷରେ ବିଭିନ୍ନ ସରକାରୀ ପଦବୀରେ ମିଳିଛି **୨୮ହଜାର**ରୁ ଅଧିକ ନିଯୁକ୍ତି, ଚଳିତବର୍ଷ ଆଉ **୪୦ ହଜାର** ସରକାରୀ ଚାକିରୀ ଦେବାର ଲକ୍ଷ୍ୟ

### ଜନଜାତି ଉନ୍ନତିରେ ଲୋକଙ୍କ ସରକାର

'ମାଧୋ ସିଂ ହାତ ଖର୍ଚ୍ଚ ଯୋଜନା'ରେ **୩ ଲକ୍ଷ** ଯୋଗ୍ୟ ଆଦିବାସୀ ଛାତ୍ରଛାତ୍ରୀଙ୍କୁ ମିଳୁଛି ବାର୍ଷିକ **୫ ହଜାର** ଟଙ୍କା

'ଆମେ ପଢ଼ିବା ଆମ ଭାଷାରେ' ଯୋଜନାରେ **୧୭ଟି** ଆଦିବାସୀ ଭାଷାରେ ମିଳୁଛି ମାତୃଭାଷା ଆଧାରିତ ପ୍ରାଥମିକ ଶିକ୍ଷା

### ସୁଦୃଢ଼ ହେଉଛି ଶିକ୍ଷା ବ୍ୟବସ୍ଥା ସୁନିଶ୍ଚିତ ହେଉଛି ଭବିଷ୍ୟତ

ଗୁଣାତ୍ମକ ଶିକ୍ଷାର ସୁନିଶ୍ଚିତତା ପାଇଁ ପ୍ରଥମ ପର୍ଯ୍ୟାୟରେ **୮୩୫** 'ଗୋଦାବରୀଶ ମିଶ୍ର ଆଦର୍ଶ ବିଦ୍ୟାଳୟ'

ଓଡ଼ିଶା ଆଦର୍ଶ ବିଦ୍ୟାଳୟରେ 'ମାଗଣା ଛାତ୍ରାବାସ ସୁବିଧା'

### ବିକଶିତ ଓଡ଼ିଶା ପାଇଁ ବିକଶିତ ଗାଁ ଓ ସମୃଦ୍ଧ ସହର

'ପିଏମ୍-ଆବାସ' ଓ 'ଅନ୍ତ୍ୟୋଦୟ ଗୃହ ଯୋଜନା'ରେ **୨.୨୫ ଲକ୍ଷ** ଲୋକଙ୍କୁ ମିଳିଛି ପକ୍କା ଘର

ମହାନଗର ନିଗମରେ ପରିଣତ ହେବ ପୁରୀ ପୌରପାଳିକା

### ପରିବେଶ ଅନୁକୂଳ ବିକାଶକୁ ପ୍ରାଧାନ୍ୟ ଦେଉଛନ୍ତି ଲୋକଙ୍କ ସରକାର

ଅକ୍ଷୟ ଶକ୍ତି ବ୍ୟବହାରରେ ଅଗ୍ରଣୀ ଓଡ଼ିଶା

ସୌରଶକ୍ତିସମ୍ପନ୍ନ ହୋଇଛି **୬୦୩ଟି** ସରକାରୀ କୋଠା

### ଲୋକଙ୍କ ସରକାରରେ ସୁନିଶ୍ଚିତ ହେଉଛି ଛାତ୍ରୀଙ୍କ ସୁରକ୍ଷା

ଉଚ୍ଚ ଶିକ୍ଷାନୁଷ୍ଠାନରେ ଛାତ୍ରୀଙ୍କ ସୁରକ୍ଷା, ଆତ୍ମରକ୍ଷା ଓ ସଶକ୍ତିକରଣ ସୁନିଶ୍ଚିତତା ପାଇଁ ଐତିହାସିକ ପଦକ୍ଷେପ 'ଶକ୍ତିଶ୍ରୀ'

ଛାତ୍ରୀଙ୍କ ସାଥି 'ଶକ୍ତିଶ୍ରୀ ମୋବାଇଲ ଆପ୍'

### ଓଡ଼ିଆ ଅସ୍ମିତାର ପରିଚୟ ବୁଣାକାରଙ୍କୁ ମିଳୁଛି ସମ୍ମାନ

ଓଡ଼ିଶାରେ ବୟନ ଶିଳ୍ପର ଅଭିବୃଦ୍ଧି ପାଇଁ 'ଓଡ଼ିଶା ଟେକ୍ସ-୨୦୨୫'ରେ **୧୭୦**ରୁ ଅଧିକ ଉଦ୍ୟୋଗପତିଙ୍କ ସହିତ **୩୩ ଏମଓୟୁ** ସ୍ୱାକ୍ଷରିତ, **୮ ହଜାର କୋଟି** ପୁଞ୍ଜି ନିବେଶ ପ୍ରସ୍ତାବ ପ୍ରାପ୍ତ-**୫୩,୩୦୦** ନିଯୁକ୍ତି ସୁଯୋଗ ସୃଷ୍ଟି

### ଲୋକଙ୍କ ସରକାରରେ ତ୍ୱରାନ୍ୱିତ ହେଉଛି ସାମଗ୍ରିକ ବିକାଶଧାରା

ଦୁର୍ଗମ ତଥା ପଛୁଆ ଅଞ୍ଚଳର ଉତ୍ପାଦକୁ ରାଜ୍ୟ ଓ ଜାତୀୟସ୍ତରରେ ପ୍ରୋତ୍ସାହିତ କରିବ 'ଆକାଂକ୍ଷା ହାଟ'

'ଡିଜିଟାଲ ଇ-ମାର୍କେଟ ପ୍ଲେସ'ରେ ଉପଲବ୍ଧ ହେବ ଆକାଂକ୍ଷୀ ଜିଲ୍ଲାର ଉତ୍ପାଦ

OIPR-15001/13/0954/2526

ସୂଚନା ଓ ଲୋକସମ୍ପର୍କ ବିଭାଗ, ଓଡ଼ିଶା ସରକାର

























See Career Appointment on every **Wednesday & Saturday**




































# ଆରମ୍ଭ ହେଲା ‘ମାଝୀ’ ସମ୍ପ୍ରଦାୟ ଗଣନା

ଭୁବନେଶ୍ୱର,୧୪।୮
(ରବିନାରାୟଣ ଜେନା)

### ବାଲେଶ୍ୱର, ଭଦ୍ରକ ଓ ମୟୂରଭଞ୍ଜ ଡିଡବ୍ଲ୍ୟୁଓଙ୍କୁ ମଗାଗଲା ତଥ୍ୟ

ରାଜ୍ୟରେ ୨୦୧୧ ପରେ ଜନସଂଖ୍ୟା ଗଣନା ହୋଇ ନ ଥିବାବେଳେ ଆଦିବାସୀ ଗଣନା ପ୍ରକ୍ରିୟାର ଅଗ୍ରଗତି ହୋଇନାହିଁ। ଆଦିବାସୀ ଗଣନା ଲାଗି କେନ୍ଦ୍ର ନିଷ୍ପତ୍ତି ନେଇଥିଲେ ହେଁ ତାହା ଏବେ ରାଜ୍ୟରେ ପ୍ରକ୍ରିୟା ଭିତରେ ରହିଛି।

ଏହି ପରିପ୍ରେକ୍ଷୀରେ ରାଜ୍ୟ ସରକାରଙ୍କ ପକ୍ଷରୁ ‘ମାଝୀ’ ସମ୍ପ୍ରଦାୟ ଗଣନା ପ୍ରକ୍ରିୟା ଆରମ୍ଭ ହୋଇଛି। ରାଜ୍ୟରେ କେତେ ସଂଖ୍ୟକ ‘ମାଝୀ’ ସମ୍ପ୍ରଦାୟ ରହିଛନ୍ତି ଏବଂ କେଉଁ ଜିଲାରେ କେତେ ଅଛନ୍ତି, ସେନେଇ ରାଜ୍ୟ ସରକାରଙ୍କ ପକ୍ଷରୁ ଗଣନା ଆରମ୍ଭ ହୋଇଛି। ଏ ସଂକ୍ରାନ୍ତରେ ଅନୁସୂଚିତ ଜାତି, ଜନଜାତି ଗବେଷଣା ଓ ତାଲିମ ପ୍ରତିଷ୍ଠାନ (ଏସ୍‌ସିଏସ୍‌ଟିଆର୍‌ଟିଆଇ) ନିର୍ଦ୍ଦେଶାଳୟ ପକ୍ଷରୁ ଉପନିର୍ଦ୍ଦେଶକ ସନ୍ତୋଷ କୁମାର ରଥ ଚଳିତମାସ ୪ତାରିଖରେ ତିନୋଟି ଜିଲା (ବାଲେଶ୍ୱର, ଭଦ୍ରକ ଓ ମୟୂରଭଞ୍ଜ)ର ଜିଲା ମଙ୍ଗଳ ଅଧିକାରୀ(ଡିଡବ୍ଲ୍ୟୁଓ)ଙ୍କୁ ପତ୍ର ଲେଖି ‘ମାଝୀ’ ସମ୍ପ୍ରଦାୟର ପୂର୍ଣ୍ଣାଙ୍ଗ ବିବରଣୀ ଲୋଡ଼ିଛନ୍ତି। ଉପନିର୍ଦ୍ଦେଶକ ପତ୍ରରେ ଦର୍ଶାଇଛନ୍ତି, ନିର୍ଦ୍ଦେଶାଳୟ ପକ୍ଷରୁ ୨୦୨୧ରୁ ତଥ୍ୟ ମଗା ଯାଉଥିଲେ ମଧ୍ୟ ମିଳିପାରୁ ନାହିଁ। ଏହି ପରିପ୍ରେକ୍ଷୀରେ କେନ୍ଦ୍ର ସାମାଜିକ ନ୍ୟାୟ ଓ ସଶକ୍ତୀକରଣ ମନ୍ତ୍ରଣାଳୟ ପକ୍ଷରୁ ତଥ୍ୟ ମଗାଯାଇଛି। ଏହାକୁ ଦୃଷ୍ଟିରେ ରଖି ଚଳିତମାସ ୨୦ ସୁଦ୍ଧା ‘ମାଝୀ’ ସମ୍ପ୍ରଦାୟର ପୂର୍ଣ୍ଣାଙ୍ଗ ତଥ୍ୟ ଦେବାକୁ ସେ ଦର୍ଶାଇଛନ୍ତି। ଉପନିର୍ଦ୍ଦେଶକ ବାଲେଶ୍ୱର, ଭଦ୍ରକ ଓ ମୟୂରଭଞ୍ଜ ଜିଲା ମଙ୍ଗଳ ଅଧିକାରୀଙ୍କୁ ପ୍ରଦାନ କରିଥିବା ପତ୍ରରେ ଉଲ୍ଲେଖ କରିଛନ୍ତି ଯେ ଭାରତ ସରକାରଙ୍କ ସାମାଜିକ ନ୍ୟାୟ ଓ ସଶକ୍ତୀକରଣ ମନ୍ତ୍ରଣାଳୟ ସହିତ ନୀତି ଆୟୋଗଙ୍କ ପକ୍ଷରୁ ଏସ୍‌ସିଏସ୍‌ଟିଆର୍‌ଟିଆଇ ନିର୍ଦ୍ଦେଶାଳୟକୁ ‘ଜଲିଆ’, ‘ଜାନୁଘଣ୍ଟ’ ଓ ‘ମାଝୀ’ ପରି ବିଜ୍ଞାପିତ ହୋଇ ନ ଥିବା ସମ୍ପ୍ରଦାୟ, ଯାଯାବର ଓ ସହ-ଯାଯାବର ସମୁଦାୟମାନଙ୍କର ଜାତି ସାମାଜିକ ଅଧ୍ୟୟନ(ଇଏସ୍) କରି ରିପୋର୍ଟ ଦେବା ପାଇଁ କୁହାଯାଇଛି। ମାତ୍ର ସମ୍ପୃକ୍ତ ଜିଲାରୁ ‘ମାଝୀ’ ସମୁଦାୟର ଠିକ୍ ତଥ୍ୟ ମିଳୁ ନ ଥିବାରୁ ସେହି ସମୁଦାୟ ସମ୍ପର୍କିତ ବ୍ୟାପକ ଜାତି ସାମାଜିକ ଅଧ୍ୟୟନ କରାଯାଇ ପାରୁନାହିଁ। ଏହି ପରିପ୍ରେକ୍ଷୀରେ ଚଳିତମାସ ୨୦ ସୁଦ୍ଧା ସମ୍ପୃକ୍ତ ଜିଲାରେ କେତେ ମାଝୀ ସମୁଦାୟ ରହିଛନ୍ତି ତା’ର ପୂର୍ଣ୍ଣାଙ୍ଗ ବିବରଣୀ ଦେବାକୁ ସେ ଦର୍ଶାଇଛନ୍ତି।

# ଲଘୁଚାପ ସକ୍ରିୟ, ୧୯ ପର୍ଯ୍ୟନ୍ତ ବର୍ଷିବ

ଭୁବନେଶ୍ୱର,୧୪।୮ (ଅନୁରାଧା ମହାରଣା)

ଉତ୍ତର-ପଶ୍ଚିମ ଏବଂ ପଶ୍ଚିମକେନ୍ଦ୍ରୀୟ ବଙ୍ଗୋପସାଗର ଏବଂ ଦକ୍ଷିଣ ଓଡ଼ିଶା-ଉତ୍ତର ଆନ୍ଧ୍ର ପ୍ରଦେଶ ଉପକୂଳ ସଂଲଗ୍ନ ଅଞ୍ଚଳ ଉପରେ ଲଘୁଚାପ ସକ୍ରିୟ ରହିଛି। ଏହା ସହିତ ଜଡ଼ିତ ଘୂର୍ଣ୍ଣବଳୟ ସମୁଦ୍ର ପତ୍ତନଠାରୁ ୭.୬ କି.ମି. ଉପରେ ଦକ୍ଷିଣ ଆଡ଼କୁ ଢଳି ରହିଛି। ଶୁକ୍ରବାର ଏହା ଦକ୍ଷିଣ ଓଡ଼ିଶା-ଉତ୍ତର ଆନ୍ଧ୍ର ପ୍ରଦେଶ ଉପକୂଳ ଦେଇ ପଶ୍ଚିମ-ଉତ୍ତରପଶ୍ଚିମ ଦିଗକୁ ଗତି କରିବାର ସମ୍ଭାବନା ରହିଛି। ସେହିପରି ମୌସୁମୀ ଟ୍ରଫ ଏବେ ହାରାହାରି ସମୁଦ୍ର ପତ୍ତନରେ ବିକାନେର, ବନସ୍ଥଳୀ, ଗୁନା, ଦାମୋହ, ବିଳାସପୁର, କଳିଙ୍ଗପଟନମ ଓ ଲଘୁଚାପ କ୍ଷେତ୍ରର କେନ୍ଦ୍ର ଦେଇ ଅତିକ୍ରମ କରୁଛି। ଏହାର ପ୍ରଭାବରେ ସାରା ରାଜ୍ୟରେ ବର୍ଷା ଜାରି ରହିଛି। ଆସନ୍ତା ୧୯ ତାରିଖ ପର୍ଯ୍ୟନ୍ତ ବର୍ଷା ଲାଗିରହିବ ବୋଲି ଆଞ୍ଚଳିକ ପାଣିପାଗ ବିଜ୍ଞାନ କେନ୍ଦ୍ର ଅନୁମାନ କରିଛି।

DADLS-42



ପବିତ୍ର ସ୍ୱାଧୀନତା ଦିବସ - ୨୦୨୫ ଅବସରରେ
ମାନ୍ୟବର ରାଜ୍ୟପାଳଙ୍କ ବାର୍ତ୍ତା

ପବିତ୍ର ସ୍ୱାଧୀନତା ଦିବସ ଅବସରରେ ମୁଁ ରାଜ୍ୟବାସୀ ଭାଇଭଉଣୀମାନଙ୍କୁ ହାର୍ଦ୍ଦିକ ଅଭିନନ୍ଦନ ଓ ଶୁଭେଚ୍ଛା ଜଣାଉଛି।
ଓଡ଼ିଶାକୁ ଦେଶର ଏକ ବିକଶିତ ଓ ଶ୍ରେଷ୍ଠ ରାଜ୍ୟରେ ପରିଣତ କରିବା ପାଇଁ ସମସ୍ତେ ମିଳିମିଶି ନିଷ୍ଠାପର ଭାବେ କାର୍ଯ୍ୟ କରିବାକୁ ମୁଁ ଆହ୍ୱାନ ଜଣାଉଛି।

(ହରି ବାବୁ କମ୍ଭମ୍‌ପାଟି)



୭୯ତମ ସ୍ୱାଧୀନତା ଦିବସ
ଅବସରରେ
ମୁଖ୍ୟମନ୍ତ୍ରୀଙ୍କ ଶୁଭେଚ୍ଛା

ପବିତ୍ର ସ୍ୱାଧୀନତା ଦିବସ ଅବସରରେ ରାଜ୍ୟବାସୀ ଭାଇଭଉଣୀ ମାନଙ୍କୁ ମୋର ଆନ୍ତରିକ ଶୁଭେଚ୍ଛା ଓ ଅଭିନନ୍ଦନ ଜଣାଉଛି।
ଆସନ୍ତୁ, ସମୃଦ୍ଧ ଓଡ଼ିଶା ଏବଂ ବିକଶିତ ଭାରତ ଗଠନ ଲକ୍ଷ୍ୟ ସହିତ ରାଜ୍ୟ ଓ ଦେଶର ସାମଗ୍ରିକ ବିକାଶ ଦିଗରେ ସମସ୍ତେ ସଂକଳ୍ପବଦ୍ଧ ହୋଇ କାମ କରିବା।

(ମୋହନ ଚରଣ ମାଝୀ)
ମୁଖ୍ୟମନ୍ତ୍ରୀ, ଓଡ଼ିଶା

OIPR-15001/13/0952/2526

राष्ट्रीय पटसन बोर्ड | NATIONAL JUTE BOARD
National Jute Board | Ministry of Textiles | Govt. of India

ପାଳନ କରୁଛୁ ଉତ୍ସବ ଝୋଟର,
ପରିବେଶ ଅନୁକୂଳ
‘ତନ୍ତୁ’ ଭବିଷ୍ୟତର



ଆଜି ଭାରତର ୭୯ତମ ସ୍ୱାଧୀନତା ଦିବସ ଅବସରରେ
ଆସନ୍ତୁ ଆମେ ଝୋଟ ଉତ୍ପାଦଗୁଡ଼ିକୁ ଅଧିକରୁ ଅଧିକ ବ୍ୟବହାର କରିବାର ସଂକଳ୍ପ ନେବା

ବିଗତ ୧୧ ବର୍ଷରେ ଝୋଟ କ୍ଷେତ୍ରରେ ପ୍ରାପ୍ତ ହୋଇଥିବା ସଫଳତା

- ଆଇକେୟାର୍ ଯୋଜନା ଅଧୀନରେ ୫.୫୬ ଲକ୍ଷ ଝୋଟ ଚାଷୀଙ୍କୁ ସହାୟତା ପ୍ରଦାନ କରାଯାଇଛି ଯାହାଦ୍ୱାରା ସେମାନଙ୍କ ଆୟରେ ଟ.୧୦,୦୦୦/ହେକ୍ଟର ବୃଦ୍ଧି ହେବା ସହ ଝୋଟର ଉତ୍ପାଦକତାରେ ୧୫% ବୃଦ୍ଧି ଘଟିଛି।
- ବର୍ଷ ୨୦୨୪-୨୫ରେ ଏମ୍‌ଏସ୍‌ପି କ୍ୱିଣ୍ଟାଲ ପିଛା ଟ.୫୬୫୦କୁ ବୃଦ୍ଧି ପାଇଛି, ଯାହା ବର୍ଷ ୨୦୧୩-୧୪ରେ ଟ.୨୩୦୦ ଥିଲା।
- ୩୦ଟି ନୂଆ ମିଲ୍ ଖୋଲାଯାଇଛି ଯାହାଦ୍ୱାରା ଝୋଟ ମିଲ୍‌ଗୁଡ଼ିକର ସଂଖ୍ୟା ୧୨୦କୁ ବୃଦ୍ଧି ପାଇଛି।
- ଝୋଟ ମିଲ୍ ଓ ଝୋଟ ଏମ୍‌ଏସ୍‌ଏମ୍‌ଇ ଏକକଗୁଡ଼ିକର ଶ୍ରମିକମାନଙ୍କ ୪୦,୦୦୦ ଝିଅଙ୍କୁ ଛାତ୍ରବୃତ୍ତି ପ୍ରଦାନ କରାଯଇଛି।
- ବର୍ଷ ୨୦୨୩-୨୪ ଅବଧିରେ ୬୧୭.୨୫ କୋଟି ଟଙ୍କାର ଏମ୍‌ଏସ୍‌ପି କ୍ରୟ, ଯାହା ଏପର୍ଯ୍ୟନ୍ତର ସବୁଠାରୁ ଅଧିକ କ୍ରୟ ଅଟେ।
- ସ୍ୱଚ୍ଛ ଭାରତ ଅଭିଯାନ ଅଧୀନରେ ଝୋଟ ମିଲ୍‌ଗୁଡ଼ିକରେ ୧୪୫୦ ଶୌଚାଳୟ ବ୍ଲକ୍ ନିର୍ମାଣ କରାଯାଇଛି।
- ବାଧ୍ୟତାମୂଳକ ପ୍ୟାକେଜିଂ ମାନଦଣ୍ଡ ଅନ୍ତର୍ଗତ ଝୋଟ ବ୍ୟାଗ୍‌ର ବାର୍ଷିକ କ୍ରୟକୁ ଟ.୧୨,୦୦୦ କୋଟିରୁ ଅଧିକ କରାଯାଇଛି ଯାହାଫଳରେ ୪୦ ଲକ୍ଷ ଝୋଟ ଚାଷୀ ଏବଂ ୭ ଲକ୍ଷ ଶ୍ରମିକଙ୍କ ହିତର ଗ୍ୟାରେଣ୍ଟି ସହ ସୁରକ୍ଷା ସୁନିଶ୍ଚିତ ହୋଇଛି।
- ମୋଟ ଝୋଟ ଉତ୍ପାଦଗୁଡ଼ିକର ରପ୍ତାନି ବର୍ଷ ୨୦୨୪-୨୫ରେ ଟ.୩୨୫୧ କୋଟିକୁ ବୃଦ୍ଧି ପାଇଛି, ଯାହା ବର୍ଷ ୨୦୧୩-୧୪ରେ ଟ.୨୧୨୨ କୋଟି ଥିଲା।
- ବୟନ ଶିଳ୍ପ ମନ୍ତ୍ରଣାଳୟ ଅଧୀନରେ ସମସ୍ତ ଝୋଟ ସଂଗଠନ ପାଇଁ କୋଲକାତାଠାରେ ସର୍ବପ୍ରଥମ ଅତ୍ୟାଧୁନିକ ବିଲ୍‌ଡିଂ ‘ପଟସନ ଭବନ’ର ନିର୍ମାଣ କରାଯାଇଛି।
- ଝୋଟର ବିବିଧକୃତ ଉତ୍ପାଦଗୁଡ଼ିକର ରପ୍ତାନି ବର୍ଷ ୨୦୨୪-୨୫ରେ ଟ.୧୪୫୯ କୋଟିକୁ ବୃଦ୍ଧି ପାଇଛି, ଯାହା ବର୍ଷ ୨୦୧୩-୧୪ରେ ଟ.୪୮୪ କୋଟି ଥିଲା।

ଝୋଟର ଉତ୍ପାଦକତା ବର୍ଷ ୨୦୨୪-୨୫ରେ ହେକ୍ଟର ପିଛା ୨୭ କ୍ୱିଣ୍ଟାଲକୁ ବୃଦ୍ଧି ପାଇଛି, ଯାହା ବର୍ଷ ୨୦୧୩-୧୪ରେ ହେକ୍ଟର ପିଛା ୨୪ କ୍ୱିଣ୍ଟାଲ ଥିଲା।

"ପ୍ୟାକେଜିଂରେ ଝୋଟର ବାଧ୍ୟତାମୂଳକ ବ୍ୟବହାର ଝୋଟ କ୍ଷେତ୍ରକୁ ପୁନର୍ଜୀବିତ କରିବାରେ ସହାୟକ ହେବ। ଆମର କାରିଗର ଏବଂ ଚାଷୀମାନଙ୍କ ପାଇଁ ଏହା ଏକ ବଡ଼ ପ୍ରୋତ୍ସାହନ ମଧ୍ୟ ଅଟେ।"
– ନରେନ୍ଦ୍ର ମୋଦୀ

ଝୋଟ ଉତ୍ପାଦ ବ୍ୟବହାର କରନ୍ତୁ, ପରିବେଶ ବଞ୍ଚାନ୍ତୁ
ଝୋଟ ଏକ ପ୍ରାକୃତିକ, ପରିବେଶ ଅନୁକୂଳ, ଜୈବବିଘଟନଶୀଳ, ଦୀର୍ଘସ୍ଥାୟୀ ଏବଂ ଭାରତୀୟ ତନ୍ତୁ ଅଟେ ଏବଂ ଏହା କାର୍ବନ୍ ଫୁଟ୍‌ପ୍ରିଣ୍ଟ ହ୍ରାସ କରିଥାଏ



୭୯ ତମ ସ୍ୱାଧୀନତା ଦିବସର ଉତ୍ସବ ପାଳନ

CBC 41129/13/0002/2526

# ନିଶାଠାରୁ ଦୂରରେ ରୁହ, ଦେଶ ଗଢ଼

ବଲାଙ୍ଗୀର,୧୪।୮(ବୀରେନ୍ଦ୍ର କୁମାର ଝାଙ୍କର)

ସାମାଜିକ ସୁରକ୍ଷା ଏବଂ ଦିବ୍ୟାଙ୍ଗ ସଶକ୍ତିକରଣ ବିଭାଗ ଆନୁକୂଲ୍ୟରେ ସ୍ଥାନୀୟ ପୃଥ୍ୱୀରାଜ ହାଇସ୍କୁଲ ପରିସରରେ ୫ମ ନିଶା ମୁକ୍ତି ଭାରତ ଅଭିଯାନର ଶପଥ ପାଠ କାର୍ଯ୍ୟକ୍ରମ ବୁଧବାର ଅନୁଷ୍ଠିତ ହୋଇଥିଲା। ଏହି କାର୍ଯ୍ୟକ୍ରମ ଉପଲକ୍ଷେ ଅନୁଷ୍ଠିତ ସଭାରେ ଅତିଥିଭାବେ ଜିଲା ଅବକାରୀ ଅଧିକ୍ଷକ ସୀତାକାନ୍ତ ମୁଦୁଲି, ଜିଲା ମୁଖ୍ୟ ଚିକିତ୍ସାଧିକାରୀ ଡା. ରମେଶ କୁମାର ସାହୁ, ଜିଲା ଶିକ୍ଷା ଅଧିକାରୀ ପ୍ରଦୀପ କୁମାର ନାଗ, ଜିଲା ସାମାଜିକ ସୁରକ୍ଷା ଅଧିକାରୀ ମଦନଜିତ ହୋତା, ପୃଥ୍ୱୀରାଜ ହାଇସ୍କୁଲ ପ୍ରଧାନ ଶିକ୍ଷକ ସନ୍ତୋଷିନୀ ସେଠୀ ମଞ୍ଚାସୀନ ଥିଲେ। ଅତିଥିମାନେ ନିଶା ସେବନର କୁ ପରିଣତି ଏବଂ ଏହାର ସାମାଜିକ କୁ ପ୍ରଭାବ ସମ୍ପର୍କରେ କହିଥିଲେ। ଅବକାରୀ ଅଧିକ୍ଷକ ମୁଦୁଲି ଆଜିର ଦିନରେ ଛାତ୍ରୀଛାତ୍ର, କିଶୋର, ଯୁବକ କିଭଳି ନିଶା କବଳରେ ପଡୁଛନ୍ତି ତାହା କହିଥିଲେ। ଦେଶ ଗଢ଼ିବାକୁ ହେଲେ ନିଶା ଠାରୁ ଦୂରରେ ରହିବାକୁ ସେ




ପୃଥ୍ୱୀରାଜ ହାଇସ୍କୁଲଠାରେ ନିଶାମୁକ୍ତ ଭାରତ ଅଭିଯାନ କାର୍ଯ୍ୟକ୍ରମରେ ମଞ୍ଚାସୀନ ଅତିଥି।

ହାଇସ୍କୁଲ ଛାତ୍ରମାନଙ୍କୁ କହିଥିଲେ। ସିଡିଏମ୍‌ଓ ଡା. ସାହୁ ତାଙ୍କ ବକ୍ତବ୍ୟରେ ନିଶାସେବନ ଦ୍ୱାରା କିଭଳି ସ୍ୱାସ୍ଥ୍ୟ ସମସ୍ୟା ଦେଖାଦିଏ ଏବଂ ନିଶାସେବନରୁ ଆମେ କିପରି ଦୂରରେ ରହିବା ସେ ସମ୍ପର୍କରେ କହିଥିଲେ। ଜିଲା ଶିକ୍ଷା ଅଧିକାରୀ ନାଗ ତାଙ୍କ ବକ୍ତବ୍ୟରେ ଛାତ୍ରୀଛାତ୍ର ହେଉଛନ୍ତି ଦେଶର ଭବିଷ୍ୟତ। ତେଣୁ ସେମାନେ କିପରି ନିଶାଗ୍ରସ୍ତ ହେବନାହିଁ ସେ ଉପରେ ଧ୍ୟାନ ଦେବାକୁ କହିଥିଲେ। ପ୍ରଧାନ ଶିକ୍ଷୟିତ୍ରୀ ସେଠୀ ତାଙ୍କ ବକ୍ତବ୍ୟରେ ଛାତ୍ରୀଛାତ୍ରଙ୍କ ଉଜ୍ଜ୍ୱଳ ଭବିଷ୍ୟତ ଗଠନ ସକାଶେ ନିଶାମୁକ୍ତି ଅଭିଯାନର ଗୁରୁତ୍ୱ ସମ୍ପର୍କରେ କହି ଛାତ୍ରମାନେ ସମାଜରେ ସଚେତନତା ବାର୍ତ୍ତା ମାଧ୍ୟମରେ ସାମାଜିକ ସଂସ୍କାର ଆଣିପାରିବେ ବୋଲି କହିଥିଲେ। ଏହି ସଭାକୁ ନିଶାମୁକ୍ତ ଅଭିଯାନ କାର୍ଯ୍ୟକ୍ରମର ଶିବ ସାହୁ ସଂଯୋଜନା କରିଥିଲେ। ସଭାରେ ସ୍କୁଲର ବହୁ ଛାତ୍ର, ଶିକ୍ଷୟିତ୍ରୀ, ଶିକ୍ଷକ ଏବଂ ଷ୍ଟାଫ୍ ଉପସ୍ଥିତ ଥିଲେ।

# ଭୋଟ ଚୋର ଗାଦି ଛାଡ଼ ମଶାଲ ଶୋଭାଯାତ୍ରା

ବଲାଙ୍ଗୀର,୧୪।୮(ବୀରେନ୍ଦ୍ର କୁମାର ଝାଙ୍କର)

ବଲାଙ୍ଗୀର ଜିଲାପାଳ କାର୍ଯ୍ୟାଳୟ ସମ୍ମୁଖରେ ଗୁରୁବାର ସନ୍ଧ୍ୟାରେ କଂଗ୍ରେସ ପକ୍ଷରୁ 'ଭୋଟ ଚୋର ଗାଦି ଛାଡ' ନାରା ଦେଇ ଏକ ମଶାଲ ଶୋଭାଯାତ୍ରା କାର୍ଯ୍ୟକ୍ରମ ଅନୁଷ୍ଠିତ ହୋଇଥିଲା। ଓଡିଶା ପ୍ରଦେଶ କଂଗ୍ରେସ କମିଟି ସଭାପତି ଭକ୍ତଚରଣ ଦାସଙ୍କ ନିର୍ଦ୍ଦେଶକ୍ରମେ ଅନୁଷ୍ଠିତ ଏହି କାର୍ଯ୍ୟକ୍ରମରେ କଂଗ୍ରେସ କର୍ମୀ ଓ ନେତାମାନେ ଯୋଗଦେଇ ନିର୍ବାଚନ କମିଶନ, ଭାଜପା ସରକାର ଏବଂ ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦୀଙ୍କ ବିରୋଧରେ କଡା ସମାଲୋଚନା କରିଥିଲେ। ଭୋଟି ଚୋରି କରି ଭାଜପା ସରକାର କରିଛି ଏବଂ ଦେଶବାସୀଙ୍କୁ ଠକୁଛି ବୋଲି ଅଭିଯୋଗ କରି ସେଠାରେ ନାରାବାଜି କରିଥିଲେ। ମଶାଲ ଧରି ପରିକ୍ରମା କରିଥିଲେ। ଭାରତୀୟ ନିର୍ବାଚନ କମିଶନ ସହ ମିଶି ଭାଜପା ଭୋଟ ଚୋରି କରି ଦେଶର ସାମ୍ବିଧାନିକ ବ୍ୟବସ୍ଥାକୁ ସଙ୍କଟରେ ପକାଇବାର ଅପଚେଷ୍ଟା କରୁଛି




ଜିଲାପାଳ କାର୍ଯ୍ୟାଳୟ ସମ୍ମୁଖରେ କଂଗ୍ରେସ ପକ୍ଷରୁ ମଶାଲ ଶୋଭାଯାତ୍ରା କରାଯାଉଛି।

ବୋଲି ଅଭିଯୋଗ କରିଥିଲେ। କଂଗ୍ରେସ ନେତା ରାହୁଲ ଗାନ୍ଧୀଙ୍କ ଦୃଢ଼ ନେତୃତ୍ୱରେ ଭୋଟ ଚୋରି ଷଡଯନ୍ତ୍ରର ପର୍ଦ୍ଦାଫାଶ ହୋଇଛି ଏବଂ ଏହା ଦେଶର ଗାଁ ଓ ସହରବାସୀଙ୍କ ପାଖକୁ ପହଞ୍ଚାଇ ଭାଜପା ଓ ନିର୍ବାଚନ କମିଶନଙ୍କ ମୁଖା ଖୋଲାଯିବ ବୋଲି କହିଥିଲେ। ଏହି ଶୋଭାଯାତ୍ରାରେ ବଲାଙ୍ଗୀର ଜିଲା କଂଗ୍ରେସ ଷ୍ଟିୟରିଂ କମିଟି ସଂଯୋଜକ ଅନିଲ ମେହେର, ଓମ୍ ପ୍ରକାଶ କୁମ୍ଭାର, ମନୀଷ ମିଶ୍ର, ବୁଲୁ ଦାନୀ, ଅସିତ ମିଶ୍ର, ସାନନ୍ଦ ମିଶ୍ର, ବୀରେନ୍ଦ୍ର ବାଗ, ଜ୍ୟୋତିଷ ମୁଗ୍ରୀ, କୈଳାସ ମିଶ୍ର, ନାରୀ ନେତ୍ରୀ ଅନ୍ନପୂର୍ଣ୍ଣା ବଢିଆ, ପ୍ରଦୋଷ ପାଣିଗ୍ରାହୀ, ଅଙ୍କିତ ସାହୁ, ନାସିର ଖାନ, ଅଜିତ ମହାନନ୍ଦ, ସମୀର କୁମ୍ଭାର, ପତିତପାବନ ପ୍ରଧାନ, ଚିନ୍ମୟ ବେହେରା, ମିଟୁ ସାହୁ, ଝୁଲୁ ପଟ୍ଟନାୟକ, ଲୋପନ ମିଶ୍ର, ଶୋହନ ନାଏକ, ଚନ୍ଦନ ସାହୁ, ଉଦିତ ସାହୁ, ଆଶିଷ ମହାରଣା, ବୈମେଶ ସେଠ, ଲିପୁନ କୁଅଁର ଉପସ୍ଥିତ ଥିଲେ।

# ଉଜୁଡ଼ା ଫସଲକୁ ନେଇ ଚାଷୀ ଆତ୍ମହତ୍ୟା ଅଭିଯୋଗ

ଟିଟିଲାଗଡ଼,୧୪।୮(ଶରତ ମିଶ୍ର)

## କ୍ଷତି ପୂରଣ ଦାବିରେ ରାସ୍ତା ଅବରୋଧ

ଉଜୁଡ଼ା ଫସଲକୁ ନେଇ ଜଣେ ଯୁବଚାଷୀ ବୁଧବାର ସନ୍ଧ୍ୟାରେ କୀଟନାଶକ ପିଇ ଦେଇଥିଲେ। ତାଙ୍କୁ ଗୁରୁତର ଅବସ୍ଥାରେ ଭବାନୀପାଟଣା ଚିକିତ୍ସାଳୟ ନିଆଯାଉଥିବା ସମୟରେ ରାସ୍ତାରେ ତାଙ୍କର ମୃତ୍ୟୁ ଘଟିଥିଲା। ସେ ହେଲେ ଟିଟିଲାଗଡ଼ ବ୍ଲକ କଣ୍ଢୋରା ଗାଁର ଦୁର୍ଗା ଚରଣ ଭୋଇ। ଗୁରୁବାର ମୃତଦେହ ବ୍ୟବଚ୍ଛେଦ ପରେ ଗାଁରେ ପହଞ୍ଚିବା ପରେ ଉତ୍ତେଜନା ଦେଖାଦେଇଛି। ମୃତଦେହ କଳାହାଣ୍ଡି ଖରିଆର ମୁଖ୍ୟ ରାସ୍ତାର କନ୍ଦ୍ରା ଗାଁ ଛକ ଉପରେ ରଖି କ୍ଷତିପୂରଣ ଦାବି କରି ପରିବାର ଓ ଗ୍ରାମବାସୀ ବିକ୍ଷୋଭ ପ୍ରଦର୍ଶନ କରିଥିଲେ। ଦୁର୍ଗାଙ୍କ ସ୍ତ୍ରୀଙ୍କ ଅଭିଯୋଗ ଅନୁଯାୟୀ, ତିନୋଟି ଅର୍ଥ ଲଗାଣକାରୀ ସଂସ୍ଥାରୁ ଦୁର୍ଗା ଋଣ ଆଣିଥିଲେ, ଏହା ପରେ ବି ଗ୍ରୁପ ଋଣ କରିଥିଲେ। ହେଲେ ନିଅଣ୍ଟିଆ ବର୍ଷା ଯୋଗୁ କପାଚାଷ ସହ ଧାନଚାଷ ଉଜୁଡି ଯାଇଥିଲା। ଫଳରେ ମାନସିକ ଭାରସାମ୍ୟ ହରାଇ ଦୁର୍ଗା ଆତ୍ମହତ୍ୟା କରିଥିବା ଅଭିଯୋଗ କରିଛନ୍ତି। ଅନ୍ୟପଟେ ଏହି ଘଟଣା ନେଇ ବିରୋଧୀ ବିଜେଡିର ଏକ ଫ୍ୟାକ୍ଟ ଫାଇଣ୍ଡିଂ ଟିମ ମୃତ ଚାଷୀଙ୍କ ଗାଁକୁ ତଦନ୍ତ ପାଇଁ ଯାଇଥିଲେ। ମୃତକ ପରିବାର ସହ ଆଲୋଚନା କରିବା ପରେ ରାଜ୍ୟ ସରକାର ଉପରେ ବର୍ଷିଛନ୍ତି। ବର୍ଷାର ଘୋର ଅଭାବ ଯୋଗୁ ଏବେ ଚାଷୀର ସ୍ଥିତି ସଙ୍ଗିନ ହୋଇପଡ଼ିଥିବା ବିଜେଡି ନେତ୍ରୀ ଟୁକୁନି ସାହୁ, ସରୋଜ ମେହେର ଅଭିଯୋଗ କରିବା ସହିତ ଶୀଘ୍ର ମୃତକଙ୍କ ପରିବାରକୁ ଆବଶ୍ୟକ ସହାୟତା ଯୋଗାଇ ଦେବାକୁ ଦାବି କରିଥିଲେ। ଅନ୍ୟମାନଙ୍କ ମଧ୍ୟରେ ଜିଲା ପରିଷଦ ଅଧ୍ୟକ୍ଷା ଦେବକୀ ସାହୁ, ଜିଲା ପରିଷଦ ସଦସ୍ୟ ଗୀତା ବିଶି ଏବଂ ଟିକି ପୋଡ଼ ପ୍ରମୁଖ ରହିଥିଲେ। ଦୀର୍ଘ ସମୟ ଧରି ରାସ୍ତା ଅବରୋଧ ରହିବା ଦ୍ୱାରା ଯାତାୟାତ ବାଧାପ୍ରାପ୍ତ ହୋଇଥିଲା। ଟିଟିଲାଗଡ଼ ତହସିଲଦାର ଶୁଭାଶିଷ ଶତପଥୀ ପହଞ୍ଚି ଆନ୍ଦୋଳନକାରୀଙ୍କୁ ବୁଝାଶୁଝା କରି ୧୦ ହଜାର ଟଙ୍କା ସହାୟତା ପ୍ରଦାନ କରିବା ପରେ ଅବରୋଧ ହଟିଥିଲା।

# ଲୋଇସିଂହାରେ ତ୍ରିରଙ୍ଗା ଶୋଭାଯାତ୍ରା

ଲୋଇସିଂହା,୧୪।୮(ସୁଶାନ୍ତ ବାରିକ)

ଲୋଇସିଂହାଠାରେ ବ୍ଲକ ପ୍ରଶାସନ ଓ ଭାଜପାର ମିଳିତ ଆନୁକୂଲ୍ୟରେ ହର୍ ଘର୍ ତ୍ରିରଙ୍ଗା ଶୋଭାଯାତ୍ରା ଅନୁଷ୍ଠିତ ହୋଇଯାଇଛି। ମୁଖ୍ୟଅତିଥି ଲୋଇସିଂହା ବିଧାୟକ ତଥା ସ୍ୱାସ୍ଥ୍ୟ ମନ୍ତ୍ରୀ ମୁକେଶ ମହାଲିଙ୍ଗ ଏହାକୁ ଉଦ୍‌ଘାଟନ କରି ଶୋଭାଯାତ୍ରାରେ ସାମିଲ ହୋଇଥିଲେ। ବିଧାୟକଙ୍କ ସମେତ ବିଡିଓ ଅକ୍ଷୟପାଣି ଉଦ୍ଧୁ, ତହସିଲଦାର ସଂଘମିତ୍ରା କାଲୋ, ଏବିଡିଓ କିଶୋର ମାନସିଂ, ବ୍ଲକ ସହକାରୀ ଯନ୍ତ୍ରୀ ସିଦ୍ଧାର୍ଥ ପାଢ଼ୀ, ବ୍ଲକର ବିଭିନ୍ନ ବିଭାଗ ଅଧିକାରୀ, କର୍ମଚାରୀ, ଏମ୍‌ବିକେ, ସିଆର୍‌ପି ଶିଶୁ ମନ୍ଦିର ପରେଡ ଛାତ୍ର ଓ ଶତାଧିକ ଜନସାଧାରଣ ଶୋଭାଯାତ୍ରାରେ ସାମିଲ ହୋଇଥିଲେ।

**ଖପ୍ରାଖୋଲ,(ଅଭୟ ତ୍ରିପାଠୀ):** ଖପ୍ରାଖୋଲ ବ୍ଲକ ତେଲେନପାଲି ଗାଁରେ ତ୍ରିରଙ୍ଗା ଶୋଭାଯାତ୍ରା ହୋଇଥିଲା। ଏଥିରେ ଉଚ୍ଚ ବିଦ୍ୟାଳୟ ପ୍ରଧାନ ଶିକ୍ଷକ ସୁଶାନ୍ତ କୁମାର ଦାଶ, ଉପମୁଖ୍ୟମନ୍ତ୍ରୀଙ୍କ ବ୍ଲକ ପ୍ରତିନିଧି ପଦ୍ମ କୁମାର ସିଂ ବରିହା, ଭାଜପା ପ୍ରଭାରୀ ପ୍ରଶାନ୍ତ କୁମାର ମେହେର, ଭାଜପା ମଣ୍ଡଳ ସଭାପତି ବିକାଶ ବେହେରା, ଉମାକାନ୍ତ ପ୍ରଧାନଙ୍କ ସମେତ ଶତାଧିକ ଉପସ୍ଥିତ ଥିଲେ।

# ବିଭାଜନ ବିଭୀଷିକା ସ୍ମୃତି ଦିବସ




ବିଭାଜନ ବିଭୀଷିକା ସ୍ମୃତି ଦିବସ ପାଳନ ଅବସରରେ ମଞ୍ଚାସୀନ ଅତିଥି।

ବଲାଙ୍ଗୀର,୧୪।୮(ବୀରେନ୍ଦ୍ର କୁମାର ଝାଙ୍କର)

ବଲାଙ୍ଗୀର ଭାଜପା ପକ୍ଷରୁ ସ୍ଥାନୀୟ ସଦେଇପାଲି ସ୍ଥିତ ସାଇଟ କଲେଜ କନଫରେନ୍ସ ହଲଠାରେ ବିଭାଜନ ବିଭୀଷିକା ସ୍ମୃତି ଦିବସ ସଭା ଗୁରୁବାର ଅପରାହ୍ନରେ ଅନୁଷ୍ଠିତ ହୋଇଯାଇଛି। ମୁଖ୍ୟ ଅତିଥିଭାବେ ବଲାଙ୍ଗୀର ଲୋକସଭା ଏମପି ସଙ୍ଗୀତା କୁମାରୀ ସିଂଦେଓ, ଭାଜପା ଜିଲା ସଭାପତି ଶ୍ରୀବତ୍ସ ବେହେରା, ବରିଷ୍ଠ ଭାଜପା ନେତା ତଥା ଗତ ନିର୍ବାଚନର ଭାଜପା ବିଧାୟକ ପ୍ରାର୍ଥୀ ଗୋପାଳଜୀ ପାଣିଗ୍ରାହୀ, ସମାଜସେବୀ ଡ. ଶ୍ରୀକର ମିଶ୍ର ଏବଂ ସ୍ୱାମୀ ପରମାନନ୍ଦ ମହାରାଜ ମଞ୍ଚାସୀନ ଥିଲେ। ମୁଖ୍ୟଅତିଥି ଏମପି ସିଂଦେଓ ତାଙ୍କ ବକ୍ତବ୍ୟରେ, ୧୯୪୭ ମସିହା ଦେଶ ସ୍ୱାଧୀନ ହେବା ପୂର୍ବରୁ ଇଂରେଜ ମାନଙ୍କ ଚକ୍ରାନ୍ତରେ ଦେଶ କିଭଳି ଦୁଇଭାଗ ହୋଇ ଭାରତ ଓ ପାକିସ୍ଥାନ ଗଠନ ହୋଇଥିଲା। ଏହି ଦେଶ ବିଭାଜନ ସମୟରେ କିଭଳି ୧ କୋଟି ୪୦ ଲକ୍ଷ ଲୋକ ପ୍ରଭାବିତ ହୋଇଥିଲେ। ଦେଶ ବିଭାଜନର ବିଭୀଷିକା ଏତେ ଭୟାନକ ଥିଲା ଯେ ତାହା ବର୍ଣ୍ଣନା କରାଯାଇ ପାରିବନାହିଁ। ଲୋକଙ୍କ ବଳିଦାନରେ ଏ ଦେଶ ସ୍ୱାଧୀନ ହୋଇଛି। ଏହି ବିଭାଜନର ବିଭୀଷିକାକୁ ସବୁଦିନ ମନେ ରଖିବା ପାଇଁ ଦେଶରେ ବିଭାଜନ ବିଭୀଷିକା ସ୍ମୃତି ଦିବସ ପାଳନ କରାଯାଉଛି ବୋଲି ଏମପି ସିଂଦେଓ କହିଥିଲେ। ସଭାରେ ଅନ୍ୟ ଅତିଥିମାନେ ମଧ୍ୟ ବିଭାଜନ ବିଭୀଷିକା ଉପରେ ବକ୍ତବ୍ୟ ରଖିଥିଲେ। ଏହି କାର୍ଯ୍ୟକ୍ରମରେ ସାଇଟ୍ କଲେଜର ଛାତ୍ରୀଛାତ୍ର, ଭାଜପା ଦଳର ବରିଷ୍ଠ ନେତ୍ରୀନେତା ମାନେ ଉପସ୍ଥିତ ଥିଲେ।

# କେ.ଭି. କଲେଜ ପକ୍ଷରୁ ହର୍ ଘର୍ ତ୍ରିରଙ୍ଗା ଶୋଭାଯାତ୍ରା

କଣ୍ଟାବାଞ୍ଜି,୧୪।୮(ଗୁରୁଦୟାଲ ହଂସ)

କେ.ଭି. ମହାବିଦ୍ୟାଳୟ ତରଫରୁ ହର୍ ଘର୍ ତ୍ରିରଙ୍ଗା କାର୍ଯ୍ୟକ୍ରମ ଗୁରୁବାର ଆୟୋଜିତ ହୋଇଥିଲା। ଏହି ତ୍ରିରଙ୍ଗା ଶୋଭାଯାତ୍ରାକୁ ଭାରପ୍ରାପ୍ତ ଅଧ୍ୟକ୍ଷ ଯଶୋବନ୍ତ ନାରାୟଣ ମିଶ୍ର ଓ ଯୁକ୍ତ ୨ ଅଧ୍ୟକ୍ଷ ରାଜେଶ କୁମାର ମହାନ୍ତି ଉଦ୍‌ଘାଟନ କରିଥିଲେ। ମହାବିଦ୍ୟାଳୟର ସମସ୍ତ ଅଧ୍ୟାପିକା ଅଧ୍ୟାପକ, କର୍ମଚାରୀ, ଛାତ୍ରୀଛାତ୍ର, ପୋଲିସ କର୍ମଚାରୀ ଓ ସାମ୍ବାଦିକ ବନ୍ଧୁମାନେ ଏଥିରେ ଉପସ୍ଥିତ ଥିଲେ। ସ୍ନାତକୋତ୍ତର ବିଭାଗ ସମୂହର ଅଧ୍ୟକ୍ଷ ତଥା ଛାତ୍ର ଉପଦେଷ୍ଟା ଡ. ସଞ୍ଜୟ କୁମାର ମିଶ୍ର, ଅନ୍ତରୀଣ କମିଟି ମୁଖ୍ୟ ପ୍ରଭାସିନୀ ରାଉତରାୟ, କ୍ରୀଡ଼ା ଶିକ୍ଷକ ଧନଞ୍ଜୟ ପ୍ରଧାନ, ଆକାଉଣ୍ଟ ମୁଖ୍ୟ ଦିଶା ଅଗ୍ରୱାଲ, ଗ୍ରନ୍ଥାଗାରିକ ମନୀଷ କୁମାର ମହାନ୍ତି, ଏନ୍‌ସିସି କମାଣ୍ଡର ଉମେଶ ବାଗ ପ୍ରମୁଖ ସହଯୋଗ କରିଥିଲେ। ୨୦୦ରୁ ଅଧିକ ତ୍ରିରଙ୍ଗା ପତାକା ସହ ୧୦୦ ମିଟରର ଏକ ପତାକା ଛାତ୍ରୀଛାତ୍ରମାନେ ଧରି ଶୋଭାଯାତ୍ରା କରିଥିଲେ। ମହାବିଦ୍ୟାଳୟରେ ପହଞ୍ଚିଲା ପରେ ସେଠାରେ ଅନ୍ୟାନ୍ୟ କାର୍ଯ୍ୟକ୍ରମ ସହ ଏହା ଉଦ୍‌ଯାପିତ ହୋଇଥିଲା।

# ଆଦର୍ଶ ବିଦ୍ୟାଳୟରେ ସଂସ୍କୃତ ଦିବସ



ଉପସ୍ଥିତ ଛାତ୍ରୀଛାତ୍ର ଓ ଅନ୍ୟମାନେ।

ଲୋଇସିଂହା,୧୪।୮(ସୁଶାନ୍ତ ବାରିକ)

ଲୋଇସିଂହା ବ୍ଲକ ଝାରମୁଣ୍ଡାସ୍ଥିତ ଆଦର୍ଶ ବିଦ୍ୟାଳୟରେ ମଙ୍ଗଳବାର ସଂସ୍କୃତ ଦିବସ ପାଳନ କରାଯାଇଛି। ଏହା ପୂର୍ବରୁ ଏକ ସପ୍ତାହ ପର୍ଯ୍ୟନ୍ତ ବିଦ୍ୟାଳୟରେ ସଂସ୍କୃତ ସପ୍ତାହ ପାଳନ କରାଯାଇଥିଲା। ସଂସ୍କୃତ ଭାଷାର ସଚେତନତା ପାଇଁ ଶୋଭାଯାତ୍ରା ମଧ୍ୟ ଅନୁଷ୍ଠିତ ହୋଇଥିଲା। ବିଦ୍ୟାଳୟ ଅଧ୍ୟକ୍ଷା ଡା. ଜ୍ୟୋତିର୍ମୟୀ ପଧାନଙ୍କ ଅଧ୍ୟକ୍ଷତାରେ ସଭାକାର୍ଯ୍ୟ ପରିଚାଳନା କରିଥିଲେ ବିଦ୍ୟାଳୟର ସଂସ୍କୃତ ଶିକ୍ଷୟିତ୍ରୀ ରୀନା ମିଶ୍ର। ବିଦ୍ୟାଳୟର ଅଧ୍ୟକ୍ଷା ନିଜର ବକ୍ତୃତାରେ ପିଲାମାନଙ୍କୁ ସଂସ୍କୃତ ଭାଷାର ଗୁରୁତ୍ୱ ଓ ମହତ୍ତ୍ୱକୁ ଉପସ୍ଥାପନ କରି ବୁଝେଇଥିଲେ। ପରେ ବିଦ୍ୟାଳୟର ସହକାରୀ ଶିକ୍ଷକ ସଂସ୍କୃତ ଦିବସ ଉପରେ ନିଜର ବକ୍ତବ୍ୟ ପ୍ରଦାନ କରିଥିଲେ। ଛାତ୍ରୀଛାତ୍ରମାନେ ସାଂସ୍କୃତିକ କାର୍ଯ୍ୟକ୍ରମରେ ନୃତ୍ୟ ଓ ଅଭିନୟ ପରିବେଷଣ କରିଥିଲେ। ଶେଷରେ ବିଦ୍ୟାଳୟର ଗଣିତ ଶିକ୍ଷକ ନିତେଶ ମିଶ୍ର ଧନ୍ୟବାଦ ଅର୍ପଣ କରିଥିଲେ।

# ନୂଆଁଖାଇକୁ ୩ ଦିନ ସରକାରୀ ଛୁଟି ଘୋଷଣା ଦାବି

## ମୁଖ୍ୟମନ୍ତ୍ରୀଙ୍କ ଉଦ୍ଦେଶ୍ୟରେ ଦାବିପତ୍ର ପ୍ରଦାନ

ପାଟଣାଗଡ଼,୧୪।୮(ସଚ୍ଚିଦାନନ୍ଦ ମହାକୁର)

ପଶ୍ଚିମ ଓଡ଼ିଶାର ଗଣପର୍ବ ନୂଆଁଖାଇକୁ ୩ ଦିନ ସରକାରୀ ଛୁଟି ଓ ସରକାରୀ କ୍ୟାଲେଣ୍ଡରରେ ସ୍ଥାନ ଦେବାକୁ ଦାବି ହୋଇଛି। ଏହି ପରିପ୍ରେକ୍ଷୀରେ ଗୁରୁବାର ପାଟଣାଗଡ଼ କୋଶଳ ମୁକ୍ତି ମୋର୍ଚ୍ଚା ପକ୍ଷରୁ ମୁଖ୍ୟମନ୍ତ୍ରୀଙ୍କ ଉଦ୍ଦେଶ୍ୟରେ ସ୍ଥାନୀୟ ଉପଜିଲାପାଳ ସୁନୀଲ ମେହେରଙ୍କୁ ଏକ ଦାବିପତ୍ର ପ୍ରଦାନ କରାଯାଇଛି। କୋଶଳ ମୁକ୍ତି ମୋର୍ଚ୍ଚାର ଆବାହକ ଗିରିରାଜ ଭୋଇଙ୍କ ନେତୃତ୍ୱରେ କୋଶଳ ସଂଗ୍ରାମୀମାନେ ଉକ୍ତ କଚେରି ଛକ ନିକଟରୁ ଏକ ଶୋଭାଯାତ୍ରାରେ ବାହାରି ଉପଜିଲାପାଳଙ୍କ କାର୍ଯ୍ୟାଳୟକୁ ପହଞ୍ଚି ଥିଲେ। ସେଠାରେ ପଶ୍ଚିମ ଓଡ଼ିଶା ପ୍ରତି ସରକାରଙ୍କ ବୈମାତୃକ ମନୋଭାବ ରଖୁଥିବା ନେଇ କୋଶଳ ସଂଗ୍ରାମୀମାନେ ଉପଜିଲାପାଳଙ୍କ କାର୍ଯ୍ୟାଳୟ ସମ୍ମୁଖରେ କିଛି ସମୟ ପର୍ଯ୍ୟନ୍ତ ନାରାବାଜି ଦେଇଥିଲେ। ପରେ ଉପଜିଲାପାଳ ମେହେର ଆନ୍ଦୋଳନକାରୀମାନଙ୍କ ପାଖକୁ ଆସି ଦାବିପତ୍ର ଗ୍ରହଣ କରିଥିଲେ। ଉପରିସ୍ଥ ଅଧିକାରୀଙ୍କୁ ଏ ବିଷୟରେ ଜଣାଇ ଦିଆଯିବ ବୋଲି ସେ ପ୍ରତିଶ୍ରୁତି ଦେଇଥିଲେ। ଏହି କାର୍ଯ୍ୟକ୍ରମରେ ଜଗନ ମେହେର, ଜିତୁ ନାଏକ, ଜନସନ ନାଗ, ସୁବାସ ଆଚାର୍ଯ୍ୟ, ଦନାର୍ଦ୍ଦନ ସିଂ, ପ୍ରକାଶ ସାହୁ, ଅଭିଳାଷ ଭୋଇ, ଜୈସିଂ ପୂଝାରି, ସନ୍ତୋଷ ପଧାନ, ଝସକେତନ ରାଏ, ଧବଳେଶ୍ୱର ଭୋଇ, ରମେଶ କୁମୁରା, ରଞ୍ଜିତ ସାହୁ, ଯୁଧିଷ୍ଠିର ମିର୍ଦ୍ଧା, କାର୍ତ୍ତିକ ହଂସ, ଭଗବାନ ମାଝୀ, କୈଳାଶ ବେହେରା, ରାଜ କିଶୋର ଛତ୍ରିଆ, ଅମ୍ଳାନ ପଧାନ, ବୀରେନ୍ଦ୍ର ବାଗ ଓ ଅନେକ କୋଶଳ ସଂଗ୍ରାମୀ ଯୋଗଦେଇଥିଲେ।

# ପାକ୍ସରେ ତାଲା ପକାଇଲେ ଚାଷୀ



ଧଣ୍ଡାମୁଣ୍ଡା ଗାଁ ପାକ୍ସ ସମ୍ମୁଖରେ ଚାଷୀମାନେ ହୋହଲ୍ଲା କରୁଛନ୍ତି।

ଖପ୍ରାଖୋଲ,୧୪।୮(ଅଭୟ ତ୍ରିପାଠୀ)

## ସାର ବଣ୍ଟନ ନେଇ ଅସନ୍ତୋଷ

ଖପ୍ରାଖୋଲ ବ୍ଲକ ଧଣ୍ଡାମୁଣ୍ଡା ପାକ୍ସରେ ସାର ବଣ୍ଟନକୁ ନେଇ ଚାଷୀ ଅସନ୍ତୋଷ ଦେଖାଦେଇଛି। ଗୁରୁବାର ସକାଳୁ ଚାଷୀମାନେ ସାର ପାଇଁ ଧଣ୍ଡାମୁଣ୍ଡା ପାକ୍ସକୁ ଆସିଥିଲେ। କିନ୍ତୁ ସନ୍ଧ୍ୟା ପର୍ଯ୍ୟନ୍ତ ସେମାନଙ୍କୁ ସାର ମିଳିନଥିଲା। ଫଳରେ ଉତ୍ତ୍ୟକ୍ତ ଚାଷୀମାନେ କର୍ମଚାରୀ ଓ ପାକ୍ସର ସଭାପତି ଏବଂ ସଭ୍ୟମାନେ ମିଟିଂ କରୁଥିବା ସମୟରେ ବାହାରୁ ତାଲା ପକାଇ ଦେଇଥିଲେ। ଖପ୍ରାଖୋଲ ପୋଲିସ ପହଞ୍ଚି ତାଲା ଖୋଲିବା ସହ ଭିତରେ ଥିବା କର୍ମଚାରୀଙ୍କୁ ଉଦ୍ଧାର କରିଥିଲା। ପରେ ପାକ୍ସର କର୍ମଚାରୀମାନେ ଓ ସଭାପତି ଚାଷୀଙ୍କୁ ସାର ଦେବାର ପ୍ରତିଶ୍ରୁତି ଦେଇଥିଲେ। ପ୍ରଥମେ ଋଣୀଚାଷୀ ଓ ପରେ ଅଣଋଣୀ ଚାଷୀଙ୍କୁ ସାର ଦେବାକୁ ସେମାନେ ପ୍ରତିଶ୍ରୁତି ଦେଇଥିଲେ। ଏହା ବ୍ୟତୀତ ପୂର୍ବରୁ ଯେଉଁ ଚାଷୀମାନେ ସାର ପାଇଛନ୍ତି, ସେମାନଙ୍କୁ ପରେ ଦିଆଯିବ ବୋଲି ନିଷ୍ପତ୍ତି ନେଲା ପରେ ଚାଷୀମାନେ ଶାନ୍ତ ହୋଇଥିଲେ। ତେବେ ଚାଷୀମାନେ କିପରି ଠିକ୍ ଭାବରେ ସାର ପାଇପାରିବେ, ସେଥିପ୍ରତି ପ୍ରଶାସନ ଦୃଷ୍ଟି ଦେବାକୁ ଦାବି ହେଉଛି।

यूनियन बैंक ऑफ़ इंडिया Union Bank of India
भारत सरकार का उपक्रम A Government of India Undertaking

**କ୍ଷେତ୍ରୀୟ କାର୍ଯ୍ୟାଳୟ:ଭୁବନେଶ୍ୱର**
୩/୧ଏ, ସିଭିକ୍ ସେଣ୍ଟର, ଆଇଆର୍‌ସି ଭିଲେଜ, ନୟାପଲ୍ଲୀ, ଭୁବନେଶ୍ୱର-୭୫୧୦୧୫

**ଦଖଲ ନୋଟିସ୍**
(ସ୍ଥାବର ସମ୍ପତ୍ତି ନିମନ୍ତେ)

[ସିକ୍ୟୁରିଟୀ ଇଣ୍ଟରେଷ୍ଟ (ଏନ୍‌ଫୋର୍ସମେଣ୍ଟ) ରୁଲ୍ସ -୨୦୦୨ ଅନ୍ତର୍ଗତ ରୁଲ୍ ୮(୧)]

ଯେହେତୁ ନିମ୍ନସ୍ୱାକ୍ଷରକାରୀ **ୟୁନିୟନ୍ ବ୍ୟାଙ୍କ ଅଫ୍ ଇଣ୍ଡିଆ, ସମ୍ପୃକ୍ତ ଶାଖା**ର କ୍ଷମତାପ୍ରାପ୍ତ ଅଧିକାରୀଙ୍କ ଦ୍ୱାରା ସିକ୍ୟୁରିଟାଇଜେସନ୍ ଆଣ୍ଡ ରିକନ୍‌ଷ୍ଟ୍ରକସନ୍ ଅଫ୍ ଫାଇନାନ୍‌ସିଆଲ୍ ଆସେଟ୍ସ ଆଣ୍ଡ ଏନ୍‌ଫୋର୍ସମେଣ୍ଟ ଅଫ୍ ସିକ୍ୟୁରିଟୀ ଇଣ୍ଟରେଷ୍ଟ ଆକ୍ଟ, ୨୦୦୨ (୨୦୦୨ର ଆକ୍ଟ ୫୪) ଏବଂ କଥିତ ଆକ୍ଟର ଧାରା ୧୩(୧୨) ସହିତ ସିକ୍ୟୁରିଟୀ ଇଣ୍ଟରେଷ୍ଟ (ଏନ୍‌ଫୋର୍ସମେଣ୍ଟ) ରୁଲ୍ସ, ୨୦୦୨ର ରୁଲ୍ ୩ ଅନୁସାରେ ପ୍ରଦତ୍ତ କ୍ଷମତା ପ୍ରୟୋଗ କରି ନିମ୍ନବର୍ଣ୍ଣିତ ଋଣ ଆକାଉଣ୍ଟର ଋଣଗ୍ରହୀତା/କୋ-ଆପ୍ଲିକାଣ୍ଟ/କୋ-ଓବ୍ଲିଗାଣ୍ଟ/ଗ୍ୟାରେଣ୍ଟିଦାତା/ବନ୍ଧକଦାତାମାନଙ୍କୁ ଡିମାଣ୍ଡ ନୋଟିସ୍ ଜାରି କରାଯାଇ ନୋଟିସ୍ ମାଧ୍ୟମରେ ନିମ୍ନରେ ଦର୍ଶାଯାଇଥିବା ରାଶି ସହିତ ସେବାବଦ ସୁଧ ଓ ଅନ୍ୟାନ୍ୟ ଦେୟ ନୋଟିସ୍ ପ୍ରାପ୍ତି ତାରିଖ ଠାରୁ **୬୦ଦିନ** ମଧ୍ୟରେ ପଇଠ କରିବାକୁ କୁହାଯାଇଥିଲା । ଯେହେତୁ ଋଣଗ୍ରହୀତାମାନେ ଋଣ ପଇଠ କରିବାରେ ବିଫଳ ହେଲେ, ତେଣୁ ବିଶେଷ କରି ଋଣଗ୍ରହୀତା/କୋ-ଆପ୍ଲିକାଣ୍ଟ/କୋ-ଓବ୍ଲିଗାଣ୍ଟ/ଗ୍ୟାରେଣ୍ଟିଦାତା/ବନ୍ଧକଦାତା ଏବଂ ସର୍ବସାଧାରଣଙ୍କୁ ଜଣାଇଦିଆଯାଉଅଛି ଯେ କଥିତ ଆକ୍ଟର ଧାରା ୧୩(୪) ସହିତ ରୁଲ୍ ୮ ଅନୁଯାୟୀ ନ୍ୟସ୍ତ ହୋଇଥିବା କ୍ଷମତା ଅନୁସାରେ କ୍ଷମତାପ୍ରାପ୍ତ ଅଧିକାରୀ ନିମ୍ନରେ ବର୍ଣ୍ଣିତ ହୋଇଥିବା ସମ୍ପତ୍ତିଗୁଡ଼ିକୁ ଦଖଲକୁ ନେଇଛନ୍ତି। **ଏତଦ୍‌ଦ୍ୱାରା ଋଣଗ୍ରହୀତାଙ୍କ ଦୃଷ୍ଟି ଆକର୍ଷଣ କରାଯାଉଅଛି କି କଥିତ ଆକ୍ଟର ଧାରା ୧୩ର ଉପଧାରା (୮) ଅନୁଯାୟୀ ସୁରକ୍ଷିତ ବନ୍ଧକ ସମ୍ପତ୍ତିକୁ ସମୟ ଥିବା ପୂର୍ବରୁ ବନ୍ଧକମୁକ୍ତ କରନ୍ତୁ।** ଏତଦ୍‌ଦ୍ୱାରା ବିଶେଷ କରି ଋଣଗ୍ରହୀତା/କୋ-ଆପ୍ଲିକାଣ୍ଟ/କୋ-ଓବ୍ଲିଗାଣ୍ଟ/ଗ୍ୟାରେଣ୍ଟିଦାତା/ବନ୍ଧକଦାତା ଏବଂ ସର୍ବସାଧାରଣଙ୍କୁ ସତର୍କ କରିଦିଆଯାଉଅଛି ଯେ ନିମ୍ନରେ ବର୍ଣ୍ଣିତ ହୋଇଥିବା ସମ୍ପତ୍ତିଗୁଡ଼ିକ ସହିତ କୌଣସି ପ୍ରକାର କାରବାର କରିବେ ନାହିଁ ଏବଂ ସମ୍ପତ୍ତିଗୁଡ଼ିକ ଉପରେ କୌଣସି ପ୍ରକାର କାରବାର ପାଇଁ ନିମ୍ନରେ ଦର୍ଶାଯାଇଥିବା ରାଶି ସହିତ ସେବାବଦ ସୁଧ, ଆନୁସଙ୍ଗିକ ଖର୍ଚ୍ଚ, ଆଇନଗତ ଖର୍ଚ୍ଚ ଓ ଦେୟ ନିମନ୍ତେ **ୟୁନିୟନ୍ ବ୍ୟାଙ୍କ ଅଫ୍ ଇଣ୍ଡିଆ, ସମ୍ପୃକ୍ତ ଶାଖା** ନିକଟରେ ଉତ୍ତରଦାୟୀ ରହିବେ।

| ଶାଖା / ଋଣଗ୍ରହୀତା/କୋ-ଆପ୍ଲିକାଣ୍ଟ/କୋ-ଓବ୍ଲିଗାଣ୍ଟ/ଗ୍ୟାରେଣ୍ଟିଦାତା/ବନ୍ଧକଦାତାମାନଙ୍କ ନାମ ଏବଂ ଠିକଣା | ନୋଟିସ୍ ଅନୁଯାୟୀ ବକେୟା ଦେୟ (ଟଙ୍କାରେ) | ଡିମାଣ୍ଡ ନୋଟିସ୍ ତାରିଖ/ଦଖଲ ତାରିଖ | ସ୍ଥାବର ସମ୍ପତ୍ତିଗୁଡ଼ିକର ବିବରଣୀ |
|---|---|---|---|
| **ବାଲୁଗାଁ ଶାଖା /** **ଋଣଗ୍ରହୀତା/ବନ୍ଧକଦାତା: ଶ୍ରୀ ରାଜକିଶୋର ପ୍ରଧାନ,** ପିତା: ଦାମୋଦର ପ୍ରଧାନ / **କୋ-ଓବ୍ଲିଗାଣ୍ଟ/ଗ୍ୟାରେଣ୍ଟିଦାତା: ଶ୍ରୀ କାହ୍ନୁ ଚରଣ ପ୍ରଧାନ,** ପିତା: ଦାମୋଦର ପ୍ରଧାନ, ଉଭୟଙ୍କ ଠିକଣା- ସା: ବଡଅଁଳ, ପୋ: ପାରିକୁଦ, ଜିଲ୍ଲା: ପୁରୀ, ପିନ୍-୭୫୨୦୧୧ | ଟ.୫,୯୮,୯୦୪.୬୩ + ସେବାବଦ ସୁଧ | ୦୮.୦୫.୨୦୨୫ / **୧୩.୦୮.୨୦୨୫** | **ଶ୍ରୀ ରାଜକିଶୋର ପ୍ରଧାନଙ୍କ** ନାମରେ ଥିବା ବାସୋପଯୋଗୀ ଜମି ଏବଂ ଗୃହ ଯାହାର **(୧)** ଖାତା ନଂ.: ୪୪୦/୨୯୧, ପ୍ଲଟ୍ ନଂ.: ୧୨୨୭/୨୧୫୨, କ୍ଷେତ୍ର: ଏକର ୦.୦୨୫ ଡିସିମିଲି ଯାହା ୧୦୮୯ ବର୍ଗଫୁଟ, କିସମ: ଘରବାରୀ ଏବଂ **(୨)** ଖାତା ନଂ.: ୪୪୦/୫୮୨, ପ୍ଲଟ୍ ନଂ.: ୧୨୨୭/୨୪୪୦, କ୍ଷେତ୍ର: ଏକର ୦.୦୧୫ ଡିସିମିଲି ଯାହା ୬୫୩ ବର୍ଗଫୁଟ, ସମୁଦାୟ ୨ଟି ଖାତା ଏବଂ ୨ ପ୍ଲଟ୍‌ର କ୍ଷେତ୍ର: ଏକର ୦.୦୪୦ ଡିସିମିଲି ଯାହା ୧୭୪୨ ବର୍ଗଫୁଟ, କିସମ: ଘରବାରୀ, ମୌଜା: ମାଲୁଦଖାସ, ଥାନା/ତହସିଲ: କୃଷ୍ଣପ୍ରସାଦ, ଜିଲ୍ଲା: ପୁରୀ, ଓଡ଼ିଶା |
| **ଓମ୍‌ଫେଡ୍ ସ୍କୋୟାର ଶାଖା /** **ଋଣଗ୍ରହୀତା/ବନ୍ଧକଦାତା: ଶ୍ରୀ ସୁନିଲ୍ କୁମାର କାଣ୍ଡିକୁପ୍ପା,** ପିତା: ଶ୍ରୀ ସାମ୍ବାଶିବ ରାଓ କାଣ୍ଡିକୁପ୍ପା / **କୋ-ଆପ୍ଲିକାଣ୍ଟ /ବନ୍ଧକଦାତା: ଶ୍ରୀମତୀ ସୁନିତା କାଣ୍ଡିକୁପ୍ପା,** ସ୍ୱାମୀ: ଶ୍ରୀ ସୁନିଲ୍ କୁମାର କାଣ୍ଡିକୁପ୍ପା, ଉଭୟଙ୍କ ଠିକଣା- ସା: ଫ୍ଲାଟ୍ ନଂ.: କେ-୪୦୨, ବ୍ଲକ୍-ବି, ସାଇ ପ୍ରିମିୟମ୍ ଆପାର୍ଟମେଣ୍ଟ, ଡମଣା ହାଟ ନିକଟ, ଶୈଳଶ୍ରୀ ବିହାର, ଭୁବନେଶ୍ୱର-୭୫୧୦୨୧ | ଟ.୫୮,୯୫,୭୭୧.୫୯ + ସେବାବଦ ସୁଧ | ୨୧.୦୫.୨୦୨୫/ **୧୨.୦୮.୨୦୨୫** | ଖାଲି ଥିବା ପ୍ଲଟ/ଜମି ଯାହାର ଖାତା ନଂ.: ୬୧୯/୧୬୮୬, ପ୍ଲଟ୍ ନଂ.: ୪/୬୮୫୫, ମୌଜା: ଭୁବନେଶ୍ୱର ସହର ୟୁନିଟ୍ ନଂ.: ୪୧ ଚନ୍ଦ୍ରଶେଖରପୁର, ତହସିଲ: ଭୁବନେଶ୍ୱର (ନଂ.:୨୫୯), ଥାନା: ନିଉ କ୍ୟାପିଟାଲ୍ (ନଂ.:୨୩), ଏସ୍‌ଆର୍‌ଓ: ଖଣ୍ଡଗିରି, ଜିଲ୍ଲା: ଖୋର୍ଦ୍ଧା, ଓଡ଼ିଶା-୭୫୧୦୨୧, **ସମୁଦାୟ ଜମିର କ୍ଷେତ୍ର: ଏକର ୦.୦୫୭ ଡିସିମିଲି (୨୪୫୭ ବର୍ଗଫୁଟ),** ଅନୁରୂପ ଜି.ଏ ପ୍ଲଟ୍ ନଂ.: ୫୭୮, ଡ୍ରଇଂ ନଂ.: ବି/୧୩୨, ଏହାର ଚାରିପାର୍ଶ୍ୱରେ ଉତ୍ତର: ପ୍ଲଟ୍ ନଂ.: ୫୭୯, ଦକ୍ଷିଣ: ପ୍ଲଟ୍ ନଂ.: ୫୭୭, ପୂର୍ବ: ପ୍ଲଟ୍ ନଂ.: ୫୬୧, ପଶ୍ଚିମ: ରାସ୍ତା |
| **ପୁବାଶାସନ ଶାଖା /** **ଋଣଗ୍ରହୀତା: ଶ୍ରୀ ରାଜେଶ କୁମାର ବେହେରା,** ପିତା: ରବି ନାରାୟଣ ବେହେରା / **ବନ୍ଧକଦାତା/ଗ୍ୟାରେଣ୍ଟିଦାତା: ଶ୍ରୀ କପିଳ ବେହେରା,** ପିତା: ରବି ନାରାୟଣ ବେହେରା, ଉଭୟଙ୍କ ଠିକଣା- ସା: ଧାନପୁର, ପିପିଲି, ପୁରୀ, ଓଡ଼ିଶା-୭୫୨୧୦୪ | ଟ.୧୩,୮୯,୧୩୫.୦୧ + ସେବାବଦ ସୁଧ | ୩୦.୦୪.୨୦୨୫ / **୧୨.୦୮.୨୦୨୫** | **ଶ୍ରୀ କପିଳ ବେହେରାଙ୍କ** ନାମରେ ଥିବା ବାସୋପଯୋଗୀ ଜମି ଏବଂ ଗୃହ ଯାହାର ପ୍ଲଟ୍ ନଂ.: ୩୭/୩୨୯, ଖାତା ନଂ.: ୧୦୧/୧୧୦, କ୍ଷେତ୍ର: ଏକର ୦.୦୭୦ ଡିସିମିଲି, ମୌଜା: ଧାନପୁର, ପୋ: ପିପିଲି, ଥାନା: ପିପିଲି, ଜିଲ୍ଲା: ପୁରୀ, ଓଡ଼ିଶା |
| **ଖୋର୍ଦ୍ଧା ଶାଖା /** **ଋଣଗ୍ରହୀତାମାନେ: ୧) ଶ୍ରୀ ଶୁଭ୍ରାଂଶୁ ସାହୁ,** ପିତା: ଚୈତନ୍ୟ ସାହୁ, **୨) ଶ୍ରୀମତୀ ଉମାରାଣୀ ସାହୁ (ବନ୍ଧକଦାତା),** ସ୍ୱାମୀ: ଚୈତନ୍ୟ ସାହୁ, **୩) ଶ୍ରୀ ଚୈତନ୍ୟ ସାହୁ (ବନ୍ଧକଦାତା),** ପିତା: ଲ ଗଙ୍ଗାଧର ସାହୁ, ସମସ୍ତଙ୍କ **ଠିକଣା-୧:** ସା: ପୁଆଣିଆ, ପୋ: ଅସରଳା, ଭାୟା: ପିଚୁକୁଳି, ଥାନା/ବ୍ଲକ୍: ବୋଲଗଡ, ଜିଲ୍ଲା: ଖୋର୍ଦ୍ଧା, ପିନ୍-୭୫୨୦୬୪, **ଠିକଣା-୨:** ରେ-୫୯, ମଙ୍ଗଳା ସାହି, କସ୍ମୋପଲିସ୍ ନିକଟ, ଆଇଗିଣିଆ, ଭୁବନେଶ୍ୱର-୭୫୧୦୧୯ | ଟ.୧୧,୪୨,୮୯୬.୫୭ + ସେବାବଦ ସୁଧ | ୨୨.୦୫.୨୦୨୫ / **୧୨.୦୮.୨୦୨୫** | **ଶ୍ରୀମତୀ ଉମାରାଣୀ ସାହୁ ଏବଂ ଶ୍ରୀ ଚୈତନ୍ୟ ସାହୁଙ୍କ** ନାମରେ ଥିବା ବାସୋପଯୋଗୀ ଜମି ଏବଂ ଗୃହ ଯାହାର ପ୍ଲଟ୍ ନଂ.: ୫୨୦, ଖାତା ନଂ.: ୧୨୮ ଏବଂ ମ୍ୟୁଟେସନ୍ ଖାତା ନଂ.: ୩୮୭/୬୬, ମ୍ୟୁଟେସନ୍ ପ୍ଲଟ୍ ନଂ.: ୫୨୦, ତହସିଲ/ଥାନା/ମୌଜା: ବୋଲଗଡ, ଥାନା ନଂ.: ୧୫୬, ତହସିଲ ନଂ.: ୧୫୬, ଜିଲ୍ଲା: ଖୋର୍ଦ୍ଧା, କ୍ଷେତ୍ର: ଏକର ୦.୧୯୦ ଡିସିମିଲି, କିସମ: ଘରବାରୀ, ସ୍ୱତ୍ୱ: ସ୍ଥିତିବାନ |

ସ୍ଥାନ: ଭୁବନେଶ୍ୱର
ତାରିଖ: ୧୪.୦୮.୨୦୨୫

ସ୍ୱା/- ମୁଖ୍ୟ ପ୍ରବନ୍ଧକ ଏବଂ କ୍ଷମତାପ୍ରାପ୍ତ ଅଧିକାରୀ
ୟୁନିୟନ୍ ବ୍ୟାଙ୍କ ଅଫ୍ ଇଣ୍ଡିଆ

# ଚାଷୀ ଆନ୍ଦୋଳନ ଆଗରେ ମୁଣ୍ଡ ନୁଆଁଇଲା ପ୍ରଶାସନ

- ନୂଆ ପଞ୍ଜୀକରଣ ନୀତିକୁ ବିରୋଧ
- ଅଟକ ଅବସ୍ଥାରେ ପୋଲିସ ପଡ଼ିଆରେ ପ୍ରତିବାଦ
- ବିଭାଗୀୟ ଅଧିକାରୀ ଦେଲେ ପ୍ରତିଶ୍ରୁତି



ପଁର୍ରାପାଟ୍‌ରେ ଚାଷୀଙ୍କ ଜାତୀୟ ରାଜପଥ ଅବରୋଧ।



ଚାଷୀଙ୍କୁ ପୋଲିସ ଉଠାଇ ନେଉଛି।

ବରଗଡ଼,୧୪।୮ (ପ୍ରେମାନନ୍ଦ ଖମାରୀ)

ଖରିଫ ଧାନବିକ୍ରିପାଇଁ ଚାଷୀ ପଞ୍ଜୀକରଣରେ ରାଜ୍ୟ ସରକାର ଆଣିଥିବା ନୂଆନୀତିକୁ ନେଇ ଚାଷୀ ଅସନ୍ତୋଷ ଲାଗି ରହିଛି। ଅନ୍ୟପଟେ ପଞ୍ଜୀକରଣକୁ ନେଇ ବିଭାଗୀୟ ମନ୍ତ୍ରୀ ଏବଂ ଅଧିକାରୀଙ୍କ ଦୋ ମୁହାଁ ନୀତି ଚାଷୀ ଅସନ୍ତୋଷକୁ ଦ୍ୱିଗୁଣିତ କରିଛି। ଏହି କ୍ରମରେ ଗୁରୁବାର ବରଗଡ଼ ଜିଲା ସଂଯୁକ୍ତ କୃଷକ ସଙ୍ଗଠନ ଆନ୍ଦୋଳନକୁ ଓହ୍ଲାଇଥିଲା। ପୂର୍ବ ନିର୍ଦ୍ଧାରିତ କାର୍ଯ୍ୟକ୍ରମ ଅନୁଯାୟୀ, ସଂଯୁକ୍ତ କୃଷକ ସଙ୍ଗଠନର ନେତୃତ୍ୱରେ ଚାଷୀମାନେ ରାସ୍ତାରୋକୋ କରିବାକୁ ନିଷ୍ପତ୍ତି ନେଇଥିଲେ। ଏହି ପରିପ୍ରେକ୍ଷୀରେ ସକାଳୁ ଶତାଧିକ ଚାଷୀ ବରଗଡ଼ ସହର ଉପକଣ୍ଠ କଳାପାଣି ମାର୍କେଟ୍ ୟାର୍ଡ଼ ପରିସରରେ ସମବେତ ହୋଇଥିବାବେଳେ ଆଉକିଛି ଚାଷୀ ବରାହଗୋଡ଼ା ପଁର୍ରାପାଟ୍ ମନ୍ଦିର ସମ୍ମୁଖ ଜାତୀୟ ରାଜପଥକୁ ଅବରୋଧ କରିଥିଲେ। ପୋଲିସ ସମସ୍ତ ଚାଷୀଙ୍କୁ ବଳପୂର୍ବକ ଉଠାଇ ଆଣି ଜିଲାର ରିଜର୍ଭ ପୋଲିସ ପଡ଼ିଆକୁ ଆଣି ଅଟକ ରଖିଥିଲା। ଏହାସତ୍ତ୍ୱେ ଚାଷୀମାନେ ଆନ୍ଦୋଳନରୁ ଓହରି ନଥିଲେ। ରିଜର୍ଭ ପୋଲିସ ପଡ଼ିଆରେ ଅଟକ ଚାଷୀଙ୍କ ପ୍ରତିବାଦ ସଭା ହୋଇଥିଲା। ପଞ୍ଜୀକୃତ ପ୍ରକ୍ରିୟା ସରଳୀକରଣ ପ୍ରକ୍ରିୟା ଏବଂ ପଞ୍ଜୀକରଣ ଅବଧି ନ ବଢ଼ିବା ନେଇ ରାଜ୍ୟ ସରକାର କିମ୍ବା ବିଭାଗୀୟ ଅଧିକାରୀଙ୍କ ଠୋସ୍ ପ୍ରତିଶ୍ରୁତି ନ ମିଳବା ପର୍ଯ୍ୟନ୍ତ ଚାଷୀମାନେ ରିଜର୍ଭ ପୋଲିସ ପଡ଼ିଆ ନ ଛାଡ଼ିବାକୁ ଅଟଳ ରହିଥିଲେ ଏବଂ ଏଥିପାଇଁ ସଭାରେ ଖୋଲା ଚେତାବନୀ ମଧ୍ୟ ଦେଇଥିଲେ। ଏହାସତ୍ତ୍ୱେ କେହି ଅଧିକାରୀ ଆଲୋଚନା ପାଇଁ ସୁଦ୍ଧା ଆସି ନଥିଲେ। ଫଳରେ ପ୍ରତିବାଦ ସଭା ସରିବା ପରେ ଚାଷୀମାନେ ଅପରାହ୍ନ ପ୍ରାୟ ୩ଟାରେ ରିଜର୍ଭ ପୋଲିସ ପଡ଼ିଆ ସମ୍ମୁଖ ଜାତୀୟ ରାଜପଥକୁ ଚାଲି ଆସିଥିଲେ ଏବଂ ରାଜପଥ ଅବରୋଧ କରିଥିଲେ। ତେବେ ସେଠାରେ ଦୀର୍ଘ ୪୫ମିନିଟ୍ ରାଜପଥ ଅବରୋଧ ହେବା ପରେ ପୋଲିସ ପୁଣି ସେମାନଙ୍କୁ ଉଠାଇ ରିଜର୍ଭ ପୋଲିସ ପଡ଼ିଆକୁ ନେଇଥିଲା। ସେଠାକୁ ମୁଖ୍ୟ ଜିଲା ଯୋଗାଣ ଅଧିକାରୀ ବିଭୁ ପ୍ରସନ୍ନ ଆଚାର୍ଯ୍ୟ, ଅତିରିକ୍ତ ସମବାୟ ନିବନ୍ଧକ(ଡିଆରସିଏସ୍) ଯୁଗଳ କିଶୋର ଦାଶ ପ୍ରମୁଖ ପହଞ୍ଚି ଆନ୍ଦୋଳନରତ ଚାଷୀଙ୍କ ସହିତ ଆଲୋଚନା କରିଥିଲେ ଏବଂ ଚାଷୀଙ୍କ ଦାବିକୁ ତୁରନ୍ତ ବିଚାର କରିବା ପାଇଁ ନିର୍ଭର ପ୍ରତିଶ୍ରୁତି ଦେଇଥିଲେ। ଏହାପରେ ଚାଷୀମାନେ ଆନ୍ଦୋଳନରୁ ହଟିଥିଲେ ଏବଂ ରାତି ପ୍ରାୟ ୮ଟାରେ ପୋଲିସ ସେମାନଙ୍କୁ ଛାଡ଼ିବା ପରେ ସେମାନେ ଘରକୁ ଫେରିବାକୁ ରାଜି ହୋଇଥିଲେ। ସଂଯୁକ୍ତ କୃଷକ ସଙ୍ଗଠନର ଉପଦେଷ୍ଟା ରମେଶ ମହାପାତ୍ର, ଅଜିତ ଶତପଥିଙ୍କ ସମେତ ସୁଦାମ ପାତ୍ର, ଉତ୍ପନ୍ନ ଭୋଇ, ସୁରେଶ ନେକାଣ୍ଟି, ଅଶୋକ ସାହୁ, ସୁବାସ ସାମନ୍ତରାୟ, କୈଳାଶ ବାରିକ, ବିଜୟ ସାହୁ, ଲଙ୍ଗରାଜ ପ୍ରଧାନ, ମୁରଲି ଭୋଇ, ପ୍ରଭାତ ସାହୁ, ଉତ୍ପନ୍ନ ମିଶ୍ର, ଅରବିନ୍ଦ ପଣ୍ଡା, ଉମାକାନ୍ତ ପ୍ରଧାନ, ସରୋଜ ସାହୁ, ବବ୍ରୁବାହନ ସାହୁ, କାରଣ ସାହୁ, ଈଶାନ୍ତ ଭୋଇ ପ୍ରମୁଖ ଏହାର ନେତୃତ୍ୱ ନେଇଥିଲେ।

ସୂଚନା ଅନୁଯାୟୀ, ଏଥର ପଞ୍ଜୀକରଣରେ ଚାଷୀଙ୍କ ବଂଶୀୟ ସହମତି, ପଞ୍ଜୀକୃତ କେନ୍ଦ୍ରରେ ଅଂଶୀଦାରଙ୍କ ଉପସ୍ଥିତି, ଚକ୍ଷୁସ୍କାନ, ସହମତି ପ୍ରଦାନ ଆଦିକୁ ବାଧ୍ୟତାମୂଳକ କରାଯାଇଛି। ଏହି ପ୍ରକ୍ରିୟା ଚାଷୀମାନଙ୍କ କ୍ଷେତ୍ରରେ କାଠିକର ପାଠ ଓ ଅସମ୍ଭବ ହୋଇ ପଡ଼ିଛି। ଫଳରେ ଏହାକୁ ନେଇ ଚାଷୀ ଅସନ୍ତୋଷ ଲାଗି ରହିଛି। ଏଭଳି ନିୟମ ପ୍ରଣୟନ ଦ୍ୱାରା ଜିଲାର ୭୦ପ୍ରତିଶତ ଚାଷୀ ବଞ୍ଚିତ ହେବେ ବୋଲି ସଂଯୁକ୍ତ କୃଷକ ସଙ୍ଗଠନ, ଜୟ କିସାନ ଆନ୍ଦୋଳନ ସମେତ ବିଭିନ୍ନ ଚାଷୀ ସଙ୍ଗଠନ ଗୁଡ଼ିକ ଅଭିଯୋଗ କରିଛନ୍ତି। ବିରୋଧୀ ବିଜେଡି ଏବଂ କଂଗ୍ରେସ ମଧ୍ୟ ଚାଷୀଙ୍କ ସହିତ ସ୍ୱର ମିଳାଇଛି। ନୂତନ ନିୟମ ପ୍ରତ୍ୟାହାର କରିବା ସହିତ ପୁରୁଣା ପଦ୍ଧତିରେ ଧାନ କିଣିବା ତଥା ପଞ୍ଜୀକରଣ ପ୍ରକ୍ରିୟାକୁ ସରଳୀକରଣ କରିବା ପାଇଁ ଦାବି କରାଯାଇଛି। ଏହି ଦାବି ନେଇ ଜିଲାର ବିଭିନ୍ନ ପ୍ରାଥମିକ କୃଷି ସମବାୟ ସମିତି(ପାକ୍ସ) ସମ୍ପାଦକଙ୍କୁ ପୃଥକ୍‌ଭାବେ ଦାବିପତ୍ର ପ୍ରଦାନ କରାଯାଇଥିବା ବେଳେ ଅମ୍ବାଭୋନା ବ୍ଲକ ଅନ୍ତର୍ଗତ ବାରପାହାଡ଼ କୃଷକ ସଙ୍ଗଠନ, ଲଖନପୁର ନେତୃତ୍ୱରେ ଚାଷୀମାନେ ରାସ୍ତାକୁ ଓହ୍ଲାଇଥିଲେ। ଏହାସତ୍ତ୍ୱେ ପଞ୍ଜୀକରଣ ପ୍ରକ୍ରିୟା ସରଳୀକରଣ ହୋଇ ନଥିବା ଚାଷୀମାନେ ଅଭିଯୋଗ କରିଛନ୍ତି। ଅପରପକ୍ଷେ ଖାଦ୍ୟ ଓ ଯୋଗାଣ ମନ୍ତ୍ରୀ କେବଳ ସ୍ୱ ଘୋଷଣାନାମାରେ ପଞ୍ଜୀକରଣ ହୋଇପାରିବ ବୋଲି ଗଣମାଧ୍ୟମ ଆଗରେ କହୁଥିବାବେଳେ ବିଭାଗୀୟ ଅଧିକାରୀମାନେ ସେଭଳି କିଛି ନିର୍ଦ୍ଦେଶ ରାଜ୍ୟ ସରକାରଙ୍କଠାରୁ ଆସି ନାହିଁ ବୋଲି କହୁଛନ୍ତି। କିନ୍ତୁ ସ୍ୱ ଘୋଷଣାନାମା ମାଧ୍ୟମରେ ଧାନବିକ୍ରି ପାଇଁ ଚାଷୀ ପଞ୍ଜୀକରଣ କରିବାକୁ ଇତିମଧ୍ୟରେ ବାଲେଶ୍ୱର ଜିଲାପାଳ ବିଜ୍ଞପ୍ତି ପ୍ରକାଶ କରି ସାରି ଥିବାବେଳେ ବରଗଡ଼ ଜିଲା ପ୍ରଶାସନ କାହିଁକି ସେଭଳି ପଦକ୍ଷେପ ନେଇ ନାହିଁ ବୋଲି ଚାଷୀମାନେ ଅଭିଯୋଗ କରିଛନ୍ତି। ଏହା ସହିତ ରାଜ୍ୟ ସରକାର ସମସ୍ତ ଜିଲାପାଳଙ୍କୁ ଚାଷୀ ପଞ୍ଜୀକରଣ ସରଳୀକରଣ ନୀତି ନେଇ ଏପର୍ଯ୍ୟନ୍ତ ଚିଠି ନ କରିବା ପଛରେ କି ରହସ୍ୟ ରହିଛି ବୋଲି ଚାଷୀ ସଙ୍ଗଠନ ଗୁଡ଼ିକ ପ୍ରଶ୍ନ କରି ଏଭଳି ଆନ୍ଦୋଳନକୁ ଓହ୍ଲାଇବାକୁ ବାଧ ହେଉଥିବା କହିଛନ୍ତି।

## ସ୍ୱଭାବ କବି ଗଙ୍ଗାଧର ଜୟନ୍ତୀ ପାଳିତ

ବରପାଲି,୧୪।୮ (ଚିତ୍ତରଞ୍ଜନ ସାହୁ)

ଜଗବନ୍ଧୁ ଦାଶ ସ୍ନାତକ ମହିଳା ମହାବିଦ୍ୟାଳୟରେ ସ୍ୱଭାବ କବି ଗଙ୍ଗାଧର ମେହେରଙ୍କ ୧୬୪ତମ ଜୟନ୍ତୀ ମହାବିଦ୍ୟାଳୟ ଅଧ୍ୟକ୍ଷା ପଦ୍ମିନୀ ଦାଶଙ୍କ ଅଧ୍ୟକ୍ଷତାରେ ଅନୁଷ୍ଠିତ ହୋଇଯାଇଛି। ଓଡ଼ିଆ ବିଭାଗ ମୁଖ୍ୟ ଯତୀନ୍ଦ୍ର କୁମାର ସାହୁଙ୍କ ଦ୍ୱାରା ଅନୁଷ୍ଠିତ ସଭାରେ ମୁଖ୍ୟଅତିଥି ଭାବେ ଜଗବନ୍ଧୁ ଦାଶ, ଉଚ୍ଚ ମାଧ୍ୟମିକ ବିଦ୍ୟାଳୟର ଅଧ୍ୟକ୍ଷ ପ୍ରଦୀପ କୁମାର ମେହେର, ସମ୍ମାନିତ ଅତିଥି ଭାବେ ମହିଳା ମହାବିଦ୍ୟାଳୟର ପ୍ରତିଷ୍ଠାତା ଅନ୍ତର୍ଯ୍ୟାମୀ ପଣ୍ଡା, ମୁଖ୍ୟବକ୍ତା ଭାବେ ଅବସରପ୍ରାପ୍ତ ଆଦର୍ଶ ଶିକ୍ଷକ ଗୋପାଳ ପ୍ରଧାନ ଯୋଗ ଦେଇଥିଲେ। ସହକର୍ମୀ ଶଶାଙ୍କଶେଖର ପଧାନ ଅତିଥି ପରିଚୟ ପ୍ରଦାନ କରିଥିବା ବେଳେ ଶିକ୍ଷା ବିଭାଗର ଅଧ୍ୟାପିକା ମନୀଷା ଭୋଇ ଧନ୍ୟବାଦ ଅର୍ପଣ କରିଥିଲେ। ମହାବିଦ୍ୟାଳୟର ପ୍ରାଚୀର ପତ୍ରିକା ତପସ୍ୱିନୀ ନବ୍ୟ ଭାବେ ଉନ୍ମୋଚନ ହୋଇଥିଲା। ଏହି ଅବସରରେ ମହାବିଦ୍ୟାଳୟର ସମସ୍ତ ଅଧ୍ୟାପକ ନେପାଳ ବିଶ୍ୱାଳ, ସାର୍ଥକ ପାଣିଗ୍ରାହୀ, ଅଧ୍ୟାପିକା ଜ୍ୟୋତି ସାହୁ, ପୁନମ ସାହୁ, ସସ୍ମିତା ମେହେର, ଶୋଭାବତୀ ଥପ୍ପା, ପରିଣୀତା ପଧାନ, ଯାଜ୍ଞସେନୀ ପଟେଲ, ସହକର୍ମୀ ବୀରେନ୍ଦ୍ର ଖଟୁଆ, ନୃପରାଜ ବରିହା, ତ୍ରିପୁରା ବେହେରା ସାମିଲ ହୋଇଥିଲେ।




ମଞ୍ଚାସୀନ ଅତିଥି।

## ଡୁଙ୍ଗୁରିପାଲିରେ ତ୍ରିରଙ୍ଗା ଶୋଭାଯାତ୍ରା

ଡୁଙ୍ଗୁରିପାଲି, ୧୪।୮ (ଦୀନବନ୍ଧୁ ସୁନା): ସୁବର୍ଣ୍ଣପୁର ଜିଲା ଡୁଙ୍ଗୁରିପାଲିରେ ମଣ୍ଡଳ ସଭାପତି ପ୍ରବୀର କୁମାର ସାହୁଙ୍କ ନେତୃତ୍ୱରେ ଭାଜପା ପକ୍ଷରୁ ଗୁରୁବାର ତ୍ରିରଙ୍ଗା ଶୋଭାଯାତ୍ରା ଅନୁଷ୍ଠିତ ହୋଇଯାଇଛି। ବାଇକ ଶୋଭାଯାତ୍ରା ଡୁଙ୍ଗୁରିପାଲି ଶିଶୁ ମନ୍ଦିର ଛକରୁ ଆରମ୍ଭ ହୋଇ ସହଲା ପର୍ଯ୍ୟନ୍ତ ପହଞ୍ଚି ଥିଲେ। ବାଇକ ଆରୋହୀମାନେ ହାତରେ ତ୍ରିରଙ୍ଗା ଧରି ଶୋଭାଯାତ୍ରାରେ ସାମିଲ ହେବା ସହ ପଥଚାରୀମାନଙ୍କୁ ସ୍ୱାଧୀନତା ଦିବସ ପାଇଁ ସଚେତନ କରିଥିଲେ। ଏମ୍‌ପିଙ୍କ ବ୍ଲକ ପ୍ରତିନିଧି ହେମନ୍ତ ବିଶ୍ୱାଳ, ସାଧାରଣ ସମ୍ପାଦକ ପ୍ରକାଶ ସାହୁ, ଚନ୍ଦ୍ରକେତୁ ମହାଲିଙ୍ଗ, ସରୋଜ ପାଣ୍ଡେ, ମଦନ ଗଡତିଆ, ଗଣେଶ ମାଝୀ, ବସନ୍ତ ପତି, ଅନାକାର ବିଶେଶ୍ୱର, ଯୋଗେଶ୍ୱର ନାଏକ, ମାନସ ଷଡ଼ଙ୍ଗୀ ସାମିଲ ହୋଇଥିଲେ।

# ଉଜୁଡ଼ା ଫସଲକୁ ନେଇ ଚାଷୀ ଆତ୍ମହତ୍ୟା ଅଭିଯୋଗ

ଟିଟିଲାଗଡ଼,୧୪।୮ (ଶରତ ମିଶ୍ର)

ଉଜୁଡ଼ା ଫସଲକୁ ନେଇ ଜଣେ ଯୁବଚାଷୀ ବୁଧବାର ସନ୍ଧ୍ୟାରେ କୀଟନାଶକ ପିଇ ଦେଇଥିଲେ। ତାଙ୍କୁ ଗୁରୁତର ଅବସ୍ଥାରେ ଭବାନୀପାଟଣା ଚିକିତ୍ସାଳୟ ନିଆଯାଉଥିବା ସମୟରେ ରାସ୍ତାରେ ତାଙ୍କର ମୃତ୍ୟୁ ଘଟିଥିଲା। ସେ ହେଲେ ଟିଟିଲାଗଡ଼ ବ୍ଲକ କଣ୍ଡୋରା ଗାଁର ଦୁର୍ଗା ଚରଣ ଭୋଇ। ଗୁରୁବାର ମୃତଦେହ ବ୍ୟବଚ୍ଛେଦ ପରେ ଗାଁରେ ପହଞ୍ଚିବା ପରେ ଉତ୍ତେଜନା ଦେଖାଦେଇଛି। ମୃତଦେହ କଳାହାଣ୍ଡି ଖରିଆର ମୁଖ୍ୟ ରାସ୍ତାର କନ୍ଦ୍ରା ଗାଁ ଛକ ଉପରେ ରଖି କ୍ଷତିପୂରଣ ଦାବି କରି ପରିବାର ଓ ଗ୍ରାମବାସୀ ବିକ୍ଷୋଭ ପ୍ରଦର୍ଶନ କରିଥିଲେ। ଦୁର୍ଗାଙ୍କ ସ୍ତ୍ରୀଙ୍କ ଅଭିଯୋଗ ଅନୁଯାୟୀ, ତିନୋଟି ଅର୍ଥ ଲଗାଣକାରୀ ସଂସ୍ଥାରୁ ଦୁର୍ଗା ଋଣ ଆଣିଥିଲେ, ହେଲେ ନିଅଣ୍ଟିଆ ବର୍ଷା ଯୋଗୁ ଫସଲ ଉଜୁଡି ଯାଇଥିଲା। ଫଳରେ ମାନସିକ ଭାରସାମ୍ୟ ହରାଇ ଦୁର୍ଗା ଆତ୍ମହତ୍ୟା କରିଥିବା ଅଭିଯୋଗ କରିଛନ୍ତି। ଅନ୍ୟପଟେ ଏହି ଘଟଣା ନେଇ ବିରୋଧୀ ବିଜେଡିର ଏକ ଫ୍ୟାକ୍ଟ ଫାଇଣ୍ଡିଂ ଟିମ ମୃତ ଚାଷୀଙ୍କ ଗାଁକୁ ଯାଇ ତଦନ୍ତ କରିଥିଲେ। ଦୀର୍ଘ ସମୟ ଧରି ରାସ୍ତା ଅବରୋଧ ରହିବା ଦ୍ୱାରା ଯାତାୟାତ ବାଧାପ୍ରାପ୍ତ ହୋଇଥିଲା। ଟିଟିଲାଗଡ଼ ତହସିଲଦାର ଶୁଭାଶିଷ ଶତପଥୀ ପହଞ୍ଚି ଆନ୍ଦୋଳନକାରୀଙ୍କୁ ବୁଝାଶୁଝା କରି ୧୦ ହଜାର ଟଙ୍କା ସହାୟତା ପ୍ରଦାନ କରିବା ପରେ ଅବରୋଧ ହଟିଥିଲା।

## ଧର୍ମପରାୟଣା ମହିଳାଙ୍କ ପରଲୋକ

ଅତାବିରା,୧୪।୮ (ଯୁଧିଷ୍ଠିର ମହାପାତ୍ର): ଅତାବିରା ବ୍ଲକ ନୂଆଁ ଖଇରପାଲିସ୍ଥିତ କୋଶଳ ବିଦ୍ୟାଳୟର ପ୍ରତିଷ୍ଠାତା ସଦସ୍ୟ ସ୍ୱର୍ଗତ ମୁତ୍ୟାଳା ପେଦ୍ଧା ଅବ୍ବୁଙ୍କ ସ୍ତ୍ରୀ ମୁତ୍ୟାଳା ଲକ୍ଷ୍ମୀ(୭୫)ଙ୍କ ଗୁରୁବାର ପରଲୋକ ହୋଇଯାଇଛି। ତାଙ୍କ ଚକୁଲିଫାର୍ମସ୍ଥିତ ବାସଭବନରେ ମୃତ୍ୟୁବେଳକୁ ପୁତ୍ର ମୁତ୍ୟାଳା ସତ୍ୟପ୍ରସାଦଙ୍କ ସମେତ ପରିବାର ପରିଜନ ଉପସ୍ଥିତ ଥିଲେ। ଲକ୍ଷ୍ମୀ ଜଣେ ଧର୍ମପରାୟଣା, ମେଳାପୀ, ସର୍ବଜନପ୍ରିୟ ମହିଳା ଥିଲେ। ତାଙ୍କ ଆତ୍ମାର ସଦ୍‌ଗତି ପାଇଁ କୋଶଳ ସ୍କୁଲର ସମସ୍ତ କର୍ମକର୍ତ୍ତା ପ୍ରାର୍ଥନା କରିଥିବା ନିର୍ଦ୍ଦେଶିକା ନଳିନୀ ପଟ୍ଟନାୟକ ପ୍ରକାଶ କରିଛନ୍ତି।



## ସ୍ୱାଧୀନତା ଦିବସ ପାଇଁ ପରେଡ୍ ଅଭ୍ୟାସ

ଅତାବିରା, ୧୪।୮ (ଯୁଧିଷ୍ଠିର ମହାପାତ୍ର)

ଅତାବିରାରେ ମିଳିତ ସ୍ୱାଧୀନତା ଦିବସ ପାଇଁ ସାମୂହିକ ପରେଡ ଅଭ୍ୟାସ ଗୁରୁବାର ଅନୁଷ୍ଠିତ ହୋଇଯାଇଛି। ଏଥିରେ ସ୍ଥାନୀୟ ସମସ୍ତ ବିଦ୍ୟାଳୟର ଛାତ୍ରୀଛାତ୍ର, କୋଶଳ ଅବସରପ୍ରାପ୍ତ ସୈନିକ ସଂଘ ଓ ଅନ୍ୟମାନେ ପାରେଡ଼ ଅଭ୍ୟାସ କରିଥିଲେ। ଅତାବିରା ବିଡିଓ ତଥା ଅତାବିରା ଏନ୍ଏସି କାର୍ଯ୍ୟନିର୍ବାହୀ ଅଧିକାରୀ ରିପୁନାଥ ସୁନା, ଏବିଡିଓ ଗଜେନ୍ଦ୍ର ସାହୁ, ବିଇଓ ମଛିନ୍ଦ୍ର ମଲ୍ଲିକ, ଏ ବିଇଓ କାର୍ତ୍ତିକ ବାଗ ପ୍ରମୁଖ ଉପସ୍ଥିତ ଥିଲେ।



ଅତାବିରାରେ ସାମୂହିକ ପରେଡ୍ ଅଭ୍ୟାସ କରାଯାଉଛି।



ପଦ୍ମପୁରରେ ତ୍ରିରଙ୍ଗା ଶୋଭାଯାତ୍ରା।

# ହର୍ ଘର୍ ତିରଙ୍ଗା ଶୋଭାଯାତ୍ରା




ମହିଳା ମହାବିଦ୍ୟାଳୟ ତରଫରୁ ତ୍ରିରଙ୍ଗା ଶୋଭାଯାତ୍ରା।




ପାଇକମାଳ ବିନ୍ଧ୍ୟବାସିନୀ ସ୍ନାତକ ମହାବିଦ୍ୟାଳୟ

ପଦ୍ମପୁର,୧୪।୮ (ପ୍ରଦୀପ୍ତ ଦାଶ)

ସ୍ଥାନୀୟ ମହିଳା ସ୍ନାତକ ମହାବିଦ୍ୟାଳୟରେ ହର୍ ଘର୍ ତିରଙ୍ଗା ଯାତ୍ରା ପାଳିତ ହୋଇଯାଇଛି। ଅଧ୍ୟକ୍ଷା କଳ୍ପନାରାଣୀ ନାଥ ଏହି ଶୋଭାଯାତ୍ରାର ଉଦ୍‌ଘାଟନ କରିଥିଲେ। ୪୦୦ରୁ ଅଧିକ ସଂଖ୍ୟକ ଛାତ୍ରୀ ଏକତା ଓ ସ୍ୱାଧୀନତାର ପ୍ରତୀକ ୫୦ ମିଟରର ଏକ ଲମ୍ବା ତ୍ରିରଙ୍ଗା ପତାକା ସହ ୨୦୦ଟି ତ୍ରିରଙ୍ଗା ପତାକା ଧରି ମହାବିଦ୍ୟାଳୟରୁ ବାହାରି ଥାନା ଛକ, ଭେଉଁରିଆ ଛକ, ନେହେରୁ ଗଳି ଛକ ଓ କଚେରି ରାସ୍ତା ଦେଇ ପୁଣି ମହାବିଦ୍ୟାଳୟକୁ ପ୍ରତ୍ୟାବର୍ତ୍ତନ କରିଥିଲେ। ସେହିପରି ଏନ୍ଏସି ପକ୍ଷରୁ ହର୍ ଘର୍ ତ୍ରିରଙ୍ଗା ପଦଯାତ୍ରାକୁ ମୁଖ୍ୟ ଅତିଥି ଭାବେ ପଦ୍ମପୁର ଉପଜିଲାପାଳ ସ୍ନେହା ଅରଗୁଲ ଉଦ୍‌ଘାଟନ କରିଥିଲେ। ତ୍ରିରଙ୍ଗାର ୩ ରଙ୍ଗ ଆମକୁ ଶ୍ରଦ୍ଧା ଓ ସୌହାର୍ଦ୍ଦ୍ୟର ଆଦର୍ଶରେ ଅନୁପ୍ରାଣିତ କରିଥାଏ। ଆମ ଜାତୀୟ ପତାକା ଆମର ସଂକଳ୍ପ, ସଂଘର୍ଷ, ବଳିଦାନ ଓ ତ୍ୟାଗର ପ୍ରେରଣାଦାୟୀ ମୂକ ସାକ୍ଷୀ ବୋଲି କହିଥିଲେ। ପଦ୍ମପୁର ଏନ୍ଏସି ନିର୍ବାହୀ ଅଧିକାରୀ ରାମଚନ୍ଦ୍ର ମାଝୀ, ଭାଜପା ନେତା ଗୋବର୍ଦ୍ଧନ ଭୁଏ, ଲାୟନ୍ସ କ୍ଲବ ସଭାପତି ପ୍ରୀତମ ମେହେର, ବିଭିନ୍ନ ଅନୁଷ୍ଠାନର ତଥା କ୍ଲବ୍ କର୍ମକର୍ତ୍ତା ଓ ଛାତ୍ରୀଛାତ୍ର ବିଭାଗର କର୍ମଚାରୀ, ଏନ୍ଏସି କାଉନସିଲର ସ୍ଥାନୀୟ ଜନସାଧାରଣ ଯୋଗଦେଇଥିଲେ।

**ପାଇକମାଳ (ବଡ଼ ଶତପଥୀ):**
ପାଇକମାଳ ବିନ୍ଧ୍ୟବାସିନୀ ସ୍ନାତକ ମହାବିଦ୍ୟାଳୟ ପକ୍ଷରୁ ଏକ ତ୍ରିରଙ୍ଗା ଶୋଭାଯାତ୍ରା ଗୁରୁବାର ଅନୁଷ୍ଠିତ ହୋଇଥିଲା। ଅଧ୍ୟକ୍ଷ ଲୋହିତ କୁମାର ବାରିକ ଏହି କାର୍ଯ୍ୟକ୍ରମର ଶୁଭାରମ୍ଭ କରିଥିଲେ। ଉକ୍ତ କାର୍ଯ୍ୟକ୍ରମରେ ୫୦୦ ଛାତ୍ରୀଛାତ୍ର ସାମିଲହୋଇ ସ୍ଲୋଗାନ ମାଧ୍ୟମରେ ଭିନ୍ନତା ମଧ୍ୟରେ ଏକତା, ଦେଶପ୍ରେମ ତଥା ଜାତୀୟ ସଂହତି ଓ ଜାତୀୟ ଏକତାର ବାର୍ତ୍ତା ପ୍ରଚାର କରିଥିଲେ। କାର୍ଯ୍ୟକ୍ରମ ପରିଚାଳନାରେ ପ୍ରାଧ୍ୟାପକ ପ୍ରଭାତ କୁମାର ବିଶ୍ୱାଳ, ମୀନା କୁମାରୀ ସାହୁ, ପ୍ରଦୀପ୍ତ ସାହୁ, ପ୍ରଦୀପ କୁମାର ଦେୱାନ, ଦେବରାଜ ସାହୁ,ପୁଷ୍ପ ମଞ୍ଜରୀ ପ୍ରଧାନଙ୍କ ସମେତ ମହାବିଦ୍ୟାଳୟର ସମସ୍ତ ଅଧ୍ୟାପିକା ଅଧ୍ୟାପକ ଓ କର୍ମଚାରୀ ସହଯୋଗ କରିଥିଲେ। ସେହିପରି ମାଣ୍ଡୋସିଲ ସ୍ନାତକ ମହାବିଦ୍ୟାଳୟରେ ବିନୟ ରଞ୍ଜନ ପଣ୍ଡାଙ୍କ ସଭାପତିତ୍ୱରେ ଘର୍ ଘର୍ ତ୍ରିରଙ୍ଗା ପତାକା ପ୍ରଦର୍ଶନ ଓ ପରିକ୍ରମା କାର୍ଯ୍ୟକ୍ରମ ଗୁରୁବାର ପାଳିତ ହୋଇଯାଇଛି।

यूनियन बैंक ऑफ़ इंडिया Union Bank of India
भारत सरकार का उपक्रम A Government of India Undertaking

**କ୍ଷେତ୍ରୀୟ କାର୍ଯ୍ୟାଳୟ:ଭୁବନେଶ୍ୱର**
୩/୧ଏ, ସିଭିକ୍ ସେଣ୍ଟର, ଆଇଆର୍‌ସି ଭିଲେଜ, ନୟାପଲ୍ଲୀ, ଭୁବନେଶ୍ୱର-୭୫୧୦୧୫

**ଦଖଲ ନୋଟିସ୍**
(ସ୍ଥାବର ସମ୍ପତ୍ତି ନିମନ୍ତେ)

[ସିକ୍ୟୁରିଟୀ ଇଣ୍ଟରେଷ୍ଟ (ଏନ୍‌ଫୋର୍ସମେଣ୍ଟ) ରୁଲ୍ସ -୨୦୦୨ ଅନ୍ତର୍ଗତ ରୁଲ୍ ୮(୧)]

ଯେହେତୁ ନିମ୍ନସ୍ୱାକ୍ଷରକାରୀ **ୟୁନିୟନ୍ ବ୍ୟାଙ୍କ ଅଫ୍ ଇଣ୍ଡିଆ, ସମ୍ପୃକ୍ତ ଶାଖା**ର କ୍ଷମତାପ୍ରାପ୍ତ ଅଧିକାରୀଙ୍କ ଦ୍ୱାରା ସିକ୍ୟୁରିଟାଇଜେସନ୍ ଆଣ୍ଡ୍ ରିକନ୍‌ଷ୍ଟ୍ରକସନ୍ ଅଫ୍ ଫାଇନାନ୍‌ସିଆଲ୍ ଆସେଟ୍ସ ଆଣ୍ଡ୍ ଏନ୍‌ଫୋର୍ସମେଣ୍ଟ ଅଫ୍ ସିକ୍ୟୁରିଟୀ ଇଣ୍ଟରେଷ୍ଟ ଆକ୍ଟ, ୨୦୦୨ (୨୦୦୨ର ଆକ୍ଟ ୫୪) ଏବଂ କଥିତ ଆକ୍ଟର ଧାରା ୧୩(୧୨) ସହିତ ସିକ୍ୟୁରିଟୀ ଇଣ୍ଟରେଷ୍ଟ (ଏନ୍‌ଫୋର୍ସମେଣ୍ଟ) ରୁଲ୍ସ, ୨୦୦୨ର ରୁଲ୍ ୩ ଅନୁସାରେ ପ୍ରଦତ୍ତ କ୍ଷମତା ପ୍ରୟୋଗ କରି ନିମ୍ନବର୍ଣ୍ଣିତ ଋଣ ଆକାଉଣ୍ଟର ଋଣଗ୍ରହୀତା/କୋ-ଆପ୍ଲିକାଣ୍ଟ/କୋ-ଓବ୍ଲିଗାଣ୍ଟ/ଗ୍ୟାରେଣ୍ଟିଦାତା/ବନ୍ଧକଦାତାମାନଙ୍କୁ ଡିମାଣ୍ଡ ନୋଟିସ୍ ଜାରି କରାଯାଇ ନୋଟିସ୍ ମାଧ୍ୟମରେ ନିମ୍ନରେ ଦର୍ଶାଯାଇଥିବା ରାଶି ସହିତ ସେବାବଦ ସୁଧ ଓ ଅନ୍ୟାନ୍ୟ ଦେୟ ନୋଟିସ୍ ପ୍ରାପ୍ତି ତାରିଖ ଠାରୁ **୬୦ଦିନ** ମଧ୍ୟରେ ପଇଠ କରିବାକୁ କୁହାଯାଇଥିଲା। ଯେହେତୁ ଋଣଗ୍ରହୀତାମାନେ ଋଣ ପଇଠ କରିବାରେ ବିଫଳ ହେଲେ, ତେଣୁ ବିଶେଷ କରି ଋଣଗ୍ରହୀତା/କୋ-ଆପ୍ଲିକାଣ୍ଟ/କୋ-ଓବ୍ଲିଗାଣ୍ଟ/ଗ୍ୟାରେଣ୍ଟିଦାତା/ବନ୍ଧକଦାତା ଏବଂ ସର୍ବସାଧାରଣଙ୍କୁ ଜଣାଇଦିଆଯାଉଅଛି ଯେ କଥିତ ଆକ୍ଟର ଧାରା ୧୩(୪) ସହିତ ରୁଲ୍ ୮ ଅନୁଯାୟୀ ନ୍ୟସ୍ତ ହୋଇଥିବା କ୍ଷମତା ଅନୁସାରେ କ୍ଷମତାପ୍ରାପ୍ତ ଅଧିକାରୀ ନିମ୍ନରେ ବର୍ଣ୍ଣିତ ହୋଇଥିବା ସମ୍ପତ୍ତିଗୁଡ଼ିକୁ ଦଖଲକୁ ନେଇଛନ୍ତି। **ଏତଦ୍‌ଦ୍ୱାରା ଋଣଗ୍ରହୀତାଙ୍କ ଦୃଷ୍ଟି ଆକର୍ଷଣ କରାଯାଉଅଛି କି କଥିତ ଆକ୍ଟର ଧାରା ୧୩ର ଉପଧାରା (୮) ଅନୁଯାୟୀ ସୁରକ୍ଷିତ ବନ୍ଧକ ସମ୍ପତ୍ତିକୁ ସମୟ ଥିବା ପୂର୍ବରୁ ବନ୍ଧକମୁକ୍ତ କରନ୍ତୁ।** ଏତଦ୍‌ଦ୍ୱାରା ବିଶେଷ କରି ଋଣଗ୍ରହୀତା/କୋ-ଆପ୍ଲିକାଣ୍ଟ/କୋ-ଓବ୍ଲିଗାଣ୍ଟ/ଗ୍ୟାରେଣ୍ଟିଦାତା/ବନ୍ଧକଦାତା ଏବଂ ସର୍ବସାଧାରଣଙ୍କୁ ସତର୍କ କରିଦିଆଯାଉଅଛି ଯେ ନିମ୍ନରେ ବର୍ଣ୍ଣିତ ହୋଇଥିବା ସମ୍ପତ୍ତିଗୁଡ଼ିକ ସହିତ କୌଣସି ପ୍ରକାର କାରବାର କରିବେ ନାହିଁ ଏବଂ ସମ୍ପତ୍ତିଗୁଡ଼ିକ ଉପରେ କୌଣସି ପ୍ରକାର କାରବାର ପାଇଁ ନିମ୍ନରେ ଦର୍ଶାଯାଇଥିବା ରାଶି ସହିତ ସେବାବଦ ସୁଧ, ଆନୁସଙ୍ଗିକ ଖର୍ଚ୍ଚ, ଆଇନଗତ ଖର୍ଚ୍ଚ ଓ ଦେୟ ନିମନ୍ତେ **ୟୁନିୟନ୍ ବ୍ୟାଙ୍କ ଅଫ୍ ଇଣ୍ଡିଆ, ସମ୍ପୃକ୍ତ ଶାଖା** ନିକଟରେ ଉତ୍ତରଦାୟୀ ରହିବେ।

| ଶାଖା / ଋଣଗ୍ରହୀତା/କୋ-ଆପ୍ଲିକାଣ୍ଟ/କୋ-ଓବ୍ଲିଗାଣ୍ଟ/ଗ୍ୟାରେଣ୍ଟିଦାତା/ବନ୍ଧକଦାତାମାନଙ୍କ ନାମ ଏବଂ ଠିକଣା | ନୋଟିସ୍ ଅନୁଯାୟୀ ବକେୟା ଦେୟ (ଟଙ୍କାରେ) | ଡିମାଣ୍ଡ ନୋଟିସ୍ ତାରିଖ/ଦଖଲ ତାରିଖ | ସ୍ଥାବର ସମ୍ପତ୍ତିଗୁଡ଼ିକର ବିବରଣୀ |
|---|---|---|---|
| **ବାଲୁଗାଁ ଶାଖା /** **ଋଣଗ୍ରହୀତା/ବନ୍ଧକଦାତା: ଶ୍ରୀ ରାଜକିଶୋର ପ୍ରଧାନ,** ପିତା: ଦାମୋଦର ପ୍ରଧାନ / **କୋ-ଓବ୍ଲିଗାଣ୍ଟ/ଗ୍ୟାରେଣ୍ଟିଦାତା: ଶ୍ରୀ କାହ୍ନୁ ଚରଣ ପ୍ରଧାନ,** ପିତା: ଦାମୋଦର ପ୍ରଧାନ, ଉଭୟଙ୍କ ଠିକଣା- ସା: ବଡଅଁଳ, ପୋ: ପାରିକୁଦ, ଜିଲ୍ଲା: ପୁରୀ, ପିନ୍-୭୫୨୦୧୧ | ଟ.୫,୯୮,୯୦୪.୬୩ + ସେବାବଦ ସୁଧ | ୦୮.୦୫.୨୦୨୫ / ୧୩.୦୮.୨୦୨୫ | **ଶ୍ରୀ ରାଜକିଶୋର ପ୍ରଧାନଙ୍କ** ନାମରେ ଥିବା ବାସୋପଯୋଗୀ ଜମି ଏବଂ ଗୃହ ଯାହାର **(୧)** ଖାତା ନଂ.: ୪୪୦/୨୯୧, ପ୍ଲଟ୍ ନଂ.: ୧୨୨୭/୨୧୫୨, କ୍ଷେତ୍ର: ଏକର ୦.୦୨୫ ଡିସିମିଲି ଯାହା ୧୦୮୯ ବର୍ଗଫୁଟ, କିସମ: ଘରବାରୀ ଏବଂ **(୨)** ଖାତା ନଂ.: ୪୪୦/୫୮୨, ପ୍ଲଟ୍ ନଂ.: ୧୨୨୭/୨୪୪୦, କ୍ଷେତ୍ର: ଏକର ୦.୦୧୫ ଡିସିମିଲି ଯାହା ୬୫୩ ବର୍ଗଫୁଟ, ସମୁଦାୟ ୨ଟି ଖାତା ଏବଂ ୨ ପ୍ଲଟ୍‌ର କ୍ଷେତ୍ର: ଏକର ୦.୦୪୦ ଡିସିମିଲି ଯାହା ୧୭୪୨ ବର୍ଗଫୁଟ, କିସମ: ଘରବାରୀ, ମୌଜା: ମାଲୁଦଖାସ, ଥାନା/ତହସିଲ: କୃଷ୍ଣପ୍ରସାଦ, ଜିଲ୍ଲା: ପୁରୀ, ଓଡ଼ିଶା |
| **ଓମ୍‌ଫେଡ୍ ସ୍କୋୟାର ଶାଖା /** **ଋଣଗ୍ରହୀତା/ବନ୍ଧକଦାତା: ଶ୍ରୀ ସୁନିଲ୍ କୁମାର କାଣ୍ଡିକୁପ୍ପା,** ପିତା: ଶ୍ରୀ ସାମ୍ବାଶିବ ରାଓ କାଣ୍ଡିକୁପ୍ପା / **କୋ-ଆପ୍ଲିକାଣ୍ଟ /ବନ୍ଧକଦାତା: ଶ୍ରୀମତୀ ସୁନିତା କାଣ୍ଡିକୁପ୍ପା,** ସ୍ୱାମୀ: ଶ୍ରୀ ସୁନିଲ୍ କୁମାର କାଣ୍ଡିକୁପ୍ପା, ଉଭୟଙ୍କ ଠିକଣା- ସା: ଫ୍ଲାଟ୍ ନଂ.: କେ-୪୦୨, ବ୍ଲକ୍-ବି, ସାଇ ପ୍ରିମିୟମ୍ ଆପାର୍ଟମେଣ୍ଟ, ଡମଣା ହାଟ ନିକଟ, ଶୈଳଶ୍ରୀ ବିହାର, ଭୁବନେଶ୍ୱର-୭୫୧୦୨୧ | ଟ.୫୮,୯୫,୭୭୧.୫୯ + ସେବାବଦ ସୁଧ | ୨୧.୦୫.୨୦୨୫/ ୧୨.୦୮.୨୦୨୫ | ଖାଲି ଥିବା ପ୍ଲଟ/ଜମି ଯାହାର ଖାତା ନଂ.: ୬୧୯/୧୬୮୬, ପ୍ଲଟ୍ ନଂ.: ୪/୬୮୫୫, ମୌଜା: ଭୁବନେଶ୍ୱର ସହର ୟୁନିଟ୍ ନଂ.: ୪୧ ଚନ୍ଦ୍ରଶେଖରପୁର, ତହସିଲ: ଭୁବନେଶ୍ୱର (ନଂ.:୨୫୯), ଥାନା: ନିଉ କ୍ୟାପିଟାଲ୍ (ନଂ.:୨୩), ଏସ୍‌ଆରଓ: ଖଣ୍ଡଗିରି, ଜିଲ୍ଲା: ଖୋର୍ଦ୍ଧା, ଓଡ଼ିଶା-୭୫୧୦୨୧, **ସମୁଦାୟ ଜମିର କ୍ଷେତ୍ର: ଏକର ୦.୦୫୭ ଡିସିମିଲି (୨୪୫୭ ବର୍ଗଫୁଟ),** ଅନୁରୂପ ଜି.ଏ ପ୍ଲଟ୍ ନଂ.: ୫୭୮, ଡ୍ରଇଂ ନଂ.: ବି/୧୩୨, ଏହାର ଚାରିପାର୍ଶ୍ୱରେ ଉତ୍ତର: ପ୍ଲଟ୍ ନଂ.: ୫୭୯, ଦକ୍ଷିଣ: ପ୍ଲଟ୍ ନଂ.: ୫୭୭, ପୂର୍ବ: ପ୍ଲଟ୍ ନଂ.: ୫୬୧, ପଶ୍ଚିମ: ରାସ୍ତା |
| **ପୁବାଶାସନ ଶାଖା /** **ଋଣଗ୍ରହୀତା: ଶ୍ରୀ ରାଜେଶ କୁମାର ବେହେରା,** ପିତା: ରବି ନାରାୟଣ ବେହେରା / **ବନ୍ଧକଦାତା/ଗ୍ୟାରେଣ୍ଟିଦାତା: ଶ୍ରୀ କପିଳ ବେହେରା,** ପିତା: ରବି ନାରାୟଣ ବେହେରା, ଉଭୟଙ୍କ ଠିକଣା- ସା: ଧାନପୁର, ପିପିଲି, ପୁରୀ, ଓଡ଼ିଶା-୭୫୨୧୦୪ | ଟ.୧୩,୮୯,୧୩୫.୦୧ + ସେବାବଦ ସୁଧ | ୩୦.୦୪.୨୦୨୫ / ୧୨.୦୮.୨୦୨୫ | **ଶ୍ରୀ କପିଳ ବେହେରାଙ୍କ** ନାମରେ ଥିବା ବାସୋପଯୋଗୀ ଜମି ଏବଂ ଗୃହ ଯାହାର ପ୍ଲଟ୍ ନଂ.: ୩୭/୩୨୯, ଖାତା ନଂ.: ୧୦୧/୧୧୦, କ୍ଷେତ୍ର: ଏକର ୦.୦୭୦ ଡିସିମିଲି, ମୌଜା: ଧାନପୁର, ପୋ: ପିପିଲି, ଥାନା: ପିପିଲି, ଜିଲ୍ଲା: ପୁରୀ, ଓଡ଼ିଶା |
| **ଖୋର୍ଦ୍ଧା ଶାଖା /** **ଋଣଗ୍ରହୀତାମାନେ: ୧) ଶ୍ରୀ ଶୁଭ୍ରାଂଶୁ ସାହୁ,** ପିତା: ଚୈତନ୍ୟ ସାହୁ, **୨) ଶ୍ରୀମତୀ ଉମାରାଣୀ ସାହୁ (ବନ୍ଧକଦାତା),** ସ୍ୱାମୀ: ଚୈତନ୍ୟ ସାହୁ, **୩) ଶ୍ରୀ ଚୈତନ୍ୟ ସାହୁ (ବନ୍ଧକଦାତା),** ପିତା: ସ୍ୱ ଗଙ୍ଗାଧର ସାହୁ, ସମସ୍ତଙ୍କ **ଠିକଣା-୧:** ସା: ପୁଆଣିଆ, ପୋ: ଅସରଳା, ଭାୟା: ପିଚୁକୁଲି, ଥାନା/ବ୍ଲକ୍: ବୋଲଗଡ, ଜିଲ୍ଲା: ଖୋର୍ଦ୍ଧା, ପିନ୍-୭୫୨୦୬୪, **ଠିକଣା-୨:** ରେ-୫୯, ମଙ୍ଗଳା ସାହି, କସ୍ମୋପଲିସ୍ ନିକଟ, ଆଇଗିଣିଆ, ଭୁବନେଶ୍ୱର-୭୫୧୦୧୯ | ଟ.୧୧,୪୨,୮୯୬.୫୭ + ସେବାବଦ ସୁଧ | ୨୨.୦୫.୨୦୨୫ / ୧୨.୦୮.୨୦୨୫ | ଶ୍ରୀମତୀ ଉମାରାଣୀ ସାହୁ ଏବଂ ଶ୍ରୀ ଚୈତନ୍ୟ ସାହୁଙ୍କ ନାମରେ ଥିବା ବାସୋପଯୋଗୀ ଜମି ଏବଂ ଗୃହ ଯାହାର ପ୍ଲଟ୍ ନଂ.: ୫୨୦, ଖାତା ନଂ.: ୧୨୮ ଏବଂ ମ୍ୟୁଟେସନ୍ ଖାତା ନଂ.: ୩୮୭/୬୬, ମ୍ୟୁଟେସନ୍ ପ୍ଲଟ୍ ନଂ.: ୫୨୦, ତହସିଲ/ଥାନା/ମୌଜା: ବୋଲଗଡ, ଥାନା ନଂ.: ୧୫୬, ତହସିଲ ନଂ.: ୧୫୬, ଜିଲ୍ଲା: ଖୋର୍ଦ୍ଧା, କ୍ଷେତ୍ର: ଏକର ୦.୧୯୦ ଡିସିମିଲି, କିସମ: ଘରବାରୀ, ସ୍ୱତ୍ୱ: ସ୍ଥିତିବାନ |

**ସ୍ଥାନ: ଭୁବନେଶ୍ୱର**
**ତାରିଖ: ୧୪.୦୮.୨୦୨୫**

ସ୍ୱା/- ମୁଖ୍ୟ ପ୍ରବନ୍ଧକ ଏବଂ କ୍ଷମତାପ୍ରାପ୍ତ ଅଧିକାରୀ
ୟୁନିୟନ୍ ବ୍ୟାଙ୍କ ଅଫ୍ ଇଣ୍ଡିଆ



ସ୍ୱୟଂଶାସିତ କଲେଜର ଛାତ୍ରୀଛାତ୍ର ଏବଂ ଅନ୍ୟମାନେ ତ୍ରିରଙ୍ଗା ଶୋଭାଯାତ୍ରାରେ ଯାଉଛନ୍ତି।


ଆର୍‌ଏମ୍‌ସି ପକ୍ଷରୁ ସହରରେ ତ୍ରିରଙ୍ଗା ଶୋଭାଯାତ୍ରା ।

# ତ୍ରିରଙ୍ଗା ଯାତ୍ରାରେ ଦେଶଭକ୍ତିର ବାର୍ତ୍ତା

ରାଉରକେଲା, ୧୪।୮ (ବିପ୍ଳବ ରଞ୍ଜନ ଦାଶ)

ରାଉରକେଲା ମ୍ୟୁନିସିପାଲ ମହାବିଦ୍ୟାଳୟ ପକ୍ଷରୁ ଗୁରୁବାର ଏକ ତ୍ରିରଙ୍ଗା ଶୋଭାଯାତ୍ରା ଅନୁଷ୍ଠିତ ହୋଇଥିଲା। ଏହି ଶୋଭାଯାତ୍ରାକୁ ମହାବିଦ୍ୟାଳୟର ଅଧ୍ୟକ୍ଷ ହରିହର ଦାଶ ଶୁଭାରମ୍ଭ କରିଥିଲେ। ମହାବିଦ୍ୟାଳୟର ଛାତ୍ରୀଛାତ୍ର, ଅଧ୍ୟାପିକା ଅଧ୍ୟାପକ ଏବଂ କର୍ମଚାରୀମାନେ ଦେଢ଼ କିଲୋମିଟରର ଏକ ତ୍ରିରଙ୍ଗା ପତାକା ଧରି ଶୋଭାଯାତ୍ରାରେ ସାମିଲ ହୋଇଥିଲେ ଏବଂ ବିଭିନ୍ନ ସ୍ଲୋଗାନ ଦେଇ ସହର ପରିକ୍ରମା କରିଥିଲେ। କଲେଜର କ୍ରୀଡ଼ା ଶିକ୍ଷକ କ୍ୟାପ୍‌ଟେନ ସତ୍ୟନାରାୟଣ ରାଉତଙ୍କ ନେତୃତ୍ୱରେ ଏହି କାର୍ଯ୍ୟକ୍ରମ ଅନୁଷ୍ଠିତ ହୋଇଥିଲା। ଛାତ୍ରୀଛାତ୍ର ନିଜ ଘର ତଥା ଅଞ୍ଚଳରେ ତ୍ରିରଙ୍ଗା ପତାକା ଲଗାଇ ଦେଶଭକ୍ତିର ବାର୍ତ୍ତା ଦେଇଥିଲେ।



ଛାତ୍ରୀଛାତ୍ର ତ୍ରିରଙ୍ଗା ଶୋଭାଯାତ୍ରାରେ ଯାଉଛନ୍ତି।

# ଶୋଭାଯାତ୍ରାରେ ଝଲସିଲା ୬୫ ଫୁଟ୍ ତ୍ରିରଙ୍ଗା

ରାଉରକେଲା, ୧୪।୮ (ବିପ୍ଳବ ରଞ୍ଜନ ଦାଶ/ଦିନେଶ ମିଶ୍ର)

ରାଉରକେଲା ସହରର ପାନପୋଷସ୍ଥିତ ସରକାରୀ ସ୍ୱୟଂଶାସିତ ମହାବିଦ୍ୟାଳୟ ପକ୍ଷରୁ ଗୁରୁବାର ତ୍ରିରଙ୍ଗା ଶୋଭଯାତ୍ରା ଆୟୋଜିତ ହୋଇଯାଇଛି। ଏହି କାର୍ଯ୍ୟକ୍ରମକୁ ମହାବିଦ୍ୟାଳୟର ଅଧ୍ୟକ୍ଷା ଡ. ସସ୍ମିତା ସାମଲ ଉଦ୍‌ଘାଟନ କରିଥିଲେ। ସହକାରୀ ପ୍ରାଧ୍ୟାପକ ତଥା କାର୍ଯ୍ୟକ୍ରମ ସଂଯୋଜକ ଧୀରେନ କୁମାର ମହନ୍ତ କାର୍ଯ୍ୟକ୍ରମ ପରିଚାଳନା କରିଥିଲେ। ମହାବିଦ୍ୟାଳୟ କ୍ରୀଡ଼ା ଓ ଶାରୀରିକ ଶିକ୍ଷା ବିଭାଗ ଅଧିକାରୀ କ୍ୟାପ୍‌ଟେନ ମୀନା ଦାସ, ଏନ୍‌ଏସ୍‌ଏସ୍ ସଂଯୋଜକ ସମୀର ସୌରଭ ପୃଷ୍ଟି, ଅଧ୍ୟାପକ ରାମକୃଷ୍ଣ ଗୌଡ଼ ଏବଂ ମହେନ୍ଦ୍ର ମିଶ୍ର ପ୍ରମୁଖ ସହଯୋଗରେ ସମସ୍ତେ ଶପଥ ନେଇଥିଲେ। ଏହାପରେ ଛାତ୍ରୀଛାତ୍ର, ଅଧ୍ୟାପିକା ଅଧ୍ୟାପକ ଏବଂ କର୍ମଚାରୀମାନେ ଏକ ତ୍ରିରଙ୍ଗା ଶୋଭାଯାତ୍ରାରେ ବାହାରି ଗାନ୍ଧୀଛକ ଦେଇ ମହାବିଦ୍ୟାଳୟକୁ ପ୍ରତ୍ୟାବର୍ତ୍ତନ କରିଥିଲେ। ଶୋଭାଯାତ୍ରାରେ ୬୫ଫୁଟ୍‌ରୁ ଊର୍ଦ୍ଧ୍ୱ ବିଶାଳ ତ୍ରିରଙ୍ଗା ପତାକା ଦେଶପ୍ରେମର ବାର୍ତ୍ତା ଦେଇଥିଲା। ଏହି ଉପଲକ୍ଷେ ଛାତ୍ରୀମାନଙ୍କ ମଧ୍ୟରେ ରଙ୍ଗୋଲି ପ୍ରତିଯୋଗିତା କରାଯାଇଥିଲା। କାର୍ଯ୍ୟକ୍ରମରେ ସହକାରୀ ପ୍ରାଧ୍ୟାପକ ପ୍ରଶାନ୍ତ କୁମାର ସେଠୀ, ମହେନ୍ଦ୍ର ତନୟ ଟୁଡୁ, ଅଧ୍ୟାପକ ଜୟନ୍ତ ସାମନ୍ତରାୟ, ଅଧ୍ୟାପିକା ବାସନ୍ତୀ କୁଜୁର, ଡ. ରଞ୍ଜିତା ଓରାମ ପ୍ରମୁଖ ସହଯୋଗ କରିଥିଲେ।

ସେହିପରି ଘରେ ଘରେ ତ୍ରିରଙ୍ଗା, ଘରେ ଘରେ ସ୍ୱଚ୍ଛତା ଅଭିଯାନରେ ରାଉରକେଲା ମହାନଗର ନିଗମ ପକ୍ଷରୁ ଗୁରୁବାର ତ୍ରିରଙ୍ଗା ଶୋଭାଯାତ୍ରା ଅନୁଷ୍ଠିତ ହୋଇଥିଲା। ଏହି ଶୋଭାଯାତ୍ରା ସ୍ଥାନୀୟ ଆମ୍ବେଦ୍‌କର ଛକରୁ ବାହାରି ଆର୍‌ଏମ୍‌ସି କାର୍ଯ୍ୟାଳୟରେ ଶେଷ ହୋଇଥିଲା। ସମସ୍ତେ ହାତରେ ଜାତୀୟ ପତାକା ଓ ସ୍ୱଚ୍ଛତା ସଚେତନତା ବାର୍ତ୍ତା ଲେଖାଥିବା ପ୍ଲାକାର୍ଡ ଧରି ଦେଶାତ୍ମବୋଧକ ନାରା ଦେଇଥିଲେ। କାର୍ଯ୍ୟକ୍ରମରେ ମହାନଗର ନିଗମ ଆୟୁକ୍ତ ସୁଶ୍ରୀ ଦୀନା ଦସ୍ତଗୀରଙ୍କ ସମେତ ଯୁଗ୍ମ ଆୟୁକ୍ତ ପଲ୍ଲବୀ ନାୟକ, ଉପ ପୌରାୟୁକ୍ତ ବିଶ୍ୱରଞ୍ଜନ ମଲ୍ଲିକ, ଉପ ପୌରାୟୁକ୍ତ ତରୁଣକାନ୍ତ, ସହକାରୀ ଆୟୁକ୍ତ ଅଜିତ କୁମାର ପଟ୍ଟନାୟକ, ଆର୍‌ଏମ୍‌ସିର ବରିଷ୍ଠ ଅଧିକାରୀ, କର୍ମଚାରୀ, ଏସ୍‌ଏଚ୍‌ଜି ମହିଳା ଓ ସ୍ଥାନୀୟ ଜନତା ସାମିଲ୍ ହୋଇଥିଲେ।

# ଅକ୍ଟୋବର ୯ରୁ ମୁକ୍ତମଞ୍ଚ ନାଟ୍ୟ ପ୍ରତିଯୋଗିତା

ରାଉରକେଲା, ୧୪।୮ (ବିପ୍ଳବ ରଞ୍ଜନ ଦାଶ): ଆସନ୍ତା ଲକ୍ଷ୍ମୀପୂଜା ଉପଲକ୍ଷେ ସେକ୍ଟର-୬ ସ୍ଥିତ ପଦ୍ମବର୍ଣ୍ଣା ସାଂସ୍କୃତିକ ସଙ୍ଗଠନ ପକ୍ଷରୁ ଦୁର୍ଗାପୂଜା ପଡ଼ିଆରେ ୨୫ତମ ମୁକ୍ତମଞ୍ଚ ନାଟକ ପ୍ରତିଯୋଗିତା କରାଯିବ। ଏହି ପ୍ରତିଯୋଗିତା ଅକ୍ଟୋବର ୧୪ ତାରିଖ ପର୍ଯ୍ୟନ୍ତ ୬ ଦିନ ଧରି ଚାଲିବ। ପ୍ରଥମ ଦିନ ରାଉରକେଲାର ଆମ ମଞ୍ଚ, ୨ୟ ଦିବସରେ ସେକ୍ଟର-୨ର ଓଁ ଶ୍ରୀ କଳାନିକେତନ, ୩ୟ ଦିବସରେ ସେକ୍ଟର-୬ର କୋଶଳ ନାଟକ ପରିଷଦ, ୪ର୍ଥ ଦିବସରେ ସେକ୍ଟର-୩ର ତ୍ରିଶକ୍ତି ନାଟ୍ୟ ପରିଷଦ, ୫ମ ଦିବସରେ ବଣେଇ କଳା ସଂସ୍କୃତି ପକ୍ଷରୁ ନାଟକ ପରିବେଷଣ କରାଯିବ। ୬ଷ୍ଠ ଦିବସରେ ପୁରସ୍କାର ବିତରଣ ସହ ସାଂସ୍କୃତିକ କାର୍ଯ୍ୟକ୍ରମ ହେବ ବୋଲି ସଙ୍ଗଠନ ସଭାପତି ହିରାଲାଲ ମହାପାତ୍ର ଜଣାଇଛନ୍ତି।

# ବେଆଇନ ପାର୍କିଂ, ଉପୁଜୁଛି ଟ୍ରାଫିକ୍ ସମସ୍ୟା

ରାଉରକେଲା, ୧୪।୮ (ଦିନେଶ ମିଶ୍ର)

ରାଉରକେଲା ରିଂରୋଡ୍ ମୁଖ୍ୟ ରାସ୍ତାରେ ବେଆଇନ ଭାବେ ନାଇଟ୍ କୋଚ୍ ବସ୍ ପାର୍କିଂ ଯୋଗୁ ଅନ୍ୟ ଗାଡ଼ି ଚାଳକ ହଇରାଣ ହେଉଛନ୍ତି। ସେକ୍ଟର-୨ ସ୍ଥିତ ବିଜୁ ପଟ୍ଟନାୟକ ଛକ ବସ୍‌ଷ୍ଟାଣ୍ଡରୁ ପ୍ରତିଦିନ ବିଭିନ୍ନ ଜିଲାକୁ ନାଇଟ୍ ବସ୍ ଗୁଡିକ ଯାତାୟତ କରୁଛି। ଏହି ବସ୍‌ଗୁଡିକ ବେଆଇନ ଭାବେ ରିଂରୋଡ୍ ଉପରେ ଲମ୍ବା ଲାଇନ୍ କରି ଘଣ୍ଟା ଘଣ୍ଟା ଧରି ଛିଡା ହୋଇ ରହୁଛି। ଫଳରେ ରାସ୍ତା ସଙ୍କୁଚିତ ହୋଇପଡୁଛି। ଏଥିଯୋଗୁ ରାସ୍ତାରେ ଆର୍‌ଏସ୍‌ପିରୁ ବିଭିନ୍ନ ସେକ୍ଟରକୁ ଯାଉଥିବା କର୍ମଚାରୀ ଟ୍ରାଫିକ ସମସ୍ୟାର ସମ୍ମୁଖୀନ ହେଉଛନ୍ତି। ଏଥିସହ ଆଇଜିଏଚ୍ ଯାଉଥିବା ଆମ୍ବୁଲାନ୍ସ ଅଟକି ରହୁଛି। କିଛି ବସ୍ ଡ୍ରାଇଭର ମଝି ରାସ୍ତାରେ ଗାଡି ଛିଡା କରି ବିଭିନ୍ନ ସାମଗ୍ରୀ ବସ୍ ଉପରେ ଲୋଡ୍ କରୁଥିବା ଯୋଗୁ ସମସ୍ୟା ହେଉଛି। ସେକ୍ଟର-୨ ବସ୍‌ଷ୍ଟାଣ୍ଡରେ ନିର୍ମିତ ଆପ୍ରୋଚ୍ ରୋଡ୍‌ରେ ଏକା ସମୟରେ ୫ଟି ବସ୍ ୧୦ରୁ ୨୦ ମିନିଟ୍ ପର୍ଯ୍ୟନ୍ତ ଛିଡା ହେବା ନିୟମ ରହିଛି। ଅନ୍ୟପକ୍ଷେ ବସ୍‌ରେ କୌଣସି ହେବି ଲଗେଜ୍ ବା ବିଭିନ୍ନ ବ୍ୟବସାୟିକ ସାମଗ୍ରୀ ବିଶ୍ରା ବସ୍ ଷ୍ଟାଣ୍ଡରେ ଲୋଡ୍ କରିବାର ନିୟମ ରହିଛି। ସେକ୍ଟର-୨ ବସ୍‌ଷ୍ଟାଣ୍ଡରେ କେବଳ ଯାତ୍ରୀ ନେଇ ୧୫ରୁ ୨୦ ମିନିଟ୍ ଭିତରେ ବସ୍‌ଷ୍ଟାଣ୍ଡ ଭିତରେ ଥିବା ଆପ୍ରୋଚ୍ ରୋଡ୍‌କୁ ଖାଲି କରିବା ନିୟମ ରହିଛି। କିନ୍ତୁ ବହୁ ବସ୍ ଏହି ନିୟମକୁ ଖୋଲାଖୋଲି ଉଲ୍ଲଂଘନ କରୁଥିବା ଦେଖିବାକୁ ମିଳୁଛି। ଏ ନେଇ ରାଉରକେଲା ଟ୍ରାଫିକ୍ ଡିଏସ୍‌ପି ପୁରୁଷୋତ୍ତମ ଭୋଇଙ୍କୁ ପଚାରିବାରୁ ସେ କହିଥିଲେ, ସେକ୍ଟର-୨ ବସ୍‌ଷ୍ଟାଣ୍ଡରେ ଥିବା ଆପ୍ରୋଚ୍ ରୋଡ୍‌ର ନିୟମକୁ ମାନୁ ନ ଥିବା ବସ୍ ଚାଳକଙ୍କ ପ୍ରତି ଉଚିତ କାର୍ଯ୍ୟାନୁଷ୍ଠାନ ନିଆଯିବ। ଏଥିସହ ବସ୍‌ଷ୍ଟାଣ୍ଡ ସମ୍ମୁଖରେ ଥିବା ସେକ୍ଟର-୩ ଥାନା ପୋଲିସ ସହାୟତାରେ ସନ୍ଧ୍ୟାରେ ପୋଲିସ ମୁତୟନ କରାଯିବ। ରିଂରୋଡ୍ ଉପରେ ବେଆଇନ ପାର୍କିଂ ସମସ୍ୟାର ସମାଧାନ ହେବ ବୋଲି ଭୋଇ କହିଥିଲେ।

# ୪୦ ମାସ ହେଲା ଏବିସି କାର୍ଯ୍ୟକ୍ରମ ବନ୍ଦ


ଛେଣ୍ଡ ଅଞ୍ଚଳରେ ଥିବା ଡମ୍ପିଂ ଜୋନ୍‌ରେ ବୁଲା କୁକୁର।

ରାଉରକେଲା, ୧୪।୮ (ବିପ୍ଳବ ରଞ୍ଜନ ଦାଶ)

ରାଉରକେଲା ସହରରେ ଦୀର୍ଘ ୪୦ମାସ ହେଲା ଆନିମଲ ବାର୍ଥ କଣ୍ଟ୍ରୋଲ (ଏବିସି) କାର୍ଯ୍ୟକ୍ରମ ବନ୍ଦ ରହିଛି। ଫଳରେ ବୁଲା କୁକୁରଙ୍କ ବନ୍ଧ୍ୟାକରଣ ହୋଇପାରୁନାହିଁ। କୁକୁରଙ୍କ ସଂଖ୍ୟା ବଢୁଥିବାରୁ ସେମାନଙ୍କ ପାଇଁ ଖାଦ୍ୟ ପ୍ରମୁଖ ସମସ୍ୟା ପାଲଟିଛି। ଏଥିଯୋଗୁ ବିଭିନ୍ନ ସମୟରେ ସେମାନେ ହିଂସ୍ର ହୋଇ ଲୋକଙ୍କୁ କାମୁଡୁଥିବା ଦେଖିବାକୁ ମିଳୁଛି। ଅଦ୍ୟାବଧି ସହରରେ ପ୍ରାୟ ୧୫ ହଜାର ଲୋକ କୁକୁର କାମୁଡାର ଶିକାର ହେଲେଣି।

ପ୍ରକାଶ ଥାଉକି, ବୁଲା କୁକୁର ପ୍ରତିବର୍ଷ ଦୁଇଟି ପ୍ରଜନନ ଋତୁରେ ଛୁଆ ଜନ୍ମ କରନ୍ତି। ଏମିତିରେ ଗତ ୪୦ ମାସରେ ୬ଟି ପ୍ରଜନନ ଋତୁ ଗଲାଣି। ମାତ୍ର ସେମାନଙ୍କ ପ୍ରଜନନକୁ ନିୟନ୍ତ୍ରଣ କରାଯାଇପାରିନି। ଅନେକ କୁକୁର ରାସ୍ତାରେ ବୁଲୁଥିବାରୁ ଦୁର୍ଘଟଣାରେ ଜୀବନ ଯାଉଛି। ମଲା କୁକୁରଙ୍କ ଦାହ ପାଇଁ କୌଣସି ବ୍ୟବସ୍ଥା ହୋଇପାରିନାହିଁ। ଏଥିଯୋଗୁ କୁକୁରଙ୍କ ଶବ ବିଭିନ୍ନ ସ୍ଥାନରେ ପଡିରହି ପରିବେଶ ପ୍ରଦୂଷଣ କରୁଛି। ସେହିପରି କୁକୁରଙ୍କ ପାଇଁ ଖାଦ୍ୟ ଅଭାବ ରହିଛି। ଫଳରେ ସହରର କୋଏଲ ନଗର, ଶକ୍ତି ନଗର, ଛେଣ୍ଡ କଲୋନି, ଉଦିତନଗର, ପାନପୋଷ ଆଦି ଅଞ୍ଚଳରେ ସେମାନଙ୍କ ଉପଦ୍ରବ ବୃଦ୍ଧି ପାଇଛି। ରାଉରକେଲା ସରକାରୀ ଡାକ୍ତରଖାନା(ଆର୍‌ଜିଏଚ୍)ରୁ ମିଳିଥିବା ତଥ୍ୟ ଅନୁସାରେ, ୨୦୨୩ ମାର୍ଚ୍ଚରୁ ୨୦୨୫ ଜୁନ ମାସ ମଧ୍ୟରେ ସହରର ୧୫ହଜାର ଲୋକ ବୁଲା କୁକୁରଙ୍କ ଆକ୍ରୋଶର ଶିକାର ହୋଇଥିବା ଜଣାପଡିଛି। ଉଚ୍ଚ ନ୍ୟାୟାଳୟ ବୁଲା କୁକୁରଙ୍କ ସଂଖ୍ୟା ନିୟନ୍ତ୍ରଣ ପାଇଁ ସ୍ୱତନ୍ତ୍ର ବନ୍ଧ୍ୟାକରଣ ଗାଇଡ୍ ଲାଇନ ପ୍ରସ୍ତୁତ କରି କାର୍ଯ୍ୟକାରୀ କରିବାକୁ ନିର୍ଦ୍ଦେଶ ଦେଇଥିବାବେଳେ ଆର୍‌ଏମ୍‌ସି ପକ୍ଷରୁ ଏ ନେଇ ଟେଣ୍ଡର ଆହ୍ୱାନ କରାଯାଇଛି। ଏହି ଯୋଜନା କାର୍ଯ୍ୟକାରୀ ହେଲେ ସହରରେ ବୁଲା କୁକୁରଙ୍କ ସଂଖ୍ୟା ନିୟନ୍ତ୍ରଣ ହୋଇପାରିବ ବୋଲି ମତପ୍ରକାଶ ପାଇଛି। ଏ ନେଇ ରାଉରକେଲା ଏସ୍‌ଡିଭିଓ ପ୍ରସନ୍ନ କୁମାର ମହାରଣାଙ୍କୁ ପଚାରିବାରୁ ସେ କହିଲେ, ହାଇକୋର୍ଟ ଏବିସି ପ୍ରକ୍ରିୟା ନିମନ୍ତେ ସ୍ୱତନ୍ତ୍ର ଗାଇଡ୍ ଲାଇନ୍ ପ୍ରସ୍ତୁତ କରିଛନ୍ତି। ଏଥିପାଇଁ ଏନ୍‌ଜିଓ ସଂସ୍ଥାକୁ ନିୟୋଜନ କରି ବୁଲା କୁକୁର ସଂଖ୍ୟା ନିୟନ୍ତ୍ରଣ କରିବାକୁ ଧାର୍ଯ୍ୟ ହୋଇଛି। ଆର୍‌ଏମ୍‌ସି ପକ୍ଷରୁ ଏ ନେଇ ଟେଣ୍ଡର ଆହ୍ୱାନ ହୋଇଛି ବୋଲି ସେ କହିଥିଲେ।

**କୁକୁର କାମୁଡାର ଶିକାର ହେଲେଣି ୧୫ହଜାର ଲୋକ**

# ରାଉରକେଲା ରିଭରସାଇଡ୍‌ର ଅଧିଷ୍ଠାନ ଦିବସ



ଉତ୍ସବରେ ମଞ୍ଚାସୀନ କ୍ଲବର କର୍ମକର୍ତ୍ତା।

ରାଉରକେଲା, ୧୪।୮ (ଦିନେଶ ମିଶ୍ର)

ସେକ୍ଟର-୧୯ସ୍ଥିତ ରାଉରକେଲା କ୍ଲବ ପରିସରରେ ରୋଟାରୀ କ୍ଲବ ରାଉରକେଲା ରିଭରସାଇଡ୍ ପକ୍ଷରୁ ଦ୍ୱାଦଶ ଅଧିଷ୍ଠାନ ଉତ୍ସବ ବୁଧବାର ରାତିରେ ପାଳିତ ହୋଇଯାଇଛି। ଏଥିରେ ରୋଟାରି କ୍ଲବର ଡିଷ୍ଟ୍ରିକ୍ଟ ଗଭର୍ଣ୍ଣର ଆଲାମ ସିଂ ରୋପ୍ରା ମୁଖ୍ୟ ଅତିଥି ଭାବେ ଯୋଗଦେଇ କ୍ଲବ ପକ୍ଷରୁ ବିଗତ ବର୍ଷମାନଙ୍କରେ ହୋଇଆସୁଥିବା ବିଭିନ୍ନ ସମାଜ କଲ୍ୟାଣ କାର୍ଯ୍ୟର ପ୍ରଶଂସା କରିଥିଲେ। ଏହି ଅବସରରେ ୨୦୨୫-୨୬ ବର୍ଷ ପାଇଁ ଶଙ୍କର ପ୍ରସାଦ ତ୍ରିପାଠୀ ସଭାପତି, ଶରତ କୁମାର ପାଣିଗ୍ରାହୀ ସମ୍ପାଦକ, ଡକ୍ଟର ଅରୁଣ କୁମାର ନାୟକ ଉପସଭାପତି, ବସନ୍ତ କୁମାର ତ୍ରିପାଠୀଙ୍କୁ କୋଷାଧ୍ୟକ୍ଷ ଭାବେ ଦାୟିତ୍ୱ ପ୍ରଦାନ କରାଯାଇଥିଲା। ସେହିପରି ଅନ୍ୟ କର୍ମକର୍ତ୍ତାମାନଙ୍କ ନାମ ଘୋଷଣା କରାଯାଇଥିଲା। ପରେ କ୍ଲବର ମୁଖପତ୍ର 'ବ୍ରାହ୍ମଣୀ'କୁ ଅତିଥିମାନେ ଉନ୍ମୋଚନ କରିଥିଲେ। ପ୍ରତିମା ମହାପାତ୍ର କାର୍ଯ୍ୟକ୍ରମ ପରିଚାଳନା କରିଥିଲେ। ନବନିର୍ବାଚିତ ସଭାପତି ତ୍ରିପାଠୀ ଧନ୍ୟବାଦ ଅର୍ପଣ କରିଥିଲେ।

# ଆର୍‌ଏସ୍‌ପି ଠିକା ଶ୍ରମିକ ପୁରସ୍କୃତ

ରାଉରକେଲା, ୧୪।୮ (ବିପ୍ଳବ ରଞ୍ଜନ ଦାଶ)


ଆର୍‌ଏସ୍‌ପି ଠିକା ଶ୍ରମିକମାନଙ୍କୁ ପୁରସ୍କୃତ କରାଯାଉଛି।

ଆର୍‌ଏସ୍‌ପି ସିଲିକନ ଷ୍ଟିଲ ମିଲ (ଏସ୍‌ଏସ୍‌ଏମ୍) ବିଭାଗରେ ଏକ ପୁରସ୍କାର ବିତରଣୀ ସମାରୋହ ଗତ ୧୧ତାରିଖରେ ଅନୁଷ୍ଠିତ ହୋଇଯାଇଛି। କାର୍ଯ୍ୟକ୍ରମରେ ହଟ୍ ଷ୍ଟ୍ରିପ୍ ମିଲ୍ ଓ ଆନୁଷଙ୍ଗିକ ବିଭାଗର ସିଜିଏମ୍ ସୁବ୍ରତ କୁମାର ଅଧ୍ୟକ୍ଷତା କରି ବିଭିନ୍ନ ଏଜେନ୍ସିର ୧୪ଜଣ ଠିକା ଶ୍ରମିକଙ୍କୁ ସେମାନଙ୍କ ଉଲ୍ଲେଖନୀୟ କାର୍ଯ୍ୟ ପାଇଁ ପୁରସ୍କାର ପ୍ରଦାନ କରିଥିଲେ। ଏହା ବିଭାଗର ଉତ୍ପାଦନ, ଚାଲାଣ ଏବଂ ଶପ୍ ଫ୍ଲୋର୍‌ର ବିଭିନ୍ନ ଅସୁରକ୍ଷିତ ସମସ୍ୟା ସମାଧାନରେ ମୁଖ୍ୟ ସହଯୋଗୀ ସାବ୍ୟସ୍ତ ହୋଇଥିଲା। ଏହି ଅବସରରେ ଏସ୍‌ଏସ୍‌ଏମ୍ ବିଭାଗର ଜିଏମ୍ ଇନ୍‌ଚାର୍ଜ ତଥା ବିଭାଗୀୟ ମୁଖ୍ୟ ସି. ଆର. ମିଶ୍ର, ଏସ୍‌ଏସ୍‌ଏମ୍ ମେକାନିକାଲ ବିଭାଗର ଜିଏମ୍ ଡି. ବାନାର୍ଜୀ, ଇଲେକ୍ଟ୍ରିକାଲ ବିଭାଗର ଜିଏମ୍ ଏମ୍. ପି. ରାଜାରାଓ ଏବଂ ଅପରେଶନ ବିଭାଗ ଜିଏମ୍ ବି. ଦାସ, ଏସ୍‌ଏସ୍‌ଏମ୍ ଓ ଏଚ୍‌ଆର ବିଭାଗର ବରିଷ୍ଠ ଅଧିକାରୀଙ୍କ ସମେତ ସମ୍ପୃକ୍ତ ଏଜେନ୍ସି ଗୁଡିକର ପ୍ରତିନିଧିମାନେ ଉପସ୍ଥିତ ଥିଲେ। ଏହି କ୍ରମରେ ସୁବ୍ରତ କୁମାର ଠିକା ଶ୍ରମିକଙ୍କ ଉତ୍ସର୍ଗୀକୃତ ମନୋଭାବ ଓ କଠିନ ପରିଶ୍ରମର ପ୍ରଶଂସା କରି ମିଲ୍ ସୁଗମ କାର୍ଯ୍ୟ ସମ୍ପାଦନ, ସୁରକ୍ଷା ତଥା ଉତ୍ପାଦକତା ପାଇଁ ସେମାନଙ୍କ ଅବଦାନ ଅବିଚ୍ଛେଦ୍ୟ ବୋଲି କହିଥିଲେ। ସମସ୍ତଙ୍କୁ ପ୍ରତିବଦ୍ଧତା ବଜାୟ ରଖିବା ସହିତ କାରଖାନାର ଅଭିବୃଦ୍ଧି ଏବଂ ପରିଚାଳନା ଉତ୍କର୍ଷତାକୁ ସମର୍ଥନ ଜାରି ରଖିବାକୁ ସେ ଉତ୍ସାହିତ କରିଥିଲେ। କାର୍ଯ୍ୟକ୍ରମ ପ୍ରାରମ୍ଭରେ ସି. ଆର୍. ମିଶ୍ର ସ୍ୱାଗତ ଭାଷଣ ପ୍ରଦାନ କରିଥିଲେ ।



ପଦକ ପାଇଥିବା କରାଟେକା।

# ଉତ୍କଳ କରାଟେ ସ୍କୁଲକୁ ୮ ପଦକ

ରାଉରକେଲା, ୧୪।୮ (ଦିନେଶ ମିଶ୍ର)

କରାଟେ ଇଣ୍ଡିଆ ଅର୍ଗାନାଇଜେଶନ (କିଓ) ଅନୁବନ୍ଧିତ ସେଇକୋକାଇ କରାଟେ ଇଣ୍ଟରନ୍ୟାଶନାଲ ଓ ଭାରତ କରାଟେ ଏକାଡେମୀ ଆନୁକୂଲ୍ୟରେ ନୂଆଦିଲ୍ଲୀର ତାଲକଟୋରା ଇଣ୍ଡୋର ଷ୍ଟାଡିୟମ୍‌ରେ ୧୯ତମ ଅଲ୍ ଇଣ୍ଡିଆ ଇଣ୍ଡିପେଣ୍ଡେନ୍ସ କପ୍ କରାଟେ ଚାମ୍ପିୟନଶିପ୍ ଅନୁଷ୍ଠିତ ହୋଇଯାଇଛି। ଏହି ଚାମ୍ପିୟନଶିପ୍‌ରେ ରାଉରକେଲା ଉତ୍କଳ କରାଟେ ସ୍କୁଲରୁ ୫ ଜଣ କରାଟେକା ଅଂଶଗ୍ରହଣ କରିଥିଲେ। ସେମାନଙ୍କ ମଧ୍ୟରୁ ଅର୍ଣ୍ଣଦିତ୍ୟା ସ୍ୱାଇଁ ଗୋଟିଏ ଲେଖାଏ ସ୍ୱର୍ଣ୍ଣ ଓ କାଂସ୍ୟ ପଦକ ଜିତିଥିବାବେଳେ ଡି. ଧନୁ ଗୋଟିଏ ସ୍ୱର୍ଣ୍ଣ ଓ କାଂସ୍ୟ, ରେୟାଂଶ ଚୌଧୁରୀ ଗୋଟିଏ ସ୍ୱର୍ଣ୍ଣ ଓ କାଂସ୍ୟ, ଆର୍ଯ୍ୟବ୍ରତ ବିଶ୍ୱାଳ ଗୋଟିଏ ରୌପ୍ୟ ଓ ଆର୍ଯ୍ୟ ବଂଶୀକା ଗୋଟିଏ କାଂସ୍ୟ ପଦକ ଜିତିଥିଲେ। ଏହି ସମସ୍ତ କରାଟେକା ରାଉରକେଲା ଉତ୍କଳ କରାଟେ ସ୍କୁଲରେ କୋଚ୍ ରାଜୀବ କୁମାର ସିଂହଙ୍କଠାରେ ପ୍ରଶିକ୍ଷଣ ନେଉଛନ୍ତି।


यूनियन बैंक ऑफ़ इंडिया Union Bank of India
भारत सरकार का उपक्रम A Government of India Undertaking

**କ୍ଷେତ୍ରୀୟ କାର୍ଯ୍ୟାଳୟ:ଭୁବନେଶ୍ୱର**
୩/୧ଏ, ସିଭିକ୍ ସେଣ୍ଟର, ଆଇଆର୍‌ସି ଭିଲେଜ୍, ନୟାପଲ୍ଲୀ, ଭୁବନେଶ୍ୱର-୭୫୧୦୧୫

**ଦଖଲ ନୋଟିସ୍**
(ସ୍ଥାବର ସମ୍ପତ୍ତି ନିମନ୍ତେ)

[ସିକ୍ୟୁରିଟୀ ଇଣ୍ଟରେଷ୍ଟ (ଏନ୍‌ଫୋର୍ସମେଣ୍ଟ) ରୁଲ୍ସ -୨୦୦୨ ଅନ୍ତର୍ଗତ ରୁଲ୍ ୮(୧)]

ଯେହେତୁ ନିମ୍ନସ୍ୱାକ୍ଷରକାରୀ **ୟୁନିୟନ୍ ବ୍ୟାଙ୍କ ଅଫ୍ ଇଣ୍ଡିଆ, ସମ୍ପୃକ୍ତ ଶାଖାର** କ୍ଷମତାପ୍ରାପ୍ତ ଅଧିକାରୀଙ୍କ ଦ୍ୱାରା ସିକ୍ୟୁରିଟାଇଜେସନ୍ ଆଣ୍ଡ ରିକନ୍‌ଷ୍ଟ୍ରକସନ୍ ଅଫ୍ ଫାଇନାନ୍‌ସିଆଲ୍ ଆସେଟ୍ସ ଆଣ୍ଡ ଏନ୍‌ଫୋର୍ସମେଣ୍ଟ ଅଫ୍ ସିକ୍ୟୁରିଟୀ ଇଣ୍ଟରେଷ୍ଟ ଆକ୍ଟ, ୨୦୦୨ (୨୦୦୨ର ଆକ୍ଟ ୫୪) ଏବଂ କଥିତ ଆକ୍ଟର ଧାରା ୧୩(୧୨) ସହିତ ସିକ୍ୟୁରିଟୀ ଇଣ୍ଟରେଷ୍ଟ (ଏନ୍‌ଫୋର୍ସମେଣ୍ଟ) ରୁଲ୍ସ, ୨୦୦୨ର ରୁଲ୍ ୩ ଅନୁସାରେ ପ୍ରଦତ୍ତ କ୍ଷମତା ପ୍ରୟୋଗ କରି ନିମ୍ନବର୍ଣ୍ଣିତ ଋଣ ଆକାଉଣ୍ଟର ଋଣଗ୍ରହୀତା/କୋ-ଆପ୍ଲିକାଣ୍ଟ/କୋ-ଓବ୍ଲିଗାଣ୍ଟ/ଗ୍ୟାରେଣ୍ଟିଦାତା/ବନ୍ଧକଦାତାମାନଙ୍କୁ ଡିମାଣ୍ଡ ନୋଟିସ୍ ଜାରି କରାଯାଇ ନୋଟିସ୍ ମାଧ୍ୟମରେ ନିମ୍ନରେ ଦର୍ଶାଯାଇଥିବା ରାଶି ସହିତ ସେବାବଦ ସୁଧ ଓ ଅନ୍ୟାନ୍ୟ ଦେୟ ନୋଟିସ୍ ପ୍ରାପ୍ତି ତାରିଖ ଠାରୁ **୬୦ଦିନ** ମଧ୍ୟରେ ପଇଠ କରିବାକୁ କୁହାଯାଇଥିଲା । ଯେହେତୁ ଋଣଗ୍ରହୀତାମାନେ ଋଣ ପଇଠ କରିବାରେ ବିଫଳ ହେଲେ, ତେଣୁ ବିଶେଷ କରି ଋଣଗ୍ରହୀତା/କୋ-ଆପ୍ଲିକାଣ୍ଟ/କୋ-ଓବ୍ଲିଗାଣ୍ଟ/ଗ୍ୟାରେଣ୍ଟିଦାତା/ବନ୍ଧକଦାତା ଏବଂ ସର୍ବସାଧାରଣଙ୍କୁ ଜଣାଇଦିଆଯାଉଅଛି ଯେ କଥିତ ଆକ୍ଟର ଧାରା ୧୩(୪) ସହିତ ରୁଲ୍ ୮ ଅନୁଯାୟୀ ନ୍ୟସ୍ତ ହୋଇଥିବା କ୍ଷମତା ଅନୁସାରେ କ୍ଷମତାପ୍ରାପ୍ତ ଅଧିକାରୀ ନିମ୍ନରେ ବର୍ଣ୍ଣିତ ହୋଇଥିବା ସମ୍ପତ୍ତିଗୁଡିକୁ ଦଖଲକୁ ନେଇଛନ୍ତି। **ଏତଦ୍‌ଦ୍ୱାରା ଋଣଗ୍ରହୀତାଙ୍କ ଦୃଷ୍ଟି ଆକର୍ଷଣ କରାଯାଉଅଛି କି କଥିତ ଆକ୍ଟର ଧାରା ୧୩ର ଉପଧାରା (୮) ଅନୁଯାୟୀ ସୁରକ୍ଷିତ ବନ୍ଧକ ସମ୍ପତ୍ତିକୁ ସମୟ ଥିବା ପୂର୍ବରୁ ବନ୍ଧକମୁକ୍ତ କରନ୍ତୁ।** ଏତଦ୍‌ଦ୍ୱାରା ବିଶେଷ କରି ଋଣଗ୍ରହୀତା/କୋ-ଆପ୍ଲିକାଣ୍ଟ/କୋ-ଓବ୍ଲିଗାଣ୍ଟ/ଗ୍ୟାରେଣ୍ଟିଦାତା/ବନ୍ଧକଦାତା ଏବଂ ସର୍ବସାଧାରଣଙ୍କୁ ସତର୍କ କରିଦିଆଯାଉଅଛି ଯେ ନିମ୍ନରେ ବର୍ଣ୍ଣିତ ହୋଇଥିବା ସମ୍ପତ୍ତିଗୁଡିକ ସହିତ କୌଣସି ପ୍ରକାର କାରବାର କରିବେ ନାହିଁ ଏବଂ ସମ୍ପତ୍ତିଗୁଡିକ ଉପରେ କୌଣସି ପ୍ରକାର କାରବାର ପାଇଁ ନିମ୍ନରେ ଦର୍ଶାଯାଇଥିବା ରାଶି ସହିତ ସେବାବଦ ସୁଧ, ଆନୁସଙ୍ଗିକ ଖର୍ଚ୍ଚ, ଆଇନଗତ ଖର୍ଚ୍ଚ ଓ ଦେୟ ନିମନ୍ତେ **ୟୁନିୟନ୍ ବ୍ୟାଙ୍କ ଅଫ୍ ଇଣ୍ଡିଆ, ସମ୍ପୃକ୍ତ ଶାଖା** ନିକଟରେ ଉତ୍ତରଦାୟୀ ରହିବେ।

| ଶାଖା / ଋଣଗ୍ରହୀତା/କୋ-ଆପ୍ଲିକାଣ୍ଟ/କୋ-ଓବ୍ଲିଗାଣ୍ଟ/ଗ୍ୟାରେଣ୍ଟିଦାତା/ବନ୍ଧକଦାତାମାନଙ୍କ ନାମ ଏବଂ ଠିକଣା | ନୋଟିସ୍ ଅନୁଯାୟୀ ବକେୟା ଦେୟ (ଟଙ୍କାରେ) | ଡିମାଣ୍ଡ ନୋଟିସ୍ ତାରିଖ/ଦଖଲ ତାରିଖ | ସ୍ଥାବର ସମ୍ପତ୍ତିଗୁଡିକର ବିବରଣୀ |
|---|---|---|---|
| **ବାଲୁଗାଁ ଶାଖା / ଋଣଗ୍ରହୀତା/ବନ୍ଧକଦାତା: ଶ୍ରୀ ରାଜକିଶୋର ପ୍ରଧାନ,** ପିତା: ଦାମୋଦର ପ୍ରଧାନ / **କୋ-ଓବ୍ଲିଗାଣ୍ଟ/ଗ୍ୟାରେଣ୍ଟିଦାତା: ଶ୍ରୀ କାହ୍ନୁ ଚରଣ ପ୍ରଧାନ,** ପିତା: ଦାମୋଦର ପ୍ରଧାନ, ଉଭୟଙ୍କ ଠିକଣା- ସା: ବଡଅଁଳ, ପୋ: ପାରିକୁଦ, ଜିଲ୍ଲା: ପୁରୀ, ପିନ୍-୭୫୨୦୧୧ | ଟ.୫,୯୮,୯୦୪.୬୩ + ସେବାବଦ ସୁଧ | ୦୮.୦୫.୨୦୨୫ / ୧୩.୦୮.୨୦୨୫ | ଶ୍ରୀ ରାଜକିଶୋର ପ୍ରଧାନଙ୍କ ନାମରେ ଥିବା ବାସୋପଯୋଗୀ ଜମି ଏବଂ ଗୃହ ଯାହାର (୧) ଖାତା ନଂ.: ୪୪୦/୨୯୧, ପ୍ଲଟ୍ ନଂ.: ୧୨୨୭/୨୧୫୨, କ୍ଷେତ୍ର: ଏକର ୦.୦୨୫ ଡିସିମିଲି ଯାହା ୧୦୮୯ ବର୍ଗଫୁଟ, କିସମ: ଘରବାରୀ ଏବଂ (୨) ଖାତା ନଂ.: ୪୪୦/୫୮୨, ପ୍ଲଟ୍ ନଂ.: ୧୨୨୭/୨୪୪୦, କ୍ଷେତ୍ର: ଏକର ୦.୦୧୫ ଡିସିମିଲି ଯାହା ୬୫୩ ବର୍ଗଫୁଟ, ସମୁଦାୟ ୨ଟି ଖାତା ଏବଂ ୨ ପ୍ଲଟ୍‌ର କ୍ଷେତ୍ର: ଏକର ୦.୦୪୦ ଡିସିମିଲି ଯାହା ୧୭୪୨ ବର୍ଗଫୁଟ, କିସମ: ଘରବାରୀ, ମୌଜା: ମାଲୁଦଖାସ, ଥାନା/ତହସିଲ: କୃଷ୍ଣପ୍ରସାଦ, ଜିଲ୍ଲା: ପୁରୀ, ଓଡ଼ିଶା |
| **ଓମ୍‌ଫେଡ୍ ସ୍କୋୟାର ଶାଖା / ଋଣଗ୍ରହୀତା/ବନ୍ଧକଦାତା: ଶ୍ରୀ ସୁନିଲ୍ କୁମାର କାଣ୍ଡିକୁପ୍ପା,** ପିତା: ଶ୍ରୀ ସାମ୍ବାଶିବ ରାଓ କାଣ୍ଡିକୁପ୍ପା / **କୋ-ଆପ୍ଲିକାଣ୍ଟ /ବନ୍ଧକଦାତା: ଶ୍ରୀମତୀ ସୁନିତା କାଣ୍ଡିକୁପ୍ପା,** ସ୍ୱାମୀ: ଶ୍ରୀ ସୁନିଲ୍ କୁମାର କାଣ୍ଡିକୁପ୍ପା, ଉଭୟଙ୍କ ଠିକଣା- ସା: ଫ୍ଲାଟ୍ ନଂ.: କେ-୪୦୨, ବ୍ଲକ୍-ବି, ସାଇ ପ୍ରିମିୟମ୍ ଆପାର୍ଟମେଣ୍ଟ, ଡମଣା ହାଟ ନିକଟ, ଶୈଳଶ୍ରୀ ବିହାର, ଭୁବନେଶ୍ୱର-୭୫୧୦୨୧ | ଟ.୫୮,୯୫,୭୭୧.୫୯ + ସେବାବଦ ସୁଧ | ୨୧.୦୫.୨୦୨୫/ ୧୨.୦୮.୨୦୨୫ | ଖାଲି ଥିବା ପ୍ଲଟ୍/ଜମି ଯାହାର ଖାତା ନଂ.: ୬୧୯/୧୬୮୬, ପ୍ଲଟ୍ ନଂ.: ୪/୬୮୫୫, ମୌଜା: ଭୁବନେଶ୍ୱର ସହର ୟୁନିଟ୍ ନଂ.: ୪୧ ଚନ୍ଦ୍ରଶେଖରପୁର, ତହସିଲ: ଭୁବନେଶ୍ୱର (ନଂ.:୨୫୯), ଥାନା: ନିଉ କ୍ୟାପିଟାଲ୍ (ନଂ.:୨୩), ଏସ୍‌ଆର୍‌ଓ: ଖଣ୍ଡଗିରି, ଜିଲ୍ଲା: ଖୋର୍ଦ୍ଧା, ଓଡ଼ିଶା-୭୫୧୦୨୧, **ସମୁଦାୟ ଜମିର କ୍ଷେତ୍ର: ଏକର ୦.୦୫୭ ଡିସିମିଲି (୨୪୫୭ ବର୍ଗଫୁଟ),** ଅନୁରୂପ ଜି.ଏ ପ୍ଲଟ୍ ନଂ.: ୫୭୮, ଡ୍ରଇଂ ନଂ.: ବି/୧୩୨, ଏହାର ଚାରିପାର୍ଶ୍ୱରେ ଉତ୍ତର: ପ୍ଲଟ୍ ନଂ.: ୫୭୯, ଦକ୍ଷିଣ: ପ୍ଲଟ୍ ନଂ.: ୫୭୭, ପୂର୍ବ: ପ୍ଲଟ୍ ନଂ.: ୫୬୧, ପଶ୍ଚିମ: ରାସ୍ତା |
| **ପୁବାଶାସନ ଶାଖା / ଋଣଗ୍ରହୀତା: ଶ୍ରୀ ରାଜେଶ କୁମାର ବେହେରା,** ପିତା: ରବି ନାରାୟଣ ବେହେରା / **ବନ୍ଧକଦାତା/ଗ୍ୟାରେଣ୍ଟିଦାତା: ଶ୍ରୀ କପିଳ ବେହେରା,** ପିତା: ରବି ନାରାୟଣ ବେହେରା, ଉଭୟଙ୍କ ଠିକଣା- ସା: ଧାନପୁର, ପିପିଲି, ପୁରୀ, ଓଡ଼ିଶା-୭୫୨୧୦୪ | ଟ.୧୩,୮୯,୧୩୫.୦୧ + ସେବାବଦ ସୁଧ | ୩୦.୦୪.୨୦୨୫ / ୧୨.୦୮.୨୦୨୫ | ଶ୍ରୀ କପିଳ ବେହେରାଙ୍କ ନାମରେ ଥିବା ବାସୋପଯୋଗୀ ଜମି ଏବଂ ଗୃହ ଯାହାର ପ୍ଲଟ୍ ନଂ.: ୩୭/୩୨୯, ଖାତା ନଂ.: ୧୦୧/୧୧୦, କ୍ଷେତ୍ର: ଏକର ୦.୦୭୦ ଡିସିମିଲି, ମୌଜା: ଧାନପୁର, ପୋ: ପିପିଲି, ଥାନା: ପିପିଲି, ଜିଲ୍ଲା: ପୁରୀ, ଓଡ଼ିଶା |
| **ଖୋର୍ଦ୍ଧା ଶାଖା / ଋଣଗ୍ରହୀତାମାନେ: ୧) ଶ୍ରୀ ଶୁଭ୍ରାଂଶୁ ସାହୁ,** ପିତା: ଚୈତନ୍ୟ ସାହୁ, **୨) ଶ୍ରୀମତୀ ଉମାରାଣୀ ସାହୁ (ବନ୍ଧକଦାତା),** ସ୍ୱାମୀ: ଚୈତନ୍ୟ ସାହୁ, **୩) ଶ୍ରୀ ଚୈତନ୍ୟ ସାହୁ (ବନ୍ଧକଦାତା),** ପିତା: ✓ ଗଙ୍ଗାଧର ସାହୁ, ସମସ୍ତଙ୍କ **ଠିକଣା-୧:** ସା: ପୁଆଣିଆ, ପୋ: ଅସରଳା, ଭାୟା: ପିଚୁକୁଳି, ଥାନା/ବ୍ଲକ୍: ବୋଲଗଡ, ଜିଲ୍ଲା: ଖୋର୍ଦ୍ଧା, ପିନ୍-୭୫୨୦୬୪, **ଠିକଣା-୨:** ରେ-୫୯, ମଙ୍ଗଳା ସାହି, କସ୍ମୋପଲିସ୍ ନିକଟ, ଆଇଗିଣିଆ, ଭୁବନେଶ୍ୱର-୭୫୧୦୧୯ | ଟ.୧୧,୪୨,୮୯୬.୫୭ + ସେବାବଦ ସୁଧ | ୨୨.୦୫.୨୦୨୫ / ୧୨.୦୮.୨୦୨୫ | ଶ୍ରୀମତୀ ଉମାରାଣୀ ସାହୁ ଏବଂ ଶ୍ରୀ ଚୈତନ୍ୟ ସାହୁଙ୍କ ନାମରେ ଥିବା ବାସୋପଯୋଗୀ ଜମି ଏବଂ ଗୃହ ଯାହାର ପ୍ଲଟ୍ ନଂ.: ୫୨୦, ଖାତା ନଂ.: ୧୨୮ ଏବଂ ମ୍ୟୁଟେସନ୍ ଖାତା ନଂ.: ୩୮୭/୬୬, ମ୍ୟୁଟେସନ୍ ପ୍ଲଟ୍ ନଂ.: ୫୨୦, ତହସିଲ/ଥାନା/ମୌଜା: ବୋଲଗଡ, ଥାନା ନଂ.: ୧୫୬, ତହସିଲ ନଂ.: ୧୫୬, ଜିଲ୍ଲା: ଖୋର୍ଦ୍ଧା, କ୍ଷେତ୍ର: ଏକର ୦.୧୯୦ ଡିସିମିଲି, କିସମ: ଘରବାରୀ, ସ୍ୱତ୍ୱ: ସ୍ଥିତିବାନ |

ସ୍ଥାନ: ଭୁବନେଶ୍ୱର
ତାରିଖ: ୧୪.୦୮.୨୦୨୫

ସ୍ୱା/- ମୁଖ୍ୟ ପ୍ରବନ୍ଧକ ଏବଂ କ୍ଷମତାପ୍ରାପ୍ତ ଅଧିକାରୀ
ୟୁନିୟନ୍ ବ୍ୟାଙ୍କ ଅଫ୍ ଇଣ୍ଡିଆ

# ରୋଗୀଙ୍କୁ ମିଳୁନି ଉତ୍ତମ ଚିକିତ୍ସା

ଝାରସୁଗୁଡ଼ା, ୧୪।୮ (ଆଶିଷ ରଞ୍ଜନ ଦାଶ)




ଝାରସୁଗୁଡ଼ା ଜିଲାର ବିଭିନ୍ନ ଅଞ୍ଚଳର ଲୋକମାନେ ଭୂତାଣୁଜନିତ ଜ୍ୱରରେ ଆକ୍ରାନ୍ତ ହୋଇଛନ୍ତି। ଜ୍ୱରର ଲକ୍ଷଣ ଦେଖାଦେଲେ ମୁଣ୍ଡ ବିନ୍ଧିବା, ଶରୀରର ତାପମାତ୍ରା ବୃଦ୍ଧି ପାଇବା, ଗଳା ଦରଜ ହେବା, ଭୋକ ନ ଲାଗିବା ପରି ମନେହେଉଛି। ଏହି ଜ୍ୱର ପ୍ରାୟ ୪ରୁ ୭ ଦିନ ପର୍ଯ୍ୟନ୍ତ ଲାଗିରହୁଛି। ଫଳରେ ବହୁ ରୋଗୀ ଚିକିତ୍ସା ପାଇଁ ଆସୁଥିବାରୁ ଝାରସୁଗୁଡ଼ା ଜିଲା ମୁଖ୍ୟ ଚିକିତ୍ସାଳୟ ସମେତ ବିଭିନ୍ନ ଗୋଷ୍ଠୀ ସ୍ୱାସ୍ଥ୍ୟକେନ୍ଦ୍ର(ସିଏଚ୍‌ସି), ପ୍ରାଥମିକ ସ୍ୱାସ୍ଥ୍ୟକେନ୍ଦ୍ର(ପିଏଚ୍‌ସି)ରେ ଭିଡ଼ ଦେଖିବାକୁ ମିଳୁଛି। କେତେକ ସିଏଚ୍‌ସି, ପିଏଚ୍‌ସିକୁ ଛାଡ଼ିଦେଲେ ଜିଲା ମୁଖ୍ୟ ଚିକିତ୍ସାଳୟ ସହିତ ଅନ୍ୟ ସରକାରୀ ସ୍ୱାସ୍ଥ୍ୟକେନ୍ଦ୍ରରେ ରୋଗୀମାନେ ଉତ୍ତମ ଚିକିତ୍ସା ପାଇପାରୁନାହାନ୍ତି। ଜିଲା ମୁଖ୍ୟ ଚିକିତ୍ସାଳୟରେ ଦୀର୍ଘ ସମୟ ଅପେକ୍ଷା କରିବା ପରେ ନିରାଶ ହୋଇ ଘରୋଇ କ୍ଲିନିକ୍‌କୁ ଯିବାକୁ ପଡୁଛି ବୋଲି ରୋଗୀମାନେ ଅଭିଯୋଗ କରିଛନ୍ତି। ବିଶେଷକରି ଗରିବ ରୋଗୀମାନେ ଘରୋଇ କ୍ଲିନିକ୍‌ରେ ୩୦୦ରୁ ୫୦୦ ଟଙ୍କା ଫି' ଦେଇ ଡାକ୍ତର ଦେଖାଇବା ସହ ବାହାରୁ ଔଷଧ କିଣି ଖର୍ଚ୍ଚାନ୍ତ ହେଉଛନ୍ତି। ଅପରପକ୍ଷେ ଉତ୍ତମ ଚିକିତ୍ସା ଅଭାବରୁ ସ୍ଥାନୀୟ ସରକାରୀ ଡାକ୍ତରଖାନାକୁ ଜନସାଧାରଣ ନ ଯାଇ ଅନେକ ଦୂର ସମ୍ବଲପୁର ଓ ରାଉରକେଲା ଯାଉଥିବା ବୁଦ୍ଧିଜୀବୀ ମହଲରେ ଚର୍ଚ୍ଚା ହେଉଛି। ଏହି ଭୂତାଣୁଜନିତ ଜ୍ୱରରୁ ରକ୍ଷା ପାଇଁ ଜିଲା ସ୍ୱାସ୍ଥ୍ୟ ବିଭାଗ ପକ୍ଷରୁ ସଚେତନ କରାଯାଉ ନ ଥିବାରୁ ଲୋକଙ୍କ ମଧ୍ୟରେ ଅସନ୍ତୋଷ ପ୍ରକାଶ ପାଇଛି। ଏନେଇ

**ଝାରସୁଗୁଡ଼ା ଜିଲା ମୁଖ୍ୟ ଚିକିତ୍ସାଳୟ**

ଜିଲା ମୁଖ୍ୟ ଚିକିତ୍ସା ଅଧିକାରୀ ମୁକେଶ ମୋହନ ପଣ୍ଡା କହିଛନ୍ତି, ଏହି ଭୂତାଣୁଜନିତ ଜ୍ୱର କେବଳ ଝାରସୁଗୁଡ଼ା ଜିଲାରେ ନୁହେଁ, ବରଂ ସାରା ରାଜ୍ୟରେ ବ୍ୟାପିଛି। ଏଥିପାଇଁ ପାରାସିଟାମଲ ବଟିକା ଖାଇବା, ପ୍ରଚୁର ପାଣି ପିଇବା ଏବଂ ବିଶ୍ରାମ ନେବା ହେଉଛି ପ୍ରାଥମିକ ଉପଚାର। ପ୍ରତିଦିନ ଝାରସୁଗୁଡ଼ା ଜିଲା ମୁଖ୍ୟ ଡାକ୍ତରଖାନାକୁ ୩୦୦ରୁ ଊର୍ଦ୍ଧ୍ୱ ରୋଗୀ ଜ୍ୱରରେ ଆକ୍ରାନ୍ତ ହୋଇ ଆସୁଛନ୍ତି। ମେଡିକାଲର ପ୍ରାୟ ୩୦୦ ବେଡ୍ ବ୍ୟବସ୍ଥା କରାଯାଇ ଜ୍ୱରରେ ଆକ୍ରାନ୍ତ ରୋଗୀଙ୍କ ଚିକିତ୍ସା କରାଯାଉଛି। ତଥାପି ଅଧିକ ରୋଗୀ ଆସୁଥିବାରୁ ଚିକିତ୍ସାରେ ସମସ୍ୟା ହେଉଛି। ଆସନ୍ତା ୧୬ ତାରିଖରେ ନୂତନ ଡାକ୍ତର ଯୋଗଦେବା ପରେ ଚିକିତ୍ସା ସେବା ସ୍ୱାଭାବିକ ହେବ ବୋଲି ସେ କହିଛନ୍ତି।

## ଜାଲ୍ ଦସ୍ତଖତରେ ଟଙ୍କା ଉଠାଣ, ୨ ଗିରଫ

ଝାରସୁଗୁଡ଼ା, ୧୪।୮ (ଆଶିଷ ରଞ୍ଜନ ଦାଶ)

ଚେକ୍‌ରେ ଜାଲ୍ ଦସ୍ତଖତ କରି ଟଙ୍କା ଉଠାଣ ଅଭିଯୋଗରେ ରେଙ୍ଗାଲି ପୋଲିସ ୨ ଜଣଙ୍କୁ ଗିରଫ କରିଛି। ସେମାନେ ହେଲେ ସ୍ଥାନୀୟ ଖାରୁପଡ଼ାର ବନିତା ନାଏକ ଏବଂ ଭେଡେନ୍ ଅଞ୍ଚଳର ଉଦିତ୍ ବାଗ। ପଲସଦା ଜିପିଏଲ୍‌ଏଫ୍‌ରେ ୬୫ଟି ଏସ୍‌ଏଚ୍‌ଜି ଗ୍ରୁପ୍ ଥିବାବେଳେ ଦୁଇଟି ଆକାଉଣ୍ଟ ରହିଛି। ଉକ୍ତ ଆକାଉଣ୍ଟ ଦ୍ୱୟରେ ଏସ୍‌ଏଚ୍‌ଜି ଗ୍ରୁପ୍‌ଗୁଡିକ ପାଇଁ ଋଣ ସହାୟତା ରାଶି ଆସିଥାଏ। ଏହି ଆକାଉଣ୍ଟର ତଦାରଖ ପାଇଁ ବନିତାଙ୍କୁ ବ୍ଲକ୍ ପକ୍ଷରୁ ୨୦୨୧ରେ ଏମ୍‌ବିକେ ଭାବେ ନିଯୁକ୍ତି ଦିଆଯାଇଥିଲା। ସେହିଦିନଠାରୁ ଜିପିଏଲ୍‌ଏଫ୍‌ର ସମସ୍ତ କାଗଜପତ୍ର, ଚେକ୍‌ବୁକ୍, ସିଲ୍‌ମୋହର ବନିତାଙ୍କ ପାଖରେ ରହୁଥିଲା। ଏହାର ସୁଯୋଗ ନେଇ ବନିତା ଏବଂ ତାଙ୍କର ସାଥୀ ଜାଲ୍ ଦସ୍ତଖତ କରି ଚେକ୍ ମାଧ୍ୟମରେ ୨୯ ଲକ୍ଷ ୬୨ ହଜାର ୬୧୦ ଟଙ୍କା ବ୍ୟାଙ୍କରୁ ଉଠାଇଥିଲେ। ଏ ସମ୍ପର୍କରେ ପଲସଦା ଜିପିଏଲ୍‌ଏଫ୍‌ର ସଭାପତି ମମତା ପଟୁଆ ଅଭିଯୋଗ କରିବା ପରେ ପୋଲିସ ଏକ ମାମଲା ରୁଜୁ କରିଥିଲା।

## ତ୍ରିରଙ୍ଗା ଶୋଭାଯାତ୍ରା

ବ୍ରଜରାଜନଗର, ୧୪।୮ (ବିଜୟ ବରାଡ଼)

ରାଜସ୍ୱ ମନ୍ତ୍ରୀ ସୁରେଶ ପୂଜାରୀଙ୍କ ନେତୃତ୍ୱରେ ଝାରସୁଗୁଡ଼ା ଜିଲା ଗାନ୍ଧୀଛକରୁ ବ୍ରଜରାଜନଗର କଲେଜ ପର୍ଯ୍ୟନ୍ତ ତ୍ରିରଙ୍ଗା ଶୋଭାଯାତ୍ରା ଗୁରୁବାର ଅନୁଷ୍ଠିତ ହୋଇଯାଇଛି। ଗାନ୍ଧୀଛକସ୍ଥିତ ମହାତ୍ମା ଗାନ୍ଧୀଙ୍କ ପ୍ରତିମୂର୍ତ୍ତିରେ ମନ୍ତ୍ରୀ ପୂଜାରୀ ମାଲ୍ୟାର୍ପଣ କରିବା ପରେ ଶତାଧିକ ଭାଜପା କର୍ମୀ ଓ ଜନସାଧାରଣଙ୍କ ଗହଣରେ ବାଇକ୍ ଶୋଭାଯାତ୍ରା କରିଥିଲେ। ଏହି ଅବସରରେ ମା' ପାଇଁ ଗଛଟିଏ କାର୍ଯ୍ୟକ୍ରମ ଅନୁଷ୍ଠିତ ହୋଇଥିଲା। ଉଭୟ ତ୍ରିରଙ୍ଗା ଶୋଭାଯାତ୍ରା ଏବଂ ଚାରାରୋପଣ କାର୍ଯ୍ୟକ୍ରମରେ ଭାଜପା ଜିଲା ସଭାପତି ରଘୁନନ୍ଦନ ପଣ୍ଡା, ନଭଲ ଅଗ୍ରୱାଲ, ତପନ ସ୍ୱାଇଁ, ଅନିଲ ସାହୁ, ପ୍ରମୋଦ ସେନାପତି, ଅମରେନ୍ଦ୍ର ରାୟ, ମୋହନ ସାହୁଙ୍କ ସହିତ ଶତାଧିକ ଛାତ୍ରୀଛାତ୍ର, ଅଧ୍ୟାପିକା, ଅଧ୍ୟାପକ ଓ ଅନ୍ୟମାନେ ସାମିଲ ହୋଇ ଆଧୁନିକ ଭାରତ ନିର୍ମାଣ ପାଇଁ ବାର୍ତ୍ତା ଦେଇଥିବା ମନ୍ତ୍ରୀ ପୂଜାରୀ କହିଛନ୍ତି।

## ଜିଲା ପ୍ରଶାସନର ନିର୍ଦ୍ଦେଶ ସତ୍ତ୍ୱେ ଛୁଟିରେ ରାଜସ୍ୱ ଅମଲା ସଂଘ

ଦେବଗଡ଼, ୧୪।୮ (ଶଶାଙ୍କ ଶେଖର ଝାଙ୍କର)

୧୦ ଦଫା ଦାବି ନେଇ ଗତ ୧୧ ତାରିଖଠାରୁ ଅନିର୍ଦ୍ଦିଷ୍ଟ କାଳପର୍ଯ୍ୟନ୍ତ କାର୍ଯ୍ୟ ବନ୍ଦ ଆନ୍ଦୋଳନ ଜାରି ରଖିଛି ଦେବଗଡ଼ ଜିଲା ରାଜସ୍ୱ ଅମଲା ସଂଘ। ଏଥିଯୋଗୁ ଜିଲାର ସମସ୍ତ ସରକାରୀ କାର୍ଯ୍ୟାଳୟରେ କାର୍ଯ୍ୟ ଠପ୍ ହୋଇଯାଇଛି। ଜିଲାର ବିଭିନ୍ନ କାର୍ଯ୍ୟାଳୟରେ କାର୍ଯ୍ୟରତ ଅମଲାଙ୍କ ଛୁଟି ବାତିଲ୍ ସହ କାର୍ଯ୍ୟରେ ଯୋଗ ନ ଦେଲେ କାର୍ଯ୍ୟାନୁଷ୍ଠାନ ଗ୍ରହଣ ପାଇଁ ଜିଲା ପ୍ରଶାସନ ବୁଧବାର ଅପରାହ୍ନରେ ନିର୍ଦ୍ଦେଶ ଦେଇଥିଲା। ଏହାସତ୍ତ୍ୱେ ଜିଲାର ୮୫ ଜଣ ଅମଲା କାର୍ଯ୍ୟରେ ଯୋଗ ନ ଦେଇ ପୂର୍ବପରି ଗୁରୁବାର ଜିଲାପାଳଙ୍କ କାର୍ଯ୍ୟାଳୟ ସମ୍ମୁଖରେ ଆନ୍ଦୋଳନ ବସିଛନ୍ତି। ଏଥିଯୋଗୁ ଜନସାଧାରଣ ବହୁ ଅସୁବିଧାର ସମ୍ମୁଖୀନ ହେଉଛନ୍ତି। ଦେବଗଡ଼ ଜିଲା ସଂଘ ସଭାପତି କମଳାପତି ସାହୁ, ସମ୍ପାଦକ ହେରମ୍ବ ନାରାୟଣ ସାହୁ, ରାଜ୍ୟ ଉପଦେଷ୍ଟା ଗିରୀଶ ଚନ୍ଦ୍ର ସାହୁଙ୍କ ନେତୃତ୍ୱରେ ଜିଲାର ସମସ୍ତ ସଦସ୍ୟା,ସଦସ୍ୟ ଜିଲାପାଳଙ୍କ କାର୍ଯ୍ୟାଳୟ ସମ୍ମୁଖରେ ଆନ୍ଦୋଳନ ଜାରି ରଖିଛନ୍ତି।

## ଯୁବ ରେଡ୍‌କ୍ରସ୍‌ର କାର୍ଯ୍ୟକାରୀ କମିଟି ବୈଠକ

ଦେବଗଡ଼, ୧୪।୮ (ଶଶାଙ୍କ ଶେଖର ଝାଙ୍କର)

ଯୁବ ରେଡ୍‌କ୍ରସ୍ ସଂଯୋଜକ ମନୋଜ କୁମାର ପ୍ରଧାନଙ୍କ ଆହ୍ୱାନକ୍ରମେ ଦେବଗଡ଼ କଲେଜ ପରିସରସ୍ଥ ବିଜୁ ପଟ୍ଟନାୟକ ପ୍ରେକ୍ଷାଳୟଠାରେ ଜିଲାର ୩୧ଟି ଅନୁଷ୍ଠାନକୁ ନେଇ ଗୁରୁବାର ଏକ କାର୍ଯ୍ୟକାରୀ କମିଟି ବୈଠକ ଅନୁଷ୍ଠିତ ହୋଇଯାଇଛି। ଦେବଗଡ଼ କଲେଜ ଅଧକ୍ଷ ତଥା ଜିଲା ରେଡ୍‌କ୍ରସ୍ ଅଧକ୍ଷ ଡକ୍ଟର ସୁଦାମ ଚରଣ ପରିଡ଼ାଙ୍କ ସଭାପତିତ୍ୱରେ ଆୟୋଜିତ ବୈଠକରେ ଅତିଥି ଭାବେ ରିଆମାଳ କନିଷ୍ଠ କଲେଜର ଅଧକ୍ଷ ନୀହାର ରଞ୍ଜନ ମହାନ୍ତି, ପଳସମା ସ୍ନାତକ କଲେଜର ହର୍ଷ କୁମାର ବେହେରା, ରେଙ୍ଗାଲବେଡ଼ା କନିଷ୍ଠ କଲେଜର ଅଧ୍ୟାପକ ଅମରେନ୍ଦ୍ର ପ୍ରଧାନ ପ୍ରମୁଖ ଯୋଗଦେଇଥିଲେ। ବୈଠକରେ ଯୋଗଦେଇଥିବା ଅଧ୍ୟାପକ ଏବଂ ରେଡ୍‌କ୍ରସ୍‌ର କାଉନ୍‌ସିଲରମାନେ ଆଗକୁ କ'ଣ କଲେ ଯୁବ ରେଡ୍‌କ୍ରସ୍‌ର କାର୍ଯ୍ୟ ଅଧିକ ପ୍ରଭାବଶାଳୀ ଏବଂ ସୁଦୂରପ୍ରସାରି ହୋଇପାରିବ ସେ ସମ୍ପର୍କରେ ପ୍ରସ୍ତାବ ଉପସ୍ଥାପନ କରିଥିଲେ। ଜିଲାରେ ରେଡ୍‌କ୍ରସ୍ ଭବନ ସ୍ଥାପନ, ସଡ଼କ ସୁରକ୍ଷା କାର୍ଯ୍ୟକ୍ରମ ଓ ରକ୍ତଦାନ ଶିବିର ଆୟୋଜନରେ ସହଯୋଗ କରିବା ଦାବି ଉପସ୍ଥାପନ କରାଯାଇଥିଲା। ଚଳିତ ଶିକ୍ଷାବର୍ଷରେ ପଳସମା କଲେଜରେ ଜିଲାସ୍ତରୀୟ ଶିବିର ଆୟୋଜନ ନିମନ୍ତେ ବୈଠକରେ ନିଷ୍ପତ୍ତି ହୋଇଥିଲା।



ଦେବଗଡ଼ ଆଦର୍ଶ ସ୍ନାତକ କଲେଜରେ ତ୍ରିରଙ୍ଗା ପଦଯାତ୍ରାରେ ଛାତ୍ରୀଛାତ୍ର ଓ ଅନ୍ୟମାନେ ।

## ଆଦର୍ଶ ସ୍ନାତକ କଲେଜରେ ତ୍ରିରଙ୍ଗା ପଦଯାତ୍ରା

ଦେବଗଡ଼, ୧୪।୮ (ଶଶାଙ୍କ ଶେଖର ଝାଙ୍କର)

ଦେବଗଡ଼ସ୍ଥିତ ଆଦର୍ଶ ସ୍ନାତକ କଲେଜରେ ହର୍ ଘର୍ ତିରଙ୍ଗା ପଦଯାତ୍ରା ଗୁରୁବାର ଅନୁଷ୍ଠିତ ହୋଇଯାଇଛି। ଅଧ୍ୟାପକ ଦାମୋଦର ନାୟକଙ୍କ ତତ୍ତ୍ୱାବଧାନରେ ଆୟୋଜିତ କାର୍ଯ୍ୟକ୍ରମରେ ଅନୁଷ୍ଠାନର ଅଧକ୍ଷ ଡ. ବିଜୟ କୁମାର ମହାରଣାଙ୍କ ସମେତ ସମସ୍ତ ଅଧ୍ୟାପିକା, ଅଧ୍ୟାପକ, ଅଣଶିକ୍ଷକ କର୍ମଚାରୀ ଓ ୩୦୦ରୁ ଊର୍ଦ୍ଧ୍ୱ ଛାତ୍ରୀଛାତ୍ର ଅଂଶଗ୍ରହଣ କରିଥିଲେ। ଏହି ଅବସରରେ ଛାତ୍ରୀଛାତ୍ର ତ୍ରିରଙ୍ଗା ପତାକା ଧରି ଦେଶାତ୍ମବୋଧକ ସଙ୍ଗୀତ ଗାନ କରିବା ସହ ଏବଂ ସ୍ଲୋଗାନ ଦେଇ ଶୋଭାଯାତ୍ରାରେ ଆଖପାଖ ଅଞ୍ଚଳ ପରିକ୍ରମା କରିଥିଲେ।

# ମିରର୍ ଥିଏଟରର ପ୍ରତିଷ୍ଠା ଦିବସ



କାର୍ଯ୍ୟକ୍ରମରେ ଉପସ୍ଥିତ ଅତିଥି, କବି, ଲେଖକ ଓ କଳାକାର।

ବେଲପାହାଡ଼, ୧୪।୮ (ସୁବାସ ପ୍ରଧାନ)

ଓଡ଼ିଶାର ପ୍ରସିଦ୍ଧ ନାଟ୍ୟ ଅନୁଷ୍ଠାନ ବେଲପାହାଡ଼ସ୍ଥିତ ମିରର ଥିଏଟରର ୩୩ତମ ପ୍ରତିଷ୍ଠା ଦିବସ ପାଳିତ ହୋଇଯାଇଛି। ପୂର୍ବାହ୍ନରେ ପ୍ରଥମ ସୋପାନରେ ଟିଆର୍‌ଏଲ୍ କ୍ରୋସାକି କମ୍ପାନୀ ପକ୍ଷରୁ ସିଏସ୍‌ଆର୍ ପାଣ୍ଠି ଯୋଗେ ମିରର୍ ଥିଏଟରର ଅଡିଟୋରିୟମ ନିର୍ମାଣ ପାଇଁ ଶିଳାନ୍ୟାସ ହୋଇଥିଲା। କାର୍ଯ୍ୟକ୍ରମରେ ଅତିଥି ଭାବେ ଟିଆର୍‌ଏଲ୍ କ୍ରୋସାକି କମ୍ପାନୀର ବରିଷ୍ଠ ଅଧିକାରୀ ଶଶାଙ୍କ ଦୀକ୍ଷିତ, ଦୀପକ ସାହୁ, ପୌର କାଉନ୍‌ସିଲର କହ୍ନେଇ ଚରଣ ସେଠ, ବିଭୀଷଣ ରାଉତ, ଅଧ୍ୟାପକ ଶ୍ରୀକର ଭୋଇ, ବିଶିଷ୍ଟ ନାଟ୍ୟବିତ୍ ପ୍ରସନ୍ନ ଦାଶ, ବୃକ୍ଷର ବନ୍ଧୁ ଅନୁଷ୍ଠାନର ପ୍ରତିଷ୍ଠାତା ଜେନାମଣି ସେଠ, ନାଟ୍ୟ ନିର୍ଦ୍ଦେଶକ ଆନନ୍ଦ ମହାକୁଡ଼, ଶରତ ଚନ୍ଦ୍ର ସାହୁ ପ୍ରମୁଖ ଉପସ୍ଥିତ ଥିଲେ। ନିର୍ଦ୍ଦେଶକ ଡ. ସୁବାସ ଚନ୍ଦ୍ର ପ୍ରଧାନ ମିରର୍ ଥିଏଟରର ପ୍ରତିଷ୍ଠା ସମ୍ପର୍କରେ ବିବରଣୀ ପ୍ରଦାନ ଓ ସରୋଜ କୁମାର ମିର୍ଦ୍ଧା ସଭା ପରିଚାଳନା କରିଥିଲେ।

ଅପରାହ୍ନରେ ଦ୍ୱିତୀୟ ସୋପାନରେ କେନ୍ଦ୍ର ସାହିତ୍ୟ ଏକାଡେମୀ ଜରିଆରେ ମିରର୍ ଥିଏଟର ମଞ୍ଚରେ 'ନାଟକର ଦାର୍ଶନିକ ଦୃଷ୍ଟିକୋଣ' ଶୀର୍ଷକ ଆଲୋଚନାଚକ୍ର ଅନୁଷ୍ଠିତ ହୋଇଥିଲା। କେନ୍ଦ୍ର ସାହିତ୍ୟ ଏକାଡେମୀ ଓଡ଼ିଆ ଉପଦେଷ୍ଟା ମଣ୍ଡଳୀର ସଦସ୍ୟ ମନୋଜ କୁମାର ପଣ୍ଡାଙ୍କ ଅଧ୍ୟକ୍ଷତାରେ ଅନୁଷ୍ଠିତ କାର୍ଯ୍ୟକ୍ରମରେ ବରେଣ୍ୟ ଅତିଥି ଭାବେ ରାଉରକେଲାର ବିଶିଷ୍ଟ ନାଟ୍ୟକାର ରାଜୀବ ପାଣି, ସମ୍ବଲପୁରର ନାଟ୍ୟକାର ବ୍ରଜେନ୍ଦ୍ର ନାଏକ, ଓଡ଼ିଶା ସାହିତ୍ୟ ଏକାଡେମୀର ପୂର୍ବତନ ସଦସ୍ୟା ଶିବପ୍ରିୟା ମିଶ୍ର, ବଲାଙ୍ଗୀରର ନାଟ୍ୟବିତ୍ ଡା. ଶ୍ୟାମସୁନ୍ଦର ପାଣ୍ଡେ ଉପସ୍ଥିତ ଥିଲେ। ବିରାଟ ରାଜା ପ୍ରଧାନ ଧନ୍ୟବାଦ ଦେଇଥିଲେ। ତୃତୀୟ ସୋପାନରେ ମିରର୍ ଥିଏଟର ପକ୍ଷରୁ 'ଆମ ଚିନ୍ତନ ଆମ କବିତା' ଶୀର୍ଷକ କବିତା ଆସର ଅନୁଷ୍ଠିତ ହୋଇଥିଲା। ଏଥିରେ ଅତିଥି ଭାବେ ଟିଆର୍‌ଏଲ୍ କ୍ରୋସାକି କମ୍ପାନୀର ବରିଷ୍ଠ ଅଧିକାରୀ ଡ. ସନ୍ତୋଷ କୁମାର ମିଶ୍ରଙ୍କ ସମେତ ବରିଷ୍ଠ କବୟିତ୍ରୀ ଓ କବି ଉପସ୍ଥିତ ଥିଲେ। ଏହି କାର୍ଯ୍ୟକ୍ରମରେ ୩୦ରୁ ଊର୍ଦ୍ଧ୍ୱ କବୟିତ୍ରୀ ଓ କବି ସ୍ୱରଚିତ କବିତା ପାଠ କରିଥିଲେ। ଅନୁଷ୍ଠାନର ସଦସ୍ୟମାନେ କାର୍ଯ୍ୟକ୍ରମ ପରିଚାଳନାରେ ସହଯୋଗ କରିଥିଲେ।

## ବିଭାଜନ ବିଭୀଷିକା ସ୍ମୃତି ଦିବସ ପାଳିତ

ଦେବଗଡ଼, ୧୪।୮ (ଶଶାଙ୍କ ଶେଖର ଝାଙ୍କର)

ଦେବଗଡ଼ସ୍ଥିତ ସେଣ୍ଟର ଫର୍ କଲ୍‌ଚର କଲ୍ୟାଣମଣ୍ଡପଠାରେ ବିଭାଜନ ବିଭୀଷିକା ସ୍ମୃତି ଦିବସ ଗୁରୁବାର ପାଳିତ ହୋଇଯାଇଛି। ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦି ଭେଦଭାବ, ଘୃଣା ଏବଂ ଅଲଗା ହେବାର ମନୋଭାବ ଦୂର କରିବାକୁ ଅଗଷ୍ଟ ୧୪ ତାରିଖକୁ ବିଭାଜନ ବିଭୀଷିକା ସ୍ମୃତି ଦିବସ ଭାବେ ପାଳନ କରିବା ପାଇଁ ଆହ୍ୱାନ ଦେଇଥିବାବେଳେ ଜିଲା ଭାଜପା ପକ୍ଷରୁ ଏହି ଦିବସ ପାଳନ ହୋଇଥିଲା। ଭାଜପା ଜିଲା ସଭାପତି ଅରୁଣ କୁମାର ସାହୁଙ୍କ ସଭାପତିତ୍ୱ ଏବଂ ପୂର୍ବତନ ଜିଲା ସଭାପତି ମୀନକେତନ ପ୍ରଧାନଙ୍କ ପରିଚାଳନାରେ ଅନୁଷ୍ଠିତ କାର୍ଯ୍ୟକ୍ରମରେ ମୁଖ୍ୟ ଅତିଥି ଭାବେ ଝାରସୁଗୁଡ଼ା ବିଧାୟକ ଟଙ୍କଧର ତ୍ରିପାଠୀ, ମୁଖ୍ୟବକ୍ତା ଅବସରପ୍ରାପ୍ତ ଅଧ୍ୟାପକ ଜିତେନ୍ଦ୍ର ପ୍ରଧାନ, ସମ୍ମାନିତ ଅତିଥି ଭାବେ ପୂର୍ବତନ ବିଧାୟକ ସୁବାସ ଚନ୍ଦ୍ର ପାଣିଗ୍ରାହୀ ଓ ପୌର ଉପାଧ୍ୟକ୍ଷ ପ୍ରଜିତ୍ କୁମାର ଭୋଜ ଯୋଗଦେଇ କାର୍ଯ୍ୟକ୍ରମର ଉଦ୍ଦେଶ୍ୟ ସମ୍ପର୍କରେ ଆଲୋକପାତ କରିଥିଲେ। ୧୯୪୭ ଅଗଷ୍ଟ ୧୪ରେ ଭାରତ ବିଭାଜନ ହୋଇଥିବାବେଳେ ତଦ୍‌ଜନିତ ବିଭୀଷିକାର ସ୍ମୃତିଚାରଣ କରାଯାଇଥିଲା। ଏହି ଅବସରରେ ଦେବଗଡ଼ ଜିଲାର ଅବସରପ୍ରାପ୍ତ ସେନା ଅଧିକାରୀ/ସେନା କର୍ମଚାରୀ ବିଷ୍ଣୁ ପ୍ରସାଦ ସାହୁ, ଡିସି ପ୍ରଧାନ, ଉଦୟନାଥ ପ୍ରଧାନ, ହୃଦାନନ୍ଦ ପ୍ରଧାନ, ଡିଲେଶ୍ୱର ପ୍ରଧାନ, ଅଜିତ୍ କୁମାର ପ୍ରଧାନ, ଅଜିତ୍ କୁମାର ବେହେରା, ଶରତ କୁମାର ଦେହୁରୀ ଓ ନିରଞ୍ଜନ ପାଢ଼ିଙ୍କୁ ସମ୍ବର୍ଦ୍ଧିତ କରାଯାଇଥିଲା।

## ଭାରତୀୟ ମଜଦୁର ସଂଘର କର୍ମକର୍ତ୍ତା ଚୟନ



ଚୟନ ହୋଇଥିବା ସଂଘର କର୍ମକର୍ତ୍ତା।

ବ୍ରଜରାଜନଗର, ୧୪।୮ (ବିଜୟ ବରାଡ଼)

କେନ୍ଦ୍ର ସରକାରଙ୍କ ବୃହତ୍ ରାଷ୍ଟ୍ରାୟତ୍ତ ଉଦ୍ୟୋଗ ମହାନଦୀ କୋଇଲା କମ୍ପାନୀର ଇବ୍ କ୍ଷେତ୍ର ଏରିଆ ପାଇଁ ଭାରତୀୟ ମଜଦୁର ସଂଘର ନୂତନ କର୍ମକର୍ତ୍ତା ଚୟନ କରାଯାଇଛି। ଏନେଇ ଇବ୍‌କ୍ଷେତ୍ରର ଜିଏମ୍ ଅଫିସ୍‌ରେ ଗୁରୁବାର ଆୟୋଜିତ ଖବରଦାତା ସମ୍ମିଳନୀରେ ଦଳର ବ୍ରଜରାଜନଗର ସଭାପତି ଗୋବିନ୍ଦ ସିଂହ ସୂଚନା ଦେଇଛନ୍ତି। ଅଂଶୁମାନ ସାହୁ ସଭାପତି, ରମେଶ ପ୍ରଧାନ ଓ ଅତନୁ ବାନାର୍ଜୀ ଉପସଭାପତି, ସଞ୍ଜିତ୍ କୁମାର ବନ୍‌ଛୋର ସମ୍ପାଦକ, ଧର୍ମେନ୍ଦ୍ର ଭାରତୀ ଓ ସୁବାସିନୀ ତ୍ରିପାଠୀ ସହସମ୍ପାଦକ ଭବେ ମନୋନୀତ ହୋଇଛନ୍ତି। ଏଥିସହ ୨୧ ଜଣିଆ କମିଟି ଗଠନ କରାଯାଇଛି। ରବି ରୋହିଦାସ ମଞ୍ଚ ପରିଚାଳନା କରିଥିଲେ।

## ମହିଳାଙ୍କୁ ବଳାତ୍କାର, ଅଭିଯୁକ୍ତ ଗିରଫ

ଦେବଗଡ଼, ୧୪।୮ (ଶଶାଙ୍କ ଶେଖର ଝାଙ୍କର)

ମହିଳାଙ୍କୁ ବଳାତ୍କାର କରିବା ଅଭିଯୋଗରେ କୁଣ୍ଢେଇଗୋଲା ପୋଲିସ ଜଣେ ଅଭିଯୁକ୍ତଙ୍କୁ ଗିରଫ କରି ଗୁରୁବାର କୋର୍ଟ ଚାଲାଣ କରିଛି। ସେ ହେଲେ ସ୍ଥାନୀୟ ବଡଛାପଲ ଗ୍ରାମର ମୋହନ କିଷାନ। ପୋଲିସ ସୂଚନା ଅନୁଯାୟୀ, ମୋହନଙ୍କ ପାଖରେ ସମ୍ପୃକ୍ତା ମହିଳାଙ୍କ ସିମ୍‌କାର୍ଡ ରହିଥିଲା। ସେ ଏହାକୁ ଦେବା ପାଇଁ ଗତ ୯ ତାରିଖ ପୂର୍ବାହ୍ନ ପ୍ରାୟ ୧୧ଟା ୩୦ରେ ମହିଳାଙ୍କୁ ଏକ ଜଙ୍ଗଲକୁ ଡାକିଥିଲେ। ମହିଳା ଜଣଙ୍କ ସେଠାରେ ପହଞ୍ଚିବା ପରେ ସେ ତାଙ୍କୁ ବଳାତ୍କାର କରିଥିଲେ। ଏନେଇ ପୀଡ଼ିତା ମହିଳା ଅଭିଯୋଗ କରିବା ପରେ ପୋଲିସ ଏକ ମାମଲା(ନଂ.୧୮୦/୨୫) ରୁଜୁ କରିଥିଲା।

# ଜିଲାସ୍ତରୀୟ ଡିଜିଟାଲ ଫସଲ ସର୍ବେକ୍ଷଣ ପ୍ରଶିକ୍ଷଣ ଶିବିର

ଦେବଗଡ଼, ୧୪।୮ (ଶଶାଙ୍କ ଶେଖର ଝାଙ୍କର)

ସ୍ଥାନୀୟ ଜିଲା ପରିଷଦ ସମ୍ମିଳନୀ କକ୍ଷରେ ଜିଲାସ୍ତରୀୟ ଡିଜିଟାଲ ଫସଲ ସର୍ବେକ୍ଷଣ ପ୍ରଶିକ୍ଷଣ ଶିବିର ଗୁରୁବାର ଅନୁଷ୍ଠିତ ହୋଇଯାଇଛି। ଏଥିରେ ଅତିରିକ୍ତ ଜିଲାପାଳ ରେବେକା ବିଲୁଙ୍ଗ ଅଧ୍ୟକ୍ଷତା କରି କହିଛନ୍ତି, ଜିଲାରେ କୃଷିଭିତ୍ତିକ ସର୍ବେକ୍ଷଣ ଦ୍ୱାରା କେଉଁ କୃଷକ କେତେ ପରିମାଣ ଚାଷ କରିଛନ୍ତି ତାହା ଠିକ୍‌ଭାବେ ଜଣାପଡିବ। ଏହାଦ୍ୱାରା ସରକାରୀ ଯୋଜନାର ଠିକ୍ ରୂପାୟନ ହୋଇପାରିବ। ଆସନ୍ତା ୧୬ରୁ ସେପ୍ଟେମ୍ବର ୩୦ ତାରିଖ ପର୍ଯ୍ୟନ୍ତ ଫସଲ ସର୍ବେକ୍ଷଣ କରାଯିବ ବୋଲି ସେ କହିଛନ୍ତି। ଏହି କାର୍ଯ୍ୟକ୍ରମରେ ଡେପୁଟି କଲେକ୍ଟର ଲକ୍ଷ୍ମଣ ଅମାତ୍, ମୃତ୍ତିକା ସଂରକ୍ଷଣ ପ୍ରକଳ୍ପ ନିର୍ଦ୍ଦେଶକ ଦେବାଶିଷ ଜଗଦେବ, ଉଦ୍ୟାନ କୃଷିର ସହାୟକ ନିର୍ଦ୍ଦେଶକ ଅନ୍ତର୍ଯ୍ୟାମୀ ସାହୁ, ମତ୍ସ୍ୟ ଅଧିକାରୀ ଅଶୋକ ଇଣ୍ଡର, ବ୍ଲକ କୃଷି ଅଧିକାରୀ ମନୋଜ କୁମାର ମାରାଣ୍ଡି, ଜିଲାସ୍ତରୀୟ ମାଷ୍ଟର ଟ୍ରେନର ସ୍ୱୟଂଶିଖା ପ୍ରିୟଦର୍ଶିନୀଙ୍କ ସମେତ କୃଷି, ରାଜସ୍ୱ ବିଭାଗ କର୍ମଚାରୀ ଉପସ୍ଥିତ ଥିଲେ।

# 'ଛାତ୍ରୀଛାତ୍ର ଭଲ ମଣିଷ ହୁଅନ୍ତୁ'

ବ୍ରଜରାଜନଗର, ୧୪।୮ (ବିଜୟ ବରାଡ଼)




କାର୍ଯ୍ୟକ୍ରମରେ ମନ୍ତ୍ରୀ ସୁରେଶ ପୂଜାରୀ ଓ ଅନ୍ୟ ଅତିଥିବୃନ୍ଦ।

ବ୍ରଜରାଜନଗର କଲେଜର ୪୮ତମ ପ୍ରତିଷ୍ଠା ଦିବସ କଲେଜ ପ୍ରେକ୍ଷାଳୟରେ ଗୁରୁବାର ପାଳିତ ହୋଇଯାଇଛି। କଲେଜ ଅଧକ୍ଷ ବିଜୟ କୁମାର ସାହୁଙ୍କ ସଭାପତିତ୍ୱରେ ଅନୁଷ୍ଠିତ କାର୍ଯ୍ୟକ୍ରମରେ ମୁଖ୍ୟ ଅତିଥିଭାବେ ରାଜସ୍ୱ ମନ୍ତ୍ରୀ ସୁରେଶ ପୂଜାରୀ ଯୋଗଦେଇ କହିଛନ୍ତି, ଛାତ୍ରୀଛାତ୍ର ଶିକ୍ଷାଲାଭ କରି ଭଲ ମଣିଷ ହେବା ସହ ବିଭିନ୍ନ କ୍ଷେତ୍ରରେ ସୁନାମ ଅର୍ଜନ କରନ୍ତୁ। ସମ୍ମାନିତ ଅତିଥି ଭାବେ ଏମ୍‌ସିଏଲ୍ ଇବ୍ ଭ୍ୟାଲି ଏରିଆ ମହାପ୍ରବନ୍ଧକ ଜିତେନ୍ଦ୍ର ତିୱାରୀ ଯୋଗଦେଇ କଲେଜର ବିକାଶ ପାଇଁ ତାଙ୍କ ସଂସ୍ଥା ସବୁ ପ୍ରକାର ସହଯୋଗ ଯୋଗାଇଦେବ ବୋଲି ପ୍ରତିଶ୍ରୁତି ଦେଇଛନ୍ତି। ଏହି ଅବସରରେ କଲେଜ ତରଫରୁ ଯୁକ୍ତ ୩ ପରୀକ୍ଷାରେ ସମ୍ବଲପୁର ବିଶ୍ୱବିଦ୍ୟାଳୟ ଶିକ୍ଷା ସମ୍ମାନ ବିଭାଗରେ ଟପ୍ପର ହୋଇଥିବା ରାକ୍ଷୀ କଣ୍ଡା ଏବଂ ଯୁକ୍ତ ୨ କଳା, ବିଜ୍ଞାନ ଓ ବାଣିଜ୍ୟ ବିଭାଗରେ କୃତିତ୍ୱ ଅର୍ଜନ କରିଥିବା ଛାତ୍ରୀଛାତ୍ରଙ୍କୁ ସମ୍ବର୍ଦ୍ଧିତ କରାଯାଇଥିଲା। ବରିଷ୍ଠ ଅଧ୍ୟାପିକା ଡକ୍ଟର ଋତୁପର୍ଣ୍ଣା ମହାନ୍ତି କାର୍ଯ୍ୟକ୍ରମ ସଂଯୋଜନା କରିଥିଲେ। ଏହି କାର୍ଯ୍ୟକ୍ରମରେ କଲେଜର ପୂର୍ବତନ ଅଧକ୍ଷ ପ୍ରଫେସର ଟହଲୁ ସାହୁ, ପ୍ରଫେସର ପ୍ରତାପ ବେହେରା, ଡକ୍ଟର ବିଶ୍ୱଜିତ୍ ଖମାରୀ, ସମୀର ରଞ୍ଜନ ନାୟକଙ୍କ ସମେତ ବ୍ରଜରାଜନଗର ଅଞ୍ଚଳର ବହୁ ମାନ୍ୟଗଣ୍ୟ ବ୍ୟକ୍ତି ଉପସ୍ଥିତ ଥିଲେ। କଲେଜ ଜାତୀୟ ସେବା ଯୋଜନା ଆନୁକୂଲ୍ୟରେ ପ୍ରୋଗ୍ରାମ ଅଫିସର ଅଧ୍ୟାପିକା ପୁଷ୍ପାଞ୍ଜଳି ସାହୁ ଓ ଅଧ୍ୟାପକ ଲୁଗୁ ଚରଣ ମାରାଣ୍ଡିଙ୍କ ତତ୍ତ୍ୱାବଧାନରେ ଚାରାରୋପଣ କାର୍ଯ୍ୟକ୍ରମ ଅନୁଷ୍ଠିତ ହୋଇଥିଲା। ଏଥିରେ ମୁଖ୍ୟ ଅତିଥି ମନ୍ତ୍ରୀ ପୂଜାରୀ ଏବଂ ସମ୍ମାନିତ ଅତିଥି ତିୱାରୀ ଚାରାରୋପଣ କରିଥିଲେ। କଲେଜ ପ୍ରଶାସନିକ ଅଧିକାରୀ ସୁପ୍ରକାଶ ଚୌଧୁରୀ, ପ୍ରାଧ୍ୟାପକ ଭାଗୀରଥି ତ୍ରିପାଠୀ, ସଞ୍ଜୀବ ନାୟକ, ବିକ୍ରମ ପ୍ରଧାନ, ଅଧ୍ୟାପିକା ଲଳିତା ପ୍ରଧାନ, ପଦ୍ମାବତୀ ମହାପାତ୍ର, ଦୀପିକା କେରକେଟ୍ଟା, ଶ୍ୟାମା ଯାଦବ, ସସ୍ମିତା ତ୍ରିପାଠୀ, ବରିଷ୍ଠ ଅଧ୍ୟାପକ ଶ୍ରୀକର ଭୋଇଙ୍କ ସମେତ ଅନ୍ୟମାନେ କାର୍ଯ୍ୟକ୍ରମ ପରିଚାଳନାରେ ସହଯୋଗ କରିଥିଲେ।

**ବ୍ରଜରାଜନଗର କଲେଜ ପ୍ରତିଷ୍ଠା ଦିବସ**


यूनियन बैंक ऑफ़ इंडिया | Union Bank of India | भारत सरकार का उपक्रम | A Government of India Undertaking

**କ୍ଷେତ୍ରୀୟ କାର୍ଯ୍ୟାଳୟ: ଭୁବନେଶ୍ୱର**
୩/୧ଏ, ସିଭିକ୍ ସେଣ୍ଟର, ଆଇଆର୍‌ସି ଭିଲେଜ, ନୟାପଲ୍ଲୀ, ଭୁବନେଶ୍ୱର-୭୫୧୦୧୫

**ଦଖଲ ନୋଟିସ୍**
(ସ୍ଥାବର ସମ୍ପତ୍ତି ନିମନ୍ତେ)

[ସିକ୍ୟୁରିଟୀ ଇଣ୍ଟରେଷ୍ଟ (ଏନ୍‌ଫୋର୍ସମେଣ୍ଟ) ରୁଲ୍ସ -୨୦୦୨ ଅନ୍ତର୍ଗତ ରୁଲ୍ ୮(୧)]

ଯେହେତୁ ନିମ୍ନସ୍ୱାକ୍ଷରକାରୀ **ୟୁନିୟନ୍ ବ୍ୟାଙ୍କ ଅଫ୍ ଇଣ୍ଡିଆ, ସମ୍ପୃକ୍ତ ଶାଖା**ର କ୍ଷମତାପ୍ରାପ୍ତ ଅଧିକାରୀଙ୍କ ଦ୍ୱାରା ସିକ୍ୟୁରିଟାଇଜେସନ୍ ଆଣ୍ଡ୍ ରିକନ୍‌ଷ୍ଟ୍ରକସନ୍ ଅଫ୍ ଫାଇନାନ୍‌ସିଆଲ୍ ଆସେଟ୍ସ ଆଣ୍ଡ୍ ଏନ୍‌ଫୋର୍ସମେଣ୍ଟ ଅଫ୍ ସିକ୍ୟୁରିଟୀ ଇଣ୍ଟରେଷ୍ଟ ଆକ୍ଟ, ୨୦୦୨ (୨୦୦୨ର ଆକ୍ଟ ୫୪) ଏବଂ କଥିତ ଆକ୍ଟର ଧାରା ୧୩(୧୨) ସହିତ ସିକ୍ୟୁରିଟୀ ଇଣ୍ଟରେଷ୍ଟ (ଏନ୍‌ଫୋର୍ସମେଣ୍ଟ) ରୁଲ୍ସ, ୨୦୦୨ର ରୁଲ୍ ୩ ଅନୁସାରେ ପ୍ରଦତ୍ତ କ୍ଷମତା ପ୍ରୟୋଗ କରି ନିମ୍ନବର୍ଣ୍ଣିତ ଋଣ ଆକାଉଣ୍ଟର ଋଣଗ୍ରହୀତା/କୋ-ଆପ୍ଲିକାଣ୍ଟ/କୋ-ଓବ୍ଲିଗାଣ୍ଟ/ଗ୍ୟାରେଣ୍ଟିଦାତା/ବନ୍ଧକଦାତାମାନଙ୍କୁ ଡିମାଣ୍ଡ ନୋଟିସ୍ ଜାରି କରାଯାଇ ନୋଟିସ୍ ମାଧ୍ୟମରେ ନିମ୍ନରେ ଦର୍ଶାଯାଇଥିବା ରାଶି ସହିତ ସେବାବଦ ସୁଧ ଓ ଅନ୍ୟାନ୍ୟ ଦେୟ ନୋଟିସ୍ ପ୍ରାପ୍ତି ତାରିଖ ଠାରୁ **୬୦ଦିନ** ମଧ୍ୟରେ ପଇଠ କରିବାକୁ କୁହାଯାଇଥିଲା । ଯେହେତୁ ଋଣଗ୍ରହୀତାମାନେ ଋଣ ପଇଠ କରିବାରେ ବିଫଳ ହେଲେ, ତେଣୁ ବିଶେଷ କରି ଋଣଗ୍ରହୀତା/କୋ-ଆପ୍ଲିକାଣ୍ଟ/କୋ-ଓବ୍ଲିଗାଣ୍ଟ/ଗ୍ୟାରେଣ୍ଟିଦାତା/ବନ୍ଧକଦାତା ଏବଂ ସର୍ବସାଧାରଣଙ୍କୁ ଜଣାଇଦିଆଯାଉଅଛି ଯେ କଥିତ ଆକ୍ଟର ଧାରା ୧୩(୪) ସହିତ ରୁଲ୍ ୮ ଅନୁଯାୟୀ ନ୍ୟସ୍ତ ହୋଇଥିବା କ୍ଷମତା ଅନୁସାରେ କ୍ଷମତାପ୍ରାପ୍ତ ଅଧିକାରୀ ନିମ୍ନରେ ବର୍ଣ୍ଣିତ ହୋଇଥିବା ସମ୍ପତ୍ତିଗୁଡିକୁ ଦଖଲକୁ ନେଇଛନ୍ତି। **ଏତଦ୍‌ଦ୍ୱାରା ଋଣଗ୍ରହୀତାଙ୍କ ଦୃଷ୍ଟି ଆକର୍ଷଣ କରାଯାଉଅଛି କି କଥିତ ଆକ୍ଟର ଧାରା ୧୩ର ଉପଧାରା (୮) ଅନୁଯାୟୀ ସୁରକ୍ଷିତ ବନ୍ଧକ ସମ୍ପତ୍ତିକୁ ସମୟ ଥିବା ପୂର୍ବରୁ ବନ୍ଧକମୁକ୍ତ କରନ୍ତୁ।** ଏତଦ୍‌ଦ୍ୱାରା ବିଶେଷ କରି ଋଣଗ୍ରହୀତା/କୋ-ଆପ୍ଲିକାଣ୍ଟ/କୋ-ଓବ୍ଲିଗାଣ୍ଟ/ଗ୍ୟାରେଣ୍ଟିଦାତା/ବନ୍ଧକଦାତା ଏବଂ ସର୍ବସାଧାରଣଙ୍କୁ ସତର୍କ କରିଦିଆଯାଉଅଛି ଯେ ନିମ୍ନରେ ବର୍ଣ୍ଣିତ ହୋଇଥିବା ସମ୍ପତ୍ତିଗୁଡିକ ସହିତ କୌଣସି ପ୍ରକାର କାରବାର କରିବେ ନାହିଁ ଏବଂ ସମ୍ପତ୍ତିଗୁଡିକ ଉପରେ କୌଣସି ପ୍ରକାର କାରବାର ପାଇଁ ନିମ୍ନରେ ଦର୍ଶାଯାଇଥିବା ରାଶି ସହିତ ସେବାବଦ ସୁଧ, ଆନୁସଙ୍ଗିକ ଖର୍ଚ୍ଚ, ଆଇନଗତ ଖର୍ଚ୍ଚ ଓ ଦେୟ ନିମନ୍ତେ **ୟୁନିୟନ୍ ବ୍ୟାଙ୍କ ଅଫ୍ ଇଣ୍ଡିଆ, ସମ୍ପୃକ୍ତ ଶାଖା** ନିକଟରେ ଉତ୍ତରଦାୟୀ ରହିବେ।

| ଶାଖା / ଋଣଗ୍ରହୀତା/କୋ-ଆପ୍ଲିକାଣ୍ଟ/କୋ-ଓବ୍ଲିଗାଣ୍ଟ/ଗ୍ୟାରେଣ୍ଟିଦାତା/ବନ୍ଧକଦାତାମାନଙ୍କ ନାମ ଏବଂ ଠିକଣା | ନୋଟିସ୍ ଅନୁଯାୟୀ ବକେୟା ଦେୟ (ଟଙ୍କାରେ) | ଡିମାଣ୍ଡ ନୋଟିସ୍ ତାରିଖ/ଦଖଲ ତାରିଖ | ସ୍ଥାବର ସମ୍ପତ୍ତିଗୁଡିକର ବିବରଣୀ |
|---|---|---|---|
| **ବାଲୁଗାଁ ଶାଖା /** **ଋଣଗ୍ରହୀତା/ବନ୍ଧକଦାତା: ଶ୍ରୀ ରାଜକିଶୋର ପ୍ରଧାନ,** ପିତା: ଦାମୋଦର ପ୍ରଧାନ / **କୋ-ଓବ୍ଲିଗାଣ୍ଟ/ଗ୍ୟାରେଣ୍ଟିଦାତା: ଶ୍ରୀ କାହ୍ନୁ ଚରଣ ପ୍ରଧାନ,** ପିତା: ଦାମୋଦର ପ୍ରଧାନ, ଉଭୟଙ୍କ ଠିକଣା- ସା: ବଡଅଁଳ, ପୋ: ପାରିକୁଦ, ଜିଲ୍ଲା: ପୁରୀ, ପିନ୍-୭୫୨୦୧୧ | ଟ.୫,୯୮,୯୦୪.୬୩ + ସେବାବଦ ସୁଧ | ୦୮.୦୫.୨୦୨୫ / ୧୩.୦୮.୨୦୨୫ | ଶ୍ରୀ ରାଜକିଶୋର ପ୍ରଧାନଙ୍କ ନାମରେ ଥିବା ବାସୋପଯୋଗୀ ଜମି ଏବଂ ଗୃହ ଯାହାର (୧) ଖାତା ନଂ.: ୪୪୦/୨୯୧, ପ୍ଲଟ୍ ନଂ.: ୧୨୨୭/୨୧୫୨, କ୍ଷେତ୍ର: ଏକର ୦.୦୨୫ ଡିସିମିଲି ଯାହା ୧୦୮୯ ବର୍ଗଫୁଟ, କିସମ: ଘରବାରୀ ଏବଂ (୨) ଖାତା ନଂ.: ୪୪୦/୫୮୨, ପ୍ଲଟ୍ ନଂ.: ୧୨୨୭/୨୪୪୦, କ୍ଷେତ୍ର: ଏକର ୦.୦୧୫ ଡିସିମିଲି ଯାହା ୬୫୩ ବର୍ଗଫୁଟ, ସମୁଦାୟ ୨ଟି ଖାତା ଏବଂ ୨ ପ୍ଲଟ୍‌ର କ୍ଷେତ୍ର: ଏକର ୦.୦୪୦ ଡିସିମିଲି ଯାହା ୧୭୪୨ ବର୍ଗଫୁଟ, କିସମ: ଘରବାରୀ, ମୌଜା: ମାଲୁଦଖାସ, ଥାନା/ତହସିଲ: କୃଷ୍ଣପ୍ରସାଦ, ଜିଲ୍ଲା: ପୁରୀ, ଓଡ଼ିଶା |
| **ଓମ୍‌ଫେଡ୍ ସ୍କୋୟାର ଶାଖା /** **ଋଣଗ୍ରହୀତା/ବନ୍ଧକଦାତା: ଶ୍ରୀ ସୁନିଲ୍ କୁମାର କାଣ୍ଡିକୁପ୍ପା,** ପିତା: ଶ୍ରୀ ସାମ୍ବଶିବ ରାଓ କାଣ୍ଡିକୁପ୍ପା / **କୋ-ଆପ୍ଲିକାଣ୍ଟ /ବନ୍ଧକଦାତା: ଶ୍ରୀମତୀ ସୁନିତା କାଣ୍ଡିକୁପ୍ପା,** ସ୍ୱାମୀ: ଶ୍ରୀ ସୁନିଲ୍ କୁମାର କାଣ୍ଡିକୁପ୍ପା, ଉଭୟଙ୍କ ଠିକଣା- ସା: ଫ୍ଲାଟ୍ ନଂ.: କେ-୪୦୨, ବ୍ଲକ୍-ବି, ସାଇ ପ୍ରିମିୟମ୍ ଆପାର୍ଟମେଣ୍ଟ, ଡମଣା ହାଟ ନିକଟ, ଶୈଳଶ୍ରୀ ବିହାର, ଭୁବନେଶ୍ୱର-୭୫୧୦୨୧ | ଟ.୫୮,୯୫,୭୭୧.୫୯ + ସେବାବଦ ସୁଧ | ୨୧.୦୫.୨୦୨୫/ ୧୨.୦୮.୨୦୨୫ | ଖାଲି ଥିବା ପ୍ଲଟ୍/ଜମି ଯାହାର ଖାତା ନଂ.: ୬୧୯/୧୬୮୬, ପ୍ଲଟ୍ ନଂ.: ୪/୬୮୫୫, ମୌଜା: ଭୁବନେଶ୍ୱର ସହର ୟୁନିଟ୍ ନଂ.: ୪୧ ଚନ୍ଦ୍ରଶେଖରପୁର, ତହସିଲ: ଭୁବନେଶ୍ୱର (ନଂ.:୨୫୯), ଥାନା: ନିଉ କ୍ୟାପିଟାଲ୍ (ନଂ.:୨୩), ଏସ୍‌ଆର୍‌ଓ: ଖଣ୍ଡଗିରି, ଜିଲ୍ଲା: ଖୋର୍ଦ୍ଧା, ଓଡ଼ିଶା-୭୫୧୦୨୧, **ସମୁଦାୟ ଜମିର କ୍ଷେତ୍ର: ଏକର ୦.୦୫୭ ଡିସିମିଲି (୨୪୫୭ ବର୍ଗଫୁଟ),** ଅନୁରୂପ ଜି.ଏ ପ୍ଲଟ୍ ନଂ.: ୫୭୮, ଡ୍ରଇଂ ନଂ.: ବି/୧୩୨, ଏହାର ଚାରିପାର୍ଶ୍ୱରେ ଉତ୍ତର: ପ୍ଲଟ୍ ନଂ.: ୫୭୯, ଦକ୍ଷିଣ: ପ୍ଲଟ୍ ନଂ.: ୫୭୭, ପୂର୍ବ: ପ୍ଲଟ୍ ନଂ.: ୫୬୧, ପଶ୍ଚିମ: ରାସ୍ତା |
| **ପୁବାଶାସନ ଶାଖା /** **ଋଣଗ୍ରହୀତା: ଶ୍ରୀ ରାଜେଶ କୁମାର ବେହେରା,** ପିତା: ରବି ନାରାୟଣ ବେହେରା / **ବନ୍ଧକଦାତା/ଗ୍ୟାରେଣ୍ଟିଦାତା: ଶ୍ରୀ କପିଳ ବେହେରା,** ପିତା: ରବି ନାରାୟଣ ବେହେରା, ଉଭୟଙ୍କ ଠିକଣା- ସା: ଧାନପୁର, ପିପିଲି, ପୁରୀ, ଓଡ଼ିଶା-୭୫୨୧୦୪ | ଟ.୧୩,୮୯,୧୩୫.୦୧ + ସେବାବଦ ସୁଧ | ୩୦.୦୪.୨୦୨୫ / ୧୨.୦୮.୨୦୨୫ | **ଶ୍ରୀ କପିଳ ବେହେରା**ଙ୍କ ନାମରେ ଥିବା ବାସୋପଯୋଗୀ ଜମି ଏବଂ ଗୃହ ଯାହାର ପ୍ଲଟ୍ ନଂ.: ୩୭/୩୨୯, ଖାତା ନଂ.: ୧୦୧/୧୧୦, କ୍ଷେତ୍ର: ଏକର ୦.୦୭୦ ଡିସିମିଲି, ମୌଜା: ଧାନପୁର, ପୋ: ପିପିଲି, ଥାନା: ପିପିଲି, ଜିଲ୍ଲା: ପୁରୀ, ଓଡ଼ିଶା |
| **ଖୋର୍ଦ୍ଧା ଶାଖା /** **ଋଣଗ୍ରହୀତାମାନେ: ୧) ଶ୍ରୀ ଶୁଭ୍ରାଂଶୁ ସାହୁ,** ପିତା: ଚୈତନ୍ୟ ସାହୁ, **୨) ଶ୍ରୀମତୀ ଉମାରାଣୀ ସାହୁ (ବନ୍ଧକଦାତା),** ସ୍ୱାମୀ: ଚୈତନ୍ୟ ସାହୁ, **୩) ଶ୍ରୀ ଚୈତନ୍ୟ ସାହୁ (ବନ୍ଧକଦାତା),** ପିତା: ୰ ଗଙ୍ଗାଧର ସାହୁ, ସମସ୍ତଙ୍କ **ଠିକଣା-୧:** ସା: ପୁଆଣିଆ, ପୋ: ଅସରଳା, ଭାୟା: ପିଚୁକୁଳି, ଥାନା/ବ୍ଲକ୍: ବୋଲଗଡ, ଜିଲ୍ଲା: ଖୋର୍ଦ୍ଧା, ପିନ୍-୭୫୨୦୬୪, **ଠିକଣା-୨:** ରେ-୫୯, ମଙ୍ଗଳା ସାହି, କସ୍ମୋପଲିସ୍ ନିକଟ, ଆଇଗିଣିଆ, ଭୁବନେଶ୍ୱର-୭୫୧୦୧୯ | ଟ.୧୧,୪୨,୮୯୬.୫୭ + ସେବାବଦ ସୁଧ | ୨୨.୦୫.୨୦୨୫ / ୧୨.୦୮.୨୦୨୫ | ଶ୍ରୀମତୀ ଉମାରାଣୀ ସାହୁ ଏବଂ ଶ୍ରୀ ଚୈତନ୍ୟ ସାହୁଙ୍କ ନାମରେ ଥିବା ବାସୋପଯୋଗୀ ଜମି ଏବଂ ଗୃହ ଯାହାର ପ୍ଲଟ୍ ନଂ.: ୫୨୦, ଖାତା ନଂ.: ୧୨୮ ଏବଂ ମ୍ୟୁଟେସନ୍ ଖାତା ନଂ.: ୩୮୭/୬୬, ମ୍ୟୁଟେସନ୍ ପ୍ଲଟ୍ ନଂ.: ୫୨୦, ତହସିଲ/ଥାନା/ମୌଜା: ବୋଲଗଡ, ଥାନା ନଂ.: ୧୫୬, ତହସିଲ ନଂ.: ୧୫୬, ଜିଲ୍ଲା: ଖୋର୍ଦ୍ଧା, କ୍ଷେତ୍ର: ଏକର ୦.୧୯୦ ଡିସିମିଲି, କିସମ: ଘରବାରୀ, ସ୍ୱତ୍ୱ: ସ୍ଥିତିବାନ |

**ସ୍ଥାନ: ଭୁବନେଶ୍ୱର**
**ତାରିଖ: ୧୪.୦୮.୨୦୨୫**

ସ୍ୱା/- ମୁଖ୍ୟ ପ୍ରବନ୍ଧକ ଏବଂ କ୍ଷମତାପ୍ରାପ୍ତ ଅଧିକାରୀ
ୟୁନିୟନ୍ ବ୍ୟାଙ୍କ ଅଫ୍ ଇଣ୍ଡିଆ

## ସଂକ୍ଷେପରେ

### ଯୁବକଙ୍କ କଇଁଚି ଆକ୍ରମଣରେ ବୃଦ୍ଧ ଗୁରୁତର

ନୂଆପଡ଼ା,୧୪।୮ (ମକାରୁ ବେମାଲ): ନୂଆପଡ଼ା ଜିଲା କୋମନା ଥାନା ଅନ୍ତର୍ଗତ ପଲସିପାଣି ପଞ୍ଚାୟତ କସିପଲା ଗାଁରେ ଗୁରୁବାର ଜଣେ ଯୁବକଙ୍କ କଇଁଚି ଆକ୍ରମଣରେ ବୃଦ୍ଧ ଗୁରୁତର ହୋଇଛନ୍ତି। ଆହତ ବୃଦ୍ଧ କାସିପଲା ଗାଁର ଡୋଲାମଣି ଖର୍ସେଲ (୫୫)। ଅଭିଯୋଗ ଅନୁଯାୟୀ ଅପରାହ୍ନରେ ଡୋଲାମଣି ନିଜ ଘରୁ ଗାଈ ନେଇ ଚରାଇବା ପାଇଁ ଜଣେ ଭାଗ ଚାଷୀଙ୍କ ଜମିକୁ ନେଇଥିଲେ। ସେ ସମୟରେ ଭାଗଚାଷୀଙ୍କ ପୁତୁରା ଆମ ଜମିରେ କାହିଁକି ଗାଈ ଚରାଉଛ କହି ଡୋଲାମଣିଙ୍କୁ ପ୍ରଥମେ ଠେଙ୍ଗାରେ ପ୍ରହାର କରିଥିଲେ। ଠେଙ୍ଗାକୁ ଡୋଲାମଣି ହାତରେ ଧରି ପକାଇବାରୁ ସମ୍ପୃକ୍ତ ଯୁବକ ଜଣକ ଏକ କଇଁଚିରେ ଆକ୍ରମଣ କରିଥିଲେ। ଏଥିରେ ତାଙ୍କ ଛାତି ଓ ବାମ ହାତ ବାହୁରେ ଗଭୀର ଆଘାତ ଲାଗିଛି। ପରିବାର ଲୋକେ ତାଙ୍କୁ ଉଦ୍ଧାର କରି ନୂଆପଡା ଜିଲା ମୁଖ୍ୟ ଚିକିତ୍ସାଳୟରେ ଭର୍ତ୍ତି କରିଛନ୍ତି। ଏ ନେଇ ତରବୋଡ ଫାଣ୍ଡିରେ ଲିଖିତ ଅଭିଯୋଗ ପରେ ପୋଲିସ ଘଟଣାର ତଦନ୍ତ ଆରମ୍ଭ କରିଛି।

### ନୂତନ ବିଜେଡି ଜିଲା ସଭାପତିଙ୍କୁ ସମ୍ବର୍ଦ୍ଧନା

ଜୟପାଟଣା,୧୪।୮ (ଓମ୍ ପ୍ରକାଶ ବୈଠାରୁ): କଳାହାଣ୍ଡି ଜିଲାର ନୂତନ ବିଜେଡି ଜିଲା ସଭାପତି ତଥା ଲାଞ୍ଜିଗଡ଼ ବିଧାୟକ ପ୍ରଦୀପ କୁମାର ଦିଶାରୀଙ୍କୁ ଭବ୍ୟ ସ୍ୱାଗତ ସମ୍ବର୍ଦ୍ଧନା ଦିଆଯାଇଛି। ଜୟପାଟଣା ବ୍ଲକ ବାନେର ମା' ଡୋକରିବୁଢ଼ୀ ମନ୍ଦିରଠାରୁ ଏକ ବାଇକ୍ ଶୋଭାଯାତ୍ରାରେ ଜିଲା ସଭାପତି ଦିଶାରୀଙ୍କୁ ହୀରାପୁର ପର୍ଯ୍ୟନ୍ତ ନିଆଯାଇଥିଲା। ଏଥିରେ ଅଞ୍ଚଳର ବହୁ ବିଜେଡି କର୍ମୀ, ମହିଳା ଓ ଜନସାଧାରଣ ସାମିଲ ହୋଇଥିଲେ। ଜିଲାରେ ବିଜେଡି ସଙ୍ଗଠନକୁ ମଜଭୁତ କରିବା ସହ ଆଗାମୀ ଦିନରେ ପଞ୍ଚାୟତ ତଥା ସାଧାରଣ ନିର୍ବାଚନରେ ଦଳକୁ ବିଜୟୀ କରିବା ଲକ୍ଷ୍ୟ ରହିବ ବୋଲି ଜିଲା ସଭାପତି ଦିଶାରୀ କହିଛନ୍ତି। ଅନ୍ୟପକ୍ଷରେ ରାଜ୍ୟରେ ଭାଜପା ସରକାର ବିରୋଧରେ ଆବଶ୍ୟକ ପଦକ୍ଷେପ ଗ୍ରହଣ କରି ସାଧାରଣ ଜନତାଙ୍କ ଦାବିଗୁଡ଼ିକୁ ବିଧାନସଭା ତଥା ବିଧାନସଭା ବାହାରେ ଉପସ୍ଥାପନ କରିବି ବୋଲି ସେ କହିଛନ୍ତି।

### ବିଶ୍ୱ ସଂସ୍କୃତ ସପ୍ତାହ

ନୂଆପଡ଼ା,୧୪।୮ (ମକାରୁ ବେମାଲ) : ନୂଆପଡ଼ା ଜିଲା କୋମନା ବ୍ଲକ ସିଲଭା ପଞ୍ଚାୟତ ଛିଦପାଣି ଉଚ୍ଚ ବିଦ୍ୟାଳୟରେ ବିଶ୍ୱ ସଂସ୍କୃତ ସପ୍ତାହ ଉଦ୍‌ଯାପିତ ହୋଇଯାଇଛି। ପ୍ରଧାନ ଶିକ୍ଷୟିତ୍ରୀ ଉମାବତୀ ରଣାଙ୍କ ଅଧ୍ୟକ୍ଷତାରେ ଆୟୋଜିତ ଉଦ୍‌ଯାପନ ସମାରୋହରେ କୋମନା ଏବିଇଓ ବଳମତ ମାଝି ମୁଖ୍ୟଅତିଥି, ପ୍ରକୃତି ବନ୍ଧୁ ତଥା ଆକାଂକ୍ଷୀ ଜିଲା ସଂଯୋଜକ ନୂଆପଡା ଅରଦୁଣ ବିଶ୍ୱାଳ ମୁଖ୍ୟବକ୍ତା ଓ ଲଖନା ସିଆର୍‌ସିସି କମଳା କାନ୍ତ ଦାସ, କୁରୁମପୁରି ସିଆର୍‌ସିସି ଅନନ୍ତ ରାମ ଦୀପ, ସ୍ୱେଚ୍ଛାସେବୀ ଜଗବତୀ ଦାସ ପ୍ରମୁଖ ସମ୍ମାନିତ ଅତିଥି ଭାବରେ ଯୋଗଦେଇ ସଂସ୍କୃତ ଭାଷାର ପ୍ରଚାର ପ୍ରସାର ଉପରେ ମତବ୍ୟକ୍ତ କରିଥିଲେ। ଏହି ଅବସରରେ ବସ୍ତୁ ପ୍ରଦର୍ଶନୀରେ ଛାତ୍ରୀଛାତ୍ର ୫୫୦ ବସ୍ତୁର ସଂସ୍କୃତ ନାମ ଦେଖାଇଥିଲେ। ଛାତ୍ରୀଛାତ୍ରଙ୍କ ମଧ୍ୟରେ ନାଚ, ଗୀତ ପ୍ରତିଯୋଗିତା ହୋଇଥିଲା।

# ସମନ୍ୱୟ ରଖି କାର୍ଯ୍ୟ କରିବାକୁ ପରାମର୍ଶ

## ଦିଶା କମିଟି ବୈଠକ

ଭବାନୀପାଟଣା,୧୪।୮ (ଉତ୍ତମ କୁମାର ଦାଶ)



ବୈଠକରେ ଉପସ୍ଥିତ ଲୋକ ପ୍ରତିନିଧି ଓ ଅଧିକାରୀମାନେ।

କଳାହାଣ୍ଡି ଜିଲା ଭବାନୀପାଟଣାସ୍ଥିତ ଜିଲା ପରିଷଦ ସମ୍ମିଳନୀ ଗୃହରେ ଗୁରୁବାର ଜିଲା ଉନ୍ନୟନ ସମନ୍ୱୟ ଏବଂ ପର୍ଯ୍ୟାଲୋଚନା ସମିତି (ଦିଶା) ବୈଠକ ଅନୁଷ୍ଠିତ ହୋଇଯାଇଛି। କଳାହାଣ୍ଡି ଲୋକ ସଭା ସାଂସଦ ମାଳବିକା ଦେବୀଙ୍କ ଅଧ୍ୟକ୍ଷତାରେ ଅନୁଷ୍ଠିତ ବୈଠକରେ ଜିଲା ପରିଷଦ ଅଧ୍ୟକ୍ଷ ପୁଷ୍ପେନ୍ଦ୍ର ସିଂଦେଓ, ଜିଲାପାଳ ପାୱାର ସଚିନ ପ୍ରକାଶ, ଜିଲା ପରିଷଦ ମୁଖ୍ୟ ଉନ୍ନୟନ ଅଧିକାରୀ ଦୟାମୟ ପାଢ଼ୀ, ଉତ୍ତର ବନଖଣ୍ଡ ଅଧିକାରୀ ରମେଶ କୁମାର, ଦକ୍ଷିଣ ବନଖଣ୍ଡ ଅଧିକାରୀ ଆର୍ କାଲାଇ ଭାନନ, ଧର୍ମଗଡ଼ ଉପଜିଲାପାଳ ପ୍ରେକ୍ଷା ଅଗ୍ରୱାଲ ପ୍ରମୁଖ ଯୋଗ ଦେଇଥିଲେ। ପ୍ରଥମେ ଜିଲା ପରିଷଦ ମୁଖ୍ୟ ଉନ୍ନୟନ ଅଧିକାରୀ ପାଢ଼ୀ ବୈଠକରେ ଉପସ୍ଥିତ ସମସ୍ତଙ୍କୁ ସ୍ୱାଗତ କରି ଜିଲାରେ କାର୍ଯ୍ୟକାରୀ ହେଉଥିବା କେନ୍ଦ୍ର ଓ ରାଜ୍ୟ ଯୋଜନାର ସଫଳ ରୂପାୟନ ଉପରେ ଗୁରୁତ୍ୱ ଦେଇ ଜନ ପ୍ରତିନିଧି ଓ ସଭା ଅଧ୍ୟକ୍ଷଙ୍କ ବିଭିନ୍ନ ଅଭିଯୋଗ ଉପରେ ମତ ରଖିବାକୁ ଜିଲାସ୍ତରୀୟ ବିଭାଗୀୟ ଅଧିକାରୀଙ୍କୁ କହିଥିଲେ। ଦିଶା ଅଧ୍ୟକ୍ଷା ତଥା ସାଂସଦ ମାଳବିକା ଦେବୀ ଜିଲାରେ କାର୍ଯ୍ୟକାରୀ ହେଉଥିବା ଶିକ୍ଷା, ସ୍ୱାସ୍ଥ୍ୟ, କୃଷି, ଆର୍‌ଡି, ପିଡବ୍ଲ୍ୟୁଡି, ଭତ୍ତା, ଜଳସେଚନ, ବିଦ୍ୟୁତୀକରଣ, ସୁଭଦ୍ରା ଆଦି ଯୋଜନାରର ଅଗ୍ରଗତି, ସଫଳତା ଓ ଲକ୍ଷ୍ୟ ଧାର୍ଯ୍ୟ ପୂରଣ ଉପରେ ସମୀକ୍ଷା କରିଥିଲେ। ସେହିପରି ଜିଲାର ବିକାଶ ପାଇଁ ସମସ୍ତ ବିଭାଗୀୟ ଅଧିକାରୀ ନିଜ ବିଭାଗ ମଧ୍ୟରେ ସମନ୍ୱୟ ରଖି କାର୍ଯ୍ୟ କରିବାକୁ ପରାମର୍ଶ ଦେଇଥିଲେ। ଏହି ବୈଠକରେ ଜିଲାର ସମସ୍ତ ବ୍ଲକର ଅଧ୍ୟକ୍ଷ, ପୌରପାଳିକା, ଏନ୍‌ଏସି ଅଧ୍ୟକ୍ଷ ଓ ଜିଲା ସ୍ତରୀୟ ବିଭାଗୀୟ ଅଧିକାରୀମାନେ ଉପସ୍ଥିତ ଥିଲେ।

### ଯୁବକ ସଂଘର ନୂତନ କର୍ମକର୍ତ୍ତା ଚୟନ

କର୍ଲାମୁଣ୍ଡା,୧୪।୮ (ପ୍ରଦୀପ କୁମାର ସାହୁ): କଳାହାଣ୍ଡି ଜିଲା କର୍ଲାମୁଣ୍ଡା ବ୍ଲକ ଯୋରାଡବରା ପଞ୍ଚାୟତ କୁଶୁର୍ଲା ହଜାରୀପଡା କଳାରୁଦ୍ର ଯୁବକ ସଂଘର ନୂତନ କର୍ମକର୍ତ୍ତା ଚୟନ କରାଯାଇଛି। ରାମଜୀ ସାଂସ୍କୃତିକ ଅନୁଷ୍ଠାନର ସଭାପତି ସୋମନାଥ ସାହୁଙ୍କ ସଭାପତିତ୍ୱରେ ନୂତନ କର୍ମକର୍ତ୍ତା ଚୟନ କରାଯାଇଥିଲା। ସଭାପତି ଭାବେ ହେମନ୍ତ ସାହୁ, ଉପସଭାପତି କବିରାଜ ସାହୁ, ସମ୍ପାଦକ ଅରବିନ୍ଦ ସାହୁ, ଯୁଗ୍ମ ସମ୍ପାଦିକା ରେଖାଞ୍ଜଳି ସାହୁ, କୋଷାଧ୍ୟକ୍ଷ ହରପ୍ରସାଦ ସାହୁ, ସାଂସ୍କୃତିକ ସମ୍ପାଦକ ଆକାଶ ସାହୁ, କ୍ରୀଡା ସମ୍ପାଦକ ପ୍ରେମଚାନ୍ଦ ସାହୁ, ସାମାଜିକ ଗଣମାଧ୍ୟମ ପରିଚାଳକ ଚୁମନେଶ୍ୱର ସାହୁ, ପରିବେଶ ବିଭାଗ ସରୋଜ ସାହୁ ଚୟନ ହୋଇଛନ୍ତି। ଉପଦେଷ୍ଟା କମିଟି ସଭ୍ୟ ତଥା କଳାରୁଦ୍ର ଯୁବକ ସଂଘର ପୂର୍ବତନ ସଭାପତି ସୋମନାଥ ସାହୁ, ଗୌନ୍ତିଆ କୈଳାଶ ସାହୁ, ୱାର୍ଡସଭ୍ୟ ଡମ୍ବରୁ ସାହୁ, ସୁଶାନ୍ତ ସାହୁ ପ୍ରମୁଖ ଉପସ୍ଥିତ ଥିଲେ। ଶେଷରେ ନୂତନ କର୍ମକର୍ତ୍ତାଙ୍କୁ ଶପଥପାଠ କରାଯାଇଥିଲା।

### ହର୍ ଘର୍ ତ୍ରିରଙ୍ଗା କାର୍ଯ୍ୟକ୍ରମ

ଖଡ଼ିଆଲ,୧୪।୮ (ସୁଜିତ କୁମାର ପ୍ରଧାନ): ନୂଆପଡ଼ା ଜିଲା ଖଡ଼ିଆଲ ଏନ୍‌ଏସି ପକ୍ଷରୁ ଗୁରୁବାର ହର୍ ଘର୍ ତ୍ରିରଙ୍ଗା କାର୍ଯ୍ୟକ୍ରମ ଅନୁଷ୍ଠିତ ହୋଇଯାଇଛି। ଖଡ଼ିଆଲ ଠାକୁରାଣୀ ମନ୍ଦିରଠାରୁ ତ୍ରିରଙ୍ଗା ଶୋଭାଯାତ୍ରା ବାହାରି ଖଡ଼ିଆଲ ବ୍ଲକ୍ ଛକଠାରେ ସମାପନ ହୋଇଥିଲା। ଏଥିରେ ଏନ୍‌ଏସି ଅଧ୍ୟକ୍ଷ ଉଜ୍ଜ୍ୱଳ ଗୁପ୍ତା, ଖଡ଼ିଆଲ ତହସିଲଦାର ନରସିଂହ ଗଡବା, ନିର୍ବାହୀ ଅଧିକାରୀ ସ୍ୱାଧୀନ କେତନ ମହାରଣା, ଅତିରିକ୍ତ ତହସିଲଦାର ତ୍ରିଲୋଚନ ନାଏକ, ସମନ୍ୱିତ ମହିଳା ଓ ଶିଶୁ ବିଭାଗ କର୍ମଚାରୀ, ମହିଳା ସ୍ୱୟଂ ସହାୟକ ଗୋଷ୍ଠୀ, ସରକାରୀ ଓ ବେସରକାରୀ ସ୍କୁଲ ଛାତ୍ରୀଛାତ୍ର ଯୋଗଦେଇଥିଲେ।

ପ୍ରଥମ ଶ୍ରାଦ୍ଧବାର୍ଷିକୀ
ଅଶ୍ରୁଳ ଶ୍ରଦ୍ଧାଞ୍ଜଳି

୰ ଅବନ୍ତୀ କୁମାରୀ ଦେବୀ
ତୁମ ଅମର ଆତ୍ମାର ଶାନ୍ତି ଓ ସଦ୍‌ଗତି ନିମନ୍ତେ ମହାପ୍ରଭୁ ଶ୍ରୀଜଗନ୍ନାଥଙ୍କ ଚରଣ କମଳରେ ଭକ୍ତିପୂତ ଶ୍ରଦ୍ଧାଞ୍ଜଳି ଅର୍ପଣ କରୁଅଛୁ।
ସ୍ୱର୍ଗତ ଡ଼ଃ. ଦୀନବନ୍ଧୁ ଦାଶ ଏବଂ
ସ୍ୱର୍ଗତା ଶ୍ରୀମତୀ ଅବନ୍ତୀ କୁମାରୀ ଦେବୀଙ୍କ ଶୋକାକୁଳ ପରିବାରବର୍ଗ
ଡାଃ ବିଜୟ କେତନ ଦାଶ, ବିଭୂତି ଭୂଷଣ ଦାଶ,
ବିକ୍ରମ ଦାଶ, ସଂଗ୍ରାମ ଦାଶ, ସ୍ନେହପ୍ରଭା ରଥ,
ମଞ୍ଜୁପ୍ରଭା ନନ୍ଦ, କୁଞ୍ଜପ୍ରଭା ହୋତା, କମଳପ୍ରଭା ମହାପାତ୍ର,
ନମିତା ମିଶ୍ର।

# ଟୁଟୁଗୁମ୍ପା ଗାଁରେ ପହଞ୍ଚିଲା ପ୍ରଶାସନ

ଲାଞ୍ଜିଗଡ଼, ୧୪।୮ (ରମେଶ ଚନ୍ଦ୍ର ନାୟକ)


ଗାଁରେ ପହଞ୍ଚିଥିବା ପ୍ରଶାସନିକ ଅଧିକାରୀ।

କଳାହାଣ୍ଡି ଜିଲା ଲାଞ୍ଜିଗଡ ବ୍ଲକ ଭଟାଙ୍ଗପଦର ପଞ୍ଚାୟତ ଅନ୍ତର୍ଗତ ଟୁଟୁଗୁମ୍ପା ଗାଁର ୧୨ରୁ ଊର୍ଦ୍ଧ୍ୱ ଛାତ୍ରୀଛାତ୍ରଙ୍କ ପାଠପଢାରେ ବାଧକ ସାଜିଛି ପାହାଡିଆ ରାସ୍ତା ଓ ନଦୀ ଘଟଣାରେ ଗୁରୁବାର ପ୍ରଶାସନିକ ଅଧିକାରୀ ଗାଁରେ ପହଞ୍ଚିଥିଲେ। ବ୍ଲକ ମଙ୍ଗଳ ସମ୍ପ୍ରସାରଣ ଅଧିକାରୀ ପଙ୍କଜ ବଳିଆର ସିଂ ଓ ଭଟାଙ୍ଗପଦର ପଞ୍ଚାୟତ କାର୍ଯ୍ୟନିର୍ବାହୀ ଅଧିକାରୀ ସୁଶାନ୍ତ ମାଝୀ ଗାଁରେ ପହଞ୍ଚି ଛାତ୍ରୀଛାତ୍ର ଓ ଅଭିଭାବକଙ୍କ ସହ ଆଲୋଚନା କରିଥିଲେ। ସୂଚନାନୁସାରେ ଏହି ଗାଁଟି ଶୂଳିଆ ମୁଖ୍ୟ ରାସ୍ତାଠାରୁ ୮କି.ମି. ଓ ପଞ୍ଚାୟତ କାର୍ଯ୍ୟାଳୟଠାରୁ ୧୩ କି.ମି. ଦୂରରେ ରହିଛି। ପାଖରେ ବିଦ୍ୟାଳୟ ନ ଥିବାରୁ ଗାଁର ପିଲାମାନେ ୮ କି.ମି. ଦୂରରେ ଥିବା କୋଟଡ଼ଘାଟି ପ୍ରାଥମିକ ବିଦ୍ୟାଳୟରେ ନାମ ଲେଖାଇଛନ୍ତି। ଏହି ସ୍କୁଲକୁ ଜଙ୍ଗଲିଆ ରାସ୍ତା ରହିଥିବାବେଳେ ୩ଟି ନଦୀ ଅତିକ୍ରମ କରିବାକୁ ପଡେ। ଏହି ସମସ୍ୟା ଯୋଗୁ ନାମ ଲେଖାଇଥିବା ମନୋଜ ମାଝୀ, ମନ୍ତ ମାଝୀ, ଫୁଲମେ ମାଝୀ, ପବିତ୍ର ମାଝୀ, ଜୟନ୍ତୀ ମାଝୀ, ରଶ୍ମିତା ମାଝୀ, ସରିତା ମାଝୀ, ପ୍ରମିଳା ମାଝୀ ସ୍କୁଲକୁ ଯାଉନାହାନ୍ତି। ଏ ନେଇ ଲାଞ୍ଜିଗଡ ବ୍ଲକ ମଙ୍ଗଳ ସମ୍ପ୍ରସାରଣ ଅଧିକାରୀ ପଙ୍କଜ ବଳିଆର ସିଂଙ୍କୁ ପଚାରିବାରୁ ଟୁଟୁଗୁମ୍ପା ଗ୍ରାମକୁ ଯାଇ ଛାତ୍ରୀଛାତ୍ର ଓ ଅଭିଭାବକଙ୍କ ସହିତ ଆଲୋଚନା କରିଥିଲୁ। ଆସନ୍ତା ବର୍ଷକୁ ଛାତ୍ରୀଛାତ୍ରଙ୍କୁ ଭଟାଙ୍ଗପଦର ଆବାସିକ ବିଦ୍ୟାଳୟରେ ରହି ପାଠ ପଢ଼ିବା ପାଇଁ ବ୍ୟବସ୍ଥା କରାଯିବ ବୋଲି ପ୍ରକାଶ କରିଥିଲେ।

# ଅବସରର ୧୩ ବର୍ଷ ବିତିଲା, ମିଳିଲାନି ଏରିଅର

## ଧାରଣା ଚେତାବନୀ ଦେଲେ ଶିକ୍ଷକ

କେସିଙ୍ଗା,୧୪।୮ (ଡୁମେଶ୍ୱର ସାହୁ)

କେସିଙ୍ଗା ବ୍ଲକ୍‌ର ବିଭିନ୍ନ ସ୍କୁଲରେ ଶିକ୍ଷକତାକରି ଅବସର ନେବାର ୧୩ବର୍ଷ ବିତିଥିଲେ ମଧ୍ୟ ଶିକ୍ଷକ ପଙ୍କଜ ସ୍ୱାଇଁଙ୍କୁ ଏରିଅର ମିଳିପାରି ନାହିଁ। ଶେଷରେ ଅନ୍ୟ ଉପାୟ ନ ପାଇ ସେ ବ୍ଲକ୍ ଶିକ୍ଷା କାର୍ଯ୍ୟାଳୟ ଆଗରେ ଧାରଣା ଦେବେ ବୋଲି ଚେତାବନୀ ଦେଇଛନ୍ତି। କେସିଙ୍ଗା ବ୍ଲକ୍ ବୋରିଆ ଗ୍ରାମର ପଙ୍କଜ ୧୯।୧୧।୧୯୭୫ରୁ ଶିକ୍ଷକତା ଜୀବନ ଆରମ୍ଭକରି ୩୦।୪।୨୦୧୨ରେ ଅବସର ଗ୍ରହଣ କରିଛନ୍ତି। ଦୀର୍ଘ ୩୭ବର୍ଷ ଧରି ସେ ବ୍ଲକ୍‌ର ବିଭିନ୍ନ ସ୍କୁଲରେ ଶିକ୍ଷକତା କରିଛନ୍ତି। ଅବସର ପରେ ସେ ତାଙ୍କ ଏରିଅର ପାଇବା ପାଇଁ ଜିଲା ଶିକ୍ଷା ଅଧିକାରୀ ଓ ବ୍ଲକ୍ ଶିକ୍ଷା ଅଧିକାରୀଙ୍କ କାର୍ଯ୍ୟାଳୟକୁ ବାରମ୍ବାର ଦୌଡୁଥିଲେ ମଧ୍ୟ କେହି ଶୁଣୁ ନ ଥିବା ପଙ୍କଜ କହିଛନ୍ତି। ଏହାଛଡ଼ା ରାଜ୍ୟ ସରକାରଙ୍କ ଗଣଶିକ୍ଷା ବିଭାଗ ପ୍ରଦତ୍ତ ୧୫ କିମ୍ବା ୩୦ ବର୍ଷିଆ ଏସିପିର କୌଣସି ସୁବିଧା ସେ ପାଇ ନାହାନ୍ତି। ଫଳରେ ପରିବାର ଚଳାଇବା ବୋଝ ସହ ପିଲା ଛୁଆଙ୍କ ଶିକ୍ଷା, ସ୍ୱାସ୍ଥ୍ୟ ଆଦି ପାଇଁ ଆବଶ୍ୟକ ପଡୁଥିବା ଖର୍ଚ୍ଚ କରିବାକୁ ସେ ଅସମର୍ଥ ହୋଇପଡ଼ିଛନ୍ତି। ବିଭାଗୀୟ କର୍ତ୍ତୃପକ୍ଷ ତୁରନ୍ତ ଏଥିପ୍ରତି ଦୃଷ୍ଟିଦେବାକୁ ସେ ଦାବି କରିଛନ୍ତି। ନଚେତ୍ କେସିଙ୍ଗା ଗୋଷ୍ଠୀ ଶିକ୍ଷା ଅଧିକାରୀଙ୍କ କାର୍ଯ୍ୟାଳୟ ଆଗରେ ଅନିର୍ଦ୍ଦିଷ୍ଟ କାଳ ପାଇଁ ଧାରଣା ଦେବେ ବୋଲି ସୂଚନା ଦେଇଛନ୍ତି। ଏ ସଂକ୍ରାନ୍ତରେ କେସିଙ୍ଗା ଗୋଷ୍ଠୀ ଶିକ୍ଷା ଅଧିକାରୀ ଆନନ୍ଦ କୁମାର ବେହେରାଙ୍କୁ ପଚାରିବାରୁ ସେ ଫାଇଲ ଦେଖି ଏହାର ସମାଧାନ କରିବେ ବୋଲି ପ୍ରକାଶ କରିଥିଲେ।

# ପ୍ରଗତି ଶିକ୍ଷାନୁଷ୍ଠାନ ପକ୍ଷରୁ ହର୍ ଘର୍ ତ୍ରିରଙ୍ଗା ଶୋଭାଯାତ୍ରା



ଶୋଭାଯାତ୍ରାରେ ଶିକ୍ଷାନୁଷ୍ଠାର ଅଧିକାରୀଙ୍କ ସହ ଛାତ୍ରୀଛାତ୍ରମାନେ।

ଭବାନୀପାଟଣା,୧୪।୮ (ଉତ୍ତମ କୁମାର ଦାଶ)

ଭବାନୀପାଟଣା ସହରସ୍ଥିତ ପ୍ରଗତି ହାୟର ସେକେଣ୍ଡାରୀ ସ୍କୁଲରେ ୭୯ତମ ସ୍ୱାଧୀନତା ଦିବସ ପାଳନ ଅବସରରେ ହର୍ ଘର୍ ତ୍ରିରଙ୍ଗା କାର୍ଯ୍ୟକ୍ରମ ଗୁରୁବାର ଅନୁଷ୍ଠିତ ହୋଇଯାଇଛି। ଅଧ୍ୟକ୍ଷ ଶେଷଦେବ ମୁଣ୍ଡଙ୍କ ଅଧ୍ୟକ୍ଷତାରେ ଏକ ଶୋଭାଯାତ୍ରା ବାହାରି ନିକଟସ୍ଥ ରାଇସିଙ୍ଗପୁର ଗ୍ରାମକୁ ଯାଇ ପ୍ରତ୍ୟାବର୍ତ୍ତନ କରିଥିଲା। ଏହି ଅବସରରେ ସ୍ୱାଧୀନତା ସଂଗ୍ରାମୀମାନଙ୍କୁ ଶ୍ରଦ୍ଧାଞ୍ଜଳି ଜଣାଇ ସ୍ମୃତିଚାରଣ କରାଯାଇଥିଲା। ଏହି ଶୋଭାଯାତ୍ରାରେ ଶିକ୍ଷାନୁଷ୍ଠାନର ପ୍ରଶାସନିକ ଅଧିକାରୀ ପ୍ରଣବ ପଣ୍ଡା, ମୁଖ୍ୟ ଶିକ୍ଷା ସଂଯୋଜକ ଅଞ୍ଜନ ରଣା, ଉପାଧ୍ୟକ୍ଷ ଅଶୋକ ସାହୁ, ବିନୋଦ ପ୍ରଧାନ, ଶଶୀଭୂଷଣ ଦାସ, ଶୁକଦେବ ସାହୁ, ନିକିତା ମେହେର, ଅମ୍ଳାନ ଅଗସ୍ତି, ଗୌତମ ଟୋଲଟିଆ, ଆଲୋକ ରାଉତ, ପ୍ରଫୁଲ୍ଲ ନାଏକ, ହେମନ୍ତ ବାଗ ସମେତ ସ୍କୁଲର ସମସ୍ତ ଛାତ୍ରୀଛାତ୍ର, ଶିକ୍ଷକ ଶିକ୍ଷୟିତ୍ରୀ ତଥା ଅଣଶୈକ୍ଷିକ କର୍ମଚାରୀ ଅଂଶଗ୍ରହଣ କରିଥିଲେ।

# ୮ମାସରେ ୩ ସିଡିଏମ୍‌ଓଙ୍କ ବଦଳି ନେଇ ଆଲୋଡ଼ନ

ଭବାନୀପାଟଣା, ୧୪।୮ (ଉତ୍ତମ କୁମାର ଦାଶ)

## ୪୧୧ ଡାକ୍ତର ପଦବୀ ଖାଲି

କଳାହାଣ୍ଡି ଜିଲାରେ ୮ ମାସରେ ୩ ସିଡିଏମ୍‌ଓଙ୍କ ବଦଳି ଘଟଣା ସାଧାରଣରେ ଆଲୋଡନ ସୃଷ୍ଟି କରିଛି। ପ୍ରକାଶ ଯେ, ଗତ ୨୦୨୪ ଫେବୃଆରୀ ମାସରେ ସୁଚେତା ପାଣି ଜିଲା ମୁଖ୍ୟ ଚିକିତ୍ସାଧିକାରୀ ଭାବେ ଯୋଗ ଦେଇଥିଲେ। ଏହାପରେ ସେ ୨୦୨୪ ମେ ମାସରେ ୩ ମାସ ଧରି ଛୁଟିରେ ଥିଲେ। ଏହି ସମୟରେ ଅତିରିକ୍ତ ଜିଲା ଚିକିତ୍ସାଧିକାରୀ ନିହାରେନ୍ଦ୍ର ପଣ୍ଡା ସିଡିଏମ୍‌ଓ ଦାୟିତ୍ୱରେ ରହିଥିଲେ। ୨୦୨୫ ମସିହା ଜାନୁଆରୀ ମାସରେ ସୁଚେତା ପାଣି ଚାକିରିରୁ ଅବସର ନେଇଥିଲେ। ଏହାପରେ ୨୦୨୫ ଫେବୃଆରୀରୁ ଜୁନ ମାସ ପର୍ଯ୍ୟନ୍ତ ମିନତୀଲତା ଦାସ ଭାରପ୍ରାପ୍ତ ସିଡିଏମ୍‌ଓ ଭାବରେ ଦାୟିତ୍ୱ ନେଇଥିଲେ। ସେହିପରି ଜୁନ ୧୯ରେ କିଶୋର ପୃଷ୍ଟି କଳାହାଣ୍ଡି ସିଡିଏମ୍‌ଓ ଭାବରେ ବଦଳି ହୋଇ ଆସିଥିଲେ। ଗତ ଅଗଷ୍ଟ ୭ ତାରିଖରେ ତାଙ୍କର ପଦୋନ୍ନତି ହେବା ଯୋଗୁ ଭୁବନେଶ୍ୱରକୁ ବଦଳି ହୋଇଥିଲା। ବର୍ତ୍ତମାନ ଏଡିଏମ୍‌ଓ ନିହାରେନ୍ଦ୍ର ପଣ୍ଡା ସିଡିଏମ୍‌ଓ ଦାୟିତ୍ୱରେ ରହିଛନ୍ତି। କଳାହାଣ୍ଡି ଜିଲାରେ ବାରମ୍ବାର ସିଡିଏମ୍‌ଓ ବଦଳି ହେବା ନେଇ ସାଧାରଣରେ ଆଲୋଡନ ସୃଷ୍ଟି ହୋଇଛି। କଳାହାଣ୍ଡି ଜିଲାକୁ ଜଣେ ସ୍ଥାୟୀ ସିଡିଏମଓ ନିଯୁକ୍ତି ଦେବାକୁ ସାଧାରଣରେ ଦାବି ହୋଇଛି। ଅନ୍ୟପକ୍ଷରେ, ଜିଲାରେ ୬୦୬ଟି ଡାକ୍ତରୀ ପଦବୀ ରହିଥିବାବେଳେ ବର୍ତ୍ତମାନ ମାତ୍ର ୧୯୫ ଡାକ୍ତର ରହିଛନ୍ତି। ଅବଶିଷ୍ଟ ୪୧୧ ଡାକ୍ତର ପଦବୀ ଖାଲି ପଡିଛି। ଫଳରେ ଜିଲାରେ ସ୍ୱାସ୍ଥ୍ୟସେବା କିପରି ପରିଚାଳନା କରାଯାଉଥିବ ତାହା ସହଜେ ଅନୁମେୟ।

# ଘରେ ଘରେ ତ୍ରିରଙ୍ଗା ଯାତ୍ରା

ଲାଞ୍ଜିଗଡ଼,୧୪।୮ (ରମେଶ ଚନ୍ଦ୍ର ନାୟକ): କଳାହାଣ୍ଡି ଜିଲା ଲାଞ୍ଜିଗଡ଼ ବ୍ଲକ ପ୍ରଶାସନ ପକ୍ଷରୁ ଘରେ ଘରେ ତ୍ରିରଙ୍ଗା କାର୍ଯ୍ୟକ୍ରମ ଗୁରୁବାର ଅନୁଷ୍ଠିତ ହୋଇଯାଇଛି। ବ୍ଲକ ମୁଖ୍ୟାଳୟ ବିଶ୍ୱନାଥପୁରଠାରୁ ଅଧିକାରୀମାନେ ଏକ ବାଇକ୍ ରାଲି କରି ଲାଞ୍ଜିଗଡ଼ ଜଗନ୍ନାଥ ମନ୍ଦିର ପର୍ଯ୍ୟନ୍ତ ଆସିଥିଲେ। ସେଠାରେ ପୂଜାର୍ଚ୍ଚନା ପରେ ପୁଣି ବ୍ଲକ କାର୍ଯ୍ୟାଳୟକୁ ଫେରିଯାଇଥିଲେ। ଏହି କାର୍ଯ୍ୟକ୍ରମରେ ବିଡିଓ ଶଶାଙ୍କ ପାତ୍ର, ବ୍ଲକ ସାମାଜିକ ସୁରକ୍ଷା ଅଧିକାରୀ ଅରବିନ୍ଦ ମହାପାତ୍ର, ବ୍ଲକ ମଙ୍ଗଳ ଅଧିକାରୀ ପଙ୍କଜ ବଳିଆର ସିଂ, ନରେନ୍ଦ୍ର ବେହେରା, ତୁଳସୀ ମାଝୀ ଉପସ୍ଥିତ ଥିଲେ।

### ସମିତି ସଭ୍ୟାଙ୍କ ସ୍ୱାମୀଙ୍କ ପରଲୋକ

କର୍ଲାମୁଣ୍ଡା,୧୪।୮ (ପ୍ରଦୀପ କୁମାର ସାହୁ): କଳାହାଣ୍ଡି ଜିଲା କର୍ଲାମୁଣ୍ଡା ବ୍ଲକ ରାଜପୁର ପଞ୍ଚାୟତ ସମିତି ସଭ୍ୟା ନିରୂପମା ଭୋଇଙ୍କ ସ୍ୱାମୀ ହେମାରବିନ୍ଦ ଭୋଇ (୪୮)ଙ୍କ ବୁଧବାର ଅକାଳ ବିୟୋଗ ଘଟିଛି। ପୂର୍ବାହ୍ନରେ ହେମାରବିନ୍ଦ ଅସୁସ୍ଥ ହେବାରୁ ତାଙ୍କୁ କର୍ଲାମୁଣ୍ଡା ଗୋଷ୍ଠୀ ସ୍ୱାସ୍ଥ୍ୟକେନ୍ଦ୍ରକୁ ଅଣାଯାଇଥିଲା। ସେଠାରେ ହୃଦ୍‌ଘାତରେ ତାଙ୍କର ମୃତ୍ୟୁ ଘଟିଛି। ତାଙ୍କର ଦୁଇ ଝିଅ ଓ ପତ୍ନୀ ତଥା ସାନ ଦୁଇଭାଇ ଅଛନ୍ତି। ସେ ରାଜପୁର ପଞ୍ଚାୟତ କନ୍ଧ ସମାଜର ଯୁବ ସଭାପତି ଥିଲେ। ତାଙ୍କ ବିୟୋଗରେ କନ୍ଧ ସମାଜର ବିରାଟ କ୍ଷତି ଘଟିଛି ବୋଲି ଆଦିବାସୀ ନେତା ନନ୍ଦି କିଶୋର ଭୋଇ ପ୍ରକାଶ କରିଛନ୍ତି।

# ନାରୀ ସୁରକ୍ଷା ସଚେତନତା କାର୍ଯ୍ୟକ୍ରମ

ଖଡ଼ିଆଲ,୧୪।୮ (ସୁଜିତ କୁମାର ପ୍ରଧାନ)

ନୂଆପଡ଼ା ଜିଲା ଖଡ଼ିଆଲ ମହାବିଦ୍ୟାଳୟ ଅଧ୍ୟକ୍ଷ ପ୍ରଶାନ୍ତ କୁମାର ପଣ୍ଡାଙ୍କ ଅଧ୍ୟକ୍ଷତାରେ ମହାବିଦ୍ୟାଳୟର ଆଭ୍ୟନ୍ତରୀଣ ଅଭିଯୋଗ କମିଟି ତରଫରୁ ନାରୀ ସୁରକ୍ଷା ସଚେତନତା କାର୍ଯ୍ୟକ୍ରମ ଅନୁଷ୍ଠିତ ହୋଇଯାଇଛି। ଖଡ଼ିଆଲ ଥାନା ଅଧିକାରୀ ଦିଲୀପ କୁମାର ସାହୁ ଯୋଗଦେଇ ଛାତ୍ରୀମାନେ କିଭଳି ଆତ୍ମରକ୍ଷା କରିବେ ସେ ସମ୍ପର୍କରେ ବିଭିନ୍ନ ଉଦାହରଣ ମାଧ୍ୟମରେ ବୁଝାଇଥିଲେ। କମିଟି ମୁଖ୍ୟ ଅଧ୍ୟାପିକା ରାଜଲକ୍ଷ୍ମୀ ରଥ, ସଦସ୍ୟା ଅଧ୍ୟାପିକା ଡ. ଗୀତାଶ୍ରୀ ପ୍ରିୟମ୍ବଦା, ଅଧ୍ୟାପିକା ବିଯୁଟି ଅଗ୍ରୱାଲ, ଅଧ୍ୟାପିକା ନିବେଦିତା ଆଚାରୀ ପ୍ରମୁଖ ଉପସ୍ଥିତ ରହି କାର୍ଯ୍ୟକ୍ରମର ଆଭିମୁଖ୍ୟ ସମ୍ପର୍କରେ ଆଲୋଚନା କରିଥିଲେ। ଏଥିରେ ମହାବିଦ୍ୟାଳୟର ସମସ୍ତ ଛାତ୍ରୀ ଯୋଗଦେଇଥିଲେ।



କାର୍ଯ୍ୟକ୍ରମରେ ଉପସ୍ଥିତ ଅତିଥିମାନେ।

# ଶିକ୍ଷକ ନିଯୁକ୍ତି ଦାବି: ସ୍କୁଲରେ ତାଲା ପକାଇ ଧାରଣା

ନୂଆପଡ଼ା,୧୪।୮ (ମକାରୁ ବେମାଲ)

ନୂଆପଡ଼ା ଜିଲା କୋମନା ବ୍ଲକ୍ ଜଟଗଡ଼ ଉଚ୍ଚ ପ୍ରାଥମିକ ବିଦ୍ୟାଳୟରେ ଶିକ୍ଷକ ନିଯୁକ୍ତି ଦାବିରେ ଗୁରୁବାର ଛାତ୍ରୀଛାତ୍ର ଓ ଅଭିଭାବକ ତାଲା ପକାଇ ଧାରଣାରେ ବସିଥିଲେ । ସୂଚନା ଅନୁଯାୟୀ ଏହି ବିଦ୍ୟାଳୟରେ ପ୍ରଥମରୁ ଅଷ୍ଟମ ଶ୍ରେଣୀ ପର୍ଯ୍ୟନ୍ତ ରହିଥିବା ବେଳେ ୧୬୫ ଜଣ ଛାତ୍ରୀଛାତ୍ର ଅଧ୍ୟୟନ କରୁଛନ୍ତି। ଏଠାରେ ମୋଟ ୭ ଜଣ ଶିକ୍ଷକ ରହି ଶିକ୍ଷାଦାନ କରୁଥିଲେ। ଚଳିତ ଶିକ୍ଷକ ବଦଳି ପର୍ବରେ ୩ ଜଣ ଶିକ୍ଷକଙ୍କୁ ଅନ୍ୟତ୍ର ବଦଳି କରାଯାଇଛି। ଫଳରେ ଶିକ୍ଷାଦାନ ବ୍ୟାହତ ହେଉଥିବା ନେଇ ଗ୍ରାମବାସୀ ଓ ଅଭିଭାବକ ଜିଲା ଶିକ୍ଷା ଅଧିକାରୀଙ୍କୁ ଅବଗତ କରାଇଥିଲେ। ହେଲେ କୌଣସି ସୁଫଳ ନ ମିଳିବାରୁ ଗୁରୁବାର ସେମାନେ ବାଧହୋଇ ବିଦ୍ୟାଳୟରେ ତାଲା ପକାଇ ଧାରଣାରେ ବସିଥିଲେ। ଶିକ୍ଷକ ନିଯୁକ୍ତି ନ ହେଲେ ରାସ୍ତାରୁ ଉଠିବେ ନାହିଁ ସେମାନେ ଚେତାବନୀ ଦେଇଥିଲେ। ଦୀର୍ଘ ୨ଘଣ୍ଟା ପରେ କୋମନା ଗୋଷ୍ଠୀ ଶିକ୍ଷା ଅଧିକାରୀ ଅନୀତା ପଣ୍ଡା, ଅତିରିକ୍ତ ଗୋଷ୍ଠୀ ଶିକ୍ଷା ଅଧିକାରୀ ବଳମତ ମାଝି, ବିଆର୍‌ସିସି ରାଧାକାନ୍ତ ତାଣ୍ଡି, ସିଆର୍‌ସିସି ଭୋଜରାମ ଅହିର ଧାରଣାସ୍ଥଳରେ ପହଞ୍ଚି ଆନ୍ଦୋଳନକାରୀଙ୍କ ସହ ଆଲୋଚନା କରିଥିଲେ। ଗ୍ରାମବାସୀ ୩ ଜଣ ଶିକ୍ଷକ ଦେବା ପାଇଁ ଦାବି ରଖିଥିଲେ। ଅଧିକାରୀମାନେ ଗୁରୁବାର ଜଣେ ଶିକ୍ଷକ ଦେଇ ୩ ଦିନ ଭିତରେ ଆଉ ଜଣଙ୍କୁ ନିଯୁକ୍ତ କରାଯିବ ବୋଲି ପ୍ରତିଶ୍ରୁତି ଦେଲା ପରେ ଧାରଣା ପ୍ରତ୍ୟାହୃତ ହୋଇଥିଲା। ହେଲେ ୩ଦିନ ଭିତରେ ପୁଣି ଜଣେ ଶିକ୍ଷକ ଯୋଗ ନ ଦେଲେ ଚତୁର୍ଥ ଦିନରେ ରାଜରାସ୍ତାରେ ଆନ୍ଦୋଳନ କରାଯିବ ବୋଲି ଚେତାବନୀ ଦେଇଛନ୍ତି । ଧାରଣାରେ ବିଦ୍ୟାଳୟ ପରିଚାଳନା କମିଟି ସଭାପତି ପ୍ରମୋଦ ପ୍ରଧାନ, ମୁଖ୍ୟ ବେମାଲ, ଅନଙ୍ଗ ସାହୁ, କାର୍ତ୍ତିକ ହଂସ, କରୁଣା ବାଗ, ମାନସିଂ ମାଝି, ମାଧବ ରଣା, ବିବେକା ବାଗ, ଯଶୋବନ୍ତୀ ପ୍ରଧାନ, ବନିତା ପ୍ରଧାନ, ଜ୍ୟୋତ୍ସ୍ନା ପ୍ରଧାନ, ଘରମନି ନିଆଲ ପ୍ରମୁଖ ସାମିଲ ଥିଲେ ।


ଅଭିଭାବକଙ୍କ ସହ ଅଧିକାରୀମାନେ ଆଲୋଚନା କରୁଛନ୍ତି।

ଦ.ପୂ. ରେଳପଥ – ଟେଣ୍ଡର

ଭାରତର ରାଷ୍ଟ୍ରପତିଙ୍କ ପାଇଁ ଏବଂ ତରଫରୁ ମଣ୍ଡଳ ରେଳ ପ୍ରବନ୍ଧକ (ଇଏନ୍‌ଜିଜି.), ଦକ୍ଷିଣ ପୂର୍ବ ରେଳପଥ, ରାଞ୍ଚି–୮୩୪୦୦୩ ନିମ୍ନଲିଖିତ କାର୍ଯ୍ୟ ପାଇଁ ଇ–ଟେଣ୍ଡର ଆହ୍ୱାନ କରୁଛନ୍ତି: କ୍ର.ସଂ.; ବିଜ୍ଞପ୍ତି ସଂଖ୍ୟା; କାର୍ଯ୍ୟର ନାମ: ଟେଣ୍ଡର ମୂଲ୍ୟ; ଇଏମ୍‌ଡି ମୂଲ୍ୟ ନିମ୍ନ ଅନୁଯାୟୀ ଅଟେ: [୧] ଡିଆର୍‌ଏମ୍‌ଇଏନ୍‌ଜିଜିଆର୍‌ଏନ୍‌ସି-୮୭-୨୦୨୫; ରାଞ୍ଚି ମଣ୍ଡଳ କ୍ଷେତ୍ରାଧିକାର ପାଇଁ ପାକୁର/ତାଳଝରି/ବରହରୱା କ୍ୱାରି ସାଇଡିଂଠାରେ ୮୫୨୬୬ ସିୟୁଏମ୍ ୫୦ ମିମି ଆକାର ମେଶିନ୍ କ୍ରଶ୍‌ଡ ହାର୍ଡ ଷ୍ଟୋନ୍ ଟ୍ରାକ୍ ବାଲାଷ୍ଟର ଯୋଗାଣ ଓ ତାହାକୁ ରେଳ ୱାଗନ/ହପରଗୁଡ଼ିକରେ ବୋଝେଇ ଓ ଖଲାସି କରିବା (ମାପ ଗନ୍ତବ୍ୟସ୍ଥଳରେ କରାଯିବ); ₹୧୨,୪୪,୮୬,୬୫୪.୬୮; ₹୭,୭୨,୪୦୦.୦୦; [୨] ଡିଆର୍‌ଏମ୍‌ଇଏନ୍‌ଜିଜିଆର୍‌ଏନ୍‌ସି-୮୮-୨୦୨୫; ରାଞ୍ଚି ମଣ୍ଡଳ କ୍ଷେତ୍ରାଧିକାର ପାଇଁ ବାକୁଡିହ/ରାଜଗ୍ରାମ/ପିନାରଗାରିଆ କ୍ୱାରି ସାଇଡିଂଠାରେ ୮୪୮୬୧ ସିୟୁଏମ୍ ୫୦ ମିମି ଆକାର ମେଶିନ୍ କ୍ରଶ୍‌ଡ ହାର୍ଡ ଷ୍ଟୋନ୍ ଟ୍ରାକ୍ ବାଲାଷ୍ଟର ଯୋଗାଣ ଓ ତାହାକୁ ରେଳ ୱାଗନ/ହପରଗୁଡ଼ିକରେ ବୋଝେଇ ଓ ଖଲାସି କରିବା (ମାପ ଗନ୍ତବ୍ୟସ୍ଥଳରେ କରାଯିବ); ₹୧୨,୩୮,୯୫,୩୬୨.୭୮; ₹୭,୬୯,୫୦୦.୦୦; [୩] ଡିଆର୍‌ଏମ୍‌ଇଏନ୍‌ଜିଜିଆର୍‌ଏନ୍‌ସି-୮୯-୨୦୨୫; ଏସ୍‌ଏସ୍‌ଇ (ୱାର୍କସ୍)/ବାନୋଙ୍କ କ୍ଷେତ୍ରାଧିକାର ଅଧୀନରେ ହାତିଆ–ଓର୍ଗା ସେକ୍ସନରେ କିମି ୪୨୮/୧୨ରୁ ଜିବିଏକ୍ସ(ଏକ୍ସ) ନିମନ୍ତେ ତା୦୧।୦୭।୨୦୨୫ରିଖରୁ ତା୩୦।୦୬।୨୦୨୭ରିଖ ପର୍ଯ୍ୟନ୍ତ ୦୨ ବର୍ଷ ଅବଧି ପାଇଁ ନିମ୍ନଲିଖିତ କୋନାଲ୍ କାର୍ଯ୍ୟର ନିର୍ବାହ (କ) ବିଦ୍ୟମାନ ସାନିଟାରୀ ସିଷ୍ଟମ୍ ଏବଂ ଜଳ ଯୋଗାଣ ସିଷ୍ଟମ୍ ପାଇଁ ନୂଆ କାର୍ଯ୍ୟ, ଯୋଗ ଓ ପରିବର୍ତ୍ତନ; ଏପରି ପ୍ରତ୍ୟେକ କାର୍ଯ୍ୟର ମୂଲ୍ୟ ଟ.୫,୦୦,୦୦୦.୦୦ (ପାଞ୍ଚ ଲକ୍ଷ ଟଙ୍କା ମାତ୍ର)ରୁ ଅଧିକ ହେବ ନାହିଁ ଏବଂ (ଖ) ସମସ୍ତ ସାଧାରଣ ଏବଂ ସ୍ୱତନ୍ତ୍ର ମରାମତି କାର୍ଯ୍ୟ, ସାମଗ୍ରୀଗୁଡ଼ିକର ଯୋଗାଣ ଏବଂ ରକ୍ଷଣାବେକ୍ଷଣ କାର୍ଯ୍ୟ ଏବଂ ସାମଗ୍ରୀଗୁଡ଼ିକର ପରିବହନ; ₹୮୯,୯୯,୮୬୦.୮୨; ₹୧,୮୦,୦୦୦.୦୦; [୪] ଡିଆର୍‌ଏମ୍‌ଇଏନ୍‌ଜିଜିଆର୍‌ଏନ୍‌ସି-୯୦-୨୦୨୫; ଏସ୍‌ଏସ୍‌ଇ (ୱାର୍କସ୍)/ହାତିଆଙ୍କ କ୍ଷେତ୍ରାଧିକାର ଅଧୀନରେ ଷ୍ଟାଫ୍ କ୍ୱାର୍ଟରଗୁଡ଼ିକ ପାଇଁ ତା୦୧।୦୭।୨୦୨୫ରିଖରୁ ତା୩୦।୦୬।୨୦୨୭ରିଖ (୦୨ ବର୍ଷ) ପର୍ଯ୍ୟନ୍ତ ୦୨ ବର୍ଷ ଅବଧି ପାଇଁ ନିମ୍ନଲିଖିତ କୋନାଲ୍ କାର୍ଯ୍ୟର ନିର୍ବାହ (କ) ବିଦ୍ୟମାନ ସାନିଟାରୀ ସିଷ୍ଟମ୍ ଏବଂ ଜଳ ଯୋଗାଣ ସିଷ୍ଟମ୍ ପାଇଁ ନୂଆ କାର୍ଯ୍ୟ, ଯୋଗ ଓ ପରିବର୍ତ୍ତନ; ଏପରି ପ୍ରତ୍ୟେକ କାର୍ଯ୍ୟର ମୂଲ୍ୟ ଟ.୫,୦୦,୦୦୦.୦୦ (ପାଞ୍ଚ ଲକ୍ଷ ଟଙ୍କା ମାତ୍ର)ରୁ ଅଧିକ ହେବ ନାହିଁ ଏବଂ (ଖ) ସମସ୍ତ ସାଧାରଣ ଏବଂ ସ୍ୱତନ୍ତ୍ର ମରାମତି କାର୍ଯ୍ୟ, ସାମଗ୍ରୀଗୁଡ଼ିକର ଯୋଗାଣ ଏବଂ ରକ୍ଷଣାବେକ୍ଷଣ କାର୍ଯ୍ୟ ଏବଂ ସାମଗ୍ରୀଗୁଡ଼ିକର ପରିବହନ [କ୍ୱାର୍ଟରଗୁଡ଼ିକର ବିବରଣୀ: ଟାଇପ୍–I= ୪୭୯, ଟାଇପ୍–II= ୪୫୬, ଟାଇପ୍–III= ୨୩, ମୋଟ = ୯୫୮ ଗୋଟି]; ₹୧,୦୦,୭୭,୪୪୦.୨୦; ₹୨,୦୦,୪୦୦.୦୦ । ଟେଣ୍ଡର ବନ୍ଦ ହେବା ତାରିଖ ଓ ସମୟ: ତା୦୪।୦୯।୨୦୨୫ରିଖ ୧୫.୦୦ ଘଟିକା (ସମସ୍ତ ଟେଣ୍ଡର ପାଇଁ) । ଟେଣ୍ଡରଦାତାମାନେ ଅନ୍‌ଲାଇନ୍ ଟେଣ୍ଡରିଂ ପାଇଁ ୱେବ୍‌ସାଇଟ୍ www.ireps.gov.in ପରିଦର୍ଶନ କରିପାରିବେ । (PR-524)

# ଲୋକପ୍ରତିନିଧିଙ୍କୁ ଆକ୍ରମଣ ଘଟଣାର ଭିଡିଓ ଭାଇରାଲ

ସୋନପୁର,୧୪।୮ (ମୃତ୍ୟୁଞ୍ଜୟ ଶତପଥୀ)

ସୁବର୍ଣ୍ଣପୁର ସହର ପଟାଭାଡି ଛକରେ ମଙ୍ଗଳବାର କେତେକ ଦୁର୍ବୃତ୍ତ କାର ଅଟକାଇ ରାସ୍ତା ଉପରେ ଗୁଣ୍ଡାରାଜ କରିବା ଦେଖିବାକୁ ମିଳିଥିଲା। କାର ଭିତରେ ତରଭା ବ୍ଲକର କେତେଜଣ ସରପଞ୍ଚ ଓ ସମିତି ସଭ୍ୟ ଥିଲେ। ସନ୍ଧ୍ୟା ସମୟରେ ଜିଲା ସଦର ମହକୁମାରେ ସମସ୍ତଙ୍କ ସମ୍ମୁଖରେ ଲୋକପ୍ରତିନିଧିଙ୍କ କାରକୁ ଭଙ୍ଗାରୁଜା କରିବା ଓ ମରଣାନ୍ତକ ଆକ୍ରମଣ କରିବା ଭଳି ଘଟଣା ଜିଲାରେ ପ୍ରଥମ ବୋଲି କୁହାଯାଉଛି। ଦୁର୍ବୃତ୍ତମାନେ ହାତରେ ପିସ୍ତଲ, ଖଣ୍ଡା, ଭୁଜାଲି ଓ ଲାଠି ଧରି ଏକପ୍ରକାର ଆତଙ୍କରାଜ ଚଳାଇଥିଲେ। ସେମାନଙ୍କ ଦାଦାଗିରିକୁ ଦେଖି ଲୋକେ ଭୟଭୀତ ହୋଇ ପଡିଥିଲେ। ଏଭଳି ଏକ ସର୍ବଜନୀନ ଘଟଣାରେ ପୋଲିସ ମାତ୍ର ଦେଖଣାହାରୀ ଓ ମାତ୍ର ରହିଥିବା ଉଭୟ ଗୋଷ୍ଠୀଙ୍କ ଅଭିଯୋଗ ଗ୍ରହଣ କରିସୋନପୁର ଥାନାରେ ୨ଟିପୃଥକ ମାମଲା ରୁଜୁ କରି ଚୁପ୍ ବସିଛି। ଅନ୍ୟପକ୍ଷେ ଲୋକପ୍ରତିନିଧିଙ୍କୁ ଆକ୍ରମଣ ଓ ସେମାନଙ୍କ କାର ଭଙ୍ଗାରୁଜା ବେଳର ଭିଡିଓ ଗୁରୁବାର ଭାଇରାଲ ହୋଇଛି। ଏଥିରେ ଦୁର୍ବୃତ୍ତଙ୍କ ଆକ୍ରମଣ ଓ କାରକୁ ଭଙ୍ଗାରୁଜା କରିବାର ସ୍ପଷ୍ଟ ଚିତ୍ର ରହିଛି। ଫଳରେ ଦୁର୍ବୃତ୍ତଙ୍କୁ ଗିରଫ ପାଇଁ ପୋଲିସ ଉପରେ ଚାପ ବଢିଛି।



ଦୁର୍ବୃତ୍ତମାନେ ମାରଣାସ୍ତ୍ର ଧରି ଲୋକପ୍ରତିନିଧିଙ୍କ କାର ଭଙ୍ଗାରୁଜା କରୁଛନ୍ତି।

ଗୁରୁବାର ଜିଲାର ୬ ପଞ୍ଚାୟତ ସମିତିର ଅଧ୍ୟକ୍ଷ ଏସ୍‌ପି ନାରାୟଣ ନାୟକଙ୍କୁ ଭେଟି ଆକ୍ରମଣ ଘଟଣାରେ ସମ୍ପୃକ୍ତଙ୍କୁ ଗିରଫ ପାଇଁ ଦାବି କରିଛନ୍ତି। ତରଭା ବ୍ଲକରେ ପ୍ରଶାସନିକ ଅବ୍ୟବସ୍ଥା ସମ୍ପର୍କରେ ଜିଲାପାଳଙ୍କୁ ଅଭିଯୋଗ କରିବା ପାଇଁ ପଞ୍ଚାୟତ ପ୍ରତିନିଧିମାନେ ୪ଟି କାରରେ ସୋନପୁର ଯାଉଥିଲେ। ପ୍ରଥମ କାରରେ ତରଭା ପଞ୍ଚାୟତ ସମିତି ଅଧ୍ୟକ୍ଷ ସରୋଜ କୁମାର କର୍ଣ୍ଣ ଥିଲେ। ପଟାଭାଡି ଛକଠାରେ ୧୫ରୁ ୨୦ଜଣ ବ୍ୟକ୍ତି କାର (ନଂ ଓଡି୧୦ଏଫ-୯୨୧୭) ଓ (ନଂ ଓଡି୩୦ଏଫ୧୬୪୪)କୁ ଅଟକାଇ ଆକ୍ରମଣ କରିଥିଲେ। ଦୁର୍ବୃତ୍ତମାନେ ବ୍ରାହ୍ମଣୀ ପଞ୍ଚାୟତର ସରପଞ୍ଚ କୁଶଲେଶ୍ୱର ପାଣ୍ଡେଙ୍କ ସହିତ ପବିତ୍ର ମିଶ୍ର, ବିଭୂତି ଖାଙ୍କର ଓ ମନୋଜ ପଣ୍ଡାଙ୍କୁ କାରରୁ ଟାଣିନେଇ ନିର୍ଘାତ ମାଡ ମାରିବା ସହ କାର ଭଙ୍ଗାରୁଜା କରିଥିଲେ। ସୁବର୍ଣ୍ଣପୁର ସହର

■ ଅଭିଯୁକ୍ତଙ୍କ ଗିରଫ ଦାବି ଜୋର୍ ଧରିଲା
■ ମାମଲା ରୁଜୁରେ ସୀମିତ ପୋଲିସ କାର୍ଯ୍ୟାନୁଷ୍ଠାନ

କଳିଙ୍ଗନଗର ଅଞ୍ଚଳର ହେମନ୍ତ ବାଘ(୨୫)ଙ୍କ ଅଭିଯୋଗ ଅନୁଯାୟୀ ତରଭା ଅଞ୍ଚଳର ୫ରୁ ୬ଜଣ ବ୍ୟକ୍ତି ତାଙ୍କୁ ଜାତିଗତ ଆକ୍ଷେପ କରିବା ସହ ଗାଳିଗୁଲଜ କରିଛନ୍ତି। ଏପରିକି ବିଭିନ୍ନ ମାରଣାସ୍ତ୍ର ଦେଖାଇ ତାଙ୍କୁ ମାରିଦେବାକୁ ଉଦ୍ୟମ ହୋଇଥିବା ସେ ଅଭିଯୋଗରେ ଦର୍ଶାଇଛନ୍ତି। ହେମନ୍ତଙ୍କ ଅଭିଯୋଗ କ୍ରମେ ସୋନପୁର ଥାନାରେ ଭାରତୀୟ ନ୍ୟାୟ ସଂହିତାର ଆର୍ମସ ଆକ୍ଟ ଓ ଏସ୍‌ସିଏସ୍‌ଟି ଆକ୍ଟରେ ଏକ ମାମଲା(ନଂ.୧୮୬/୨୫)ରୁଜୁ ହୋଇଛି। ସେହିପରି ତରଭା ବ୍ଲକ ବ୍ରାହ୍ମଣୀର କୁଶଲେଶ୍ୱରଙ୍କ ଅଭିଯୋଗ କ୍ରମେ ସୋନପୁର ଥାନାରେ ଭାରତୀୟ ନ୍ୟାୟ ସଂହିତାର ଆର୍ମସ ଆକ୍ଟ ଓ ଏସ୍‌ସିଏସ୍‌ଟି ଆକ୍ଟରେ ଏକ ମାମଲା (ନଂ.୧୮୭/୨୫)ରୁଜୁ ହୋଇଛି। ଡିଏସ୍‌ପି ପ୍ରତାପ ଚନ୍ଦ୍ର ରଣା ମାମଲାର ତଦନ୍ତ କରୁଛନ୍ତି।

# ବିନିକାରେ ତ୍ରିରଙ୍ଗା ଶୋଭାଯାତ୍ରା



ତ୍ରିରଙ୍ଗା ଯାତ୍ରାରେ ବିନିକା ସିଦ୍ଧାର୍ଥ କନିଷ୍ଠ ମହାବିଦ୍ୟାଳୟ ଛାତ୍ରୀଛାତ୍ର।

ବିନିକା,୧୪।୮ (ରାମ ଗୋପାଳ ବାଘ)

ସୁବର୍ଣ୍ଣପୁର ଜିଲା ବିନିକା ସିଦ୍ଧାର୍ଥ କନିଷ୍ଠ ମହାବିଦ୍ୟାଳୟ ପକ୍ଷରୁ ସ୍ୱାଧୀନତା ଦିବସ ପାଳନ ପରିପ୍ରେକ୍ଷୀରେ ଜାତୀୟ ପତାକାକୁ ଘରେ ଘରେ ସମ୍ମାନ ଦେବାପାଇଁ ଗୁରୁବାର ସହରରେ ତ୍ରିରଙ୍ଗା ଶୋଭାଯାତ୍ରା କରାଯାଇଥିଲା। ଅଧକ୍ଷା ଡ଼ ରେଖା ପଧାନଙ୍କ ନେତୃତ୍ୱରେ ମହାବିଦ୍ୟାଳୟ ଛାତ୍ରୀଛାତ୍ର ମାନେ ତ୍ରିରଙ୍ଗା ପତାକା ଧରି ଶୋଭାଯାତ୍ରାରେ ସହର ପରିକ୍ରମା କରି ଲୋକଙ୍କୁ ସଚେତନତାର ବାର୍ତ୍ତା ପ୍ରଦାନ କରିଥିଲେ। ଛାତ୍ରୀଛାତ୍ରଙ୍କ ଦେଶାତ୍ମବୋଧକ ସ୍ଲୋଗାନରେ ସହର କମ୍ପି ଉଠିଥିଲା। ଏହି ମହାନ କାର୍ଯ୍ୟକ୍ରମରେ ମହାବିଦ୍ୟାଳୟ ଅଧାପକ ଝଲକ ମିଶ୍ର, ମନୋଜ ମେହେର, ଜିତେନ୍ଦ୍ର ଦଣ୍ଡସନା, ଆଲୋକ ସେଠୀ, ପ୍ରଦୀପ ନାୟକ, ଆଶୀର୍ବାଦ ପ୍ରଧାନ,ଆଶୁତୋଷ ପୁରୋହିତ, ଡ଼ ନୀଳ ମାଧବ ଛତ୍ର, ଆକାଶ ପ୍ରଭାନି, ଅଧାପିକା ତୁଳସୀ ରାୟ, ଖେଳ ଅଧାପକ ନାରାୟଣ ଚୌଧୁରୀ, ଗରିବ ସାଲମାଙ୍କ ସହ ସମସ୍ତ କର୍ମଚାରୀ ସାମିଲ ହୋଇଥିଲେ।

## ସଂକ୍ଷେପରେ

### ଟେମ୍ପୋ ସହ ଗଞ୍ଜେଇ ଜବତ, ଜଣେ ଗିରଫ

ବୀରମହାରାଜପୁର,୧୪।୮ (ଯୁଗଳ କିଶୋର ମିଶ୍ର)

ସୁବର୍ଣ୍ଣପୁର ଜିଲା ବୀରମହାରାଜପୁର ପୋଲିସ ବୁଧବାର ସକାଳ ୬ଟା୩୦ରେ ସୋନପୁର-ସମ୍ବଲପୁର ରାସ୍ତାର ହିକୁଡି ଛକ ପାଖରେ ଏକ ଟେମ୍ପୋରେ ଗଞ୍ଜେଇ ଚୋରା ଚାଲାଣ ହେଉଥିବା ବେଳେ ଧରିଥିଲା। ଏସ୍‌ପି ନାରାୟଣ ନାଏକଙ୍କ ପ୍ରତ୍ୟକ୍ଷ ତତ୍ତ୍ୱାବଧାନରେ ଧର୍ମଶାଳା ଫାଣ୍ଡି ଅଧିକାରୀ ଏସଆଇ ବସନ୍ତ କୁମାର ରଥଙ୍କ ସହିତ ୪ଜଣିଆ ଟିମ ଏକ ଟେମ୍ପୋରେ ଚାଲାଣ ହେଉଥିବା ୨୧କେଜିରୁ ଅଧିକ ଗଞ୍ଜେଇ ଜବତ କରିଥିଲ। ଚାଲାଣ ଅଭିଯୋଗରେ ସମ୍ବଲପୁର ଜିଲା ଧମା ଥାନା ଅନ୍ତର୍ଗତ ମାଳତୀ ସୁବର୍ଣ୍ଣପୁର ଗ୍ରାମର ମହେଶ ଗୋହେଲା (୨୮)କୁ ଗିରଫ କରି କୋର୍ଟ ଚାଲାଣ କରିଥିଲା ପୋଲିସ। ଜାମିନ ଆବେଦନ ନାମଞ୍ଜୁର ହେବାରୁ ତାଙ୍କୁ ଜେଲ ହାଜତ ପଠାଇ ଦିଆଯାଇଛି।

### ବାଲ୍ୟ ବିବାହମୁକ୍ତ ତାଲିମ ଶିବିର

ବିନିକା,୧୪।୮ (ରାମ ଗୋପାଳ ବାଘ)

ସୁବର୍ଣ୍ଣପୁର ଜିଲା ବିନିକା ବ୍ଲକ ସମ୍ମିଳନୀ କକ୍ଷ୍ୟ ରେ ଗୁରୁବାର ପଂଚାୟତ ସମିତି ତଥା ଜିଲ୍ଲା ପରିଷଦ ସୁବର୍ଣ୍ଣପୁର ତରଫରୁ ବାଲ୍ୟ ବିବାହ ମୁକ୍ତ ପଂଚାୟତ ସମ୍ପର୍କିତ ଏକଦିବସୟ ତାଲିମ ଅନୁଷ୍ଠିତ ହୋଇଯାଇଛି। ଏହାକୁ ଜି ପି ଡି ଓ ଶରତ ମିଶ୍ର ଯୋଗ ଦେଇ କାର୍ଯ୍ୟକ୍ରମ ର ଉଦେଶ୍ୟ ବିଷୟରେ ଉପସ୍ଥାପନା କରିଥିଲେ !ଏଥିରେ ଶିଶୁ ଅଧିକାର, ଶିଶୁ ସୁରକ୍ଷା, ଶିଶୁମାନଙ୍କ ପାଇଁ ଥିବା ଆଇନ, ଲିଙ୍ଗଗତ ଭେଦଭାବ, ବାଲ୍ୟବିବାହ ବିଷୟରେ ଆଲୋଚନା କରାଯାଇଥିଲା। ତାଲିମଦାତାଭାବେ ରାଜେନ୍ଦ୍ର ବ୍ଲକ ଝାଙ୍କର, କୁବେର ହରିପାଲ, ନୀଳାମ୍ବର ପଣ୍ଡା, ସୁଦାମ ଗାଈଗରିଆ ଯୋଗ ଦେଇଥିଲେ। ଏଥିରେ ବିଭିନ୍ନ ପଞ୍ଚାୟତର ଅଙ୍ଗନଓ୍ବାଡି କର୍ମୀ, ମହିଳା ପରିଦର୍ଶିକା, ଆଶାକର୍ମୀ, ସିଆରପି, ସିଆରସିସି, ଏମବିକେ, ୱାର୍ଡସଭ୍ୟ, ଗ୍ରାମ ପଞ୍ଚାୟତ ନିର୍ବାହୀ ଅଧିକାରୀ, ନିର୍ବାଚିତ ଜନପ୍ରତିନିଧି ଯୋଗଦେଇଥିଲେ। କାର୍ଯ୍ୟକ୍ରମକୁ ବିଏଲସି ଲକି ମହାଲିକ ପରିଚାଳନା କରିଥିଲେ।

# ଇନୋଭେଶନ ଆଣ୍ଡ ଷ୍ଟାର୍ଟଅପ୍ ପ୍ରତିଯୋଗିତା




ଇନୋଭେଶନ ଆଣ୍ଡ ଷ୍ଟାର୍ଟ ଅପ ପ୍ରତିଯୋଗିତାରେ ମଞ୍ଚାସୀନ ଅଧିକାରୀ।

ବୀରମହାରାଜପୁର,୧୪।୮ (ଯୁଗଳ କିଶୋର ମିଶ୍ର)

ସୁବର୍ଣ୍ଣପୁର ଜିଲା ବୀରମହାରାଜପୁର ମହାବିଦ୍ୟାଳୟଠାରେ ରାଜ୍ୟ ଉଚ୍ଚଶିକ୍ଷା ବିଭାଗ ସହଯୋଗରେ ଗୁରୁବାର ପୂର୍ବାହ୍ନ ୧୧ଟାରେ ଇନୋଭେଶନ ଆଣ୍ଡ ଷ୍ଟାର୍ଟ ଅପ ପ୍ରତିଯୋଗିତା ଅନୁଷ୍ଠିତ ହୋଇଯାଇଛି। କଲେଜ ଅଧକ୍ଷ ଡ଼. ହିମାଂଶୁ ଶେଖର ପାଢ଼ୀଙ୍କ ସଭାପତିତ୍ୱରେ ଅନୁଷ୍ଠିତ ଏହି କାର୍ଯ୍ୟକ୍ରମରେ ବିଶିଷ୍ଟ ସମାଜସେବୀ କିଶୋର କୁମାର ହୋତା ମୁଖ୍ୟ ଅତିଥି, ମତ୍ସ୍ୟ ଚାଷ ପ୍ରଶିକ୍ଷକ ଆଡ଼ଭୋକେଟ ସୁଶୀଲ କୁମାର ପାଣିଗ୍ରାହୀ ମୁଖ୍ୟବକ୍ତାଭାବେ ଯୋଗଦେଇ ବକ୍ତବ୍ୟ ପ୍ରଦାନ କରିଥିଲେ। ପଦାର୍ଥ ବିଜ୍ଞାନ ଅଧାପିକା ସୁପ୍ରଭା ନନ୍ଦ ମଞ୍ଚାସୀନ ହୋଇ ନୂଆ ଷ୍ଟାର୍ଟଅପ ସମ୍ପର୍କରେ ଆଲୋଚନା କରିଥିଲେ। ଅଧାପକ ମାଧବ ପଧାନ ସଭା ପରିଚାଳନା କରିଥିବାବେଳେ ଅଧାପକ ଜିତେନ୍ଦ୍ର କୁମାର ସାହୁ ଧନ୍ୟବାଦ ଅର୍ପଣ କରିଥିଲେ। ଏହି ଅବସରରେ ଛାତ୍ରୀଛାତ୍ରମାନେ ବିଭିନ୍ନ ପ୍ରକଳ୍ପ ସମ୍ପର୍କରେ ରିପୋର୍ଟ ଉପସ୍ଥାପନ କରିଥିଲେ। ଅନ୍ୟମାନଙ୍କ ମଧ୍ୟରେ ନରେନ୍ଦ୍ର ଝା, ନିତାରାଣୀ ପଧାନ, ପ୍ରଭାତ ପୁରୋହିତ, ଦୀପକ ଟପ୍ପୋ, ସିଦ୍ଧେଶ୍ୱର ତ୍ରିପାଠୀ, ମାଳତୀ ନାଏକ, ବିଦ୍ୟୁତ୍‌ପ୍ରଭା ରଥ, ସୋନାଲି ମହାକୁର, ପୂଜାରାଣୀ ମେହେର ପ୍ରମୁଖ ଅଧାପକ ଅଧାପିକା ଉପସ୍ଥିତ ଥିଲେ।

### ଆଇନଜୀବୀଙ୍କ ବିୟୋଗରେ ଶୋକସଭା

ବୌଦ୍ଧ,୧୪।୮ (ଅଜିତ କୁମାର ବାରିକ)

ବୌଦ୍ଧର ବରିଷ୍ଠ ଆଇନଜୀବୀ ଦେଶବନ୍ଧୁ ପଣ୍ଡାଙ୍କ ଗତ ବୁଧବାର ୭୫ ବର୍ଷ ବୟସରେ ପରଲୋକ ହୋଇଥିଲା। ଏହି ପରିପ୍ରେକ୍ଷୀରେ ଗୁରୁବାର ବୌଦ୍ଧ ଜିଲା ଓକିଲ ସଂଘ ପକ୍ଷରୁ ସଂଘ କାର୍ଯ୍ୟାଳୟରେ ଏକ ଶୋକସଭା ଅନୁଷ୍ଠିତ ହୋଇଯାଇଛି। ସଂଘ ସଭାପତି ଧୂରୀଣ କୁମାର ଦେହୁରୀଙ୍କ ଅଧକ୍ଷତାରେ ଅନୁଷ୍ଠିତ ଶୋକସଭାରେ ସ୍ୱର୍ଗତ ପଣ୍ଡାଙ୍କ ଆତ୍ମାର ସଦଗତି ପାଇଁ ନୀରବ ପ୍ରାର୍ଥନା କରାଯାଇଥିଲା। ଶୋକସଭାରେ ଆଇନଜୀବୀ ସୁଧୀର କର୍ଣ୍ଣ, ତାରେଣୀ କୁମାର ମହାପାତ୍ର, ଦେବରଞ୍ଜନ ମହାକୁଲ, ବିଶ୍ୱଜିତ ମିଶ୍ର ଓ ସଂଘର ସମସ୍ତ ସଦସ୍ୟ ଉପସ୍ଥିତ ଥିଲେ। ସେହପରି ହରଭଙ୍ଗା ଓକିଲ ସଂଘ ପରିସରରେ ମଧ ସଭାପତି ଅକ୍ଷୟ କୁମାର ସାହୁଙ୍କ ଅଧକ୍ଷତାରେ ଶୋକସଭା ହୋଇଥିଲା।

ପ୍ରଥମ ଶ୍ରାଦ୍ଧବାର୍ଷିକୀ
ଅଶ୍ରୁଳ ଶ୍ରଦ୍ଧାଞ୍ଜଳି



୰ ଅବନ୍ତୀ କୁମାରୀ ଦେବୀ
ତୁମ ଅମର ଆତ୍ମାର ଶାନ୍ତି ଓ ସଦ୍‌ଗତି ନିମନ୍ତେ ମହାପ୍ରଭୁ ଶ୍ରୀଜଗନ୍ନାଥଙ୍କ ଚରଣ କମଳରେ ଭକ୍ତିପୂତ ଶ୍ରଦ୍ଧାଞ୍ଜଳି ଅର୍ପଣ କରୁଅଛୁ।
ସ୍ୱର୍ଗତ ଡ଼ଃ. ଦୀନବନ୍ଧୁ ଦାଶ ଏବଂ
ସ୍ୱର୍ଗତା ଶ୍ରୀମତୀ ଅବନ୍ତୀ କୁମାରୀ ଦେବୀଙ୍କ ଶୋକାକୁଳ ପରିବାରବର୍ଗ
ଡାଃ ବିଜୟ କେତନ ଦାଶ, ବିଭୂତି ଭୂଷଣ ଦାଶ,
ବିକ୍ରମ ଦାଶ, ସଂଗ୍ରାମ ଦାଶ, ସ୍ନେହପ୍ରଭା ରଥ,
ମଞ୍ଜୁପ୍ରଭା ନନ୍ଦ, କୁଞ୍ଜପ୍ରଭା ହୋତା, କମଳପ୍ରଭା ମହାପାତ୍ର,
ନମିତା ମିଶ୍ର।

# ବୌଦ୍ଧ, ହରଭଙ୍ଗାରେ ତ୍ରିରଙ୍ଗା ଶୋଭାଯାତ୍ରା

**ବୌଦ୍ଧ/ହରଭଙ୍ଗା(୧୪।୮(ଅଜିତ କୁମାର ବାରିକ/ନରେନ୍ଦ୍ର କୁମାର ସାହୁ):** ବୌଦ୍ଧ ଜିଲା ପ୍ରଶାସନ ପକ୍ଷରୁ ଗୁରୁବାର ସହରରେ ତ୍ରିରଙ୍ଗା ମଟର ସାଇକେଲ ଶୋଭାଯାତ୍ରା ଅନୁଷ୍ଠିତ ହୋଇଛି। ଏହି ଶୋଭାଯାତ୍ରା ବୌଦ୍ଧ ବ୍ଲକ କାର୍ଯ୍ୟାଳୟରୁ ବାହାରି ସହର ପରିକ୍ରମା କରିବା ପରେ ଷ୍ଟାଡିୟମରେ ଶେଷ ହୋଇଥିଲା। ସେହିପରି ହରଭଙ୍ଗା ବ୍ଲକ ପୁରୁଣାକଟକରେ ଗୁରୁବାର ହର ଘର ତ୍ରିରଙ୍ଗା ଯାତ୍ରା ଅନୁଷ୍ଠିତ ହୋଇଥିଲା। ସ୍ଥାନୀୟ ଡିଗ୍ରୀ ମହାବିଦ୍ୟାଳୟରୁ ଏହି ଶୋଭାଯାତ୍ରା ବାହାରି ସହର ପରିକ୍ରମା କରିଥିଲା। ଏଥିରେ ବିଦ୍ୟାଳୟ, ମହାବିଦ୍ୟାଳୟର ଛାତ୍ରୀଛାତ୍ର ସାମିଲ ହୋଇଥିଲେ। ବୌଦ୍ଧ ବିଧାୟକ ସରୋଜ ପ୍ରଧାନ, ହରଭଙ୍ଗା ବ୍ଲକ ଅଧକ୍ଷ ସ୍ନେହଲତା ପ୍ରଧାନଙ୍କ ସମେତ ବହୁ ଭାଜପା ନେତା ଓ କର୍ମୀ ସାମିଲ ହୋଇଥିଲେ।



ତ୍ରିରଙ୍ଗା ଶୋଭାଯାତ୍ରାରେ ବିଧାୟକ ଓ ଅନ୍ୟମାନେ।

# ସାମୂହିକ ଫାଇଲେରିଆ ଔଷଧ ସେବନ

ଅମରପାଲି,୧୪।୮ (ପୀତାମ୍ବର ସାହୁ)

ସୁବର୍ଣ୍ଣପୁର ଜିଲା ବୀରମହାରାଜପୁର ବ୍ଲକ ଅନ୍ତର୍ଗତ କେନ୍‌ଝିରିଆପାଲି ଆଞ୍ଚଳିକ ଉଚ୍ଚ ବିଦ୍ୟାପୀଠରେ ସାମୂହିକ ଫାଇଲେରିଆ ଔଷଧ ସେବନ କାର୍ଯ୍ୟକ୍ରମ ଅନୁଷ୍ଠିତ ହୋଇଯାଇଛି। ବୀରମହାରାଜପୁର ଉପଖଣ୍ଡ ଚିକିତ୍ସାଳୟ ରାଷ୍ଟ୍ରୀୟ ବାଳ ସୁରକ୍ଷା କାର୍ଯ୍ୟକ୍ରମ ଆଧାରରେ ଆୟୁଷ ଡାକ୍ତର ଅମିତ କୁମାର ମୁଦୁଲି ଓ ଡାକ୍ତର ସିସ୍ମାସ୍ମିତା ସାହୁ, କମ୍ୟୁନିଟି ହେଲଥ ଅଫିସର ଅଞ୍ଜଳି ବାଘ ବିଦ୍ୟାଳୟର ସମସ୍ତ ଛାତ୍ରୀଛାତ୍ରଙ୍କୁ ଫାଇଲେରିଆ, ବାତଜ୍ୱର ଏବଂ କୃମିନାଶକ ଔଷଧ ସେବନର ଗୁରୁତ୍ୱ ସମ୍ପର୍କରେ ବୁଝାଇଥିଲେ। ଉକ୍ତ କାର୍ଯ୍ୟକ୍ରମରେ ବିଦ୍ୟାଳୟ ବିଜ୍ଞାନଶିକ୍ଷକ ଗୌରୀଶଙ୍କର ପୂଜାହାରୀ ସହଯୋଗ କରିଥିଲେ। କାର୍ଯ୍ୟକ୍ରମରେ ବିଦ୍ୟାଳୟ ସମସ୍ତ ଛାତ୍ରୀଛାତ୍ର ଏବଂ ପ୍ରଧାନ ଶିକ୍ଷକଙ୍କ ସମେତ ସମସ୍ତ ଶିକ୍ଷକ ଓ କର୍ମଚାରୀ ସାମୂହିକ ଫାଇଲେରିଆ ଔଷଧ ସେବନ କରିଥିଲେ।

### ସ୍ୱୟଂ ସହାୟକ ଗୋଷ୍ଠୀଙ୍କ ତ୍ରିରଙ୍ଗା ରାଲି

**ବୀରମହାରାଜପୁର,୧୪।୮(ଯୁଗଳ କିଶୋର ମିଶ୍ର):** ସୁବର୍ଣ୍ଣପୁର ଜିଲା ବୀରମହାରାଜପୁରରେ ଗୁରୁବାର ତ୍ରିରଙ୍ଗା ରାଲି ଅନୁଷ୍ଠିତ ହୋଇଥିଲା। ଏହି ରାଲିରେ ବିଡ଼ିଓ ପୁରୁଷୋତ୍ତମ ଧାରୁଆ, ବିପିସି ଶାନ୍ତନୁ କୁମାର ମେହେର, ବିପିମ ରମାକାନ୍ତ ହରିପାଲ, ବିପିଏ ରାଜୁ କୁମାର ଡୁଙ୍ଗଡୁଙ୍ଗ, ଡ଼ବ୍ଲୁଇଓ ସତ୍ୟ ନାରାୟଣ ପଧାନ ଉପସ୍ଥିତ ଥିଲେ। ତ୍ରିରଙ୍ଗା ରାଲି ବୀରମହାରାଜପୁର ବ୍ଲକ କଲ୍ୟାଣ ମଣ୍ଡପରୁ ବାହାରି ଅଗ୍ନିଶମ କାର୍ଯ୍ୟାଳୟ, ମିଶନ ଶକ୍ତି ଭବନ ଦେଇ ପୁଣି ବ୍ଲକ କାର୍ଯ୍ୟାଳୟଠାରେ ସମାପନ ହୋଇଥିଲା। ଏହି କାର୍ଯ୍ୟକ୍ରମରେ ଏମ୍‌ବିକେଙ୍କ ସହିତ ସମସ୍ତ ସିଆରପି ସାମିଲ ହୋଇଥିଲେ।

### ରାଜ୍ୟସ୍ତରୀୟ ଚେସ୍ ଚାମ୍ପିୟନଶିପ୍ ଉଦ୍‌ଘାଟିତ

ବୌଦ୍ଧ,୧୪।୮ (ଅଜିତ କୁମାର ବାରିକ)

ରାଜ୍ୟ କ୍ରୀଡା ଓ ଯୁବ ବ୍ୟାପାର ବିଭାଗ ଏବଂ ଅଲ୍ ଓଡିଶା ଚେସ୍ ଆସୋସିଏଶନ ପକ୍ଷରୁ ବୌଦ୍ଧ ସେଣ୍ଟ ଜାଭିୟରସ୍କୁଲରେ ଗୁରୁବାର ରାଜ୍ୟସ୍ତରୀୟ ଚେସ ଚାମ୍ପିୟନଶିପ୍ ଉଦ୍‌ଘାଟିତ ହୋଇଛି। କନ୍ଧମାଳ ବିଧାୟକ କହ୍ନେଇ ଚରଣ ଡାଙ୍ଗ ମୁଖ୍ୟ ଅତିଥି ଭାବେ ଯୋଗଦେଇ ଏହାକୁ ଦ୍ଘାଟନ କରିଥିଲେ। ଖବରଦାତା ରଜନୀକାନ୍ତ ଦାସ, ଅନ୍ତର୍ଜାତୀୟ ଆର୍ବିଟର ସୁରେଶ ଚନ୍ଦ୍ର ସାହୁ ସମ୍ମାନୀତ ଅତିଥି ଭାବେ ଉପସ୍ଥିତ ଥିଲେ। ପ୍ରତିଯୋଗିତାରେ ୧୨୧ ଜଣ ଖେଳାଳି ଭାଗ ନେଇଛନ୍ତି। ରାଜ୍ୟ ଚେସ୍ ସଂଘ ଉପସଭାପତି ଶଙ୍କର ପ୍ରସାଦ ମିଶ୍ରଙ୍କ ତତ୍ତ୍ୱାବଧାନରେ ଏହି ପ୍ରତିଯୋଗିତା ଅନୁଷ୍ଠିତ ହେଉଛି। ସନ୍ତୋଷ କୁମାର ମହାପାତ୍ର, ପିଙ୍କି ମହାପାତ୍ର ଏହାକୁ ପରିଚାଳନା କରୁଛନ୍ତି।

### ବୌଦ୍ଧ କଂଗ୍ରେସର ମଶାଲ ଶୋଭାଯାତ୍ରା

ବୌଦ୍ଧ,୧୪।୮ (ଅଜିତ କୁମାର ବାରିକ)

କେନ୍ଦ୍ରରେ ଭାଜପା ସରକାର ନିର୍ବାଚନ ଆୟୋଗକୁ ହାତ କରି ଭୋଟର ତାଲିକାରେ ଜାଲିଆତି କରି କ୍ଷମତା ଦଖଲ କରିଥିବା ନେଇ କଂଗ୍ରେସ ପକ୍ଷରୁ ଅଭିଯୋଗ ହୋଇଛି। ଏହାର ପ୍ରତିବାଦରେ ଗୁରୁବାର ସନ୍ଧ୍ୟାରେ ବୌଦ୍ଧ ଜିଲା କଂଗ୍ରେସ ପକ୍ଷରୁ ସହରରେ ଏକ ମଶାଲ ଶୋଭାଯାତ୍ରା ଅନୁଷ୍ଠିତ ହୋଇଥିଲା। ଜିଲା ସଭାପତି ନବ କୁମାର ମିଶ୍ରଙ୍କ ଅଧକ୍ଷତାରେ ଅନୁଷ୍ଠିତ ମଶାଲ ଶୋଭାଯାତ୍ରାରେ ଦଳର ପ୍ରବକ୍ତା ଶାନ୍ତନୁ କୁମାର ମହାପାତ୍ର, ବେଣୁଧର ମେହେର, ପ୍ରତ୍ୟୁଷ ମହାନନ୍ଦ, ଶିବ ବେହେରାଙ୍କ ସମେତ ବହୁ କଂଗ୍ରେସ କର୍ମୀ ସାମିଲ ହୋଇଥିଲେ।

### ବାଉଁଶୁଣୀରେ ବିଶାଳ ତ୍ରିରଙ୍ଗା ପଦଯାତ୍ରା

ବାଉଁଶୁଣୀ,୧୪।୮ (ଦେବାଶିଷ ନେପାକ)

ବୌଦ୍ଧ ଜିଲା ବାଉଁଶୁଣୀ ମାଁ ମାହେଶ୍ୱରୀ ଉଚ୍ଚ ମାଧ୍ୟମିକ ବିଦ୍ୟାଳୟର ଜାତୀୟ ସେବା ଯୋଜନା (ଯୁଗ୍ମ ବିଭାଗ) ତଥା ଯୁବ ରେଡ୍‌କ୍ରସ୍ ଆନୁକୂଲ୍ୟରେ ଗୁରୁବାର ତ୍ରିରଙ୍ଗା ପଦଯାତ୍ରା ଆୟୋଜିତ ହୋଇଯାଇଛି। ଏଥିରେ କଲେଜର ଛାତ୍ରୀଛାତ୍ର, ଅଧାପିକା ଅଧାପକ ଓ କର୍ମଚାରୀ ଯୋଗ ଦେଇଥିଲେ। ଏହି ପଦଯାତ୍ରା କଲେଜରୁ ବାହାରି ବାଉଁଶୁଣୀ ଷ୍ଟେଟ୍ ବ୍ୟାଙ୍କ ପର୍ଯ୍ୟନ୍ତ ପରିକ୍ରମା କରିଥିଲା। ସମସ୍ତେ ତ୍ରିରଙ୍ଗା ଧରି ଭାରତ ମାତା କି ଜୟ, ବନ୍ଦେ ମାତରମ, ମେରା ତ୍ରିରଙ୍ଗା ଉଞ୍ଚା ରହେଗା ଆଦି ସ୍ଲୋଗାନ ଦେଇଥିଲେ। ଅଧକ୍ଷ ମାନଭଞ୍ଜନ ତ୍ରିପାଠୀ ପତାକା ଦେଖାଇ କାର୍ଯ୍ୟକ୍ରମର ଶୁଭାରମ୍ଭ କରିଥିଲେ। ଏନ୍‌ଏସ୍‌ଏସ୍ ଏବଂ ରେଡ୍‌କ୍ରସ୍ ଦାୟିତ୍ୱରେ ଥିବା ଡ. ଉମାକାନ୍ତ ବିଶ୍ୱାଳ ଏବଂ ରମେଶ ଚନ୍ଦ୍ର ମେହେର କାର୍ଯ୍ୟକ୍ରମ ପରିଚାଳନା କରିଥିଲେ। ବାଉଁଶୁଣୀ ପୋଲିସ୍ ଶୃଙ୍ଖଳା ରକ୍ଷା କରିବାରେ ସହାୟତା କରିଥିଲା। ଏହାସହିତ ବାଉଁଶୁଣୀ ମାଁ ମାହେଶ୍ୱରୀ ଡିଗ୍ରୀ ମହାବିଦ୍ୟାଳୟର ଛାତ୍ରୀଛାତ୍ର ମଧ୍ୟ ତ୍ରିରଙ୍ଗା ପଦଯାତ୍ରା କରିଥିଲେ। ଏହି ପଦଯାତ୍ରାକୁ ଅଧକ୍ଷ ଅନିରୁଦ୍ଧ ମହାକୁଳ ଶୁଭାରମ୍ଭ କରିଥିଲେ।

# ଜିଲାପାଳଙ୍କ ଦ୍ୱାରସ୍ଥ ହେଲେ ଚାଷୀ

**ମେଗା ଜଳସେଚନ ପ୍ରକଳ୍ପରୁ ଜମିକୁ ପାଣି ଯୋଗାଣ ଦାବି**

ବୀରମହାରାଜପୁର, ୧୪।୮ (ଯୁଗଳ କିଶୋର ମିଶ୍ର)

ସୁବର୍ଣ୍ଣପୁର ଜିଲା ବୀରମହାରାଜପୁର ବ୍ଲକରେ ଚାଷ ଆରମ୍ଭରୁ ବର୍ଷାଭାବ ଯୋଗୁ ମରୁଡି ଆଶଙ୍କା ଦେଖାଦେଇଛି। ବ୍ଲକର ବାଗବର ଗାଁର ଶତାଧିକ ଚାଷୀ ଗୁରୁବାର ବଗବର ନିକଟରେ ଥିବା ମେଗା ଜଳଯୋଗାଣ ପ୍ରକଳ୍ପରୁ ବାଗବାର, ଷଣ୍ଢା ଓ ଆଖପାଖ ଅଞ୍ଚଳର ଚାଷୀଙ୍କ ଚାଷଜମିକୁ ପାଣି ଦେବାକୁ ଦାବି କରି ଜିଲାପାଳ ଓ ମେଗା ଜଳଯୋଗାଣ ପ୍ରକଳ୍ପ ନିର୍ବାହୀ ଯନ୍ତ୍ରୀଙ୍କୁ ଲିଖିତଭାବେ ଜଣାଇଛନ୍ତି। ସେମାନେ ଅଭିଯୋଗ କରିଥିଲେ ଜାଣିଶୁଣି ବାଗବର ଓ ଷଣ୍ଢା ଗାଁର ଅନେକ ଚାଷୀଙ୍କ ଜମିକୁ ପାଇପ ପୋତା ଯାଇଥିଲେ ମଧ ପାଣି ମାଡୁନାହିଁ ଏବଂ କେତେକ ଜମିକୁ ପ୍ରକଳ୍ପରେ ଅନ୍ତର୍ଭୁକ୍ତ କରାଯାଇନାହିଁ। ଜିଲାପାଳଙ୍କ ଅନୁପସ୍ଥିତରେ ଅତିରିକ୍ତ ଜିଲାପାଳ ଓ ମେଗା ଜଳ ସେଚନ ଅଧିକାରୀଙ୍କୁ ସେମାନେ ଦାବିପତ୍ର ପ୍ରଦାନ କରିଥିଲେ। ସନାତନ ନାଗ, ରାମପ୍ରସାଦ ବିଶ୍ୱାଳ, ବାବାଜୀ କର୍ଣ୍ଣ, ସୁଦାମ ଚରଣ ଦାସଙ୍କ ସହ ଶତାଧିକ ଚାଷୀ ଦାବିପତ୍ର ପ୍ରଦାନ ବେଳେ ଉପସ୍ଥିତ ଥିଲେ।



ଚାଷୀମାନେ ଅଧିକାରୀଙ୍କୁ ଦାବିପତ୍ର ପ୍ରଦାନ କରୁଛନ୍ତି।

### ଅମରପାଲି ହାଇସ୍କୁଲରେ ବକ୍ତୃତା ପ୍ରତିଯୋଗିତା

ଅମରପାଲି,୧୪।୮ (ପୀତାମ୍ବର ସାହୁ)

ସୁବର୍ଣ୍ଣପୁର ଜିଲା ବୀରମହାରାଜପୁର ବ୍ଲକ ଅମରପାଲି ହାଇସ୍କୁଲରେ ଏକ ବକ୍ତୃତା ପ୍ରତିଯୋଗିତା ଗୁରୁବାର ଅନୁଷ୍ଠିତ ହୋଇଯାଇଛି। ଉକ୍ତ ପ୍ରତିଯୋଗିତାରେ ସ୍କୁଲର ପ୍ରାୟ ୨୫ଜଣ ପ୍ରତିଯୋଗୀ ଅଂଶଗ୍ରହଣ କରିଥିଲେ। ପ୍ରତିଯୋଗୀମାନେ ମୋ ସ୍ୱପ୍ନର ଭାରତ ବିଷୟରେ ନିଜ ମତ ପ୍ରଦାନ କରିଥିଲେ। ଏହି ପ୍ରତିଯୋଗିତାରେ ଶିକ୍ଷକ ସସ୍ମିତ ପ୍ରଧାନ, କହ୍ନେଇ ଚରଣ ପ୍ରଧାନ ଓ ବ୍ରହ୍ମାନନ୍ଦ ପ୍ରଧାନ ବିଚାରକ ଭାବେ ମୂଲ୍ୟାଙ୍କନ କରିଥିଲେ। ଏଥିରେ ପ୍ରଜ୍ଞାପରମିତା ସାହୁ ପ୍ରଥମ, ସ୍ନେହାରାଣୀ ଦେହୁରୀ ଦ୍ୱିତୀୟ ଏବଂ ରଶ୍ମୀ ରଞ୍ଜନ ସାହୁ ଓ ରୁଦ୍ରାଭିଶେକ ପଧାନ ଯୁଗ୍ମ ତୃତୀୟ ସ୍ଥାନ ହାସଲ କରିଥିଲେ।

**ଦ.ପୂ. ରେଳପଥ – ଟେଣ୍ଡର**

ଭାରତର ରାଷ୍ଟ୍ରପତିଙ୍କ ପାଇଁ ଏବଂ ତରଫରୁ ମଣ୍ଡଳ ରେଳ ପ୍ରବନ୍ଧକ (ଇଏନ୍‌ଜିଜି.), ଦକ୍ଷିଣ ପୂର୍ବ ରେଳପଥ, ରାଞ୍ଚି-୮୩୪୦୦୩ ନିମ୍ନଲିଖିତ କାର୍ଯ୍ୟ ପାଇଁ ଇ-ଟେଣ୍ଡର ଆହ୍ୱାନ କରୁଛନ୍ତି: କ୍ର.ସଂ.; ବିଜ୍ଞପ୍ତି ସଂଖ୍ୟା; କାର୍ଯ୍ୟର ନାମ: ଟେଣ୍ଡର ମୂଲ୍ୟ; ଇଏମ୍‌ଡି ମୂଲ୍ୟ ନିମ୍ନ ଅନୁଯାୟୀ ଅଟେ: [୧] ଡିଆର୍‌ଏମ୍‌ଇଏନ୍‌ଜିଜିଆର୍‌ଏନ୍‌ସି-୮୭-୨୦୨୫; ରାଞ୍ଚି ମଣ୍ଡଳ କ୍ଷେତ୍ରାଧିକାର ପାଇଁ ପାକୁର/ତାଲଝରି/ବରହରୱା କ୍ୱାରି ସାଇଡିଂଠାରେ ୮୫୨୬୬ ସିୟୁଏମ୍ ୫୦ ମିମି ଆକାର ମେଶିନ୍ କ୍ରଶ୍‌ଡ ହାର୍ଡ ଷ୍ଟୋନ୍ ଟ୍ରାକ୍ ବାଲାଷ୍ଟର ଯୋଗାଣ ଓ ତାହାକୁ ରେଳ ୱାଗନ/ହପରଗୁଡ଼ିକରେ ବୋଝେଇ ଓ ଖଲାସି କରିବା (ମାପ ଗନ୍ତବ୍ୟସ୍ଥଳରେ କରାଯିବ); ₹୧୨,୪୪,୮୬,୬୫୪.୬୮; ₹୭,୭୨,୪୦୦.୦୦; [୨] ଡିଆର୍‌ଏମ୍‌ଇଏନ୍‌ଜିଜିଆର୍‌ଏନ୍‌ସି-୮୮-୨୦୨୫; ରାଞ୍ଚି ମଣ୍ଡଳ କ୍ଷେତ୍ରାଧିକାର ପାଇଁ ବାକୁଡିହ/ରାଜଗ୍ରାମ/ପିନାରଗାରିଆ କ୍ୱାରି ସାଇଡିଂଠାରେ ୮୪୮୬୧ ସିୟୁଏମ୍ ୫୦ ମିମି ଆକାର ମେଶିନ୍ କ୍ରଶ୍‌ଡ ହାର୍ଡ ଷ୍ଟୋନ୍ ଟ୍ରାକ୍ ବାଲାଷ୍ଟର ଯୋଗାଣ ଓ ତାହାକୁ ରେଳ ୱାଗନ/ହପରଗୁଡ଼ିକରେ ବୋଝେଇ ଓ ଖଲାସି କରିବା (ମାପ ଗନ୍ତବ୍ୟସ୍ଥଳରେ କରାଯିବ); ₹୧୨,୩୮,୯୫,୩୬୨.୭୮; ₹୭,୬୯,୫୦୦.୦୦; [୩] ଡିଆର୍‌ଏମ୍‌ଇଏନ୍‌ଜିଜିଆର୍‌ଏନ୍‌ସି-୮୯-୨୦୨୫; ଏସ୍‌ଏସ୍‌ଇ (ୱାର୍କସ୍)/ବାନୋଙ୍କ କ୍ଷେତ୍ରାଧିକାର ଅଧୀନରେ ହାଟିଆ-ଓର୍ଗା ସେକ୍ସନରେ କିମି ୪୨୮/୧୨ରୁ ଜିବିଏକ୍ସ(ଏକ୍ସ) ନିମନ୍ତେ ତା୦୧।୦୭।୨୦୨୫ରିଖରୁ ତା୩୦।୦୬।୨୦୨୭ରିଖ ପର୍ଯ୍ୟନ୍ତ ୦୨ ବର୍ଷ ଅବଧି ପାଇଁ ନିମ୍ନଲିଖିତ ଜୋନାଲ୍ କାର୍ଯ୍ୟର ନିର୍ବାହ (କ) ବିଦ୍ୟମାନ ସାନିଟାରୀ ସିଷ୍ଟମ୍ ଏବଂ ଜଳ ଯୋଗାଣ ସିଷ୍ଟମ୍ ପାଇଁ ନୂଆ କାର୍ଯ୍ୟ, ଯୋଗ ଓ ପରିବର୍ତ୍ତନ; ଏପରି ପ୍ରତ୍ୟେକ କାର୍ଯ୍ୟର ମୂଲ୍ୟ ଟ.୫,୦୦,୦୦୦.୦୦ (ପାଞ୍ଚ ଲକ୍ଷ ଟଙ୍କା ମାତ୍ର)ରୁ ଅଧିକ ହେବ ନାହିଁ ଏବଂ (ଖ) ସମସ୍ତ ସାଧାରଣ ଏବଂ ସ୍ୱତନ୍ତ୍ର ମରାମତି କାର୍ଯ୍ୟ, ସାମଗ୍ରୀଗୁଡ଼ିକର ଯୋଗାଣ ଏବଂ ରକ୍ଷଣାବେକ୍ଷଣ କାର୍ଯ୍ୟ ଏବଂ ସାମଗ୍ରୀଗୁଡ଼ିକର ପରିବହନ; ₹୮୯,୯୯,୮୬୦.୮୨; ₹୧,୮୦,୦୦୦.୦୦; [୪] ଡିଆର୍‌ଏମ୍‌ଇଏନ୍‌ଜିଜିଆର୍‌ଏନ୍‌ସି-୯୦-୨୦୨୫; ଏସ୍‌ଏସ୍‌ଇ (ୱାର୍କସ୍)/ହାଟିଆଙ୍କ କ୍ଷେତ୍ରାଧିକାର ଅଧୀନରେ ଷ୍ଟାଫ୍ କ୍ୱାର୍ଟରଗୁଡ଼ିକ ପାଇଁ ତା୦୧।୦୭।୨୦୨୫ରିଖରୁ ତା୩୦।୦୬।୨୦୨୭ରିଖ (୦୨ ବର୍ଷ) ପର୍ଯ୍ୟନ୍ତ ୦୨ ବର୍ଷ ଅବଧି ପାଇଁ ନିମ୍ନଲିଖିତ ଜୋନାଲ୍ କାର୍ଯ୍ୟର ନିର୍ବାହ (କ) ବିଦ୍ୟମାନ ସାନିଟାରୀ ସିଷ୍ଟମ୍ ଏବଂ ଜଳ ଯୋଗାଣ ସିଷ୍ଟମ୍ ପାଇଁ ନୂଆ କାର୍ଯ୍ୟ, ଯୋଗ ଓ ପରିବର୍ତ୍ତନ; ଏପରି ପ୍ରତ୍ୟେକ କାର୍ଯ୍ୟର ମୂଲ୍ୟ ଟ.୫,୦୦,୦୦୦.୦୦ (ପାଞ୍ଚ ଲକ୍ଷ ଟଙ୍କା ମାତ୍ର)ରୁ ଅଧିକ ହେବ ନାହିଁ ଏବଂ (ଖ) ସମସ୍ତ ସାଧାରଣ ଏବଂ ସ୍ୱତନ୍ତ୍ର ମରାମତି କାର୍ଯ୍ୟ, ସାମଗ୍ରୀଗୁଡ଼ିକର ଯୋଗାଣ ଏବଂ ରକ୍ଷଣାବେକ୍ଷଣ କାର୍ଯ୍ୟ ଏବଂ ସାମଗ୍ରୀଗୁଡ଼ିକର ପରିବହନ [କ୍ୱାର୍ଟରଗୁଡ଼ିକର ବିବରଣୀ: ଟାଇପ୍-I= ୪୭୯, ଟାଇପ୍-II= ୪୫୬, ଟାଇପ୍-III= ୨୩, ମୋଟ = ୯୫୮ ଗୋଟି]; ₹୧,୦୦,୭୭,୪୪୦.୨୦; ₹୨,୦୦,୪୦୦.୦୦। ଟେଣ୍ଡର ବନ୍ଦ ହେବା ତାରିଖ ଓ ସମୟ: ତା୦୪।୦୯।୨୦୨୫ରିଖ ୧୫.୦୦ ଘଟିକା (ସମସ୍ତ ଟେଣ୍ଡର ପାଇଁ)। ଟେଣ୍ଡରଦାତାମାନେ ଅନ୍‌ଲାଇନ୍ ଟେଣ୍ଡରିଂ ପାଇଁ ୱେବ୍‌ସାଇଟ୍ www.ireps.gov.in ପରିଦର୍ଶନ କରିପାରିବେ। (PR-524)

# ଟାୱାର ଅଛି, ନେଟ୍‌ୱର୍କ ଆସୁନି

- ଅନ୍‌ଲାଇନ୍ ସେବାରୁ ବଞ୍ଚିତ ଫୁଲଝରବାସୀ
- ଉପଜିଲାପାଳଙ୍କୁ ଦାବିପତ୍ର ପ୍ରଦାନ


ଉପଜିଲାପାଳଙ୍କୁ ଦାବିପତ୍ର ଦିଆଯାଉଛି।

ବଣାଇଁ, ୧୪।୮ (ପ୍ରଦୀପ ତ୍ରିପାଠୀ)

ସୁନ୍ଦରଗଡ଼ ଜିଲା ବଣାଇଁ ଉପଖଣ୍ଡର ଲହୁଣୀପଡା ବ୍ଲକ ଅନ୍ତର୍ଗତ ଫୁଲଝର ଗ୍ରାମପଞ୍ଚାୟତ ଅଞ୍ଚଳରେ ବିଏସ୍‌ଏନ୍‌ଏଲ ଟାୱାର ଥିଲେ ମଧ୍ୟ ମାସ ମାସ ଧରି ନେଟ୍‌ୱର୍କ ଆସୁନାହିଁ। ଫଳରେ ଅଞ୍ଚଳର ଲୋକେ ବିଭିନ୍ନ ଅନ୍‌ଲାଇନ ସେବା ପାଇବାରେ ଅସୁବିଧା ଭୋଗୁଛନ୍ତି। ଏଥିରେ ଅସନ୍ତୋଷ ପ୍ରକାଶ କରି ଗୁରୁବାର ଫୁଲଝର ସରପଞ୍ଚ ରଇବାରି ମୁଣ୍ଡାଙ୍କ ନେତୃତ୍ୱରେ ପଞ୍ଚାୟତବାସୀ ବଣାଇଁ ଉପଜିଲାପାଳଙ୍କ କାର୍ଯ୍ୟାଳୟକୁ ଯାଇ ଏକ ଦାବିପତ୍ର ପ୍ରଦାନ କରିଛନ୍ତି।

ସୂଚନା ଅନୁସାରେ, କିଛିବର୍ଷ ତଳେ ପ୍ରତ୍ୟେକ ଗ୍ରାମପଞ୍ଚାୟତରେ ପର୍ଯ୍ୟାପ୍ତ ନେଟୱର୍କ ପାଇଁ ଟାୱାର ସ୍ଥାପିତ ହୋଇଥିଲା। ଏହି କ୍ରମରେ ପାଉଡି ଭୂୟାଁ ସମ୍ପ୍ରଦାୟର ପଞ୍ଚାୟତ ଭାବେ ପରିଚିତ ଫୁଲଝର ପଞ୍ଚାୟତରେ ବିଏସ୍‌ଏନ୍‌ଏଲ ଟାୱାର ସ୍ଥାପନ କରାଗଲା। ଡିଜିଟାଲ ଇଣ୍ଡିଆ ନିଷ୍ପତ୍ତି କ୍ରମେ ଗ୍ରାମପଞ୍ଚାୟତ କାର୍ଯ୍ୟାଳୟରେ ଭିଡିଓ କନଫରେନ୍ସ ଜରିଆରେ ସବୁ ତଥ୍ୟ ଆଦାନ ପ୍ରଦାନ ଓ ସେବା ପ୍ରଦାନ କରାଯାଉଥିଲା। ତେବେ ଫୁଲଝରରେ ଟାୱାର ଥିଲେ ମଧ୍ୟ ନେଟୱର୍କ ସେବା ବନ୍ଦ ରହିଛି। ନେଟୱର୍କ ନ ଥିବାରୁ ଅନ୍‌ଲାଇନ କାମଠାରୁ ଆରମ୍ଭ କରି ମୋବାଇଲ ଫୋନ ବ୍ୟବହାର କରୁଥିବା ଲୋକେ ହଇରାଣ ହେଉଛନ୍ତି। ଏଥିରେ ଅସନ୍ତୋଷ ପ୍ରକାଶ କରି ସେମାନେ ଉପଜିଲାପାଳଙ୍କୁ ଅଭିଯୋଗ କରିଥିବା ଜଣାଇଛନ୍ତି।

## ଗାଡ଼ି ଧକ୍କାରେ ମହିଳା ମୃତ

ଲହୁଣୀପଡା, ୧୪।୮ (ଦାଶରଥି ପଣ୍ଡା): ସୁନ୍ଦରଗଡ଼ ଜିଲା କେ. ବଲାଙ୍ଗ ଥାନା ଅନ୍ତର୍ଗତ ୫୨୦ ନମ୍ବର ଜାତୀୟ ରାଜପଥର ସୁନମବୁରୁ ନିକଟରେ ମଙ୍ଗଳବାର ବିଳମ୍ବିତ ରାତିରେ ଏକ ଅଜଣା ଗାଡ଼ି ଧକ୍କାରେ ଜଣେ ମହିଳାଙ୍କ ମୃତ୍ୟୁ ଘଟିଛି। ମୃତା ମହିଳାଙ୍କ ପରିଚୟ ମିଳିପାରି ନାହିଁ। ଏନେଇ ପୋଲିସ ଏକ ମାମଲା ରୁଜୁ କରି ଘଟଣାର ତଦନ୍ତ କରୁଛି। ମିଳିଥିବା ସୂଚନା ଅନୁଯାୟୀ, ମଙ୍ଗଳବାର ବିଳମ୍ବିତ ରାତିରେ ସୁନମବୁରୁ ନିକଟରେ ଏକ ଅଜଣା ଗାଡି ମହିଳାଙ୍କୁ ଧକ୍କା ଦେଇ ଫେରାର ହୋଇଯାଇଥିଲା। ଫଳରେ ମହିଳା ଜଣକ ଗୁରୁତର ଆହତ ହୋଇଥିଲେ। ଖବରପାଇ କେ. ବଲାଙ୍ଗ ପୋଲିସ ଘଟଣା ସ୍ଥଳରେ ପହଞ୍ଚି ଆହତ ମହିଳାଙ୍କୁ ଉଦ୍ଧାର କରି ଚିକିତ୍ସା ପାଇଁ ରାଉରକେଲା ସରକାରୀ ଡାକ୍ତରଖାନାରେ ଭର୍ତ୍ତି କରିଥିଲେ। ବୁଧବାର ଚିକିତ୍ସାଧୀନ ଅବସ୍ଥାରେ ତାଙ୍କର ମୃତ୍ୟୁ ଘଟିଥିଲା। ମୃତଦେହକୁ ମର୍ଗ ହାଉସରେ ରଖାଯାଇଛି।

## ହାତୀ ପରିବେଶର ବନ୍ଧୁ, ଶତ୍ରୁ ନୁହେଁ


କାର୍ଯ୍ୟକ୍ରମରେ ଉପସ୍ଥିତ ଅତିଥିମାନେ।

କୁତ୍ରା, ୧୪।୮ (ଦେବାଶିଷ ସାହୁ)

କୁତ୍ରା ବ୍ଲକ ଅନ୍ତର୍ଗତ ତରକେରା ଉଚ୍ଚ ବିଦ୍ୟାଳୟରେ ଗୁରୁବାର ବିଶ୍ୱ ହାତୀ ଦିବସ ପାଳିତ ହୋଇଯାଇଛି। ଏଥିରେ ବନ ବିଭାଗ କର୍ମଚାରୀ ଦିପନ ପଟେଲ ମୁଖ୍ୟ ଅତିଥିଭାବେ ଯୋଗଦେଇ ହାତୀ ପରିବେଶର ବନ୍ଧୁ, ଶତ୍ରୁ ନୁହେଁ ବୋଲି କହିଥିଲେ। ଏହାସହିତ ହାତୀ ଦ୍ୱାରା ଜଙ୍ଗଲର ହେଉଥିବା ଉପକାରିତା ବିଷୟରେ ସମସ୍ତଙ୍କୁ ସଚେତନ କରିଥିଲେ। ଅନୁଷ୍ଠାନର ପ୍ରଧାନ ଶିକ୍ଷକ ଲୋକନାଥ ପ୍ରଧାନ ସ୍ୱାଗତ ଭାଷଣ ଦେବା ସହ ଏହାର ଉଦ୍ଦେଶ୍ୟ ଓ ଆଭିମୁଖ୍ୟ ବିଷୟରେ ଛାତ୍ରୀଛାତ୍ରଙ୍କୁ ଅବଗତ କରାଇଥିଲେ। ଦିନକୁ ଦିନ ପରିବେଶରୁ ହାତୀ ସଂଖ୍ୟା ଲୋପ ପାଇବାକୁ ବସିଲାଣି। ଏଥିପାଇଁ ସବୁ ସ୍ତରରେ ସଚେତନତାର ଆବଶ୍ୟକତା ରହିଛି ବୋଲି କହିଥିଲେ। କାର୍ଯ୍ୟକ୍ରମକୁ ନିରଞ୍ଜନ ପୃଷ୍ଟି ପରିଚାଳନା କରିଥିବା ବେଳେ କେଦାର ସାହୁ ଧନ୍ୟବାଦ ଅର୍ପଣ କରିଥିଲେ। ଏଥିରେ ଛାତ୍ରୀଛାତ୍ରଙ୍କ ସହିତ ବିଦ୍ୟାଳୟର ସମସ୍ତ ଶିକ୍ଷୟିତ୍ରୀ ଶିକ୍ଷକ, କର୍ମଚାରୀ ସହଯୋଗ କରିଥିଲେ।

## ଲହୁଣୀପଡ଼ାରେ ତ୍ରିରଙ୍ଗା ପଦଯାତ୍ରା

ଲହୁଣୀପଡା, ୧୩।୮ (ଦାଶରଥି ପଣ୍ଡା)

ସୁନ୍ଦରଗଡ଼ ଜିଲା ଲହୁଣୀପଡାଠାରେ ବୁଧବାର ତ୍ରିରଙ୍ଗା ପଦଯାତ୍ରା ଅନୁଷ୍ଠିତ ହୋଇଯାଇଛି। ଏହି ତ୍ରିରଙ୍ଗା ପଦଯାତ୍ରା ହନୁମାନ ମନ୍ଦିର ନିକଟରୁ ବାହାରି ଶିବ ମନ୍ଦିର ପର୍ଯ୍ୟନ୍ତ ଯାଇଥିଲା। କାର୍ଯ୍ୟକ୍ରମରେ ବିଭିନ୍ନ ଅନୁଷ୍ଠାନର ସଦସ୍ୟ, ଛାତ୍ରୀଛାତ୍ର, ସ୍ଥାନୀୟ ସ୍ୱୟଂ ସହାୟକ ଗୋଷ୍ଠୀ ଗୁଡ଼ିକର ସଦସ୍ୟ ତଥା ଜନ ସଧାରଣ ବହୁଳ ସଂଖ୍ୟାରେ ଯୋଗ ଦେଇଥିଲେ। ଏହି କାର୍ଯ୍ୟକ୍ରମ ନେତୃତ୍ୱ ଭାଜପା ମଣ୍ଡଳ ସଭାପତି ପୂର୍ଣ୍ଣଚନ୍ଦ୍ର ଓରାମ ନେଇଥିବା ବେଳେ ହଳଧର ମାହାନ୍ତ, ବାସୁଦେବ ସାହୁ, ଅଭିରାମ ମହାକୁଳ, ଜୟନ୍ତୀ ମାହାନ୍ତ, ଭୁବନେଶର ବେହେରା, ଡିଲେଶ୍ୱର ମାହାନ୍ତ, ଗୁଡୁ ଚୌଧୁରୀ, କାର୍ତ୍ତିକ ମାହାନ୍ତ, ରାଜେଶ କୁମାର ଜୈସୱାଲ ପ୍ରମୁଖ କାର୍ଯ୍ୟକ୍ରମରେ ସହଯୋଗ କରିଥିଲେ।


ବାହାରିଥିବା ତ୍ରିରଙ୍ଗା ଶୋଭାଯାତ୍ରା।

## ଆନ୍ଦୋଳନକୁ ସମର୍ଥନ ଜଣାଇଲେ ବିଧାୟକ ଯୋଗେଶ


ବିଧାୟକଙ୍କୁ ଦାବିପତ୍ର ଦିଆଯାଉଛି।

ସୁନ୍ଦରଗଡ, ୧୪।୮ (ଜୟ ନାରାୟଣ ମେଣ୍ଡୁଲି)

### ୪ର୍ଥ ଦିନରେ ରାଜସ୍ୱ ଅମଲାଙ୍କ ଆନ୍ଦୋଳନ

ଜିଲା ସ୍ତରୀୟ କାର୍ଯ୍ୟରତ ରାଜସ୍ୱ ଅମଲା ମାନଙ୍କ ବହୁ ପ୍ରତିକ୍ଷିତ ଦାବି ଗୁଡିକ ପୁରଣ ଦିଗରେ ସରକାରଙ୍କ ଟାଳଟୁଳ ନିତି ପ୍ରତିବାଦରେ ଓଡ଼ିଶା ରାଜସ୍ୱ ଅମଲା ସଂଘ ସୁନ୍ଦରଗଡ ଜିଲା ଶାଖା ପକ୍ଷରୁ ଗତ ୧୧ତାରିଖରୁ ଆରମ୍ଭ ହୋଇଥିବା ଆନ୍ଦୋଳନ ଗୁରୁବାର ଚତୁର୍ଥ ଦିବସରେ ପହଞ୍ଚିଛି। ଜିଲାରେ ସାଢେ ୫୦୦ରୁ ଉର୍ଦ୍ଧ୍ୱ ରାଜସ୍ୱ ଅମଲାମାନେ ସାମୂହିକ ଛୁଟିରେ ଯାଇ ଆନ୍ଦୋଳନରେ ସାମିଲ ହୋଇ ଜିଲାପାଳଙ୍କ କାର୍ଯ୍ୟାଳୟ ପରିସରରେ ଧାରଣାରେ ବସି ରହିଛନ୍ତି। ଫଳରେ ଜିଲାରେ ସରକାରୀ କାର୍ଯ୍ୟ ଠପ ହୋଇ ପଡିଛି। ସାଧାରଣ ଲୋକେ ସରକାରୀ କାର୍ଯ୍ୟରୁ ବଞ୍ଚିତ ହୋଇ ହଇରାଣ ହେଉଛନ୍ତି। ସଂଘ ପକ୍ଷରୁ କୁହାଯାଇଛି ଯେ, ରାଜସ୍ୱ ଅମଲାମାନେ ତୃଣମୂଳ ସ୍ତରରୁ ରାଜ୍ୟସରକାରଙ୍କ ସମସ୍ତ ଜନହିତକର ଯୋଜନାଗୁଡିକୁ ଜନସାଧାରଣଙ୍କ ନିକଟରେ ପହଞ୍ଚାଇବାରେ ପ୍ରମୁଖ ଭୂମିକା ନେଇଛନ୍ତି। ଏହା ପ୍ରତିବଦଳରେ ରାଜ୍ୟ ସରକାରଙ୍କ ଦ୍ୱାରା ସ୍ଥିରୀକୃତ କିଛି ସ୍ୱଳ୍ପ ଦରମା ବ୍ୟତୀତ ଅନ୍ୟ କୌଣସି ସୁବିଧା ସୁଯୋଗ ପାଇ ନାହାଁନ୍ତି। ବିଭିନ୍ନ ସମୟରେ ଏନେଇ ସରକାରଙ୍କ ନିକଟରେ ଦାବି ଉପସ୍ଥାପନ ସହ ଆଲୋଚନା ପର୍ଯ୍ୟାଲୋଚନା ସତ୍ତ୍ୱେ ଅମଲା ମାନଙ୍କ ଦାବି ପୂରଣ ଦିଗରେ ସରକାର ଆନ୍ତରିକତା ପ୍ରକାଶ କରୁ ନାହାଁନ୍ତି। ଜିଲା ସ୍ତରୀୟ ଅମଲାମାନଙ୍କ ପଦବୀ ପୁନର୍ଗଠନ ହେଉ ନାହିଁ। ଏଣୁ ୧୦ଦଫା ଦାବି ପୂରଣ ହେଉ ନ ଥିବାରୁ ରାଜସ୍ୱ ଅମଲା ସଂଘ ଏହି ଆନ୍ଦୋଳନ ଚଳାଇଥିବା ସଂଘର ଜିଲା ଶାଖା ସଭାପତି ଦେବେନ୍ଦ୍ର କୁମାର ପତି ପ୍ରକାଶ କରିଛନ୍ତି। ରାଜସ୍ୱ ଅମଲା ସଂଘର ଏହି ଆନ୍ଦୋଳନ ପ୍ରତି ସମର୍ଥନ ଜଣାଇ ଗୁରୁବାର ସୁନ୍ଦରଗଡ ବିଧାୟକ ଯୋଗେଶ କୁମାର ସିଂହ ଆନ୍ଦୋଳନତ ସଂଘ କର୍ମକର୍ତ୍ତାମାନଙ୍କ ସହିତ ଆଲୋଚନା କରି ରାଜ୍ୟ ସରକାର ଏଥିପ୍ରତି ଧ୍ୟାନ ଦେଇ ତୁରନ୍ତ ପଦକ୍ଷେପ ନେବାକୁ ଦାବି କରିଛନ୍ତି।


ପ୍ରଥମ ଶ୍ରାଦ୍ଧବାର୍ଷିକୀ
ଅଶ୍ରୁଳ ଶ୍ରଦ୍ଧାଞ୍ଜଳି
୰ ଅବନ୍ତୀ କୁମାରୀ ଦେବୀ
ତୁମ ଅମର ଆତ୍ମାର ଶାନ୍ତି ଓ ସଦ୍‌ଗତି ନିମନ୍ତେ ମହାପ୍ରଭୁ ଶ୍ରୀଜଗନ୍ନାଥଙ୍କ ଚରଣ କମଳରେ ଭକ୍ତିପୂତ ଶ୍ରଦ୍ଧାଞ୍ଜଳି ଅର୍ପଣ କରୁଅଛୁ।
ସ୍ୱର୍ଗତ ଡ଼ଃ. ଦୀନବନ୍ଧୁ ଦାଶ ଏବଂ
ସ୍ୱର୍ଗତା ଶ୍ରୀମତୀ ଅବନ୍ତୀ କୁମାରୀ ଦେବୀଙ୍କ ଶୋକାକୁଳ ପରିବାରବର୍ଗ
ଡାଃ ବିଜୟ କେତନ ଦାଶ, ବିଭୂତି ଭୂଷଣ ଦାଶ,
ବିକ୍ରମ ଦାଶ, ସଂଗ୍ରାମ ଦାଶ, ସ୍ନେହପ୍ରଭା ରଥ,
ମଞ୍ଜୁପ୍ରଭା ନନ୍ଦ, କୁଞ୍ଜପ୍ରଭା ହୋତା, କମଳପ୍ରଭା ମହାପାତ୍ର,
ନମିତା ମିଶ୍ର।

## ପାଣି ଯୋଗାଣ ସମୟ ପରିବର୍ତ୍ତନ ଦାବି

ବନ୍ଧମୁଣ୍ଡା, ୧୪।୮ (ସୁବ୍ରତ ଦେ): ରଘୁନାଥପାଲି ନିର୍ବାଚନମଣ୍ଡଳୀ ଅନ୍ତର୍ଗତ ବନ୍ଧମୁଣ୍ଡାର ତିଲକାନଗର ବସ୍ତିବାସୀ ଜଳ ଯୋଗାଣ ବିଭାଗକୁ ଜଳ ଯୋଗାଣର ସମୟକୁ ପରିବର୍ତ୍ତନ କରିବା ପାଇଁ ଦାବି କରିଛନ୍ତି। ବସ୍ତିବାସୀଙ୍କ କହିବା ଅନୁଯାୟୀ, ବର୍ତ୍ତମାନ ସକାଳ ୯ଟାରେ ପାଣି ଯୋଗାଣ ଆରମ୍ଭ ହେଉଛି। ଫଳରେ ସେମାନଙ୍କୁ ଅନେକ ସମସ୍ୟାର ସମ୍ମୁଖୀନ ହେବାକୁ ପଡୁଛି। ପାଣି ପାଇଁ ଅପେକ୍ଷା କରିବା ଯୋଗୁ ବସ୍ତିବାସୀ ସେମାନଙ୍କ କାମକୁ ମଧ୍ୟ ଯାଇପାରୁନାହାନ୍ତି। ଫଳରେ ତିଲକାନଗର ବସ୍ତିବାସୀ ସମ୍ପୃକ୍ତ ବିଭାଗ ଏବଂ ରଘୁନାଥପାଲି ବିଧାୟକ ଦୁର୍ଗା ଚରଣ ତନ୍ତୀଙ୍କୁ ସକାଳ ୯ଟା ପରିବର୍ତ୍ତେ ସକାଳ ୭ଟାରେ ପାଣି ଯୋଗାଣ ଆରମ୍ଭ କରିବାକୁ ଅନୁରୋଧ କରିଛନ୍ତି।

## ମାଣିକେଶ୍ୱରୀ ଡିଗ୍ରୀ ମହାବିଦ୍ୟାଳୟରେ ତିରଙ୍ଗା ଯାତ୍ରା

ହେମଗିର, ୧୪।୮ (ଚୈତନ୍ୟ ପଟେଲ)

ସୁନ୍ଦରଗଡ଼ ଜିଲା ହେମଗିର ବ୍ଲକସ୍ଥିତ ମାଣିକେଶ୍ୱରୀ ଡିଗ୍ରୀ ମହାବିଦ୍ୟାଳୟ ଗଡ଼ ଡୁଡୁଲିଆଠାରେ ଗୁରୁବାର ମହାବିଦ୍ୟାଳୟ ଅଧ୍ୟକ୍ଷ ଲକ୍ଷ୍ମୀକାନ୍ତ ଜେନାଙ୍କ ତତ୍ତ୍ୱାବଧାନରେ ହର୍ ଘର୍ ତିରଙ୍ଗା କାର୍ଯ୍ୟକ୍ରମ ଅନୁଷ୍ଠିତ ହୋଇଥିଲା। ଏହି ଅବସରରେ ମହାବିଦ୍ୟାଳୟଠାରୁ ଛାତ୍ରୀଛାତ୍ରମାନଙ୍କ ଦ୍ୱାରା ଏକ ରାଲି ବାହାରି ନଗର ପରିକ୍ରମା କରିଥିଲା। ପରେ ଶପଥପାଠକରି ସ୍ୱଚ୍ଛ ଭାରତ ଅଭିଯାନ ମାଧ୍ୟମରେ ଅଞ୍ଚଳକୁ ପରିଷ୍କାର କରିବା ସହ ଲୋକଙ୍କୁ ଏହି ଅଭିଯାନରେ ସାମିଲହେବାକୁ ଆହ୍ୱାନ ଦେଇଥିଲେ। ଏହି ଅବସରରେ ଜିଲା ପରିଷଦ ସଭ୍ୟ ଉଦିତ ସେଠ, ଡୁମୁଲିଆ ସରପଞ୍ଚ ଶେଷବତୀ ପ୍ରଧାନ, ନାଏବ ସରପଞ୍ଚ ଗୋବର୍ଦ୍ଧନ ପଶାୟତ ପ୍ରମୁଖ ଉପସ୍ଥିତ ଥିଲେ।



ଛାତ୍ରୀଛାତ୍ରଙ୍କ ପକ୍ଷରୁ ବାହାରିଥିବା ରାଲି।

## ସରକାରୀ ମହାବିଦ୍ୟାଳୟରେ ହର୍ ଘର୍ ତିରଙ୍ଗା

ସୁନ୍ଦରଗଡ଼, ୧୪।୮ (ଜୟ ନାରାୟଣ ମେଣ୍ଡୁଲି)

ସୁନ୍ଦରଗଡ଼ ସରକାରୀ ମହାବିଦ୍ୟାଳୟରେ ବୁଧବାର ହର୍ ଘର୍ ତ୍ରିରଙ୍ଗା କାର୍ଯ୍ୟକ୍ରମ ଅନୁଷ୍ଠିତ ହୋଇଯାଇଛି। ଏହି କାର୍ଯ୍ୟକ୍ରମକୁ ମହାବିଦ୍ୟାଳୟର ଅଧ୍ୟକ୍ଷ ଆଲୋକ କୁମାର ନାଏକ ଉଦ୍‌ଘାଟନ କରିଥିଲେ। ମହାବିଦ୍ୟାଳୟର ଛାତ୍ରୀଛାତ୍ର ଓ ଅଧ୍ୟାପିକା ଅଧ୍ୟାପକମାନେ ଏକ ଶୋଭାଯାତ୍ରାରେ ବାହାରି ନିକଟସ୍ଥ ଆର୍‌ଆର୍‌ଆଇଟି କଲୋନି ପରିକ୍ରମା କରିଥିଲେ। ଛାତ୍ରୀଛାତ୍ରମାନେ ସାଇକେଲ ରାଲି କରିଥିଲେ। ପରେ ସମସ୍ତ ଛାତ୍ରୀଛାତ୍ର ଓ ଅଧ୍ୟାପିକା ଅଧ୍ୟାପକମାନେ ମହାବିଦ୍ୟାଳୟର ସଭାଗୃହରେ ଏକତ୍ରିତ ହୋଇ ଦେଶାତ୍ମବୋଧକ ସଙ୍ଗୀତ ଗାନକରିଥିଲେ।



ଛାତ୍ରୀଛାତ୍ରଙ୍କ ପକ୍ଷରୁ ବାହାରିଥିବା ତ୍ରିରଙ୍ଗାଯାତ୍ରା।

## ଡାଲମିଆ ମହାବିଦ୍ୟାଳୟରେ ହର୍ ଘର୍ ତିରଙ୍ଗା

କୁତ୍ରା, ୧୪।୮ (ଦେବାଶିଷ ସାହୁ): କୁତ୍ରା ବ୍ଲକ ଅନ୍ତର୍ଗତ ଝାରବେଡ଼ାସ୍ଥିତ ଡାଲମିଆ ମହାବିଦ୍ୟାଳୟ ପକ୍ଷରୁ ଗୁରୁବାର ହର୍ ଘର୍ ତ୍ରିରଙ୍ଗା କାର୍ଯ୍ୟକ୍ରମ ଅନୁଷ୍ଠିତ ହୋଇଯାଇଛି। ଅଧ୍ୟକ୍ଷ ଡ. ଜିତେନ୍ଦ୍ର କୁମାର ପଟେଲ ପତାକା ଦେଖାଇ ଶୁଭାରମ୍ଭ କରିଥିଲେ। ପରେ ମହାବିଦ୍ୟାଳୟର ଛାତ୍ରୀଛାତ୍ର, ଅଧ୍ୟାପିକା ଅଧ୍ୟାପକ, ଗ୍ରାମର ମାନ୍ୟଗଣ୍ୟ ବ୍ୟକ୍ତି ଗ୍ରାମ ପରିକ୍ରମା କରିଥିଲେ। ଏହି ଅବସରରେ ଝାରବେଡା ପ୍ରାଥମିକ ବିଦ୍ୟାଳୟର ଛାତ୍ରୀଛାତ୍ର, ଶିକ୍ଷୟିତ୍ରୀ ଶିକ୍ଷକ, ଅଙ୍ଗନୱାଡି କେନ୍ଦ୍ରରେ ପତାକା ବଣ୍ଟନ କରିଥିଲେ। ପରେ ସଂସ୍କୃତ ସପ୍ତାହ ପାଳନ କରିଥିଲେ। ଦେଶାତ୍ମବୋଧକ ସଙ୍ଗୀତ ଓ ନୃତ୍ୟ ପ୍ରତିଯୋଗିତା ଅନୁଷ୍ଠିତ ହୋଇଥିଲା। ଏଥିରେ ସମସ୍ତ ଅଧ୍ୟାପିକା ଅଧ୍ୟାପକ ସହଯୋଗ କରିଥିଲେ।

## ଭେଷଜ ପଟେଲ କଲେଜରେ ଘରେ ଘରେ ତିରଙ୍ଗା କାର୍ଯ୍ୟକ୍ରମ

ସୁନ୍ଦରଗଡ, ୧୪।୮ (ଜୟ ନାରାୟଣ ମେଣ୍ଡୁଲି): ଉଜୁକା ସ୍ଥିତ ଭେଷଜ ପଟେଲ ମହାବିଦ୍ୟାଳୟରେ ବୁଧବାର ଓ ଗୁରୁବାର ଘରେ ଘରେ ତ୍ରିରଙ୍ଗା କାର୍ଯ୍ୟକ୍ରମ ଅନୁଷ୍ଠିତ ହୋଇଯାଇଛି। ପ୍ରଥମ ଦିବସରେ ଛାତ୍ରୀଛାତ୍ରମାନେ ତ୍ରିରଙ୍ଗା ପତାକା ଧରି ଯାତ୍ରା କରିଥିଲେ। ଏହି ତ୍ରିରଙ୍ଗା ଯାତ୍ରାକୁ ମହାବିଦ୍ୟାଳୟର ଅଧ୍ୟକ୍ଷା ମିନତୀ ମିଶ୍ର ପତାକା ଦେଖାଇ ଶୁଭାରମ୍ଭ କରିଥିଲେ। ଯାତ୍ରାରେ ମହାବିଦ୍ୟାଳୟର ସମସ୍ତ ଅଧ୍ୟାପିକା ଅଧ୍ୟାପକ, କର୍ମଚାରୀ, ଛାତ୍ରୀଛାତ୍ର ସାମିଲ ହୋଇ ଗ୍ରାମ ପରିକ୍ରମା କରିଥିଲେ। ପରେ ଛାତ୍ରୀଛାତ୍ରଙ୍କ ମଧ୍ୟରେ ବକ୍ତୃତା ଓ ପ୍ରବନ୍ଧ ପ୍ରତିଯୋଗିତା ଅନୁଷ୍ଠିତ ହୋଇଥିଲା। ଦ୍ୱିତୀୟ ଦିବସରେ ତ୍ରିରଙ୍ଗା ଯାତ୍ରା ଓ ଛାତ୍ରୀଛାତ୍ରଙ୍କ ମଧ୍ୟରେ ଦେଶାତ୍ମବୋଧକ ସଙ୍ଗୀତ ଓ ସ୍ୱାଧୀନତା ସଂଗ୍ରାମ ବିଷୟରେ ତୂଳୀ ଚିତ୍ରାଙ୍କନ ପ୍ରତିଯୋଗିତା ହୋଇଥିଲା।

## କୁଆଁରମୁଣ୍ଡାରେ ତ୍ରିରଙ୍ଗା ଶୋଭାଯାତ୍ରା


କୁଆଁରମୁଣ୍ଡା ବ୍ଲକରେ ଅନୁଷ୍ଠିତ ତ୍ରିରଙ୍ଗା ଶୋଭାଯାତ୍ରା।

କୁଆଁରମୁଣ୍ଡା, ୧୪।୮ (ମହେନ୍ଦ୍ର କୁମାର ସାହୁ)

କୁଆଁରମୁଣ୍ଡା ବ୍ଲକ ପକ୍ଷରୁ ତ୍ରିରଙ୍ଗା ଶୋଭାଯାତ୍ରା ବ୍ଲକ ଅଞ୍ଚଳ ପରିକ୍ରମା କରିଛି। ଏହି ଉପଲକ୍ଷେ କୁଆଁରମୁଣ୍ଡା ହରିହର ହାଇସ୍କୁଲ, ବାଳିକା ବିଦ୍ୟାଳୟର ଛାତ୍ରୀମାନେ ଜାତୀୟ ସଙ୍ଗୀତରେ ନୃତ୍ୟ ପରିବେଷଣ କରିଥିଲେ। ଏହାସହ ବ୍ଲକ ପରିସରରୁ ଜାତୀୟ ପତାକା ଧରି ଶତାଧିକ ଛାତ୍ରୀଛାତ୍ର କୁଆଁରମୁଣ୍ଡା ବଜରଙ୍ଗ ଛକ, ତହସିଲ ଛକ, ବ୍ୟାଙ୍କ ଅଫ ଇଣ୍ଡିଆ ଛକ ଓ ସେଠାରୁ ଫେରି ଚେକ ଗେଟ ହୋଇ କୁଆଁରମୁଣ୍ଡା ବ୍ଲକକୁ ଫେରିଥିଲା। କୁଆଁରମୁଣ୍ଡା ବିଡିଓ ଡ.ଜଗଦୀଶ ଚନ୍ଦ୍ର ମହାନନ୍ଦଙ୍କ ପ୍ରତ୍ୟକ୍ଷ ତତ୍ତ୍ୱାବଧାନରେ ଏହି ଶୋଭାଯାତ୍ରା ଅନୁଷ୍ଠିତ ହୋଇଥିଲା ବେଳେ ଏବିଡିଓ ପ୍ରଶାନ୍ତ କୁମାର ଜେନା, ସହକାରୀ ନିର୍ବାହୀ ଯନ୍ତ୍ରୀ ଚୈତନ୍ୟ ହେମ୍ବ୍ରମ ପ୍ରମୁଖଙ୍କ ସହ ସମସ୍ତ ପଞ୍ଚାୟତ ପିଇଓ ଓ ବ୍ଲକ କର୍ମଚାରୀ ଶ୍ରବଣ ସାହୁ, ମାକ୍ସୱେଲ ଟପ୍ପୋ ପ୍ରମୁଖ ଉପସ୍ଥିତ ରହି ସମସ୍ତ କାର୍ଯ୍ୟ ସୁଚାରୁରୂପେ ସଞ୍ଚାଳନ କରିଥିଲେ। ଏହି କାର୍ଯ୍ୟକ୍ରମରେ ମୁଖ୍ୟ ଅତିଥିଭାବେ ପୂର୍ବତନ ବିଧାୟକ ତଥା ବରିଷ୍ଠ ଭାଜପା ନେତା ଶଙ୍କର ଓରାମ ଯୋଗଦେଇ ଶୋଭାଯାତ୍ରାକୁ ଆନୁଷ୍ଠାନିକ ଭାବେ ଉଦଘାଟନ କରିବା ପରେ ଶୋଭାଯାତ୍ରା ଆରମ୍ଭ ହୋଇଥିଲା। ଏଥିରେ ବ୍ଲକ ଅଧ୍ୟକ୍ଷା ଜ୍ୟୋତି କେରକେଟା, ଜିଲା ପରିଷଦ ସଭ୍ୟ ରାଜେନ୍ଦ୍ର କୁଜୁର, ଭାଜପା ନେତା ଶଙ୍କର ପୁଝାରୀ, ହଳପାଣି ମାଝୀ, ରୀନା ମେହେର, ଭାଜପା ମଣ୍ଡଳ ସଭାପତି ଲକ୍ଷ୍ମୀ ନାରାୟଣ ସାହୁ, ପୂର୍ବତନ ଭାଜପା ମଣ୍ଡଳ ସଭାପତି ଜୟଶଙ୍କର ନନ୍ଦ, ଭୋଲାନାଥ ସାହୁ, କୁଆଁରମୁଣ୍ଡା ସରପଞ୍ଚ ରାଜେଶ ହାସଦା ପ୍ରମୁଖଙ୍କ ସହ ଅନ୍ୟମାନେ ଅଂଶ ଗ୍ରହଣ କରିଥିଲେ।

**ଦ.ପୂ. ରେଳପଥ – ଟେଣ୍ଡର**

ଭାରତର ରାଷ୍ଟ୍ରପତିଙ୍କ ପାଇଁ ଏବଂ ତରଫରୁ ମଣ୍ଡଳ ରେଳ ପ୍ରବନ୍ଧକ (ଇଏନ୍‌ଜି.), ଦକ୍ଷିଣ ପୂର୍ବ ରେଳପଥ, ରାଞ୍ଚି–୮୩୪୦୦୩ ନିମ୍ନଲିଖିତ କାର୍ଯ୍ୟ ପାଇଁ ଇ–ଟେଣ୍ଡର ଆହ୍ୱାନ କରୁଛନ୍ତି: କ୍ର.ସଂ.; ବିଜ୍ଞପ୍ତି ସଂଖ୍ୟା; କାର୍ଯ୍ୟର ନାମ: ଟେଣ୍ଡର ମୂଲ୍ୟ; ଇଏମ୍‌ଡି ମୂଲ୍ୟ ନିମ୍ନ ଅନୁଯାୟୀ ଅଟେ: [୧] ଡିଆର୍‌ଏମ୍‌ଇଏନ୍‌ଜିଆର୍‌ଏନ୍‌ସି-୮୭-୨୦୨୫; ରାଞ୍ଚି ମଣ୍ଡଳ କ୍ଷେତ୍ରାଧିକାର ପାଇଁ ପାକୁର/ତାଳଝରି/ବରହରୱା କ୍ୱାରି ସାଇଡିଂଠାରେ ୮୫୨୬୬ ସିୟୁଏମ୍ ୫୦ ମିମି ଆକାର ମେଶିନ୍ କ୍ରଶ୍‌ଡ ହାର୍ଡ ଷ୍ଟୋନ୍ ଟ୍ରାକ୍ ବାଲାଷ୍ଟର ଯୋଗାଣ ଓ ତାହାକୁ ରେଳ ୱାଗନ/ହପର୍‌ଗୁଡ଼ିକରେ ବୋଝେଇ ଓ ଖଲାସି କରିବା (ମାପ ଗନ୍ତବ୍ୟସ୍ଥଳରେ କରାଯିବ); ₹୧୨,୪୪,୮୬,୬୫୪.୬୮; ₹୭,୭୨,୪୦୦.୦୦; [୨] ଡିଆର୍‌ଏମ୍‌ଇଏନ୍‌ଜିଆର୍‌ଏନ୍‌ସି-୮୮-୨୦୨୫; ରାଞ୍ଚି ମଣ୍ଡଳ କ୍ଷେତ୍ରାଧିକାର ପାଇଁ ବାକୁଡିହ/ରାଜଗ୍ରାମ/ପିନାରଗାରିଆ କ୍ୱାରି ସାଇଡିଂଠାରେ ୮୪୮୬୧ ସିୟୁଏମ୍ ୫୦ ମିମି ଆକାର ମେଶିନ୍ କ୍ରଶ୍‌ଡ ହାର୍ଡ ଷ୍ଟୋନ୍ ଟ୍ରାକ୍ ବାଲାଷ୍ଟର ଯୋଗାଣ ଓ ତାହାକୁ ରେଳ ୱାଗନ/ହପର୍‌ଗୁଡ଼ିକରେ ବୋଝେଇ ଓ ଖଲାସି କରିବା (ମାପ ଗନ୍ତବ୍ୟସ୍ଥଳରେ କରାଯିବ); ₹୧୨,୩୮,୯୫,୩୬୨.୭୮; ₹୭,୬୯,୫୦୦.୦୦; [୩] ଡିଆର୍‌ଏମ୍‌ଇଏନ୍‌ଜିଆର୍‌ଏନ୍‌ସି-୮୯-୨୦୨୫; ଏସ୍‌ଏସ୍‌ଇ (ୱାର୍କସ୍)/ବାନୋଙ୍କ କ୍ଷେତ୍ରାଧିକାର ଅଧୀନରେ ହାତିଆ–ଓର୍ଗା ସେକ୍ସନରେ କିମି ୪୨୮/୧୨ରୁ ଜିବିଏକ୍ସ(ଏକ୍ସ) ନିମନ୍ତେ ତା୦୧।୦୭।୨୦୨୫ରିଖରୁ ତା୩୦।୦୬।୨୦୨୭ରିଖ ପର୍ଯ୍ୟନ୍ତ ୦୨ ବର୍ଷ ଅବଧି ପାଇଁ ନିମ୍ନଲିଖିତ କୋନାଲ୍ କାର୍ଯ୍ୟର ନିର୍ବାହ (କ) ବିଦ୍ୟମାନ ସାନିଟାରୀ ସିଷ୍ଟମ୍ ଏବଂ ଜଳ ଯୋଗାଣ ସିଷ୍ଟମ୍ ପାଇଁ ନୂଆ କାର୍ଯ୍ୟ, ଯୋଗ ଓ ପରିବର୍ତ୍ତନ; ଏପରି ପ୍ରତ୍ୟେକ କାର୍ଯ୍ୟର ମୂଲ୍ୟ ଟ.୫,୦୦,୦୦୦.୦୦ (ପାଞ୍ଚ ଲକ୍ଷ ଟଙ୍କା ମାତ୍ର)ରୁ ଅଧିକ ହେବ ନାହିଁ ଏବଂ (ଖ) ସମସ୍ତ ସାଧାରଣ ଏବଂ ସ୍ୱତନ୍ତ୍ର ମରାମତି କାର୍ଯ୍ୟ, ସାମଗ୍ରୀଗୁଡ଼ିକର ଯୋଗାଣ ଏବଂ ରକ୍ଷଣାବେକ୍ଷଣ କାର୍ଯ୍ୟ ଏବଂ ସାମଗ୍ରୀଗୁଡ଼ିକର ପରିବହନ; ₹୮୯,୯୯,୮୬୦.୮୨; ₹୧,୮୦,୦୦୦.୦୦; [୪] ଡିଆର୍‌ଏମ୍‌ଇଏନ୍‌ଜିଆର୍‌ଏନ୍‌ସି-୯୦-୨୦୨୫; ଏସ୍‌ଏସ୍‌ଇ (ୱାର୍କସ୍)/ହାତିଆଙ୍କ କ୍ଷେତ୍ରାଧିକାର ଅଧୀନରେ ଷ୍ଟାଫ୍ କ୍ୱାର୍ଟରଗୁଡ଼ିକ ପାଇଁ ତା୦୧।୦୭।୨୦୨୫ରିଖରୁ ତା୩୦।୦୬।୨୦୨୭ରିଖ (୦୨ ବର୍ଷ) ପର୍ଯ୍ୟନ୍ତ ୦୨ ବର୍ଷ ଅବଧି ପାଇଁ ନିମ୍ନଲିଖିତ କୋନାଲ୍ କାର୍ଯ୍ୟର ନିର୍ବାହ (କ) ବିଦ୍ୟମାନ ସାନିଟାରୀ ସିଷ୍ଟମ୍ ଏବଂ ଜଳ ଯୋଗାଣ ସିଷ୍ଟମ୍ ପାଇଁ ନୂଆ କାର୍ଯ୍ୟ, ଯୋଗ ଓ ପରିବର୍ତ୍ତନ; ଏପରି ପ୍ରତ୍ୟେକ କାର୍ଯ୍ୟର ମୂଲ୍ୟ ଟ.୫,୦୦,୦୦୦.୦୦ (ପାଞ୍ଚ ଲକ୍ଷ ଟଙ୍କା ମାତ୍ର)ରୁ ଅଧିକ ହେବ ନାହିଁ ଏବଂ (ଖ) ସମସ୍ତ ସାଧାରଣ ଏବଂ ସ୍ୱତନ୍ତ୍ର ମରାମତି କାର୍ଯ୍ୟ, ସାମଗ୍ରୀଗୁଡ଼ିକର ଯୋଗାଣ ଏବଂ ରକ୍ଷଣାବେକ୍ଷଣ କାର୍ଯ୍ୟ ଏବଂ ସାମଗ୍ରୀଗୁଡ଼ିକର ପରିବହନ [କ୍ୱାର୍ଟରଗୁଡ଼ିକର ବିବରଣୀ: ଟାଇପ୍-I= ୪୭୯, ଟାଇପ୍-II= ୪୫୬, ଟାଇପ୍-III= ୨୩, ମୋଟ = ୯୫୮ ଗୋଟି]; ₹୧,୦୦,୭୭,୪୪୦.୨୦; ₹୨,୦୦,୪୦୦.୦୦। ଟେଣ୍ଡର ବନ୍ଦ ହେବା ତାରିଖ ଓ ସମୟ: ତା୦୪।୦୯।୨୦୨୫ରିଖ ୧୫.୦୦ ଘଟିକା (ସମସ୍ତ ଟେଣ୍ଡର ପାଇଁ)। ଟେଣ୍ଡରଦାତାମାନେ ଅନ୍‌ଲାଇନ୍ ଟେଣ୍ଡରିଂ ପାଇଁ ୱେବ୍‌ସାଇଟ୍ www.ireps.gov.in ପରିଦର୍ଶନ କରିପାରିବେ। (PR-524)

**ଭାରତ ବିଭାଜନ ବିଭୀଷିକା ସ୍ମୃତି ଦିବସ**

କୁଚିଣ୍ଡା,(ବିରଞ୍ଚି ଦର୍ଜା): କୁଚିଣ୍ଡା ବ୍ଲକର କୁସୁମୀ ବଜାର ପ୍ରାଙ୍ଗଣରେ ଭାଜପା ପକ୍ଷରୁ ଗୁରୁବାର ଜିଲାସ୍ତରୀୟ ଭାରତ ବିଭାଜନ ବିଭୀଷିକା ସ୍ମୃତି ଦିବସ ପାଳିତ ହୋଇଯାଇଛି। ଗୁରୁପ୍ରସାଦ ମଣ୍ଡଳ ସଭାପତି ମୃତ୍ୟୁଞ୍ଜୟ ମାଝୀଙ୍କ ଅଧ୍ୟକ୍ଷତାରେ ହୋଇଥିବା କାର୍ଯ୍ୟକ୍ରମରେ ରାଜ୍ୟ ସାଧାରଣ ସମ୍ପାଦକ ସାମାଜିକ ଖରେର, ଜିଲା ସାଧାରଣ ସମ୍ପାଦକ ସୁଶିଳ କୁମାର କର, ବରିଷ୍ଠ ନେତା ନମ୍ରସକାନ୍ତ ପଟ୍ଟନାୟକ, ରାଷ୍ଟ୍ରୀୟ ସ୍ୱୟଂସେବକ ସଂଘ କେନ୍ଦ୍ର ସମାଜ ସଂସ୍କାର ବିଭାଗ ପ୍ରମୁଖ ଭୁବନେଶ୍ୱର ଦେହେରା, ଜିଲା ପରିଷଦ ସଭ୍ୟ ଦିବାକର କିଶାନ ଅତିଥିଭାବେ ଯୋଗଦେଇଥିଲେ। ଅତିଥିମାନେ ଭାରତ ବିଭାଜନର ବିଭୀଷିକା ଏବଂ ସେତେବେଳର ମହତ୍ତ୍ୱ ବୁଝି ଆଗାମୀ ପିଢ଼ୀଙ୍କୁ ଏହାର ଧାରଣା ଦେଇଥିଲେ।



# ଗଙ୍ଗାଧର ସାହିତ୍ୟରେ ଓଡ଼ିଆ ସଂସ୍କୃତିର ପ୍ରଚାର ଥିଲା



ଆୟୋଜିତ ଜୟନ୍ତୀ ଉତ୍ସବରେ ମଞ୍ଚାସୀନ ଅତିଥି ଓ ବକ୍ତାମାନେ।

ସମ୍ବଲପୁର,୧୪।୮(ବି.ଶଙ୍କର)

ସ୍ୱଭାବକବି ଗଙ୍ଗାଧର ମେହେରଙ୍କ ସାହିତ୍ୟ ଅନନ୍ୟ। ବିଶେଷ କରି ମାନବୀୟ ମୂଲ୍ୟବୋଧ, ପାରିବାରିକ ଆଦର୍ଶବୋଧ ଓ ମହନୀୟ ଓଡ଼ିଆ ସଂସ୍କୃତିର ପ୍ରସାର କରିବାକୁ ସାହିତ୍ୟ ଜରିଆରେ ସେ ସଫଳ ହୋଇପାରିଛନ୍ତି। ଗୁରୁବାର ସମ୍ବଲପୁରସ୍ଥିତ ନେତାଜୀ ସୁଭାଷ ଚନ୍ଦ୍ର ବୋଷ(ଏନ୍‌ଏସ୍‌ସିବି) ସରକାରୀ ମହାବିଦ୍ୟାଳୟରେ ଆୟୋଜିତ ଗଙ୍ଗାଧର ମେହେର ଜୟନ୍ତୀ ଉତ୍ସବରେ ମୁଖ୍ୟବକ୍ତାଭାବେ ଯୋଗ ଦେଇ ମହାରାଜା ଶ୍ରୀରାମଚନ୍ଦ୍ର ଭଞ୍ଜଦେଓ ବିଶ୍ୱବିଦ୍ୟାଳୟର ଅବସରପ୍ରାପ୍ତ ଓଡ଼ିଆ ପ୍ରଫେସର ବସୁବାହନ ମହାପାତ୍ର ମତବ୍ୟକ୍ତ କରିଛନ୍ତି। ମହାବିଦ୍ୟାଳୟର ସାହିତ୍ୟ ସଂସଦ ଆୟୋଜିତ ଏହି ଉତ୍ସବରେ ଭାରପ୍ରାପ୍ତ ଅଧ୍ୟକ୍ଷ ତଥା ସାହିତ୍ୟ ସଂସଦର ଉପଦେଷ୍ଟା ସ୍ନାତକୋତ୍ତର ଓଡ଼ିଆ ବିଭାଗମୁଖ୍ୟ ଡ.ଶ୍ୟାମ ଭୋଇ ସଭାପତିତ୍ୱ କରିଥିଲେ। ଗଙ୍ଗାଧରଙ୍କୁ ଜଣେ ଜୀବନବାଦୀ ତଥା ପରମ୍ପରା ସଚେତନ ମହାକବି ଭାବରେ ଡ. ଭୋଇ ଦର୍ଶାଇଥିଲେ। ଅନ୍ୟମାନଙ୍କ ମଧ୍ୟରେ ଡ.ରଘୁମଣି ନାୟକ, ଡ. ଶ୍ରଦ୍ଧାମୟୀ ପୁରୋହିତ ସ୍ୱଭାବ କବିଙ୍କ କବିତା ଆବୃତ୍ତି କରିଥିବା ବେଳେ ଡ.ହରିହର ମଲ୍ଲିକ ସ୍ୱାଗତ ଭାଷଣ ପ୍ରଦାନ କରିଥିଲେ। କାର୍ଯ୍ୟକ୍ରମ ସଂଯୋଜନା କରିଥିଲେ ଇଂରାଜୀ ବିଭାଗର ଅଧ୍ୟାପକ ବୀରସେନ ଦଳାଇ। ଏହି ଅବସରରେ ମହାବିଦ୍ୟାଳୟ ପରିସରରେ ଥିବା ନେତାଜୀ ସୁଭାଷ ଚନ୍ଦ୍ର ବୋଷଙ୍କ ପ୍ରତିମୂର୍ତ୍ତି, ମାଁ ସମଲେଶ୍ୱରୀ ଓ ସ୍ୱଭାବକବି ଗଙ୍ଗାଧର ମେହେରଙ୍କ ପ୍ରତିଛବି ସମ୍ମୁଖରେ ପ୍ରଦୀପ ପ୍ରଜ୍ୱଳନ ପୂର୍ବକ ପୁଷ୍ପମାଲ୍ୟ ଅର୍ପଣ କରାଯାଇଥିଲା। ମହାବିଦ୍ୟାଳୟର ଛାତ୍ରୀ ଲିସା ପଧାନ, ବବଲି ଷାଣ୍ଡ, ପ୍ରିୟଙ୍କା ମୁଣ୍ଡ, ଅଙ୍କିତା ମେହେର, ଶ୍ୱେତା ଦଣ୍ଡସେନା, ପ୍ରିୟାଶ୍ରୀ ମୁଣ୍ଡା ପ୍ରମୁଖ ଗଙ୍ଗାଧର ମେହେରଙ୍କ ସଙ୍ଗୀତ ପରିବେଷଣ କରିଥିଲେ। ଶେଷରେ ସାହିତ୍ୟ ସଂସଦର ଅନ୍ୟତମ ସଦସ୍ୟା ଡ. ରଶ୍ମିତା ରାଉତରାୟ ଧନ୍ୟବାଦ ଅର୍ପଣ କରିଥିଲେ।

# ଏକତାରେ ଲକ୍ଷ୍ୟ ପୂରଣ ହେବ

ସମ୍ବଲପୁର,୧୪।୮(ବି.ଶଙ୍କର)

ମା' ପାଇଁ ଗଛଟିଏ କାର୍ଯ୍ୟକ୍ରମରେ ଦେଶରେ ଚାରାରୋପଣ କରାଯାଉଛି। ଚାରା ରୋପଣ ବଡ କଥା ନୁହେଁ, ରୋପଣ ପରେ ସୁରକ୍ଷା ଓ କିପରି ବୃଦ୍ଧି ପାଇବ ସେ ନେଇ ସମସ୍ତଙ୍କୁ ଦାୟିତ୍ୱ ନେବାକୁ ପଡିବ। କାର୍ଯ୍ୟକ୍ରମରେ ମହିଳା, ପୁରୁଷ, ସାମାଜିକ କର୍ମୀ, ବିଭିନ୍ନ ବିଭାଗ ଅଧିକାରୀମାନେ ଏକାଠି ହୋଇ ସଫଳ କରିଛନ୍ତି । ଏକତା ହୋଇ କାର୍ଯ୍ୟ କଲେ ଉଦ୍ଦେଶ୍ୟ ଏବଂ ଲକ୍ଷ୍ୟ ପୂରଣ ହେବ। ଗୁରୁବାର ସମ୍ବଲପୁର ଜିଲା ଯୁଯୁମୁରା ଜୁଜୁମୁରା ମହାବିଦ୍ୟାଳୟ ନିକଟରେ ମା' ପାଇଁ ଗଛଟିଏ କାର୍ଯ୍ୟକ୍ରମରେ ଯୋଗଦେଇ ସ୍ୱୟଂ ସେବକ ସଂଘ ପ୍ରାକ୍ତନ ସଂଘ ଚାଳକ ପ୍ରଫେସର ବିପିନ ବିହାରୀ ନନ୍ଦ ମତବ୍ୟକ୍ତ କରିଛନ୍ତି। ଶିକ୍ଷାବିତ୍ ରାଜେନ୍ଦ୍ର ପଣ୍ଡା ସଭାପତିତ୍ୱ ଓ ଯୁଯୁମୁରା ସମିତି ସଭ୍ୟ ଜୟନ୍ତ ପ୍ରଧାନ ଆୟୋଜନ ମେଗା ଚାରାରୋପଣ ମହୋତ୍ସବ ହୋଇଥିଲା। ସ୍ଥାନୀୟ ବ୍ଲକ ଅଧ୍ୟକ୍ଷା ମମତା ନାୟକ, ଭାରପ୍ରାପ୍ତ ବିଡିଓ ପ୍ରଜ୍ଞା ପାଣିଗ୍ରାହୀ, ଯୁଯୁମୁରା ସରପଞ୍ଚ ବାସନ୍ତୀ ପ୍ରଧାନ ସମ୍ମାନୀତ ଅତିଥିଭାବେ ଯୋଗଦେଇଥିଲେ। ଯୁଯୁମୁରା ବ୍ଲକ, ଜଙ୍ଗଲ ବିଭାଗ, ତହସିଲ ଅଫିସର



ଯୁଯୁମୁରା ମହାବିଦ୍ୟାଳୟ ନିକଟରେ ମା ପାଇଁ ଗଛଟିଏ କାର୍ଯ୍ୟକ୍ରମ ।

### ମେଗା ଚାରାରୋପଣ କାର୍ଯ୍ୟକ୍ରମ

ସମସ୍ତ ଅଧିକାରୀ ଓ କର୍ମଚାରୀ, ଆଦର୍ଶ ବିଦ୍ୟାଳୟ, ସରକାରୀ ହାଇସ୍କୁଲ, ବାଳିକା ହାଇସ୍କୁଲ ଓ ମହାବିଦ୍ୟାଳୟ ଛାତ୍ରୀଛାତ୍ର, ଶିକ୍ଷୟିତ୍ରୀଶିକ୍ଷକ, ଯୁବ ସାମାଜିକ କର୍ମୀ, ଜନପ୍ରତିନିଧି ସାମିଲ ହୋଇଥିଲେ । ସମସ୍ତେ ଗୋଟିଏ ଲେଖାଏ ଚାରା ରୋପଣ କରିଥିଲେ। ମୋଟ ୫୦୦ଟି ଚାରା ରୋପଣ କରାଯାଇଥିଲା। ଉପସ୍ଥିତ ସଭ୍ୟ ଓ ଛାତ୍ରୀଛାତ୍ରମାନେ ସବୁଜ ପରିବେଶ ସୁସ୍ଥ ସମାଜ ଗଠନ ପାଇଁ ଶପଥ ନେଇଥିଲେ । ଅନ୍ୟମାନଙ୍କ ମଧ୍ୟରେ ସରପଞ୍ଚ ପ୍ରଫୁଲ୍ଲ ମିର୍ଦ୍ଧା, ସମିତି ସଭ୍ୟ ନୃପ ଶେଖର କୁମ୍ଭାର, ଅଶ୍ୱିନୀ କୁମୁରା, ସଞ୍ଜୟ ବିଶ୍ୱାଳ, ଭାଜପା ମଣ୍ଡଳ ସଭାପତି ଓମ ପ୍ରକାଶ ବିଶ୍ୱାଳ, ବଷ୍ଟି ପ୍ରଧାନ, ସୁରେଶ ପ୍ରଧାନ, ମହାଦେବ ପ୍ରଧାନ, ଦୀପକ ପ୍ରଧାନ ଉପସ୍ଥିତ ଥିଲେ।

## ସଂକ୍ଷେପରେ

### ଚୋରି ପିକ୍‌ଅପ୍ ଭ୍ୟାନ ଉଦ୍ଧାର, ୨ ଗିରଫ

ସମ୍ବଲପୁର,୧୪।୮(ପ୍ରମୋଦ ବହିଦାର)

ହୀରାକୁଦ ଅଞ୍ଚଳରୁ ଚୋରି ପିକ୍‌ଅପ୍ ଭ୍ୟାନ(ଓଡି-୧୫-ଜି-୮୬୪୬)କୁ ଅଭିଯୋଗର ୩୬ ଘଣ୍ଟା ମଧ୍ୟରେ ପୋଲିସ ଉଦ୍ଧାର କରିବା ସହ ୨ଜଣଙ୍କୁ ଗିରଫ କରିଛି। ଗିରଫ ଅଭିଯୁକ୍ତ ହେଲେ ବରେଇପାଲି ଥାନ ଦୁଆନପାଲିର ଜିତନ ଜମିଦାର(୧୯) ଓ ହୀରାକୁଦ ଥାନା ଅନ୍ତର୍ଗତ ଟାଙ୍କିପଡ଼ାର ମହେଶ ସିଂ ଓରଫ ମେହଶ୍ୱର(୩୧)। ହୀରାକୁଦ ପଥର ଲେନ୍‌ର ରବିନ୍ଦ୍ର କୁମାର ରଣାଙ୍କ ଘର ସମ୍ମୁଖରୁ ଗତ ୧୧ ତାରିଖ ବିଳମ୍ବିତ ରାତିରେ ତାଙ୍କ ପିକ୍‌ଅପ୍ ଭ୍ୟାନ ଚୋରି ହୋଇ ଯାଇଥିଲା। ୧୨ ତାରିଖରେ ସେ ଏ ନେଇ ଥାନରେ ଏତଲା ଦେଇଥିଲେ। ଏକ ମାମଲା ରୁଜୁ କରି ପୋଲିସ ତଦନ୍ତ ଆରମ୍ଭ କରିଥିଲା । ବିଭିନ୍ନ ସ୍ଥାନରେ ଲାଗିଥିବା ସିସିଟିଭିର ଫୁଟେଜ୍ ଓ ଅନ୍ୟାନ୍ୟ ବୈଷୟିକ ପଦ୍ଧତିରେ ପୋଲିସ ଉଭୟ ଅଭିଯୁକ୍ତଙ୍କୁ ବୁଧବାର ବିଳମ୍ବିତ ରାତିରେ ଗିରଫ କରିଥିଲା। ଉଭୟଙ୍କୁ ଗୁରୁବାର କୋର୍ଟ ଚାଲାଣ କରାଯାଇଥିଲା। ଜାମିନ ଆବେଦନ ନାମଞ୍ଜୁର ହେବାରୁ ଉଭୟଙ୍କୁ ସମ୍ବଲପୁର ମଣ୍ଡଳ ଜେଲ୍‌କୁ ପଠାଇ ଦିଆଯାଇଛି।

### କୁଟୁରାଚୁଆଁ କଲେଜରେ ନିଶାମୁକ୍ତ ଭାରତ ଅଭିଯାନ

କୁଚିଣ୍ଡା,୧୪।୮(ବିରଞ୍ଚି ଦର୍ଜା)

ସମ୍ବଲପୁର ଜିଲା କୁଚିଣ୍ଡା ବ୍ଲକ କୁଟୁରାଚୁଆଁ ଯୁକ୍ତ ୨କଲେଜରେ ବୁଧବାର ନିଶାମୁକ୍ତ ଭାରତ ଅଭିଯାନ, ସାମୂହିକ ଶପଥ ପାଠ ଓ ସଚେତନତା ସଭା ଅନୁଷ୍ଠିତ ହୋଇଯାଇଛି। କଲେଜ ଅଧ୍ୟକ୍ଷ ନିଳାଞ୍ଚଳ ତିୱାରୀଙ୍କ ସଭାପତିତ୍ୱରେ ହୋଇଥିବା କାର୍ଯ୍ୟକ୍ରମରେ ବରିଷ୍ଠ ଅଧ୍ୟାପକ କୃଷ୍ଣଚନ୍ଦ୍ର ପୂଝାରୀ ସଭା ପରିଚାଳନା କରି ନିଶାର କୁପ୍ରଭାବ କିପରିଭାବେ ଯୁବ ସମାଜକୁ କଳୁଷିତ କରୁଛି କହିଥିଲେ। ଅଧ୍ୟାପିକା ଭାବନା ପାଣ୍ଡେ, ଶିକ୍ଷା ଡେମୋନଷ୍ଟ୍ରେଟର ପ୍ରତିମା କୁମାରୀ ନାଏକ, ଡିଇଓ ସମିନ ରଞ୍ଜନ ନାଏକ, ଜୟଦେବ ରାଉତ, ଅସୀମ କୁମାର ପରୁଆଙ୍କ ସମେତ କଲେଜର ଛାତ୍ରୀଛାତ୍ର ନିଶାମୁକ୍ତ ଭାରତ ପାଇଁ ଶପଥ ପାଠ ଗ୍ରହଣ କରିଥିଲେ।

# ଦେଶ ବିଭାଜନ ବିଭୀଷିକା ସ୍ମରଣ ଦିବସ ପାଳିଲା ରେଳ ମଣ୍ଡଳ

### ସମ୍ବଲପୁର ରେଳ ଷ୍ଟେଶନରେ ବିଭୀଷିକାର ଫଟୋଚିତ୍ର ପ୍ରଦର୍ଶନୀ

ସମ୍ବଲପୁର,୧୪।୮(ପ୍ରମୋଦ ବହିଦାର)

ଭାରତ ବିଭାଜନ ସମୟର ଭୟାବହତାର ସ୍ମରଣେ ସମ୍ବଲପୁର ରେଳ ମଣ୍ଡଳ ପକ୍ଷରୁ ସମ୍ବଲପୁର ରେଳ ଷ୍ଟେଶନରେ ପାଳିତ ସ୍ମରଣ ଦିବସ ସମାରୋହରେ ଗୁରୁବାର ଏକ ପ୍ରଦର୍ଶନୀ ଆୟୋଜିତ ହୋଇଯାଇଛି। ଏଥିରେ ୧୯୪୭ ମସିହାରେ ଦେଶର ସ୍ୱାଧୀନତା ସମୟରେ ଗତ ଶତାବ୍ଦୀରେ ମାନବ ଜନସଂଖ୍ୟାର ସର୍ବବୃହତ ବିସ୍ଥାପନ ସମୟର ଧନ ଜୀବନହାନୀଠାରୁ ଆରମ୍ଭ କରି ଭୋକ ଉପାସରେ ଲୋକଙ୍କ ଦୁର୍ଦ୍ଦଶାର ଫଟୋଚିତ୍ର ପ୍ରଦର୍ଶିତ ହୋଇଥିଲା।



ଫଟୋଚିତ୍ର ପ୍ରଦର୍ଶନୀକୁ ଉଦ୍‌ଘାଟନ କରୁଛନ୍ତି ରେଳ ମଣ୍ଡଳ ପ୍ରବନ୍ଧକ।

ଏହି କାର୍ଯ୍ୟକ୍ରମକୁ ସମ୍ବଲପୁର ମଣ୍ଡଳ ରେଳ ପ୍ରବନ୍ଧକ ସୁବାସ ଚନ୍ଦ୍ର ଚୌଧୁରୀ ଉଦ୍‌ଘାଟନ କରିଥିଲେ। ଏଥିରେ ମଣ୍ଡଳର ସମସ୍ତ ଅଧିକାରୀ ଓ କର୍ମଚାରୀମାନେ ଉପସ୍ଥିତ ଥିଲେ।

# ସାମିଲ ହେଲେ ବିଭିନ୍ନ ଅନୁଷ୍ଠାନ ଆଇସିସି ସଦସ୍ୟ

ସମ୍ବଲପୁର,୧୪।୮(ପ୍ରମୋଦ ବହିଦାର)

ଜିଲା ପ୍ରଶାସନ ପକ୍ଷରୁ କର୍ମକ୍ଷେତ୍ରରେ ମହିଳା ଯୌନ ନିର୍ଯାତନା ନିରୋଧ ଆଇନ ଉପରେ ଏକ କର୍ମଶାଳା ଆୟୋଜିତ ହୋଇଯାଇଛି। ଜିଲାପାଳଙ୍କ କାର୍ଯ୍ୟାଳୟ ସମ୍ମିଳନୀ କକ୍ଷରେ ଅନୁଷ୍ଠିତ କର୍ମଶାଳାରେ ଅତିରିକ୍ତ ଜିଲାପାଳ(ରାଜସ୍ୱ) ସୁଧାଂଶୁ କୁମାର ଭୋଇ ଅଧ୍ୟକ୍ଷତା କରିଥିଲେ। ଏଥିରେ ବିଭିନ୍ନ ଅନଷ୍ଠାନରେ ରହିଥିବା ଆଭ୍ୟନ୍ତରୀଣ ଅଭିଯୋଗ କମିଟି(ଆଇସିସି) ଓ ସ୍ଥାନୀୟ ଅଭିଯୋଗ କମିଟି(ଏଲ୍‌ସିସି)ର ସଦସ୍ୟମାନେ ଯୋଗଦେଇ କର୍ମକ୍ଷେତ୍ରରେ ଯୌନ ଉତ୍ପୀଡ଼ନ ଶିକାର ମହିଳାଙ୍କ ଅଭିଯୋଗ ଦାଖଲ, ତଦନ୍ତ ପ୍ରକ୍ରିୟା ଓ ରିପୋର୍ଟ ଦାଖଲ ପ୍ରଣାଳୀର ତାଲିମ ନେଇଥିଲେ। ସମ୍ବଲପୁର ସଦର ଉପଜିଲାପାଳ

### କର୍ମକ୍ଷେତ୍ରରେ ମହିଳା ଯୌନ ନିର୍ଯାତନା ନିରୋଧ ଆଇନ କର୍ମଶାଳା

ଡା. ପୁଷ୍ପାଞ୍ଜଳି ପଣ୍ଡା ତାଲିମଦାତ୍ରୀଭାବେ ଦାୟିତ୍ୱ ନିର୍ବାହ କରିଥିଲେ। ଆଇନଜୀବୀ ଅଙ୍କିତା ଗୁରୁ କର୍ମକ୍ଷେତ୍ରରେ ମହିଳା ଯୌନ ନିର୍ଯାତନା ନିରୋଧ ଆଇନ-୨୦୧୩ର ପୃଷ୍ଠଭୂମି ଉପରେ ଆଲୋକପାତ କରିଥିଲେ। ଏଥିରେ ଆଇସିସି ଓ ସ୍ଥାନୀୟ କମିଟିର ଭୂମିକା ଉପରେ ମୌସୁମୀ ଦୋରା ଆଲୋଚନା କରିଥିଲେ। ରେଢ଼ାଖୋଲ ଉପଖଣ୍ଡ ଶିଶୁବିଭାଗ ପ୍ରକଳ୍ପ ଅଧିକାରୀ ଆରତୀ ମିଶ୍ର ଅନ୍ୟତମ ତାଲିମଦାତ୍ରୀଭାବେ ଯୋଗଦେଇ ଯୌନ ନିର୍ଯାତନା ନିରୋଧ ଆଇନର ବ୍ୟାଖା କରି ଏଭଳି ଅଭିଯୋଗର ତଦନ୍ତ ପୂର୍ବକ ତଥ୍ୟ ସଂଗ୍ରହର ଉପାୟ ଉପରେ ତାଲିମ ପ୍ରଦାନ କରିଥିଲେ। ଜିଲା ସଂଯୋଜକ ଛୋଟେଲାଲ ସାହୁ ସି-ବକ୍ସ ପୋର୍ଟାଲର ଉପଯୋଗିତା ସମ୍ପର୍କରେ ଅବଗତ କରିଥିଲେ। ପ୍ରାରମ୍ଭରେ ଜିଲା ସମାଜ ମଙ୍ଗଳ ଅଧିକାରୀ ଜୟନ୍ତୀ ଗଡ଼ତିଆ ସ୍ୱାଗତ ଭାଷଣ ଦେଇଥିଲେ। ଏଡ୍‌ଏଟ୍ ଆକ୍ସନର ପ୍ରକଳ୍ପ ସଂଯୋଜକ ସୁନୀତା ତ୍ରିପାଠୀ କାର୍ଯ୍ୟକ୍ରମ ପରିଚାଳନା କରିଥିଲେ। ଶେଷରେ କାର୍ଯ୍ୟକ୍ରମ ଅଧିକାରୀ ସରିତା ଦାଶ ଧନ୍ୟବାଦ ଅର୍ପଣ କରିଥିଲେ। ଜିଲା ସମାଜ କଲ୍ୟାଣ ବିଭାଗ କର୍ମଚାରୀମାନେ କାର୍ଯ୍ୟକ୍ରମ ଆୟୋଜନରେ ସହଯୋଗ କରିଥିଲେ।

# ଘରେ ପଶି ଗହଣା ଚୋରି, ଅଭିଯୁକ୍ତ ଗିରଫ

### ଚୋରି ସାମଗ୍ରୀ ଉଦ୍ଧାର

ସମ୍ବଲପୁର,୧୪।୮(ପ୍ରମୋଦ ବହିଦାର)

ସମ୍ବଲପୁର ଜିଲା ବୁର୍ଲା ୧-ଆର୍ କଲୋନୀର ଏକଘରୁ ଦୁଇ ରାତିରେ ବିଭିନ୍ନ ପ୍ରକାର ଗହଣା ଚୋରି ଘଟଣାର ଅଭିଯୁକ୍ତଙ୍କୁ ପୋଲିସ ଗିରଫ କରିଛି। ସେ ହେଉଛନ୍ତି ବରଗଡ଼ ଜିଲା ଭେଡ଼େନ ଥାନା ଅନ୍ତର୍ଗତ ବସେଇକେଲା ଗ୍ରାମର ମୂଳ ବାସିନ୍ଦା ବର୍ତ୍ତମାନ ବୁର୍ଲା ଥାନା ଅନ୍ତର୍ଗତ ତେଲୁଗୁପଡ଼ାର ମହେଶ କୁମାର ସାହୁ ଓରଫ ଲକି(୨୩)। ତାଙ୍କ ନିକଟରୁ ପୋଲିସ ୧ ଯୋଡ଼ା ରୂପା ପାଉଁଜି, ୧ ଯୋଡ଼ା ରୂପା ଚୂଡ଼ି ଓ ଦୁଇ ଯୋଡ଼ା ସୁନା କାନଫୁଲ ଉଦ୍ଧାର କରିଛି। ବୁର୍ଲା ୧-ଆର୍ କଲୋନୀରେ ରହୁଥିବା କଳ୍ପନା ସାହୁ ଙ୍କ ଘରେ ଉକ୍ତ ଅଭିଯୁକ୍ତ ପ୍ରଥମେ ଗତ ଅଗଷ୍ଟ ୮ ବିଳମ୍ବିତ ରାତିରେ ପଶିଥିଲେ। ଆଲମିରା ତାଲା ଭାଙ୍ଗି ସୁନା ଓ ରୂପା ଗହଣା ଓ ନଗଦ ୧୧୫୦ ଟଙ୍କା ଚୋରି କରି ନେଇଥିଲେ। ଅଗଷ୍ଟ ୧୨ ତାରିଖରେ ପୁଣିଥରେ ପଶି ଆଲମିରାରୁ କେବଳ ଗ୍ୟାରେଣ୍ଟି ମାଳି ଦୁଇଟି ଚୋରି କରି ନେଇଥିଲେ। ୧୩ ତାରିଖରେ ଏହା ଜାଣିପାରି କଳ୍ପନାଙ୍କ ବୁର୍ଲା ଥାନାରେ ଲିଖିତ ଅଭିଯେଗ କରିଥିଲେ। ଏକ ମାମଲା ରୁଜୁ କରି ପୋଲିସ ତଦନ୍ତ ଆରମ୍ଭ କରିଥିଲା। ତଦନ୍ତ ବେଳେ ଭିଭିନ୍ନ ପ୍ରକାର ବୈଷୟିକ ପଦ୍ଧତି ଅବଲମ୍ବନ ଓ ସିସିଟିଭି ଫୁଟେଜ୍ ଆଧାରରେ ପୋଲିସ ଅଭିଯୁକ୍ତଙ୍କୁ ବୁର୍ଲାରେ ନିଜ ଘରୁ ଗିରଫ କରିଥିଲା।




# ସାପଲତର ବଡ଼ ଗୌନ୍ତିଆଙ୍କ ପରଲୋକ

ପଡ଼ିଆବାହାଲ, ୧୪।୮(ରାଧାମୋହନ ଷଡ଼ଙ୍ଗୀ): ସମ୍ବଲପୁର ଜିଲା ଜମନକିରା ବ୍ଲକ ମୁଣ୍ଡେନପାଲି ପଞ୍ଚାୟତ ସରଧାବହାଲ ସାପଲତ ଗାଁର ବଡ଼ ଗୌନ୍ତିଆ ଅମ୍ବିକା ପ୍ରସାଦ ବେହେରାଙ୍କ ବୁଧବାର ପରଲୋକ ହୋଇଯାଇଛି । ମୃତ୍ୟୁବେଳକୁ ତାଙ୍କୁ ୮୨ ବର୍ଷ ହୋଇଥିଲା। ଧର୍ମ ପରାୟଣ, ପରୋପକାରୀ, ସ୍ନେହୀ ମଣିଷଭାବେ ଅମ୍ବିକା ପରିଚିତ ଥିଲେ। ବୁଧବାର ସନ୍ଧ୍ୟାରେ ଶୌଚ କରି ଆସି ବାପରେ ହଠାତ ପଡିଯାଇଥିଲେ ଓ ତାଙ୍କର ପ୍ରାଣବାୟୁ ଉଡିଯାଇଥିଲା। ତାଙ୍କ ସ୍ତ୍ରୀ, ତିନିପୁଅ ରାଜ କିଶୋର, ଦିଲ୍ଲୀପ, ପ୍ରଦୀପ, ପୁତ୍ରବଧୂ ଓ ନାତି ନାତୁଣୀ ଅଛନ୍ତି। ଗ୍ରାମ ଶ୍ମଶାନରେ ତାଙ୍କର ଶେଷକୃତ୍ୟ ସମ୍ପନ୍ନ ହୋଇଥିଲା। ବଡ଼ପୁଅ ରାଜକିଶୋର ମୁଖାଗ୍ନି ଦେଇଥିଲେ। ତାଙ୍କ ମୃତ୍ୟୁରେ ଆଖପାଖ ଅଞ୍ଚଳରେ ଶୋକର ଛାୟା ଖେଳି ଯାଇଛି।



ଅମ୍ବିକା ପ୍ରସାଦ ବେହେରା

# ଭୋଟ ଚୋରି, କଂଗ୍ରେସର ମଶାଲ ଶୋଭାଯାତ୍ରା

ସମ୍ବଲପୁର,୧୪।୮(ବି.ଶଙ୍କର)

ସମ୍ବଲପୁର ଜିଲା କଂଗ୍ରେସ କମିଟି ପକ୍ଷରୁ ଭୋଟ ଚୋରି ବିରୋଧରେ ମଶାଲ ଶୋଭାଯାତ୍ରା ଗୁରୁବାର ସନ୍ଧ୍ୟାରେ ଅନୁଷ୍ଠିତ ହୋଇଯାଇଛି । ମଶାଲ ଶୋଭାଯାତ୍ରା କଂଗ୍ରେସ ଭବନରୁ ଆରମ୍ଭ ହୋଇ ଲକ୍ଷ୍ମୀ ଟକିଜ ଛକ, ପୀର ବାବା ଛକ, ବୈଦ୍ୟନାଥ ଛକ ଦେଇ ଗୋଲ ବଜାର ଛକରେ ଶେଷ ହୋଇଥିଲା। ଗୋଲ ବଜାର ଛକରେ ସମ୍ବଲପୁର ଜିଲା କଂଗ୍ରେସ କମିଟି ସଂଯୋଜକ ଦୁର୍ଗା ପାଢ଼ୀଙ୍କ ସଭାପତିତ୍ୱରେ ଭୋଟ ଚୋରି ପ୍ରତିବାଦ ସଭା ଅନୁଷ୍ଠିତ ହୋଇଥିଲା । ଏହି ସଭାରେ ବରିଷ୍ଠ ନେତା ନିରଞ୍ଜନ ତ୍ରିପାଠୀ, ପିସିସି ସଭ୍ୟ ଚନ୍ଦ୍ରକାନ୍ତ ପୁରୋହିତ, ପିସିସି ସଭ୍ୟା ସୁରଞ୍ଜିନି ବାରିକ, ନାରୀ ନେତ୍ରୀ ସୁତପା ମିତ୍ର, ଓବିସି ଜିଲା ସଭାପତି ଶିବ ପ୍ରଧାନ, ଜିତେନ୍ ମହାନନ୍ଦ, ଦିଲୀପ ଦୁରିଆ କେନ୍ଦ୍ର ସରକାର ଭୋଟ ଚୋରି କରି ଗଣତନ୍ତ୍ରର ହତ୍ୟା କରିଛି ବୋଲି କହିଥିଲେ । ଏହି ମଶାଲ ଶୋଭାଯାତ୍ରାରେ କେଦାର ବରିହା, ଗୋବିନ୍ଦ ମିଶ୍ର, ରବି ରାଉତ, କିଶୋର ନାୟକ, ବିନୋଦିନୀ ଦୀପ, କବିତା ପଟ୍ଟନାୟକ, ଗିରିଜା ନାୟକ ପ୍ରମୁଖଙ୍କ ସହ ଶତାଧିକ କର୍ମୀ ଓ ନେତା ସାମିଲ ହୋଇଥିଲେ।

# ଉର୍ଷ ଅବସରରେ ରକ୍ତଦାନ ଶିବିର




ରକ୍ତଦାନ ଶିବିରରେ ଉପସ୍ଥିତ ରକ୍ତଦାତା ଏବଂ କର୍ମକର୍ତ୍ତା।

ସମ୍ବଲପୁର,୧୪।୮(ଭବାନୀ ଶଙ୍କର ଭୋଇ)

ସମ୍ବଲପୁର ବଡବଜାର ପଠାନପଡା ମସଜିଦ ନିକଟରେ ଗୁରୁବାର ହଜରତ ସୟଦ ମେହେବୁବ ଅଲ୍ଲୀ ଶାହ ବାବାଙ୍କ ୫୦ତମ ଉର୍ଷ ପାଳିତ ହୋଇଯାଇଛି। ଏହି ଅବସରରେ ଏକ ରକ୍ତଦାନ ଶିବିର ଉର୍ସ କମିଟି ପକ୍ଷରୁ ଆୟୋଜନ କରାଯାଇଥିଲା। କ୍ଷେତରାଜପୁର ଥାନାର ଅଧିକାରୀ ଅନୀଲ ପ୍ରଧାନ ମୁଖ୍ୟଅତିଥି, ଡାକ୍ତର ଏଲ.କେ.ରଥ, ଡାକ୍ତର ଆରସି ଅଗ୍ରୱାଲ, ସାହିତ୍ୟକ ଡ. ଶ୍ୟାମସୁନ୍ଦର ଧର ଅତିଥିଭାବେ ଯୋଗଦେଇଥିଲେ। ଶିବିରରେ ୫୦ୟୁନିଟ ରକ୍ତ ସଂଗୃହୀତ ହୋଇଥିଲା। ସମସ୍ତ ରକ୍ତଦାତାଙ୍କୁ ଉର୍ଷ କମିଟି ପକ୍ଷରୁ ମାନପତ୍ର ଦିଆଯାଇ ସମ୍ମାନୀତ କରାଯାଇଥିଲା। ବଡବଜାର ପଠାନପଡା ହଜରତ ସୟଦ ମେହେବୁବ ଅଲ୍ଲୀ ଶାହ ବାବା ଉର୍ଷ କମିଟି ପ୍ରତିବର୍ଷ ଉର୍ଷ ଆୟୋଜନ କରିଆସୁଛି। ଚଳିତବର୍ଷ ୫୦ବର୍ଷରେ ପଦାର୍ପଣ କରିଥିବାରୁ କମିଟି ପକ୍ଷରୁ ପ୍ରଥମକରି ରକ୍ତଦାନ ଶିବିର ଆୟୋଜନ କରିଥିଲା। ଏହି କାର୍ଯ୍ୟକ୍ରମରେ ସୋସିଆଲ ଷ୍ଟାର କ୍ଲବ ସମ୍ବଲପୁରର ମହମ୍ମଦ ମକବୁଲ ଏବଂ ମାନସ ରଞ୍ଜନ ପାଢୀଙ୍କ ସମେତ ଜିଲା ମୁଖ୍ୟ ଚିକିତ୍ସାଳୟ ରକ୍ତଭଣ୍ଡାରର ମୁଖ୍ୟ ଡାକ୍ତର କଳ୍ପେଶ କକ୍କଡ, କର୍ମଦେବ ପଟେଲ, ବର୍ଷା ମହାପାତ୍ର, ଦେବାଶିଷ ପାତ୍ର, ସନୀଲ ସେଠ ସହଯୋଗ କରିଥିଲେ। କାର୍ଯ୍ୟକ୍ରମ ଆୟୋଜନରେ ବଡ଼ବାଜାର ପଠାନପଡା ହଜରତ ସୟଦ ମେହେବୁବ ଅଲ୍ଲୀ ଶାହ ବାବା ଉର୍ସ କମିଟି ସଭାପତି ଏମଡି ହଲିମ, ସଦସ୍ୟ ଇନାୟାତୁଲା ଖାନ, ରହିମ ଖାନ, ଅଲିମ ମୁନା, ସମୀର ଖାନ, ପରବେଜ ଖାନ, ମୋବିନ ଖାନ ସହଯୋଗ କରିଥିଲେ ।


**ଦ.ପୂ. ରେଳପଥ – ଟେଣ୍ଡର**

ଭାରତର ରାଷ୍ଟ୍ରପତିଙ୍କ ପାଇଁ ଏବଂ ତରଫରୁ ମଣ୍ଡଳ ରେଳ ପ୍ରବନ୍ଧକ (ଇଏନ୍‌ଜିଜି.), ଦକ୍ଷିଣ ପୂର୍ବ ରେଳପଥ, ରାଞ୍ଚି-୮୩୪୦୦୩ ନିମ୍ନଲିଖିତ କାର୍ଯ୍ୟ ପାଇଁ ଇ-ଟେଣ୍ଡର ଆହ୍ୱାନ କରୁଛନ୍ତି: କ୍ର.ସଂ.; ବିଜ୍ଞପ୍ତି ସଂଖ୍ୟା; କାର୍ଯ୍ୟର ନାମ: ଟେଣ୍ଡର ମୂଲ୍ୟ; ଇଏମ୍‌ଡି ମୂଲ୍ୟ ନିମ୍ନ ଅନୁଯାୟୀ ଅଟେ: [୧] ଡିଆର୍‌ଏମ୍‌ଇଏନ୍‌ଜିଜିଆର୍‌ଏନ୍‌ସି-୮୭-୨୦୨୫; ରାଞ୍ଚି ମଣ୍ଡଳ କ୍ଷେତ୍ରାଧିକାର ପାଇଁ ପାକୁର/ତାଲଝରି/ବରହର୍‌ୱା କ୍ୱାରି ସାଇଡିଂଠାରେ ୮୫୨୬୬ ସିୟୁଏମ୍ ୫୦ ମିମି ଆକାର ମେଶିନ୍ କ୍ରଶ୍‌ଡ ହାର୍ଡ ଷ୍ଟୋନ୍ ଟ୍ରାକ୍ ବାଲାଷ୍ଟର ଯୋଗାଣ ଓ ତାହାକୁ ରେଳ ୱାଗନ/ହପର୍‌ଗୁଡ଼ିକରେ ବୋଝେଇ ଓ ଖଲାସି କରିବା (ମାପ ଗନ୍ତବ୍ୟସ୍ଥଳରେ କରାଯିବ); ₹୧୨,୪୪,୮୬,୬୫୪.୬୮; ₹୭,୭୨,୪୦୦.୦୦; [୨] ଡିଆର୍‌ଏମ୍‌ଇଏନ୍‌ଜିଜିଆର୍‌ଏନ୍‌ସି-୮୮-୨୦୨୫; ରାଞ୍ଚି ମଣ୍ଡଳ କ୍ଷେତ୍ରାଧିକାର ପାଇଁ ବାକୁଡିହ/ରାଜଗ୍ରାମ/ପିନାରଗୋରିଆ କ୍ୱାରି ସାଇଡିଂଠାରେ ୮୪୮୬୧ ସିୟୁଏମ୍ ୫୦ ମିମି ଆକାର ମେଶିନ୍ କ୍ରଶ୍‌ଡ ହାର୍ଡ ଷ୍ଟୋନ୍ ଟ୍ରାକ୍ ବାଲାଷ୍ଟର ଯୋଗାଣ ଓ ତାହାକୁ ରେଳ ୱାଗନ/ହପର୍‌ଗୁଡ଼ିକରେ ବୋଝେଇ ଓ ଖଲାସି କରିବା (ମାପ ଗନ୍ତବ୍ୟସ୍ଥଳରେ କରାଯିବ); ₹୧୨,୩୮,୯୫,୩୬୨.୭୮; ₹୭,୬୯,୫୦୦.୦୦; [୩] ଡିଆର୍‌ଏମ୍‌ଇଏନ୍‌ଜିଜିଆର୍‌ଏନ୍‌ସି-୮୯-୨୦୨୫; ଏସ୍‌ଏସ୍‌ଇ (ୱାର୍କସ୍)/ବାନୋଙ୍କ କ୍ଷେତ୍ରାଧିକାର ଅଧୀନରେ ହାତିଆ-ଓର୍ଗା ସେକ୍ସନରେ କିମି ୪୨୮/୧୨ରୁ ଜିବିଏକ୍ସ(ଏକ୍ସ) ନିମନ୍ତେ ତା୦୧।୦୭।୨୦୨୫ରିଖରୁ ତା୩୦।୦୬।୨୦୨୭ରିଖ ପର୍ଯ୍ୟନ୍ତ ୦୨ ବର୍ଷ ଅବଧି ପାଇଁ ନିମ୍ନଲିଖିତ ଜୋନାଲ୍ କାର୍ଯ୍ୟର ନିର୍ବାହ (କ) ବିଦ୍ୟମାନ ସାନିଟାରୀ ସିଷ୍ଟମ୍ ଏବଂ ଜଳ ଯୋଗାଣ ସିଷ୍ଟମ୍ ପାଇଁ ନୂଆ କାର୍ଯ୍ୟ, ଯୋଗ ଓ ପରିବର୍ତ୍ତନ; ଏପରି ପ୍ରତ୍ୟେକ କାର୍ଯ୍ୟର ମୂଲ୍ୟ ଟ.୫,୦୦,୦୦୦.୦୦ (ପାଞ୍ଚ ଲକ୍ଷ ଟଙ୍କା ମାତ୍ର)ରୁ ଅଧିକ ହେବ ନାହିଁ ଏବଂ (ଖ) ସମସ୍ତ ସାଧାରଣ ଏବଂ ସ୍ୱତନ୍ତ୍ର ମରାମତି କାର୍ଯ୍ୟ, ସାମଗ୍ରୀଗୁଡ଼ିକର ଯୋଗାଣ ଏବଂ ରକ୍ଷଣାବେକ୍ଷଣ କାର୍ଯ୍ୟ ଏବଂ ସାମଗ୍ରୀଗୁଡ଼ିକର ପରିବହନ; ₹୮୯,୯୯,୮୬୦.୮୨; ₹୧,୮୦,୦୦୦.୦୦; [୪] ଡିଆର୍‌ଏମ୍‌ଇଏନ୍‌ଜିଜିଆର୍‌ଏନ୍‌ସି-୯୦-୨୦୨୫; ଏସ୍‌ଏସ୍‌ଇ (ୱାର୍କସ୍)/ହାତିଆଙ୍କ କ୍ଷେତ୍ରାଧିକାର ଅଧୀନରେ ଷ୍ଟାଫ୍ କ୍ୱାର୍ଟରଗୁଡ଼ିକ ପାଇଁ ତା୦୧।୦୭।୨୦୨୫ରିଖରୁ ତା୩୦।୦୬।୨୦୨୭ରିଖ (୦୨ ବର୍ଷ) ପର୍ଯ୍ୟନ୍ତ ୦୨ ବର୍ଷ ଅବଧି ପାଇଁ ନିମ୍ନଲିଖିତ ଜୋନାଲ୍ କାର୍ଯ୍ୟର ନିର୍ବାହ (କ) ବିଦ୍ୟମାନ ସାନିଟାରୀ ସିଷ୍ଟମ୍ ଏବଂ ଜଳ ଯୋଗାଣ ସିଷ୍ଟମ୍ ପାଇଁ ନୂଆ କାର୍ଯ୍ୟ, ଯୋଗ ଓ ପରିବର୍ତ୍ତନ; ଏପରି ପ୍ରତ୍ୟେକ କାର୍ଯ୍ୟର ମୂଲ୍ୟ ଟ.୫,୦୦,୦୦୦.୦୦ (ପାଞ୍ଚ ଲକ୍ଷ ଟଙ୍କା ମାତ୍ର)ରୁ ଅଧିକ ହେବ ନାହିଁ ଏବଂ (ଖ) ସମସ୍ତ ସାଧାରଣ ଏବଂ ସ୍ୱତନ୍ତ୍ର ମରାମତି କାର୍ଯ୍ୟ, ସାମଗ୍ରୀଗୁଡ଼ିକର ଯୋଗାଣ ଏବଂ ରକ୍ଷଣାବେକ୍ଷଣ କାର୍ଯ୍ୟ ଏବଂ ସାମଗ୍ରୀଗୁଡ଼ିକର ପରିବହନ [କ୍ୱାର୍ଟରଗୁଡ଼ିକର ବିବରଣୀ: ଟାଇପ୍-I= ୪୭୯, ଟାଇପ୍-II= ୪୫୬, ଟାଇପ୍-III= ୨୩, ମୋଟ = ୯୫୮ ଗୋଟି]; ₹୧,୦୦,୭୭,୪୪୦.୨୦; ₹୨,୦୦,୪୦୦.୦୦ । ଟେଣ୍ଡର ବନ୍ଦ ହେବା ତାରିଖ ଓ ସମୟ: ତା୦୪।୦୯।୨୦୨୫ରିଖ ୧୫.୦୦ ଘଟିକା (ସମସ୍ତ ଟେଣ୍ଡର ପାଇଁ) । ଟେଣ୍ଡରଦାତାମାନେ ଅନ୍‌ଲାଇନ୍ ଟେଣ୍ଡରିଂ ପାଇଁ ୱେବ୍‌ସାଇଟ୍ www.ireps.gov.in ପରିଦର୍ଶନ କରିପାରିବେ । (PR-524)


# ଗଙ୍ଗାଧର ସାହିତ୍ୟ ବିଶ୍ୱ ସାହିତ୍ୟ ସହ ତୁଳନୀୟ



ଆୟୋଜିତ ସ୍ୱଭାବ କବି ଗଙ୍ଗାଧର ଜୟନ୍ତୀ ସଭାରେ ଅତିଥି ଓ ବକ୍ତାମାନେ।

ସମ୍ବଲପୁର,୧୪।୮(ବି.ଶଙ୍କର)

ସମ୍ବଲପୁର ସରକାରୀ ମହିଳା ମହାବିଦ୍ୟାଳୟର ସାହିତ୍ୟ ସଂସଦ ପକ୍ଷରୁ ସ୍ୱଭାବ କବି ଗଙ୍ଗାଧର ଜୟନ୍ତୀ ଗୁରୁବାର ପାଳିତ ହୋଇଯାଇଛି । ମହାବିଦ୍ୟାଳୟ ଅଧ୍ୟକ୍ଷା ପ୍ରଫେସର କଳ୍ପନା ମେହେରଙ୍କ ସଭାପତିତ୍ୱରେ କାର୍ଯ୍ୟକ୍ରମ ହୋଇଥିଲା। ସାହିତ୍ୟିକ ତଥା ଖିଣ୍ଡା ସ୍ଥିତ ବିପ୍ଳବୀ ବୀର ସୁରେନ୍ଦ୍ର ସାଏ ଉଚ୍ଚବିଦ୍ୟାଳୟ ପ୍ରଧାନଶିକ୍ଷକ ଡ. ଗୌରିଦାସ ପଧାନ ମୁଖ୍ୟବକ୍ତାଭାବେ ଯୋଗଦେଇଥିଲେ। ଡ.ପ୍ରଧାନ ଗଙ୍ଗାଧର କାବ୍ୟର ବୈଶିଷ୍ଟ୍ୟ ଆକଳନ ପୂର୍ବକ କହିଥିଲେ ଯେ, ମହାତ୍ମା ବିନୋବା ଭାବେ ଗଙ୍ଗାଧର ସାହିତ୍ୟ ଶ୍ରବଣ କରିଥିଲେ। ଏହି ସାହିତ୍ୟ ଯେକୌଣସି ବିଶ୍ୱ ସାହିତ୍ୟ ସହିତ ସହିତ ତୁଳନୀୟ ବୋଲି ଦର୍ଶାଇଛନ୍ତି। ଏଣୁ ଆଜିର ଛାତ୍ରୀଛାତ୍ରମାନେ ଏହାର ମର୍ମ ବୁଝି ପାରିଲେ, ଆଗାମୀ ସମାଜ ପାଇଁ ଯୋଗ୍ୟ ହୋଇପାରିବେ। ସାହିତ୍ୟ ସଂସଦର ଉପସଭାପତି ଅଧ୍ୟାପକ ଅଖିଳ ବିଶ୍ୱାଳ ଅତିଥି ପରିଚୟ ପ୍ରଦାନ କରିଥିଲେ। ଛାତ୍ରୀମାନେ ଗଙ୍ଗାଧର ସଙ୍ଗୀତ ଗାୟନ କରି ପରିବେଶକୁ ମଧୁମୟ କରିଥିଲେ। ସାହିତ୍ୟ ସଂସଦର ଅନ୍ୟତମ ସଭ୍ୟ ପ୍ରଫେସର ରମେଶ ଚନ୍ଦ୍ର ମିର୍ଦ୍ଧା ଧନ୍ୟବାଦ ଅର୍ପଣ କରିଥିଲେ। କାର୍ଯ୍ୟକ୍ରମକୁ ପ୍ରଫେସର ଯୋଗେଶ ଚନ୍ଦ୍ର ଭୋଇ ପରିଚାଳନା କରିଥିଲେ।

# ମୋ ଦୃଷ୍ଟିରେ ସ୍ୱାଧୀନତା

ଆଜି ଦେଶରେ ପାଳିତ ହେଉଛି ୭୯ତମ ସ୍ୱାଧୀନତା ଦିବସ । ଏହି ଅବସରରେ ସ୍ୱାଧୀନତାର ମୂଲ୍ୟବୋଧ ସମ୍ପର୍କରେ ବିଭିନ୍ନ ବର୍ଗର ଯୁବପିଢ଼ି ଯାହା କୁହନ୍ତି... **ରିପୋର୍ଟ: ସୌମ୍ୟରଞ୍ଜନ ରାଉତ**

## ମୋ ପାଇଁ ଦେଶ ସ୍ୱାଧୀନତାର ଅର୍ଥ ସମ୍ପୂର୍ଣ୍ଣ ଆତ୍ମନିର୍ଭରଶୀଳତା



ମୋ ପାଇଁ ସ୍ୱାଧୀନତାର ଅର୍ଥ ନିଜ ଚିନ୍ତାଧାରା ଆଉ ଆଦବକାଇଦାକୁ ନେଇ ଜୀବନ ବଞ୍ଚିବା। ଅର୍ଥାତ୍ ସମ୍ପୂର୍ଣ୍ଣ ଆତ୍ମନିର୍ଭରଶୀଳତା। ଆମେ ନିର୍ଭୀକ ଭାବେ ସେତେବେଳେ ଚିନ୍ତା କରିପାରିବା ଯେବେ ଆମେ ସ୍ୱାବଲମ୍ବୀ ହେଇପାରିବା। ଏଥିଲାଗି ଆବଶ୍ୟକ ହେଉଛି ଆମ ଯୁବପିଢ଼ି କୌଣସି ଭୟର ବଶବର୍ତ୍ତୀ ନ ହୋଇ ନିରପେକ୍ଷ ଭାବରେ ନିଜର ବୁଦ୍ଧି ଓ ବିବେକ ଆଧାରରେ ମତ ପ୍ରକାଶ କରିବାକୁ ସଶକ୍ତ ହେବା ଏବଂ ଦେଶପ୍ରେମର ଫଲ୍‌ଗୁରେ ମତୁଆଲା ହେବା। ସ୍ୱାଧୀନତାର ଅର୍ଥ କେବଳ ଦେଶରେ ବାହ୍ୟଶକ୍ତିର ଅନୁପସ୍ଥିତି ତାହା ନୁହେଁ, ବରଂ ଏହା ଏପରି ଏକ ଆଭ୍ୟନ୍ତରୀଣ ଶକ୍ତିର ଉପସ୍ଥିତି ଯାହା ଆମକୁ ଆମ ପୂର୍ବଜମାନଙ୍କର ତ୍ୟାଗର ସମ୍ମାନ ରକ୍ଷା କରିବାର ପ୍ରେରଣା ଦିଏ। ଆଗାମୀ ଦିନରେ ସେଇ ଭାବଧାରାକୁ ଆଗେଇନେଇ ଏକତା ଏବଂ ସାର୍ବଭୌମତାକୁ ବଜାୟ ରଖିବାକୁ ଆହ୍ୱାନ କରେ।

- ପ୍ରିୟଙ୍କା ପ୍ରିୟଦର୍ଶିନୀ ପତି, ବିଟେକ୍ ଛାତ୍ରୀ, ଏନ୍‌ଆଇଟି, ରାଉରକେଲା

## 'ସ୍ୱାଧୀନ ଭାରତ'ର ଆଲୋଚନା ପ୍ରାସଙ୍ଗିକ ଲାଗେ



ସ୍ୱାଧୀନ ଭାରତ! ଇଂରେଜ ଅଧୀନ ପରାଧୀନତାର ଶୃଙ୍ଖଳରୁ ମୁକ୍ତହେବାର ଦୀର୍ଘ ୭୮ ବର୍ଷ ପରେ ମଧ ଏହି 'ସ୍ୱାଧୀନ ଭାରତ'ର ଆଲୋଚନା ତଥାପି ପ୍ରାସଙ୍ଗିକ ଲାଗେ। ଆମ ଗଣମାଧ୍ୟମକୁ ମୁକ୍ତ ସ୍ୱାଧୀନତା ଲୋଡ଼ା ସରକାରୀ କଳ ବିରୋଧରେ ସ୍ୱର ଉତ୍ତୋଳନ କରିବାକୁ। ଆମ ସାମାଜିକ କର୍ମୀଙ୍କୁ ସ୍ୱାଧୀନତା ଲୋଡ଼ା ସରକାରୀ ଅପାରଗତାକୁ ସାମ୍ନାକୁ ଆଣିବାକୁ। ଆମ ଧର୍ମାନୁଷ୍ଠାନ ସବୁକୁ ସ୍ୱାଧୀନତା ଲୋଡ଼ା, ଚିରାଚରିତ ଅନ୍ଧବିଶ୍ୱାସରୁ, ଆମ ଗାଆଁର ହରିଜନ ସାହିକୁ ସ୍ୱାଧୀନତା ଲୋଡ଼ା, ଦାରିଦ୍ର୍ୟରୁ ନଗଡ଼ାକୁ ସ୍ୱାଧୀନତା ଲୋଡ଼ା, ଅପପୁଷ୍ଟିରୁ ଆମ ସରକାରୀ ବିଧିବ୍ୟବସ୍ଥା ଓ ଯୋଜନାକୁ ସ୍ୱାଧୀନତା ଲୋଡ଼ା, ବୋହୂମାନଙ୍କୁ ସ୍ୱାଧୀନତା ଲୋଡ଼ା ଯୌତୁକ ନିର୍ଯାତନାରୁ, ବୃଦ୍ଧ ପିତାମାତାଙ୍କୁ ସ୍ୱାଧୀନତା ଲୋଡ଼ା ବୃଦ୍ଧାଶ୍ରମରୁ ଏମିତି ଅନେକ ପ୍ରକାରର ସ୍ୱାଧୀନତା ଲୋଡ଼ା ଆମ ଏ ଦେଶକୁ। ଯୁବକ ଭାବରେ ସ୍ୱାଧୀନତାର ଏଇ ସ୍ୱପ୍ନରେ ବିଭୋରହୋଇ ତା'ର ବାସ୍ତବ ରୂପାୟନ ନିମନ୍ତେ କାର୍ଯ୍ୟକରିବାକୁ ଆମେ ଆଜି ପ୍ରତିଶ୍ରୁତିବଦ୍ଧ ହେବା।

- ଅଂଶୁମାନ ସାହୁ, ଯୁବ ସାହିତ୍ୟିକ, ଭୁବନେଶ୍ୱର

## ସ୍ୱାଧୀନତାର ଏତେ ବର୍ଷ ପରେ ମଧ ଆମ ଭଉଣୀ, ମା' ଅସୁରକ୍ଷିତ



ମୋ ଦୃଷ୍ଟିରେ ସ୍ୱାଧୀନତାର ମୂଲ୍ୟ ହେଉଛି, ଖାଲି ବାହାରୁ ବନ୍ଧନମୁକ୍ତ ହେବା ନୁହେଁ। ମନରେ ଥିବା ଭୟ, ଅନ୍ୟାୟ ଓ ଅଜ୍ଞାନରୁ ମୁକ୍ତି ପାଇବା ବି ସ୍ୱାଧୀନତାର ଚିହ୍ନ। ଯେତେବେଳେ ଆମେ ଭୟ ବିନା ସତ୍ୟ କହିପାରିବୁ, ନିଜର ସ୍ୱପ୍ନ ପାଳନ କରିପାରିବୁ ଓ ଅନ୍ୟମାନଙ୍କ ସ୍ୱାଧୀନତାକୁ ସମ୍ମାନ କରିପାରିବୁ। କିନ୍ତୁ ଦୁଃଖର ବିଷୟ ସ୍ୱାଧୀନତାର ଏତେ ବର୍ଷ ପରେ ମଧ ଆମ ଭଉଣୀ, ମା'ମାନେ ଅନେକ ସମୟରେ ଅସୁରକ୍ଷିତ। ଯେପର୍ଯ୍ୟନ୍ତ ନାରୀଟିଏ ରାତିରେ ଗାଁ-ସହରରେ, କର୍ମକ୍ଷେତ୍ରରେ ନିର୍ଭୟରେ ଚାଲିପାରିବନି ସେପର୍ଯ୍ୟନ୍ତ ଆମ ସ୍ୱାଧୀନତା ମୂଲ୍ୟହୀନ। ତେଣୁ ସ୍ୱାଧୀନତା କେବଳ ଅଧିକାର ନୁହେଁ, ଏକ ଦାୟିତ୍ୱ ଯାହାକୁ ଆମ ପିଢ଼ି ତଥା ପ୍ରତ୍ୟେକ ପିଢ଼ିକୁ ପୂରଣ କରିବାକୁ ପଡ଼ିବ।

- କୃଷ୍ଣେନ୍ଦୁ ହୋତା, ଯୁବକବି,ବଲାଙ୍ଗୀର

## ନିଜକୁ ଉତ୍ସର୍ଗ କରିପାରିଲେ ସ୍ୱାଧୀନତାର ବାସ୍ତବ ମୂଲ୍ୟବୋଧ ବୁଝିହେବ



ଜାତି, ଧର୍ମ, ବର୍ଣ୍ଣ, ଲିଙ୍ଗ ସବୁଠୁ ଊର୍ଦ୍ଧ୍ୱକୁ ଯାଇ ମଣିଷ ହିସାବରେ ନିଜର ସମସ୍ତ ମୌଳିକ ଅଧିକାରକୁ ଉପଭୋଗକରିବା ସହ ଅନୁରୂପ ଭାବେ ଅନ୍ୟ ସମସ୍ତଙ୍କୁ ସମାନ ସୁଯୋଗ ପ୍ରଦାନ କରିବା ହେଉଛି ବାସ୍ତବ ସ୍ୱାଧୀନତା। 'ସ୍ୱାଧୀନତା ' ଶବ୍ଦ ଯେତେବେଳେ ମନକୁ ଆସେ ଗୋଟେ ବଡ଼ ଦାୟିତ୍ୱବୋଧତା କାନ୍ଧ ଉପରକୁ ଆସିବା ସହ ଦେଶ ପ୍ରତି ସେବା ସମର୍ପଣ ଭାବ ସୃଷ୍ଟି ହୁଏ। କେବଳ ନିଜ ପ୍ରତି ବା ନିଜ ପରିବାର ପ୍ରତି ନୁହେଁ ବରଂ ସମଗ୍ର ଦେଶବାସୀଙ୍କ ପାଇଁ ଆମକୁ ସେବା ଦେବାକୁ ପଡ଼ିବ। କେବଳ ହାତରେ ବନ୍ଧୁକ ଧରି ସୀମାରେ ଜଗିଲେ କି ଶାସନ ଗାଦିରେ ବସିଲେ ଯେ ଦେଶର ସେବା କରିହେବ ତା' ନୁହେଁ, ବରଂ ସମାଜ ପ୍ରତି ନିଜର ପ୍ରକୃତ କର୍ତ୍ତବ୍ୟକୁ ନିଷ୍ଠାର ସହ ବିନା ପକ୍ଷ ପାତିତାରେ ସମ୍ପାଦନ କରିପାରିଲେ ଦେଶ ପ୍ରଗତିର ଶିଖର ଛୁଇଁବ। ବିଜ୍ଞାନ, ଦର୍ଶନ, ସାହିତ୍ୟ ଏବଂ ସ୍ଥାପତ୍ୟକଳା ସହ ଅସୀମ ବିଜ୍ଞତାରେ ପରିପୂର୍ଣ୍ଣ ଆମ ଦେଶକୁ ଆଜିର ଅତ୍ୟାଧୁନିକ ଯୁଗରେ ସଫଳତାର ଶିଖରରେ ପହଞ୍ଚାଇବାକୁ ଆମ ସମସ୍ତଙ୍କୁ ବାନର ସେନା ଭଳି ନ ହେଲେ ମଧ ଗୁଣ୍ଡୁଚିମୂଷା ସଦୃଶ ସେବା ପ୍ରଦାନ କରିବାକୁ ପଡ଼ିବ। ଆମ ଦେଶକୁ ସ୍ୱାଧୀନ କରିବାରେ ଅସଂଖ୍ୟ ଦାୟାଦଙ୍କ ଲୁହ, ଲହୁ, ତ୍ୟାଗ, ପରିଶ୍ରମ ଓ ବଳିଦାନକୁ ଯଥୋଚିତ ସମ୍ମାନ ପ୍ରଦାନ ପୂର୍ବକ ନିଜକୁ ଦେଶ ବା ସମାଜ ପାଇଁ ଉତ୍ସର୍ଗ କରିପାରିଲେ ଯାଇ ଆମେ ସ୍ୱାଧୀନତାର ବାସ୍ତବ ମୂଲ୍ୟବୋଧ ବୁଝିପାରିବା।

- ସୌମ୍ୟରଞ୍ଜନ ମହାନ୍ତି, ରାଉରକେଲ ଇସ୍ପାତ କାରଖାନା

## 'ସ୍ୱ ପରିବର୍ତ୍ତନରେ ରାଷ୍ଟ୍ର ପରିବର୍ତ୍ତନ' ହେବ



ସ୍ୱାଧୀନତା ପ୍ରାପ୍ତି କରିଥିବା ସତ୍ତ୍ୱେ ଆଜି ମଧ ଅନ୍ତର୍ନିହିତ ଶତ୍ରୁଙ୍କ ଦ୍ୱାରା ଆମେ ପରାଧୀନ ଅଛୁ। କାରଣ ଆଜି ଦେଶରେ ପ୍ରତି ମୁହୂର୍ତ୍ତରେ ବଳାତ୍କାର, ହତ୍ୟା, ବ୍ୟଭିଚାର, ଦୁର୍ନୀତି, ଭ୍ରଷ୍ଟାଚାର, ଅନ୍ୟାୟରେ ଅନେକେ ଲିପ୍ତ ରହୁଛନ୍ତି। ଏବେ ସମୟ ଆସିଛି ଆମେ ସମସ୍ତେ ଏ ବିଷୟରେ ବିଚାର କରିବାର କାରଣ 'ସ୍ୱ ପରିବର୍ତ୍ତନରେ ରାଷ୍ଟ୍ର ପରିବର୍ତ୍ତନ' ହୋଇଥାଏ। ତେଣୁ ସମୟ ଆସିଛି ରାଷ୍ଟ୍ରର ପରିବର୍ତ୍ତନ ପାଇଁ ନିଜକୁ ପରିବର୍ତ୍ତନ କରିବା।

- ଅଚ୍ୟୁତାନନ୍ଦ ସ୍ୱାଇଁ, ସାମାଜିକ କର୍ମୀ, ଝାରସୁଗୁଡ଼ା

## ସମାନ ସମ୍ମାନ ଓ ସୁଯୋଗ ହିଁ ପ୍ରକୃତ ସ୍ୱାଧୀନତା



୧୯୪୭ ସ୍ୱାଧୀନତା ଆଇନଗତ ସଂସ୍କାର ଆଣିଥିଲା। କିନ୍ତୁ ମହିଳା ସ୍ୱାଧୀନତା ମାନସିକତାର ପରିବର୍ତ୍ତନ ଆବଶ୍ୟକ କରେ। ସମସାମୟିକ ସମାଜରେ ମହିଳା ସ୍ୱାଧୀନତାର ଅର୍ଥ କେବଳ ଆଇନଗତ ଅଧିକାର ନୁହେଁ, ବରଂ ସାମାଜିକ ସ୍ୱୀକୃତି, ଅର୍ଥନୈତିକ ସ୍ୱାବଲମ୍ବନ ଓ ମାନସିକ ସ୍ୱାଧୀନତା। ପ୍ରକୃତ ସ୍ୱାଧୀନତା ସେତେବେଳେ ସମ୍ପୂର୍ଣ୍ଣ ହେବ, ଯେତେବେଳେ ସମାଜର ପ୍ରତ୍ୟେକ ସଦସ୍ୟ ମହିଳା କି ପୁରୁଷ ସମାନ ସମ୍ମାନ ଓ ସୁଯୋଗ ପାଇବେ।

- ସନ୍ଧ୍ୟାରାଣୀ ରଣା, ଛାତ୍ରୀ, କେନ୍ଦୁଝର




























# ତ୍ରିରଙ୍ଗା ଜିନିଷ କିଣିବାକୁ ବଢ଼ୁଛି ଆଗ୍ରହ

ସ୍ୱାଧୀନତା ଦିବସ ଲାଗି ସଜେଇ ହୋଇଛି ରାଜଧାନୀ। ଘରଠାରୁ କାର୍ଯ୍ୟାଳୟ ସବୁ ଆଡ଼େ ତ୍ରିରଙ୍ଗାମୟ ହୋଇଛି। ଲୋକଙ୍କ ଭିତରେ ତ୍ରିରଙ୍ଗା ପ୍ରତି ସେତିକି ଆଗ୍ରହ ଓ ଉଦ୍ଦୀପନା ବଢ଼ିବାରେ ଲାଗିଛି। ଏହି ମହାନ୍ ଦିବସକୁ ପାଳନ କରିବା ପାଇଁ ସମସ୍ତଙ୍କ ମଧ୍ୟରେ ଉତ୍କଣ୍ଠା ବଢ଼ିବାରେ ଲାଗିଛି। ଏନେଇ ସ୍କୁଲ, କଲେଜ ଏବଂ କାର୍ଯ୍ୟାଳୟ ଗୁଡ଼ିକରେ ସମସ୍ତ ପ୍ରସ୍ତୁତି ଶେଷ ପର୍ଯ୍ୟାୟରେ ପହଞ୍ଚିଛି। ଛୋଟ ପିଲା ହୁଅନ୍ତୁ କି ବଡ଼ ଲୋକ ସମସ୍ତେ ତ୍ରିରଙ୍ଗ ପୋଷାକ ପିନ୍ଧିବାକୁ ପସନ୍ଦ କରିଥାଆନ୍ତି। ଏନେଇ ରାସ୍ତାକଡ଼, ମାର୍କେଟ ଏବଂ ଦୋକାନ ଗୁଡ଼ିକରେ ତ୍ରିରଙ୍ଗା ପତାକା ସହ ବିଭିନ୍ନ ପ୍ରକାର ଡିଜାଇନର ପୋଷାକ, ସଜବାଜ ଜିନିଷ ବିକ୍ରି ହେଉଥିବା ଦେଖିବାକୁ ମିଳିଛି।

ରାଜଧାନୀବାସୀ ଖଦି କପଡ଼ା ଏବଂ ସୂତା କପଡ଼ାର ତ୍ରିରଙ୍ଗା ପତାକାକୁ ଅଧିକ ପସନ୍ଦ କରନ୍ତି। ଏନେଇ ଖଦି ତ୍ରିରଙ୍ଗା ପତାକା ସବୁ ୫୦ଟଙ୍କାରୁ ଆରମ୍ଭ ହୋଇଥିବା ବେଳେ ଉଲରେ ତିଆରି ପତାକାଗୁଡ଼ିକ ଶହେରୁ ତିନିଶହ ଟଙ୍କା ପର୍ଯ୍ୟନ୍ତ ରହିଛି। ସେହିଭଳି ରାଜଧାନୀର ଗଳିକନ୍ଦିରେ ମାଳମାଳ ଦୋକାନ ପଡ଼ିଛି। କାଗଜ ତିଆରି ପତାକାଠାରୁ ଆରମ୍ଭ କରି ଜରି, ସୂତା ଏବଂ ପଲିଷ୍ଟର କପଡ଼ାର ପତାକା ବିକ୍ରି କରୁଛନ୍ତି। ପତାକାଗୁଡ଼ିକ ୧୦ ଟଙ୍କାରୁ ଆରମ୍ଭ ହୋଇ ୩ଶହ ଟଙ୍କା ପର୍ଯ୍ୟନ୍ତ ବିକ୍ରି ହେଉଛି। କେବଳ ପତାକା ନୁହେଁ, ଉଠାଦୋକାନୀମାନେ ତ୍ରିରଙ୍ଗା ପତାକା ଡିଜାଇନର ଉତ୍ତରୀୟ, ଟୋପି, ଶାର୍ଟ, ବ୍ରେସଲେଟ୍ ଓ ବ୍ୟାଣ୍ଡ ବିକ୍ରି କରୁଛନ୍ତି। ଯୁବପିଢ଼ି ଓ ଛାତ୍ରୀଛାତ୍ରଙ୍କ ମଧ୍ୟରେ ତ୍ରିରଙ୍ଗା ରଙ୍ଗର ଜିନିଷ ପ୍ରତି ଆଗ୍ରହ ବଢ଼ିଥିବାରୁ ସେମାନେ ବହୁ ଜିନିଷ କିଣାକିଣି କରୁଛନ୍ତି। ସେମାନଙ୍କ ପାଇଁ ତ୍ରିରଙ୍ଗା ଡିଜାଇନର ହେୟାର୍ କ୍ଲିପ, ଶାଢ଼ି, ଓଢ଼ଣି, ଚୁଡ଼ି, ମୁଦି, କାନଫୁଲ ଓ ଅନ୍ୟାନ୍ୟ ଅଳଙ୍କାର ବିକ୍ରି ହେଉଛି। ଉଠାଦୋକାନୀ ସନ୍ତୋଷ ସାହୁଙ୍କ କହିବା ଅନୁସାରେ ତ୍ରିରଙ୍ଗା ଜିନିଷ କିଣିବା ପାଇଁ ଲୋକଙ୍କ ଭିତରେ ଆଗ୍ରହ ବଢ଼ିଛି। ସେମାନେ ପସନ୍ଦକୁ ନଜରରେ ରଖି ବଜାରରେ ମଧ୍ୟ ପୋଷାକଠାରୁ ଆରମ୍ଭ କରି ବିଭିନ୍ନ ସଜବାଜ ଜିନିଷ ମିଳୁଛି। ସ୍ୱଳ୍ପ ଦାମ୍‌ରେ ସବୁ ଜିନିଷ ମିଳୁଥିବାରୁ ବେପାର ମଧ୍ୟ ଭଲ ହେଉଛି ବୋଲି ସେ କହିଛନ୍ତି।

ରିପୋର୍ଟ: **ସୁଚିସ୍ମିତା ସାହୁ, ଭୁବନେଶ୍ୱର**






















## ଦିଲ୍ଲୀ ଏମ୍ସରେ ନିଆଁ

ନୂଆଦିଲ୍ଲୀ,୧୪।୮

ଦିଲ୍ଲୀର ଅଲ୍ ଇଣ୍ଡିଆ ଇନ୍‌ଷ୍ଟିଚ୍ୟୁଟ୍ ଅଫ୍ ମେଡିକାଲ ସାଇନ୍ସେସ୍ (ଏମ୍ସ) ପରିସରରେ ଥିବା ମା' ଓ ଶିଶୁ ବ୍ଲକ୍‌ରେ ଗୁରୁବାର ଅପରାହ୍ନ ୫ଟା ୧୫ ମିନିଟ୍ ସମୟରେ ନିଆଁ ଲାଗିଯାଇଛି। ନିଆଁଲିଭା କାର୍ଯ୍ୟରେ ଅଗ୍ନିଶମ ବିଭାଗର ୧୦ଟି ଦମକଳକୁ ନିୟୋଜିତ କରାଯାଇଛି। ତେବେ କେହି ମୃତାହତ ହୋଇଥିବାର ଖବର ମିଳିନାହିଁ ବୋଲି ଦିଲ୍ଲୀ ଅଗ୍ନିଶମ ବିଭାଗ ପକ୍ଷରୁ କୁହାଯାଇଛି। ଉକ୍ତ ବ୍ଲକ୍‌ରୁ ରୋଗୀ ଓ କର୍ମଚାରୀମାନଙ୍କୁ ସୁରକ୍ଷିତ ଭାବେ ଉଦ୍ଧାର କରାଯାଇଛି।

## ଦୁଃସାହସିକ କାର୍ଯ୍ୟର ପରିଣାମ ଭୋଗିବ ପାକ୍

ନୂଆଦିଲ୍ଲୀ, ୧୪।୮ (ପି.ଟି.)

ଗତ ରବିବାର ପାକିସ୍ତାନ ସେନାମୁଖ୍ୟ ଆସିମ ମୁନିର ଆମେରିକାରୁ ଭାରତକୁ ଆଣବିକ ଯୁଦ୍ଧର ଧମକ ଦେଇଥିଲେ। ସେହିପରି ପାକିସ୍ତାନର ଅଧିକାର ଥିବା ଜଳର ଗୋଟିଏ ବି ବୁନ୍ଦାକୁ ଭାରତ ଛଡ଼ାଇ ନେଇପାରିବ ନାହିଁ ବୋଲି ବୁଧବାର ପାକିସ୍ତାନ ପ୍ରଧାନମନ୍ତ୍ରୀ ଶେହବାଜ ଶରିଫ କହିଥିଲେ। ଗୁରୁବାର ଭାରତ ପକ୍ଷରୁ ଏହାର ଜବାବ ଦିଆଯାଇଛି। ବହିର୍ବ୍ୟାପାର ମନ୍ତ୍ରଣାଳୟର ମୁଖପାତ୍ର ରଣଧୀର

**ଭାରତର ଚେତାବନୀ**

ଜୟସ୍ୱାଲ ଏକ ସାପ୍ତାହିକ ବ୍ରିଫିଂ କରି କହିଛନ୍ତି, ଗତ କିଛିଦିନ ମଧ୍ୟରେ ପାକିସ୍ତାନର ନେତୃତ୍ୱ ପକ୍ଷରୁ ଭାରତ ବିରୋଧରେ ବେପରୁଆ ଭାବେ ଘୃଣାପୂର୍ଣ୍ଣ ମନ୍ତବ୍ୟ ଦିଆଯାଉଥିବାର ରିପୋର୍ଟ ସାମ୍ନାକୁ ଆସିଛି। ନିଜର ବିଫଳତାକୁ ଲୁଚାଇବା ପାଇଁ ବାରମ୍ବାର ଭାରତ ବିରୋଧୀ ମନ୍ତବ୍ୟ ଦେବା ହେଉଛି ପାକିସ୍ତାନୀ ନେତୃତ୍ୱର ଏକ ଜଣାଶୁଣା ପଦ୍ଧତି। ପାକିସ୍ତାନୀ ନେତା ନିଜ ମନ୍ତବ୍ୟରେ ସଂଯମତା ରକ୍ଷା ରଖନ୍ତୁ ଏବଂ ନୂଆଦିଲ୍ଲୀ ବିରୋଧୀ ଘୃଣ୍ୟ ବୟାନରୁ ନିଜକୁ ନିବୃତ୍ତ ରଖନ୍ତୁ। ଯେ କୌଣସି ଦୁଃସାହସିକ କାର୍ଯ୍ୟର ପରିଣାମ ଭୟଙ୍କର ହେବ ବୋଲି ସେ ପାକିସ୍ତାନର ନେତୃତ୍ୱକୁ ଚେତାବନୀ ଦେଇ କହିଛନ୍ତି।

## ଦିଲ୍ଲୀରେ ଆଜି



ରାଷ୍ଟ୍ରପତି ଭବନର ଅମୃତ ଉଦ୍ୟାନକୁ ଗୁରୁବାର ସର୍ବସାଧାରଣଙ୍କ ପାଇଁ ଖୋଲାଯାଇଛି। ଏହା ସେପ୍ଟେମ୍ବର ୧୪ ପର୍ଯ୍ୟନ୍ତ ଉନ୍ମୁକ୍ତ ରହିବ। (ଫଟୋ: ଚମନ୍ ଗୌତମ)

# ଆତ୍ମନିର୍ଭରଶୀଳତା ଦିଗରେ ଭାରତ

ନୂଆଦିଲ୍ଲୀ,୧୪।୮(ପି.ଟି.)

ଭାରତ ଏକ ଆତ୍ମନିର୍ଭରଶୀଳ ରାଷ୍ଟ୍ର ହେବା ଦିଗରେ ଅଗ୍ରସର ହେଉଥିବାବେଳେ ୨୦୪୭ ସୁଦ୍ଧା ବିକାଶିତ ରାଷ୍ଟ୍ର ହେବା ନେଇ ବଡ଼ ଆତ୍ମବିଶ୍ୱାସର ସହ ଆଗେଇ ଚାଲିଥିବା ରାଷ୍ଟ୍ରପତି ଦ୍ରୌପଦୀ ମୁର୍ମୁ ଗୁରୁବାର କହିଛନ୍ତି। ୭୯ତମ ସ୍ୱାଧୀନତା ଦିବସର ପୂର୍ବ ସନ୍ଧ୍ୟାରେ ରାଷ୍ଟ୍ରକୁ ସମ୍ବୋଧିତ କରି ରାଷ୍ଟ୍ରପତି କହିଛନ୍ତି, ମୁଦ୍ରାସ୍ଫୀତି ନିୟନ୍ତ୍ରଣରେ ରହିବା ସହ ରପ୍ତାନି ବଢ଼ିଥିବାରୁ ଦେଶର ଅର୍ଥନୀତି ଅତ୍ୟନ୍ତ ଭଲ ସ୍ଥିତିରେ ରହିଛି। ଦୀର୍ଘବର୍ଷର ବିଦେଶୀ ଶାସନ ପରେ ଦେଶ ସ୍ୱାଧୀନ ହେବା ବେଳେ ଅତ୍ୟଧିକ ଦାରିଦ୍ର୍ୟ ରହିଥିଲା। ଗତ ୭୮ ବର୍ଷ ମଧ୍ୟରେ ସମସ୍ତ କ୍ଷେତ୍ରରେ ଆମେ ଅସାଧାରଣ ଉନ୍ନତି କରିଛେ। ଗତ ଆର୍ଥିକ ବର୍ଷରେ ୬.୫ ପ୍ରତିଶତ



ଦ୍ରୌପଦୀ ମୁର୍ମୁ

ଜିଡିପି ଅଭିବୃଦ୍ଧି ସହ ଭାରତ ବିଶ୍ୱର ବୃହତ୍ ଅର୍ଥନୀତିଗୁଡ଼ିକ ମଧ୍ୟରେ ଦ୍ରୁତତମ ଅଭିବୃଦ୍ଧି ହାସଲ କରିପାରିଛି। ସୁଶାସନ ଏବଂ ଅନେକ ଜନକଲ୍ୟାଣକାରୀ ଯୋଜନା ବଳରେ ବହୁସଂଖ୍ୟାରେ ଲୋକ ଦାରିଦ୍ର୍ୟରୁ ମୁକ୍ତ ହୋଇଥିବା ରାଷ୍ଟ୍ରପତି କହିଛନ୍ତି।

**୭୯ତମ ସ୍ୱାଧୀନତା ଦିବସ ପୂର୍ବ ସନ୍ଧ୍ୟାରେ ରାଷ୍ଟ୍ରପତିଙ୍କ ଅଭିଭାଷଣ**

ଜମ୍ମୁ-କଶ୍ମୀରର ପହଲଗାମ୍ ଆତଙ୍କବାଦୀ ଆକ୍ରମଣର ନିର୍ଣ୍ଣାୟକ ଜବାବ ଅପରେଶନ ସିନ୍ଦୂର ଜରିଆରେ ଦିଆଯାଇଥିଲା। ଏଥିପାଇଁ ଦେଶର ଏକତା ଏବଂ ପ୍ରତିରକ୍ଷା କ୍ଷେତ୍ରରେ ଆତ୍ମନିର୍ଭରଶୀଳତା ବୃଦ୍ଧିକୁ ରାଷ୍ଟ୍ରପତି ଗୁରୁତ୍ୱ ଦେଇଛନ୍ତି। ପହଲଗାମରେ ଆତଙ୍କବାଦୀଙ୍କ ନିରୀହ ନାଗରିକଙ୍କୁ ହତ୍ୟା କରିବା ଅତ୍ୟନ୍ତ ଭୀରୁତାପୂର୍ଣ୍ଣ ଏବଂ ଅମାନବୀୟ କାର୍ଯ୍ୟ ଥିଲା, ଯାହାକୁ ରାଷ୍ଟ୍ରପତି କଡ଼ା ନିନ୍ଦା କରିଛନ୍ତି। ସୀମାରେ ଥିବା ସେମାନଙ୍କ ଭିତ୍ତିଭୂମିକୁ ଧ୍ୱଂସ କରି ସଶସ୍ତ୍ର ବଳ ଏହାର ରଣନୈତିକ ସ୍ପଷ୍ଟତା ଓ ବୈଷୟିକ ସାମର୍ଥ୍ୟ ପ୍ରଦର୍ଶନ କରିଥିଲା। ଆତଙ୍କବାଦ ବିରୋଧୀ ବୈଶ୍ୱିକ ଲଢ଼େଇରେ ଅପରେଶନ ସିନ୍ଦୂର ଏକ ଐତିହାସିକ ଘଟଣା। ଆତଙ୍କବାଦ ବିରୋଧରେ ମାନବୀୟତାର ଲଢ଼େଇର ଏକ ଉଦାହରଣ ଭାବେ ଅପରେଶନ ସିନ୍ଦୂର ଇତିହାସରେ ସ୍ମରଣୀୟ ହୋଇ ରହିବ ବୋଲି ରାଷ୍ଟ୍ରପତି କହିଛନ୍ତି।

ଜମ୍ମୁ-କଶ୍ମୀର ଉପତ୍ୟକାକୁ ରେଳ ସଂଯୋଗ ଏକ ବଡ଼ ସଫଳତା କରି ରାଷ୍ଟ୍ରପତି ଏହାର ପ୍ରଶଂସା କରିଛନ୍ତି। ରେଳ ଲାଇନ ନିର୍ମାଣ ଯୋଗୁ ଉକ୍ତ ଅଞ୍ଚଳରେ ବାଣିଜ୍ୟ ଓ ପର୍ଯ୍ୟଟନ ଶିଳ୍ପ ବୃଦ୍ଧି ହେବା ସହ ନୂଆ ଆର୍ଥିକ ସମ୍ଭାବନା ପାଇଁ ବାଟ ଖୋଲିଦେବ ବୋଲି ରାଷ୍ଟ୍ରପତି କହିଛନ୍ତି।

## କେନ୍ଦ୍ରକୁ ଜବାବ ମାଗିଲେ ସୁପ୍ରିମକୋର୍ଟ

**କଶ୍ମୀରକୁ ରାଜ୍ୟ ମାନ୍ୟତା ଆବେଦନ**

ନୂଆଦିଲ୍ଲୀ,୧୪।୮(ପି.ଟି.)

ଜମ୍ମୁ-କଶ୍ମୀରକୁ ପୁନର୍ବାର ରାଜ୍ୟ ମାନ୍ୟତା ଫେରାଇବା ଆବେଦନ ଉପରେ ସୁପ୍ରିମକୋର୍ଟ ଗୁରୁବାର କେନ୍ଦ୍ରକୁ ଜବାବ ମାଗିଛନ୍ତି। ଅନେକ ବିଚାରକୁ ନିଷ୍ପତ୍ତି ଗ୍ରହଣ ପ୍ରକ୍ରିୟା ମଧ୍ୟରେ ରଖାଯାଇଥିବା କେନ୍ଦ୍ର ସରକାରଙ୍କ ପକ୍ଷରୁ ଉପସ୍ଥିତ ସଲିସିଟର ଜେନେରାଲ ତୁଷାର ମେହେଟ୍ଟା କହିଥିଲେ। ପିଟିଶନ୍‌ର ପରବର୍ତ୍ତୀ ଶୁଣାଣି ୮ ସପ୍ତାହ ପରେ କରିବାକୁ ପ୍ରଧାନ ବିଚାରପତି ବି.ଆର୍. ଗବଇ ଏବଂ ଜଷ୍ଟିସ୍ କେ. ବିନୋଦ ଚନ୍ଦ୍ରନଙ୍କ ଖଣ୍ଡପୀଠ କହିଛନ୍ତି। ଜମ୍ମୁ-କଶ୍ମୀରକୁ ରାଜ୍ୟ ମାନ୍ୟତା ଫେରାଇବା ଲାଗି ନିର୍ଦ୍ଦେଶ ଦେବା ନିମନ୍ତେ ଶିକ୍ଷାବିତ୍ ଜହୁର ଅହମଦ ଭଟ୍ଟ ଏବଂ ସାମାଜିକ-ରାଜନୈତିକ କର୍ମୀ ଅହମଦ ମଲିକଙ୍କ ପକ୍ଷରୁ ସୁପ୍ରିମକୋର୍ଟରେ ଆବେଦନ କରାଯାଇଥିଲା। ଭଟ୍ଟଙ୍କ ତରଫରୁ ବରିଷ୍ଠ ଆଇନଜୀବୀ ଗୋପାଳ ଶଙ୍କର ନାରାୟଣନ ତ୍ୱରିତ୍ ଶୁଣାଣି ପାଇଁ ନିବେଦନ କରିବାରୁ ସିଜେଆଇ କହିଥିଲେ, ପହଲଗାମ୍‌ରେ ଯାହା ଘଟିଲା, ତାହାକୁ ଆପଣମାନେ ଅଣଦେଖା କରିପାରିବେ ନାହିଁ। ପାର୍ଲାମେଣ୍ଟ ଓ ସରକାର ଏହା ଉପରେ ନିଷ୍ପତ୍ତି ନେବେ ବୋଲି ସେ କହିଥିଲେ। ସୂଚନାଯୋଗ୍ୟ, ୨୦୨୩ ଡିସେମ୍ବର ୧୧ରେ ସର୍ବୋଚ୍ଚ ଅଦାଲତ ସର୍ବସମ୍ମତିକ୍ରମେ ଜମ୍ମୁ-କଶ୍ମୀରରୁ ଅନୁଚ୍ଛେଦ ୩୭୦ ଉଚ୍ଛେଦକୁ କାଏମ୍ ରଖିଥିବାବେଳେ ଜମ୍ମୁ-କଶ୍ମୀର କେନ୍ଦ୍ରଶାସିତ ଅଞ୍ଚଳରେ ୨୦୨୪ ସେପ୍ଟେମ୍ବର ସୁଦ୍ଧା ବିଧାନସଭା ନିର୍ବାଚନ କରାଇବାକୁ ନିର୍ଦ୍ଦେଶ ଦେଇଥିଲେ। ଜମ୍ମୁ-କଶ୍ମୀରକୁ ଯଥାଶୀଘ୍ର ରାଜ୍ୟ ମାନ୍ୟତା ଦେବା ପାଇଁ ମଧ୍ୟ ଅଦାଲତ ସେତେବେଳେ କହିଥିଲେ।

## 'ଅପରେଶନ ସିନ୍ଦୂର' ହିରୋଙ୍କୁ ବୀରତା ସମ୍ମାନ

ନୂଆଦିଲ୍ଲୀ,୧୪।୮

ଅପରେଶନ ସିନ୍ଦୂରରେ ପ୍ରମୁଖ ଭୂମିକା ନେଇଥିବା ସଶସ୍ତ୍ର ବଳର ଅଫିସରମାନଙ୍କୁ ବୀରତା ପୁରସ୍କାରରେ ସମ୍ମାନିତ କରିବା ନିମନ୍ତେ କେନ୍ଦ୍ର ସରକାର ଗୁରୁବାର ଘୋଷଣା କରିଛନ୍ତି। ବାୟୁସେନାର ୧୩ ଜଣ ଅଫିସରଙ୍କୁ ଯୁଦ୍ଧ ସେବା ମେଡାଲରେ ସମ୍ମାନିତ କରାଯିବାକୁ ଥିବାବେଳେ ୨୬ ଅଫିସରଙ୍କୁ ବାୟୁ ସେନା ମେଡାଲ ମିଳିବ। ସେହିପରି ୪ ଜଣ ବାୟୁସେନା ଅଫିସର ଓ ୨ ଜଣ ବରିଷ୍ଠ ସେନା ଅଫିସରଙ୍କୁ ସର୍ବୋତ୍ତମ ଯୁଦ୍ଧ ସେବା ମେଡାଲରେ ପୁରସ୍କୃତ କରାଯିବ ବୋଲି ଘୋଷଣା କରାଯାଇଛି।

ସର୍ବୋତ୍ତମ ଯୁଦ୍ଧସେବା ମେଡାଲ ପାଇବାକୁ ଥିବା ଅଫିସରଙ୍କ ମଧ୍ୟରେ ଅଛନ୍ତି ଏୟାର ଷ୍ଟାଫ୍ ଏୟାର ମାର୍ଶାଲ ନରନଦେଶ୍ୱର ତିୱାରୀ, ୱେଷ୍ଟର୍ନ ଏୟାର କମାଣ୍ଡ ଏୟାର ମାର୍ଶାଲ ଜିତେନ୍ଦ୍ର ମିଶ୍ରା, ଡିଜି ଏୟାର ଅପରେଶନ୍ସ ଏୟାର ମାର୍ଶାଲ ଅୱଧେଶ ଭାରତୀ, ପୂର୍ବତନ ୱେଷ୍ଟର୍ନ ନାଭାଲ କମାଣ୍ଡର ଭାଇସ୍ ଆଡମିରାଲ ଏସ୍.ଜେ. ସିଂ ପ୍ରମୁଖ। ନୌସେନା ଉପମୁଖ୍ୟ ଭାଇସ୍ ଆଡମିରାଲ ତରୁନ ସୋବ୍‌ତିଙ୍କୁ ଉତ୍ତମ ଯୁଦ୍ଧସେବା ମେଡାଲ ମିଳିବ। ବାୟୁସେନା ମେଡାଲ ପାଇବାକୁ ଥିବା ବାୟୁସେନା ଅଫିସରଙ୍କ ମଧ୍ୟରେ ଗ୍ରୁପ୍ କ୍ୟାପ୍‌ଟେନ୍ ଅଙ୍କୁର ହକିମ୍, ମାନବ ଭାଟିଆ, ୟାସିର ଫାରୁକି, ବରୁଣ ଭୋଜ, ଅନୁରାଜ ସିଂ ମିନହାସ୍, ଓମାର ବ୍ରାଓନେ, ଦୀପକ ଚୌହାନ ପ୍ରମୁଖ ରହିଛନ୍ତି।




Printed and Published by Adyasha Satpathy on behalf of Navajat Printers & Media Pvt. Ltd.& Printed at Navajat Printers, B/4, Bareipali, Sambalpur, Editor - Tathagata Satpathy ସମ୍ପାଦକ-ତଥାଗତ ସତପଥୀ